ସମ୍ରାଟ୍, ବି. ପୁଂ. (ସମ୍-ରାଜ୍) ସାର୍ବଭୌମ, ରାଜସୂୟ ଯଜ୍ଞକାରୀ ସର୍ବଭୂମୀଶ୍ୱର ରାଜା, ରାଜାଧିରାଜ, ସସାଗରା ଧରାର ଅଧୀଶ୍ୱର; ରାଜସୂୟ ଯାଜୀ, ଦ୍ୱାଦଶ ରାଜମଣ୍ଡଳର ଅଧୀଶ୍ୱର ଏବଂ ରାଜାଗଣର ନିୟୋଗ କର୍ତ୍ତାଙ୍କୁ ସମ୍ରାଟ କହନ୍ତି ।

ସର, ବି. ପୁଂ. (ସୃ-ଅ) ଦୁଗ୍ଧ ଦଧି ପ୍ରଭୃତିର ସାର, ଯଥା,

"ସର ଲବଣୀ ପେଟେ ଖାଅ,
ମୂଷା ଗୋଲକୁ କେଉଁ ଅଭେ ଯାଅ ।"

ଶୋ. କ ।

ଗମନ, ଚଳନ, ବାଣ; ଲବଣ । ନ. ସରୋବର; ଭୂଷଣବିଶେଷ; ମାଲ୍ୟ; ମଧୁ; ଜଳ । ପୁଂ. ସ୍ତ୍ରୀ. ନିର୍ଝର. ଝରଣା । ବିଂ, ଗମନକାରୀ, ଏହି ଅର୍ଥରେ ପ୍ରାୟ ଯୋଗରେ ବ୍ୟବହାର ହୁଏ, ଯଥା-ଅଣୁସର, ଅବସର ଇତ୍ୟାଦି ।

ସରଃ, ବି. ନ. ( ସୃ-ଅସ୍ ) ସରୋବର, ପୁଷ୍କରିଣୀ, ଯଥା,

"ସର ଶୋଭା ଦେଖୁଁ ଦେଖୁଁ ସେ ସାରେ ମର୍ଦ୍ଦନ ବିଧି ।"

ରା. କ ।

ଜଳ; ଗତ; ଲବଣ । ପୁଂ. ସ୍ତ୍ରୀ. ନିର୍ଝର । ବିଂ. ଗମନକର୍ତ୍ତା ।

ସରକ, ବି. ନ. ( ସୃ-ଅକ ) ସରୋବର; ଆକାଶ; ସ୍ୱର୍ଗ । ପୁଂ. ନ. ଐକ୍ଷବ ମଦ୍ୟ; ମଦ୍ୟପାନପାତ୍ର; ମଦ୍ୟପାନ; ମଦ୍ୟପରିବେଶନ; ପ୍ରଧାନ ପଥ, ସଡକ । ବିଂ. ଗମନଶୀଳ ।

ସରକାର, ବି. (ଯାବନିକ) ରାଜକାର୍ଯ୍ୟ ।

ସରଘା, ବି. ସ୍ତ୍ରୀ. ( ସର-ହନ୍-ଅ-ଆ ) ମଧୁମକ୍ଷିକା, ଯଥା,

"ମଧୁର କୋହେ ମଧୁ ଓଷ୍ଠପର,
ସରଘା-ଉଚ୍ଛିଷ୍ଟେ ସେ ଶଢ ଧର ।"

କୋଠି ।

ସରଜମିନ, ବିଂ. (ଯାବନିକ) ବିଷୟୀଭୂତ ଜମୀ ।

ସରଞ୍ଜାମ, ବି. (ଦେଶଜ) ସାମଗ୍ରୀ ।

ସରଟ, ସରଟୁ, ବି. ପୁଂ. ( ସୃ-ଅଟ, ଅଟୁ ) କୃକଳାସ, ଏଣ୍ଡୁଅ ।

ସରଣି, ବି. ପୁଂ. (ସୃ-ଅଣି) ବାୟୁ; ମେଘ ।

ସରଣ, ବି. ନ. (ସୃ-ଅନ) ଗମନ; ଲୌହମଳ । ବିଂ. ଗମନଶୀଳ ।

ସରଣି, ସରଣୀ, ବି. ସ୍ତ୍ରୀ. (ସୃ-ଅନି) ବର୍ତ୍ମ, ପଥ; ପଂକ୍ତି, ଶ୍ରେଣୀ; ଗଳରୋଗବିଶେଷ; (ପଥ ଅର୍ଥରେ) ଯଥା,

"ସ୍ଥାନେ ସ୍ଥାନେ କୁଞ୍ଜ ହୋଇଛି ରଚନା,
ସରଣୀରେ ଶୋହେ ପଲ୍ଲବ ତୋରଣା ।"

ନ. କେ ।

ସରଦାର, ବି. (ଯାବନିକ) ପ୍ରଧାନ ।

ସରପାପୁଡ଼, ବି. (ଦେଶଜ) ପିଷ୍ଟକବିଶେଷ ।

ସରପୁଲି, ବି. (ଦେଶଜ) ପିଷ୍ଟକବିଶେଷ ।

ସରପୋଷ, ବି. ( ଯାବନିକ ) ଢାଙ୍କୁଣୀ, ଆଚ୍ଛାଦନ, ଡେକ୍‌ଚି ଉପରେ ଯାହା ଘୋଡାଯାଏ ।

ସରମା, ବି. ସ୍ତ୍ରୀ. ( ସୃ-ଅମ ) ବିଭୀଷଣପତ୍ନୀ; କୁକ୍କୁରୀ ।

ସରୟୁ, ସରଯୂ, ବି. ପୁଂ. (ସୃ-ଯୁ) ବାୟୁ । ସ୍ତ୍ରୀ. ଅଯୋଧ୍ୟାର ନିକଟବାହିନୀ ନଦୀ, ଯଥା,

"ସରଯୁର ତଟେ ଏବେ ରଥ ଉପଗତ,
କଥବା ଜନନୀ ସମ ଅଟନ୍ତି ସରତ ।"

କ. ବ ।

ସରଳ, ବି. ପୁଂ. ( ସୃ-ଅଳ ) ଦେବଦାରୁ ବୃକ୍ଷ; ଶାଳବୃକ୍ଷ । ବିଂ. ଅକପଟ, ଉଦାର, ସାଧୁ; ଅବକ୍ର, ସିଧା । ସ୍ତ୍ରୀ. ସରଳା, ଅକପଟହୃଦୟା, ଯଥା,

"ଦେଖିବେ ତୋ ମୋହନ ଛବି ଅକାଶେ,
ଅନଭିଜ୍ଞ ସରଳା କେବଳା ସେ ।"

ମେ. ଦୂ ।

ସରସ, ବି. ନ. ( ସୃ-ଅସ ) ସରୋବର । ରସଯୁକ୍ତ; ମଧୁର ।

ସରସିଜ, ସରସୀରୁହ, ବି. ନ. (ସରସି-ଜ, ରୁହ) ପଦ୍ମ, ସରୋଜ, ପଙ୍କଜ, ଯଥା,

"ପ୍ରଫୁଲ୍ଲ ସରସିଜ ସୌରଭ ହର,
ସେବନ୍ତି ଅଙ୍ଗନାଙ୍କୁ ମନେ ସଞ୍ଚର ।"

ମେ. ଦୂ ।

ସରସୀ, ବି. ସ୍ତ୍ରୀ. (ସୃ-ଅସ୍-ଈ) ସରୋବର, ଯଥା,

"ସରସୀ ଶୋଭିତ ଅକାଇ ମନ୍ଦ କଳେବ ଶୋଭିତ ।"

ରା. ବ ।

ସରସ୍ୱତୀ, ବି. ସ୍ତ୍ରୀ. ( ସରସ୍ୱତ୍-ଈ ) ବାଗ୍ଦେବୀ; ବ୍ରାହ୍ମଣୀ; ରାଣୀ; ବାକ୍ୟ; ନଦୀବିଶେଷ; ନଦୀ, ଉତ୍ତମା ସ୍ତ୍ରୀ; କାକ; ମୁନିପତ୍ନୀ; ଜୈନମାନଙ୍କର ଦେବୀବିଶେଷ, ଯଥା,

"ସରସ୍ୱତୀ ମହିମା ଲୋକେ ବଦତି,
ସରସ୍ୱତୀ ମୋହର ମୁଖରୁ ଚିହ୍ନ ।"

ମେ. ଦୂ ।

ସରସ୍ୱାନ୍, ବି. ପୁଂ. ( ସରସ୍-ବତୁ ) ସମୁଦ୍ର, ସାଗର; ସରୋବର; ମହିଷ । ବିଂ. ରସଯୁକ୍ତ ।

ସରାଗ, ବିଂ. (ସ-ରାଗ) ଅନୁରକ୍ତ; ରଞ୍ଜିତ; ରକ୍ତବର୍ଣ୍ଣ; ଅନୁରାଗୀ; ବାସନାଯୁକ୍ତ ।

ସରି, ବି . (ଦେଶଜ) ସମାନ, ଯଥା,

"ସରି କେ ନୋହିବ ସେହି ଅବଳାର ।"

କ ବ ।

ସରିକଦାର, ବି. (ଯାବନିକ) ଭାଗିଦାର, ଅଂଶୀ ।

ସରିକି, ଅଂ. (ଦେଶଜ) ପର୍ଯ୍ୟନ୍ତ ।

ସରିଶା, (ଦେଶଜ) ତୁଲ୍ୟ, ସଦୃଶ ।

ସରିତ୍, ବି. ସ୍ତ୍ରୀ. (ସୃ-ଇତ୍) ନଦୀ, ଯଥା,

"ସରସ୍ୱତୀ ସରିତ ସୁସ୍ୱାଦୁ ଜଳ,
ସେବି ହୋଇବି ତୋର ହୃଦ ନିର୍ମଳ ।"

ମେ. ଦୂ ।

ସୂର୍ଯ୍ୟ ।

ସରିତ୍ପତି, ସରିତାମ୍ପତି, ସରିଦ୍ୱାନ୍, } ବି. ପୁଂ. (ସରିତ୍-ପତି, ସରିତାମ୍-ପତି, ସରିତ୍-ବତୁ) ସମୁଦ୍ର ସାଗର ।

ସରିତ୍ସୁତ, ବି. ପୁଂ. ( ସରିତ୍-ସୁତ ) ଗାଙ୍ଗେୟ, ଭୀଷ୍ମ ।

ସରୀସୃପ, ବି. ପୁଂ. ( ସୃପ୍-ଅ) ଯେଉଁମାନେ ଛାତିରେ ଭର ଦେଇ ଚାଲନ୍ତି, ସର୍ପ, ବିଛା, ଜୋକାଦି ।

ସରୁ, ବିଂ. (ସୃ-ଉ) କ୍ଷୀଣ, ସୂକ୍ଷ୍ମ । ବି. ପୁଂ. ଖଡ୍ଗର ମୁଠା ।

ସରୋଜ, ସରୋଜନ୍ମା, ବି. ନ. (ସରସ୍-ଜ, ଜନ୍ମନ୍) ପଦ୍ମ, ଯଥା,

"ବାସରେ କଲେ ସିଜ ସରୋଜ ଯେ,
ବାସରେ ତା ପାଶ ଭ୍ରମୁ ଉପୁଜେ ।"

ବୈ. ବ ।

ବିଂ. ସରୋଜାତ ।

ସରୋଜିନୀ, ବି. ସ୍ତ୍ରୀ. (ସରୋଜ-ଇନ୍-ଈ) କମଳିନୀ, ପଦ୍ମିନୀ, ପଦ୍ମଗଛ; ପୁଷ୍କରିଣୀ ।

ସରୋଜୀ, ବି. ପୁଂ. (ସରୋଜ-ଇନ) ବ୍ରହ୍ମା ।

ସରୋରୁଟ୍, ସରୋରୁହ, ବ. ନ. (ସରଃ-ରୁହ) ପଙ୍କଜ, ପଦ୍ମ ।

ସରୋବର, ବି. ପୁଂ. ( ସରସ୍-ବର ) ପଦ୍ମାକର, ପଦ୍ମାଦିଯୁକ୍ତ ପୁଷ୍କରିଣୀ, ଯଥା,

"ବାରିବିହଙ୍ଗେ ମାଲ ଲହରୀ ପରେ
ଦୋଳନ୍ତି ସରୋବର ପୂର ସ୍ୱରରେ ।"

ମେ. ଦୂ ।

ସର୍ଗ, ବି. ପୁଂ. ( ସୃଜ୍-ଅ ) ସୃଷ୍ଟି, ନିର୍ମାଣ; ଉତ୍ପତ୍ତି; ସ୍ୱଭାବ; ନିଶ୍ଚୟ; ନିଶ୍ଚୟ; ମୋହ; ମୋକ୍ଷ; ଯତ୍ନ, ଚେଷ୍ଟା; ଉତ୍ସାହ; ଅଧ୍ୟାୟ, ଗ୍ରନ୍ଥର ପରିଚ୍ଛେଦ; ଅନୁମତି; ବସ୍ତୁର ପ୍ରକଶତା; ମତ, ଯୁକ୍ତି; ପରିତ୍ୟାଗ; ମଳତ୍ୟାଗ ।

ସର୍ଜ୍ଜ, ଶର୍ଜ୍ଜ, ବ. ପୁଂ. (ସୃଜ୍-ଅ) ସାଲଗଛ; ଶାଲଗଛର ରସ, ଝୁଣା ।

ସର୍ଜ୍ଜୁ, ବି. ପୁଂ. (ସର୍ଜ୍ଜ-ଉ) ବଣିକ, ବ୍ୟବସାୟୀ । ସ୍ତ୍ରୀ. ବିଦ୍ୟୁତ୍; ହାର; ଅନୁସରଣ, ପଶ୍ଚାଦ୍ଗମନ ।

ସର୍ପ, ବି. ପୁଂ. ( ସୃପ୍-ଅ ) ସରୀସୃପବିଶେଷ, ସାପ; ଗମନ ।

ସର୍ପଭୁକ୍, ବି. ପୁଂ. (ସର୍ପ-ଭୁଜ୍) ସର୍ପଭକ୍ଷକ, ମୟୂର; ଗରୁଡ଼ ।

ସର୍ପରାଜ, ବି. ପୁଂ. (ସର୍ପ-ରାଜ) ବାସୁକି, ନାଗରାଜ, ଅନନ୍ତଦେବ ।

ସର୍ପାଶନ, ବି. ପୁଂ. (ସର୍ପ-ଅଶନ) ମୟୂର; ଗରୁଡ଼; ନକୁଳ, ନେଉଳ ।

ସର୍ବ, ବିଂ. (ସର୍ବ୍-ଅ) ସମସ୍ତ, ସମୁଦାୟ, ସକଳ । ବି. ପୁଂ. ଶିବ; ବିଷ୍ଣୁ ।

ସର୍ବଂସହା, ବି. ସ୍ତ୍ରୀ. (ସର୍ବ-ସହ-ଆ) ବସୁମତୀ, ପୃଥିବୀ, ଯଥା,

"ମସ୍ତକ ସହିଲେ ଏ ଘୋର ପାତକ,
ସର୍ବ-ସହା ନାମ କଲେ କ ସାର୍ଥକ ।"

ଚ. ଚେ ।

ସର୍ବକର୍ତ୍ତା, ବି. ପୁଂ. (ସର୍ବ-କର୍ତ୍ତୃ) ବ୍ରହ୍ମା, ବିଧାତା ।

ସର୍ବଗ, ବିଂ. (ସର୍ବ-ଗ) ସର୍ବତ୍ରଗାମୀ, ସର୍ବବ୍ୟାପୀ । ବି. ପୁଂ. ଶିବ; ଆତ୍ମା; ବାୟୁ; ବ୍ରହ୍ମା । ନ. ଜଳ ।

ସର୍ବଜନୀନ, ବିଂ. ( ସର୍ବ-ଜନ-ଈନ ) ସମସ୍ତଙ୍କର ହିତକାରୀ; ସର୍ବଲୋକହିତକର; ବିଖ୍ୟାତ ।

ସର୍ବଜ୍ଞ, ବି. ପୁଂ. (ସର୍ବ-ଜ୍ଞ) ଶିବ; ବୁଦ୍ଧ । ବିଂ. ଯେ ସବୁ ଜାଣନ୍ତି, ଯଥା,

"କହି ସର୍ବଜ୍ଞ ସୁଦକ୍ଷିଣ,
ବୋଇଲେ ଶୁଣି ତା ଲକ୍ଷଣ ।"

ବୈ. ବ ।

ସର୍ବତୋମୁଖ, ବିଂ. (ସର୍ବତଃ ମୁଖ) ସର୍ବଦିଗଭିମୁଖ, ସର୍ବଦିଗ୍‌ବର୍ତ୍ତୀ; ସକଳ ବିଷୟରେ ସ୍ଥିତ । ବି. ନ. ଜଳ; ଆକାଶ । ପୁଂ. ପଞ୍ଚାନନ, ଶିବ; ଚତୁର୍ମୁଖ, ବ୍ରହ୍ମା; ଆତ୍ମା; ବ୍ରାହ୍ମଣ; ସ୍ୱର୍ଗ; ଅଗ୍ନି ।

ସର୍ବତ୍ର, ଅଂ. (ସର୍ବ-ତ୍ର) ସବୁଦିଗରେ, ସବୁ ସ୍ଥାନରେ, ସବୁ କାଳରେ, ସବୁ ବିଷୟରେ, ଯଥା,

"ସର୍ବତ୍ର ବଳଶାଳୀ ହୃତଅଦର,
ବଳୀ ଲଭଇ ମାନ ଶୁଣ ଭବର ।"

ମେ. ଦୂ ।

ସର୍ବଥା, ଅଂ. (ସର୍ବ-ଥା) ସକଳ ପ୍ରକାରେ; ଭୂଷଣ, ଅତିଶୟ; ହେତୁ; ନିଶ୍ଚୟ; ସ୍ୱୀକାର ।

ସର୍ବଦର୍ଶୀ, ବି. (ସର୍ବ-ଦୃଶ୍-ଇନ୍) ସର୍ବଦ୍ରଷ୍ଟା ; ଯେ ସମୁଦାୟ ଦର୍ଶନ କରନ୍ତି, ଯଥା,

"ସର୍ବଦର୍ଶୀ ଅଛୁ ଗୁହ ବଧିର ବଧାନେ "

ଅଭିଜ୍ଞ । ବି. ପୁଂ. ବୁଦ୍ଧ; ପରମେଶ୍ୱର ।

ସର୍ବଦା, ଅଂ. (ସର୍ବ-ଦା) ସଦା, ସବୁ ସମୟରେ ।

ସର୍ବନାମ, ବି. ନ. ( ସର୍ବ-ନାମ ) ସମସ୍ତଙ୍କର ସଂଜ୍ଞା; ବ୍ୟାକରଣର ସଂଜ୍ଞାବିଶେଷ, ବିଶେଷ୍ୟ ପଦବର୍ତ୍ତରେ ଯାହା ବ୍ୟବହୃତ ହୁଏ; ସର୍ବ, ଯଦ୍, ତଦ୍ ପ୍ରଭୃତି ସମସ୍ତଙ୍କର ନାମ ।

ସର୍ବନାଶ, ବି. ପୁଂ. ( ସର୍ବ-ନାଶ ) ସମସ୍ତଙ୍କର କ୍ଷୟ, ସମସ୍ତଙ୍କର ଧ୍ୱଂସ ।

ସର୍ବଭକ୍ଷ, ବି. ପୁଂ. ( ସର୍ବ-ଭକ୍ଷ ) ହୁତାଶନ, ବହ୍ନି, ଅଗ୍ନି ।

ସର୍ବମଙ୍ଗଳା, ବି. ସ୍ତ୍ରୀ. ( ସର୍ବ-ମଙ୍ଗଳ-ଆ ) ଦୁର୍ଗା, ଶଙ୍କରୀ ।

ସର୍ବରୀକର, ବି. ପୁଂ. (ସର୍ବରୀ-କର) ଚନ୍ଦ୍ର ।

ସର୍ବଲା, ବି. ସ୍ତ୍ରୀ. (ସର୍ବ-ଲା) ତୋମରାସ୍ତ୍ର, ଶାବଳ ।

ସର୍ବଲୋକ, ବି. ପୁଂ. (ସର୍ବ-ଲୋକ) ନିଖିଳ ବ୍ରହ୍ମାଣ୍ଡ ।

ସର୍ବବିଦ୍, ସର୍ବବେଦୀ, ବିଂ. ( ସର୍ବ-ବିଦ୍, ବେଦୀ ) ସର୍ବଜ୍ଞ, ସକଳଜ୍ଞାନଯୁକ୍ତ, ଯେ ସମସ୍ତ ଜାଣନ୍ତି ।

ସର୍ବସ୍ୱ, ବି. ନ. ( ସର୍ବ-ସ୍ୱ ) ସମୁଦାୟ ଧନ, ସକଳ ସମ୍ପତ୍ତି; ସାର ।

ସର୍ବାଣୀ, ବି. ସ୍ତ୍ରୀ. ( ସର୍ବ-ନୀ ) ସର୍ବପତ୍ନୀ, ଭବାନୀ, ଦୁର୍ଗା ।

ସର୍ବେଶ୍ୱର, ବି. ପୁଂ. ( ସର୍ବ-ଈଶ୍ୱର ) ଶିବ, ମହାଦେବ; ସାର୍ବଭୌମ, ସମସ୍ତଙ୍କର ରାଜା । ବିଂ. ସମସ୍ତଙ୍କର ପ୍ରଭୁ ।

ସର୍ବୌଷଧି, ବି. ସ୍ତ୍ରୀ. (ସର୍ବ-ଔଷଧି) କୁଡ, ଜଟାମାଂସୀ, ହରିଦ୍ରା, ବଚ; ଶୈଳେୟ, ଚନ୍ଦନ, ଚମ୍ପକ, ମୁରା, କର୍ପୂର, ମୁସ୍ତା ଏହି କେତୋଟି ।

ସର୍ଷପ, ସରଷପ, ବି. ପୁଂ. ( ସୃ-ଅପ ) ଶସ୍ୟବିଶେଷ, ସୋରିଷ; ବିଷବିଶେଷ; ଏକସର୍ଷପ-ପରିମାଣ ।

ସଲ, ସଲିଲ, } ବି. ନ. ( ସଲ-ଅ, ଇଲ ) ଅମ୍ବୁ, ବାରି, ଜଳ, ଯଥା,

"ଧୂମ ଜ୍ୟୋତି ସଲିଲ ବାୟୁ ରଚିତ,
କାହିଁ ଜୀମୂତ ? ସେହୁ ଜୀବ ବର୍ଜିତ ।"

ମେ. ଦୂ ।

ସଲଖ, ବିଂ. (ଦେଶଜ) ସିଧା, ଅବକ୍ର ।

ସଲଭ, ବି. ପତଙ୍ଗ, ଯଥା,

"ବରାଇ ପ୍ରଭା ସେ ପାଇ ରଞ୍ଜନ,
ବଧିବେ ଦେଇବ ସଲଭ ଯେସନ ।"

ବୈ. ଭ ।

ସଲି, ବି. ଶତ୍ରୁ, ଯଥା,

"ସ୍ୱାମୀ କୀର୍ତ୍ତିମା ବକ୍ଷେଦରେ ଦିବସ ରଜନୀ ତୁଷର ସଳି ।"

ସଲିଳକୁନ୍ତଳ, ବି. ପୁଂ. (ସଲିଲ-କୁନ୍ତଳ) ଶୈବାଳ; ଜଳଯୁକ୍ତ କେଶ ।

ସଲିଳଜ, ବି. କ୍ଲୀ. (ସଲିଲ-ଜ) ଜଳଜ, ପଦ୍ମ । ବିଂ. ଜଳଜାତ ।

ସଲିଳଧି, ସଲିଳନିଧି, ବି. ପୁଂ. (ସଲିଲ-ଧା-ଇ, ନି-ଧା-ଇ) ସମୁଦ୍ର, ସାଗର ।

ସଲୀଳ, ବିଂ. (ସ-ଲୀଳା) ଲୀଳାଯୁକ୍ତ; କ୍ରୀଡ଼ାକାରୀ; କୌତୁକୀ ।

ସଲ୍ଲକୀ, ବି. ସ୍ତ୍ରୀ. (ସଲ-ଲୁନ୍) ସଜାରୁ, ଝିଙ୍କ ।

ସବ, ବି. ପୁଂ. (ସୁ-ଅ) ଯଜ୍ଞ; ଯଜ୍ଞପ୍ରସ୍ତୁତ ଆସବ; ଅପତ୍ୟ, ସନ୍ତାନ; ପ୍ରସବ; ସୂର୍ଯ୍ୟ; ଚନ୍ଦ୍ର । ନ. ଜଳ; ପୁଷ୍ପ ରସ; ସୋମରସ ନିଷ୍ପୀଡ଼ନ ଓ ପାନ ।

ସବର, ବି. ପୁଂ. ଜଳ; ମହାଦେବ ।

ସବର୍ଣ୍ଣ, ବିଂ. ( ସ-ବର୍ଣ୍ଣ ) ତୁଲ୍ୟ, ସଦୃଶ; ସମାନବର୍ଣ୍ଣ, ସମାନଜାତି; ସମାନବର୍ଣ୍ଣଯୁକ୍ତ; ବ୍ୟାକରଣରେ-ଏକ ସ୍ଥାନୋଚ୍ଚାରିତ ବର୍ଣ୍ଣ ।

ସବଳ, ବିଂ. ( ସ-ବଳ ) ବଳବାନ୍, ଶକ୍ତିବିଶିଷ୍ଟ; ସସୈନ୍ୟ, ସେନାସହିତ, ଯଥା,

'ସବଳକାୟା ତୋର ଦେଖି ପବନ,
ଭୁଞ୍ଜ ନ ମଣି ଦେବେ ପୃଷ୍ଠେ ଅସନ ।"

ମେ. ଦୂ ।

ସବାଖିଆ, ବି. (ଦେଶଜ) ମ୍ଳେଚ୍ଛଜାତିବିଶେଷ ।

ସବିତା, ବି. ପୁଂ. (ସୂ-ତୃ) ସୂର୍ଯ୍ୟ, ଦିନକର; ଈଶ୍ୱର । ବିଂ. ଜନୟିତା, ଯଥା,

"ଆକାଶରେ ପଦ୍ମସଙ୍ଗ ସବିତା ପ୍ରଭୃତି,
ବହନ୍ତି ସେ ମାରବତ ହୋଇ ରତି ପ୍ରଭୃ ।"

ବୈ. ବି ।

ସବିତ୍ରୀ, ବି. ସ୍ତ୍ରୀ. ( ସୂ-ତୃ-ଈ ) ଜନୟିତ୍ରୀ, ମାତା; ଗାଭୀ ।

ସବିଧ, ବିଂ. (ସ-ବିଧ) ତୁଲ୍ୟ, ସଦୃଶ; ସମୀପ, ନିକଟ ।

ସବୁ, (ସର୍ବ୍ବ ଶବ୍ଦଜ) ସମସ୍ତ ।

ସବୁର, (ଯାବନିକ) ଅପେକ୍ଷା; ଅବକାଶ ।

ସସ୍ପାଲ, ବି. (ଦେଶଜ) ଶୀଘ୍ର, ତ୍ୱରିତ ।

ସଶଙ୍କ, ବିଂ. (ସ-ଶଙ୍କା ) ଶଙ୍କାଯୁକ୍ତ, ଭୀତ, ଚକିତ, ତ୍ରସ୍ତ ।

ସଶଲ୍ୟ, ବିଂ. ( ସ-ଶଲ୍ୟ ) କଣ୍ଟକବଦ୍ଧ, ଶୈଲବଦ୍ଧ; ପୀଡ଼ାଦାୟକ, କଷ୍ଟଦାୟକ; ଦୁଷ୍କର ।

ସସଜ୍ଜ, ବିଂ. (ସ-ସଜ୍ଜା) ସଜ୍ଜିତ, ସଜ୍ଜାଯୁକ୍ତ ।

ସସତ୍ତ୍ୱ, ବିଂ. (ସ-ସତ୍ତ୍ୱ) ପ୍ରାଣିଯୁକ୍ତ ।

ସସତ୍ତ୍ୱା, ବି. ସ୍ତ୍ରୀ. (ସ-ସତ୍ତ୍ୱ) ଗର୍ଭବତୀ, ଗର୍ଭିଣୀ ସ୍ତ୍ରୀ ।

ସସୌଷ୍ଠବ, ବିଂ. (ସ-ସୌଷ୍ଠବ) ବେଗଗାମୀ, ସତ୍ୱର; ଅତି ସୁନ୍ଦର ।

ସସ୍ତ୍ରୀକ, ବିଂ. ( ସ-ସ୍ତ୍ରୀ-କ ) ସପତ୍ନୀକ, ସ୍ତ୍ରୀସହିତ, ଭାର୍ଯ୍ୟାସହ, ଯଥା,

"ରାମଚନ୍ଦ୍ର ସସ୍ତ୍ରୀକ ହୋଇ ବନକୁ ଯାଇଥିଲେ ।"

ସସ୍ପୃହ, ବିଂ. ( ସ-ସ୍ପୃହା ) ସାଭିଳାଷ, ସ୍ପୃହାଯୁକ୍ତ, ଲାଳସ, ଇଚ୍ଛୁକ, ଲୋଭୀ ।

ସସ୍ମିତ, ବିଂ. (ସ-ସ୍ମିତ) ଈଷତ୍ ହାସ୍ୟଯୁକ୍ତ, ସହାସ୍ୟ ।

ସସ୍ୟ, ବି. ପୁଂ. (ସସ୍-ଯ) ବୃକ୍ଷାଦିର ଫଳ; ଶସ୍ୟ, ଧାନ୍ୟାଦି; ଶସ୍ତ୍ର; ଉତ୍କୃଷ୍ଟତା ।

ସହ, ବି. ପୁଂ. ( ସହ-ଅ ) ଅଗ୍ରହାୟଣମାସ । ପୁଂ. ନ. ବଳ, ଶକ୍ତି । ବିଂ. ସହିଷ୍ଣୁ; ସହାୟ; ସମର୍ଥ; ଅଂ. ସହିତ; ସାହିତ୍ୟ; ସାକଲ୍ୟ; ସାଦୃଶ୍ୟ; ବିଦ୍ୟମାନତା; ସମୃଦ୍ଧି; ସମ୍ବନ୍ଧ, ଯଥା,

"ଜଳଜନ୍ତୁ ସହ ନଦୀମୁଖର ଜୀବନ,
ଦୂରେ ଧର୍ମବୃନ୍ଦ ମୁଖେ କରନ୍ତି ଗ୍ରହଣ ।"

ବି. ବ ।

ସହକାର, ବି. ପୁଂ. (ସହ-କୃ-ଅ) ସୁଗନ୍ଧ ଆମ୍ରବୃକ୍ଷ; ଆମ୍ରପଲ୍ଲବ; ସହାୟତା, ସାହାଯ୍ୟ ।

ସହକାରୀ, ବିଂ. (ସହ-କୃ-ଇନ୍) ସହାୟ, ସାହାଯ୍ୟ-କାରୀ; କାରଣବିଶେଷ ।

ସହଗମନ, ବି. ନ. (ସହ-ଗମନ) ସହିତଗମନ; ସହ-ମରଣ, ସ୍ୱାମୀସହ ଚିତାଗ୍ନିରେ ଜୀବିତା-ବସ୍ଥାରେ ଶରୀର ଦାହକରଣ ।

ସହଚର, ବିଂ. (ସହ-ଚର) ଅନୁଚର, ସଙ୍ଗୀ; ବୟସ୍ୟ, ସଖା; ଜାମିନ୍, ପ୍ରଭୃତି ।

**ସହଚରୀ**, ବି. ସ୍ତ୍ରୀ. ( ସହଚର-ଈ ) ପତ୍ନୀ, ଭାର୍ଯ୍ୟା; ସଖୀ, ସଙ୍ଗିନୀ, ଯଥା,

"ସେହି ସ୍ରୋତସ୍ୱତୀ ସ୍ରୋତ ଅନ୍ୱେଷୀ,
କଲାଗୀ ଏ ମହାନଦୀ ସହଚରୀ ।"

କ. କେ ।

**ସହଜ**, ବି. ପୁଂ. (ସହ-ଜ) ସହୋଦର, ଏକମାତାର ଗର୍ଭୋତ୍ପନ୍ନ ଭ୍ରାତ; ସ୍ୱଭାବ । ବିଂ. ସ୍ୱାଭାବିକ; ସୁଲଭ, ଅନାୟାସସିଦ୍ଧ; ସହଜାତ, ପ୍ରାକୃତିକ, ନୈସର୍ଗିକ, ଯଥା,

"ଭଣଇ ସହଜରେ ମନୁଷ୍ୟ ମତି,
ପ୍ରଭଞ୍ଜନର ବେଗ ଅଳୋକ ଗତି ।"

କ. ବ ।

**ସହଦେବ**, ବି. ପୁଂ. ( ସହ-ଦେବ ) ମାଦ୍ରୀର ପୁତ୍ର, ପାଣ୍ଡୁର କନିଷ୍ଠପୁତ୍ର; ଜରାସନ୍ଧପୁତ୍ର: ମଗଧାଧିପତି ।

**ସହଧର୍ମିଣୀ**, ସହଧର୍ମଚାରିଣୀ, ବି. ସ୍ତ୍ରୀ. (ସହ-ଧର୍ମ-ଇନ୍-ଈ, ସହ-ଧର୍ମ-ଚାରିଣୀ ) ପତ୍ନୀ, ଭାର୍ଯ୍ୟା, ସ୍ୱାମୀ ସହିତରେ ଧର୍ମାନୁଷ୍ଠାନକାରିଣୀ ।

**ସହନୀୟ**, ବିଂ. ( ସହ-ଅନୀୟ ) ସହ୍ୟ କରିବାର ଯୋଗ୍ୟ ।

**ସହମରଣ**, ବି. ନ. (ସହ-ମରଣ) ଅନୁମରଣ, ମୃତ-ପତି ସହିତ ମରଣ, ମୃତ ସ୍ୱାମୀ ସଙ୍ଗେ ଜଳ-ଚିତାରେ ଅଗ୍ନିରୋହଣପୂର୍ବକ ପ୍ରାଣତ୍ୟାଗ ।

**ସହମୃତା**, ବି. ସ୍ତ୍ରୀ. ( ସହ-ମୃତା ) ଯେଉଁ ସ୍ତ୍ରୀ ମୃତ-ସ୍ୱାମୀର ସହଗମନ କରେ ।

**ସହର୍ଷ**, ବି. ( ସ-ହର୍ଷ ) ହର୍ଷଯୁକ୍ତ, ହୃଷ୍ଟ, ଆହ୍ଲାଦିତ ।

**ସହଲ**, ବିଂ. (ଦେଶଜ) ଶୀଘ୍ର, ତ୍ୱରେ ।

**ସହବାସ**, ବି. ପୁଂ. (ସହ-ବସ୍-ଅ) ଏକତ୍ର ଅବସ୍ଥିତ, ଏକ ସଙ୍ଗରେ ବାସ ।

**ସହସା**, ଅଂ. (ସହ-ଅସା) ଶୀଘ୍ର; ହଠାତ୍, ଅକସ୍ମାତ୍, ଯଥା,

"ଶମ୍ଭୁ ଇନ୍ଦ୍ର ଚମ୍ପୂ-ପତି ଏହିମତେ,
ଅବର୍ତ୍ତିତ ହେଲେ ସହସା ଅଗ୍ରତେ ।"

କ. କେ ।

ବି. ପୁଂ. (ସହ-ଅସ୍-ଅ-ଆ) ହାସ୍ୟକାରିଣୀ ।

**ସହସ୍ର**, ବି. ନ. ଦଶଶତସଂଖ୍ୟା, ହଜାର, ୧୦୦୦ ।

**ସହସ୍ରରଶ୍ମି**, ସହସ୍ରାଂଶୁ, ବି. ପୁଂ. (ସହସ୍ର-ରଶ୍ମି, ଅଂଶୁ) ସୂର୍ଯ୍ୟ, ସହସ୍ରକିରଣ ।

**ସହସ୍ରଲୋଚନ**, ସହସ୍ରାକ୍ଷ, ବି. ପୁଂ. (ସହସ୍ର-ଲୋଚନ, ଅକ୍ଷ) ଇନ୍ଦ୍ର ।

**ସହସ୍ରାକ୍ଷ**, ବି. ପୁଂ., (ସହସ୍ର-ଅକ୍ଷ) [ଗୌତମ ମୁନିର ଅଭିଶାପରେ ଇନ୍ଦ୍ରର ସର୍ବ ଶରୀରରେ ସ୍ତ୍ରୀ ଚିହ୍ନ ସଦୃଶ ଚିହ୍ନରେ ଆଚ୍ଛାଦିତ ହୋଇ ପରେ ଏହାଙ୍କ ବରରେ ଉକ୍ତ ଚିହ୍ନ ସବୁ ଚକ୍ଷୁ ହେଲା] ଇନ୍ଦ୍ର; ବିଷ୍ଣୁ ।

**ସହାଧ୍ୟାୟୀ**, ବି. ପୁଂ. (ସହ-ଅଧ୍ୟାୟୀ) ଏକପାଠୀ, ଏକ ଗୁରୁର ଶିଷ୍ୟ ।

**ସହାନୁଭୂତି**, (Sympathy) ଅନ୍ୟର ସୁଖ ଦୁଃଖ-ଦିରେ ସେହିପରି ସୁଖ ଦୁଃଖାଦି ଅନୁଭବ କରିବା ।

**ସହାୟ**, ବି. ପୁଂ. (ସହ-ଇ-ଅ) ସହଚର; ସାହାଯ୍ୟ-କାରୀ, ଯେ ଆନୁକୂଲ୍ୟ କରେ, ସହକାରୀ ।

**ସହାୟତା**, ବି. ସ୍ତ୍ରୀ. (ସହାୟ-ତା) ସାହାଯ୍ୟ, ଆନୁ-କୂଲ୍ୟ ।

**ସହିତ**, ବିଂ. (ସହ-ଇତ) ସମଭିବ୍ୟାହୃତ, ସଂଯୁକ୍ତ; (ସମ-ହିତ) ହିତକର, ଇଷ୍ଟସାଧକ ।

**ସହିବା**, କ୍ରି. (ସହ-ଧାତୁଜ) ସହ୍ୟ କରିବା, ଯଥା,

"କୋମଳ ପିଣ୍ଡକୁ ଦେଲ ଏ ଦଣ୍ଡକୁ,
ଆନ ବୋଲ ଏହା ସହିଲ ।"

**ସହିତା**, ସହିଷ୍ଣୁ, ବିଂ. (ସହ-ତୃ; ଇଷ୍ଣୁ) ସହନଶୀଳ, କ୍ଷମାବାନ୍, ପ୍ରତୀକ୍ଷାଶୀଳ ।

**ସହିଷ୍ଣୁତା**, ବି. ସ୍ତ୍ରୀ. (ସହିଷ୍ଣୁ-ତା) ସହନଶୀଳତା, କ୍ଷମା, ପ୍ରତୀକ୍ଷା ।

**ସହୀ**, ବି. (ସଖୀ ଶବ୍ଦର ଅପଭ୍ରଂଶ) ସଖୀ, ସହଚରୀ ।

**ସହୃଦୟ**, ବିଂ. (ସ-ହୃଦୟ) ସାମାଜିକ, ରସଜ୍ଞ; ପ୍ରଶସ୍ତଚିତ୍ତ, ସଦନ୍ତଃକରଣ; ବିଦ୍ୱାନ୍ ।

**ସହୋଦର**, ବି. ପୁଂ. (ସହ-ଉଦର) ଏକ ମାତାର ଗର୍ଭଜାତ ଭ୍ରାତା ।

**ସହୋଦରା**, ବି. ସ୍ତ୍ରୀ. (ସହ-ଉଦର-ଆ) ଏକ ମାତାର ଗର୍ଭଜାତ ଭଗିନୀ, ଭଉଣୀ ।

**ସହ୍ୟ**, ବିଂ. (ସହ-ଯ) ସହନୀୟ, ସହନଯୋଗ୍ୟ; ସମାନ, ଉପଯୁକ୍ତ; ପ୍ରଚୁର; ମିଷ୍ଟ, ମନୋଜ୍ଞ; ଶକ୍ତ, ସମର୍ଥ। ବି. ପୁଂ. ଭାରତବର୍ଷର ପର୍ବତବିଶେଷ, ପଶ୍ଚିମଘାଟ ପର୍ବତର ଉତ୍ତରାଂଶ । ନ. ସ୍ୱାସ୍ଥ୍ୟ, ଆରୋଗ୍ୟ ।

**ସାଂକ୍ରାମିକ**, ବିଂ. (ସଂକ୍ରାମ-ଇକ) ସଂକ୍ରମଣଶୀଳ, ଯାହାର ସଂକ୍ରମଣ ହୁଏ, ସ୍ପର୍ଶ ବା ଛୁଁଇବା ମାତ୍ରକେ ଯାହା ଉତ୍ପନ୍ନ ହୁଏ ।

**ସାଂଯାତ୍ରିକ**, ବି.ପୁଂ. (ସଂଯାତ୍ର-ଇକ) ପୋତବଣିକ; ଯେଉଁମାନେ ଜଳପଥରେ ବାଣିଜ୍ୟ କରନ୍ତି ।

**ସାଂବତ୍ସର**, ବି. ପୁଂ. (ସଂବତ୍ସର-ଅ) ଗଣକ, ଦୈବଜ୍ଞ । ବାର୍ଷିକ ।

**ସାଂବତ୍ସରିକ**, ବି. ( ସଂବତ୍ସର-ଇକ) ସଂବତ୍ସର-ସମ୍ବନ୍ଧୀୟ, ବାର୍ଷିକ ।

**ସାଂବାଦିକ**, ବି. ପୁଂ. (ସଂବାଦ୍-ଇକ) ନୈୟାୟିକ । ବିଂ, ସମ୍ବାଦଦାତା ।

**ସାଂଶୟିକ**, ବିଂ. (ସଂଶୟ-ଇକ) ସଂଶୟାପନ୍ନ ସନ୍ଦିହାନ; ଅସ୍ଥିରବୁଦ୍ଧି, ଅନିଶ୍ଚିତଜ୍ଞ, ଅନିଶ୍ଚିତ-ନିଶ୍ଚୟ ।

**ସାଂସାରିକ**, ବିଂ. (ସଂସାର-ଇକ) ସଂସାରସମ୍ବନ୍ଧୀୟ ।

**ସାଂସ୍ଥାନିକ**, ବିଂ. (ସମ୍-ସ୍ଥାନ-ଇକ) ଏକଦେଶୀୟ, ଏକଦେଶସ୍ଥ ।

**ସାଇ**, ବି. (ସହ-ଶବ୍ଦଜ) ସହବାସିମାନଙ୍କର ଗୃହାବଳୀ ।

**ସାଇତିବା**, କ୍ରି. (ଦେଶଜ) ସଞ୍ଚାଳିବା ।

**ସାଉଣ୍ଟିବା**, କ୍ରି, (ଦେଶଜ) ଇତସ୍ତତଃ ପଡିଥିବା ଦ୍ରବ୍ୟ ଗୋଟାଇବା, ଉଠାଇବା, ଯଥା,

"ସାଉଣ୍ଟିବା କାଣ୍ଡ କ ନୁହଇ ସାଏ ।"

**ସାକର**, ବି. (ଶର୍କରା ଶବ୍ଦଜ) ଗୁଡ, ଖଣ୍ଡ, ଚିନି, ଯଥା,

"ତୁମ୍ଭ ବଚନ ସାକର ।"

ବ୍ୟଞ୍ଜନବିଶେଷ ।

**ସାକଲ୍ୟ**, ବି. ନ. (ସକଳ-ଯ) ସମଗ୍ର, ସମୁଦାୟ, ସଂପୂର୍ଣ୍ଣ ।

**ସାକାର**, ବିଂ. (ସ-ଆକାର) ଆକୃତିବିଶିଷ୍ଟ, ଯାହାର ଆକାର ଅଛି ।

**ସାକୁଲାଇବା**, କ୍ରି, (ଦେଶଜ) କାକୁତି ମିନତି କରିବା ।

**ସାକ୍ଷର**, ବିଂ. (ସ-ଅକ୍ଷର) ଅକ୍ଷରଯୁକ୍ତ, ବିଦ୍ୱାନ୍ । ନ. ସ୍ୱନାମ ଲେଖନ; ଦସ୍ତଖତ କରା ।

**ସାକ୍ଷାତ୍**, ଅଂ. (ସ-ଅକ୍ଷ-ଅତ୍-ଙ) ସମ୍ମୁଖ, ପ୍ରତ୍ୟକ୍ଷ; ପ୍ରତ୍ୟକ୍ଷୀଭୂତ, ସ୍ୱୟଂ; ତୁଲ୍ୟ, ସଦୃଶ ।

**ସାକ୍ଷୀ**, ବିଂ, (ସ-ଅକ୍ଷି-ଇନ୍) ପ୍ରତ୍ୟକ୍ଷଦର୍ଶୀ, ସ୍ୱୟଂଦ୍ରଷ୍ଟା; ଉପଦ୍ରଷ୍ଟା, ଯଥା,

"ତୁମ୍ଭ ପଦକୁଳେ ତୁମ୍ଭଙ୍କୁ ସାକ୍ଷୀ କରିବ ଧନେ ।"

ତ ଭା ।

**ସାକ୍ଷ୍ୟ**, ବିଂ. (ସ-ଅକ୍ଷି-ଯ) ସାକ୍ଷୀର କର୍ମ୍ମ, ପ୍ରମାଣ ନେବା ।

**ସାଖ୍ୟ**, ବି. ନ. (ସଖି-ଯ) ସଖ୍ୟ, ମିତ୍ରତା ।

**ସାଗର**, ବି. ପୁଂ. (ସଗର-ଅ) ସମୁଦ୍ର; ମୃଗବିଶେଷ; ସଂଖ୍ୟାବିଶେଷ, ଦଶପଦ୍ମ ସଂଖ୍ୟା ।

**ସାଗରଗାମିନୀ**, ବି. ସ୍ତ୍ରୀ. (ସାଗର-ଗାମିନୀ) ନଦୀ, ସରିତ୍ ।

**ସାଗରଶାଖା**, ଯେଉଁ ସଂକୀର୍ଣ୍ଣ ସାଗରାଂଶ ସ୍ଥଳରେ ପ୍ରବିଷ୍ଟ ହୋଇଅଛି ।

**ସାଗରାଳୟ**, ବି. ପୁଂ. (ସାଗର-ଆଳୟ) ବରୁଣ, ଜଳାଧିପତି ।

**ସାଗୁଣା**, ବି. (ଦେଶଜ) ଗୃଧ୍ରପକ୍ଷୀ ।

**ସାଗୁଦାନା**, ବି. ଖାଦ୍ୟଦ୍ରବ୍ୟବିଶେଷ ।

**ସାଙ୍କର୍ଯ୍ୟ**, ବି. ନ. (ସଙ୍କର-ଯ) ମିଶ୍ରଣ, ମିଳନ; ସଙ୍କରତ୍ୱ ।

**ସାଙ୍କେତିକ**, ବିଂ. (ସଙ୍କେତ-ଇକ) ସଙ୍କେତକାରକ; (Practice) ସଂକ୍ଷିପ୍ତ ଉପାୟ ଅବଲମ୍ବନ କରି ଅଙ୍କ କଷିବା ।

**ସାଂକ୍ଷେପିକ**, ବିଂ. (ସଂକ୍ଷେପ-ଇକ) ସଂକ୍ଷେପକାରକ; ସଂକ୍ଷିପ୍ତ ।

**ସାଂଖ୍ୟ**, ବି. ନ. ( ସମ୍-ଖ୍ୟା-ଯ ) କପିଳମୁନିପ୍ରଣୀତ ଦର୍ଶନଶାସ୍ତ୍ର; ଏଥିରେ ପ୍ରକୃତି, ବୁଦ୍ଧିତତ୍ତ୍ୱ, ଅହଙ୍କାର, ସୂକ୍ଷ୍ମପଞ୍ଚଭୂତ, ସ୍ଥୂଳପଞ୍ଚଭୂତ, ଓ ଏକାଦଶ ଇନ୍ଦ୍ରିୟ ଏହି ଚତୁର୍ବିଂଶତି ପଦାର୍ଥ, ପୁରୁଷ ସହିତ ପଞ୍ଚବିଂଶତି ।

ସାଙ୍ଗ, ବିଂ, (ସ-ଅଙ୍ଗ) ଅଙ୍ଗଯୁକ୍ତ, ସମ୍ପୂର୍ଣ୍ଣ; ଯାହାର ସମସ୍ତ ଅଙ୍ଗ ସମ୍ପୂର୍ଣ୍ଣ ମାତ୍ର କୌଣସି ଅଙ୍ଗ ଅସମ୍ପୂର୍ଣ୍ଣ ନୁହେ ।

ସାଙ୍ଗୀ, ବି. (ଦେଶଜ) କୌଣସି ଗୁରୁ ପଦାର୍ଥ ଉଠାଇବା ନିମିତ୍ତ ଯେଉଁ ବାଂଶ ବା କାଷ୍ଠଖଣ୍ଡ ବ୍ୟବହାର କରାଯାଏ ।

ସାଙ୍ଘାତିକ, (Bryozoa) ଯେଉଁ ସବୁ ସାମୁକା ଏକତ୍ରରେ ସଂଶ୍ଳିଷ୍ଟ ହୋଇ ପିଣ୍ଡାକାରରେ ଥାଏ, ଯଥା;—ସାମ୍ପାଜାମକ ସାମୁକା ।

ସାଙ୍ଘାତିକ, ବିଂ. (ସଙ୍ଘାତ-ଇକ) ମାରାତ୍ମକ, ପ୍ରାଣନାଶକ ।

ସାଚି, ବି. (ଦେଶଜ) ଛନ୍ଦ । ବିଂ. ଉତ୍କୃଷ୍ଟ ।

ସାଜ, ବି. ( ସଜ୍ଜା ଶବ୍ଦଜ ) ବେଶ, ଭୂଷଣଦ୍ରବ୍ୟ, ଅସ୍ତ୍ରଶସ୍ତ୍ରାଦି ।

ସାଜିବା, କ୍ରି, (ଦେଶଜ) ସଜ୍ଜିତ ହେବା ।

ସାଞ୍ଜନ, ବି. ପୁଂ. (ସ-ଅଞ୍ଜନ) କୃକଳାସ, ଏଣ୍ଡୁଅ ।

ସାଢେ, ବି. ( ସାର୍ଦ୍ଧ ଶବ୍ଦଜ ) ଅର୍ଦ୍ଧର ସହିତ ।

ସାତ, ବି. ନ. (ସୋ-ତ) ଶର୍ମ୍ମ, ସୁଖ; କୁଶଳ, ମଙ୍ଗଳ । ଆନନ୍ଦ, ହର୍ଷ । ବିଂ. ଦତ୍ତ; ବିନଷ୍ଟ; (ସପ୍ତନ୍ ଶବ୍ଦଜ) ସଂଖ୍ୟାବିଶେଷ, ୭ ।

ସାତଶୟ, ବିଂ, (ସ-ଅତିଶୟ) ଅତିଶୟିତ, ଅଧିକ ।

ସାତିସାର, ବିଂ. (ସ-ଅତିସାର) ଅତିସାର ରୋଗଯୁକ୍ତ, ଉଦରାମୟବିଶିଷ୍ଟ ।

ସାତ୍ୟକି, ବି. ପୁଂ. (ସତ୍ୟକ-ଇ) ଯଦୁବଂଶୀୟ କ୍ଷତ୍ରିୟବିଶେଷ, କୃଷ୍ଣଙ୍କ ସାରଥି ।

ସାତ୍ୱତୀ, ବି. ସ୍ତ୍ରୀ. (ସାତ୍ୱତ-ଈ) ନାଟକର ବୃତ୍ତିବିଶେଷ; ବସୁଦେବଭଗ୍ନୀ, ଶିଶୁପାଳର ମାତା ।

ସାତ୍ତ୍ୱିକ, ବି, ପୁଂ. (ସତ୍ତ୍ୱ-ଇକ) ବ୍ରହ୍ମା; ଅନ୍ତଃକରଣର ଭାବବିଶେଷ; ଏହାର କାର୍ଯ୍ୟ ଅଷ୍ଟପ୍ରକାର; ଯଥା—ସ୍ତମ୍ଭ, ସ୍ୱେଦ, ରୋମାଞ୍ଚ, ଅଶ୍ରୁ, ବୈସ୍ୱର୍ଯ୍ୟ, ବେପଥୁ, ବୈବର୍ଣ୍ଣ୍ୟ, ପ୍ରଳୟ, (ମୂର୍ଚ୍ଛା) । ବିଂ. ସତ୍ତ୍ୱଗୁଣଜାତ; ସତ୍ତ୍ୱଗୁଣସମ୍ବନ୍ଧୀୟ; କୌଣସି ଫଳାକାଂକ୍ଷା ନ କରି ଯେ କର୍ମ କରାଯାଏ; ସତ୍ୟ, ଯଥାର୍ଥ; ସତ୍; ସାଧୁ ।

ସାଦ, ବି. ପୁଂ. (ସଦ୍-ଅ) ଅବସନ୍ନତା, ଆଳସ୍ୟ; କାର୍ଶ୍ୟ, କ୍ଷୀଣତା; ବିନାଶ; ପବିତ୍ରତା, ବିଶୁଦ୍ଧି ।

ସାଦନ, ବି. ନ. (ସାଦ-ଅନ) ସଦନ, ଗୃହ; ଉଚ୍ଛେଦନ, ବିନାଶକରଣ; ବିନାଶନ; ଅବସାଦନ, କ୍ଲାନ୍ତକରଣ; ଦୂରୀକରଣ ।

ସାଦର, ବିଂ. (ସ-ଆଦର) ଆଦର ସହିତ, ଆଦରଯୁକ୍ତ ।

ସାଦି, ବି. (ହିନ୍ଦୀ) ଅଶ୍ୱାରୋହୀ, ଯଥା,

"କେମନ୍ତ ଅଶ୍ୱପତି ସାଦି, ମସ୍ତ ସମ୍ବାଦ ।"

ସାଦୃଶ୍ୟ, ବି. ନ. (ସଦୃଶ୍-ଯ) ତୁଲ୍ୟତା, ସାମ୍ୟ; ଆଲେଖ୍ୟ ।

ସାଧ, ବି. (ଦେଶଜ) ବାସନା, ଅଭିଳାଷ; ଗର୍ଭିଣୀର ଇଚ୍ଛାମତେ ଭୋଜନ, ଦୋହଦ ।

ସାଧକ, ବିଂ. (ସାଧ୍-ଅକ) ସାଧନକର୍ତ୍ତା, ସିଦ୍ଧିକାରକ, ନିଷ୍ପାଦକ; ଆରାଧକ, ସେବକ, ଅର୍ଚ୍ଚକ ।

ସାଧନ, ବି. ନ. (ସାଧ୍-ଅନ) କରଣକାରକ, ସିଦ୍ଧି, ସମ୍ପାଦନ; କାରଣ, ହେତୁ; ଉପାୟ; ସହାୟ; ଗମନ; ହତ୍ୟା, ବଧ; ସୈନ୍ୟ; ସମ୍ପତ୍ତି; ମନ୍ତ୍ରସିଦ୍ଧିକରଣ; ପ୍ରମାଣ; ଉପକରଣ; ଅନ୍ତ୍ୟେଷ୍ଟିକ୍ରିୟା, ମୃତସଂସ୍କାର, ଅଗ୍ନିଦାନ; ଆରାଧନା; ଯୁଦ୍ଧୋପକରଣ; ଶିଶ୍ନ; ଅନୁଗମନ; ଦାପନ; ଧାତୁମାରଣ, ପାରଦାଦି ଶୋଧନ; ବିନାଶନ; ନିଷ୍ପାଦନ ।

ସାଧନା, ବି. ସ୍ତ୍ରୀ. (ସାଧନ୍-ଆ) ସିଦ୍ଧି; ନିଷ୍ପାଦନ; ଉପାସନା; ଆରାଧନା ।

ସାଧନୀୟ, ବିଂ. (ସାଧ୍-ଅନୀୟ) ସାଧନଯୋଗ୍ୟ, ନିଷ୍ପାଦ୍ୟ; ଆରାଧନୀୟ ।

ସାଧର୍ମ୍ୟ, ବି. ନ. (ସଧର୍ମ-ଯ) ସାଦୃଶ୍ୟ, ସମାନ ଧର୍ମବତ୍ତା ।

ସାଧାରଣ, ବି. (ସ-ଧାରଣ-ଅ) ତୁଲ୍ୟ, ଏକବିଧ; ଯାହା ସମସ୍ତଙ୍କର ଅଛି, ସାମାନ୍ୟ ।

ସାଧାରଣତନ୍ତ୍ର, (Republic) ଯେଉଁଠାରେ ରାଜା ନାହାନ୍ତି, ସର୍ବସାଧାରଣ ଲୋକଙ୍କର ମତାନୁସାରେ ଯାବତୀୟ ରାଜକାର୍ଯ୍ୟ ନିର୍ବାହ ହୁଏ ।

**ସାଧାରଣ୍ୟ**, ବି. ନ. (ସାଧାରଣ-ଯ) ସାଧାରଣର ଧର୍ମ, ଯାହା ସମସ୍ତଙ୍କର ଅଛି । ବିଂ. ସାଧାରଣର କରିବାର ଯୋଗ୍ୟ ।

**ସାଧିକା**, ବି. ସ୍ତ୍ରୀ. (ସାଧ୍-ଅକ-ଆ) ସୁଷୁପ୍ତି, ଗାଢନିଦ୍ରା ।

**ସାଧିତ**, ବି. (ସାଧ୍-ତ) ମଣ୍ଡିତ; ସମ୍ପାଦିତ, ନିଷ୍ପାଦିତ; ଶୋଧିତ, ପରିଶୋଧିତ; ଦାପିତ, ଯାହା ଦିଆଯାଏ; ପ୍ରମାଣାଦିଦ୍ୱାରା ଉଦ୍‌ଭାବିତ; ବିନାଶିତ; ଅର୍ଥଦଣ୍ଡରେ ଦଣ୍ଡିତ; ଋଣପରିଶୋଧିତ ।

**ସାଧିଷ୍ଠାନ**, ବି. ନ. (ସ-ଅଧିଷ୍ଠାନ) ଦେହସ୍ଥ ଷଟ୍‌ଚକ୍ର ମଧ୍ୟରେ ଏକ ଚକ୍ର ।

**ସାଧୁ**, ବିଂ. (ସାଧ୍-ଉ) ଉତ୍ତମ; ମହତ୍; ସଜ୍ଜନ, ଧାର୍ମିକ, ଯଥା,

"ବାଳୀଙ୍କ ଶଣ୍ଡ ବୃତ୍ତଙ୍କ ଅଣେ କରିଥିଲେ,
ବନ୍ଧ୍ୟ ଜଗତେ ସେ ସାଧୁ ଦର୍ଶନେ ହୋଇଲେ ଯେ ।"

ବୈ. ବ ।

ସୁନ୍ଦର; ହିତ; ସଦ୍‌ବଂଶଜାତ; ସମର୍ଥ; ଯୋଗ୍ୟ, ଉପଯୁକ୍ତ, ନିପୁଣ; ବାର୍ଦ୍ଧୁଷିକ, ସୁଧଖିଆ; ଉଚିତ । ବି. ପୁଂ. ମୁନି; ବୁଦ୍ଧ; ବଣିକ୍ ।

**ସାଧୁତା**, ବି. ସ୍ତ୍ରୀ. (ସାଧୁ-ତା) ସୌଜନ୍ୟ, ଶିଷ୍ଟତା, ଭଦ୍ରତା ।

**ସାଧୁବାଦ**, ବି. ପୁଂ. (ସାଧୁ-ବଦ୍-ଅ) ପ୍ରଶଂସା; ଧନ୍ୟବାଦ ।

**ସାଧୁବୃତ୍ତ**, **ସାଧୁଶୀଳ**, ବି. (ସାଧୁ-ବୃତ୍ତ, ଶୀଳ) ସତ୍‌ସ୍ୱଭାବ ବିଶିଷ୍ଟ, ସଚ୍ଚରିତ୍ର ।

**ସାଧ୍ୟ**, ବି. ପୁଂ. (ସାଧ୍-ଯ) ମନଃ, ମନ୍ତା, ପ୍ରାଣ, ନର, ପାନ, ବୀର୍ଯ୍ୟବାନ, ବିନିର୍ଭୟ, ନୟ, ଦଂଶ, ନାରାୟଣ, ବୃଷ, ପ୍ରଭୁ-ଏହି ଦ୍ୱାଦଶବିଧ ଗଣଦେବତାବିଶେଷ; ଯୋଗବିଶେଷ; ଶର । ବିଂ. ସାଧନୀୟ, ସାଧନଯୋଗ୍ୟ, ନିଷ୍ପାଦ୍ୟ; ଶକ୍ୟ; ଜ୍ଞେୟ; ପ୍ରତିବଧେୟ, ପ୍ରତିକାରଯୋଗ୍ୟ; ନିବର୍ତ୍ତନୀୟ; ଜ୍ଞେୟ; ପ୍ରତିପାଦ୍ୟ ।

**ସାଧ୍ୱୀ**, ବି. ସ୍ତ୍ରୀ. (ସାଧୁ-ଈ) ପତିବ୍ରତା, ସତୀ; ଯଥା,

"ମରମଭେଦୀ ଶୋକେ ହୋଇ ବିକଳ,
କହିଲେ ସାଧ୍ୱୀ ବର୍ଷି ଲୋତକଜଳ ।"

ବ. ବ ।

**ସାନନ୍ଦ**, ବିଂ. (ସ-ଆନନ୍ଦ) ଆନନ୍ଦଯୁକ୍ତ, ଆହ୍ଲାଦିତ ।

**ସାନୁ**, ବି. ପୁଂ. ନ. (ସନ୍-ଉ) ପର୍ବତର ଉପରିସ୍ଥ ସମାନଭୂମି, ଶିଖରତଟ; ପ୍ରସ୍ଥ; ଅଗ୍ରଭାଗ; ବନ; ବ୍ୟାତ୍ୟା; ବିପଶ୍ଚିତ୍, ବିଦ୍ୱାନ୍; ପଥ । ପୁଂ. ପଣ୍ଡିତ; ସୂର୍ଯ୍ୟ ।

**ସାନୁଜ**, ବିଂ. (ସ-ଅନୁଜ) ଅନୁଜସହିତ ।

**ସାନ୍ତପନ**, ବି. ନ. (ସନ୍ତପନ-ଅ) ବ୍ରତବିଶେଷ, ଗୋମୟ, ଗୋମୂତ୍ର, ଦୁଗ୍ଧ, ଦଧି, ଘୃତ ଓ ଜଳ କ୍ରମେ ଏହି ଛଅ ଦ୍ରବ୍ୟକୁ ଛଅ ଦିନ ଭକ୍ଷଣ କରି ସପ୍ତମ ଦିନରେ ପାଳନ ଅର୍ଥାତ୍ ଉପବାସ କରିବାକୁ ହୁଏ ।

**ସାନ୍ତ୍ୱ**, ବି. ନ. (ସାନ୍ତ୍ୱ-ଅ) ପ୍ରିୟବଚନ, ପ୍ରବୋଧଜନକ ବାକ୍ୟ; ସାମ, ସନ୍ଧି । ବିଂ. ପ୍ରିୟ; ଅଭିମତ ।

**ସାନ୍ତ୍ୱନା**, ବି. ସ୍ତ୍ରୀ. (ସାନ୍ତ୍ୱ-ଅନ୍-ଆ) ପ୍ରିୟବାକ୍ୟଦ୍ୱାରା ପ୍ରବୋଧ ଦେବା, ସମାଶ୍ୱାସନ, ଶାନ୍ତ କରିବା; ସାମ, ସନ୍ଧି; ପ୍ରଣୟ; ସସ୍ନେହ ସାଦର ସମ୍ଭାଷଣ ଓ କୁଶଳ ପ୍ରଶ୍ନ, ଯଥା,

"ଏମନ୍ତ ସୁଅଶେଷ ମୁନି ପ୍ରଧାନ,
ଭାଷିଲେ ଶାନ୍ତିଚେତା ସାନ୍ତ୍ୱନା ବାଣୀ ।"

କ. ବ ।

**ସାନ୍ଦ୍ର**, ବିଂ. (ସ-ଅନ୍ଦ୍-ର) ନିବିଡ, ଘନ; ପ୍ରବୃଦ୍ଧ; ମୃଦୁ; ସ୍ନିଗ୍ଧ; ମନୋଜ୍ଞ । ବି. ନ. ଅରଣ୍ୟ, ବନ ।

**ସାନ୍ଧିକ**, ବି. ପୁଂ. (ସନ୍ଧା-ଇକ) ଶୌଣ୍ଡିକ, ଶୁଣ୍ଡି; (ସନ୍ଧି-ଇକ) ବିଂ. ଯେ ସନ୍ଧି କରନ୍ତି ।

**ସାନ୍ଧିବିଗ୍ରହିକ**, ବିଂ. (ସନ୍ଧିବିଗ୍ରହ-ଇକ) ସନ୍ଧିବିଗ୍ରହରେ ନିପୁଣ, କେଉଁ ସମୟରେ ସନ୍ଧି ବା କେଉଁ ସମୟରେ ବିଗ୍ରହ କରିବାକୁ ହୁଏ ତାହା ଯେଉଁମାନେ ଉତ୍ତମରୂପେ ଜାଣନ୍ତି ।

**ସାନ୍ଧ୍ୟ**, ବିଂ. (ସନ୍ଧ୍ୟା-ଅ) ସନ୍ଧ୍ୟାକାଳୀନ, ସନ୍ଧ୍ୟାସମ୍ବନ୍ଧୀୟ ।

**ସାନ୍ନିଧ୍ୟ**, ବି. ନ. ସନ୍ନିଧାନ, ସାମୀପ୍ୟ ।

**ସାନ୍ନିପାତିକ**, ବି. (ସନ୍ନିପାତ-ଇକ) ମିଶ୍ରିତ, ସମଷ୍ଟିଜାତ; ତ୍ରିଦୋଷଜ, ବାତ-ପିତ୍ତ-କଫଜ, ସାଂଘାତିକ ।

ସାପ, ବ. (ସର୍ପଶବ୍ଦଜ) ସରୀସୃପ ।

**ସାପଟିବା**, କ୍ରି. (ଦେଶଜ) ଆଣ୍ଠୁରେ କୁଣ୍ଡାଇ ଧରିବା ।

ସାପତ୍ନ୍ୟ, ବି. ନ. (ସପତ୍ନ-ଯ) ଶତ୍ରୁତା; ପୁଂ. ଶତ୍ରୁ; (ସପତ୍ନୀ-ଯ) ସପତ୍ନୀତନୟ । ବିଂ. ସପତ୍ନୀଜାତ । ନ. ବହୁପତ୍ନୀକତା ।

ସାପେକ୍ଷ, ବିଂ. (ସ-ଅପେକ୍ଷା) ଅପେକ୍ଷାଯୁକ୍ତ; ପର-ସ୍ପରାପେକ୍ଷୀ; ସାକାଂକ୍ଷା ।

ସାଫଲ୍ୟ, ବି. ନ. (ସଫଲ-ଯ) ସଫଳତା, ଫଳୋ-ତ୍ପତ୍ତି; ଲାଭଜନକତା ।

ସାମ, ବ. ନ. (ସୋ-ମ) ସାମବେଦ; ପାପବିଶେଷ; ସନ୍ଧି; ସାନ୍ତ୍ୱନା, ପ୍ରିୟବଚନ ।

ସାମଗ୍ରୀ, ବ. ସ୍ତ୍ରୀ. (ସମଗ୍ର-ଈ) ସାକଲ୍ୟ; ସମୁଦାୟ; କାରଣକଲାପ; ଦ୍ରବ୍ୟ, ବସ୍ତୁ; ବଲବଲ; ଅସ୍ତ୍ରଶସ୍ତ୍ର; ଭଣ୍ଡାର ।

ସାମଞ୍ଜସ୍ୟ, ବି. ନ. (ସମଞ୍ଜସ-ଯ) ଔଚିତ୍ୟ, ଉପ-ଯୁକ୍ତତା; ସମୀଚୀନତା; ଉତ୍କର୍ଷ; ମେଳ ।

ସାମନ୍ତ, ବ. ପୁଂ. (ସମନ୍ତ-ଅ) ସମୀପସ୍ଥ ରାଜା; ସାମାନ୍ୟ ରାଜା; ପ୍ରତିବେଶୀ; ଅଧିନାୟକ; ସାଥନ୍ତ, ଯଥା,

> "ବତସ୍ଥର ନୃପତି ସାମନ୍ତେ ଭଭ୍ୟପର,
> ବାର ବାରନାରୀ ରଲେ ଅନୁକୂଳ ବର ଯେ ।"
>
> ବୈ. ବ ।

ବିଂ. ନିକଟବର୍ତ୍ତୀ । ନ. ସାମୀପ୍ୟ,

ସାମନ୍ତେଶ୍ୱର, ବି. ପୁଂ. (ସାମନ୍ତ-ଈଶ୍ୱର) ଚକ୍ରବର୍ତ୍ତୀ, ସମ୍ରାଟ୍ ।

ସାମୟିକ, ବିଂ. (ସମୟ-ଇକ) ସମୟୋଚିତ, କାଲୋ-ପଯୁକ୍ତ; ନୟମାନୁଯାୟୀ ।

ସାମରିକ ବିଚାରାଳୟ, ( Court martial ) ଯେ ବିଚାରାଳୟରେ ସୈନ୍ୟ ପ୍ରଭୃତିଙ୍କର ଅପ-ରାଧର ବିଚାର ହୁଏ ।

ସାମର୍ଥ୍ୟ, ବି. ନ. ( ସମର୍ଥ-ଯ ) ବଳ, ଶକ୍ତି; ଯୋଗ୍ୟତା, କ୍ଷମତା; ଶବ୍ଦର ପ୍ରତିପାଦ୍ୟ ।

ସାମବାୟିକ, ବି. ପୁଂ. (ସମବାୟ-ଇକ) ଅମାତ୍ୟ, ମନ୍ତ୍ରୀ; ଦଳପତି । ବିଂ. ସମବାୟସମ୍ବନ୍ଧୀୟ ।

ସାମାଜିକ, ବି. ପୁଂ. (ସମାଜ-ଇକ) ସଭ୍ୟ, ସଭା-ସଦ୍; ସହୃଦୟ; ରସଜ୍ଞ । ବିଂ. ସମାଜସମ୍ବ-ନ୍ଧୀୟ ।

ସାମାଜିକ ନିୟମ, (Social law) ଜନସମାଜ-ରେ ଅନେକ ବ୍ୟକ୍ତିଙ୍କୁ ମିଳିତ ହୋଇ ବସ୍ତୁର କାର୍ଯ୍ୟ ନିର୍ବାହ କରିବାକୁ ହୁଏ, ଯେ ସମସ୍ତ ନିର୍ଦ୍ଦିଷ୍ଟ ନିୟମାନୁସାରେ ସେହି ସମୁଦାୟ କାର୍ଯ୍ୟ ସମ୍ପନ୍ନ କରିବାର ଉଚିତ, ତାହାର ନାମ "ସାମା-ଜିକ ନିୟମ ।"

ସାମାନ୍ୟ, ବି. ନ. ( ସମାନ-ଯ ) ପ୍ରକାର, ରକମ; ଜାତି, ଗୋତ୍ର ମନୁଷ୍ୟତ୍ୱାଦି; ସାମଗ୍ର୍ୟ; ସାଧାରଣର କାର୍ଯ୍ୟ; କାବ୍ୟର ଅଲଙ୍କାରବିଶେଷ, ଯେଉଁ-ଠାରେ ସାଧାରଣ ଧର୍ମ ବଳରେ ଅନେକ ବସ୍ତୁ ଏକତ୍ର ସମ୍ବନ୍ଧ ହୁଏ । ବିଂ. ସାଧାରଣ, ସଚରା-ଚର, ଯାହା ସମସ୍ତଙ୍କର ଅଛି । ନ୍ୟା-ସ୍ତ୍ରୀ. ବେଶ୍ୟା, ସାଧାରଣ ସ୍ତ୍ରୀ ।

ସାମିଲ, ବିଂ. (ସମିଲ-ଶବ୍ଦଜ) ସମ୍ମିଳିତ, ଅନ୍ତର୍ଗତ, ସଂକ୍ରାନ୍ତ; ଅନ୍ତର୍ଭୁକ୍ତ, ଏକତ୍ରସଙ୍ଗର ।

ସାମୀପ୍ୟ, ବି. ନ. (ସମୀପ-ଯ) ନୈକଟ୍ୟ, ସାନ୍ନିଧ୍ୟ ।

ସାମୁଦ୍ର, ବି. ନ. (ସମୁଦ୍ର-ଅ) ସମୁଦ୍ର ଲବଣ; ସମୁଦ୍ର ଫେଣ; ଶରୀରସ୍ଥ ଚିହ୍ନ; ଦେହସ୍ଥ ଚିହ୍ନଘଟିତ ଭଦ୍ରାଭଦ୍ର ଲକ୍ଷଣସୂଚକ ଶାସ୍ତ୍ର । ବିଂ. ଶାସ୍ତ୍ର-ବ୍ୟବସାୟୀ; ସମୁଦ୍ରଜାତ; ସମୁଦ୍ରସମ୍ବନ୍ଧୀୟ । ପୁଂ. ସମୁଦ୍ରଯାତ୍ରୀ, ନାବିକ ।

ସାମୁଦ୍ରିକ, ବି. ପୁଂ. ( ସମୁଦ୍ର-ଇକ ) ଶରୀରଚିହ୍ନର ଶୁଭାଶୁଭ ଫଳପ୍ରକାଶକ ଦୈବଜ୍ଞ । ବିଂ. ଶରୀରଚିହ୍ନସମ୍ବନ୍ଧୀୟ ଶାସ୍ତ୍ରାଦି; ସମୁଦ୍ରସମ୍ବନ୍ଧୀୟ ।

ସାମ୍ୟ, ବି. ନ. ( ସମ-ଯ ) ସମତା, ତୁଲ୍ୟତା, ସାଦୃଶ୍ୟ ।

ସାମ୍ରାଜ୍ୟ, ବି. ନ. (ସମ୍ରାଜ୍-ଯ) ସର୍ବପ୍ରଧାନ ରାଜ୍ୟ, ସମ୍ରାଟର ଶାସନାଧୀନ ରାଜ୍ୟ, ସାର୍ବଭୌମତ୍ୱ ।

ସାୟ, ବି. ପୁଂ. ( ସୋ-ଅ) ସାୟଂକାଳ, ଦିନାନ୍ତ; ଶେଷ; ନାଶ; ଶର, ବାଣ; ଅବସାନ ।

ସାୟକ, ବି. ପୁଂ. (ସୋ-ଅକ) ବାଣ, ଶର; ଖଡ୍ଗ ।

ସାୟନ୍ତନ, ବିଂ. (ସାୟମ୍-ତନ) ସନ୍ଧ୍ୟାକାଳୀନ ।

ସାୟମ୍, ଅଂ. } ବି. (ସୋ-ଅମ୍-ଅହନ୍) ସନ୍ଧ୍ୟା-
ସାୟାହ୍ନ, ପୁଂ. } କାଳ, ଦିନାନ୍ତ ।

ସାର, ବି. ପୁଂ. (ସୃ-ଅ) ବୃକ୍ଷର ମଜ୍ଜା; ତେଜଃ, ବଳ; କାଠିନ୍ୟ, ଦୃଢ଼ତା; ଉତ୍କର୍ଷ; ଅତିଶୟ; ଶ୍ରେଷ୍ଠାଂଶ; ତତ୍ତ୍ୱାର୍ଥ; ମଜ୍ଜା; ବାୟୁ; ପୀଡ଼ା; ସାରତା; ନବନୀତ; ସର । ନ. ଜଳ; ଧନ; ଉପଯୁକ୍ତତା; ବୃକ୍ଷାଦିର ଉତ୍ତେଜକ ବସ୍ତୁ; ରହସ୍ୟ । ବିଂ. ଶ୍ରେଷ୍ଠ, ଉତ୍କୃଷ୍ଟ, ଯଥା,

"ଅମୂଲ୍ୟ ଦୁର୍ଲ୍ଲଭ ରତନର ଖଣି
ସବୁ ଦେଶ ମଧ୍ୟେ ଏ ଦେଶ ସାର ।"

କ. ବ ।

ସ୍ଥାୟୀ ; ନାନାବର୍ଣ୍ଣ; ନ୍ୟାଯ୍ୟ ।

ସାରଗ୍ରାହୀ, ବିଂ. ( ସାର-ଗ୍ରାହୀ ) ଶ୍ରେଷ୍ଠାଂଶଗ୍ରାହକ, ସାରଗ୍ରହଣକାରୀ ।

ସାରଙ୍ଗ, ବି. ପୁଂ. (ସୃ-ଅଙ୍ଗ) ଚାତକପକ୍ଷୀ; ଭ୍ରମର; ହରିଣ; ହସ୍ତୀ; ସିଂହ; ରାଜହଂସ; କୋକିଳ; କାମଦେବ; ମେଘ; ରାଗବିଶେଷ; ମୟୂର; ବୃକ୍ଷ; ପରିଚ୍ଛଦ; ପଦ୍ମ; ପୁଷ୍ପ; ଶଙ୍ଖ; ମଣି; ପୃଥିବୀ; ରାତ୍ରି; ଜ୍ୟୋତି; ଛତ୍ର । ନ. ବାଦ୍ୟଯନ୍ତ୍ରବିଶେଷ; ବସ୍ତ୍ର; ସ୍ୱର୍ଣ୍ଣ; ଧନୁକ; ଚନ୍ଦନ; କର୍ପୂର । ବିଂ. ନାନାବର୍ଣ୍ଣ; ଶବଳ, ଯଥା,

"ସାରଙ୍ଗବଦନୀ ସାରଙ୍ଗକୁ ଘେନି
ସାରଙ୍ଗରେ ଯାହା ଗାଉଥିଲା ।"

ସାରଙ୍ଗିକ, ବି. ପୁଂ. (ସାରଙ୍ଗ-ଇକ) ବ୍ୟାଧ ।

ସାରଣ, ବି. ନ. (ସାରି-ଅନ) ଦୋଷଶୁଦ୍ଧି; ଅପସରଣ, ଚାଳନ । ପୁଂ. ଅତିସାରରୋଗ; ରାବଣର ମନ୍ତ୍ରୀବିଶେଷ; ରାକ୍ଷସବିଶେଷ । ବି. ନ. ଦୋଷଶୁଦ୍ଧି; ଘୁଞ୍ଚାଇବା ।

ସାରଣି, ସାରଣୀ, ବି. ସ୍ତ୍ରୀ. (ସାରି-ଅନ) କ୍ଷୁଦ୍ରନଦୀ; (ଦେଶଜ) ଖେଳଣାବିଶେଷ, ଯଥା,

"ବୋଇଲେ ମୁ ତୁମ୍ଭ କଣା କଙ୍କର,
କରସାରଣି ପଶ ମୋତେ କର ।"

ବ. ଚି ।

ସାରତରୁ, ବି. ପୁଂ. (ସାର-ତରୁ) କଦଳୀବୃକ୍ଷ ।

ସାରଥି, ବି. ପୁଂ. ( ସ-ରଥ-ଇ ) ରଥାଦିଚାଳକ, ଯନ୍ତା; ସହାୟ ।

ସାରଥ୍ୟ, ବି. ନ. (ସାରଥି-ଯ) ସାହାଯ୍ୟ; ରଥାଦି ଚଳାଇବାର; ଯାନ ।

ସାରଦା. ବି. ସ୍ତ୍ରୀ. (ସାର-ଦା) ସରସ୍ୱତୀ; ଦୁର୍ଗା ।

ସାରଦ୍ରୁମ, ବି. ପୁଂ. ଖଦିରବୃକ୍ଷ ।

ସାରମେୟ, ବି. ପୁଂ. (ସରମା-ଏୟ) କୁକ୍କୁର ।

ସାରଲ୍ୟ, ବି. ନ. (ସରଳ-ଯ) ସରଳତା, ଅକାପଟ୍ୟ ।

ସାରସ, ବି. ପୁଂ. (ସରସ୍-ଅ) ହଂସ; ସ୍ୱନାମପ୍ରସିଦ୍ଧ ଜଳଚର ପକ୍ଷୀ, ଯଥା,

"ସୁଖେ ବସନ୍ତି ତହିଁ ହଂସ ସାରସ,
ବର୍ଷାଗମେ ମାନସେ ନାହିଁ ମାନସ ।"

ମେ. ଦୂ ।

ବି. ନ, ପଦ୍ମ; (ସ-ରସ-ଅ) ପୁଂ. ଚନ୍ଦ୍ର । ବିଂ. ସରୋବରସମ୍ବନ୍ଧୀୟ ।

ସାରସ୍ୱତ, ବି. ପୁଂ. (ସରସ୍ୱତୀ-ଅ) ଦିଲ୍ଲୀର ଉତ୍ତର ପଶ୍ଚିମସ୍ଥ ଦେଶବିଶେଷ; ସେହି ଦେଶୀୟ ବ୍ରାହ୍ମଣ; ମୁନିବିଶେଷ, କଥିତ ଅଛି ଏ ସରସ୍ୱତୀ ନଦୀରୁ ଉତ୍ପନ୍ନ ହୋଇଥିଲେ; ବଲ୍ୱଦଣ୍ଡ, ବେଲ ଗଛର ଯଷ୍ଟି; ବ୍ରହ୍ମାର ଦିନରୂପ କଳ୍ପବିଶେଷ; ବ୍ୟାକରଣବିଶେଷ । ବିଂ. ସରସ୍ୱତୀସମ୍ବନ୍ଧୀୟ; ବିଦ୍ୱାନ୍ ।

ସାରି, ସାରୀ, ବି. ସ୍ତ୍ରୀ. (ସାରି-ଇ) ସାଳିକ ପକ୍ଷିଣୀ; ପାଶକ ।

ସାରିବା, କ୍ରି. ବି. (ଦେଶଜ) ଶେଷ କରିବା, ଯଥା,

"ସାରି ଦେଲି ମୋର ଧରଣି ଗୁମାନ
ଠାରି ଦେଲି ସେତେବେଳେ ।"

ସାରୁ, ବି. (ଦେଶଜ) ମୂଳବିଶେଷ ।

ସାର୍ଥ, ବି. ପୁଂ. ( ସ-ଅର୍ଥ ) ସମୂହ; ସଙ୍ଗୀ, ସଙ୍ଗ; ଜନ୍ତୁସମୂହ; ବଣିକ୍‌ସମୂହ । ବିଂ. ଧନୀ, ଧନବାନ୍, ଧନାଢ୍ୟ; ଅର୍ଥଯୁକ୍ତ ।

ସାର୍ଥକ, ବିଂ. ( ସ-ଅର୍ଥ-କ ) ଅର୍ଥଯୁକ୍ତ; ସଫଳ; ଅନ୍ୱର୍ଥ; ବଣିକମାନଙ୍କର ଅଧିନାୟକ, ଯଥା,

"ନୟନ ନିମେଷବର୍ଜ୍ଜିତ କରି ରଚିଲେ ବିଧି,
ସାର୍ଥକ କଲୁ ଏ ବିଧିର ଗୁହ ଲାବଣ୍ୟନିଧି ।"

ଚ. ଶ୍ର ।

ସାର୍ଥ, ବିଂ. (ସ-ଅର୍ଥ) ଅର୍ଥସହିତ, ଅର୍ଥଯୁକ୍ତ ।

ସାର୍ବ, ବି. ପୁଂ. ( ସର୍ବ-ଅ ) ଜିନ, ବୁଦ୍ଧ । ବିଂ. ସର୍ବହିତକର; ସର୍ବସମ୍ବନ୍ଧୀୟ ।

ସାର୍ବକାଳିକ, ବିଂ. (ସର୍ବକାଳ-ଇକ) ଯାହା ସବୁ ସମୟରେ ହୁଏ ।

ସାର୍ବତ୍ରିକ, ବିଂ. (ସର୍ବତ୍ର-ଇକ) ସର୍ବତ୍ରବ୍ୟାପୀ, ସବୁ ସ୍ଥାନରେ ସ୍ଥିତ, ସର୍ବସ୍ଥାନ ଉପଯୁକ୍ତ ।

ସାର୍ବଭୌମ, ବି. ପୁଂ. ( ସର୍ବଭୂମି-ଅ ) ଉତ୍ତର ଦିଗ୍‌ଗଜ, କୁବେରହସ୍ତୀ; ସମ୍ରାଟ୍, ଚକ୍ରବର୍ତ୍ତୀ, ରାଜା, ସମୁଦାୟ ଭୂମିର ଅଧୀଶ୍ୱର । ବିଂ. ଜଗଦ୍‌ବ୍ୟାପୀ, ଜଗଦ୍ୱିଖ୍ୟାତ ।

ସାର୍ବଲୌକିକ, ବିଂ. (ସର୍ବଲୋକ-ଇକ) ସର୍ବଲୋକ ସମ୍ବନ୍ଧୀୟ; ସର୍ବଜନବିଦିତ; ସର୍ବତ୍ରପ୍ରସିଦ୍ଧ, ପୃଥିବୀର ସର୍ବତ୍ର ପରିଚିତ; ସର୍ବଶ୍ରେଷ୍ଠ ।

ସାଲନିର୍ଯ୍ୟାସ, ବି. ପୁଂ. (ସାଲ-ନିର୍ଯ୍ୟାସ) ସର୍ଜ୍ଜରସ, ଝୁଣା ।

ସାଲ, ଶାଲ, ଶାଳ, ବି. ପୁଂ. (ଶଲ୍-ବା ଶାଲ-ଅ) ମତ୍ସ୍ୟବିଶେଷ; ଶାଲିବାହନ ରାଜା; ପ୍ରାଚୀର; ବୃକ୍ଷ; ଅବ୍ଦ, ବର୍ଷ, ରୋମନିର୍ମିତ ବସ୍ତ୍ରବିଶେଷ ।

ସାଲସା, ବି. ଔଷଧବିଶେଷ ।

ସାଲିସ, ବି. (ଯାବନିକ) ରଫା କରିବା, ମିଳେଇବା ।

ସାବଧାନ, ବିଂ. (ସ-ଅବଧାନ) ଅବହିତ, ସତର୍କ, ମନୋଯୋଗୀ ।

ସାବଶେଷ, ବିଂ. (ସ-ଅବଶେଷ) ଅବଶିଷ୍ଟ; ଅସମ୍ପୂର୍ଣ୍ଣ ।

ସାବିତ୍ରୀ, ବି. ସ୍ତ୍ରୀ. (ସବିତୃ-ଅ-ଈ) ସତ୍ୟବାନ୍ ରାଜାର ପତ୍ନୀ, ଅଶ୍ୱପତି ରାଜାର କନ୍ୟା; ବେଦର ମନ୍ତ୍ରବିଶେଷ, ଗାୟତ୍ରୀ; ବ୍ରହ୍ମାର ପତ୍ନୀ; ସୂର୍ଯ୍ୟର ଅଧିଷ୍ଠାତ୍ରୀ ଦେବୀ; ଦୁର୍ଗା ।

ସାବିତ୍ରୀବ୍ରତ, ବି. ନ. ଜ୍ୟେଷ୍ଠ ମାସର କୃଷ୍ଣ ଚତୁର୍ଦ୍ଦଶୀରେ ସ୍ତ୍ରୀଲୋକମାନଙ୍କର କର୍ତ୍ତବ୍ୟ ବ୍ରତବିଶେଷ ।

ସାସ୍ନା, ବି. ସ୍ତ୍ରୀ. (ସସ୍-ନ-ଆ) ଗୋରୁର ଗଳକମ୍ବଳ ।

ସାହଙ୍କାର, ବି. (ସ-ଅହଙ୍କାର) ଅହଂକୃତ, ଗର୍ବିତ ।

ସାହଚର୍ଯ୍ୟ, ବି. ନ. (ସହଚର-ଯ) ସଙ୍ଗ, ସଂସର୍ଗ, ସହଚରତ୍ୱ; ସାମାନାଧିକରଣ୍ୟ, ଏକାଧରରେ ରହିବା ।

ସାହସ, ବି. ନ. (ସହସ-ଅ) ଅନ୍ତଃକରଣର ବିକ୍ରମ, ଉତ୍ସାହ; ନିର୍ଭୟ, ଭୟରହିତ; ଦ୍ୱେଷ; ଦଣ୍ଡ; ଅନୌଚିତ୍ୟ; ଦୁଷ୍କର୍ମ, ଅତ୍ୟାଚାର; ଦସ୍ୟୁବୃତ୍ତି; ସହସାକୃତକର୍ମ, ଅବିମୃଷ୍ୟକାରଣ । ପୁଂ. ଅଗ୍ନିବିଶେଷ; ଦଣ୍ଡ ।

ସାହସିକ, ସାହସୀ, ବିଂ. (ସାହସ-ଇନ୍) ସାହସକର୍ମକାରୀ, ଦସ୍ୟୁପ୍ରଭୃତି; ନିର୍ଭୀକ, ନିର୍ଭୟ ।

ସାହାଡା, ବି. (ଦେଶଜ) ବୃକ୍ଷବିଶେଷ ।

ସାହାଯ୍ୟକ, ସାହାଯ୍ୟ, ବି. ନ. (ସହାୟ-କ, ଯ) ଅନୁକୂଲ୍ୟ, ସହାୟତା ।

ସାହିତ୍ୟ, ବି. ନ. (ସହିତ ଯ) ସଂସର୍ଗ, ମିଳନ; ଶବ୍ଦଶାସ୍ତ୍ର; କାବ୍ୟଶାସ୍ତ୍ର; ସମ୍ବନ୍ଧବିଶେଷ, ଏକକ୍ରିୟାନ୍ୱୟିତ୍ୱ ।

ସାହି, ବି. (ସହ ଶବ୍ଦଜ) ପଲ୍ଲି ।

ସାହୁ, ବି. (ସାଧୁ ଶବ୍ଦଜ) ମହାଜନ, ଯଥା,

"ବାନ୍ଧିଲ ସାହୁ ଡାକିଲୁ ସେବକ,
ବୃକ୍ଷକୋଟେ ଲୁଚେ ହୀନ ଖାତକ ।"

ବେ. ବ ।

ସିଅ, ବି. (ଦେଶଜ) ଚେର ।

ସିଆଳ, ସିହାଳ, ବି. (ହିନ୍ଦୀ) କାଳୀ ।

ସିଆଣା, ସିହାଣା, ବିଂ. (ହିନ୍ଦୀ) ଚତୁର, ଯଥା,

"ଥାଣପଣେ ଜଣେ ସିହାଣ ଭଣ୍ଡରୁ
ଯାଇଲେ ସିହାଣ ଫେଇ ।"

ସିଂହ, ବି. ପୁଂ. (ହିନ୍ସ-ଅ) ମୃଗେନ୍ଦ୍ର, ପଶୁରାଜ; ପଞ୍ଚମରାଶି; (କୌଣସି ଶବ୍ଦର ପରେ ଥିଲେ) ଶ୍ରେଷ୍ଠ ।

ସିହଂକେଶର, ବି. ପୁଂ. (ସିଂହ-କେଶର) ବକୁଳବୃକ୍ଷ; ସିହଂ ଜଟା ।

ସିଂହଦ୍ୱାର, ବି. ନ. (ସିଂହ-ଦ୍ୱାର) ସିଂହମୂର୍ତ୍ତି ଚିହ୍ନିତ ପ୍ରବେଶଦ୍ୱାର, ଫାଟକ ।

ସିଂହଳ, ବି. ନ. (ସିଂହ-ଲା-ଅ) ଲଙ୍କାଦ୍ୱୀପ; ଟିନ୍; ପିତ୍ତଳ; ଦାରୁଚିନି ।

ସିଂହବାହିନୀ, ବି. ସ୍ତ୍ରୀ. (ସିଂହବହ୍-ଇନ୍-ଈ) ଦୁର୍ଗା, ଭଗବତୀ ।

ସିଂହାସନ, ବି. ନ. ( ସିଂହ-ଆସନ ) ସିଂହଚିହ୍ନିତ ଆସନ, ରାଜାସନ ।

ସିଂହିକା, ବି. ସ୍ତ୍ରୀ. ( ସିଂହୀ-କ ) ରାହୁମାତା, କଶ୍ୟପ-ପତ୍ନୀ ।

ସିଂହୀ, ବି. ସ୍ତ୍ରୀ. (ସିଂହ-ଈ) ସିଂହରପତ୍ନୀ, ସ୍ତ୍ରୀସିଂହ; ରାହୁମାତା; ବାର୍ତ୍ତାକୀଗଛ, ବାଇଗଣଗଛ; କଣ୍ଟକ-ବୃକ୍ଷବିଶେଷ ।

ସିକତା, ବି. ସ୍ତ୍ରୀ. (ସିକ୍-ଅତ-ଆ) ବାଲୁକାମୟ-ଦେଶ; ଯଥା,

"ଅକାଇ ସିକତା କୂଳେ ତରଙ୍ଗିତ ।"

ସିକତାମୟ, ବିଂ. (ସିକତା-ମୟ) ବାଲୁକାମୟ, ବାଲୁକାଯୁକ୍ତ । ବି. ନ. ବାଲୁକାମୟତଟ; ଦ୍ୱୀପ, ଯାହାର ଉପକୂଳ ବାଲୁକାମୟ ।

ସିକ୍ତ, ବିଂ. (ସିଚ୍-ତ) ଆର୍ଦ୍ରୀକୃତ; ଅଭିବୃଷ୍ଟ, ଯାହା ଉପରେ ଜଳ ବର୍ଷଣ ହୋଇଅଛି ।

ସିକ୍ଥ, ବି. ପୁଂ. (ସିଚ୍-ଥ) ଏକଗ୍ରାସ ଅନ୍ନ । ନ. ମହମ, ମହୁଝିଠା; ନୀଳବଟୀ ।

ସିଚୟ, ବି. ପୁଂ. (ସିଚି-ଅୟ) ବସ୍ତ୍ର, ଲୁଗା; ଜୀର୍ଣ୍ଣ-ବସ୍ତ୍ର ।

ସିଠା, ବି. (ଦେଶଜ) ଅସାର ।

ସିତ, ବି. ପୁଂ. (ସେ-ତ) ଶୁକ୍ଳବର୍ଣ୍ଣ; ଶୁକ୍ଳାଗ୍ରୀଷ୍ମ୍ୟ; ଶର, ବାଣ । ନ. ରୌପ୍ୟ; ଚନ୍ଦନ । ବିଂ. ଶୁକ୍ଳ-ବର୍ଣ୍ଣଯୁକ୍ତ, ଧଳା; ବଦ୍ଧ; ନଷ୍ଟ; ସମ୍ପନ୍ନ; ସମାପ୍ତ; ଜ୍ଞାତ ।

ସିତକର, ବି. ପୁଂ. (ସିତ-କର) ଚନ୍ଦ୍ର; କର୍ପୂର ।

ସିତଚ୍ଛଦ, ବି. ପୁଂ. (ସିତ-ଛଦ) ରାଜହଂସ; ହଂସ ।

ସିତଧାତୁ, ବି. ପୁଂ. (ସିତ-ଧାତୁ) କଠିନୀ, ଖଡ଼ି ।

ସିତପକ୍ଷ, ବି. ପୁଂ. (ସିତ-ପକ୍ଷ) ରାଜହଂସ; ହଂସ; ଶୁକ୍ଳପକ୍ଷ ।

ସିତମଣି, ବି. ପୁଂ. (ସିତ-ମଣି) ସ୍ଫଟିକମଣି; ଚନ୍ଦ୍ର-କାନ୍ତମଣି ।

ସିତରଞ୍ଜନ, ବି. ପୁଂ. (ସିତ-ରଞ୍ଜନ) ପୀତବର୍ଣ୍ଣ, ହରିଦ୍ରାବର୍ଣ୍ଣ, ହଳଦିଆ ।

ସିତଶିବ, ବି. ନ. (ସିତ-ଶିବ) ସୈନ୍ଧବଲବଣ ।

ସିତସିନ୍ଧୁ, ବି. ସ୍ତ୍ରୀ. (ସିତ-ସିନ୍ଧୁ) ଗଙ୍ଗା, ଜାହ୍ନବୀ ।

ସିତାଂଶୁ, ବି. ପୁଂ. (ସିତ-ଅଂଶୁ) ଚନ୍ଦ୍ର; କର୍ପୂର ।

ସିତା, ବି. ସ୍ତ୍ରୀ. (ସିତ-ଆ) ଶର୍କରା, ଚିନି, ଯଥା,

"ସେ ଭାରୁ ସ୍ୱାଦୁ ଅଛି କି ସୁଚ୍ଛନ୍ତ୍ର ବୁଧେ ।"

ଶ୍ୱେତଦୁର୍ବା; ଚନ୍ଦ୍ରିକା; ମଦ୍ୟ; ମଲ୍ଲିକା; ସୁନ୍ଦରୀ-କାମିନୀ ।

ସିତାନନ, ବି. ପୁଂ. (ସିତ-ଆନନ) ଗରୁଡ଼ ।

ସିତାପାଙ୍ଗ, ବି. ପୁଂ. (ସିତ-ଅପାଙ୍ଗ) ମୟୂର, ଶିଖୀ ।

ସିତାଭ୍ର, ପୁଂ.-ନ.<br>ସିତାଭ୍ରକ, ନ. } ବି. (ସିତ-ଅଭ୍ର, କ) କର୍ପୂର ।

ସିତକଣ୍ଠ, ବି. ପୁଂ. (ସିତ-କଣ୍ଠ) ନୀଳକଣ୍ଠ, ଶିବ; ମୟୂର ।

ସିତୋଦର, ବି. ପୁଂ. (ସିତ-ଉଦର) କୁବେର ।

ସିଦ୍ଧ, ବି. ପୁଂ. ( ସିଧ୍-ତ ) ଦେବଯୋନିବିଶେଷ; ମୁନି; କାଳତ୍ରୟଦର୍ଶୀ ମୁନି; ଯୋଗୀ; ବିଷ୍କମ୍ଭାଦି ଯୋଗର ଅନ୍ତର୍ଗତ ଯୋଗବିଶେଷ; ଐନ୍ଦ୍ର-ଜାଲିକ; ଔଷଧବୃକ୍ଷବିଶେଷ । ନ. ସୈନ୍ଧବ-ଲବଣ । ବି. ସମ୍ପନ୍ନ; ପକ୍ୱ; ଫଳିତ; ପ୍ରସିଦ୍ଧ; ବିସ୍ମୃତ; ପ୍ରମାଣୀକୃତ; ନିତ୍ୟ; ମୁକ୍ତ; ନିପୁଣ, ପାରଦର୍ଶୀ, କୃତବିଦ୍ୟ; ପ୍ରତିପନ୍ନ, ପ୍ରତିପାଦିତ; ପକ୍ୱ; ପ୍ରସ୍ତୁତ; ଦୀପ୍ତିଶୀଳ; ପରିଶୋଧିତ ।

ସିଦ୍ଧଗଙ୍ଗା, ସିଦ୍ଧସିନ୍ଧୁ, ବି. ସ୍ତ୍ରୀ. (ସିଦ୍ଧ-ଗଙ୍ଗା, ସିନ୍ଧୁ) ମନ୍ଦାକିନୀ, ସ୍ୱର୍ଗଗଙ୍ଗା; ଗଙ୍ଗା ।

ସିଦ୍ଧଦେବ, ବି. ପୁଂ. (ସିଦ୍ଧ-ଦେବ) ଶିବ, ମହାଦେବ ।

ସିଦ୍ଧବିଦ୍ୟା, ବି. ସ୍ତ୍ରୀ. କାଳୀ ତାରାପ୍ରଭୃତି ଦଶ ମହା-ବିଦ୍ୟା ।

**ସିଦ୍ଧସେନ**, ବି. ପୁଂ. ( ସିଦ୍ଧ-ସେନା ) କୁମାର, କାର୍ତ୍ତିକେୟ ।

**ସିଦ୍ଧାନ୍ତ**, ବି. ପୁଂ. ( ସିଦ୍ଧ-ଅନ୍ତ ) ପୂର୍ବପକ୍ଷ ନିରାଶପୂର୍ବକ ସିଦ୍ଧପକ୍ଷ ସ୍ଥାପନ, ମୀମାଂସା; ଜ୍ୟୋତିଷ ଶାସ୍ତ୍ରବିଶେଷ ।

**ସିଦ୍ଧାନ୍ତୀ**, ବି. ପୁଂ. (ସିଦ୍ଧାନ୍ତ-ଇନ୍) ମୀମାଂସା ଦର୍ଶନ ମତାବଲମ୍ବୀ; ସିଦ୍ଧାନ୍ତକାରୀ, ମୀମାଂସକ ।

**ସିଦ୍ଧାର୍ଥ**, ବି. ପୁଂ. (ସିଦ୍ଧ-ଅର୍ଥ) ଶ୍ୱେତସର୍ଷପ; ଜିନେ-ନର ପିତା; ବୁଦ୍ଧଦେବ; ପ୍ରସିଦ୍ଧାର୍ଥ; କୃତାର୍ଥ; ସିଦ୍ଧକାର୍ଯ୍ୟ ।

**ସିଦ୍ଧି**, ବି. ସ୍ତ୍ରୀ. (ସିଧ୍-ତି) ନିଷ୍ପତ୍ତି; ଫଲୋତ୍ପତ୍ତି, ସଫଳତା; ଯୋଗବିଶେଷ; ଶୁଭ; ମୁକ୍ତି, ମୋକ୍ଷ; ପାଦୁକା, ଯାହା ପାଦରେ ଦେଲେ ଇଚ୍ଛାମତ ଅନାୟାସରେ ସର୍ବତ୍ର ଗମନାଗମନ କରି ହୁଏ; ପୁରୁଷାର୍ଥ; ପାକ; ଐଶ୍ୱର୍ଯ୍ୟ; ବୃଦ୍ଧି; ଅନ୍ତର୍ଦ୍ଧାନ; ମାଦକଦ୍ରବ୍ୟବିଶେଷ, ଭାଙ୍ଗ; ଜ୍ଞାନ; ଶୁଦ୍ଧି; ଜୟଲାଭ; ପ୍ରଭାବସିଦ୍ଧି, ମନ୍ତ୍ରସିଦ୍ଧି, ଉତ୍ସାହସିଦ୍ଧି— ରାଜାମାନଙ୍କର ଏହି ତ୍ରିବିଧସିଦ୍ଧି; ଅଣିମାଦି ଅଷ୍ଟ ପ୍ରକାର ଐଶ୍ୱର୍ଯ୍ୟ ।

**ସିଦ୍ଧିଦ**, ବିଂ. (ସିଦ୍ଧି-ଦ) ସିଦ୍ଧିଦାତା ।

**ସିଦ୍ଧିଯୋଗ**, ବି. ପୁଂ. ଯୋଗବିଶେଷ, ଯେବେ ଶୁକ୍ରବାରେ ନନ୍ଦା, ବୁଧବାରେ ଭଦ୍ରା, ଶନିବାରେ ରିକ୍ତା, ମଙ୍ଗଳବାରେ ଜୟା ଏବଂ ଗୁରୁବାରରେ ପୂର୍ଣ୍ଣା ଯୁକ୍ତ ହୁଏ ତାହାକୁ ସିଦ୍ଧିଯୋଗ କହନ୍ତି ।

**ସିଦ୍ଧେଶ୍ୱରୀ**, ବି, ସ୍ତ୍ରୀ. ଦେବୀବିଶେଷ ।

**ସିଧା**, ବି. (ଦେଶଜ) ସଳଖ ।

**ସିଧ୍ୟ**, ବି. ପୁଂ (ସିଧ୍-ଯ) ପୁଷ୍ୟାନକ୍ଷତ୍ର ।

**ସିନା**, ଅଂ. ନିଶ୍ଚୟାର୍ଥ ବୋଧକ ଅବ୍ୟୟ, ଯଥା,

"ଭାସଙ୍ଗେ ଛନ୍ଦିଲା ତୁମ୍ଭଙ୍କୁ ସିନା ଝୁଲନ୍ତମାଣ ।"

ତ. ଭୂ ।

**ସିନ୍ଦୁକ**, ବି. (ଦେଶଜ) କାଷ୍ଠ ଶଞ୍ଜୁଷବିଶେଷ ।

**ସିନ୍ଦୂର**, ବି. ନ. (ସ୍ୟନ୍ଦ-ଉର) ରକ୍ତବର୍ଣ୍ଣ ଚୂର୍ଣ୍ଣବିଶେଷ; ବୃକ୍ଷବିଶେଷ, ଯଥା,

"ସନ୍ଧ୍ୟା ସିନ୍ଦୂର ସଙ୍ଗେ ହୋଇ ରଞ୍ଜିତ,
ଦଶିବ ନବ-ଜବାପ୍ରାୟେ ଲୋହିତ ।"

ମେ. ଦୂ ।

**ସିନ୍ଧି**, ଗୃହ ପ୍ରବେଶ ଇଚ୍ଛାରେ ଚୋରକୃତ କାନ୍ଥରେ ହୋଇଥିବା ଛିଦ୍ର ।

**ସିନ୍ଧୁ**, ବି. ପୁଂ. (ସ୍ୟନ୍ଦ-ଉ) ସମୁଦ୍ର, ସାଗର, ଯଥା,

"ସିନ୍ଧୁକୁ ମନ୍ଦର ଗିରି କଥବା ମନ୍ଥୁଛି ।"

ସିନ୍ଧୁ ନାମକ ନଦ; ସିନ୍ଧୁ ଦେଶ; ହସ୍ତୀ; ଗଜମଦ; ରାଗବିଶେଷ; କ୍ଷୁଦ୍ରବୃକ୍ଷବିଶେଷ । ପୁଂ. ସିନ୍ଧୁଦେଶବାସୀ । ସ୍ତ୍ରୀ. ନଦୀ ।

**ସିନ୍ଧୁଜ**, ବି. ନ. (ସିନ୍ଧୁ-ଜ) ସୈନ୍ଧବଲବଣ । ପୁଂ. ଚନ୍ଦ୍ର; ଉଚ୍ଚୈଃଶ୍ରବା । ବିଂ. ସମୁଦ୍ରଜାତ; ନଦୀଜାତ ।

**ସିନ୍ଧୁଜା**, ବି. ସ୍ତ୍ରୀ. (ସିନ୍ଧୁ-ଜା) ଲକ୍ଷ୍ମୀ ।

**ସିନ୍ଧୁର**, ବି. ପୁଂ. (ସିନ୍ଧୁ-ର) ହସ୍ତୀ, ଗଜ ।

**ସିଁଇବା**, କ୍ରି. (ସୀବନ ଶବ୍ଦଜ) ସୂଚୀକର୍ମ ।

**ସିରା**, ବି. ସ୍ତ୍ରୀ. (ସି-ରା) ନାଡ଼ୀ ।

**ସୀକର**, ବି. ପୁଂ. (ସିକ୍-ଅର) ଜଳକଣା, ଝିପିରି ପାଣିବର୍ଷଣ; ବାୟୁ, ଯଥା,

"ଭ୍ରମର ବଧୂ ମୋହ କନାଶ ଅସେ,
ସୀକରଶୀତ ବାୟୁ ପେଷିଲେ ପାଶେ ।"

କ. ବ ।

**ସୀତା**, ବି. ସ୍ତ୍ରୀ. (ସି-ତ-ଆ) ଲାଙ୍ଗଲପଦ୍ଧତି, ଲାଙ୍ଗଲଚିହ୍ନିତ ରେଖା; ବୈଦେହୀ, ରାମଚନ୍ଦ୍ରଙ୍କ ପତ୍ନୀ, ଜାନକୀ, ଯଜ୍ଞଭୂମି କର୍ଷଣ କାଳରେ ଏ ଲାଙ୍ଗଳ ମୁଖରେ ଉତ୍ପନ୍ନ ହୋଇଥିଲେ; ସ୍ୱର୍ଗଗଙ୍ଗାର ଶାଖାବିଶେଷ; ଲକ୍ଷ୍ମୀ; ଦୁର୍ଗା; ବନଦେବତାବିଶେଷ; ମଦ୍ୟ ।

**ସୀତାପତି**, ବି. ପୁଂ. (ସୀତା-ପତି) ରାମଚନ୍ଦ୍ର, ରଘୁନାଥ ।

**ସୀତ୍କାର**, ବି. ପୁଂ. (ସୀତ୍-କାର) ଅବ୍ୟକ୍ତ ମୁଖଶବ୍ଦବିଶେଷ ।

**ସୀମନ୍ତ**, ବି. ପୁଂ. (ସୀମନ୍-ଅନ୍ତ) କେଶବନ୍ଧ, ଯଥା,

"ରମ୍ୟ ଶିରୀଷେ ଶୋହେ ଶ୍ରବଣମୂଳ,
ସୀମନ୍ତେ ଶୋହେ ନବ କଦମ୍ବ ଫୁଲ ।"

ମେ. ଦୂ ।

ସୀମନ୍ତକ, ବି. ନ. ( ସୀମନ୍ତ-କ) ସିନ୍ଦୂର ।
ସୀମନ୍ତିନୀ, ବି. ସ୍ତ୍ରୀ. (ସୀମନ୍ତ-ଇନ୍-ଈ) ନାରୀ, ସ୍ତ୍ରୀ, ବଧୂ, ଯଥା,

"ଏହି ପ୍ରେମ ଯେବେ ଅନ୍ୟ ସୀମନ୍ତିନୀ,
ହେଲେ ପାରଥାନ୍ତା ସବୁ ବାଧା ଜିଣି ।

ନ. ବେ ।

ସୀମା, ବି. ପୁଂ. ( ସୀ-ମ-ଆ) ଅନ୍ତ, ଅବଧି; କ୍ଷେତ୍ର ।
ସୀମାନା, ବି. (ସୀମନ୍-ଶବ୍ଦଜ) ଅବଧି; ଗ୍ରାମାଦିର ନିର୍ଦ୍ଦିଷ୍ଟ ଅନ୍ତଭାଗ ।
ସୀର, ବି. ପୁଂ. (ସି-ର) ହଳ, ଲାଙ୍ଗଳ; ସୂର୍ଯ୍ୟ, ଯଥା,

"ମାଲକ୍ଷେତ୍ରକୁ ଯାଇ କର ପ୍ରୟାଣ,
ସୀର-କର୍ଷଣ-ଜାତ ମୃତ୍ତିକା ଘ୍ରାଣ ।"

ମେ ଦୂ ।

ସୀବନ, ବି. ନ. (ସୀବ୍-ଅନ) ତନ୍ତୁସନ୍ତାନ, ସୂଚୀକର୍ମ, ସିଇଁବା; ଲିଙ୍ଗାଗ୍ରଠାରୁ ଗୁହ୍ୟ ପର୍ଯ୍ୟନ୍ତ ।
ସୀସ, ସୀସକ, ସୀସପତ୍ରକ, ବି. ନ. (ସୀ-ସୋ-ଅ, କ) ସୀସାଧାତୁ ।
ସୁ, ଅ. (ସୁ-ଉ) ଉତ୍ତମ; ଶୋଭନ, ସୁନ୍ଦର; ଶୁଭ; ଅତିଶୟ, ଅତ୍ୟନ୍ତ; ଅନାୟାସ; ପୂଜା; ଉତ୍କର୍ଷ, ସୌନ୍ଦର୍ଯ୍ୟ; ସମୃଦ୍ଧି; କଷ୍ଟ; ହର୍ଷ; ଅନୁମତି । ବି. ପୁଂ. ପ୍ରସବ ।
ସୁଆଗ, ସୁହାଗ, ବି. (ଦେଶଜ) ଅତିଶୟ ସ୍ନେହ; ଆଦରକରଣ, ବାତ୍ସଲ୍ୟକରଣ, ଯଥା,

"ଶ୍ୟାମ ସୁନ୍ଦର ଶୁଣିଲା ସୁହାଗ ଲଗାଲା ।"

ସୁକନ୍ଦକ, ସୁକୁନ୍ଦକ, ବି. ପୁଂ (ସୁ-କନ୍ଦ, କ) ପଲାଣ୍ଡୁ, ପିଆଜ ।
ସୁକୁମାର, ବି. (ସୁ-କୁମାର) ଅତିମୃଦୁ, ଅତିକୋମଳ, ଅତିବାଳକ । ନ. ପୁଂ. ଶସ୍ୟବିଶେଷ; ବନଚମ୍ପକବିଶେଷ; ଏକଦୈତ୍ୟ, ଯଥା,

"କେଉଁଠାରୁ ଉପାଦାନେ ଅମରବନ୍ଧାଣୀ,
ସୁକୁମାର ଅଙ୍ଗ ଥିଲେ କ ନିର୍ମିଣି ।"

ନ. ବେ ।

ସୁକୁମାରୀ, ବି. (ସୁକୁମାର-ଈ) ଅତି କୋମଳା, ଯଥା,

"ବସି ଅଳ୍ପୋଦରୀ ସଂକଳ୍ପ-ଦୋଳାରେ,
ସୁକୁମାରୀ ଯାଉ ହେଉଥିଲା ମାରେ ।"

ନ. ବେ ।

ସୁକୁମାରବିଦ୍ୟା, ବି. ସ୍ତ୍ରୀ. (Polite learning) ସାହିତ୍ୟାଦି ଶାସ୍ତ୍ର ।
ସୁକୃତ, ବି. (ସୁ-କୃତ) ସୁକୃତକାରୀ, ପୁଣ୍ୟାତ୍ମା, ପୁଣ୍ୟବାନ୍, ଧାର୍ମିକ; ସୌଭାଗ୍ୟଶାଳୀ ।
ସୁକୃତ, ବି. ନ. (ସୁ-କୃତ) ପୁଣ୍ୟ, ଧର୍ମ; ଭାଗ୍ୟ; ଶୁଭ; ଦାନ, ପୁରସ୍କାର; ଦୟା, ବଦାନ୍ୟତା । ବିଂ. ପୁଣ୍ୟବାନ୍, ପୁଣ୍ୟାତ୍ମା, ଧାର୍ମିକ; ସୁନିର୍ମିତ, ସୁରକ୍ଷିତ; ଭାଗ୍ୟବାନ୍; ଯାହା ଉତ୍ତମରୂପରେ କରା ଯାଇଅଛି ।
ସୁକୃତି, ବି. ସ୍ତ୍ରୀ, (ସୁ-କୃତି) ସତ୍କର୍ମ, ପୁଣ୍ୟ, ଧର୍ମ; ଅଦୃଷ୍ଟ, ଭାଗ୍ୟ; ଶୁଭ ।
ସୁକୃତୀ, ବିଂ. (ସୁକୃତ-ଇନ୍) ଧାର୍ମିକ, ପୁଣ୍ୟବାନ୍; ଭାଗ୍ୟବାନ୍, ସୌଭାଗ୍ୟଶାଳୀ; ଶୁଭଯୁକ୍ତ ।
ସୁଖ, ବି. ନ. (ସୁ-ଖ) ପ୍ରୀତି, ହର୍ଷ, ଆନନ୍ଦ; ସ୍ୱର୍ଗ; ଜଳ । ବିଂ. ସୁଖଜନକ; ପ୍ରିୟ, ମନୋହର; ମଧୁର; ସୁଖୀ ।
ସୁଖକର, ବିଂ. (ସୁଖ-କର) ସୁଖଜନକ; ସୁସାଧ୍ୟ ।
ସୁଖଦ, ବିଂ. (ସୁଖ-ଦ) ସୁଖଦାୟକ, ସୁଖପ୍ରଦ ।
ସୁଖଦା, ବି. ସ୍ତ୍ରୀ. (ସୁଖ-ଦା) ସ୍ୱର୍ଗବେଶ୍ୟା ।
ସୁଖା, ବି. ସ୍ତ୍ରୀ. (ସୁଖ-ଆ) ବରୁଣପୁରୀ ।
ସୁଖାବହ, ବିଂ. (ସୁଖ-ଆ ବହ) ସୁଖଦାୟକ, ସୁଖଜନକ ।
ସୁଖୀ, ବିଂ. (ସୁଖ-ଇନ୍) ସୁଖବିଶିଷ୍ଟ, ପ୍ରୀତିମାନ୍, ସନ୍ତୁଷ୍ଟ । ପୁଂ. ଯତି ।
ସୁଖ୍ୟାତି, ବି. ସ୍ତ୍ରୀ, (ସୁ-ଖ୍ୟାତି) ପ୍ରଶଂସା, ଯଶଃ, ପ୍ରସିଦ୍ଧି ।
ସୁଗତି, ବି. ସ୍ତ୍ରୀ. ଉତ୍ତମଗତି ।
ସୁଗନ୍ଧ, ବି. ପୁଂ. (ସୁ-ଗନ୍ଧ) ଚନ୍ଦନବୃକ୍ଷ; ଉତ୍ତମଗନ୍ଧ; ଗନ୍ଧକ; ଗନ୍ଧବଣିକ୍ । ନ. ନୀଳୋତ୍ପଳ; ଚନ୍ଦନ; ଜୀରା । ବିଂ. ସଦ୍‌ଗନ୍ଧଯୁକ୍ତ, ଉତ୍ତମଗନ୍ଧବିଶିଷ୍ଟ ।
ସୁଗନ୍ଧା, ବି. ସ୍ତ୍ରୀ. (ସୁଗନ୍ଧ-ଆ) ତୁଳସୀ; ମଲ୍ଲିକା ।

ସୁଗନ୍ଧି, ବିଂ. (ସୁଗନ୍ଧ-ଇ) ସଦ୍‌ଗନ୍ଧଯୁକ୍ତ, ସୁରଭି; ଧାର୍ମିକ । ବି. ପୁଂ. ସହକାର । ନ. ସୁଗନ୍ଧ ଔଷଧ-ଦ୍ରବ୍ୟବିଶେଷ; ପିପ୍ପଳୀମୂଳ; ଗନ୍ଧତୃଣବିଶେଷ; ଧନ୍ୟାକ, ଧନିଆ ।

ସୁଗନ୍ଧିକ, ବି. ନ. (ସୁ-ଗନ୍ଧ-ଇକ) ଶ୍ୱେତପଦ୍ମ; ପଦ୍ମ-ମୂଳ; ଉଶୀର; ଝୁଣା; ଗନ୍ଧକ ।

ସୁଗମ, ବିଂ. ( ସୁ-ଗମ୍‌-ଅ ) ଅନାୟାସଲଭ୍ୟ; ସୁବୋଧ୍ୟ ।

ସୁଗ୍ରୀବ, ବି. ପୁଂ. (ସୁ-ଗ୍ରୀବା) କୃଷ୍ଣଙ୍କର ଅଶ୍ୱବିଶେଷ; ବାନରରାଜ; ରାଜହଂସ; ଶିବ; ଇନ୍ଦ୍ର; ହଂସ. ୧ମ ତୀର୍ଥଙ୍କରର ପିତା; ବୀର; ଜଳାଶୟ; ପର୍ବତବିଶେଷ; ଅସ୍ତ୍ରବିଶେଷ; ବାସୁକି । ବିଂ. ସୁନ୍ଦର ଗ୍ରୀବାଯୁକ୍ତ ।

ସୁଚାରୁ, ବିଂ. (ସୁ-ଚାରୁ) ଅତିଶୟ ମନୋହର, ଅତି ସୁନ୍ଦର ।

ସୁଚିତ୍ରକ, ବି. ପୁଂ. (ସୁ-ଚିତ୍ରକ) ମାଛରଙ୍କା ପକ୍ଷୀ; ଚିତ୍ରସର୍ପ, ଚିତସାପ ।

ସୁଜନ, ବିଂ. (ସୁ-ଜନ) ସଜ୍ଜନ, ଧାର୍ମିକ, ସାଧୁ, ଯଥା,

"କବୁଷଣ ଗୀତ ସୁଜନେ ଶୁଣ ।"

ବୈ. ବ ।

ସୁଜନତା, ବି. ସ୍ତ୍ରୀ. (ସୁଜନ-ତା) ସୌଜନ୍ୟ, ସାଧୁତା, ଭଦ୍ରତା ।

ସୁଜା, ବି (ଦେଶଜ) ଅସ୍ତ୍ରବିଶେଷ ।

ସୁଝିବା, କ୍ରି. (ଦେଶଜ) ପରିଶୋଧ କରିବା, ଯଥା,

"ପୁରୁଷ ହୋଇ ସୁଝିବ ଭାବେ ସ୍ୱଭାବେ ।"

ଲ. ବ ।

ସୁଡଙ୍ଗ, ବି. (ସୁରଙ୍ଗ-ଶବ୍ଦଜ) ସନ୍ଧି; ଗର୍ତ୍ତ, ଯଥା,

"ନଗରବେଢ଼େ ଫେଇ ସୁଡଙ୍ଗ ଦୁଆର,
ହୋଇ ବଉଳାକାସେ ସଉରୁ ବାହାର ।"

ନ. କେ ।

ସୁତ, ବି. ପୁଂ. (ସୁ-ତ) ପୁତ୍ର; ରାଜନନ୍ଦନ, ଯୁବରାଜ ।

ସୁତନୁ, ବିଂ. ( ସୁ-ତନୁ ) ଅତିଶୟକୃଶ; ସୁନ୍ଦରଦେହ । ନୂ. ନୂ. ସ୍ତ୍ରୀ. ଶୋଭନାଙ୍ଗୀ ସ୍ତ୍ରୀ, ସୁନ୍ଦରୀ ।

ସୁତା, ବି. ସ୍ତ୍ରୀ. ( ସୁତ-ଆ ) ଦୁହିତା, କନ୍ୟା । ବିଂ. ଉତ୍ପନ୍ନ; ସମ୍ଭୂତ; ନିଷ୍ପାଦିତ ।

ସୁତାତ୍ମଜ, ବି. ପୁଂ. (ସୁତ-ଆତ୍ମଜ) ପୌତ୍ର; ଦୌହିତ୍ର ।

ସୁତାତ୍ମଜା, ବି. ସ୍ତ୍ରୀ. ( ସୁତ-ଆତ୍ମଜା ) ପୌତ୍ରୀ; ଦୌହିତ୍ରୀ ।

ସୁତୀକ୍ଷ୍ଣ, ବି. ପୁଂ. (ସୁ-ତୀକ୍ଷ୍ଣ) ମୁନିବିଶେଷ । ବିଂ. ଅତି-ତୀକ୍ଷ୍ଣ; ଅତିଶୟ ଧାରୁଆ ।

ସୁତୁଙ୍ଗ, ବିଂ. (ସୁ-ତୁଙ୍ଗ) ଅତିଶୟ ଉଚ୍ଚ । ବି. ପୁଂ. ନାରିକେଳବୃକ୍ଷ ।

ସୁଦକ୍ଷିଣା, ବି. ସ୍ତ୍ରୀ. ଦିଲୀପରାଜାର ପତ୍ନୀ ।

ସୁଦର୍ଶନ, ବି. ପୁଂ. (ସୁ-ଦୃଶ୍‌-ଅନ) ବିଷ୍ଣୁର ଚକ୍ରନାମକ ଅସ୍ତ୍ର; ସୁମେରୁ; ଗୋଲପଲାମୁ; ବର୍ତ୍ତମାନକାଳ-ରେ ଅଷ୍ଟାଦଶ ଜୈନମୁନିର ପିତା; ଗୃଧ୍ର; ଶକୁନି । ବିଂ. ସୁନ୍ଦର, ସୁଦୃଶ୍ୟ, ଦେଖିବାକୁ ଉତ୍ତମ ।

ସୁଦର୍ଶନା, ବି. ସ୍ତ୍ରୀ. ଅମରାବତୀ, ଇନ୍ଦ୍ରପୁରୀ ।

ସୁଦାମା, ବି. ପୁଂ. (ସୁ-ଦାନ୍‌) ମେଘ; ପର୍ବତ; ସମୁଦ୍ର; ଐରାବତ; ଗୋପବିଶେଷ; ଏକ ବ୍ରାହ୍ମଣ, ଯାହାଙ୍କୁ ଶ୍ରୀକୃଷ୍ଣ ଧନୀ କରିଥିଲେ । ବିଂ. ଅତିଶୟଦାତା, ଉତ୍ତମଦାତା ।

ସୁଦୀର୍ଘ, ବିଂ. (ସୁ-ଦୀର୍ଘ) ଅତିଦୀର୍ଘ, ଅଧିକ ଲମ୍ବ ।

ସୁଦୂର, ବିଂ. (ସୁ-ଦୂର) ଅତି ଦୂରବର୍ତ୍ତୀ, ବହୁଦୂରସ୍ଥ । ବି. ନ. ବହୁଦୂର ।

ସୁଦୂରପରାହତ, ବିଂ. (ସୁଦୂର-ପରାହତ) ଅତିଦୂରରେ ନିରାକୃତ, ଏକାନ୍ତ ନିରସ୍ତ ।

ସୁଦୃଢ଼, ବିଂ. (ସୁ-ଦୃଢ଼) ଅତିଦୃଢ଼, ବଡ଼ କଠିନ ।

ସୁଦୃଶ୍ୟ, ବିଂ. (ସୁ-ଦୃଶ୍‌-ଯ) ସୁନ୍ଦର, ଦେଖିବାକୁ ସୁଶ୍ରୀ ।

ସୁଧା, ବି. ସ୍ତ୍ରୀ. (ସୁ-ଧା-ଆ) ଅମୃତ, ଯଥା,

"ଶୁଭ ଅଛ ଶୁଣ-ବାର ବଦନରୁ,
ସୁଧାଧାର ଯେହ୍ନେ ସୁଧାକରଣରୁ ।"

ନ. କେ ।

ଚୂନ; ପୁଷ୍ପରସ; ଜଳ; ଇଷ୍ଟକ; ଗଙ୍ଗା; ହରିତକୀ ।

ସୁଧାଂଶୁ, ସୁଧାକର, ସୁଧାଙ୍ଗ, } ବି. ପୁଂ. ( ସୁଧା-ଅଂଶୁ, ଅକର, ଅଙ୍ଗ) ଚନ୍ଦ୍ର, ଶଶୀ, ଯଥା,

"ଜଗତ ଜୟିକ ସୁଧାଂଶୁ ଭପକ
କିରଣର ଗଢ଼ ଯାଏ ଯେତେଦୂର ।"

କ. ବ ।

ସୁଧାଂଶୁରତ୍ନ, ବି. ନ. ( ସୁଧାଂଶୁ-ରତ୍ନ ) ମୌକ୍ତିକ, ମୁକ୍ତା ।

ସୁଧାଜୀବୀ, ବି. ପୁଂ. (ସୁଧା-ଜୀବୀ) ରାଜମିସ୍ତ୍ରୀ ।

ସୁଧାଧାର, ସୁଧାନିଧି, ବି. ପୁଂ. (ସୁଧା-ଆଧାର, ନିଧି) ଚନ୍ଦ୍ର, ଶଶୀ ।

ସୁଧାପାଣି, ବି. ପୁଂ. (ସୁଧା-ପାଣି) ଧନ୍ୱନ୍ତରି, ଦେବଚିକିତ୍ସକ ।

ସୁଧାମୟ, ବିଂ. (ସୁଧା-ମୟ) ଅମୃତମୟ; ଚୂର୍ଣ୍ଣମୟ । ବି. ପୁଂ. ପ୍ରାସାଦ, ଅଟ୍ଟାଳିକା ।

ସୁଧାସୂତି, ବି. ପୁଂ. (ସୁଧା-ସୂତି) ଚନ୍ଦ୍ର; ଯଜ୍ଞ; ପଦ୍ମ ।

ସୁଧାସ୍ରବା, ବି. ସ୍ତ୍ରୀ. (ସୁଧା-ସ୍ରୁ-ଅ, ଆ) ଘଣ୍ଟିକା ।

ସୁଧୀ, ବି. ପୁଂ. ( ସୁ-ଧୀ ) ପଣ୍ଡିତ, ବିଦ୍ୱାନ୍, ସାତିଶୟ ବୁଦ୍ଧିମାନ୍ । ସ୍ତ୍ରୀ. ସୁନ୍ଦରବୁଦ୍ଧି । ବିଂ. ସୁବୁଦ୍ଧି ।

ସୁନନ୍ଦ, ବି. ନ. (ସୁ-ନନ୍ଦ-ଅ) ବଳରାମଙ୍କର ମୂଷଳ । ବିଂ. ଆନନ୍ଦଜନକ, ଆନନ୍ଦଦାୟକ ।

ସୁନନ୍ଦା, ବି. ସ୍ତ୍ରୀ. ( ସୁ-ନନ୍ଦ-ଆ ) ଉମାସଖୀ-ବିଶେଷ; ଇନ୍ଦୁମତୀରସଖୀ; ପାର୍ବତୀ; ନାରୀ; ଗୋରଚନା ।

ସୁନୟନ, ବି. ପୁଂ. (ସୁ-ନୟନ) ହରିଣ, ମୃଗ ।

ସୁନୟନା, ବି. ସ୍ତ୍ରୀ. ସୁନେତ୍ରାନାରୀ ।

ସୁନା, ବି. ନ. (ସ୍ୱର୍ଣ୍ଣ ଶବ୍ଦଜ) ସୁବର୍ଣ୍ଣ, କାଞ୍ଚନ ।

ସୁନାଭ, ବି. ପୁଂ. ( ସୁ-ନାଭି ) ମୈନାକପର୍ବତ, ହିମାଳୟର ପୁତ୍ର । ବିଂ. ନାଭିବିଶିଷ୍ଟ ।

ସୁନାମକେଇ, ବି. (ଦେଶଜ) ଭେଦକଦ୍ରବ୍ୟବିଶେଷ, ମଳନିଃସାରକ ଔଷଧବିଶେଷ ।

ସୁନାରି, ବି. ( ସ୍ୱର୍ଣ୍ଣକାର ଶବ୍ଦଜ ) ବଣିଆ, ସ୍ୱର୍ଣ୍ଣକାର ଜାତିବିଶେଷ; ( ଦେଶଜ ) ବୃକ୍ଷବିଶେଷ; ( ସୁ-ନାରୀ) ଉତ୍ତମା ସ୍ତ୍ରୀ, ଯଥା,

> "ଦେଶରେ ସୁନାରି ବଶେଷେ ସୁନାରି
> ଏଦେଶରେ ବାସ କରନ୍ତି ।"
>
> ଲ. ବ ।

ସୁନାସୀର, ବି. ପୁଂ. (ସୁ-ନାସୀର) ଇନ୍ଦ୍ର, ଦେବରାଜ, ଯଥା,

> "ବାଜିଲେ ଯୋଗୀ ମାନସ-ମୃଗସୁନାସୀର ।"
>
> ବ, ବ ।

ସୁନିଆ, ବି. ( ଦେଶଜ ) ଭାଦ୍ରମାସର ଶୁକ୍ଳଦ୍ୱାଦଶୀ, ଉତ୍କଳୀୟ ରାଜାଙ୍କର ଅଙ୍କ ପରିବର୍ତ୍ତନର ପ୍ରଥମ ଦିବସ; ସ୍ୱର୍ଣ୍ଣମୁଦ୍ରା, ଯଥା,

> "ସୁନିଆ ଧନ ଗଣି ଦେଲା ।"

ସୁନିଶ୍ଚିତ, ବିଂ. (ସୁ-ନିଶ୍ଚିତ) ଅବଧାରିତ, ସ୍ଥିରୀକୃତ । ବି. ପୁଂ. ବୁଦ୍ଧବିଶେଷ ।

ସୁନୁସୁନିଆଁ, ବି. (ଦେଶଜ) ଶାକବିଶେଷ ।

ସୁନ୍ଦର, ବିଂ. (ସୁ-ଦୃ-ଅ) ମନୋହର, ରମ୍ୟ, ସୁରୂପ । ବି. ପୁଂ. କାମଦେବ ।

ସୁନ୍ଦରୀ, ବି. ସ୍ତ୍ରୀ. (ସୁ-ଦୃ-ଈ) ସୁରୂପା ସ୍ତ୍ରୀ, ଯଥା,

> "ଜଳେ କ୍ରୀଡନ୍ତି ତହିଁ କେତେ ସୁନ୍ଦରୀ,
> ଗାଲ ଭମାଲେ ଯେଉଁ ସ୍ୱର୍ଣ୍ଣ ବଲ୍ଲରୀ ।"
>
> ମେ. ଦୂ ।

ବୃକ୍ଷବିଶେଷ; ଛନ୍ଦୋବିଶେଷ; ହରିଦ୍ରା ।

ସୁପକ୍ୱ, ବିଂ. (ସୁ-ପକ୍ୱ) ଉତ୍ତମ ପରିପକ୍ୱ, ସୁପରିଣତ; ସୁସିଦ୍ଧ । ବି. ପୁଂ. ସୁଗନ୍ଧି ଅମ୍ର ।

ସୁପର୍ବ, ବି. ନ. (ସୁ-ପର୍ବ) ଦେବଜପର୍ବ । ବିଂ. ସୁନ୍ଦରପର୍ବଯୁକ୍ତ; ସୁନ୍ଦରପକ୍ଷଯୁକ୍ତ; ସୁନ୍ଦରବାହନଯୁକ୍ତ । ଏ୍ରୀ; ସ୍ତ୍ରୀ. ରୁଦ୍ରଜଟା; ଶତାବରୀ; ଶାଳପର୍ଣ୍ଣୀ ।

ସୁପଥ, ବି. ପୁଂ. (ସୁ-ପଥ) ସୁନ୍ଦରପଥ, ସନ୍ମାର୍ଗ; ସଦାଚାର; ସୁଶୀଳ ।

ସୁପଦ୍ମା, ବି. ସ୍ତ୍ରୀ. ଔଷଧିବିଶେଷ, ବଚ ।

ସୁପର୍ଣ୍ଣ, ବି. ପୁଂ. ( ସୁ-ପର୍ଣ୍ଣ ) ଗରୁଡ଼; କୁକ୍କୁଟ; ସ୍ୱର୍ଣ୍ଣଚୂଡ଼ପକ୍ଷୀ । ବିଂ. ସୁନ୍ଦରପର୍ଣ୍ଣଯୁକ୍ତ; ର୍ଣ୍ଣୀ, ର୍ଣ୍ଣୀ, ସ୍ତ୍ରୀ. ପଦ୍ମିନୀ; ବିନତା, ଗରୁଡ଼ ମାତା ।

ସୁପର୍ଣ୍ଣକେତୁ, ବି. ପୁଂ. (ସୁପର୍ଣ୍ଣ-କେତୁ) ଗରୁଡ଼ଧ୍ୱଜ, ବିଷ୍ଣୁ ।

ସୁପାତ୍ର, ବି. ପୁଂ. ( ସୁ-ପାତ୍ର ) ଯୋଗ୍ୟ ବ୍ୟକ୍ତି, ଉପଯୁକ୍ତପାତ୍ର; ଉତ୍ତମ ଭାଜନ ।

ସୁପାରି, ବି. (ହିନ୍ଦୀ) ଗୁବାକଫଳ, ଗୁଆ ।

ସୁପାରିସ, ବି. (ଯାବନିକ) ଉପରୋଧ, ଅନୁରୋଧ ।

ସୁପୁଷ୍ପ, ବି. ପୁଂ. (ସୁ-ପୁଷ୍ପ) ଶିରୀଷବୃକ୍ଷ । ନ. ଲବଙ୍ଗ; ହରିଦ୍ରା । ସ୍ତ୍ରୀ-ସ୍ତ୍ରୀ. କଦଳୀ; ପୁଷ୍ପବିଶେଷ ।

**ସୁପ୍ତ**, ବି. କ୍ଲୀ. (ସ୍ୱପ-ତ) ନିଦ୍ରା; ଶୟନ । ବିଂ. ନିଦ୍ରିତ; ଶୟିତ; ଇନ୍ଦ୍ରିୟଜ୍ଞାନଶୂନ୍ୟ, ଯଥା,

"ସୁପ୍ତରେଣୁ ଦେଖି ଯେବେ ସ୍ୱର୍ଗୀୟ ସ୍ୱପନ ।"

ବ. ବ ।

**ସୁପ୍ତଜ୍ଞାନ**, ବି. କ୍ଲୀ. (ସୁପ୍ତ-ଜ୍ଞାନ) ସ୍ୱପ୍ନ, ସ୍ୱପନ ।

**ସୁପ୍ତି**, ବି. ସ୍ତ୍ରୀ. (ସ୍ୱପ-ତି) ନିଦ୍ରା, ଶୟନ; ସ୍ୱପ୍ନ; ବିଶ୍ୱାସ ।

**ସୁପ୍ରତିଭା**, ବି. ସ୍ତ୍ରୀ. ମଦିରା, ମଦ; ଉଜ୍ଜ୍ୱଳବୁଦ୍ଧି ।

**ସୁପ୍ରତିଷ୍ଠା**, ବି. ସ୍ତ୍ରୀ. (ସୁ-ପ୍ରତିଷ୍ଠା) ଦେବୋଦ୍ଦେଶରେ ମନ୍ଦିରାଦି ବିଧାନ; ଯଶଃ, ଖ୍ୟାତି; ଛନ୍ଦୋବିଶେଷ ।

**ସୁପ୍ରତୀକ**, ବି. ପୁଂ. ( ସୁ-ପ୍ରତୀକ ) ଈଶାନ କୋଣର ହସ୍ତୀ । ବିଂ. ଶୋଭନାଙ୍ଗ, ସୁନ୍ଦରରୂପରେ ନିର୍ମିତ ।

**ସୁପ୍ରଣୀତ**, ବିଂ. ଉତ୍ତମରୂପରେ ଜ୍ଞାତ; ସାତିଶୟ ପ୍ରସିଦ୍ଧ, ସୁସ୍ପଷ୍ଟ ପ୍ରମାଣୀଭୂତ ।

**ସୁପ୍ରଭ**, ବିଂ. (ସୁ-ପ୍ରଭା) ସୁନ୍ଦର ପ୍ରଭାଯୁକ୍ତ । ଭା-ସ୍ତ୍ରୀ. ଦୀପ୍ତି ।

**ସୁପ୍ରଭାତ**, ବି. କ୍ଲୀ. (ସୁ-ପ୍ରଭାତ) ଶୁଭସୂଚକ ପ୍ରାତଃକାଳ । ବିଂ. ସାତିଶୟ ଦୀପ୍ତିବିଶିଷ୍ଟ ।

**ସୁପ୍ରଲାପ**, ବି. ପୁଂ. (ସୁ-ପ୍ରଲାପ) ସୂକ୍ତି, ସୁବଚନ, ବକ୍ତୃତା, ବାଗ୍ମିତା ।

**ସୁପ୍ରସନ୍ନ**, ବିଂ. (ସୁ-ପ୍ରସନ୍ନ) ସାତିଶୟ ପ୍ରସନ୍ନ । ବି. ପୁଂ. କୁବେର ।

**ସୁପ୍ରସାଦ**, ବି. ପୁଂ. (ସୁ-ପ୍ରସାଦ) ଶିବ; ସାତିଶୟ ପ୍ରସନ୍ନତା, ଏକାନ୍ତ ଅନୁକୂଳତା ।

**ସୁଫଳ**, ବି. ପୁଂ. (ସୁ-ଫଳ) ବିଲ୍ୱ, ବେଲ; ଡାଳିମ୍ବ । ବିଂ. ଉତ୍କୃଷ୍ଟ ଫଳଶାଳୀ, ସୁନ୍ଦର ସୁମିଷ୍ଟ ଫଳୋତ୍ପାଦକ । ଳା; ସ୍ତ୍ରୀ. ଲାଉ; କଦଳୀ; କପିତ୍ଥ ।

**ସୁବିଧା**, ଅ. (ସୁ-ବିଧା) ଉତ୍ତମପ୍ରକାର, ସୁଯୋଗ ।

**ସୁବୁଦ୍ଧି**, ବିଂ. (ସୁ-ବୁଦ୍ଧି) ଉତ୍ତମ ବୁଦ୍ଧିଶାଳୀ ।

**ସୁବେ**, ବି. (ଯାବନିକ) ସନ୍ଦେହ ।

**ସୁବୋଧ**, ବିଂ. ( ସୁ-ବୋଧ ) ଉତ୍ତମ ବୁଦ୍ଧିଶାଳୀ, ସାତିଶୟ ବୁଦ୍ଧିମାନ୍; ଯାହା ଅନାୟାସରେ ବୁଝା ଯାଏ; ଯେ ଶୀଘ୍ର ବୁଝି ପାରେ । ବି. ପୁଂ. ଜ୍ଞାନ; ଜାଗରଣ ।

**ସୁଭଗ**, ବିଂ ( ସୁ-ଭଗ ) ସୁନ୍ଦର, ଲୋଚନାନନ୍ଦଦାୟକ, ଯାହାକୁ ସ୍ତ୍ରୀମାନେ କାମନା କରନ୍ତି; ପ୍ରିୟ; ସୌଭାଗ୍ୟଶାଳୀ, ଭାଗ୍ୟବାନ୍; ସୁଖଦ; ସୋହାଗା; ଅଶୋକବୃକ୍ଷ; ରମ୍ଭକ । ସ୍ତ୍ରୀ. ସ୍ୱାମୀର ସୁହାଗିନୀ ସ୍ତ୍ରୀ. ବନମଲ୍ଲିକା; ହରିଦ୍ରା; ନୀଳଦୁବା; ପ୍ରିୟଙ୍ଗୁ; କସ୍ତୁରୀ; ତୁଳସୀ; ସୁବର୍ଣ୍ଣକଦଳୀ ।

**ସୁଭଙ୍ଗ**, ବି. ପୁଂ. (ସୁ-ଭଙ୍ଗ) ନାରିକେଳବୃକ୍ଷ ।

**ସୁଭଦ୍ର**, ବିଂ. ( ସୁ-ଭଦ୍ର ) ସୌଭାଗ୍ୟବିଶିଷ୍ଟ, ଉତ୍ତମ; ଅତିଶୟ ମଙ୍ଗଳଯୁକ୍ତ । ବି. ପୁଂ. ବିଷ୍ଣୁ; ନୃପତିବିଶେଷ ।

**ସୁଭଦ୍ରା**, ବି. ସ୍ତ୍ରୀ. ( ସୁଭଦ୍ର-ଆ ) କୃଷ୍ଣଙ୍କର ଭଗିନୀ, ଅର୍ଜ୍ଜୁନଙ୍କ ପତ୍ନୀ, ଯଥା,

"ସୁଭଦ୍ରାର କଥା ଜଗତେ ବିଦିତ,
ପ୍ରେମବଳେ ସିନା ଲଭିଲା ଦୟିତ ।"

କ. କେ ।

ଲତାବିଶେଷ, ଶ୍ୱେତମନ୍ଦାରବୃକ୍ଷ ।

**ସୁଭାଷିତ**, ବିଂ. (ସୁ-ଭାଷା-ଇତ) ଉତ୍ତମରୂପେ କଥିତ । ବି. କ୍ଲୀ, ସୂକ୍ତି, ସୁବଚନ ।

**ସୁମ**, ବି. କ୍ଲୀ. ( ସୁ-ମା ) ପୁଷ୍ପ, କୁସୁମ । ପୁଂ. ଚନ୍ଦ୍ର; ଆକାଶ ।

**ସୁମତ**, ବିଂ. ( ସୁ-ମନ୍-ତ ) ସୁବୁଦ୍ଧିଶାଳୀ; ବନ୍ଧୁତ୍ୱବିଶିଷ୍ଟ; ପ୍ରିୟ ।

**ସୁମତି**, ବି. ସ୍ତ୍ରୀ. ( ସୁ-ମତି ) ସୁବୁଦ୍ଧି; ଦୟା; ବନ୍ଧୁତ୍ୱ; ବର୍ତ୍ତମାନ କଳ୍ପରେ ୫ମ ଜୈନମୁନି ।

**ସୁମଦାତ୍ମଜା**, ବି. ସ୍ତ୍ରୀ. ( ସୁ-ମଦ-ଆତ୍ମଜା ) ଅପ୍ସରା, ସ୍ୱର୍ଗବେଶ୍ୟା ।

**ସୁମଧୁର**, ବିଂ. (ସୁ-ମଧୁର ) ଅତିମଧୁର, ଅତିଶୟ ମିଷ୍ଟ ।

**ସୁମଧ୍ୟମ**, ବିଂ. (ସୁ-ମଧ୍ୟମ) ଉତ୍ତମକଟିଯୁକ୍ତ, ଯାହାର କଟିଦେଶ ଉତ୍ତମ ।

**ସୁମଧ୍ୟମା**, ବି. ସ୍ତ୍ରୀ. ( ସୁ-ମଧ୍ୟମା ) ଯେଉଁ ସ୍ତ୍ରୀର କଟିଦେଶ ଉତ୍ତମ; ୧୬ ବର୍ଷ ବୟସ୍କା କନ୍ୟା, ଯଥା,

"ସୁମଧ୍ୟମା ତୁମ୍ଭେ ସିଞ୍ଚ ଘଟର ସଲିଳ ।"

ସୁମନ, ବି. ପୁଂ. ( ସୁ-ମନ୍-ଅ ) ଗୋଧୂମ, ଗହମ; ଧୁସ୍ତୁର । ବିଂ. ମନୋହର । ନା-ସ୍ତ୍ରୀ. ଜାତିପୁଷ୍ପ ବୃକ୍ଷ ।

ସୁମନାଃ, ବି. ପୁଂ. ( ସୁ-ମନସ୍ ) ଦେବତା; ବିଦ୍ୱାନ୍; ବିଲ୍ୱବୃକ୍ଷ । ବିଂ. ମହାମନାଃ; ପ୍ରୀତ, ସନ୍ତୁଷ୍ଟ; ସୁଧୀ, ପଣ୍ଡିତ । ନ. ସ୍ତ୍ରୀ. ପୁଷ୍ପମାଳା; ମାଳତୀ-ପୁଷ୍ପ ।

ସୁମନ୍ତ୍ର, ବି. ପୁଂ. (ସୁ-ମନ୍ତ୍ର) ଦଶରଥରାଜାର ସାରଥି ଓ ମନ୍ତ୍ରୀ ।

ସୁମରିବା, କ୍ରି. ( ସ୍ମରଣ ଶବ୍ଦଜ ) ସ୍ମରଣ କରିବା, ମନେ କରିବା ।

ସୁମାର, ବି. (ଯାବନିକ) ସଂଖ୍ୟା କରିବାର ।

ସୁମିତ୍ରା, ବି. ସ୍ତ୍ରୀ. ( ସୁ-ମିତ୍ର-ଆ ) ଦଶରଥଙ୍କ କନିଷ୍ଠା ରାଣୀ, ଲକ୍ଷ୍ମଣ ଓ ଶତ୍ରୁଘ୍ନଙ୍କ ମାତା ।

ସୁମୁଖ, ବି. ପୁଂ. (ସୁ-ମୁଖ) ଗରୁଡ଼ପୁତ୍ର; ଗଣେଶ; ପଣ୍ଡିତ, ଅଧ୍ୟାପକ; ନାଗବିଶେଷ । ନ. ନଖ-କ୍ଷତବିଶେଷ । ବିଂ. ସୁନ୍ଦର, ମନୋଜ୍ଞ; ବିଦ୍ୱାନ୍; ସୁନ୍ଦରମୁଖଯୁକ୍ତ ।

ସୁମେଧାଃ, ବିଂ. (ସୁ-ମେଧା-ଅସ୍) ସୁବୁଦ୍ଧି, ଉତ୍ତମ ବୁଦ୍ଧିସମ୍ପନ୍ନ ।

ସୁମେରୁ, ବି. ପୁଂ. (ସୁ-ମି-ରୁ) ପୃଥିବୀର ମଧ୍ୟସ୍ଥ ପର୍ବତବିଶେଷ; ପୃଥିବୀର ଉତ୍ତରପ୍ରାନ୍ତ; ଜପା-ମାଳାର ମଧ୍ୟସ୍ଥ ମାଳି । ବିଂ. ସର୍ବଶେଷ ।

ସୁମେରୁବୃତ୍ତ, ( Arctic Circle ) ଉତ୍ତର ମେରୁଠାରୁ ୨୩୩ ଅକ୍ଷାଂଶ ଅନ୍ତରରେ ସ୍ଥିତ ରେଖା ।

ସୁମେରୁସମୁଦ୍ର, ( Arctic Ocean ) ପୃଥିବୀର ଉତ୍ତର ମେରୁର ଚତୁଷ୍ପାର୍ଶ୍ୱବର୍ତ୍ତୀ ସମୁଦ୍ର ।

ସୁଯୋଗ, ବି. ନ. (ସୁ-ଯୋଗ) ସୁସମୟ; ସଦୁପାୟ ।

ସୁର, ବି. ପୁଂ. (ସୁ-ର) ସୂର୍ଯ୍ୟ; ପଣ୍ଡିତ; ଦେବତା, ଯଥା,

> "ହେମଘନାସନେ ବସି ସୁରଗଣେ,
> କ୍ଷେପିଲେ କୁସୁମ ଅବନୀ କେଣେ ।"
>
> କ. ବ ।

ସୁରକ୍ତ, ବିଂ (ସୁ-ରନ୍ଜ୍-ତ) ଅତିଶୟ ଅନୁରକ୍ତ; ଉ-ତ୍ତମରୂପେ ରଞ୍ଜିତ; ଅତି ସୁଶ୍ରାବ୍ୟ, ଅତିଶୟ ମଧୁର କଣ୍ଠଧ୍ୱନି ଯାହାର ।

ସୁରଗୁରୁ, ବି. ପୁଂ. (ସୁର-ଗୁରୁ) ବୃହସ୍ପତି, ଦେବା-ଚାର୍ଯ୍ୟ ।

ସୁରଗ୍ରାମଣୀ, ବି. ପୁଂ. (ସୁର-ଗ୍ରାମଣୀ) ଇନ୍ଦ୍ର, ଦେବ-ରାଜ ।

ସୁରଙ୍ଗ, ବି. ନ. (ସୁ-ରଙ୍ଗ) ହିଙ୍ଗୁଳ । ପୁଂ. ସୁଡଙ୍ଗ; ଅତି ଉଜ୍ଜ୍ୱଳ ରଙ୍ଗ; କମଳାଲେମ୍ବୁ ।

ସୁରଞ୍ଜନ, ବି. ପୁଂ. (ସୁ-ରଞ୍ଜନ) ଗୁବାକ ବୃକ୍ଷ, ଗୁଆ-ଗଛ ।

ସୁରତ, ବି. ନ. (ସୁ-ରମ୍-ତ) ରମଣ, ରତିକ୍ରୀଡା ।

> "ଯେ ରଜନୀ ସଜନୀ ମୋହ ସଙ୍ଗତେ
> ବଳାସେ ବଞ୍ଚୁଥିଲା ଇଚ୍ଛା ସୁରତେ ।"
>
> ମେ. ଦୂ ।

ବିଂ. ଅତି ଅନୁରକ୍ତ; ଦୟାଳୁ, ଯଥା,

ସୁରଥ, ବି. ପୁଂ. ଚନ୍ଦ୍ରବଂଶୀୟ ନୃପବିଶେଷ । ବିଂ. ଉତ୍ତମ ରଥଯୁକ୍ତ ।

ସୁରଦାରୁ, ବି. ପୁଂ. (ସୁର-ଦାରୁ) ଦେବଦାରୁ ବୃକ୍ଷ ।

ସୁରଧନୁ, ବି. ନ. (ସୁର-ଧନୁ) ଶକ୍ରଧନୁ, ରାମଧନୁ ।

ସୁରଧୁନୀ, ସରନଦୀ, ସୁରନିମ୍ନଗା, } ବି. ସ୍ତ୍ରୀ. (ସୁର-ଧୁନୀ, ନିମ୍ନଗା) ଦେବନଦୀ, ଗଙ୍ଗା ।

ସୁରପତି, ବି. ପୁ. (ସୁର-ପତି) ଦେବରାଜ, ଇନ୍ଦ୍ର ।

ସୁରପଥ, ବି. ନ. (ସୁର-ପଥ) ଆକାଶ ।

ସୁରପର୍ଣ୍ଣିକା, ବି. ସ୍ତ୍ରୀ. (ସୁର-ପର୍ଣ୍ଣି-କ) ପୁନ୍ନାଗ ବୃକ୍ଷ ।

ସୁରପାଦପ, ବି. ପୁଂ. ( ସୁର-ପାଦପ ) କଳ୍ପବୃକ୍ଷ, ଦେବତରୁ ।

ସୁରଭି, ବି. ପୁ. (ସୁ-ରଭ-ଇ) ସୁଗନ୍ଧଦ୍ରବ୍ୟ, ଯଥା,

> "ପ୍ରଫୁଲ୍ଲ ସୁରଭି କଦମ୍ବ ମୂଳେ
> ଜଳବେଣୀରମ୍ୟ କାଳିନ୍ଦୀ କୂଳେ ।"
>
> କ, ବ ।

ଚୈତ୍ରମାସ ଚମ୍ପକବୃକ୍ଷ, ଜାତୀଫଳ ବୃକ୍ଷ; କଦମ୍ବ ବୃକ୍ଷ; ବକୁଳ ବୃକ୍ଷ । ନ. ସ୍ୱର୍ଣ୍ଣ; ଗନ୍ଧକ; ଜାତୀ-ଫଳ; ସ୍ତ୍ରୀ. ଗାଭି; କାମଧେନୁ; ଦେବଗାଭି; ସର୍ଗ-ପୃଥିବୀ; ମାତୃକାବିଶେଷ; ତୁଳସୀ; ମଲ୍ଲିକା । ବିଂ.

ସୁଗନ୍ଧ; ମନୋରମ; ପ୍ରିୟ; ପଣ୍ଡିତ, ଜ୍ଞାନୀ; ଧାର୍ମିକ; ବିଖ୍ୟାତ ।

ସୁରଭିତ, ବିଂ. (ସୁରଭି-ଇତ) ସୌରଭଯୁକ୍ତ, ସୁଗନ୍ଧ-ବିଶିଷ୍ଟ । ତା-ସ୍ତ୍ରୀ. ସୌରଭ ।

ସୁରଲା, ବ. ସ୍ତ୍ରୀ. (ସୁର୍-ଲା-ଅ) ଜାହ୍ନବୀ, ଗଙ୍ଗା; ନଦୀବିଶେଷ ।

ସୁରଲୋକ, ବ. ପୁଂ. (ସୁର-ଲୋକ) ଦେବଲୋକ, ସ୍ୱର୍ଗ ।

ସୁରଶାଖୀ, ବ. ପୁଂ. (ସୁର-ଶାଖା-ଇନ୍) ଦେବତରୁ, କଳ୍ପବୃକ୍ଷ ।

ସୁରସ, ବିଂ. (ସୁ-ରସ) ସ୍ୱାଦୁ ସୁସ୍ୱାଦୁ, ମିଷ୍ଟ; ରସଯୁକ୍ତ । ବ. ପୁଂ. ସୁନ୍ଦର ରସ । ନ. ତ୍ୱକ୍, ବଲ୍କଲ । ସ୍ତ୍ରୀ. ତୁଳସୀ; ମେଦିନୀ; ମହାଶତାବରୀ; ନାଗମାତା; ଦୁର୍ଗା ।

ସୁରସରିତ୍, ସୁରସିନ୍ଧୁ, ବ. ସ୍ତ୍ରୀ. ( ସୁର-ସରିତ୍, ସିନ୍ଧୁ ) ସୁରନଦୀ, ଗଙ୍ଗା ।

ସୁରସୁନ୍ଦରୀ, ସୁରାଙ୍ଗନା, ବ. ସ୍ତ୍ରୀ. (ସୁର-ସୁନ୍ଦରୀ, ଅଙ୍ଗ-ନା) ସ୍ୱର୍ଗବେଶ୍ୟା, ଅପ୍ସରା; ବିଦ୍ୟୁତ୍; ଦୁର୍ଗା ।

ସୁରା, ସୁରୀ, ବ. ସ୍ତ୍ରୀ. (ସୁ-ଅ, ଆ; ଇ) ମଦ୍ୟ, ମଦିରା; ଚଷକ, ପାନପାତ୍ର; ସର୍ପିଣୀ ।

ସୁରାଚାର୍ଯ୍ୟ, ବ. ପୁଂ. ( ସୁର ଆଚାର୍ଯ୍ୟ ) ବୃହସ୍ପତି, ଦେବଗୁରୁ ।

ସୁରାପଗା, ବ. ସ୍ତ୍ରୀ. (ସୁର-ଆପଗା) ଗଙ୍ଗା ।

ସୁରାରି, ବ. ପୁଂ. (ସୁର-ଅରି) ସୁରଶତ୍ରୁ, ଅସୁର ।

ସୁରାଳୟ, ବ. ପୁଂ. ( ସୁର-ଆଲୟ ) ସୁମେରୁପର୍ବତ; ସ୍ୱର୍ଗ; ମଦିରା-ଗୃହ, ଶୁଣ୍ଡି ଦୋକାନ ।

ସୁରୂପ, ବିଂ. (ସୁ-ରୂପ) ଉତ୍ତମରୂପବିଶିଷ୍ଟ, ରୂପବାନ୍; ଜ୍ଞାନୀ, ବିଚକ୍ଷଣ, ପଣ୍ଡିତ ।

ସୁରେନ୍ଦ୍ର, ବ. ପୁଂ. (ସୁର-ଇନ୍ଦ୍ର) ଦେବରାଜ, ଇନ୍ଦ୍ର ।

ସୁରେନ୍ଦ୍ରଜିତ୍, ବ. ପୁଂ. (ସୁରେନ୍ଦ୍ର-ଜିତ୍) ଗରୁଡ ।

ସୁରେଶ୍ୱର, ବ. ପୁଂ. (ସୁର-ଈଶ୍ୱର) ଶିବ; ଇନ୍ଦ୍ର ।

ସୁରେଶ୍ୱରୀ, ବ. ସ୍ତ୍ରୀ. (ସୁର-ଈଶ୍ୱରୀ) ଗଙ୍ଗା; ଦୁର୍ଗା ।

ସୁରୋତ୍ତର, ବ. ପୁଂ. (ସୁର-ଉତ୍ତର) ଶ୍ରୀଖଣ୍ଡ, ଚନ୍ଦନ ।

ସୁରୋଦ, ବ. ପୁଂ. (ସୁରା-ଉଦ) ସୁରାସମୁଦ୍ର ।

ସୁଲକ୍ଷଣ, ବିଂ. (ସୁ-ଲକ୍ଷଣ) ଉତ୍ତମଲକ୍ଷଣାକ୍ରାନ୍ତ ।

ସୁଲକ୍ଷଣା, ବ. ସ୍ତ୍ରୀ. ପାର୍ବତୀର ସଖୀବିଶେଷ ।

ସୁଲଭ, ବିଂ. (ସୁ-ଲଭ୍-ଅ) ଅନାୟାସଲଭ୍ୟ, ସୁଖ-ଲଭ୍ୟ, ଅଯତ୍ନସିଦ୍ଧ ।

ସୁଲୋଚନ, ବ. ପୁଂ. ( ସୁ-ଲୋଚନ ) ହରିଣ । ବିଂ. ଉତ୍ତମଲୋଚନବିଶିଷ୍ଟ । ନା-ସ୍ତ୍ରୀ. ସୁନୟନା ସ୍ତ୍ରୀ, ହରିଣୀ ।

ସୁବଚନ, ବ. ନ. ( ସୁ-ବଚନ ) ଶୋଭନବାକ୍ୟ, ସୁନ୍ଦର ଉକ୍ତି ।

ସୁବନ, ବ. ପୁଂ. (ସୁ-ବନ) ସୂର୍ଯ୍ୟ; ଅଗ୍ନି; ଚନ୍ଦ୍ର ।

ସୁବୟାଃ, ବ. ସ୍ତ୍ରୀ. (ସୁ-ବୟସ୍) ପ୍ରୌଢା ସ୍ତ୍ରୀ ।

ସୁବର୍ଣ୍ଣ, ବ. ନ. ( ସୁ-ବର୍ଣ୍ଣ ) ସ୍ୱର୍ଣ୍ଣ, ସୁନା; ହରିଚନ୍ଦନ; ଧନ, ସମ୍ପତ୍ତି । ପୁଂ. ନ. ମୋହର; କର୍ଷପରିମାଣ । ପୁଂ. ଯଜ୍ଞବିଶେଷ; ଧୁସ୍ତୁର; ଗୈରିକ, ଗେରୁମାଟି । ବିଂ. ସୁରୂପ, ସୁନ୍ଦରବର୍ଣ୍ଣ; ସୁନ୍ଦର ଅକ୍ଷରଯୁକ୍ତ; ଶ୍ରେଷ୍ଠଜାତିରେ ଉତ୍ପନ୍ନ ।

ସୁବର୍ଣ୍ଣକାର, ବ. ପୁଂ. (ସୁବର୍ଣ୍ଣ-କାର) ସ୍ୱର୍ଣ୍ଣକାର ।

ସୁବର୍ଣ୍ଣବଣିକ, ବ. ପୁଂ. ( ସୁବର୍ଣ୍ଣ-ବଣିକ୍ ) ଜାତି-ବିଶେଷ, ସୁନାରି ବଣିଆ ।

ସୁବର୍ଣ୍ଣବର୍ଣ୍ଣା, ବ. ସ୍ତ୍ରୀ. (ସୁବର୍ଣ୍ଣ-ବର୍ଣ୍ଣ) ହରିଦ୍ରା ।

ସୁବର୍ଣ୍ଣବିନ୍ଦୁ, ବ. ପୁଂ. ( ସୁବର୍ଣ୍ଣ-ବିନ୍ଦୁ ) ବିଷ୍ଣୁ ।

ସୁବହ, ବ. ପୁଂ. (ସୁ-ବହ-ଅ) ଅନାୟାସରେ ବହନୀୟ, ସୁଖବାହ୍ୟ; ଯେ ସୁଖରେ ଅନାୟାସରେ ବହନ କରି ପାରେ; ଧୈର୍ଯ୍ୟଶାଳୀ ।

ସୁବାସ, ବ. ପୁଂ. (ସୁ-ବାସ) ସୌରଭ; ଉତ୍ତମବାସ; ଉତ୍ତମ ନିବାସ; ଉତ୍ତମ ବାସସ୍ଥାନ । ବିଂ. ସୁଗନ୍ଧି ।

ସୁବାସିନୀ, ବ. ସ୍ତ୍ରୀ ( ସୁବାସ-ଇନ୍-ଈ ) ପିତ୍ରାଳୟ-ନିବାସିନୀ ସ୍ତ୍ରୀ; ସୌରଭଯୁକ୍ତା ସ୍ତ୍ରୀ ।

ସୁବିଚାର, ବ. ପୁଂ. (ସୁ-ବିଚାର) ସୂକ୍ଷ୍ମ ବିଚାର, ଉତ୍ତମ-ରୂପେ ମୀମାଂସା ।

ସୁବିଦ୍, ବିଂ. ( ସୁ-ବିଦ୍ ) ପଣ୍ଡିତ, ଗୁଣବାନ୍ ।

ସୁବିଦ, ବ. ପୁଂ. ( ସୁ-ବିଦ୍-ଅ) କଞ୍ଚୁକୀ, ଅନ୍ତଃପୁର-ରକ୍ଷକ ।

ସୁବିଦତ୍ର, ବିଂ. (ସୁ-ବିଦ୍-ଅତ୍ର) କୁଟୁମ୍ବ, ପରିଜନ ।

ସୁବିଧା, ଅଂ. (ସୁ-ବିଧା) ଉତ୍ତମପ୍ରକାର, ସୁଯୋଗ ।
ସୁବିଧି, ବି. ପୁଂ. (ସୁ-ବିଧି) ସୁନିୟମ, ଉତ୍ତମ ବିଧାନ ।
ସୁବୃତ୍ତ, ବିଂ. (ସୁ ବୃତ୍ତ) ସଚ୍ଚରିତ୍ର, ସାଧୁ, ସଦାଚାର;
 ଉତ୍ତମ ବର୍ତ୍ତୁଳ ।
ସୁବେଦାର, ବି. (ଯାବନିକ) ସୈନ୍ୟାଧ୍ୟକ୍ଷ ।
ସୁବେଲ, ବିଂ. (ସୁ-ବେଲ୍-ଅ) ପ୍ରଣତ; ଶାନ୍ତ; ଦାନ୍ତ ।
 ବି. ପୁଂ. ତ୍ରିକୂଟପର୍ବତ ।
ସୁବେଶ, ସୁବେଷ, ବି. ନ. (ସୁ-ବେଶ, ଉତ୍ତମବସ୍ତ୍ର ।
ସୁବେଶ, ସୁବେଶୀ, ବିଂ. (ସୁ-ବେଶ, ବେଶ-ଇନ୍)
 ଉତ୍ତମ ବେଶଧାରୀ ।
ସୁବ୍ୟକ୍ତ, ବିଂ. (ସୁ-ବ୍ୟକ୍ତ) ପ୍ରକାଶିତ, ଉଦ୍ଘାଟିତ,
 ପ୍ରକଟିତ । ନ. ବିଂ. ସ୍ପଷ୍ଟରୂପେ ।
ସୁବ୍ରତା, ବି, ସ୍ତ୍ରୀ. ବର୍ତ୍ତମାନ କଳ୍ପରେ ୧୫ଶ ଜୈନ-
 ମୁନିରମାତା; ସୁଦୋହା ଗାବୀ; ସଚ୍ଚରିତ୍ରା ପତ୍ନୀ ।
ସୁଶିକ୍ଷିତ, ବିଂ. (ସୁ-ଶିକ୍ଷିତ) ଉତ୍ତମରୂପେ ଶିକ୍ଷାପ୍ରାପ୍ତ
 କୃତବିଦ୍ୟ ।
ସୁଶୀତ, ସୁଶୀତଳ, ବିଂ. ( ସୁ-ଶୀତ, ଶୀତଳ ) ଅତି
 ଶୀତଳ ।
ସୁଶୀଳ, ବିଂ. (ସୁ-ଶୀଳ) ସଚ୍ଚରିତ୍ର ।
ସୁଶୀଳତା, ବି. ସ୍ତ୍ରୀ. ( ସୁଶୀଳ-ତା ) ନମ୍ରତା, ବିନୟ,
 ସଚ୍ଚସ୍ୱଭାବ ।
ସୁଶୀଳା, ବି. ସ୍ତ୍ରୀ. ( ସୁଶୀଳା-ଆ ) କୃଷ୍ଣର ଏକ ସ୍ତ୍ରୀ;
 ଯମର ଭାର୍ଯ୍ୟା ।
ସୁଶ୍ରାବ୍ୟ, ବିଂ. (ସୁ-ଶ୍ରୁ-ଯ) ଉତ୍ତମରୂପେ ଶ୍ରବଣଯୋଗ୍ୟ,
 ସୁମଧୁର ।
ସୁଶ୍ରୀ, ସୁଶ୍ରୀକ, ବିଂ. ( ସୁ-ଶ୍ରୀ-କ ) ଶ୍ରୀଯୁକ୍ତ, ଶ୍ରୀମାନ୍,
 ସୁନ୍ଦର ।
ସୁଶ୍ରୁତ, ବି. ପୁଂ. ( ସୁ-ଶ୍ରୁତ ) ବିଶ୍ୱାମିତ୍ରପୁତ୍ର; ପ୍ରସିଦ୍ଧ
 ଚିକିତ୍ସା-ଗ୍ରନ୍ଥକାର-ବିଶେଷ; ତତ୍କୃତ ଗ୍ରନ୍ଥ-
 ବିଶେଷ । ନ. ସୁନ୍ଦର ଶ୍ରବଣ; ଯାହା ଉତ୍ତମରୂପେ
 ଶୁଣା ଯାଇଅଛି ।
ସୁଶ୍ଲିଷ୍ଟ ବିଂ. (ସୁ-ଶ୍ଲିଷ୍ଟ) ନିବିଡ଼ସଂଯୋଗବିଶିଷ୍ଟ, ଦୃଢ଼-
 ରୂପେ ସଂଯୁକ୍ତ ।

ସୁଷମ, ବିଂ. (ସୁ-ସମ୍-ଅ) ସୁନ୍ଦର, ଶୋଭନ; ସମାନ,
 ତୁଲ୍ୟ, ସଦୃଶ ।
ସୁଷମା, ବି. ସ୍ତ୍ରୀ. ପରମଶୋଭା, ଉତ୍କୃଷ୍ଟ ସୌନ୍ଦର୍ଯ୍ୟ,
 ଯଥା,

 "ସୁଷମାରେ ନବ ଶାରଦୀୟା ଉଷା ।
 ସକଳେମା ସଙ୍ଗ ବ ମାଣିବେଭୂଷା ।"

ନ ବେ ।

ସୁଷି, ସ୍ତ୍ରୀ. } ବି. (ଶୁଷ୍-ଇ,ଇର ) ଗର୍ତ୍ତ, ଛିଦ୍ର;
ସୁଷିର, ନ. } ବଂଶୀବିଶେଷ ।
ସୁଷୁପ୍ତ, ବିଂ. (ସୁ ସ୍ୱପ୍-ତ ଗଭୀର ନିଦ୍ରିତ, ସୁଷୁପ୍ତିଯୁକ୍ତ;
 ଅଜ୍ଞ, ଅନୁଭବେ ଧଶୂନ୍ୟ । ବି. ନ. ସୁଷୁପ୍ତି ଅବସ୍ଥା ।
ସୁଷୁପ୍ତି, ବି. ସ୍ତ୍ରୀ. (ସୁ-ସ୍ୱପ୍-ତି) ଅଚେତନ ନିଦ୍ରା,
 ସୁନିଦ୍ରା ।
ସୁଷୁମ୍ନା, ବି. ସ୍ତ୍ରୀ. (ସୁଷୁ-ମ୍ନା-ଅ) ଶରୀରସ୍ଥ ନାଡ଼ୀବିଶେଷ;
 ମେରୁଦଣ୍ଡର ବହିର୍ଭାଗରେ ଇଡ଼ା ପିଙ୍ଗଳା ନାଡ଼ୀର
 ମଧ୍ୟବର୍ତ୍ତୀ ନାଡ଼ୀ; ସୂର୍ଯ୍ୟରଶ୍ମି ।
ସୁଷେଣ, ବି. ପୁଂ. (ସୁ-ସେନା) ବିଷ୍ଣୁ; ବେତସବୃକ୍ଷ;
 ଚିକିତ୍ସକ ବାନରବିଶେଷ ।
ସୁଷ୍ଠୁ, ଅଂ. (ସୁ-ସ୍ଥା-ଉ) ଅତିଶୟ ସୁନ୍ଦର; ଶ୍ରେଷ୍ଠ;
 ସମ୍ୟ ।
ସୁସତ୍ୟା, ବି. ସ୍ତ୍ରୀ. ଜନକରାଜାର ଭାର୍ଯ୍ୟା ।
ସୁସମୃଦ୍ଧ, ବିଂ. ଅତିଶୟ ସମ୍ପତ୍ତିଶାଳୀ ।
ସୁସମ୍ପନ୍ନ, ବିଂ. ଅତି ଧନାଢ୍ୟ, ଅତିଶୟ ସମୃଦ୍ଧିଶାଳୀ,
 ଉତ୍ତମରୂପେ ନିଷ୍ପନ୍ନ ।
ସୁସହ, ବିଂ. (ସୁ-ସହ୍-ଅ) ସୁଖସହ୍ୟ, ଅନାୟାସରେ
 ସହନୀୟ ।
ସୁସାଧ୍ୟ, ବିଂ. ( ସୁ-ସାଧ୍ୟ ) ଅନାୟାସସାଧ୍ୟ,
 ସହଜ ।
ସୁସାର, ବିଂ. (ଦେଶଜ) ସହଜ ।
ସୁସ୍ଥ, ବିଂ. (ସୁ-ସ୍ଥା-ଅ) ନୀରୋଗ, ସ୍ୱଚ୍ଛନ୍ଦ; ସୁଖୀ;
 ସୁସ୍ଥିର; ସ୍ୱାସ୍ଥ୍ୟଯୁକ୍ତ ।
ସୁସ୍ଥତା, ବି. ସ୍ତ୍ରୀ. (ସୁସ୍ଥ-ତା) ସ୍ୱାସ୍ଥ୍ୟ, ଆରୋଗ୍ୟ ।
ସୁସ୍ଥି, ବିଂ. (ସୁସ୍ଥ ଶବ୍ଦଜ) ଅଳସୁଆ, ମଠୁଆ । ବି.
 ଅଳସୁଆଲୋକ ।

ସୁଷିର, ବିଂ. (ସୁ-ସ୍ଥା-ଇର) ଅତିସ୍ଥିର, ଅଚଞ୍ଚଳ; ସୁସ୍ଥ, ଦୃଢ, ବଦ୍ଧମୂଳ ।

ସୁସ୍ପଷ୍ଟ, ବିଂ. (ସୁ-ସ୍ପଷ୍ଟ) ଅତିସ୍ପୁଟ, ଅତିଶୟ ସ୍ପଷ୍ଟ ।

ସୁହିତ, ବିଂ. (ସୁ-ହିତ) ତୃପ୍ତ, ସନ୍ତୁଷ୍ଟ; ବିହିତ; ସାଧିତ, କୃତ, ସୁସମ୍ପାଦିତ; ଉପଯୁକ୍ତ, ସମୀଚୀନ । ନ. ଅତିହିତ ।

ସୁହୃଦ୍, ବି. ପୁଂ. ( ସୁ-ହୃଦ୍ ) ସଦା ଅନୁମତ, ମିତ୍ର, ସଖା; ସାହାଯ୍ୟକାରୀ; ସହାୟ; ସହୃଦୟ ।

ସୁହୃଦୟ, ବିଂ. (ସୁ-ହୃଦୟ) ପ୍ରଶସ୍ତମନାଃ, ସଦନ୍ତଃକରଣବିଶିଷ୍ଟ; ଶୁଦ୍ଧଚିତ୍ତ ।

ସୂ, ବି. ସ୍ତ୍ରୀ. (ସୂ-୦) ପ୍ରସବ; ପ୍ରେରଣ । ବିଂ. ପ୍ରସବକର୍ତ୍ତ୍ରୀ, ଉତ୍ପାଦକ ।

ସୂକର, ବି. ପୁଂ. (ସୂ-କର) ଶୂକର, ବରାହ; କୁମ୍ଭକାର; ମୃଗବିଶେଷ ।

ସୂକ୍ଷା, ବି. ସ୍ତ୍ରୀ. ଶାରିକା ପକ୍ଷିଣୀ ।

ସୂକ୍ତି, ବି. ସ୍ତ୍ରୀ. (ସୁ-ଉକ୍ତି) ବେଦବଚନ, ବେଦମନ୍ତ୍ର; ସଦ୍‌ବଚନ ।

ସୂକ୍ଷ୍ମ, ବିଂ. (ସୂଚ୍-ସ୍ମ) ଅଳ୍ପ; କ୍ଷୁଦ୍ର; କ୍ଷୀଣ, ସରୁ; ଅତୀନ୍ଦ୍ରିୟ । ବି. ପୁଂ. ଅଣୁ । ନ. କୈତବ, ଛଳ; କପଟତା; ଅଧ୍ୟାତ୍ମବସ୍ତୁ; ଅଧ୍ୟାତ୍ମଶାସ୍ତ୍ର ।

ସୂକ୍ଷ୍ମକୋଣ, (Acute angle) ସମକୋଣଠାରୁ ଲଘୁକୋଣ ।

ସୂକ୍ଷ୍ମଦର୍ଶନଯନ୍ତ୍ର—ଅଣୁବୀକ୍ଷଣ, ଯେଉଁ ଯନ୍ତ୍ରଦ୍ୱାରା ଚକ୍ଷୁର ଅଗୋଚର ସୂକ୍ଷ୍ମବସ୍ତୁ ଦେଖାଯାଏ ।

ସୂକ୍ଷ୍ମଦର୍ଶୀ, ବିଂ. (ସୂକ୍ଷ୍ମ ଦର୍ଶିନ୍) ଅତିଶୟ ବୁଦ୍ଧିମାନ୍ ।

ସୂକ୍ଷ୍ମଦେହୀ, (Infusoria) ଏହି ସମସ୍ତ ଜୀବ ସାଧାରଣ ଚକ୍ଷୁରେ ଅଣୁବୀକ୍ଷଣ ଭିନ୍ନ ଦୃଷ୍ଟ ହୁଏ ନାହିଁ ।

ସୂକ୍ଷ୍ମଶରୀର, ବି. ନ. (ସୂକ୍ଷ୍ମ-ଶରୀର) ପଞ୍ଚପ୍ରାଣ, ଦଶ ଇନ୍ଦ୍ରିୟ, ମନ ଓ ବୁଦ୍ଧି ଅର୍ଥାତ୍ ଭୋଗସାଧନ ଏହି ସପ୍ତଦଶ ।

ସୂଚକ, ବି. ପୁଂ. (ସୂଚ୍-ଇ-ଅକ) ଗୁପ୍ତପୁରୁଷ, ଗୋଇନ୍ଦା; ପିଶୁନ, ଖଳ; ସୀବନୀ, ଛୁଞ୍ଚି; ସୂଚୀକର୍ମକାରୀ; କୁକୁର; ବିଲେଇ; କାକ; ସୂତ୍ରଧର; ଶିକ୍ଷକ; ଦଳପତି; ବୁଦ୍ଧ; ସିଦ୍ଧ; ପିଶାଚ । ବିଂ. ଜ୍ଞାପକ, ପ୍ରକାଶକ; କଥକ, ଯଥା,

> "କର କାହିଁ କିଛୁ ଭୂଷିତ ନୋହିଛି,
> ଦେଖାଉ ନ ଯାଏ ସୂଚକ ।"

ସୂଚନ, ବି. ନ. (ସୂଚ୍-ଅନ) } ଜ୍ଞାପନ, କଥନ;
ସୂଚନା, ବି. ସ୍ତ୍ରୀ. (ସୂଚ୍-ଅନ-ଆ) } ଅଙ୍ଗଭଙ୍ଗୀଦ୍ୱାରା ଜଣାଇବା, ସଙ୍କେତ ବା ଚିହ୍ନାଦିଦ୍ୱାରା ଜଣାଇବା; ବିଦ୍ଧକରଣ; ଦୁଷ୍ଟାମି; ଦୃଷ୍ଟି; ଅଭିନୟ; ହିଂସନ; ଦୋଷାବିଷ୍କରଣ ।

ସୂଚି, ସୂଚୀ, ବି. ସ୍ତ୍ରୀ. (ସୂଚ୍-ଇ) ସୀବନୀ, ଛୁଞ୍ଚି; ସୂକ୍ଷ୍ମ ଅଗ୍ରଭାଗ; ନୃତ୍ୟବିଶେଷ ।

ସୂଚିକାମୁଖ, ବି. ନ. (ସୂଚିକା-ମୁଖ ) ଶଙ୍ଖ ।

ସୂଚିତ, ବିଂ. (ସୂଚ୍-ତ) ଜ୍ଞାପିତ, ବୋଧିତ; କଥିତ; ହିଂସିତ ।

ସୂଚିପତ୍ର, ବି. (ସୂଚି ପତ୍ର) ନିର୍ଘଣ୍ଟ ।

ସୂଚିବଦନ, ବି. ପୁଂ. (ସୂଚି-ବଦନ) ନେଉଳ, ନକୁଳ; ମଶା ।

ସୂଚିବାନ୍, ବି. ପୁଂ. (ସୂଚି-ବତ୍) ଗରୁଡ ।

ସୂଚୀମୁଖ ବି, ନ. ମଣି, ରତ୍ନ ।

ସୂଚ୍ୟ, ସୂଚନୀୟ, ସୂଚିତବ୍ୟ (ବିଂ.) (ସୂଚ-ଯ, ଅନୀୟ, ତବ୍ୟ) ଜ୍ଞାପନୀୟ, ବୋଧିତବ୍ୟ; କଥନୀୟ ।

ସୂତ, ବି. ପୁଂ. ( ସୂ-ତ ) ସାରଥି; ସୂର୍ଯ୍ୟ; ସୂତ୍ରଧର ଜାତି; ବ୍ରାହ୍ମଣୀ ଗର୍ଭରେ କ୍ଷତ୍ରିୟ ଔରସରେ ଉତ୍ପନ୍ନ ପ୍ରତିଲୋମଜ ସଂକୀର୍ଣ୍ଣଜାତି; ସ୍ତୁତିପାଠକ, ବନ୍ଦୀ; ପୁରାଣବକ୍ତାବିଶେଷ । ପୁଂ. ନ. ପାରଦ, ପାରା । ବିଂ. ପ୍ରସୂତ, ଜାତ, ଉତ୍ପନ୍ନ; ପ୍ରେରିତ ।

ସୂତକ, ବି. ନ. (ସୂତ-କ) ଜନନାଶୌଚ ।

ସୂତପୁତ୍ର, ବି. ପୁଂ. (ସୂତ-ପୁତ୍ର) ସୂର୍ଯ୍ୟସନ୍ତାନ; କର୍ଣ୍ଣ ।

ସୂତଳି, ବି. (ସୂତ୍ର ଶବ୍ଦଜ) ଛଣପଟର ଦଉଡି ।

ସୂତା, ସୂତକା, ବି. ସ୍ତ୍ରୀ. (ସୂ-ତ, ଆ) ନବପ୍ରସୂତା ସ୍ତ୍ରୀ ।

ସୂତା, ବି. (ସୂତ୍ର-ଶବ୍ଦଜ) ତନ୍ତୁ, ସୂତ୍ର ।

ସୂତି, ବି. ସ୍ତ୍ରୀ. (ସୂ-ତି) ପ୍ରସବ, ଉତ୍ପତ୍ତି; ଜନ୍ମ; ସନ୍ତାନ; ସୀବନ, ସିଲାଇ କରିବା ।

ସୂତିକାଗାର, ସୂତିକାଗୃହ, ସୂତିକାଭବନ, ବି. ନ. ( ସୂତିକା-ଆଗାର, ଗୃହ, ଭବନ ) ପ୍ରସବଗୃହ, ଅନ୍ତୁଡ଼ିଘର ।

ସୂତିମାରୁତ, ସୂତିବାତ, ବି. ପୁଂ. (ସୂତି-ମାରୁତ, ବାତ) ପ୍ରସବ-ବେଦନା; ଯେ ବାୟୁ ସନ୍ତାନକୁ ଗର୍ଭରୁ ବହିଃସାରଣ କରେ ।

ସୂତ୍ୟା, ବି. ସ୍ତ୍ରୀ. (ସୁ-ଯ) ଯଜ୍ଞସ୍ନାନ; ଯଜ୍ଞରେ ସୋମଲତା ପାନ ।

ସୂତ୍ର, ବି. ନ. (ସିବ୍-ତ୍ର) ତନ୍ତୁ, ସୂତା; ବ୍ୟବସ୍ଥା, ନିୟମ; ଶାସ୍ତ୍ର; ଦର୍ଶନଶାସ୍ତ୍ର ଧର୍ମଶାସ୍ତ୍ର ନୀତିଶାସ୍ତ୍ର ବା ଶବ୍ଦଶାସ୍ତ୍ରର ପ୍ରଥମ ପ୍ରଣେତାର ପ୍ରଥିତ ସଂକ୍ଷିପ୍ତ ବାକ୍ୟ; ଅଭିନିବେଷପୂର୍ବକ ମତ ବା ନିଷ୍ପତ୍ତି; ଉପବୀତ, ପୈତା; ନାଟ୍ୟଶାସ୍ତ୍ରର ଉପକ୍ରମ ।

ସୂତ୍ରକଣ୍ଠ, ବି. ପୁଂ. ( ସୂତ୍ର-କଣ୍ଠ ) ବ୍ରାହ୍ମଣ; ଖଞ୍ଜନପକ୍ଷୀ; କପୋତ ।

ସୂତ୍ରଧର, ବି. ପୁଂ. ( ସୂତ୍ର-ଧୃ-ଅ ) ଇନ୍ଦ୍ର; ସୂତ୍ରଧରଜାତି, ବଢ଼େଇ; ନାଟ୍ୟପ୍ରସ୍ତାବକ ପ୍ରଧାନ ନଟ; ସୂତ୍ର ପ୍ରଣୟନକର୍ତ୍ତା ।

ସୂତ୍ରପାତ, ବି. ଆରମ୍ଭ ।

ସୂତ୍ରାମା, ବି. ପୁଂ. (ସୁ-ତ୍ରୈ-ମ) ଇନ୍ଦ୍ର ।

ସୂତ୍ରୀ, ବି. ପୁଂ. ( ସୂତ୍ର-ଇନ୍ ) କାକ । ବିଂ. ସୂତ୍ରବିଶିଷ୍ଟ ।

ସୂଦନ, ବି. ନ. (ସୂଦ୍-ଅନ) ହନନ, ବଧ; ଅଙ୍ଗୀକାର କରିବା; ନିରାଶ କରିବା । ବିଂ. ବିନାଶକ; ପ୍ରିୟ ।

ସୂନା, ବି. ସ୍ତ୍ରୀ. ( ସୂନ୍-ଆ ) ବଧସ୍ଥାନ, ବଧଭୂମି, କଂସେଇଖାନା; କନ୍ୟା; ମାଂସବିକ୍ରୟସ୍ଥାନ; ଅଘାତକରଣ; କଣ୍ଠିବନ୍ଧନ; କିରଣ ।

ସୂନୁ, ବି. ପୁଂ. ( ସୂ-ନୁ ) ତନୟ, ପୁତ୍ର; କନିଷ୍ଠଭ୍ରାତା; ଦୌହିତ୍ର; ରବି । ସ୍ତ୍ରୀ. କନ୍ୟା ।

ସୂପ, ବି. ପୁଂ. ( ସୂ-ପ ) ବ୍ୟଞ୍ଜନବିଶେଷ, ଡାଲି; ଝୋଳ; ଭାଣ୍ଡ; ବାଣ । ବିଂ. ପାଚକ ।

ସୂପକାର, ବି. ପୁଂ. ( ସୂପ-କାର ) ପାଚକ, ରନ୍ଧନକାରୀ ।

ସୂମ, ବି. ନ. (ସୁ-ମ) କ୍ଷୀର, ଦୁଗ୍ଧ; ଜଳ; ଆକାଶ । ବିଂ. ଗତ ।

ସୂର, ବି. ପୁଂ. (ସୂ-ର) ସୂର୍ଯ୍ୟ; ପଣ୍ଡିତ, ଜ୍ଞାନୀ; ବର୍ତ୍ତମାନ କଳ୍ପରେ ସପ୍ତଦଶ ଜୈନର ପିତା ।

ସୂରତ, ବିଂ. ( ସୁ-ରମ୍-ତ ) କୃପାଳୁ; ସ୍ଥିର, ନିଶ୍ଚିନ୍ତ; (ଦେଶଜରେ) ଅତ୍ୟନ୍ତ ରୁଚିକାରକ ।

ସୂରସୂତ, ବି. ପୁଂ. (ସୂର-ସୂତ) ସୂର୍ଯ୍ୟସାରଥି, ଅରୁଣ ।

ସୂରି, ବି. ପୁଂ. (ସୂ-ରି) କବି, ପଣ୍ଡିତ, ବିଦ୍ୱାନ୍; କୃଷ୍ଣ; ଜୈନଗୁରୁର ସାଧାରଣ ଉପାଧି; ସୂର୍ଯ୍ୟ ।

ସୂରୀ, ବିଂ. ( ସୂର-ଇନ୍ ) ପଣ୍ଡିତ, ଜ୍ଞାନୀ, ବିଚକ୍ଷଣ, ବିଦ୍ୱାନ ।

ସୂର୍କି, ବି. ଇଟାଁଦିର ଗୁଣ୍ଡ ।

ସୂର୍ପ, ବି. ପୁଂ. ନ. (ସୂର୍ପ-ଅ) ତଣ୍ଡୁଳାଦି ପରିଷ୍କାରଣୀ ପାତ୍ର, କୁଲା; ପରିମାଣବିଶେଷ, ଯଥା,

"ବିଷମେଷୁ ସୂର୍ପଯୁକ୍ତ ନାସିକେଲ ତାରେ,
ବରହଣୀ ପ୍ରାୟ ଦିବାକୀର୍ତ୍ତି-ନାସି ଧରେ ଯେ ।"

ବୈ. ବି ।

ସୂର୍ପଣଖା, ବି. ସ୍ତ୍ରୀ. (ସୂର୍ପ-ନଖ) ରାବଣଙ୍କର ଭଗିନୀ, ଯଥା,

"ବୁଲିଆସି ସୂର୍ପଣଖା ନାମେ ରାକ୍ଷସୀ,
ବୃକ୍ଷାନ୍ତରେ ରହି ଯାହିଁ ହୋଇଲା ତୋଷୀ ।"

ବୈ. ବି ।

ସୂର୍ଯ୍ୟ, ବି. ପୁଂ. (ସୃ-ଯ) ଦିବାକର, ଆଦିତ୍ୟ, ଯଥା,

"ଶୁଣି ସୂର୍ଯ୍ୟ ବାଣୀ ବୋଲନ୍ତି ହସି ହସି ମଦନ,
ଜଗତେ କେ ଲଙ୍ଘି ପାରିବ ଫୁଲଧନୁ ଶାସନ ।"

ର. ଭ ।

ବାଳିର ପୁତ୍ର, ଅଙ୍ଗଦ ।

ସୂର୍ଯ୍ୟକାନ୍ତ, ବି. ପୁଂ. ( ସୂର୍ଯ୍ୟ-କାନ୍ତ ) ମଣିବିଶେଷ, କାଚମଣି, ଆତସ୍ମଣି; ସୂର୍ଯ୍ୟଗ୍ରହଣ ।

ସୂର୍ଯ୍ୟଜ, ସୂର୍ଯ୍ୟତନୟ, ବି. ପୁଂ. (ସୂର୍ଯ୍ୟ-ଜ,-ତନୟ) ଯମ; ଶନିଗ୍ରହ; ମନୁବିଶେଷ; ସୁଗ୍ରୀବ; ବାଳୀ; କର୍ଣ୍ଣ । ସ୍ତ୍ରୀ. ସ୍ତ୍ରୀ. ଯମୁନା ।

ସୂର୍ଯ୍ୟମଣି, ସୂର୍ଯ୍ୟାଶ୍ମା, ବି. ପୁଂ. ( ସୂର୍ଯ୍ୟ-ମଣି, ଅଶ୍ମ ) ସୂର୍ଯ୍ୟକାନ୍ତମଣି; ପୁଷ୍ପବୃକ୍ଷବିଶେଷ ।

ସୂର୍ଯ୍ୟମୁଖୀ, ବି. ସ୍ତ୍ରୀ. ପୁଷ୍ପବିଶେଷ ।

**ସୂର୍ଯ୍ୟା**, ବି. ସ୍ତ୍ରୀ. (ସୂର୍ଯ୍ୟ-ଆ) ସୂର୍ଯ୍ୟପତ୍ନୀ; ନବୋଢ଼ା; ଔଷଧଦ୍ରବ୍ୟବିଶେଷ; ରକ୍ତ ଲାଉ ।

**ସୂର୍ଯ୍ୟେନ୍ଦୁସଙ୍ଗମ**, ବି. ପୁଂ. ( ସୂର୍ଯ୍ୟ-ଇନ୍ଦୁ-ସଙ୍ଗମ ) ଅମାବସ୍ୟା ।

**ସୃକ**, ବି. ପୁଂ. ( ସୃ-କ ) କୁମୁଦ; ପଦ୍ମ; ବାଣ; ବାୟୁ ।

**ସୃକାଳ, ସୃଗାଳ**, ବି. ପୁଂ. ( ଶୃକାଳ ଦେଖ ) ଶିଆଳ ।

**ସୃଜନ**, ବି. ନ. (ସୃଜ୍-ଅନ) ସୃଷ୍ଟି, ନିର୍ମାଣ; ବର୍ଜ୍ଜନ ।

**ସୃଣିକା, ସୃଣୀକା**, ବି. ସ୍ତ୍ରୀ. (ସୃ-ନି-କ) ଲାଳ, ମୁଖର ଜଳ ।

**ସୃତ**, ବିଂ. (ସୃ-ତ) ଗତ, ବିଗତ ।

**ସୃତି**, ବି. ସ୍ତ୍ରୀ. (ସୃ-ତି) ଗତି, ଗମନ; ଆଘାତକରଣ; କ୍ଷତକରଣ; ବର୍ତ୍ମ, ପଥ ।

**ସୃପ୍ର**, ବି. ପୁଂ. (ସୃପ୍-ର) ଚନ୍ଦ୍ର, ନିଶାକର ।

**ସୃଷ୍ଟ**, ବିଂ. ( ସୃଜ୍-ତ ) ରଚିତ, ନିର୍ମିତ, କୃତ; ଯୁକ୍ତ, ମିଳିତ; ପରିତ୍ୟକ୍ତ; ଭୂଷିତ; ଅଧିକ; ନିର୍ଣ୍ଣୀତ ।

**ସୃଷ୍ଟି**, ବି. ସ୍ତ୍ରୀ. (ସୃଜ୍-ତି) ନିର୍ମାଣ, ରଚନା; ସ୍ୱଭାବ; ଜଗତ; ଶିଳ୍ପ ।

**ସୃଷ୍ଟିକର୍ତ୍ତା**, ବି. ପୁଂ. ( ସୃଷ୍ଟି-କର୍ତ୍ତା ) ପରମେଶ୍ୱର; ବ୍ରହ୍ମା ।

**ସେ**, ସଂ. ("ସଃ" ଏହି ପଦଜାତ) ତୃତୀୟ ବ୍ୟକ୍ତି ।

**ସେଇ, ସେହି**, ସଂ. ( "ସଃ" ଇ=ଏବ ଶବ୍ଦଜ ) ଅନନ୍ୟ, ତାହାଇ ।

**ସେଉଲ**, ବି. (ଦେଶଜ) ମତ୍ସ୍ୟବିଶେଷ ।

**ସେକ**, ବି. ପୁଂ. ( ସିଚ୍-ଅ ) ସେଚନ, ଜଳପ୍ରକ୍ଷେପ; ଆର୍ଦ୍ରୀକରଣ, ତିନ୍ତାଇବା; (ଦେଶଜ) ଉତ୍ତପ୍ତକରଣ ।

**ସେକା**, ବିଂ. ସେକନାର, ଯଥା, ସେକାରୁଟି ।

**ସେକ୍ତା**, ବିଂ. ( ସିଚ୍-ତୃ ) ସେଚନକର୍ତ୍ତା । ବି. ପୁଂ. ଭର୍ତ୍ତା, ସ୍ୱାମୀ ।

**ସେଚକ**, ବି. ପୁଂ. ( ସିଚ୍-ଅକ ) ଜଳଦ । ବିଂ. ସେଚନକାରୀ ।

**ସେଚନ**, ବି. ନ. ( ସିଚ୍-ଅନ ) ସେକ, ଜଳକ୍ଷରଣ; ଆର୍ଦ୍ରୀକରଣ ।

**ସେଚନୀ**, ବି. ସ୍ତ୍ରୀ. ଜଳକ୍ଷେପଣପାତ୍ର, ସେକପାତ୍ର ।

**ସେଠାରେ**, ଅଂ. ସେସ୍ଥାନରେ ।

**ସେଣା**, ବି. (ଦେଶଜ) ଶସ୍ୟକ୍ଷେତ୍ରକୁ ପାଣି ଟେକିବାର ବଂଶନିର୍ମିତ ପାତ୍ରବିଶେଷ ।

**ସେଣିକି**, ଅଂ. ସେଆଡ଼କୁ ।

**ସେତଖାନା**, ବି. (ଦେଶଜ) ପାଇଖାନା ।

**ସେତାର**, ବି. (ଯାବନିକ) ବାଦ୍ୟଯନ୍ତ୍ରବିଶେଷ ।

**ସେତିକା**, ବି. ସ୍ତ୍ରୀ. ଅଯୋଧ୍ୟା ।

**ସେତୁ**, ବି. ପୁଂ. ( ସି-ତୁ ) ଜଳବନ୍ଧ, କ୍ଷେତ୍ରାଦିର ଅଡ଼, ପୋଲ ।

**ସେତୁବନ୍ଧ**, ବି. ପୁଂ. ( ସେତୁ-ବନ୍ଧ ) ଭାରତବର୍ଷର ଦକ୍ଷିଣପ୍ରାନ୍ତରୁ ଲଙ୍କାଦ୍ୱୀପ ପର୍ଯ୍ୟନ୍ତ ଶ୍ରେଣୀବଦ୍ଧ ପର୍ବତଶ୍ରେଣୀ, କଥିତ ଅଛି ହନୁମାନ ରାମଚନ୍ଦ୍ରଙ୍କର ଆଜ୍ଞାରେ ଏହି ସେତୁ ବନ୍ଧନ କରିଥିଲେ; ପୋଲ ।

**ସେନା**, ବି. ସ୍ତ୍ରୀ. (ସ-ଇନ୍-ଆ) ସୈନ୍ୟ; ସୈନ୍ୟଦଳ ।

**ସେନାଙ୍ଗ**, ବି. ନ. ( ସେନା-ଅଙ୍ଗ ) ସୈନ୍ୟଦଳର ଅବୟବ, ହସ୍ତୀ, ଅଶ୍ୱ, ରଥ ପଦାତି ଏହି ଚାରି ।

**ସେନାନିବେଶ**, ବି. ପୁଂ. ଶିବିର, ଛାଉଣି ।

**ସେନାନୀ, ସେନାପତି**, ବି. ପୁଂ. ( ସେନା-ନୀ, ପତି ) ସୈନ୍ୟାଧ୍ୟକ୍ଷ; କାର୍ତ୍ତିକେୟ ।

**ସେପରି**, ସେପ୍ରକାର ।

**ସେର**, ବି. ଓଜନ ପା ବା ୧୬ ଛଟାଙ୍କି ପରିମାଣ ।

**ସେବ**, ବି. ପୁଂ. (ସେବ୍-ଅ) ସେବା ।

**ସେବକ**, ବିଂ. ( ସେବ୍-ଅକ ) ପରିଚାରକ; ଦାସ, ଭୃତ୍ୟ; ସେବାକାରୀ; ଅନୁଜୀବୀ; ( ସିବ୍-ଅକ ) ସୀବନକର୍ତ୍ତା, ଦରଜୀପ୍ରଭୃତି, (ଦାସ ଅର୍ଥରେ) ଯଥା,

"ବସୁପତି ସମସ୍ତ,
କର୍ତ୍ତୁ ସେବକେ ସେବକମତ ।"

ବୈ. ଶ୍ରୀ

ସେବତୀ, ବି. ସ୍ତ୍ରୀ. (ଦେଶଜ) ପୀତବର୍ଣ୍ଣ ପୁଷ୍ପବିଶେଷ ।

ସେବନ, ବି. ନ. (ସେବ୍-ଅନ) ସେବା; ଉପାସନା, ଆରାଧନା; ଉପଭୋଗ; ସୀବନ, ସିଲାଇ ।

ସେବନା, ବି. ସ୍ତ୍ରୀ. ଉପାସନା ।

ସେବନୀ, ବି. ସ୍ତ୍ରୀ. ସୂଚୀ, ଛୁଞ୍ଚି ।

ସେବା, ବି. ସ୍ତ୍ରୀ. (ସେବ୍-ଆ) ପରିଚର୍ଯ୍ୟା; ଶୁଶ୍ରୂଷା; ଉପଭୋଗ; ଆଶ୍ରୟ; ଉପାସନା ।

ସେବାଇତ, ବି. ( ସେବ୍ ଧାତୁକ ) ସେବାକାରୀ; ଯୋବା ଭଣ୍ଡାରୀଆଦି ।

ସେବିତ, ବିଂ. ( ସେବ୍-ତ ) ଉପାସିତ, ଆରାଧିତ; ଉପଭୁକ୍ତ; ଆଶ୍ରିତ; ରକ୍ଷିତ; ଅଭ୍ୟସ୍ତ, ବ୍ୟବହୃତ ।

ସେବ୍ୟ, ବିଂ. ( ସେବ-ଯ ) ସେବନୀୟ, ଆରାଧ୍ୟ, ଉପାସ୍ୟ; ଅଭ୍ୟାସ୍ୟ, ଅନୁଶୀଳନ ବା ବ୍ୟବହାର କରିବାର ଉପଯୁକ୍ତ; ଯତ୍ନ କରିବାର ଯୋଗ୍ୟ । ବି. ନ. ବେଣାର ମୂଳ ।

ସେବ୍ୟମାନ, ବିଂ. ( ସେବ୍-ଆନ ) ଆରାଧ୍ୟମାନ, ଯାହାକୁ ସେବା କରାଯାଏ ।

ସେହି, ସେହୁ, ସଂ. (ତଦ୍ ଶବ୍ଦଜ) ସେ, ସେଇ ।

ସୋଟା, ବି. ( ଦେଶଜ ) ଅନତିହ୍ରସ୍ୱ ମୋଟ ଯଷ୍ଟି, ଠେଙ୍ଗା ।

ସୈକତ, ବି. ନ. (ସିକତା-ଅ) ପୁଲିନ, ବାଲୁକାମୟତଟ । ବିଂ. ବାଲୁକାମୟ (ସ୍ଥାନ) ବାଲିମୟ, ଯଥା,

"ବକ୍ରଗାମୀ ସ୍ରୋତେ ବିସ୍ତୃତ ସୈକତେ,
ସନ୍ଧ୍ୟା ରାଗ ଖେଳୁଅଛି ନାନାମତେ ।"

ନ. କେ ।

ସୈକତିକ, ବି. ପୁଂ. ( ସିକତା-ଇକ ) ସନ୍ନ୍ୟାସୀ; କ୍ଷପଣକ । ନ. ମଙ୍ଗଳସୂତ୍ର । ବିଂ. ସନ୍ଦେହଜୀବୀ, ଭ୍ରମଜୀବୀ ।

ସୈନାପତ୍ୟ, ବି. ନ. ସେନାପତିର କର୍ମ ବା ପଦ । ବିଂ. ସେନାପତିସମ୍ବନ୍ଧୀୟ ।

ସୈନିକ, ବି. ପୁଂ. (ସେନା-ଇକ) ପ୍ରହରୀ, ସେନାଭୁକ୍ତ ବ୍ୟକ୍ତି, ସିପାହୀ; ସେନାଶ୍ରେଣୀ; ସେନାରକ୍ଷକ; ସେନାସମବେତ, ମିଳିତ ହସ୍ତ୍ୟଶ୍ୱରଥପଦାତି, ସେନାଭୁକ୍ତ ପୁରୁଷାଦି । ବିଂ. ସେନାସମ୍ବନ୍ଧୀୟ ।

ସୈନ୍ଧବ, ବି. ପୁଂ. (ସିନ୍ଧୁ-ଅ) ଅଶ୍ୱ, ଘୋଟକ । ପୁଂ. ନ. ସମୁଦ୍ରଜାତ ଲବଣ । ବିଂ. ସିନ୍ଧୁଦେଶୀୟ; ସମୁଦ୍ରଜାତ ।

ସୈନ୍ୟ, ବି. ନ. (ସେନା-ଯ) ଶ୍ରେଣୀବଦ୍ଧ ଯୋଦ୍ଧା, ମୌଲ ଭୃତ୍ୟ ସୁହୃଦ୍ ଶ୍ରେଣୀ ଦ୍ୱିଷତ୍ ବନ୍ୟ ଏହି ଛଅ ପ୍ରକାର । ପୁଂ. ସେନାସମବେତ; ଅସ୍ତ୍ରଧାରୀ ସିପାହୀ ।

ସୈମନ୍ତିକ, ବି. ନ. (ସୀମନ୍ତ-ଇକ) ସିନ୍ଦୂର ।

ସୈରିକ, ବି. ପୁଂ. (ସୀର-ଇକ) ଲାଙ୍ଗଳିକ, ଲାଙ୍ଗଳଧାରୀ, କୃଷକ; ହଳ ବଳଦ । ବିଂ. ଲାଙ୍ଗଳସମ୍ବନ୍ଧୀୟ ।

ସୈରିନ୍ଧ୍ରୀ, ସୈରନ୍ଧ୍ରୀ, ବି. ସ୍ତ୍ରୀ. ( ସୀର-ଧୃ-ଅ, ଈ ) ପରବେଶ୍ମସ୍ଥା ଶିଳ୍ପକାରିଣୀ, ପରଗୃହସ୍ଥିତସ୍ୱବଶା ଶିଳ୍ପକାରିଣୀ; ଦ୍ରୌପଦୀ, ଏ ବିରାଟ ରାଜାର ଭବନରେ ଏକବର୍ଷକାଳ ସୈରନ୍ଧ୍ରୀର କାର୍ଯ୍ୟ କରୁଥିଲେ ସେହି ଦିନଠାରୁ ଏହାଙ୍କର ନାମ ସୈରିନ୍ଧ୍ରୀ ହୋଇଅଛି ।

ସୈବାଳ, ବି. ନ. ( ସେବା-ଅଲ୍-ଅ ) ଶୈବାଳ, ସିଉଳୀ ।

ସୋଜା, ବିଂ. (ଦେଶଜ) ସରଳ, ଅବକ୍ର, ଅକୁଟିଳ ।

ସୋତ୍କଣ୍ଠ, ବିଂ. ( ସ-ଉତ୍କଣ୍ଠା ) ଉତ୍କଣ୍ଠାଯୁକ୍ତ, ଉଦ୍ବିଗ୍ନ, ଶୋକକାରୀ ।

ସୋଡୁଅ, ବି. (ଦେଶଜ) ଶସ୍ୟାଦିକୁ ପାଣି ବହିବାର ନୌକାକାର ଯାନ୍ତ ।

ସୋଦର, ସୋଦର୍ଯ୍ୟ, ବି. ପୁଂ. ( ସ-ଉଦର; ଯ ) ଏକଗର୍ଭଜ ଭ୍ରାତା, ଭାଇ, ଯଥା,

"ବଚନ ଶୁଣି ସୋଦର ଦୂର,
ବାଳ ଧର ଡେଇଁ ଲୋଟାଇ ମହୀ ।"

ବୈ. ବ ।

ସୋଦରା, ସୋଦର୍ଯ୍ୟା, ବି. ସ୍ତ୍ରୀ. ( ସୋଦର-ଆ, ଯ, ଆ) ଏକଗର୍ଭଜ ଭଗିନୀ ।

**ସୋପାନ**, ବି. ନ. ( ସ-ଉପାନ ) ଆରୋହଣୀ, ସିଡ଼ୀ, ଯଥା,

"ମରକତ ସୋପାନ ଭାହିଁ ସରସୀ,
ନୀଳପଦ୍ମ ବେଷ୍ଟିତ ଯେସନ ଶଶୀ ।"

ମେ. ଦୂ ।

**ସୋମ**, ବି. ପୁଂ. ( ସୁ-ମ ) ଚନ୍ଦ୍ର; କୁବେର; ଯମ; ବାୟୁ; ବସୁବିଶେଷ; କର୍ପୂର; ଜଳ; ଅମୃତ; ପର୍ବତ; ବାନରବିଶେଷ; ଯଜ୍ଞରେ ପ୍ରସ୍ତୁତ ରସ ବିଶେଷ, ସୋମଲତାର ରସ; (ସ-ଉମା) ଶିବ ।

**ସୋମଗର୍ଭ**, ବି. ପୁଂ. (ସୋମ-ଗର୍ଭ) ବିଷ୍ଣୁ, ନାରାୟଣ ।

**ସୋମତୀର୍ଥ**, ବି. ପୁଂ. ( ସୋମ-ତୀର୍ଥ ) ଭାରତବର୍ଷର ପଶ୍ଚିମ ପ୍ରଦେଶସ୍ଥ ପୁଣ୍ୟସ୍ଥାନବିଶେଷ, ପ୍ରଭାସ-ତୀର୍ଥ ।

**ସୋମବନ୍ଧୁ**, ବି. ନ. (ସୋମ-ବନ୍ଧୁ) ଜଳଜ ପୁଷ୍ପବିଶେଷ, କୁମୁଦ । ପୁଂ. ସୂର୍ଯ୍ୟ ।

**ସୋମଯାଜୀ**, ବି. ପୁଂ. ( ସୋମ-ଯଜ୍-ଇନ୍ ) ସୋମ-ଯାଗକର୍ତ୍ତା ।

**ସୋମରାଜୀ**, ବି. ପୁଂ. ( ସୋମ-ରାଜ୍-ଇନ୍ ) ଔଷଧି-ବିଶେଷ, ସୋମରାଜର ଗଛ ।

**ସୋମଲତା**, **ସୋମଲତିକା**, ବି. ସ୍ତ୍ରୀ. (ସୋମ-ଲତା, ଲତିକା) ସ୍ୱନାମପ୍ରସିଦ୍ଧ ଲତାବିଶେଷ ।

**ସୋମବଲ୍କ**, ବି. ପୁଂ. (ସୋମ-ବଲ୍କ) ଶ୍ୱେତଖଦିର ।

**ସୋମବାର**, ବି. ଦ୍ୱିତୀୟବାର ।

**ସୋମସୁତା**, ବି. ସ୍ତ୍ରୀ. (ସୋମ-ସୁତା) ରେବା, ନର୍ମଦା ନଦୀ ।

**ସୋରା**, ବି. ଯବକ୍ଷାର ।

**ସୋରିଷ**, ବି. (ସର୍ଷପ ଶବ୍ଦଜ) ସର୍ଷପ ।

**ସୋହାଗା**, ବି. (ଦେଶଜ) ଟାଙ୍ଗଣା ।

**ସୌକୁମାର୍ଯ୍ୟ**, ବି. ନ. (ସୁକୁମାର-ଯ) ସୁକୁମାରତା, ମାର୍ଦ୍ଦବ, କୋମଳତା; ଯୌବନ ।

**ସୌଖଶାୟନିକ**, **ସୌଖସୁପ୍ତିକ**, ବି. ପୁଂ. (ସୁଖ-ଶୟନ, ସୁଖ-ସୁପ୍ତି-ଇକ) ସୁଖ ଶୟନ ଜିଜ୍ଞାସୁ, ବୈତାଳିକ, ସ୍ତୁତିପାଠକ ।

**ସୌଖୀନ**, ବିଂ. (ସୁଖ-ଈନ) ସୁଖେଚ୍ଛୁ, ବିଳାସୀ ।

**ସୌଖ୍ୟ**, ବି. ନ. (ସୁଖ-ଯ) ସୁଖ; ସୁଖସନ୍ତାନ; ସୁଖ-ଧାରା, ସୁଖବସ୍ତୁତ ।

**ସୌଗତିକ**, ବି. ପୁଂ. (ସୁଗତ-ଇକ) ବୌଦ୍ଧସନ୍ନ୍ୟାସୀ; ସନ୍ନ୍ୟାସୀ; ବୁଦ୍ଧିଶୂନ୍ୟ; ସନ୍ଦେହ; ଈଶ୍ୱରରେ ଅବି-ଶ୍ୱାସ; ନାସ୍ତିକ ।

**ସୌଗନ୍ଧ**, **ସୌଗନ୍ଧ୍ୟ**, ବି. ନ. (ସୁଗନ୍ଧ-ଅ, ଯ) ସୁଗନ୍ଧ, ସୌରଭ ।

**ସୌଗନ୍ଧିକ**, ବି. ନ. (ସୁଗନ୍ଧ-ଇକ) ନୀଳୋତ୍ପଳ; କହ୍ଲାର; ପଦ୍ମରାଗମଣି । ପୁଂ. ଗନ୍ଧକ; ସୁଗନ୍ଧ-ଦ୍ରବ୍ୟବ୍ୟବସାୟୀ, ଗନ୍ଧବଣିକ୍ ।

**ସୌଜନ୍ୟ**, ବି. ନ. (ସୁଜନ-ଯ) ସୁଜନତା, ସାଧୁତା, ଭଦ୍ରତା, ସଦ୍ବ୍ୟବହାର ।

**ସୌଦାମନୀ**; **ସୌଦାମିନୀ**, ବି. ସ୍ତ୍ରୀ. (ସୁଦାମନ୍-ଈ) ତଡ଼ିତ୍, ବିଦ୍ୟୁତ୍; ଅପ୍ସରାବିଶେଷ, । (ବିଦ୍ୟୁତ୍ ଅର୍ଥରେ) ଯଥା,

"ସ୍ଫୁରିବ ସୌଦାମିନୀ ନଭେ ଉଜ୍ଜ୍ୱଳେ,
ତମକ ଗୁରୁକେଶୀ ଗୃହିଁବ ଭଲେ ।"

ମେ. ଦୂ ।

**ସୌଧ**, ବି. ପୁଂ. ନ. (ସୁଧା-ଅ) ରାଜସଦନ, ପ୍ରାସାଦ; ଇଷ୍ଟକାଦି ନିର୍ମିତ ଭବନ, ହର୍ମ୍ମ୍ୟ, କୋଠାଘର, ଯଥା,

"ବାହ୍ୟୋଦ୍ୟାନେ ଚନ୍ଦ୍ର ଶଶିଶେଖର,
ସେ ଶଶି କରେ ଧଳା ସୌଧ ନିକର ।"

ମେ. ଦୂ ।

ସୁଧାଧବଳିତ ଗୃହ । ବିଂ. ସୁଧାସିକ୍ତ ।

**ସୌନ୍ଦର୍ଯ୍ୟ**, ବି. ନ. ( ସୁନ୍ଦର-ଯ ) ସୁନ୍ଦରତା, ରୂପ, ସୁଶ୍ରୀକତା, ଯଥା,

"କୁମୁଦବାସିନୀ ସୌନ୍ଦର୍ଯ୍ୟ-ମଦେ ସଦା ବିହ୍ୱଳ ।"

**ସୌପର୍ଣ୍ଣ**, ବି. ପୁଂ. ( ସୁପର୍ଣ୍ଣ-ଅ ) ଗରୁଡ଼; ମରକତ-ମଣି । ବିଂ. ସୁପର୍ଣ୍ଣସମ୍ବନ୍ଧୀୟ ।

**ସୌଭାଗ୍ୟ**, ବି. ନ. (ସୁଭଗ-ଯ) ଶୁଭାଦୃଷ୍ଟ; ଯୋଗ-ବିଶେଷ; ମନୋହରତ୍ୱ; ସୌନ୍ଦର୍ଯ୍ୟ; ବଲ୍ଲଭତ୍ୱ; ସୁଭଗତ୍ୱ; ପ୍ରିୟତ୍ୱ; ଋକୁଶୀଷକ । ପୁଂ. ଯୋଗ-ବିଶେଷ ।

ସୌମନସ୍ୟ, ବି. ନ. (ସୁମନସ୍-ଯ) ପ୍ରୀତି; ପ୍ରସନ୍ନତା ।

ସୌମିତ୍ର, ସୌମିତ୍ରି, ବି. ପୁଂ. (ସୁମିତ୍ରା-ଅ, ଇ) ସୁମିତ୍ରା ପୁତ୍ର, ଲକ୍ଷ୍ମଣ, ଶତ୍ରୁଘ୍ନ, ଯଥା,

"ତୁମ୍ଭଙ୍କୁ ସୌମିତ୍ରି ଦେଲେ ମୋତେରେ ଯେମନ୍ତ ।"

ସୌମେଧିକ, ବି. ପୁଂ. ( ସୁମେଧା-ଇକ ) ସିଦ୍ଧ, ମୁନିପ୍ରଭୃତି; ଯାହାର ଦିବ୍ୟଜ୍ଞାନ ଅଛି । ବିଂ. ଉତ୍ତମ ମେଧାବିଶିଷ୍ଟ ।

ସୌମ୍ୟ, ବି. ପୁଂ. ( ସୋମ-ଯ ) ସୋମର ପୁତ୍ର, ବୁଧଗ୍ରହ; ବିପ୍ର; ଜଗତର ଏକଖଣ୍ଡବିଶେଷ । ବିଂ. ସୁନ୍ଦର, ମନୋଜ୍ଞ, ସୁଦୃଶ୍ୟ; ପ୍ରସନ୍ନ; ସାଧୁ; ସୋମଦେବତ; ଶାନ୍ତମୂର୍ତ୍ତି, ଯଥା,

"ଗବାକ୍ଷ ମାର୍ଗେ ସୌମ୍ୟ ସୁଧାଂଶୁକର,
ପଡ଼ି ଉଜ୍ଜ୍ୱଳୁଥିବ ସୌଧ ଅନ୍ତର ।"

ମେ. ଦୂ ।

ସୌର, ବି. ପୁଂ. (ସୁର-ଅ) ଶନି; ଯମ; ମନୁବିଶେଷ; ବାଲୀ; ସୁଗ୍ରୀବ, କର୍ଣ୍ଣ; ସୂର୍ଯ୍ୟଉପାସକ । ବିଂ. ସୂର୍ଯ୍ୟସମ୍ବନ୍ଧୀୟ ଯଥା,

"ଖାଣ୍ଡି ତଲବାର ଖେଲବାଜ କରେ,
ଝଳକେ ପଶ୍ଚିମେ ଝଲେ ସୌର କରେ ।"

ସୌରଜଗତ୍, ( Solar System ) ଏକ ସୂର୍ଯ୍ୟ ଓ ତାହାର ଚତୁର୍ଦ୍ଦିଗରେ ପରିଭ୍ରମଣକାରୀ ଗ୍ରହ-ଗଣ ଏବଂ ସେମାନଙ୍କର ପାରିପାର୍ଶ୍ୱିକ ଏହି ସମୁଦାୟ ।

ସୌରଭ, ବି. ନ. ( ସୁରଭି-ଅ ) କୁଙ୍କୁମ; ସୁଗନ୍ଧ; ସୌନ୍ଦର୍ଯ୍ୟ; କୁଙ୍କୁରବିଶେଷ ।

ସୌରଭ୍ୟ, ବି. ନ. (ସୁରଭି-ଯ) ସୁଗନ୍ଧ; ସୌନ୍ଦର୍ଯ୍ୟ; କୁଙ୍କୁରବିଶେଷ; କୁଙ୍କୁମ । ପୁଂ. କୁବେର ।

ସୌରମାସ, ବି. ପୁଂ. ( ସୌର-ମାସ ) ସୂର୍ଯ୍ୟର ଏକ ରାଶିରେ ଥିବା କାଳ ।

ସୌରସେନ, ବି. ପୁଂ. ସ୍କନ୍ଦ, କାର୍ତ୍ତିକେୟ ।

ସୌରାଷ୍ଟ୍ର, ବି. ପୁଂ. ( ସୁରାଷ୍ଟ୍ର-ଅ ) ଦେଶବିଶେଷ, ସୁରାଟ୍‌ଦେଶ । ପୁଂ. ତଦ୍ଦେଶୀୟ ଲୋକ । ନ. କାଂସ୍ୟ ।

ସୌରି, ବି. ପୁଂ. ( ସୁର-ଇ ) ଶନୈଶ୍ଚର; ଯମ; ଅସନବୃକ୍ଷ; (ସୂର-ଇ) କୃଷ୍ଣ । ବିଂ. ସୂର୍ଯ୍ୟସମ୍ବନ୍ଧୀୟ ।

ସୌବସ୍ତିକ, ବି. ପୁଂ. (ସ୍ୱସ୍ତି-ଇକ) ପୁରୋହିତ । ବିଂ. ସ୍ୱସ୍ତିବାଚକ, ମଙ୍ଗଳବାଚକ, ହିତଜନକ ।

ସୌଷ୍ଠବ, ବି. ନ. ( ସୁଷ୍ଠୁ-ଅ ) ସୌନ୍ଦର୍ଯ୍ୟ; ଉତ୍କର୍ଷ; ଆଧିକ୍ୟ, ପ୍ରାଚୁର୍ଯ୍ୟ; ନାଟକର ଅଂଶବିଶେଷ; ଲଘୁତା, କ୍ଷିପ୍ରତା ।

ସୌସାଦୃଶ୍ୟ, ବି. ନ. (ସୁ-ସଦୃଶ-ଯ) ଉତ୍ତମସାଦୃଶ୍ୟ; ମେଳ ।

ସୌହାର୍ଦ୍ଦ, ସୌହାର୍ଦ୍ଦ୍ୟ, ସୌହୃଦ, ସୌହୃଦ୍ୟ । ବି. ନ. (ସୁହୃଦ୍-ଅ, ଯ) ସଖ୍ୟ, ପ୍ରଣୟ, ବନ୍ଧୁତା; ସୌଜନ୍ୟ ।

ସ୍କନ୍ଦ, ବି. ପୁଂ. (ସ୍କନ୍ଦ୍-ଅ) କାର୍ତ୍ତିକେୟ, ଷଡ଼ାନନ; ନଦୀତଟ; ରାଜା; ବିଦ୍ୱାନ୍, ଦକ୍ଷ ।

ସ୍କନ୍ଧ, ବି. ପୁଂ. (କ-ଧା-ଅ) ଅଂସ, କନ୍ଧର, କାନ୍ଧ; ଶରୀର; ବ୍ୟୂହ, ସୈନ୍ୟରଚନା; ମୂଳଠାରୁ ଶାଖାନିର୍ଗମସ୍ଥାନ ପର୍ଯ୍ୟନ୍ତ ବୃକ୍ଷଭାଗ; ସୈନ୍ୟାଧ୍ୟକ୍ଷ; ଯୁଦ୍ଧ; ସମୂହ; ପଥ; ନୃପତି, ରାଜା; ଅଭିଷେକ ସାମଗ୍ରୀ; ସେନାବିଭାଗ; ବକ; ଚୁକ୍ତି, ନିର୍ଦ୍ଦିଷ୍ଟକାର୍ଯ୍ୟ; ବିଜ୍ଞ ପ୍ରାଚୀନ ମନୁଷ୍ୟ; ପଣ୍ଡିତ, ଶିକ୍ଷକ; କକୁଦ୍, ଷଣ୍ଢର କୁଲ; ପଞ୍ଚ ଇନ୍ଦ୍ରିୟର ପଞ୍ଚବିଷୟ ରସ ଗନ୍ଧାଦି; ଛନ୍ଦୋବିଶେଷ; ଗ୍ରନ୍ଥ-ପରିଚ୍ଛେଦ, ଗ୍ରନ୍ଥର ଅଧ୍ୟାୟ; ବୌଦ୍ଧମତରେ ଜ୍ଞାନର ୫ ଅଂଶ; ବିଷୟ ପ୍ରପଞ୍ଚ ବେଦନାସ୍କନ୍ଧ, ଆଳୟ ବିଜ୍ଞାନ ପ୍ରପଞ୍ଚବିଜ୍ଞାନ ସ୍କନ୍ଧ, ନାମ ପ୍ରପଞ୍ଚ ସଂଜ୍ଞା ସ୍କନ୍ଧ, ବାସନା ପ୍ରପଞ୍ଚ ସଂସ୍କାର ସ୍କନ୍ଧ ।

ସ୍କନ୍ଧଦେଶ, ବି. ପୁଂ. (ସ୍କନ୍ଧ-ଦେଶ) ଅଂସ, କନ୍ଧର, କାନ୍ଧ; ହସ୍ତିସ୍କନ୍ଧ, ଯେଉଁ ସ୍ଥାନରେ ହସ୍ତିପକ ଉପବେଶନ କରେ ।

ସ୍କନ୍ଧରୁହ, ବି. ପୁଂ. (ସ୍କନ୍ଧ-ରୁହ) ବଟବୃକ୍ଷ ।

ସ୍କନ୍ଧାବାର, ବି. ପୁଂ. ( ସ୍କନ୍ଧ-ଆ-ବୃ-ଅ ) ରାଜାର ଶରୀରରକ୍ଷକ ସେନା, ତମ୍ବୁ, ଶିବିର, ଛାଉଣି, ଯଥା,

—"ବ୍ୟପରରେ ଭାର,
ଘେରଗଙ୍କର ଶୋଭେ ସ୍କନ୍ଧାବାର ।"
ନ. କେ ।

ସ୍ଖଳନ, ବି. ନ. (ସ୍ଖଲ୍-ଅନ) ଧର୍ମରୁ ପତନ; ଭ୍ରଂଶ, ପତନ; ମୋଚନ; ଧକ୍କା; ଭ୍ରମ ହେବା; ବିକଳ ହେବା; ବାକ୍ୟର ଅର୍ଦ୍ଧ ଉଚ୍ଚାରଣ; ବିକୃତ; ଭ୍ରମବଶତଃ ଅନୁଦ୍ଦିଷ୍ଟ ବାକ୍ୟକଥନ; ଅଘାତ ଦ୍ୱାରା ବିଶୃଙ୍ଖଳ; ସ୍ଥାନଚ୍ୟୁତ ।

ସ୍ଖଳିତ, ବି. ନ. (ସ୍ଖଲ୍-ତ) ସ୍ଖଳନ; ପତନ; ଯୁଦ୍ଧରେ କୂଟ ପ୍ରୟୋଗ । ବିଂ. ପତିତ, ଚ୍ୟୁତ, ଭ୍ରଷ୍ଟ; ଗତ, ଚଳିତ; ବିଚଳିତ; କୁଣ୍ଠିତ; ଅର୍ଦ୍ଧୋଚ୍ଚାରିତ; ପ୍ରତିହତ; ବିକୃତ; ମତ୍ତ ।

ସ୍ତନ, ବି. ପୁଂ. (ସ୍ତନ-ଅ) ବକ୍ଷୋଜ, ପୟୋଧର, କୁଚ, ଯଥା,

"ସ୍ତନଯୁଗ ଶୋଭିତ ମୁକ୍ତା ହାରେ ।"

ସ୍ତନାନ୍ତର, ବି. ନ. (ସ୍ତନ-ଅନ୍ତର) ସ୍ତନଦ୍ୱୟର ମଧ୍ୟଭାଗ, ହୃଦୟ, ବକ୍ଷଃସ୍ଥଳ; ସ୍ତନଦ୍ୱୟର ମଧ୍ୟଭାଗସ୍ଥିତ ଚିହ୍ନବିଶେଷ, ଯାହାଦ୍ୱାରା ଭବିଷ୍ୟତ ବୈଧବ୍ୟ ସୂଚିତ ହୁଏ ।

ସ୍ତନିତ, ବି. ନ. (ସ୍ତନ୍-ଇ-ତ) ମେଘ ଗର୍ଜନ, ବଜ୍ରଧ୍ୱନି; ରତଶବ୍ଦ; କରତାଳି ଶବ୍ଦ । ବିଂ. ଶବ୍ଦକାରକ, ଯଥା,

"ହୁଳ ବଜିଲେ ଜଳଦ ଜରବର,
ବ୍ୟୋମପୂର୍ଣ୍ଣ ସ୍ତନିତ ପଟହ ନାଦ ଭାର ଯେ ।"
ବୈ. ବି ।

ସ୍ତନ୍ୟ, ବି. ନ. (ସ୍ତନ-ଯ) ସ୍ତନଦୁଗ୍ଧ ।

ସ୍ତନ୍ୟଜୀବୀ, ସ୍ତନ୍ୟପାୟୀ, ବି. ପୁଂ. (Mamalia) (ସ୍ତନ୍ୟ-ଜୀବ-ଇନ, ସ୍ତନ୍ୟ-ପାୟୀ) ଯେଉଁମାନେ ସ୍ତନ୍ୟପାନ କରି ବର୍ଦ୍ଧିତ ହୁଅନ୍ତି, ଯଥା, ମନୁଷ୍ୟ, ଗୋ, ମହିଷାଦି, ଏମାନେ ଜରାୟୁଜ ।

ସ୍ତବ୍ଧ, ବିଂ. (ସ୍ତମ୍ଭ୍-ତ) ସ୍ତମ୍ଭିତ, ଜଡ଼ୀଭୂତ, ଅସ୍ପନ୍ଦ; ଦୃଢ଼ୀଭୂତ; ମୂର୍ଚ୍ଛିତ; ବଧିର, ଯଥା,

ବାଜେ ରଣସିଙ୍ଗା ଶୁଭୁଛି ଶବଦ,
ମେଦନୀ ସ୍ତବଧ ହେଉଛି ଯାହେ ।"
କୃ. ବି ।

ସ୍ତମ୍ଭ, ବି. ପୁଂ. (ସ୍ତନ୍ଭ୍-ଅ) ଖୁଣ୍ଟ; ଅଚଞ୍ଚଳତା, ନିଶ୍ଚଳଭାବ; ଜଡ଼ୀଭାବ; ପ୍ରତିବନ୍ଧ, ରୋଧ; ଶୀତାଦି ନିବନ୍ଧନ, ଜଡ଼ତା; ରୋଗାଦିହେତୁ ଅଙ୍ଗାଦି ଅବସ୍ଥା; ଇନ୍ଦ୍ରଜାଲଦ୍ୱାରା ଚେଷ୍ଟାରୋଧ ।

ସ୍ତମ୍ଭନ, ବି. ନ. (ସ୍ତନ୍ଭ୍-ଅନ) ଅବରୋଧ; ନିବାରଣ, ମନା; ସ୍ଥିରୀକରଣ; ଦୃଢ଼ୀକରଣ; ରକ୍ତର ଗତିରୋଧ; ଇନ୍ଦ୍ରଜାଲଦ୍ୱାରା ଚେଷ୍ଟାରୋଧ । ପୁଂ. କାମଦେବଙ୍କର ପଞ୍ଚବାଣାନ୍ତର୍ଗତ ବାଣ ।

ସ୍ତମ୍ଭିତ, ବିଂ. (ସ୍ତନ୍ଭ୍-ତ) ଜଡ଼ୀକୃତ; ନିଶ୍ଚଳୀକୃତ; ନିବାରିତ; ଅବରୁଦ୍ଧ; ଦୃଢ଼ୀକୃତ ।

ସ୍ତର, ବି. ପୁଂ. (ସ୍ତୃ-ଅ) ଥାକ, ଥାକ, ଭୂମିପୃଷ୍ଠର ବିଭାଗବିଶେଷ; ତଳ୍ପ, ଶଯ୍ୟା ।

ସ୍ତବ, ବି. ପୁଂ. (ସ୍ତୁ-ଅ) ସ୍ତୁତି, ପ୍ରଶଂସା, ଗୁଣବର୍ଣ୍ଣନ ।

ସ୍ତବକ, ବି. ପୁଂ. (ସ୍ତୁ-ଅକ) ଗୁଚ୍ଛ, ପେଣ୍ଡା; ସମୂହ; ସ୍ତୁତି; ଗ୍ରନ୍ଥର ପରିଚ୍ଛେଦ । ବିଂ. ସ୍ତବକାରକ, ଯଥା,

"ସ୍ତବକ ସ୍ତନରେ ନମ୍ର ଅଶୋକ ବଲ୍ଲରୀ ।"

ସ୍ତାବକ, ବି. ପୁଂ. (ସ୍ତୁ-ଅକ) ସ୍ତୁତିକାରକ, ଗୁଣଗାୟକ ।

ସ୍ତିମିତ, ବିଂ. (ସ୍ତିମ୍-ତ) ଆର୍ଦ୍ର, ଓଦା; ନିଶ୍ଚଳ, ସ୍ଥିର, ଜଡ଼ । ବି. ନ. ଆର୍ଦ୍ରତା; ଜଡ଼ତା, ନିଶ୍ଚଳତା ।

ସ୍ତୁତ, ବିଂ. (ସ୍ତୁ-ତ) ପ୍ରଶଂସିତ, ସଂକୀର୍ତ୍ତିତ, ଯାହାର ସ୍ତବ କରାହୁଏ ।

ସ୍ତୁତି, ବି. ସ୍ତ୍ରୀ. (ସ୍ତୁ-ତି) ପ୍ରଶଂସା, ସ୍ତବ, ଗୁଣକଥନ; ଦୁର୍ଗା ।

ସ୍ତୁତିପାଠକ, ସ୍ତୁତିବ୍ରତ, ବି. ପୁଂ. (ସ୍ତୁତି-ପାଠକ; ବ୍ରତ) ସ୍ତବକର୍ତ୍ତା, ବନ୍ଦୀ; ସୂତ, ମାଗଧଜାତି ।

ସ୍ତୁତିବାଦ, ବି. ପୁଂ. (ସ୍ତୁତି-ବାଦ) ପ୍ରଶଂସାବାକ୍ୟ ।

ସ୍ତୂପ, ବି. ପୁଂ. (ସ୍ତୂପ୍-ଅ) ରାଶି, ସମୂହ; ରାଶିକୃତ; (ମୃତ୍ତିକାଦି) ଗଦା ।

ସ୍ତେନ, ବି. ପୁଂ. (ସ୍ତେନ୍-ଅ) ଚୋର, ତସ୍କର । ନ. ଚୌର୍ଯ୍ୟ, ଚୋରି ।

ସ୍ତୈମିତ୍ୟ, ବି. ନ. (ସ୍ତିମିତ-ଯ) ଆର୍ଦ୍ରତା; ଜଡ଼ତା ।

ସ୍ତୋକ, ବିଂ. (ସ୍ତୁଚ୍-ଅ) ଅଳ୍ପ, ଈଷତ୍; ପ୍ରବୋଧ । ବି. ପୁଂ. ଚାତକପକ୍ଷୀ; ଜଳବିନ୍ଦୁ ।

ସ୍ତୋତା, ବିଂ. ( ସ୍ତୁ-ତୃ ) ସ୍ତବକର୍ତ୍ତା, ସ୍ତୁତିକାରକ; ସୂତ, ବନ୍ଦୀ ।

ସ୍ତୋତ୍ର, ବି. ନ. ( ସ୍ତୁ-ତ୍ର ) ସ୍ତୁତି, ସ୍ତବ, ଆରାଧନା ବାକ୍ୟ ।

ସ୍ତୋମ, ବି. ପୁଂ. (ସ୍ତୋମ୍-ଅ) ରାଶି, ସମୂହ । ବିଂ. ବକ୍ର, ବଙ୍କା; ନତ । ନ. ଧନ; ମସ୍ତକ; ଶସ୍ୟ; ଯଷ୍ଟିକ ।

ସ୍ତ୍ରୀ, ବି. ସ୍ତ୍ରୀ. ( ସ୍ତ୍ୟୈ-ଟ୍ର-ଈ ) ଯୋଷିତ୍, ଅବଳା, ନାରୀ; ପତ୍ନୀ, ଭାର୍ଯ୍ୟା ।

ସ୍ତ୍ରୀଚିତ୍ତହାରୀ, ବିଂ. (ସ୍ତ୍ରୀଚିତ୍ତ-ହାରୀ) ମନୋହର ।

ସ୍ତ୍ରୀଚିହ୍ନ, ବି. ନ. (ସ୍ତ୍ରୀ-ଚିହ୍ନ) ଭଗ, ଯୋନି

ସ୍ତ୍ରୀଚୌର, ବି. ପୁଂ. ( ସ୍ତ୍ରୀ-ଚୌର ) କାମୁକ, ଲମ୍ପଟ ।

ସ୍ତ୍ରୀତ୍ୱ, ବି. ନ. (ସ୍ତ୍ରୀ-ତ୍ୱ) ସ୍ତ୍ରୀଧର୍ମ; ସ୍ତ୍ରୀଲିଙ୍ଗ ।

ସ୍ତ୍ରୀଧର୍ମ, ବି. ପୁଂ. ( ସ୍ତ୍ରୀ-ଧର୍ମ ) ଋତୁ, ରଜଃ; ସ୍ତ୍ରୀଲୋକର କର୍ତ୍ତବ୍ୟ କର୍ମ ।

ସ୍ତ୍ରୀଧର୍ମିଣୀ, ବି. ସ୍ତ୍ରୀ. ( ସ୍ତ୍ରୀଧର୍ମ-ଇନ୍-ଈ ) ଋତୁମତୀ, ରଜସ୍ୱଳା ।

ସ୍ତ୍ରୀପର, ବି. ପୁଂ. (ସ୍ତ୍ରୀ-ପର) ନାରୀପ୍ରିୟ, ଲମ୍ପଟ ।

ସ୍ତ୍ରୀରତ୍ନ, ବି. ନ. (ସ୍ତ୍ରୀ-ରତ୍ନ) ଉତ୍ତମାସ୍ତ୍ରୀ, ନାରୀଶ୍ରେଷ୍ଠ ।

ସ୍ତ୍ରୀଲିଙ୍ଗ, ବି. ପୁଂ. (ସ୍ତ୍ରୀ-ଲିଙ୍ଗ) ସ୍ତ୍ରୀବାଚକ ( ଶବ୍ଦ ) ଯୋନି ।

ସ୍ତ୍ରୀସଙ୍ଗ, ବି. ପୁଂ. ସମ୍ଭୋଗ, ରମଣ ।

ସ୍ତ୍ରୈଣ, ବି. ନ. (ସ୍ତ୍ରୀ-ନ) ସ୍ତ୍ରୀତ୍ୱ, ସ୍ତ୍ରୀସ୍ୱଭାବ । ପୁଂ. ସ୍ତ୍ରୀଜିତ, ସ୍ତ୍ରୀବଶ । ବିଂ. ସ୍ତ୍ରୀସମ୍ବନ୍ଧୀୟ, ଯଥା,

"ସ୍ତ୍ରୈଣଜନ ମନ ମଜାଇ ତୋର ଏତେ ଗୁମାନ,
ତେଜସ୍ୱି ଧର୍ଷଣ ପ୍ରମାଦେ ଦନେ ଯିବ ତୋ ପ୍ରାଣ ।"

ଚ. ଶ ।

ସ୍ତ୍ରୈଣତା, ବି. ସ୍ତ୍ରୀ. (ସ୍ତ୍ରୈଣ-ତା) ସ୍ତ୍ରୀବଶତା, ସ୍ତ୍ରୀବଶୀଭୂତତା ।

ସ୍ଥ, ବିଂ. (ସ୍ଥା-ଅ) ସ୍ଥିତ, ବିଦ୍ୟମାନ, ବର୍ତ୍ତମାନ ।

ସ୍ଥଗିତ, ବିଂ. (ସ୍ଥଗ୍-ତ) ଆବୃତ; ତିରୋହିତ; ନିବୃତ୍ତ; ଅବରୁଦ୍ଧ ।

ସ୍ଥଣ୍ଡିଲ, ବି. ନ. (ସ୍ଥା-ଅଣ୍ଡିଲ) ଯଜ୍ଞାର୍ଥ ପ୍ରସ୍ତୁତ ପରିଷ୍କୃତ ଭୂମି ।

ସ୍ଥପତି, ବି. ପୁଂ. ( ସ୍ଥ-ପତି ) ଅନ୍ତଃପୁର ରକ୍ଷକ, କଞ୍ଚୁକୀ; ବାର୍ହସ୍ପତ୍ୟ ଯାଗକର୍ତ୍ତା; ଅଧୀଶ୍ୱର, ଅଧିପତି; ମନ୍ତ୍ରୀ; ବୃହସ୍ପତି; ରାଜମିସ୍ତ୍ରୀ; ଶିଳ୍ପୀ; ସୂତ୍ରଧର; ସାରଥି; କୁବେର । ବିଂ. ପ୍ରଧାନ, ମୁଖ୍ୟ, ସତ୍ତମ ।

ସ୍ଥଳ, ନ. } ବି. (ସ୍ଥଲ୍-ଅ, ଈ) ସ୍ଥାନ; ପ୍ରଦେଶ;
ସ୍ଥଳୀ, ସ୍ତ୍ରୀ. } ଜଳଶୂନ୍ୟ ଅକୃତ୍ରିମ ଭୂମି; ପାତ୍ର; ଥଳୀ; ଥାଳୀ; ଥାଳ । ନ. ପଟବାସ, ତାମ୍ବୁ; ବିବାଦ ବା ବର୍ଣ୍ଣନାର ବିଷୟ; ପୁସ୍ତକର ଅଂଶ ।

ସ୍ଥଳଚର, ବିଂ. (ସ୍ଥଳ-ଚର) ଯେଉଁମାନେ ସ୍ଥଳରେ ବାସ କରନ୍ତି ଯଥା,

"ସ୍ଥଳଚର ସ୍ଥଳେ ମୀନଆଦି ଜଳେ
ତୋ ପ୍ରଖ୍ୟେ କରେ ଶଗ ଚେତନ ।"

ସ୍ଥଳପଦ୍ମ, ବି. ନ. ( ସ୍ଥଳ-ପଦ୍ମ ) ସ୍ୱନାମପ୍ରସିଦ୍ଧ ପୁଷ୍ପବିଶେଷ । ପୁଂ. ମାଣସାରୁ ।

ସ୍ଥଳସଙ୍କଟ, ବି. (Isthmus) ଯୋଜକ ଭୂକନ୍ଧର ।

ସ୍ଥଳୀୟ, ବିଂ. (ସ୍ଥଳ-ଈୟ ) ସ୍ଥଳସମ୍ବନ୍ଧୀୟ, ସ୍ଥାନୀୟ ।

ସ୍ଥବି, ବି. ପୁଂ. ( ସ୍ଥା-ଇ ) ତନ୍ତୁବାୟ, ତନ୍ତି; ସ୍ୱର୍ଗ, ଜଙ୍ଗମ ।

ସ୍ଥବିର, ବିଂ. ( ସ୍ଥା-ଇର ) ବୃଦ୍ଧ, ପ୍ରାଚୀନ; ଜୀର୍ଣ୍ଣ; ଅଚଳ, ସ୍ଥିର । ବି. ପୁଂ. ବ୍ରହ୍ମା; ବୃଦ୍ଧବ୍ୟକ୍ତି ।

ସ୍ଥବିଷ୍ଠ, ସ୍ଥବୀୟାନ୍, ବିଂ. (ସ୍ଥୂଳ-ଇଷ୍ଠ, ଈୟସ୍) ଅତି ସ୍ଥୂଳ, ଅତିଶୟ ମୋଟା ।

ସ୍ଥା, ବି. ସ୍ତ୍ରୀ, (ସ୍ଥା-୦) ସ୍ଥିତି, ଥିବା ।

ସ୍ଥାଣୁ, ବି. ପୁଂ. ( ସ୍ଥା-ନୁ ) ଶିବ; କୀଲା, ଖୋଣ୍ଟା, ଗୋଜ, ଖୁଣ୍ଟ; ସ୍ତମ୍ଭ; ବଲ୍ମୀକ, ଉଇର ହୁଙ୍କା । ପୁଂ. ନ. ଶାଖାଶୂନ୍ୟ ବୃକ୍ଷ, ଖୁଣ୍ଟାଗଛ । ବିଂ. ସ୍ଥିର; ସ୍ଥାବର ।

**ସ୍ଥାତବ୍ୟ**, ବିଂ. ( ସ୍ଥା-ତବ୍ୟ ) ସ୍ଥିତିଯୋଗ୍ୟ, ସ୍ଥୈର୍ଯ୍ୟ, ଥିବାର ଉପଯୁକ୍ତ ।

**ସ୍ଥାତା**, ବିଂ. (ସ୍ଥା-ତୃ) ସ୍ଥିତିକାରୀ, ଯେ ଥାଏ ।

**ସ୍ଥାନ**, ବି. ନ. ( ସ୍ଥା-ଅନ ) ସ୍ଥଳ; ପଦ; ଅବସ୍ଥିତି; ସ୍ଥିତି; ଅବକାଶ; ଗୃହ, ଘର; ସାଦୃଶ୍ୟ; ସ୍ଥୈର୍ଯ୍ୟ; ନିକଟ; ନଗରର ମଧ୍ୟସ୍ଥ ପରିଷ୍କୃତ ଭୂମି; ନଗର; କାର୍ଯ୍ୟ, କର୍ମ, ବ୍ୟବସାୟ; ସନ୍ନିବେଶ; ଗ୍ରନ୍ଥସନ୍ଧି; ଆଧାର; ଭାଜନ ।

**ସ୍ଥାନସନ୍ନିବେଶ**, ବି. ପୁଂ. ସ୍ଥାନନିର୍ଣ୍ଣୟ ଓ ତାହାର ସୀମାଦି ନିରୂପଣ ।

**ସ୍ଥାନାବରୋଧକତା**, (Resistance) ଯେଉଁ ଗୁଣଦ୍ୱାରା ଜଡ଼ପଦାର୍ଥ ଆପଣାର ଆଶ୍ରୟ ସ୍ଥାନ ରୁଦ୍ଧ କରି ରଖେ ।

**ସ୍ଥାନିକ**, ବି. ପୁଂ. (ସ୍ଥାନ-ଇକ) ସ୍ଥାନାଧ୍ୟକ୍ଷ । ବିଂ. ସ୍ଥାନୀୟ ।

**ସ୍ଥାନୀୟ**, ବିଂ. (Local) (ସ୍ଥାନ-ଈୟ) ସ୍ଥିତିଯୋଗ୍ୟ; ସ୍ଥଳୀୟ, ସ୍ଥାନସ୍ଥିତ; ସ୍ଥାନସମ୍ବନ୍ଧୀୟ । ବି. ନ. ନଗର ।

**ସ୍ଥାପକ**, ବିଂ. (ସ୍ଥାପି-ଅକ) ସଂସ୍ଥାପନକାରୀ, ଯେ ରଖେ; ନାଟ୍ୟସମ୍ପାଦକ; ମନ୍ଦିରାଦି ପ୍ରତିଷ୍ଠା କର୍ତ୍ତା ।

**ସ୍ଥାପନ**, ବି. ନ. (ସ୍ଥାପି-ଅନ) ଅର୍ପଣ, ରଖିବା; ନିବେଶନ, ନିୟୋଗ କରିବା; ଆରୋପଣ; ପୁଂସବନ; ଆବାସ ।

**ସ୍ଥାପିତ**, ବିଂ. (ସ୍ଥାପି-ତ) ଅର୍ପିତ; ନିବେଶିତ; ରକ୍ଷିତ; ନ୍ୟସ୍ତ; ଆରୋପିତ; ନିଶ୍ଚିତ ।

**ସ୍ଥାୟିଭାବ**, ବି. ପୁଂ. (ସ୍ଥାୟି-ଭାବ) ରତି, ହାସ, ଶୋକ, କ୍ରୋଧ, ଉତ୍ସାହ, ଭୟ, ଜୁଗୁପ୍ସା, ବିସ୍ମୟ, ଶମ— ଏହି ନଅଟି; ରସର ଅବସ୍ଥିତି କାଳପର୍ଯ୍ୟନ୍ତ ଏମାନେ ଥାଆନ୍ତି ବୋଲି ଏମାନଙ୍କର ନାମ ସ୍ଥାୟିଭାବ; ଭାବମଧ୍ୟ ସହିତ ଜନ୍ମାନ୍ତରର ସଂଯୋଗ ଥିବା ।

**ସ୍ଥାୟୀ**, ବିଂ. (ସ୍ଥା-ଇନ୍) ସ୍ଥିତିବିଶିଷ୍ଟ, ଅଚଳ, ସ୍ଥିର ।

**ସ୍ଥାଲ**, ବି. ନ. (ସ୍ଥା-ଅଲ) ପାତ୍ରବିଶେଷ, ଥାଳ ।

**ସ୍ଥାଲୀ**, ବି. ସ୍ତ୍ରୀ. (ସ୍ଥାଲ-ଈ) ହାଣ୍ଡି, ପାକପାତ୍ର; ଥାଳୀ; ପାଟଳୀବୃକ୍ଷ ।

**ସ୍ଥାବର**, ବିଂ. (ସ୍ଥା-ବର) ସ୍ଥିତିଶୀଳ, ଅଚଳ, ବୃକ୍ଷପର୍ବତାଦି, ସ୍ଥାୟୀପଦାର୍ଥ । ବି. ପୁଂ. ନ. ଧନୁର୍ଗୁଣ, ଯଥା,

"ସ୍ଥାବର ଜଙ୍ଗମ ଆଦି କରି ଯେତେ,
ସ୍ତବ୍ଧ ହେଲେ ସର୍ବେ ଦେଖାଙ୍କ ସଙ୍କେତେ ।"
ନ. ବୈ ।

**ସ୍ଥାବିର**, ବି. ନ. (ସ୍ଥବିର-ଅ) ସ୍ଥବିରତ୍ୱ, ବୃଦ୍ଧାବସ୍ଥା, ସ୍ତ୍ରୀଲୋକଙ୍କର ୫୦ ବର୍ଷ ପରେ ଏବଂ ପୁରୁଷଙ୍କର ୭୦ ବର୍ଷ ପରେ ।

**ସ୍ଥାସ୍ନୁ**, ବିଂ. (ସ୍ଥା-ସ୍ନୁ) ସ୍ଥିତିଶୀଳ, ସ୍ଥାୟୀ ।

**ସ୍ଥିତ**, ବିଂ. (ସ୍ଥା-ତ) ସ୍ଥିର; ଅବଧାରିତ; ଘଟିତ; ଉପସ୍ଥିତ; ଅଭିଯୁକ୍ତ; ଆକ୍ରାନ୍ତ; ଦଣ୍ଡାୟମାନ; ସ୍ଥିତିଶାଳୀ, ଯଥା,

"ତୁ ପୁଣି ସର୍ବାଂଶେ ଅଗ୍ରତେ ସ୍ଥିତ ।"

**ସ୍ଥିତି**, ବି. ସ୍ତ୍ରୀ. (ସ୍ଥା-ତି) ଅବସ୍ଥାନ, ଥିବାର; ଅବଧାରଣ; ସ୍ଥିରତା; ମର୍ଯ୍ୟାଦା; ସୀମାସ୍ଥାନ; ପାଳନ; ଅବସ୍ଥା, ଦଶା; ନିବୃତ୍ତି; ନିଷ୍ପତ୍ତି ।

**ସ୍ଥିତିସ୍ଥାପକ**, ବି. ପୁଂ. (Elasticity) (ସ୍ଥିତି-ସ୍ଥାପକ) ପୂର୍ବସ୍ଥାନରେ ସ୍ଥାପନକାରୀ ଗୁଣବିଶେଷ; ଆକୁଞ୍ଚନ, ପ୍ରସାରଣ ଓ ଅଭିଘାତାଦି କଲେହେଁ ବସ୍ତୁମାନେ ଯେଉଁ ନୈସର୍ଗିକ ଗୁଣ ପ୍ରଭାବରେ ପୁନର୍ବାର ପୂର୍ବାକାର ପ୍ରାପ୍ତ ହୁଅନ୍ତି ।

**ସ୍ଥିର**, ବିଂ. (ସ୍ଥା-ଇର) ଧୀର; ଯାହା ଅଣ୍ଡା ହୋଇ ଏକତ୍ରିତ ହୋଇଅଛି; ନିଦୃତ, ବିଶ୍ୱାସଯୋଗ୍ୟ; ସ୍ଥାୟୀ, ନିଶ୍ଚଳ; ଦୃଢ଼, କଠିନ; ନିଶ୍ଚିତ । ବି. ପୁଂ. ଦେବତା; କାର୍ତ୍ତିକେୟ; ଶନିଗ୍ରହ; ପର୍ବତ; ବୃଷ; ବୃକ୍ଷ; ମୋକ୍ଷ ।

**ସ୍ଥିରତର**, ବିଂ. (ସ୍ଥିର-ତର) ଅତିସ୍ଥିର; ସୁନିଶ୍ଚିତ; ଚିରସ୍ଥାୟୀ; ଦୃଢ଼ତର; ସଧୀର, ଅତିଧୀର ।

**ସ୍ଥିରତା**, ବି. ସ୍ତ୍ରୀ. (ସ୍ଥିର-ତା) ସ୍ଥୈର୍ଯ୍ୟ; ଅବଧାରଣ; ଦୃଢ଼ତା ।

ସ୍ଥିରା, ବି. ସ୍ତ୍ରୀ. ଅଚଳା, ପୃଥ୍ୱୀ; ଔଷଧିବିଶେଷ, କାକୋଲୀ; ଶିମିଳିଗଛ ।

ସ୍ଥିରୀକୃତ, ବିଂ. (ସ୍ଥିର-କୃତ) ନିର୍ଣ୍ଣୀତ, ଦୃଢୀକୃତ ।

ସ୍ଥୂଳ, ବିଂ. (ସ୍ଥୂଲ୍-ଅ) ଦୀର୍ଘ ।

ସ୍ଥୂଳ, ବିଂ. (ସ୍ଥୂଲ୍-ଅ) ଇନ୍ଦ୍ରିୟଗ୍ରାହ୍ୟ; ପୁଷ୍ଟ; ଅସୂକ୍ଷ୍ମ, ପୀବର, ମୋଟା; ମନ୍ଦ; ପ୍ରକାଣ୍ଡ; ମୂର୍ଖ । ବି. ନ. ରାଶି, ସମୂହ ।

ସ୍ଥୂଳକୋଣ, ବି. (Obtuse angle) ସମକୋଣ ଅପେକ୍ଷା ବୃହତ୍ତ କୋଣ ।

ସ୍ଥୂଳକ୍ଷ୍ୱେଡ, ବି. ପୁଂ. (ସ୍ଥୂଳ-କ୍ଷ୍ୱେଡ୍) ଶର, ବାଣ ।

ସ୍ଥୂଳଚର୍ମୀ, ସ୍ଥୂଳତ୍ୱକ, ବି. ପୁଂ. (Pachyadermata) (ସ୍ଥୂଳଚର୍ମ-ଇନ, ସ୍ଥୂଳ-ତ୍ୱଚ୍) ଯେଉଁ ସବୁ ପ୍ରାଣିର ଦେହ ସ୍ଥୂଳ ଚର୍ମରେ ଆବୃତ ଥାଏ ଯଥା.-ହସ୍ତୀ; ଟେପର, ଖଡ୍ଗୀ, ଶୂକର, ହିପପଟେମସ୍ ପ୍ରଭୃତି ।

ସ୍ଥୂଳତା, ବି. ସ୍ତ୍ରୀ. (ସ୍ଥୂଳ-ତା) ପୀନତା; ଆଧିକ୍ୟ; ବୃହତ୍ତ୍ୱ ।

ସ୍ଥୂଳପାଦ, ବି. ପୁଂ. (ସ୍ଥୂଳ-ପାଦ) ହସ୍ତୀ, ଗଜ ।

ସ୍ଥୂଳଭୂତ, ବି. ନ. ପୃଥିବୀ ଜଳ ତେଜଃ ବାୟୁ ଆକାଶ—ପଞ୍ଚୀକୃତ ଏହି ପାଞ୍ଚ ଭୂତ ।

ସ୍ଥୂଳଲକ୍ଷ, ସ୍ଥୂଳଲକ୍ଷ୍ୟ, ବିଂ. (ସ୍ଥୂଳ ଲକ୍ଷ-ଅ, ଯ) ବହୁପ୍ରଦ, ଅତିଦାତା; ବିଦ୍ୱାନ୍, କୃତବିଦ୍ୟ; କୃତଜ୍ଞ ।

ସ୍ଥୂଳାସ୍ୟ, ବି. ପୁଂ. (ସ୍ଥୂଳ-ଅସ୍ୟ=ମୁଖ ବା ମସ୍ତକ) ସର୍ପ । ବିଂ. ଯାହାର ମୁଖ ବଡ ।

ସ୍ଥେୟ, ବିଂ. (ସ୍ଥା-ଯ) ସ୍ଥିରତର; ସ୍ଥାପନୀୟ । ବି. ପୁଂ. ସଂଶୟନିର୍ଣ୍ଣାୟକ, ବିବାଦପକ୍ଷର ନିର୍ଣ୍ଣେତା, ମଧ୍ୟସ୍ଥ; ପୁରୋହିତ ।

ସ୍ଥୈର୍ଯ୍ୟ, ବି. ନ. (ସ୍ଥିର-ଯ) ସ୍ଥିରତା; ଦୃଢତା; ଅବଧାରଣ ।

ସ୍ନପନ, ବି. ନ. ( ସ୍ନପି-ଅନ ) ସ୍ନାନ, ଗାଧୁଆ; ଅଭିଷେକକରଣ; ଆର୍ଦ୍ରୀକରଣ; ଧୌତକରଣ ।

ସ୍ନପିତ, ବିଂ. (ସ୍ନପି-ତ) ସ୍ନାତ, ସିକ୍ତ; ଅଭିଷେଚିତ; କ୍ଷାଳିତ ।

ସ୍ନାତ, ବିଂ. (ସ୍ନା-ତ) ଅଭିଷିକ୍ତ; ଯେ ସ୍ନାନ କରିଅଛି; ଧୌତ; କ୍ଷାଳିତ ।

ସ୍ନାନ, ବି. ନ. (ସ୍ନା-ଅନ) ସର୍ବାଙ୍ଗ କ୍ଷାଳନ, ଅବଗାହନ, ମଜ୍ଜନ; ସ୍ନାନସାଧନ ବସ୍ତୁ, ଗନ୍ଧଚୂର୍ଣ୍ଣାଦି; ତୈଳ ହରିଦ୍ରାଦି ।

ସ୍ନାନପୂର୍ଣ୍ଣିମୀ, ବି. ଜ୍ୟେଷ୍ଠମାସର ପୂର୍ଣ୍ଣିମୀ ।

ସ୍ନାନତୃଣ, ବି. ନ. (ସ୍ନାନ-ତୃଣ) କୁଶତୃଣ ।

ସ୍ନାନୀୟ, ବିଂ. ( ସ୍ନା-ଅନୀୟ ) ସ୍ନାନୋପଯୁକ୍ତ, ସ୍ନାନଯୋଗ୍ୟ; ସ୍ନାନସାଧନ ବସ୍ତୁ, ସ୍ନାନାର୍ଥ ଜଳ, ଗନ୍ଧଚୂର୍ଣ୍ଣାଦି, ତୈଳ ହରିଦ୍ରାଦି ।

ସ୍ନାପକ, ବିଂ. (ସ୍ନାପି-ଅକ) ଯେ ସ୍ନାନ କରାଏ ।

ସ୍ନାୟୀ, ବିଂ. (ସ୍ନା-ଇନ୍) ସ୍ନାନକର୍ତ୍ତା, ଯେ ସ୍ନାନ କରେ ।

ସ୍ନାୟୁ ବି. ସ୍ତ୍ରୀ. (Nerve) (ସ୍ନା-ଉ) ଦେହବର୍ତ୍ତୀ ସୂତ୍ରବତ୍ ସୂକ୍ଷ୍ମନାଡ଼ୀ, ସର୍ବ ଶରୀରବ୍ୟାପି ସୂତ୍ରବତ୍ ସୂକ୍ଷ୍ମଶିରାବିଶେଷ, ଏହା ଦ୍ୱାରାଯୋଗେ ପେଶୀମାନେ ସଙ୍କୁଚିତ ହୁଅନ୍ତି ଏହା ଶରୀରର ସଞ୍ଚାଳନ କ୍ରିୟା ସାଧକ ଓ ଅନୁଭୂତି ସାଧନ ।

ସ୍ନାବ, ବି. ପୁଂ. ମାଂସପେଶୀ ।

ସ୍ନିଗ୍ଧ, ବିଂ. (ସ୍ନିହ୍-ତ) ଚିକ୍କଣ; କୋମଳ; ମଧୁର; ସ୍ନେହପରାୟଣ; ନିବିଡ଼; ସୁଶ୍ରାବ୍ୟ; ଶୀତଳକାରକ; ମସୃଣ; ସ୍ନେହଯୁକ୍ତ । ବି. ପୁଂ. ବୟସ୍ୟ, ସଖା । ନ. ତେଜଃ; ଭାତମଣ୍ଡ; ବେଧାସ୍ଥୀ, ମଜ୍ଜା ।

ସ୍ନିଗ୍ଧତା, ବି. ସ୍ତ୍ରୀ. (ସ୍ନିଗ୍ଧ-ତା) ଚିକ୍କଣତା; ସ୍ନେହ; ପ୍ରିୟତା ।

ସ୍ନୁତ, ବିଂ. (ସ୍ନୁ-ତ) ଗଳିତ, ପତିତ, କ୍ଷରିତ ।

ସ୍ନୁଷା, ବି. (ସ୍ନୁ-ସ, ଆ) ପୁତ୍ରବଧୂ ।

ସ୍ନେହ, ବି. ପୁଂ. (ସ୍ନିହ୍-ଅ) ପ୍ରେମ, ଦୟା, ଯଥା,

> "କଳାନିଧି ଅମୃତ ଶରୀର ହୋଇଁ,
> କଳଙ୍କକୁ କୋଳରେ ସ୍ନେହେ ବସାଇଁ ଯେ ।"

ବାତ୍ସଲ୍ୟ; ତୈଳାଦିଦ୍ରବବସ୍ତୁ; ପ୍ରିୟବସ୍ତୁ ।

ସ୍ନେହପ୍ରିୟ, ବି. ପୁଂ. (ସ୍ନେହ-ପ୍ରିୟ) ପ୍ରଦୀପ, ଦୀପ ।

ସ୍ନେହବାନ୍, ବିଂ. (ସ୍ନେହ-ବତ୍) ସ୍ନେହଯୁକ୍ତ ।

ସ୍ନେହିତ, ବିଂ. (ସ୍ନେହ-ଇତ) ସ୍ନେହଯୁକ୍ତ । ବି. ପୁଂ. ବୟସ୍ୟ, ବନ୍ଧୁ ।

ସ୍ନେହୀ, ବିଂ. ( ସ୍ନେହ-ଇନ୍ ) ପ୍ରେମୀ; ସ୍ନେହଯୁକ୍ତ; ତୈଳାଦିଯୁକ୍ତ । ବି. ପୁଂ. ବୟସ୍ୟ, ବନ୍ଧୁ; ଚିକ୍କଣକର ।

ସ୍ପନ୍ଦ, ପୁଂ. } ବି. (ସ୍ପନ୍ଦ୍-ଅ; ଅନ) ସ୍ଫୁରଣ, ଈଷତ୍
ସ୍ପନ୍ଦନ, ନ. } କମ୍ପନ, ହଲଚଲ; ଚଳନ ।

ସ୍ପନ୍ଦନପ୍ରବାହ, ( Locomotive Stream ) ଯେଉଁ ଶକ୍ତି ଦ୍ୱାରା ରକ୍ତ ହୃତ୍ପିଣ୍ଡ ଏବଂ ହସ୍ତପାଦାଦି ଅଙ୍ଗପ୍ରତ୍ୟଙ୍ଗ ସବୁ ଚାଳିତ ହୁଏ ।

ସ୍ପନ୍ଦିତ, ବିଂ. ( ସ୍ପନ୍ଦ୍-ତ ) କମ୍ପିତ, ସ୍ଫୁରିତ । ବି. ନ. ସ୍ପନ୍ଦନ, କମ୍ପନ ।

ସ୍ପର୍ଦ୍ଧା, ବି. ସ୍ତ୍ରୀ. ( ସ୍ପର୍ଦ୍ଧ୍-ଆ ) ପ୍ରତିଯୋଗିତା, ଅନ୍ୟ ବ୍ୟକ୍ତିକୁ ପରାଭବ କରିବାର ଇଚ୍ଛା, ମାତ୍ସର୍ଯ୍ୟ ପ୍ରକାଶ; ସାଦୃଶ୍ୟ; କ୍ରମଶଃ ଉନ୍ନତି; ସଂଘର୍ଷ; ଭୟ ।

ସ୍ପର୍ଶ, ବି. ପୁଂ. ( ସ୍ପୃଶ୍-ଅ ) ସ୍ପର୍ଶନ, ପରଶ, ଛୁଇଁବା, ଯଥା,

କୁସୁମ ସ୍ପରଶରେ ପଟନସ୍ତରେ,
କେଉଁ ବଜ ଘୋଟକର ଜବସେ ଶିରେ ।"

ର. ବ ।

ତ୍ୱଗିନ୍ଦ୍ରିୟ, ଗ୍ରାହ୍ୟଗୁଣବିଶେଷ; ଦାନ; ବର୍ଗୀୟ ପଞ୍ଚବିଂଶତିବର୍ଣ୍ଣ; ଯୋଗ; ବାୟୁ; ପଦାର୍ଥ; ପ୍ରଣିଧି ।

ସ୍ପର୍ଶକ, ବିଂ. (ସ୍ପୃଶ୍-ଅକ) ସ୍ପର୍ଶକାରୀ, ଯେ ଛୁଏଁ ।

ସ୍ପର୍ଶଜ୍ୟା, (Tangent) ବୃତ୍ତରେ ସଂଲଗ୍ନ ସରଳ ରେଖା ବୃଦ୍ଧି ପାଇଲେହେଁ ବୃତ୍ତକୁ ଛେଦନ କରେ ।

ସ୍ପର୍ଶନ, ବି. ନ. ( ସ୍ପୃଶ୍-ଅନ ) ସ୍ପର୍ଶ, ଛୁଇଁବା; ବିତରଣ, ଦାନ; ଗ୍ରହଣ । ପୁଂ. ବାୟୁ ।

ସ୍ପର୍ଶମଣି, ବି. ପୁଂ. (ସ୍ପର୍ଶ-ମଣି) ପରଶପଥର ।

ସ୍ପର୍ଶବାନ୍, ବିଂ. ( ସ୍ପର୍ଶ ବତ୍ ) ସୁଖସ୍ପର୍ଶ, କୋମଳ; ସ୍ପର୍ଶବିଶିଷ୍ଟ ।

ସ୍ପର୍ଶାନନ୍ଦା, ବି. ସ୍ତ୍ରୀ. ( ସ୍ପର୍ଶ-ଆନନ୍ଦ ) ଅପ୍ସରା, ସ୍ୱର୍ଗବେଶ୍ୟା ।

ସ୍ପର୍ଶୀ, ବିଂ. ( ସ୍ପୃଶ୍-ଇନ୍ ) ସ୍ପର୍ଶକାରୀ; ସ୍ପର୍ଶଯୁକ୍ତ ।

ସ୍ପଷ୍ଟ, ବିଂ. (ସ୍ପଶ୍-ତ) ସ୍ଫୁଟ, ବ୍ୟକ୍ତ, ପ୍ରକାଶିତ ।

ସ୍ପୃଶୀ, ବି. ସ୍ତ୍ରୀ. (ସ୍ପୃଶ୍-ଅ-ଈ) କଣ୍ଟକାରୀବୃକ୍ଷ ।

ସ୍ପୃଶ୍ୟ, ବିଂ. (ସ୍ପୃଶ୍-ଯ) ସ୍ପର୍ଶଯୋଗ୍ୟ, ସ୍ପର୍ଶନୀୟ ।

ସ୍ପୃଷ୍ଟ, ବିଂ. (ସ୍ପୃଶ୍-ତ) ଯାହା ସ୍ପର୍ଶ କରା ହୋଇଅଛି, ଛୁଇଁବା; ବ୍ୟାପ୍ତ । ବି. ନ. ସ୍ପର୍ଶ ।

ସ୍ପୃହଣୀୟ, ବିଂ. (ସ୍ପୃହ-ଅନୀୟ) ବାଞ୍ଛନୀୟ, ଅଭିଲଷଣୀୟ; ଶୋଭନୀୟ; ଆଶ୍ଚର୍ଯ୍ୟ; ଶ୍ଲାଘ୍ୟ ।

ସ୍ପୃହୟାଳୁ, ବିଂ. (ସ୍ପୃହ-ଆଳୁ) ସ୍ପୃହାବିଶିଷ୍ଟ, ଲୋଭୀ ।

ସ୍ପୃହା, ବି. ସ୍ତ୍ରୀ· (ସ୍ପୃହ୍-ଆ) ବାଞ୍ଛା, ଇଚ୍ଛା; ଗ୍ରହଣେଚ୍ଛା; ଲୋଭ; ଗଣନା ।

ସ୍ଫଟିକ, ବି. ପୁଂ. ( ସ୍ଫଟ-ଇକ ) ଅତି ସ୍ୱଚ୍ଛ ଶୁଭ୍ରବର୍ଣ୍ଣ ପ୍ରସ୍ତରବିଶେଷ, ସୂର୍ଯ୍ୟକାନ୍ତମଣି ।

ସ୍ଫଟିକମୟ, ବିଂ. ( ସ୍ଫଟିକ-ମୟ ) ସ୍ଫଟିକମଣିନିର୍ମିତ ।

ସ୍ଫଟିକାଚଳ, ବି. ପୁଂ. ( ସ୍ଫଟିକ-ଅଚଳ ) କୈଳାସ ପର୍ବତ ।

ସ୍ଫଟିକାଭ୍ର, ବି. ପୁଂ. (ସ୍ଫଟିକ-ଅଭ୍ର) କର୍ପୂର ।

ସ୍ଫାଟିକପୋଳ, ବି· ପୁଂ. (ସ୍ଫାଟିକ-ଉପଳ) ସ୍ଫଟିକମଣି ।

ସ୍ଫାତି, ବି. ସ୍ତ୍ରୀ. (ସ୍ଫାୟ୍-ତି) ବୃଦ୍ଧି, ଉନ୍ନତି ।

ସ୍ଫାରଣ, ବି. ନ. (ସ୍ଫାର-ଅନ) ସ୍ଫୁରଣ, ସ୍ଫୁର୍ତ୍ତି; ବିକାଶ; କମ୍ପନ ।

ସ୍ଫାଳ, ବି· ପୁଂ. (ସ୍ଫଲ୍-ଅ) ସ୍ଫୁରଣ, ସ୍ଫୁର୍ତ୍ତି; ଆସ୍ଫାଳନ ।

ସ୍ଫିଚ, ବି. ପିଚ୍ଛ ।

ସ୍ଫୀତ, ବିଂ. ( ସ୍ଫାୟ୍-ତ ) ପ୍ରବୃଦ୍ଧ; ବର୍ଦ୍ଧିତ; ଫୁଲିବା; ଫମ୍ପା; ଅଧିକ, ଅନେକ; ପଦୋନ୍ନତିପ୍ରାପ୍ତ, କୃତକାର୍ଯ୍ୟ; ପୈତୃକ ରୋଗରେ ଆକ୍ରାନ୍ତ ।

ସ୍ଫୁଟ, ବିଂ. (ସ୍ଫୁଟ୍-ଅ) ବିକସିତ; ପ୍ରଫୁଲ୍ଲ; ସ୍ପଷ୍ଟ; ବ୍ୟକ୍ତ; ଦୀପ୍ତ; ପ୍ରଦୀପ୍ତ; ନିର୍ମଳ; ବିଦୀର୍ଣ୍ଣ, ଫଟା; ବିଶଦ; ଶୁଭ୍ର; ଜ୍ଞାତ; ବିସ୍ତୃତ । ବି· ନ. ଉତ୍ପ୍ରେକ୍ଷାର ଦ୍ୟୋତକ ।

ସ୍ଫୁଟନ, ବି. ନ. (ସ୍ଫୁଟ୍-ଅନ) ବିକଶନ; ବ୍ୟକ୍ତ ହେବା; ବିଦଳିତ ହେବା ।

ସ୍ଫୁଟିତ, ବିଂ. ( ସ୍ଫୁଟ୍-ତ ) ବିକସିତ; ଛିଦ୍ରିତ, ଫୁଟା; ବିଦୀର୍ଣ୍ଣ; ବ୍ୟକ୍ତୀକୃତ; ସ୍ପଷ୍ଟୀକୃତ; ବିସ୍ତାରିତ ।

ସ୍ଫୁର, ବି. ପୁଂ. (ସ୍ଫୁର୍-ଅ) ଫଳକ, ଢାଲ; ସ୍ଫୁରଣ; ବୃଦ୍ଧି ପାଇବା, ଫୁଲ୍ଲ ।

ସ୍ଫୁରଣ, ନ. } ବି. (ସ୍ଫୁର୍-ଅନ) ସ୍ପନ୍ଦନ, ଈଷତ୍-
ସ୍ଫୁରଣା, ସ୍ତ୍ରୀ. } କମ୍ପନ; ଦୀପ୍ତି ।

ସ୍ଫୁରିତ, ବି. ନ. (ସ୍ଫୁର୍-ତ) କମ୍ପନ; ଉଦ୍ରେକ; ଦୀପ୍ତି; ଫଳକ । ବିଂ. କମ୍ପିତ; ଦୀପ୍ତ, ଉଜ୍ଜ୍ୱଳ; ପ୍ରତିବମ୍ଭିତ ।

ସ୍ଫୁଲିଙ୍ଗ, ବି. ପୁଂ. (ସ୍ଫୁ-ଲିଙ୍ଗ-ଅ) ଅଗ୍ନିକଣା, ନିଆଁକଣିକା ।

ସ୍ଫୂର୍ତ୍ତି, ବି. ସ୍ତ୍ରୀ. (ସ୍ଫୁର୍-ତି) କମ୍ପ, ସ୍ପନ୍ଦ; ହର୍ଷ; ପ୍ରତିଭା; ବିକାଶ ।

ସ୍ଫୂର୍ତ୍ତିମାନ୍, ବି. ନ. (ସ୍ଫୂର୍ତ୍ତି-ମତ୍) ସ୍ଫୂର୍ତ୍ତିବିଶିଷ୍ଟ ।

ସ୍ଫୋଟକ, ବି. ପୁଂ. (ସ୍ଫୁଟ୍-ଅକ) ବଥ; ଫୋଟ ।

ସ୍ଫୋଟନ, ବି. ପୁଂ. (ସ୍ଫୁଟ୍-ଅନ) ବିଦାରଣ; ଭଙ୍ଗ; ବିକାଶନ; ପ୍ରକାଶନ ।

ସ୍ଫୋଟନୀ, ବି. ସ୍ତ୍ରୀ. ବେଧନୀ, ଛିଦ୍ରକାରକଯନ୍ତ୍ର, ଫୋଡଣୀ ।

ସ୍ମ, ଅଂ. (ସ୍ମି-ଅ) କ୍ରିୟାପଦ ଯୋଗରେ ଅତୀତ କାଳବାଚକ; ପାଦପୂରଣାର୍ଥକ ।

ସ୍ମର, ବି. ପୁଂ. (ସ୍ମୃ-ଅ) କାମଦେବ; ସ୍ମରଣ ।

ସ୍ମର-କୂପକ, ପୁଂ. ସ୍ତ୍ରୀ. } ବି. (ସ୍ମର-କୂପ-କ, ଗୃହ)
ସ୍ମରଗୃହ, ନ. } ଯୋନି, ସ୍ତ୍ରୀ ଚିହ୍ନ ।

ସ୍ମରଗୁରୁ, ବି. ପୁଂ. (ସ୍ମର-ଗୁରୁ) ବିଷ୍ଣୁ, କନ୍ଦର୍ପର ପିତା, ହର କୋପାନଳରେ ଭସ୍ମ ହେବା ପରେ କନ୍ଦର୍ପ କୃଷ୍ଣଙ୍କ ଔରସରେ ରୁକ୍ମିଣୀର ଗର୍ଭରେ ପ୍ରଦ୍ୟୁମ୍ନ ନାମରେ ଜନ୍ମ ଗ୍ରହଣ କରିଥିଲେ ।

ସ୍ମରଣ, ବି. ନ. (ସ୍ମୃ-ଅନ) ଧ୍ୟାନ, ଚିନ୍ତା; ସ୍ମୃତି, ମନେ କରିବା, ପୂର୍ବାନୁଭୂତ ବିଷୟର ଜ୍ଞାନ, ଯଥା,

> "କାନ୍ତ ପୂରୁବ କଥା କଲେ ସ୍ମରଣ,
> ନୈରାଶ୍ୟ ସାଗରରେ ବୁଡ଼ିଲା ମନ ।"
>
> କ. ବ ।

ସ୍ମରଣୀୟ, ବିଂ. (ସ୍ମୃ-ଅନୀୟ) ସ୍ମରଣର ଯୋଗ୍ୟ, ସ୍ମର୍ତ୍ତବ୍ୟ ।

ସ୍ମରଦଶା, ବି. ସ୍ତ୍ରୀ. (ସ୍ମର-ଦଶା) ମଦନାବସ୍ଥା, କାମ-ଦଶା; ଅଭିଳାଷ, ଚିନ୍ତା, ସ୍ମୃତି, ଗୁଣକଥନ, ଉଦ୍ବେଗ, ପ୍ରଳାପ, ଉନ୍ମାଦ, ରୋଗ, ଜଡ଼ତା, ମରଣ ଏହି ଦଶ ।

ସ୍ମରଧ୍ୱଜ, ବି. ପୁ-. (ସ୍ମର-ଧ୍ୱଜ) ବାଦ୍ୟ; ଚିହ୍ନ, ମେଢ୍ର, ଉପସ୍ଥ; କାମଦେବର ଲାଞ୍ଛନମତ୍ସ୍ୟ ।

ସ୍ମରଧ୍ୱଜା, ବି. ସ୍ତ୍ରୀ. ଚନ୍ଦ୍ରିକାଶୋଭିତ ନିଶା । ନ-ସ୍ତ୍ରୀ-ଚିହ୍ନ ।

ସ୍ମରପ୍ରିୟା, ବି. ସ୍ତ୍ରୀ. (ସ୍ମର-ପ୍ରିୟା) ରତି, କାମପତ୍ନୀ ।

ସ୍ମରବଲ୍ଲଭ, ବି. ପୁଂ. (ସ୍ମର-ବଲ୍ଲଭ) ଅନିରୁଦ୍ଧ, ପ୍ରଦ୍ୟୁମ୍ନର ପୁତ୍ର ।

ସ୍ମରବୀଥିକା, ବି. ସ୍ତ୍ରୀ. (ସ୍ମର-ବୀଥି-କ) ବାରାଙ୍ଗନା, ବେଶ୍ୟା ।

ସ୍ମରସଖ, ବି. ପୁଂ. (ସ୍ମର-ସଖି-ଅ) ଚନ୍ଦ୍ର; ମଦନ-ବନ୍ଧୁ, ବସନ୍ତ ।

ସ୍ମରହର, ସ୍ମରାରି, ବି. ପୁଂ. (ସ୍ମର-ହର, ଅରି) ଶିବ ।

ସ୍ମରାଙ୍କୁଶ, ବି. ପୁଂ. (ସ୍ମର-ଅଙ୍କୁଶ) ନଖର, ନଖ; କାମୁକ, ଲମ୍ପଟ ।

ସ୍ମର୍ତ୍ତବ୍ୟ, ବିଂ. (ସ୍ମୃ-ତବ୍ୟ) ସ୍ମୃତିଯୋଗ୍ୟ, ସ୍ମରଣୀୟ ।

ସ୍ମାରକ, ବିଂ. (ସ୍ମୃ-ଅକ) ସ୍ମୃତିଜନକ; ସ୍ମରଣକାରୀ; ଉଦ୍‌ବୋଧକ, ।

ସ୍ମାରିତ, ବିଂ. (ସ୍ମାରି-ତ) ଯାହା ସ୍ମରଣ କରାଇ ଦିଆ ଯାଏ ।

ସ୍ମାର୍ତ୍ତ, ବିଂ. (ସ୍ମୃତି-ଅ) ସ୍ମୃତିସମ୍ବନ୍ଧୀୟ; ସ୍ମୃତି-ଶାସ୍ତ୍ରୋକ୍ତ; ସ୍ମୃତିଶାସ୍ତ୍ରରେ ପଣ୍ଡିତ ।

ସ୍ମିତ, ବି. ନ. (ସ୍ମି-ତ) ଈଷତ୍‌ହାସ୍ୟ । ବିଂ. ହସିତ; ବିସ୍ମିତ; ବିକସିତ ।

ସ୍ମୃତ, ବିଂ. (ସ୍ମୃ-ତ) ସ୍ମରଣର ବିଷୟ, ଯାହାର ସ୍ମରଣ ହୋଇଅଛି ।

ସ୍ମୃତି, ବି. ସ୍ତ୍ରୀ. (ସ୍ମୃ-ତି) ସ୍ମରଣ, ପୂର୍ବାନୁଭୂତ ବିଷୟର ଜ୍ଞାନ; ମନ୍ୱାଦି ମୁନିପ୍ରଣୀତ ଧର୍ମଶାସ୍ତ୍ର, ଧର୍ମସଂହିତା; ଇଚ୍ଛା; ବୁଦ୍ଧି ।

ସ୍ମୃତିମାନ୍, ବିଂ. (ସ୍ମୃତି-ମତ୍) ସ୍ମରଣଯୁକ୍ତ, ସ୍ମରଣ-କାରୀ; ତୀକ୍ଷ୍ଣସ୍ମୃତିଶକ୍ତି ସମ୍ପନ୍ନ ।

ସ୍ୟନ୍ଦ, ବି. ପୁଂ. (ସ୍ୟନ୍ଦ୍-ଅ) କ୍ଷରଣ; ଗମନ; ରଥ; ବେଗ ।

ସ୍ୟନ୍ଦନ, ବି. ପୁଂ. (ସ୍ୟନ୍ଦ୍-ଅନ) ରଥ, ଯଥା,

"ବଳେ ବସାଇ ସ୍ୟନ୍ଦନେ ବେନି ଗଲେ ସ୍ୱ ଯେନ ।"

ବାୟୁ; ବୃକ୍ଷବିଶେଷ; ଗତକଳ୍ପର ଜୀନ । ନ. କ୍ଷରଣ; ଗତି; ଜଳ । ବିଂ. ଗତିଶୀଳ, ବେଗବାନ୍ ।

ସ୍ୟନ୍ଦନାରୋହ, ବି. ପୁଂ. (ସ୍ୟନ୍ଦନ-ଆରୋହ) ରଥ, ରଥସ୍ଥ ଯୋଦ୍ଧା ।

ସ୍ୟନ୍ଦନୀ, ବି. ସ୍ୟନ୍ଦନୀ, ବି. ସ୍ତ୍ରୀ. (ସ୍ୟନ୍ଦ୍-ଅନ, ଇନ-ଈ) ଲାଳ, ମୁଖଜାତ ପାଣି; ଗାଭୀ, ଯେ ଯମଜ ବତ୍ସ ପ୍ରସବ କରେ ।

ସ୍ୟମନ୍ତକ, ବି. ପୁଂ. କୃଷ୍ଣଙ୍କର ହସ୍ତସ୍ଥିତ ଭୂଷଣ ମଣି ରତ୍ନ ।

ସ୍ୟମୀକ, ବି. ପୁଂ. (ସ୍ୟମ୍-ଈକ) ବଲ୍ମୀକ, ଉଈର ହୁଙ୍କା; ସମୟ; ମେଘ ।

ସ୍ୟୂତ, ବି. ପୁଂ. (ସିବ୍-ତ) ସୂତ୍ରନିର୍ମିତ ପାତ୍ର, ଗୁଣ୍ଡି, ଥଳି । ବିଂ. ବୁଣିବା, ପ୍ରୋତ; ସିଲାଇ କରିବା, ରଫୁ କରିବା; ଗ୍ରଥିତ ।

ସ୍ୟୂତସନ୍ଧି, (Suture) ଯେଉଁମାନଙ୍କର ସନ୍ଧିସ୍ଥଳ ସିଲାଇ, ହୋଇଥାଏ; ମସ୍ତକର ଅସ୍ଥିଗୁଡ଼ିକ ଏରୂପ ସମ୍ବନ୍ଧ, ଯେ ଦେଖିଲେ ବୋଧ ହୁଏ, ଯେମନ୍ତ ସେଗୁଡ଼ିକ ସିଲାଇ କରା ହୋଇଅଛି ଏଥିନିମନ୍ତେ ସେମାନଙ୍କର ସଂଯୋଗ ସ୍ଥଳକୁ ସ୍ୟୂତସନ୍ଧି କହନ୍ତି ।

ସ୍ରବ, ପୁଂ. } ବି. (ସ୍ରୁ-ଅ, ଅନ) କ୍ଷରଣ, ପତନ,
ସ୍ରବଣ, ନ. } ଗଳନ, ଉଷ୍ଣ ଝର ।

ସ୍ରବନ୍ତୀ, ବି. ସ୍ତ୍ରୀ. (ସ୍ରବତ୍-ଈ) ନଦୀ, ନିର୍ଝରଣୀ ।

ସ୍ରଷ୍ଟା, ବି. ପୁଂ. ( ସୃଜ୍-ତୃ ) ବିଧାତା, ବ୍ରହ୍ମା; ଶିବ । ବିଂ. ସୃଷ୍ଟିକର୍ତ୍ତା ।

ସ୍ରାବ, ବି. ପୁଂ. (ସ୍ରୁ-ଅ) କ୍ଷରଣ, ପତନ; ଭ୍ରଂଶ ।

ସ୍ରାବକ, ବିଂ. (ସ୍ରୁ-ଅକ) କ୍ଷରଣଶୀଳ । ବି. ନ. ମରିଚ ।

ସ୍ରୁତ, ବିଂ. (ସ୍ରୁ-ତ) କ୍ଷରିତ, ଗଳିତ, ପତିତ ।

ସ୍ରୁତି, ବି. ସ୍ତ୍ରୀ. (ସ୍ରୁ-ତି) କ୍ଷରଣ, ନିସ୍ୟନ୍ଦ, ଗଳନ, ପତନ ।

ସ୍ରୁବା, ବି. ସ୍ତ୍ରୀ. ( ସ୍ରୁ-ଅ, ଆ ) ଯଜ୍ଞାଗ୍ନିରେ ଘୃତ ପ୍ରକ୍ଷେପଣାର୍ଥ କାଷ୍ଠରଚିତ ପାତ୍ରବିଶେଷ ।

ସ୍ରୋତ, ସ୍ରୋତଃ, ବି. ନ. ( ସ୍ରୁ-ଅ, ଅସ ) ଜଳ-ପ୍ରବାହ; ଇନ୍ଦ୍ରିୟ; ସପ୍ତବିଧ ମଧ୍ୟକ୍ଷରଣ ।

ସ୍ରୋତସ୍ୟ, ବି. ପୁଂ. (ସ୍ରୋତସ୍-ଯ) ଶିବ; ଚୋର ।

ସ୍ରୋତସ୍ୱାନ୍, ବିଂ. (ସ୍ରୋତସ୍-ବତ୍) ସ୍ରୋତବିଶିଷ୍ଟ ।

ସ୍ରୋତସ୍ୱତୀ, ସ୍ରୋତସ୍ୱିନୀ, ସ୍ରୋତୋବହା, ବି. ସ୍ତ୍ରୀ. ( ସ୍ରୋତସ୍ ବତ୍, ବିନ୍, ବହ ) ନଦୀ । ବିଂ ସ୍ରୋତବିଶିଷ୍ଟ ।

ସ୍ୱ, ବି. ପୁଂ. (ସ୍ୱନ୍-ଅ) ଜ୍ଞାତି (ସର୍ବନାମ) ଆତ୍ମା, ସ୍ୱୟଂ; ଜୀବାତ୍ମା । ନ. ଐଶ୍ୱର୍ଯ୍ୟ, ଧନ; (ସର୍ବନାମ) ବିଂ. ସ୍ୱକୀୟ; ନିଜ ।

ସ୍ୱକୀୟ, ବିଂ. (ସ୍ୱ-ଈୟ) ଆପଣା, ସ୍ୱୀୟ, ନିଜ ।

ସ୍ୱଗତ, ବିଂ. (ସ୍ୱ-ଗତ) ଆତ୍ମଗତ, ଆତ୍ମନିଷ୍ଠ, ମନୋଗତ । ବି. ନ. ମନେମନେ, ଆଳାପମାତ୍ର ବ୍ୟକ୍ତି-ଭିନ୍ନ ରଙ୍ଗଭୂମିସ୍ଥ ଜନମାନଙ୍କର ଶ୍ରବଣଯୋଗ୍ୟ ବାକ୍ୟ, ଅଭିନୟ କାଳରେ କୌଣସି ନଷ୍ଟ ସନ୍ନିହିତ ବ୍ୟକ୍ତିମାନଙ୍କର ନିକଟରେ ଗୋପନ କରିବା ନିମିତ୍ତ ବିଷୟ ବିଶେଷର ମନେ ଯେ ଆନ୍ଦୋଳନ କରେ ତାହାର ନାମ ସ୍ୱଗତ, ଯଥା,

"ଅରତେ କରତ ହେଉଥାଇ ମନ,
ଭାବୁଥାଇ କାଳୀ ସ୍ୱଗତେ ଏସନ ।"

କ. ବେ ।

ସ୍ୱଙ୍ଗ, ବିଂ. (ସୁ-ଅଙ୍ଗ) ସରୂପ, ସୁନ୍ଦର ଅଙ୍ଗବିଶିଷ୍ଟ ।

ସ୍ୱଚ୍ଛ, ବିଂ. ( ସୁ-ଅଚ୍ଛ ) ନିର୍ମଳ; ପ୍ରତିବିମ୍ବଧାରଣକ୍ଷମ, କାଚପ୍ରଭୃତି; ଶୁଭ୍ର, ଶୁକ୍ଳ; ସୁସ୍ଥ, ନୀରୋଗ । ପୁଂ. ସ୍ଫଟିକ । ଚ୍ଛା-ସ୍ତ୍ରୀ. ଶ୍ୱେତଦୁର୍ବା ।

ସ୍ୱଚ୍ଛତା, ବି. ସ୍ତ୍ରୀ. (ସ୍ୱଚ୍ଛ-ତା) ନିର୍ମଳତା; ପ୍ରତିବିମ୍ବ-ଧାରଣକ୍ଷମତା, ଯେଉଁ ଗୁଣଦ୍ୱାରା କୌଣସି ବସ୍ତୁର ଭିତରେ ଦେଇ ଆଲୋକ ଆସି ପାରେ ।

ସ୍ୱଚ୍ଛନ୍ଦ, ବିଂ. ( ସ୍ୱ-ଛନ୍ଦ ) ସ୍ୱାଧୀନ, ସ୍ୱେଚ୍ଛାନୁବର୍ତ୍ତୀ, ଅବାଧିତ; ସୁସ୍ଥ; ଅଯତ୍ନଜାତ ।

ସ୍ୱଚ୍ଛପତ୍ର, ବି. ନ. (ସ୍ୱଚ୍ଛ-ପତ୍ର) ଅଭ୍ରକଧାତୁ ।

ସ୍ୱଜ, ବିଂ. (ସ୍ୱ-ଜ) ଆତ୍ମୋତ୍ପନ୍ନ; ଶରୀରଜାତ । ବି. ନ. ରକ୍ତ, ଶୋଣିତ । ପୁଂ. ପୁତ୍ର; ଘର୍ମ । ଜା-ସ୍ତ୍ରୀ. କନ୍ୟା ।

ସ୍ୱଜନ, ବି. ପୁଂ. (ସ୍ୱ-ଜନ) ବନ୍ଧୁ, ଆତ୍ମୀୟ, କୁଟୁମ୍ବ ।

ସ୍ୱତଃ, ଅଂ. (ସ୍ୱ-ତସ୍) ନିଜଠାରୁ, ଆପଣାଠାରୁ, ସ୍ୱୟଂ ।

ସ୍ୱତଃପ୍ରବୃତ୍ତ, ବିଂ. ସ୍ୱୟଂପ୍ରବୃତ୍ତ, ସ୍ୱେଚ୍ଛାନୁସାରେ କୌଣସି କାର୍ଯ୍ୟରେ ବ୍ୟାପୃତ ।

ସ୍ୱତଃସିଦ୍ଧ, ବିଂ. ଯାହା କୌଣସି ପ୍ରମାଣ ସାପେକ୍ଷ ନୁହେ, ଆପଣାଠାରୁ ସିଦ୍ଧ ହୁଏ ।

ସ୍ୱତନ୍ତ୍ର ବିଂ. (ସ୍ୱ-ତନ୍ତ୍ର) ସ୍ୱାଧୀନ, ଆତ୍ମବଶ ।

ସ୍ୱତ୍ୱ, ବି. ନ. (ସ୍ୱ-ତ୍ୱ) ଅଧିକାର, ଧନାଦିରେ ପ୍ରଭୁତ୍ୱ ।

ସ୍ୱଦନ, ବି. ନ. (ସ୍ୱଦ୍-ଅନ) ଆସ୍ୱାଦନ; (ସୁ-ଅଦନ) ଭକ୍ଷଣ ।

ସ୍ୱଧା, ଅଂ. (ସ୍ୱଦ୍-ଆ) ଦେବୋଦ୍ଦେଶେ ହବିର୍ଦ୍ଦାନ; ପିତୃଲୋକ ଉଦ୍ଦେଶେ ପିଣ୍ଡଦାନ । ସ୍ତ୍ରୀ. ଦେବୀ-ବିଶେଷ, ଅଗ୍ନିପତ୍ନୀ ।

ସ୍ୱଧାପ୍ରିୟ, ବି. ପୁଂ. (ସ୍ୱଧା-ପ୍ରିୟ) ଅଗ୍ନି; କୃଷ୍ଣତିଳ ।

ସ୍ୱଧିତି, ବି. ପୁଂ. ସ୍ତ୍ରୀ. (ସ୍ୱଦ୍-ତି) ପରଶୁ, କୁଠାର ।

ସ୍ୱନ, ବି. ପୁଂ. (ସ୍ୱନ୍-ଅ) ଶବ୍ଦ, ଧ୍ୱନି, ସ୍ୱର ।

ସ୍ୱପନ, ନ. } ବି. (ସ୍ୱପ-ଅନ, ନ) ନିଦ୍ରା; ନିଦ୍ରିତ ବ୍ୟକ୍ତିର ବିଜ୍ଞାନ, ନିଦ୍ରାବସ୍ଥାରେ ବିଷୟାନୁଭବ, ଯଥା,
ସ୍ୱପ୍ନ, ପୁଂ. }

"ହରିଲେ ଚେତନ କାଞ୍ଚନ ବସ୍ତର
ଦେଖି ନ ଥିଲେ ଯା କେବେ ସ୍ୱପନେ ।"

ବ. ବ ।

ସ୍ୱଭାବ, ବି. ପୁଂ. (ସ୍ୱ-ଭାବ) ପ୍ରକୃତି, ସ୍ୱରୂପ, ଆତ୍ମଭାବ; ସ୍ୱାଭାବିକ ଅବସ୍ଥା; ଉଦ୍ଦେଶ୍ୟ, ଅଭିପ୍ରାୟ ।

ସ୍ୱଭାବତଃ, ଅଂ. (ସ୍ୱଭାବ-ତସ୍) ସ୍ୱାଭାବିକରୂପରେ ।

ସ୍ୱୟଂଦତ୍ତ, ବି. ପୁଂ. ପୁତ୍ରବିଶେଷ, ପିତୃମାତୃବିହୀନ ବା ତାହାଙ୍କର କର୍ତ୍ତୃକ ପରିତ୍ୟକ୍ତ ଯେ ପୁତ୍ର ସ୍ୱୟଂ ଅନ୍ୟର ପୁତ୍ରତା ସ୍ୱୀକାର କରେ ।

ସ୍ୱୟଂବର, ସ୍ୱୟମ୍ବର, ବି. ପୁଂ. (ସ୍ୱୟମ୍-ବୃ-ଅ) ବିଖ୍ୟାତପଦସ୍ଥ ବ୍ୟକ୍ତି ଆହ୍ୱାନପୂର୍ବକ ସଭା କରି ତହିଁ ମଧ୍ୟରୁ ସ୍ତ୍ରୀ କର୍ତ୍ତୃକ ସ୍ୱୟଂ ପତି ଗ୍ରହଣ ।

ସ୍ୱୟଂବରା, ସ୍ୱୟମ୍ବରା, ବି. ସ୍ତ୍ରୀ. (ସ୍ୱୟମ୍-ବୃ-ଅ, ଆ) ସ୍ୱୟଂପତିଗ୍ରାହିଣୀ ସ୍ତ୍ରୀ ।

ସ୍ୱୟଂକୃତ, ବିଂ. (ସ୍ୱୟମ୍-କୃତ) ଆତ୍ମକୃତ; ସ୍ୱାଭାବିକ, ଅଯତ୍ନସିଦ୍ଧ । ବି. ପୁଂ. ପୁତ୍ରବିଶେଷ ।

ସ୍ୱୟଂଭୂ, ସ୍ୱୟମ୍ଭୂ, ସ୍ୱୟମ୍ଭୁ, ବି. ପୁଂ. (ସ୍ୱୟମ୍-ଭୂ, ଂ; ଉ) ବ୍ରହ୍ମା; ସୃଷ୍ଟିବିଷୟରେ ରଜୋଗୁଣମୟ ବ୍ରହ୍ମା, ପାଳନ ବିଷୟରେ ସତ୍ତ୍ୱଗୁଣମୟ ବିଷ୍ଣୁ, ସଂହାର ବିଷୟରେ ତମୋଗୁଣମୟ ମହେଶ୍ୱର—ଏହି ତ୍ରିମୂର୍ତ୍ତି; ସମୟ ।

ସ୍ୱୟମ୍ଭୁବ, ବି. ପୁଂ. (ସ୍ୱୟମ୍ଭୂ-ଅ) ବ୍ରହ୍ମା; ପ୍ରଥମମନୁ ।

ସ୍ୱର୍, ଅଂ. (ସ୍ୱୃ-ଂ) ସ୍ୱର୍ଗ, ସୁରଲୋକ; ଆକାଶ; ପ୍ରଭା, ସୌନ୍ଦର୍ଯ୍ୟ; ସୂର୍ଯ୍ୟ ଓ ଧ୍ରୁବ ନକ୍ଷତ୍ରର ମଧ୍ୟସ୍ଥାନ; ପରଲୋକ; ନିରବଚ୍ଛିନ୍ନ ସୁଖ ।

ସ୍ୱର, ବି. ପୁଂ. (ସ୍ୱର୍-ଅ) ଉଦାତ୍ତ (ଉତ୍=ଉଚ୍ଚ-ଆ-ଦା=ଉଚ୍ଚାରଣ କରିବା-ତ ଯେ ଉଚ୍ଚ କରି ଉଚ୍ଚରିତ ହୁଏ) ଅନୁଦାତ୍ତ (ଅନ୍=ନା-ଉଦାତ୍ତ ଯେ ଉଚ୍ଚ କରି ଉଚ୍ଚରିତ ହୁଏ) ସ୍ୱରିତ (ସ୍ୱର+ଇତ=ଜାତାର୍ଥରେ, ଯହିଁରେ ଗୁରୁଲଘୁମିଶ୍ର ସ୍ୱର-ସଂଜାତ ହୋଇଅଛି) ଏହି ତ୍ରିବିଧ କଣ୍ଠଧ୍ୱନି; ସ୍ୱନ, ଶବ୍ଦ । ଅ, ଇ. ପ୍ରଭୃତି ବର୍ଣ୍ଣ; ଷଡ୍ଜ, ଋଷଭ, ଗାନ୍ଧାର, ମଧ୍ୟମ, ଧୈବତ, ନିଷାଦ ଏହି ସପ୍ତବିଧ ଗାନାଙ୍ଗ ଧ୍ୱନି; ତନ୍ତ୍ରରେ ପ୍ରାଣାଦି ବାୟୁର ବ୍ୟାପାର ବିଶେଷ ।

ସ୍ୱରଲାସିକା, ବି. ସ୍ତ୍ରୀ. (ସ୍ୱର-ଲସ୍-ଅକ) ବଂଶୀ, ବଇଁଶୀ ।

ସ୍ୱରାପଗା, ବି. ସ୍ତ୍ରୀ. (ସ୍ୱର୍-ଅପଗା) ସ୍ୱର୍ଗଙ୍ଗା, ସୁରନଦୀ ।

ସ୍ୱରୀଶ୍ୱର, ବି. ପୁଂ. (ସ୍ୱର୍-ଈଶ୍ୱର) ଇନ୍ଦ୍ର, ଦେବରାଜ ।

ସ୍ୱରୁ, ବି. ପୁଂ. (ସ୍ୱୃ-ଉସ୍) ବଜ୍ର, ଅଶନି ।

**ସ୍ୱରୁ**, ବି. ପୁଂ. (ସ୍ୱୃ-ଉ) ବଜ୍ର; ଯୂପଖଣ୍ଡ; ଯଜ୍ଞ; ଶର; ସୂର୍ଯ୍ୟରଶ୍ମି; ବୃଶ୍ଚିକବିଶେଷ ।

**ସ୍ୱରୁଚି**, ବିଂ. ( ସ୍ୱ-ରୁଚି ) ସ୍ୱତନ୍ତ୍ର, ସ୍ୱେଚ୍ଛାବର୍ତ୍ତୀ । ବି. ସ୍ତ୍ରୀ. ସ୍ୱେଚ୍ଛା ।

**ସ୍ୱରୂପ**, ବି. ନ. (ସ୍ୱ-ରୂପ) ପ୍ରକୃତି, ସ୍ୱଭାବ; ସ୍ୱାଭାବିକ ଅବସ୍ଥା । ବିଂ. ପଣ୍ଡିତ; ସୁନ୍ଦର, ମନୋଜ୍ଞ; ପ୍ରକୃତ; ସଦୃଶ, ତୁଲ୍ୟ ।

**ସ୍ୱର୍ଗ**, ବି. ପୁଂ. ( ସୁ-ଋଜ୍-ଅ ) ସୁରଲୋକ, ଦେବନଗରୀ; ଭୂସ୍, ଭୁବସ୍, ସ୍ୱର୍, ମହସ୍, ଜନ, ତପସ୍, ସତ୍ୟ ଏହି ସପ୍ତ; ନିରବଚ୍ଛିନ୍ନ ସୁଖ ।

**ସ୍ୱର୍ଗଙ୍ଗା**, ବି. ସ୍ତ୍ରୀ. ( ସ୍ୱର୍-ଗଙ୍ଗା ) ମନ୍ଦାକିନୀ, ସୁରନଦୀ ।

**ସ୍ୱର୍ଗତି**, ବି. ସ୍ତ୍ରୀ. ( ସ୍ୱର୍-ଗତି ) ସ୍ୱର୍ଗ ଗମନ, ମୃତ୍ୟୁ; ପାରଲୌକିକ ସୁଖ ।

**ସ୍ୱର୍ଗପତି**, ବି. ପୁଂ. (ସ୍ୱର୍ଗ-ପତି) ଇନ୍ଦ୍ର, ଦେବରାଜ ।

**ସ୍ୱର୍ଗବଧୂ**, ବି. ସ୍ତ୍ରୀ. (ସ୍ୱର୍ଗ-ବଧୂ) ସ୍ୱର୍ବଧୂ, ଅପ୍ସରା ।

**ସ୍ୱର୍ଗାଚଳ**, ବି. ପୁଂ. (ସ୍ୱର୍ଗ-ଅଚଳ) ସୁମେରୁ ପର୍ବତ ।

**ସ୍ୱର୍ଗାପଗା**, ବି. ସ୍ତ୍ରୀ. ( ସ୍ୱର୍ଗ-ଆପଗା ) ସ୍ୱର୍ଗଙ୍ଗା, ଗଙ୍ଗାନଦୀ ।

**ସ୍ୱର୍ଗୀ**, ବି. ପୁଂ. (ସ୍ୱର୍ଗ-ଇନ୍) ଦେବତା, ସୁରଲୋକବାସୀ । ବିଂ. ମୃତ ।

**ସ୍ୱର୍ଗ୍ୟ, ସ୍ୱର୍ଗୀୟ**, ବିଂ. (ସ୍ୱର୍ଗ-ଯ, ଈୟ) ସ୍ୱର୍ଗସମ୍ବନ୍ଧୀୟ, ଯଥା,

"ସ୍ୱର୍ଗୀୟ ଅନନ୍ତଶିରେ ମୃତମାତାଙ୍କର ।"

କ. ବ ।

ସ୍ୱର୍ଗସୁଖଜନକ,

**ସ୍ୱର୍ଣ୍ଣ**, ବି. ନ. ( ସୁ=ଉତ୍ତମ-ଅର୍ଣ୍ଣ=ବର୍ଣ୍ଣ ) କାଞ୍ଚନ, ସୁବର୍ଣ୍ଣ, ସୁନା; ଧୁସ୍ତୁର ।

**ସ୍ୱର୍ଣ୍ଣକାୟ**, ବି. ପୁଂ. ( ସ୍ୱର୍ଣ୍ଣ-କାୟ ) ଗରୁଡ । ବିଂ. ସ୍ୱର୍ଣ୍ଣମୟ ଶରୀର ।

**ସ୍ୱର୍ଣ୍ଣକାର, ସ୍ୱର୍ଣ୍ଣକୃତ୍**, ବି. ପୁଂ. ( ସ୍ୱର୍ଣ୍ଣ-କାର, କୃତ୍ ) ବଣିଆଜାତି ।

**ସ୍ୱର୍ଣ୍ଣଚୂଡ**, ବି. ପୁଂ. (ସ୍ୱର୍ଣ୍ଣ-ଚୂଡା) ପକ୍ଷିବିଶେଷ, ଚଷାପୁଅ ପକ୍ଷୀ; କୁକ୍କୁଟ ।

**ସ୍ୱର୍ଣ୍ଣଜ**, ବି. ନ. (ସ୍ୱର୍ଣ୍ଣ-ଜ) ଟିନଧାତୁ ।

**ସ୍ୱର୍ଣ୍ଣଦୀ, ସ୍ୱର୍ନଦୀ**, ବି. ସ୍ତ୍ରୀ. ( ସ୍ୱର୍-ନଦୀ ) ମନ୍ଦାକିନୀ, ଗଙ୍ଗା ।

**ସ୍ୱର୍ଣ୍ଣଦୀଧିତି**, ବି. ପୁଂ. (ସ୍ୱର୍ଣ୍ଣ-ଦୀଧିତି) ଅଗ୍ନି, ବହ୍ନି ।

**ସ୍ୱର୍ଣ୍ଣପକ୍ଷ**, ବି. ପୁଂ. ସ୍ୱର୍ଣ୍ଣ-ପକ୍ଷ) ଗରୁଡ; ସୁବର୍ଣ୍ଣପକ୍ଷଶାଳୀ ।

**ସ୍ୱର୍ଣ୍ଣପଦ୍ମା**, ବି. ସ୍ତ୍ରୀ. (ସ୍ୱର୍ଣ୍ଣ-ପଦ୍ମ) ସ୍ୱର୍ଗଙ୍ଗା, ସୁରନଦୀ ।

**ସ୍ୱର୍ଣ୍ଣପୁଷ୍ପ**, ବି. ପୁଂ. (ସ୍ୱର୍ଣ୍ଣ-ପୁଷ୍ପ) ଚମ୍ପକବୃକ୍ଷ ।

**ସ୍ୱର୍ଣ୍ଣବଣିକ୍**, ବି. ପୁଂ. (ସ୍ୱର୍ଣ୍ଣ-ବଣିଜ୍) ସୁନାରି ବଣିଆଜାତି ।

**ସ୍ୱର୍ଣ୍ଣବିନ୍ଦୁ**, ବି. ପୁଂ. (ସ୍ୱର୍ଣ୍ଣ-ବିନ୍ଦୁ) ବିଷ୍ଣୁ; ସୁବର୍ଣ୍ଣକଣା ।

**ସ୍ୱର୍ଭାନବ**, ବି. ପୁଂ. ରତ୍ନବିଶେଷ, ଗୋମେଦକ ମଣି ।

**ସ୍ୱର୍ଭାନୁ**, ବି. ପୁଂ. (ସ୍ୱର୍-ଭାନୁ) ରାହୁଗ୍ରହ ।

**ସ୍ୱର୍ବଧୂ, ସ୍ୱର୍ବେଶ୍ୟା**, ବି. ସ୍ତ୍ରୀ. ( ସ୍ୱର୍-ବଧୂ, ବେଶ୍ୟା ) ଅପ୍ସରା ।

**ସ୍ୱର୍ବାପୀ**, ବି. ସ୍ତ୍ରୀ. (ସ୍ୱର୍-ବାପୀ) ସୁରନଦୀ, ଗଙ୍ଗା ।

**ସ୍ୱର୍ବୈଦ୍ୟ**, ବି. ପୁଂ. (ସ୍ୱର୍-ବୈଦ୍ୟ) ସ୍ୱର୍ଗର ଚିକିତ୍ସକ, ଅଶ୍ୱିନୀ କୁମାରଦ୍ୱୟ ।

**ସ୍ୱଲ୍ପ**, ବିଂ. (ସୁ-ଅଲ୍ପ) ଅତିଅଳ୍ପ, ଅତିକ୍ଷୁଦ୍ର ।

**ସ୍ୱବଶ**, ବିଂ. (ସ୍ୱ-ବଶ) ସ୍ୱାଧୀନ, ଆତ୍ମବଶ ।

**ସ୍ୱବାସିନୀ**, ବି. ସ୍ତ୍ରୀ. ( ସ୍ୱ-ବାସିନୀ ) ଚିରପିତୃଗୃହବାସିନୀ ବିବାହିତା ଅବିବାହିତା କନ୍ୟା ।

**ସ୍ୱବୀଜ**, ବି. ପୁଂ. (ସ୍ୱ-ବୀଜ) ଆତ୍ମା । ନ. ନିଜକାରଣ ।

**ସ୍ୱସା**, ବି. ସ୍ତ୍ରୀ. (ସୁ-ଅସ୍-ଋ) ଭଗିନୀ, ଭଉଣୀ, ଯଥା,

"ସ୍ୱସା ଇନ୍ଦୁମତୀ ହେଲେଣି ଯୁବତୀ
ଜାଣି ସ୍ୱୟମ୍ବର କଲେ ବିଧାନ ।"

**ସ୍ୱସ୍ତି**, ଅଂ. (ସୁ-ଅସ୍-ତି) ଆଶୀର୍ବାଦ; ଶୁଭ, ମଙ୍ଗଳ; ପୁଣ୍ୟାହ ସ୍ୱୀକାର, ହଁ; ସନ୍ତୋଷ, ଯଥା,

"ସ୍ୱସ୍ତି ସ୍ୱସ୍ତି ଉଚ୍ଚାରିଲେ ଋଷି ବ୍ରହ୍ମବାଦୀ ।"

**ସ୍ୱସ୍ତିକ**, ବି. ପୁଂ. ନ. (ସ୍ୱସ୍ତି-କ) ସମ୍ମୁଖ ବାରନ୍ଦା, ବାରନ୍ଦାଯୁକ୍ତ ପ୍ରାସାଦ; ଯୋଗାଙ୍ଗ ଆସନବିଶେଷ । ବି. ପୁଂ. ମାଙ୍ଗଳିକ ଦ୍ରବ୍ୟ; ସର୍ପଫଣା; ଚତୁଷ୍ପଥ; ପିଷ୍ଟକବିଶେଷ; ଲମ୍ପଟ; ରଶୁଣ; ଅଙ୍କୁଡିବିଶେଷ ।

ସ୍ୱସ୍ତିମୁଖ, ବି. ପୁଂ. ( ସ୍ୱସ୍ତି-ମୁଖ ) ଲେଖା, ଲିପି; ବ୍ରାହ୍ମଣ । ବିଂ. ସ୍ତୁତିପାଠକ ।

ସ୍ୱସ୍ତିବାଚନ, ବି. ନ. (ସ୍ୱସ୍ତି-ବାଚନ) ମଙ୍ଗଳ କାର୍ଯ୍ୟାରମ୍ଭରେ ମଙ୍ଗଳ କଥନ, ସ୍ୱସ୍ତି ଶବ୍ଦର ଉଚ୍ଚାରଣ ।

ସ୍ୱସ୍ତିବାଚନିକ, ବିଂ. ( ସ୍ୱସ୍ତିବାଚନ-ଇକ ) ସ୍ୱସ୍ତିବାଚନକାରକ; ସ୍ୱସ୍ତିବାଚନସମ୍ବନ୍ଧୀୟ ।

ସ୍ୱସ୍ତ୍ୟୟନ, ବି. ନ. ( ସ୍ୱସ୍ତି-ଅୟନ ) କୁଶଳ ଶାନ୍ତି ନିମିତ୍ତ ମଙ୍ଗଳ କର୍ମାନୁଷ୍ଠାନ, ଶୁଭବିଧିବିଷୟ; ଦାନଗ୍ରହୀତା; ବ୍ରାହ୍ମଣର ଆଶୀର୍ବାଦ ।

ସ୍ୱସ୍ଥ, ବିଂ. (ସ୍ୱ-ସ୍ଥ) ନିରୁଦ୍ବିଗ୍ନ, ନିଃସନ୍ଦିଗ୍ଧଚିତ୍ତ, ସ୍ଥିର; ସନ୍ତୁଷ୍ଟଚିତ୍ତ; ସମାହିତଚିତ୍ତ; ହୃଷ୍ଟ, ନୀରୋଗ; ସ୍ୱର୍ଗସ୍ଥ, ମୃତ ।

ସ୍ୱସ୍ରୀୟ, ବି. ପୁଂ. ⎫ ( ସ୍ୱସୃ-ଇୟ, ଅ ) ଭଗିନୀର
ସ୍ୱସ୍ରୀୟା, ସ୍ତ୍ରୀ. ⎭ ପୁତ୍ର ବା କନ୍ୟା ।
ବିଂ. ଭଗିନୀସମ୍ବନ୍ଧୀୟ ।

ସ୍ୱାକ୍ଷପାଦ, ବି. ପୁଂ. ନୈୟାୟିକ, ତାର୍କିକ ।

ସ୍ୱାକ୍ଷର, ବି. ପୁଂ. (ସ୍ୱ-ଅକ୍ଷର) ସହି, ଦସ୍ତଖତ ।

ସ୍ୱାଗତ, ବି. ନ. ( ସୁ-ଆଗତ ) କୁଶଳ ପ୍ରଶ୍ନ; ଶୁଭାଗମନ, ଯଥା,

"ପୂଜଣ ଜାମ୍ବୁଭଙ୍କୁ କୁଟିଳ ଅଣି,
ତା ଅଗ୍ରେ ପଚାରଇ ସ୍ୱାଗତ ବାଣୀ ।"
ସେ. ଦୂ ।

ସ୍ୱାଚ୍ଛନ୍ଦ୍ୟ, ବି. ନ. (ସ୍ୱଚ୍ଛନ୍ଦ-ଯ) ସ୍ୱଚ୍ଛନ୍ଦତ୍ୱ, ସ୍ୱାଧୀନତା; ସୁସ୍ଥତା, ସ୍ୱାସ୍ଥ୍ୟ ।

ସ୍ୱାତନ୍ତ୍ର୍ୟ, ବି. ନ. (ସ୍ୱତନ୍ତ୍ର-ଯ) ସ୍ୱତନ୍ତ୍ରତା, ସ୍ୱାଧୀନତା ।

ସ୍ୱାତି, ସ୍ୱାତୀ, ବି. ସ୍ତ୍ରୀ. (ସୁ-ଅତ-ଇ) ନକ୍ଷତ୍ରବିଶେଷ; ସୂର୍ଯ୍ୟପତ୍ନୀବିଶେଷ; ଖଡ୍ଗ ।

ସ୍ୱାତ୍ମରକ୍ଷା, (Fencing) ଆକ୍ରମଣ ଅଥବା ଆତ୍ମରକ୍ଷାର୍ଥରେ ତରବାରି ପ୍ରୟୋଗବିଷୟକ ନୈପୁଣ୍ୟ ସାଧନ-ବିଦ୍ୟା ।

ସ୍ୱାଦ, ବି. ପୁଂ. (ସ୍ୱାଦ୍-ଅ) ରସ, ଆସ୍ୱାଦ; ରସାନୁଭବ, ଲେହନ; ପ୍ରୀତି ।

ସ୍ୱାଦନ, ବି. ନ. (ସ୍ୱାଦ୍-ଅନ) ରସଗ୍ରହଣ, ଆସ୍ୱାଦାନୁଭବ, ରସ ।

ସ୍ୱାଦିତ, ବିଂ. (ସ୍ୱାଦ୍-ତ) ଭକ୍ଷିତ, ଗୃହୀତସ୍ୱାଦ; ଅସ୍ୱାଦିତ, ଲୀଢ ।

ସ୍ୱାଦୁ, ବିଂ. (ସ୍ୱଦ୍-ଉ) ମିଷ୍ଟ, ମଧୁର, ସୁସ୍ୱାଦୁ; ମନୋଜ୍ଞ । ବି. ପୁଂ. ମଧୁରରସ; ଔଷଧିବିଶେଷ, ଜୀବକ; ମଧୁ, ଗୁଡ଼ ।

ସ୍ୱାଦୁରସା, ବି. ସ୍ତ୍ରୀ. ଔଷଧିବିଶେଷ, ଦ୍ରାକ୍ଷାଜାତ ସୁରା; ଦ୍ରାକ୍ଷା; ଅମୃତା ।

ସ୍ୱାଧିକାର, ବି. ପୁଂ. (ସ୍ୱ-ଅଧିକାର) ନିଜ ଅଧିକାର, ନିଜ କର୍ତ୍ତବ୍ୟ ।

ସ୍ୱାଧୀନ, ବିଂ. (ସ୍ୱ-ଅଧୀନ) ସ୍ୱେଚ୍ଛାଚାରୀ, ଆତ୍ମବଶ ଅପରାଧୀନ, ସ୍ୱତନ୍ତ୍ର ।

ସ୍ୱାଧୀନତା, ବି. ନ. (ସ୍ୱାଧୀନ-ତା) ସ୍ୱତନ୍ତ୍ରତା, ଆତ୍ମବଶତା ।

ସ୍ୱାଧୀନପତିକା, ସ୍ୱାଧୀନଭର୍ତ୍ତୃକା, ବି. ସ୍ତ୍ରୀ. (ସ୍ୱ-ଅଧୀନ-ପତି, ଭର୍ତ୍ତୃ) ନାୟିକାବିଶେଷ, ନାୟକ ଯାହାର ବଶ, ଯଥା,

"ବୃକ୍ଷ ଚରଣରେ ସେ ନଖଶ ଫଳ କାହିଁ,
କହୁ ସ୍ୱାଧୀନଭର୍ତ୍ତୃକା ବୋଲି ଯେବେ ମୁହିଁ ।"
ବୈ. ବି ।

ସ୍ୱାଧ୍ୟାୟ, ବି. ପୁଂ. (ସୁ-ଆ-ଅଧ୍ୟାୟ) ବେଦାଧ୍ୟୟନ, ବେଦପାଠ; ବେଦାଂଶବିଶେଷ ।

ସ୍ୱାଧ୍ୟାୟବାନ୍, ସ୍ୱାଧ୍ୟାୟୀ, ବି. ପୁଂ. (ସ୍ୱାଧ୍ୟାୟ-ବତ୍, ସ୍ୱାଧ୍ୟାୟ-ଇନ୍) ବେଦପାଠକ, ଯେ ବେଦ ପଢ଼େ ।

ସ୍ୱାନ, ବି. ପୁଂ. (ସ୍ୱନ୍-ଅ) ସ୍ୱନ, ଧ୍ୱନି, ଶବ୍ଦ ।

ସ୍ୱାନ୍ତ, ବି. ନ. (ସ୍ୱନ୍-ତ) ଚିତ୍ତ, ମନଃ; ଗହ୍ୱର; । ବିଂ. ଶବ୍ଦିତ, ଧ୍ୱନିତ ।

ସ୍ୱାପ, ବି. ପୁଂ. (ସ୍ୱପ୍-ଅ) ନିଦ୍ରା; ନିଦ୍ରାବସ୍ଥାରେ ବିଷୟାନୁଭବ, ସ୍ୱପ୍ନ; ଅଚୈତନ୍ୟ; ପକ୍ଷାଘାତ; ସ୍ପର୍ଶଶକ୍ତି-ରାହିତ୍ୟ; ପକ୍ଷାଘାତରୋଗ ।

ସ୍ୱାପତେୟ, ବି. ନ. (ସ୍ୱ-ପତି-ଏୟ) ଧନ, ସମ୍ପତ୍ତି, ବିଭବ ।

ସ୍ୱାପଦ, ବି. ପୁଂ (ସ୍ୱାନ୍-ପଦ) ବନ୍ୟଜନ୍ତୁ; ହିଂସ୍ରକ ଜନ୍ତୁ ।

ସ୍ୱାଭାବିକ, ବିଂ. (ସ୍ୱଭାବ-ଇକ) ସ୍ୱଭାବସିଦ୍ଧ, ନୈସର୍ଗିକ ।

**ସ୍ୱାମିତ୍ୱ**, ବି. ନ. (ସ୍ୱାମିନ୍-ତ୍ୱ) ପ୍ରଭୁତ୍ୱ, କର୍ତ୍ତୃତ୍ୱ; ସ୍ୱତ୍ୱ; ଅଧିକାର ।

**ସ୍ୱାମୀ**, ବି. ପୁଂ. (ସ୍ୱ-ଆମିନ୍) ଅଧିପତି, ପ୍ରଭୁ; ରାଜା; ପତି, ଭର୍ତ୍ତା; ପଣ୍ଡିତବ୍ରାହ୍ମଣ; କାର୍ତ୍ତିକେୟ; ଗୁରୁ; ବିଷ୍ଣୁ; ଶିବ; ବାତ୍ସ୍ୟାୟନମୁନି; ଗରୁଡ଼; ପରମହଂସ । ବିଂ. ପ୍ରଭୁ; ଅଧିକାରୀ ।

**ସ୍ୱାୟମ୍ଭୁବ**, ବି. ପୁଂ. (ସ୍ୱୟମ୍ଭୂ-ଅ) ସ୍ୱୟମ୍ଭୂପୁତ୍ର, ପ୍ରଥମମନୁ । ବିଂ. ସ୍ୱୟମ୍ଭୂ ।

**ସ୍ୱାରାଟ୍**, ବି. ପୁଂ. (ସ୍ୱର ରାଜ୍) ସ୍ୱର୍ଗରେ ରାଜା, ଇନ୍ଦ୍ର ।

**ସ୍ୱାରାଜ୍ୟ**, ବି. ନ. (ସ୍ୱରାଜ-ଯ) ଈଶ୍ୱରତ୍ୱ; ଇନ୍ଦ୍ରତ୍ୱ ।

ସ୍ୱାରୋଚିଷ, ବି. ପୁଂ. (ସ୍ୱରୋଚିସ୍-ଅ) ଦ୍ୱିତୀୟମନୁ ।

**ସ୍ୱାର୍ଥ**, ବି. ପୁଂ. (ସ୍ୱ-ଅର୍ଥ) ସ୍ୱକାର୍ଯ୍ୟ, ନିଜପ୍ରୟୋଜନ; ସ୍ୱୀୟ ଅର୍ଥ; ବିଶେଷଣ ।

**ସ୍ୱାର୍ଥପର, ସ୍ୱାର୍ଥପରାୟଣ**, ବିଂ. (ସ୍ୱାର୍ଥ-ପର, ପରାୟଣ) ସ୍ୱକାର୍ଯ୍ୟ ସାଧନରେ ତତ୍ପର, ନିଜ ପ୍ରୟୋଜନ ସିଦ୍ଧି ବିଷୟରେ ବ୍ୟଗ୍ର ।

**ସ୍ୱାର୍ଥିକ**, ବିଂ. (ସ୍ୱାର୍ଥ-ଇକ) ସ୍ୱାର୍ଥରେ ବିହିତ; ନିଜ ଅର୍ଥଦ୍ୱାରା ସମ୍ପାଦିତ ।

**ସ୍ୱାସ୍ଥ୍ୟ**, ବି. ନ. (ସୁସ୍ଥ-ଯ) ସୁସ୍ଥତା, ଆରୋଗ୍ୟ; ସନ୍ତୋଷ; ନିରୁଦ୍ବେଗ, ନିଶ୍ଚିନ୍ତତା; ସୁଖ ।

**ସ୍ୱାହା**, ଅଂ (ସୁ-ଆ-ହ୍ୱେ-ଅ) ଦେବୋଦ୍ଦେଶରେ ଅଗ୍ନିରେ ଘୃତ ପ୍ରଦାନ; ହୋମର ମନ୍ତ୍ର; ଅଗ୍ନିର ଭାର୍ଯ୍ୟା; ମାତୃକାବିଶେଷ, ଯଥା,

"ସ୍ୱାହା ସହରସ ହିଙ୍ଗୁଳାଙ୍କ ବରେ ।"

ନ. ବ ।

**ସ୍ୱାହାପତି, ସ୍ୱାହାପ୍ରିୟ**, ବି. ପୁଂ. (ସ୍ୱାହା ପତି, ପ୍ରିୟ) ଅଗ୍ନି ।

**ସ୍ୱାହାଭୁକ୍**, ବି. ପୁଂ. (ସ୍ୱାହା-ଭୁଜ୍) ଦେବତା ।

**ସ୍ୱିତ୍**, ଅଂ. (ସ୍ୱି-କ୍ବିଂ) ପ୍ରଶ୍ନ; ବିତର୍କ; ସଂଶୟ; ପାଦପୂରଣ ଅର୍ଥ ।

**ସ୍ୱିନ୍ନ**, ବିଂ. (ସ୍ୱିଦ୍-ତ) ସ୍ୱେଦଯୁକ୍ତ, ଘର୍ମାକ୍ତ; ଆର୍ଦ୍ର, ପକ୍ୱ ।

**ସ୍ୱୀକାର**, ବି. ପୁଂ. (ସ୍ୱ-କାର; ଅଭୂତ ତଦ୍ଭାବାର୍ଥେ ଚ୍ୱି) ପ୍ରତିଜ୍ଞା, ଅଙ୍ଗୀକାର; ପରିଗ୍ରହ; ପ୍ରତିଗ୍ରହ; ଗ୍ରହଣ; ଆତ୍ମୀକରଣ; ବଶୀକରଣ ।

**ସ୍ୱୀକୃତ**, ବିଂ. (ସ୍ୱୀ-କୃତ) ଅଙ୍ଗୀକୃତ; ସମ୍ମତ; ପରିଗୃହୀତ; ପ୍ରତିଗୃହୀତ, ଗୃହୀତ, ଆତ୍ମୀକୃତ ।

**ସ୍ୱୀୟ**, ବିଂ. (ସ୍ୱ-ଈୟ) ସ୍ୱକୀୟ, ଆତ୍ମୀୟ, ନିଜ ।

**ସ୍ୱୀୟା**, ବି. ସ୍ତ୍ରୀ. ନାୟିକାବିଶେଷ, ସ୍ୱାମୀରପ୍ରତି ଅନୁରକ୍ତା ନାୟିକା ।

**ସ୍ୱେଚ୍ଛା**, ବି. ସ୍ତ୍ରୀ. (ସ୍ୱ-ଇଚ୍ଛା) ଯଦୃଚ୍ଛା, ଆପଣା ଇଚ୍ଛା, ସ୍ୱଚ୍ଛନ୍ଦ ।

ସ୍ୱେଚ୍ଛାଚାରୀ, ବିଂ. (ସ୍ୱେଚ୍ଛା-ଆଚାରୀ) ସ୍ୱାଧୀନ, ଯେ ଆପଣା ଇଚ୍ଛାନୁସାରେ ଆଚରଣ କରେ, ଅବାଧ୍ୟ ।

ସ୍ୱେଚ୍ଛାମୃତ୍ୟୁ, ବି. ପୁଂ. (ସ୍ୱେଚ୍ଛା-ମୃତ୍ୟୁ) ଭୀଷ୍ମ ।

ସ୍ୱେଦ, ବି. ପୁଂ. (ସ୍ୱିଦ୍-ଅ) ତାପ; ଘର୍ମ, ଝାଳ; କ୍ଲେଦ; ବାଷ୍ପ; ଉଷ୍ମ ।

ସ୍ୱେଦଜ, ବିଂ. (ସ୍ୱେଦ-ଜ) ଉଷ୍ମଜାତ, କୃମିଦଂଶମଶକାଦି ।

ସ୍ୱେଦନ, ବି. ନ. (ସ୍ୱେଦ-ଅନ) ସ୍ୱେଦ, ଘର୍ମ; ଘର୍ମଜନକ, ଘର୍ମୋତ୍ପତ୍ତି; ଘର୍ମନିଃସାରଣ ।

ସ୍ୱେଦନିକା, ବି. ସ୍ତ୍ରୀ. (ସ୍ୱେଦନୀ-କ) ଲୌହମୟ ପାକପାତ୍ର; ଭର୍ଜନ-ପାତ୍ର ।

ସ୍ୱୈର, ବିଂ. (ସ୍ୱ-ଈର୍-ଅ) ଆତ୍ମବଶ, ସ୍ୱାଧୀନ, ସ୍ୱଚ୍ଛନ୍ଦ; ମନ୍ଦ, ଜଡ଼ । ବି. ନ. ସ୍ୱେଚ୍ଛାଧୀନତା, ଯଥେଚ୍ଛାଚାର ।

ସ୍ୱୈରଚାରିଣୀ, ବି. ସ୍ତ୍ରୀ. (ସ୍ୱୈର-ଚାରିଣୀ) ବ୍ୟଭିଚାରିଣୀ ସ୍ତ୍ରୀ ।

ସ୍ୱୈରଚାରୀ, ବିଂ. (ସ୍ୱୈର-ଚାରୀ) ସ୍ୱେଚ୍ଛାଚାରୀ; ଅବାଧ୍ୟ ।

ସ୍ୱୈରତା, ସ୍ୱୈରିତା, ବି. ସ୍ତ୍ରୀ. (ସ୍ୱୈର-ତା) ସ୍ୱାଧୀନତା, ଯଥେଚ୍ଛାଚାରିତା ।

ସ୍ୱୈରନ୍ଧ୍ରୀ, ସ୍ୱୈରିନ୍ଧ୍ରୀ, ବି. ସ୍ତ୍ରୀ. (ସ୍ୱୈର-ଧ୍ରୁ) ପରବେଶ୍ମସ୍ଥା ସ୍ୱବଶା ଶିଳ୍ପକାରିଣୀ ସ୍ତ୍ରୀ ।

ସ୍ୱୈରିଣୀ, ବି. ସ୍ତ୍ରୀ. (ସ୍ୱୈର-ଇନ୍-ଈ) ବ୍ୟଭିଚାରିଣୀ ।

ସ୍ୱୈରୀ, ବିଂ. (ସ୍ୱୈର୍-ଇନ୍) ସ୍ୱେଚ୍ଛାଚାରୀ, ଅବାଧ୍ୟ ।

ସ୍ୱୋରସ, ବି. ପୁଂ. ସ୍ୱରସ, ଶିଳାପିଷ୍ଟ ତୈଳବିଶେଷ; କଷାୟବିଶେଷ; ଶିଳାପିଷ୍ଟକଳ୍କ, କାଷ୍ଠି ।

**ହ** ବ୍ୟଞ୍ଜନବର୍ଣ୍ଣର ଏକୂନ ତ୍ରିଂଶତ୍‌ବର୍ଣ୍ଣ, ଏହାର ଉଚ୍ଚାରଣ ସ୍ଥାନ କଣ୍ଠ । ବି. ପୁଂ. (ହା କମ୍ବା ହନ୍-ଅ) ଶିବ; ବିଷ୍ଣୁ; ଜଳ; ଶୂନ୍ୟ; ଗଗନ; ଧାରଣ; ମଙ୍ଗଳ; ସ୍ୱର୍ଗ; ଇନ୍ଦ୍ର; ଘୋଟକ; ଭୟ; ଧ୍ୟାନ; ଆକାଶ; ଜ୍ଞାନ; ଚନ୍ଦ୍ର; ଯୁଦ୍ଧ; ରୋମାଞ୍ଚ; ଗର୍ବ; ଚିକିତ୍ସକ; କାରଣ, ଉଦ୍ଦେଶ୍ୟ; ସ୍ତ୍ରୀ. ପରିତ୍ୟାଗ; ବୀଣା । ନ. ପରମାଣୁ; ଆନନ୍ଦ; ହର୍ଷ; ଆହ୍ୱାନ; ଅସ୍ତ୍ରଶସ୍ତ୍ର; ମଣିପ୍ରଭା; ବୀଣାଧ୍ୱନି; (ହା-ଅ) ଅଂ. ସମ୍ବୋଧନ; ପାଦପୂରଣାର୍ଥକ; କୋପ; ନିନ୍ଦା; ନିୟୋଗ; ନିଗ୍ରହ; ନିଶ୍ଚୟ; ମୃଦୁ । ପୁଂ. ଛେଦନ; ଉପଦେଶ; ଧାରଣ । ବିଂ. ହାସ୍ୟ; ଉଚ୍ଚହାସିତ; ମତ୍ତ; ସୁଗନ୍ଧ ।

**ହଂସ**, ବି. ପୁଂ. ( ହନ୍-ସ ) ହଂସ; ପକ୍ଷିବିଶେଷ; ବିଷ୍ଣୁ, ସୂର୍ଯ୍ୟ; ପରମାତ୍ମା; ବ୍ରହ୍ମା; ଶିବ; ଅଶ୍ୱ; ମାତ୍ସର୍ଯ୍ୟ; ମହିଷ; ପରମବ୍ରହ୍ମ; ନିର୍ଲୋଭଯତି ନରପତି; ଯତିବିଶେଷ, ଗୁରୁ; ପର୍ବତ; ଦେହସ୍ଥ ବାୟୁବିଶେଷ, ଅଶ୍ୱବିଶେଷ; ( ଶବ୍ଦର ପରବର୍ତ୍ତୀ ହେଲେ ) ଶ୍ରେଷ୍ଠ; ଉତ୍କୃଷ୍ଟ; ପ୍ରଧାନ । ସ୍ତ୍ରୀ. ହଂସୀ; ଛନ୍ଦବିଶେଷ ।

**ହଂସକ**, ବି. ପୁଂ. ( ହଂସ-କୈ-ଅ ) ପାଦାଭରଣବିଶେଷ; ନୂପୁର । (ହଂସ-କ) ରାଜହଂସ; ହଂସ; ସିକା । ସ୍ତ୍ରୀ. ହଂସୀ ।

**ହଂସଗଦ୍ଗଦା**, ବି. ସ୍ତ୍ରୀ. ( ହଂସ-ଗଦ୍-ଶବ୍ଦକରିବା ଦ୍ୱିତ୍ୱ-ଅ-ଆ) ମଧୁରଭାଷିଣୀ ।

**ହଂସଗାମିନୀ**, ବି. ସ୍ତ୍ରୀ. (ହଂସ-ଗାମିନୀ) ହଂସପରି ଗମନଶୀଳା ନାରୀବିଶେଷ; ବ୍ରହ୍ମାଣୀ; ଦେବୀ ।

**ହଂସବାହନ**, ବି. ନ. (ହଂସ-ବାହନ) ଅଗୁରୁ ସୁଗନ୍ଧିକାଷ୍ଠବିଶେଷ ।

**ହଂସନାଦିନୀ**, ବି. ସ୍ତ୍ରୀ. (ହଂସ-ନାଦିନୀ) ପରମସୁନ୍ଦରୀ ସ୍ତ୍ରୀ-ଯାହାର ମଧ୍ୟଭାଗ କ୍ଷୀଣ, ବର୍ତ୍ତୁଳ ନିତମ୍ବଦେଶ, ହସ୍ତୀପରି ଗମନ ଏବଂ କୋକିଳପରି ସ୍ୱର ।

**ହଂସପାଦ**, ବି. ପୁଂ. (ହଂସ-ପାଦ) ହିଙ୍ଗୁଳ ।

**ହଂସମାଳା**, ବି. ସ୍ତ୍ରୀ. (ହଂସ-ମାଳା) ପାତିହଂସ; ହଂସଶ୍ରେଣୀ ।

**ହଂସରଥ**, **ହଂସବାହନ**, ବି. ପୁଂ. ( ହଂସ-ରଥ, ବାହନ) ବ୍ରହ୍ମା, ପ୍ରଜାପତି ।

**ହଂସରାଳି**, ବି. ପକ୍ଷିବିଶେଷ, ଯଥା,

> "ଭିର୍ଗଣୀ ସ୍ଥଳିକ ହଂସରାଳି
> ଉଡ଼ି ଗଲେ ଖଣ୍ଡଗିରି ଚୂଳେ ।"

**ହଂସଲୋହକ**, ବି. ନ. ପିତ୍ତଳ ।

**ହଂସାଭିଖ୍ୟା**, ବି. ନ. ( ହଂସ-ଆଭିଖ୍ୟା ) ରଜତ, ରୌପ୍ୟ ।

**ହଇ**, ଅଂ. (ଦେଶଜ) ହଁ, ସତେ ।

**ହଇରାଣ**, ବି. (ଯବନକ ହୟ୍‌ରାନ ଶବ୍ଦଜ) ହରକତ, ହରବର, ଯଥା,

> "ହଇ, ସଣ କାହିଁକି ଏତେ,
> ହଇରାଣ ଅଉ ହେବ କେ କେତେ ।"

**ହଂସାରୂଢ଼**, ବିଂ. ପୁଂ. ବ୍ରହ୍ମା । ସ୍ତ୍ରୀ. ବ୍ରହ୍ମାଣୀ ।

**ହକ**, ବିଂ. (ଯାବନିକ) ଯଥାର୍ଥ; ନ୍ୟାଯ୍ୟ; ସ୍ୱତ୍ୱ ।

**ହଗ**, ବି. (ଦେଶଜ) ମଳତ୍ୟାଗ ।

**ହକ୍କ**, ବିଂ. ପୁଂ. ( ହକ୍-କ ) ଗଜଧମାହ୍ୱାନ, ହାତିର ଡାକ ।

**ହଜମ**, ବି. ( ଯାବନିକ ) ପରିପାକ; ଅଳ୍ପସାତ୍‌ କରିବା ।

**ହଟ**, ବି. (ଦେଶଜ) କୌତୁକ, ରଙ୍ଗ, ତାମସା, ଯଥା,

> "ବଲମୁ ମୋ କରି ହଟ,
> ଭିଧାନ ଯେ କରିଅଛୁ ଲୁଚିବା କପଟ ।"
>
> ବୈ. ବ ।

**ହଟହଟା**, ବିଂ. (ଦେଶଜ) ଲୁଆଲୁଟା, ଲୋକହସା, ଅପକୀର୍ତ୍ତି ।

**ହଟିଆ**, ବିଂ. (ଦେଶଜ) କୌତୁକକାରୀ, ରଙ୍ଗିଆ । ଯଥା,

> "ସେ ଶ୍ୟାମ ନାଗର ବଡ଼ ହଟିଆ ରେ ।"

**ହଟିବା**, କ୍ରି. (ଦେଶଜ) ରହିତ ହେବା; ପଶ୍ଚାଇବା ।

**ହଟ୍ଟ**, ବି. ପୁଂ. (ହଟ୍-ଟ) କ୍ରୟବିକ୍ରୟ ସ୍ଥାନ, ହାଟ ।

**ହଟ୍ଟବିଳାସିନୀ**, ବି. ସ୍ତ୍ରୀ. ( ହଟ୍ଟ-ବି-ଲସ୍-ଇନ୍-ଈ ) ବାରାଙ୍ଗନା, ବେଶ୍ୟା; ଗନ୍ଧୌଷଧିବିଶେଷ ।

**ହଠ**, ବି. ପୁଂ. (ହଠ୍-ଅ) ବଳାତ୍କାର, ଯଥା,

"ହରୁଁ ଅସି ଏହ ଶ୍ରବଚ୍ଡାମଣି,
ହଠେ ଲୁଟି କଲ ହୃଦୟ୍-ବପଣି ।"

ନ. ବେ ।

ଲୁଟ୍; ପଶ୍ଚାଦ୍ଗମନ ।

ହଠବନ୍ଦୀକରଣ, ବଲପୂର୍ବକ କାରାରୁଦ୍ଧ କରିବା ।

ହଠାତ୍, କ୍ରି. ବିଂ. ( ହଠ ଶବ୍ଦଜ ) ଅକସ୍ମାତ୍; ଦୈବାତ୍ ।

ହଡବଡାଇବା, କ୍ରି. (ଦେଶଜ) ବ୍ୟସ୍ତ ହେବା, ଧାବିତ ହେବା ।

ହଡକ, ହଡ୍ଡକ, ହଡ୍ଡିକ, ବି. ପୁଂ. ( ହଠ-ଇକ ) ଝାଡୁଦାର, ହାଡିଜାତି ।

ହଡ୍ଡ, ବି. ନ. (ହଡ୍-ଡ) ଅସ୍ଥି, ହାଡ ।

ହଡ୍ଡଜ, ବି. ନ. (ହଡ୍ଡ-ଜ) ମଜ୍ଜା ।

ହଣ୍ଡିକା, ହଣ୍ଡି, ବି. ସ୍ତ୍ରୀ. (ହଣ୍ଡ-କ-ଆ, ଇ) ମୃତ୍ପାତ୍ରବିଶେଷ, ହାଣ୍ଡି ।

ହତ, ବିଂ. ( ହନ୍-ତ ) ବିନଷ୍ଟ; ବିନାଶିତ; ବ୍ୟାହତ; ପ୍ରତିହତ; ଚୂର୍ଣ୍ଣିତ; ନିରାଶ; କୁତ୍ସିତ; ଦଗ୍ଧ; ତୁଚ୍ଛ । ବି. ନ. ହନନ; ଗୁଣନ ।

ହତକ, ବି. ପୁଂ. (ହତ-କ) ଭୀରୁ, କାପୁରୁଷ; ନୀଚ; ନଷ୍ଟପ୍ରାୟ; ମୃତ; ହତଭାଗ୍ୟ ।

ହତଜୀବିତ, ବିଂ. ( ହତ-ଜୀବିତ ) ମୃତ, ଗତାସୁ । ନ. ନୈରାଶ୍ୟ ।

ହତମୂର୍ଖ, ବି. ପୁଂ. ଅତି ମୂଢ, ଗଣ୍ଡମୂର୍ଖ ।

ହତସ୍ମର, ବି. ପୁଂ. (ହତ-ସ୍ମର) ମହାଦେବ ।

ହତାଦର, ବି. ପୁଂ. (ହତ-ଆଦର) ଅସମ୍ମାନ, ଅମର୍ଯ୍ୟାଦା । ବିଂ. ଅବଜ୍ଞାତ ।

ହତାଧ୍ୱର, ବି. ପୁଂ. (ହତ-ଅଧ୍ୱର) ଶିବ ।

ହତାଶ, ବିଂ. ( ହତ-ଆଶା ) ନିର୍ଦ୍ଦୟ, ନିରାଶ, ଆଶାରହିତ; ଦୁଷ୍ଟ; ନିଷ୍ଫଳ; ବନ୍ଧ୍ୟ; ଦୁର୍ବଳ ।

ହତି, ବି. ସ୍ତ୍ରୀ, ( ହନ୍-ତି ) ହନନ; ବ୍ୟାଘାତ; ଅପକର୍ଷ; ଗୁଣନ ।

ହତିଆର, ବି. (ଯାବନିକ) ଶସ୍ତ୍ର ।

ହତୌଜାଃ, ବିଂ. ( ହତ-ଓଜସ୍ ) ହୀନବଳ । ପୁଂ. ଦୌର୍ବଲ୍ୟ-ସମ୍ପାଦକ ଜ୍ୱର ।

ହତ୍ୟା, ବି. ସ୍ତ୍ରୀ. ( ହନ-ଯ-ଆ, ନ ସ୍ଥାନେ ତ ) ବଧ, ହନନ, ବିନାଶ; ହିଂସା ।

ହନନ, ବି. ନ. (ହନ୍-ଅନ) ବଧ, ହତ୍ୟା; ମାରଣ, ଗୁଣନ; ପୂରଣ ।

ହନୁ, ପୁଂ. } ବି. (ହନ୍-ଉ) ଗଣ୍ଡଦେଶର ଉପରଭାଗ । ସ୍ତ୍ରୀ. ରୋଗ, ଅସ୍ତ୍ର, ମୃତ୍ୟୁ ।
ହନୂ, ସ୍ତ୍ରୀ. }

ହନୁମାନ୍, ହନୂମାନ୍, ବି. ପୁଂ. (ହନୁ-ମତ୍) ଅଞ୍ଜନାଗର୍ଭଜାତ ବାନର ।

ହନୂଷ, ବି. ପୁଂ. (ହନ-ଉଷ) ରାକ୍ଷସ, ନିଶାଚର ।

ହନ୍ତ, ଅଂ. ( ହନ୍-ତ ) ବିଷାଦ; ଖେଦ; ଅନୁକମ୍ପା, କରୁଣା; ସମ୍ଭ୍ରମ; ବାକ୍ୟାରମ୍ଭ; ହର୍ଷ; ଅନୁକଲ୍ପନ ।

ହନ୍ତବ୍ୟ, ବିଂ. (ହନ୍-ତବ୍ୟ) ହନନୀୟ, ବଧଯୋଗ୍ୟ; ଗୁଣ୍ୟ ।

ହନ୍ତା, ବିଂ. (ହନ୍-ତୃ) ହନନକର୍ତ୍ତା, ବଧକାରକ ।

ହନ୍ୟମାନ, ବିଂ. ( ହନ୍-ଆନ, ଯ ଆଗମ ) ଯାହାଙ୍କୁ ହନନ କରା ହୋଇଅଛି ।

ହପ୍ତା, ବି. (ଯାବନିକ) ସପ୍ତାହ ।

ହମହମ, ବିଂ. ଉଦ୍ୟତ ।

ହମ୍ଭା, ହମ୍ବା, ହମ୍ମା, ବି. ସ୍ତ୍ରୀ. (ହମ୍-ଭା-ଅ-ଆ, ବା, ମା) ଗୋଧ୍ୱନି; ଗୋରୁର ଶବ୍ଦ, ଯଥା,

"ଧୂଳି ଉଡାଇଣ ଦାଣ୍ଡେ କରି ହମ୍ବା ରଡ,
ଯାଉଛନ୍ତି ଗୋରୁପଲ ଗୋଠରୁ ବାହୁଡ ।"

ସ୍ତ. ମା ।

ହୟ, ବି. ପୁଂ. (ହୟ୍ କମ୍ପ। ହି=ଗମନ କରିବା-ଅ) ଅଶ୍ୱ, ଘୋଟକ; ଇନ୍ଦ୍ର; ସପ୍ତସଂଖ୍ୟା, ୭ । ୟୀ-ସ୍ତ୍ରୀ. ଘୋଟକୀ ।

ହୟଗ୍ରୀବ, ବି. ପୁଂ. (ହୟ-ଗ୍ରୀବା) ଦୈତ୍ୟବିଶେଷ; ବିଷ୍ଣୁର ଅବତାରବିଶେଷ, ନୃସିଂହ ଅବତାର; ଋଷିବିଶେଷ । ସ୍ତ୍ରୀ. ଦୁର୍ଗା ।

ହୟଙ୍କଷ, ବି. ପୁଂ. ( ହୟ-କଷ-ଅ ) ସାରଥି, ମାତଲି, ଇନ୍ଦ୍ର, ସାରଥି ।

ହୟଜ୍ଞ, ବି. ପୁଂ. ( ହୟ-ଜ୍ଞା-ଅ ) ଅଶ୍ୱଶାସ୍ତ୍ରବେତ୍ତା, ଅଶ୍ୱପାଳକ, ସହିସ ।

ହୟପ୍ରିୟ, ବି. ପୁଂ. (ହୟ-ପ୍ରିୟ) ଶସ୍ୟବିଶେଷ, ଯବ । ୟା-ସ୍ତ୍ରୀ. ଅଶ୍ୱଗନ୍ଧା; ଖର୍ଜ୍ଜୁରୀ ।

ହୟସଳ, (ଯାବନକ) କ୍ଳାନ୍ତ; କଷ୍ଟଯୁକ୍ତ ।

ହୟବାହନ, ବି. ପୁଂ. ସୂର୍ଯ୍ୟପୁତ୍ର, ରେବନ୍ତ ।

ହୟଶୀର୍ଷ, ବି. ପୁଂ. ବିଷ୍ଣୁ, ନାରାୟଣ; ଶାଳଗ୍ରାମ-ମୂର୍ତ୍ତିବିଶେଷ ।

ହର, ବି. ପୁଂ. ( ହୃ-ଅ ) ଶିବ; ଅଗ୍ନି; ଗର୍ଦ୍ଦଭ; ଭାଜକ ଅଙ୍କ । ବିଂ. ବହନକାରକ; ହରଣ-କାରକ ।

ହରକ, ବି. ପୁଂ. ଶିବ; ଅଗ୍ନି; ଗର୍ଦ୍ଦଭ; ହରଣ ।

ହରକରା, ବି. ( ଯାବନକ ) ସମ୍ବାଦବାହକ, ଚର, ଦୂତ ।

ହରଗୌରୀ, ବି. (ଦେଶଜ) ପୁଷ୍ପବିଶେଷ ।

ହରଗୌରୀ, ବି. ସ୍ତ୍ରୀ. ଅର୍ଦ୍ଧନାରୀସ୍ୱରୂପ, ଶିବ ପାର୍ବ୍ବତୀର ମୂର୍ତ୍ତିବିଶେଷ; ଶିବ ଏବଂ ପାର୍ବ୍ବତୀ ।

ହରଘଡ଼ି, କ୍ରି. ବିଂ. ସର୍ବଦା ।

ହରଚୂଡ଼ାମଣି ବି. ପୁଂ. ଚନ୍ଦ୍ର ।

ହରଣ, ବି. ନ. ( ହୃ-ଅନ ) ଗ୍ରହଣ; ଅପହରଣ; ବହନ; ଭାଗକରଣ; ଭୁଜ, ବାହୁ; ଯୌତୁକ-ଦାନ; ଗୁରୁଦକ୍ଷିଣାଦି ଦାନ ।

ହରନେତ୍ର, ବି. ନ. (ହର-ନେତ୍ର) ଶିବଚକ୍ଷୁ; ସଂଖ୍ୟା-ତ୍ରୟ ।

ହରପ ବି. (ଯାବନକ) ବର୍ଣ୍ଣମାଳାର ଅକ୍ଷର ।

ହରଫ, ବି. ( ଯାବନକ ) ବର୍ଣ୍ଣମାଳାର ଅକ୍ଷର; ପଦ୍ମାଚିଙ୍କ ।

ହରବୀଜ, ହରତେଜଃ, ବି. ନ. (ହର-ବୀଜ, ତେଜସ୍) ପାରଦ ।

ହରଶେଖରା, ବି. ସ୍ତ୍ରୀ. ( ହର-ଶେଖର ) ଗଙ୍ଗା, ଜାହ୍ନବୀ ।

ହରାଦ୍ରି, ବି. ପୁଂ. (ହର-ଅଦ୍ରି) କୈଳାସ ପର୍ବ୍ବତ ।

ହରି, ବି. ପୁଂ. (ହୃ-ଇ) ବିଷ୍ଣୁ; ଶିବ; ବ୍ରହ୍ମା; ଇନ୍ଦ୍ର; ଯମ; ବାୟୁ; ଅଗ୍ନି; ଚନ୍ଦ୍ର; ସୂର୍ଯ୍ୟ; ସିଂହ; ରଶ୍ମି; ଅଶ୍ୱ; ଶୁକପକ୍ଷୀ; ବାନର; କିରଣ; ସର୍ପ; ଭେକ; କୋକିଳ; ମୟୂର; ପଶୁ; ହଂସ । ବିଂ. ହରିତ-ବର୍ଣ୍ଣ; ପିଙ୍ଗଳବର୍ଣ୍ଣ; କପିଶବର୍ଣ୍ଣ, (ସୂର୍ଯ୍ୟ ଅର୍ଥରେ) ଯଥା,

"ମାୟା କପଟରୂପେ ପଶ୍ଚାତେ ଅନୁସରନ୍ତି ହରି,
ଭୋରଲଗ୍ନ ଯୋଷ ସେସନ୍ତ ଅନୁସରେ ସଙ୍ଗରି"
ଚ. ଭୂ ।

ହରିକ, ବି. ପୁଂ. (ହରି-କ) ପୀତହରିଦ୍ବର୍ଣ୍ଣ ଅଶ୍ୱ; ଚୋର, ପାଶକ୍ରୀଡ଼କ ।

ହରିକାଠ, ବି. ଅର୍ଗଳବିଶେଷ; ଏଥିରେ ପୂର୍ବେ ଦଣ୍ଡ୍ୟବ୍ୟକ୍ତିର ହସ୍ତପଦ ବନ୍ଧ କରି ତାକୁ ଦଣ୍ଡ ଦିଆ ଯାଉଥିଲା ।

ହରିକେଶ, ବି. ପୁଂ. (ହରି-କ-ଈଶ) ଶିବ; ଯକ୍ଷ-ବିଶେଷ ।

ହରିଚନ୍ଦନ, ବି. ପୁଂ. ନ. (ହରି-ଚନ୍ଦନ) ଦେବତରୁ-ବିଶେଷ; ପୀତବର୍ଣ୍ଣ ସୁଗନ୍ଧକାଷ୍ଠବିଶେଷ; ଗୋଶୀ-ର୍ଷନାମକ ଶ୍ୱେତଚନ୍ଦନ । ନ. କୁଙ୍କୁମ; ଚନ୍ଦ୍ରିକା; ଜ୍ୟୋତ୍ସ୍ନା; ପଦ୍ମକେଶର ।

ହରିଣ, ବି. ପୁଂ. (ହୃ-ଇନ୍) ମୃଗ, କୁରଙ୍ଗ; ପାଣ୍ଡୁବର୍ଣ୍ଣ ବିଷ୍ଣୁ; ଶିବ; ସୂର୍ଯ୍ୟ; ହଂସ । ସ୍ତ୍ରୀ. ମୃଗୀ, କୁରଙ୍ଗିଣୀ; ପଦ୍ମିନୀ ପ୍ରଭୃତି ଚତୁର୍ବିଧ ସ୍ତ୍ରୀ ମଧ୍ୟରେ ଏକପ୍ରକାର ସ୍ତ୍ରୀ; ଚିତ୍ରିଣୀ ସ୍ତ୍ରୀ; ଅପ୍ସରାବିଶେଷ; ତରୁଣୀ; ବରସ୍ତ୍ରୀ; ହରିଦ୍ବର୍ଣ୍ଣାସ୍ତ୍ରୀ । ବିଂ. ପାଣ୍ଡୁର, ବର୍ଣ୍ଣବିଶିଷ୍ଟ ।

ହରିଣନର୍ତ୍ତକ, ବି. ପୁଂ. (ହରିଣ-ନର୍ତ୍ତକ) କିନ୍ନର, ସ୍ୱର୍ଗର ଗାୟକ ।

ହରିଣହୃଦୟ, ବିଂ. (ହରିଣ-ହୃଦୟ) ଭୀରୁ, ଭୀତ-ସ୍ୱଭାବ ।

ହରିଣାକ୍ଷୀ, ବି. ସ୍ତ୍ରୀ. (ହରିଣ-ଅକ୍ଷି-ଅ-ଈ) ମୃଗନୟନ ତୁଲ୍ୟ ନୟନବିଶିଷ୍ଟା ସ୍ତ୍ରୀ; ଗନ୍ଧଦ୍ରବ୍ୟବିଶେଷ; ସ୍ୱୈରବିଳାସିନୀ ।

ହରିଣାଙ୍କ, ବି. ପୁଂ. (ହରିଣ-ଅଙ୍କ) ଚନ୍ଦ୍ର, ମୃଗାଙ୍କ ।

ହରିତ, ବି. ପୁଂ. ( ହୃ-ଇତ ) ନୀଳପୀତମିଶ୍ରିତବର୍ଣ୍ଣ, ସବୁଜବର୍ଣ୍ଣ; ବେଗବାନ୍ ଅଶ୍ୱ; ସୂର୍ଯ୍ୟର ଅଶ୍ୱ; ସୂର୍ଯ୍ୟ; ବିଷ୍ଣୁ; ସିଂହ । ସ୍ତ୍ରୀ. ଦିକ୍; ହରିଦ୍ରା । ପୁଂ. ନ. ଘାସ; ସବୁଜବର୍ଣ୍ଣ ଦୂର୍ବାଦି । ବିଂ. ହରିଦ୍ବର୍ଣ୍ଣ-ବିଶିଷ୍ଟ ।

**ହରିତ**, ବି. ପୁଂ. (ହୃ-ଇତ) ସବୁଜବର୍ଣ୍ଣ; ସିଂହ। ସ୍ତ୍ରୀ. ଦୂର୍ବା; ହରିଦ୍ରା; ଜୟନ୍ତୀ; କପିଳଦ୍ରାକ୍ଷା; ନୀଳଦୂର୍ବା। ବିଂ. ସବୁଜବର୍ଣ୍ଣବିଶିଷ୍ଟ।

**ହରିତକ**, ବି. ନ. (ହରିତ-କ) ହରିଦ୍ବର୍ଣ୍ଣ ତୃଣ; ଶାକ; ବୃକ୍ଷର ପତ୍ରାଦି।

**ହରିତକୀ**, ବି. ସ୍ତ୍ରୀ. (ହରିତକ-ଈ) ସ୍ୱନାମଖ୍ୟାତ ଫଳବିଶେଷ, ହରିଡ଼ା।

**ହରିତାଳ**, ବି. ନ. (ହରିତା-ଅଲ୍-ଅ) ପୀତବର୍ଣ୍ଣ ସ୍ୱନାମପ୍ରସିଦ୍ଧ ଧାତୁ। ପୁଂ. ପୀତବର୍ଣ୍ଣ ପକ୍ଷୀବିଶେଷ।

**ହରିତାଳୀ, ହରିତାଳିକା**, ବି. ସ୍ତ୍ରୀ. (ହରିତାଳ-ଈ କ-ଆ) ଦୂର୍ବାଘାସ; ଦକ୍ଷିଣୋତ୍ତରବ୍ୟାପିନୀ ଆକାଶସ୍ଥ ରେଖା, ଛାୟାପଥ; ଭାଦ୍ର-ଶୁକ୍ଳାଚତୁର୍ଥୀ।

**ହରିତାଶ୍ମ**, ବି. ନ. (ହରିତ-ଅଶ୍ମନ୍) ମରକତମଣି; ତୁତିଆ।

**ହରିଦଶ୍ୱ**, ବି. ପୁଂ. (ହରିତ୍-ଅଶ୍ୱ) ସୂର୍ଯ୍ୟ।

**ହରିଦେବ**, ବି. ପୁଂ. (ହରି-ଦେବ) ଶ୍ରବଣା ନକ୍ଷତ୍ର।

**ହରିଦ୍ରା**, ବି. ନ. (ହରି-ଦ୍ରୁ-ଅ-ଆ) ହଳଦ।

**ହରିଦ୍ରାଭ**, ବିଂ. (ହରିଦ୍ରା-ଆଭା) ପୀତବର୍ଣ୍ଣ। ବି. ପୁଂ. ପୀତଶାଳ; କର୍ପୂରକ।

**ହରିଦ୍ରୁ**, ବି. ପୁଂ. (ହରି-ଦ୍ରୁ-ଂ) ବୃକ୍ଷ; ଦାରୁହରିଦ୍ରା।

**ହରିଦ୍ୱାର**, ବି. ନ. (ହରି-ଦ୍ୱାର) ହିମାଳୟ ପ୍ରସ୍ଥସ୍ଥ ନଗରବିଶେଷ; ତୀର୍ଥସ୍ଥାନ।

**ହରିନ୍ମଣି**, ବି. ପୁଂ. (ହରିତ୍-ମଣି) ମରକତମଣି; ସବୁଜବର୍ଣ୍ଣ ପ୍ରସ୍ତରବିଶେଷ।

**ହରିନୀଲ**, ବି. ପୁଂ. ଇନ୍ଦ୍ରନୀଲ।

**ହରିନେତ୍ର**, ବି. ପୁଂ. (ହରି-ନେତ୍ର) ପେଚକ, ପେଚା। ନ. ଶ୍ୱେତପଦ୍ମ।

**ହରିପ୍ରସ୍ଥ**, ବି. ନ. (ହରି-ପ୍ରସ୍ଥ) ଇନ୍ଦ୍ରପ୍ରସ୍ଥ, ଯୁଧିଷ୍ଠିର ରାଜଧାନୀ।

**ହରିପ୍ରିୟ**, ବି. ପୁଂ. (ହରି-ପ୍ରିୟ) କଦମ୍ବବୃକ୍ଷ; ପୀତଭୃଙ୍ଗରାଜ; ବିଷ୍ଣୁକନ୍ଦ; ଶଙ୍ଖ; ବନ୍ଧୁକ; ଶିବ; ବାତୁଳ; କଞ୍ଚୁକ; ଯେ ବ୍ୟକ୍ତି ହରିଙ୍କୁ ଭଲ ପାଏ। ନ. କୃଷ୍ଣଚନ୍ଦନ। ସ୍ତ୍ରୀ. ଲକ୍ଷ୍ମୀ; ତୁଳସୀ; ଦ୍ୱାଦଶୀତିଥି; ପୃଥିବୀ।

**ହରିଭକ୍ତ**, ବି. ପୁଂ. ସର୍ବତ୍ର ସମଦୃଷ୍ଟିପୂର୍ବକ ହରିସେବକ।

**ହରିଭୁକ୍**, ବି. ପୁଂ. (ହରି-ଭୁଜ୍-ଂ) ସର୍ପ, ଭୁଜଙ୍ଗ।

**ହରିଲୋଚନ**, ବି. ପୁଂ. (ହରି-ଲୋଚନ) କାକ; ପେଚକ।

**ହରିବଂଶ**, ବି. ପୁଂ. (ହରି-ବଂଶ) ଶ୍ରୀକୃଷ୍ଣଙ୍କର ସନ୍ତାନ; ମହାଭାରତର ଅନ୍ତର୍ଗତ ବ୍ୟାସକୃତ ଗ୍ରନ୍ଥବିଶେଷ।

**ହରିବଲ୍ଲଭା**, ବି. ସ୍ତ୍ରୀ. ଜୟା; ତୁଳସୀ; ଲକ୍ଷ୍ମୀ।

**ହରିବାହନ**, ବି. ପୁଂ (ହରି-ବାହନ) ଗରୁଡ଼।

**ହରିବୀଜ**, ବି. ନ. (ହରି-ବୀଜ) ହରିତାଳ।

**ହରିଶୟନ**, ବି. ନ. ବିଷ୍ଣୁର ନିଦ୍ରା; ଆଷାଢମାସର ଶୁକ୍ଳ ଦ୍ୱାଦଶୀଠାରୁ କାର୍ତ୍ତିକମାସର ଶୁକ୍ଳଦ୍ୱାଦଶୀ ପର୍ଯ୍ୟନ୍ତ ଚାରିମାସ କାଳ।

**ହରିଶର**, ବି. ପୁଂ. (ହରି-ଶର) ଶିବ।

**ହରିସଂକୀର୍ତ୍ତନ**, ବି. ନ. ଶ୍ରୀହରି ନାମୋଚ୍ଚାରଣ।

**ହରିହୟ**, ବି. ପୁଂ. (ହରି-ହୟ) ଇନ୍ଦ୍ର; ସୂର୍ଯ୍ୟ; କାର୍ତ୍ତିକେୟ; ଗଣେଶ।

**ହରିହର**, ବି. ପୁଂ. ସଂଯୁକ୍ତ ହରିହର ମୂର୍ତ୍ତି।

**ହରିହରାତ୍ମକ**, ବି. ପୁଂ. (ହରି-ହର-ଆତ୍ମନ୍-କ) ଗରୁଡ଼; ଶିବଙ୍କ ବୃଷ; ଦକ୍ଷ।

**ହରୀତକୀ**, ବି. ସ୍ତ୍ରୀ. (ହରି-ତକୀ) ବୃକ୍ଷବିଶେଷ, ହରିଡ଼ା।

**ହରେକ**, (ଯାବନିକ) ପ୍ରତ୍ୟେକ।

**ହର୍ତ୍ତା**, ବିଂ. (ହୃ-ତୃ) ହରଣକାରକ; ବହନକାରକ; ସଂହାରକାରକ; ଗ୍ରହଣକାରକ। ବି. ପୁଂ. ଚୋର; ସୂର୍ଯ୍ୟ।

**ହର୍ମ୍ମିତ**, ବିଂ. (ହର୍ମ୍ମନ୍-ଇତ) କ୍ଷିପ୍ତ; ଦଗ୍ଧ; ଜୃମ୍ଭିତ।

**ହର୍ମ୍ମ୍ୟ**, ବି. ନ. (ହୃ-ଯ, ମ ଆଗମ) ଧନୀମାନଙ୍କର ବାସଭବନ; ପ୍ରାସାଦ; ଇଷ୍ଟକାଦିନିର୍ମ୍ମିତ ଗୃହ, ଯଥା,

"ମଗ୍ନ କରାଜାସି ତମଃସିନ୍ଧୁନୀରେ,
ଅଲୋକ ଝଲକେ କର୍ପା ହର୍ମ୍ମ୍ୟଶିରେ।"

ନ. କେ.

ହର୍ଯ୍ୟକ୍ଷ, ବି. ପୁଂ. (ହରି-ଅକ୍ଷି-ଅ) ସିଂହ; କୁବେର ।

ହର୍ଯ୍ୟଜ, ବ. ପୁଂ. (ହୃ-ଯଜ) ଅଶ୍ୱମେଧୀୟ ଅଶ୍ୱ; ଘୋଟକ ।

ହର୍ଯ୍ୟଶ୍ୱ, ବି. ପୁଂ (ହରି-ଅଶ୍ୱ) ଇନ୍ଦ୍ର, ହରିହୟ ।

ହର୍ଷ, ବି. ପୁଂ. (ହୃଷ୍-ଅ) ଇଷ୍ଟଶ୍ରବଣ ହେତୁ ଆନନ୍ଦ; ସୁଖ; ଆମୋଦ, ଯଥା,

> "ଘଣ୍ଟ ବନ୍ଧୁଛନ୍ତି କାନ୍ଧେ ଯୋଧଦଳ,
> କ୍ଷଣେକ୍ଷଣେ ଉଠେ ହର୍ଷ କୋଳାହଳ ।"
>
> ନ. କେ ।

ହର୍ଷକ, ବିଂ. ( ହୃଷ୍-ଅକ ) ହର୍ଷଜନକ, ଆନନ୍ଦଜନକ ।

ହର୍ଷଣ, ବି. ନ. ( ହୃଷ୍-ଅନ ) ହର୍ଷ, ଆନନ୍ଦ । ବିଂ. ହର୍ଷଜନକ । ପୁଂ. ବିଷ୍କୁମ୍ଭାଦି ଯୋଗର ଚତୁର୍ଦ୍ଦଶ ଯୋଗ ।

ହର୍ଷମାଣ, ବିଂ. (ହୃଷ୍-ଅନ) ହୃଷ୍ଟ, ହର୍ଷଯୁକ୍ତ ।

ହର୍ଷୟିତ୍ନୁ, ବି. ପୁଂ. (ହୃଷ-ଇତ୍ନୁ) ପୁତ୍ର । ନ. ସ୍ୱର୍ଣ୍ଣ । ବିଂ. ହର୍ଷଜନକ ।

ହର୍ଷିତ, ବିଂ. ( ହୃଷ୍-ଇ-ତ ) ତୋଷିତ, ଆମୋଦିତ, ହୃଷ୍ଟ ।

ହର୍ଷୁଲ, ବି. ନ. ( ହୃଷ୍-ଉଲ ) ମୃଗ; କାମୁକ; ନାୟକ ।

ହଲ, ବି. ନ. ( ହଲ୍-ଅ ) ଲାଙ୍ଗଲ, ହଳ । ପୁଂ. ସମସ୍ତ ବ୍ୟଞ୍ଜନବର୍ଣ୍ଣ ।

ହଳଦବସନ୍ତ, ବି. (ଦେଶଜ) ପକ୍ଷୀବିଶେଷ, ଯଥା,

> "ହଳଦବସନ୍ତ ଡାଳ ଉପରେ
> କରଇ ସଂଗୀତ ଆନନ୍ଦଭରେ ।"
>
> ସ୍ଥ. ମା ।

ହଳଦୀ, ବି. ସ୍ତ୍ରୀ. (ହଲଦି-ଦେ-ଅ) ହରିଦ୍ରା, ହଳଦ ।

ହଳଧର, ବି. ପୁଂ. ( ହଲ-ଧର ) ଲାଙ୍ଗଲୀ, ବଳଦେବ; କୃଷକ ।

ହଲନ୍ତ, ବି. ପୁଂ. (ହଲ୍-ଅନ୍ତ) ବ୍ୟଞ୍ଜନବର୍ଣ୍ଣ ।

ହଲଫ, ବି. (ଯାବନିକ) ଶପଥ ।

ହଲଭୂତି, ହଲଭୃତି, ବି. ସ୍ତ୍ରୀ. (ହଲ-ଭୂ, ଭୃ-ତି) କୃଷିକର୍ମ, ଚାଷ ।

ହଲା, ଅଂ. (ହା-ଲା—ଗ୍ରହଣକରା+ଅ) ସଖୀପ୍ରତି ସ୍ତ୍ରୀଲୋକର ସମ୍ବୋଧନସୂଚକ ଶବ୍ଦ । ସ୍ତ୍ରୀ. ସଖୀ; ପୃଥିବୀ; ଜଳ ।

ହଳାୟୁଧ, ବି. ପୁଂ. ( ଦେଶଜ ) ଶସ୍ୟର ବଡା; (ହଲ-ଆୟୁଧ) ବଳରାମ; ବଳଦେବ ।

ହଳାହଳ, ବି. ପୁଂ. ନ. (ହଲ-ଆ-ହଲ୍-ଅ) ବିଷବିଶେଷ; କାଳକୂଟ । ପୁଂ. ସର୍ପବିଶେଷ; ବ୍ରହ୍ମସର୍ପ; ଅଞ୍ଜନା ।

ହଲି, ବି. ପୁଂ. (ହଲ୍-ଇ) ହଳକର୍ଷଣରେଖା; କୃଷି; ବୃହତ୍ ହଳ ।

ହଲିପ୍ରିୟ, ବି. ପୁଂ. (ହଲିନ୍-ପ୍ରିୟ) କଦମ୍ବବୃକ୍ଷ । ସ୍ତ୍ରୀ. ସୁରା, ମଦିରା; ରେବତୀ ।

ହଳୀ, ବି. ପୁଂ. (ହଲ୍-ଇନ୍) ବଳରାମ; କୃଷକ ।

ହଲୀଷା, ବି. ସ୍ତ୍ରୀ. (ହଲ-ଈଷା) ଲାଙ୍ଗଳଦଣ୍ଡ ।

ହଲ୍ୟ, ବିଂ. (ହଲ-ଯ) ହଳକୃଷ୍ଟ, ଲାଙ୍ଗଳସମ୍ବନ୍ଧୀୟ । ସ୍ତ୍ରୀ. ହଳସମୂହ ।

ହଲ୍ଲକ, ବି. ନ. ( ହ୍ଲାଦ-ଅକ ) ରକ୍ତକହ୍ଲାର; କୋଥୋକ୍ତି ।

ହଲ୍ଲୀଷ, ହଲ୍ଲୀଷକ, ହଲ୍ଲୀସ, ହଲ୍ଲୀସକ, ବି. ନ. ( ହେଲା—ଲଷ୍, ଲସ୍-ଅ, ନିପାତନ, ହଲ୍ଲୀଷ, ହଲ୍ଲୀସ-କ ) ସ୍ତ୍ରୀଲୋକମାନଙ୍କର ମଣ୍ଡଳାକାର ନୃତ୍ୟ, ଏକଜଣ ପୁରୁଷ ଆଠ ବା ଦଶଜଣ ସ୍ତ୍ରୀ ଏକତ୍ରିତ ହୋଇ ଗାନ ଏବଂ ନୃତ୍ୟ ।

ହବ, ବି. ପୁଂ. (ହୁ-ଅ) ହୋମ, ଯଜ୍ଞ; (ହ୍ୱେ-ଅ) ଆହ୍ୱାନ; ଆଜ୍ଞା ।

ହବନ, ବି. ପୁଂ. (ହୁ-ଅନ) ହୋମ, ଯଜ୍ଞ । ନୀ-ସ୍ତ୍ରୀ. ହୋମକୁଣ୍ଡ ।

ହବନାୟୁଃ, ବି. ପୁଂ. (ହବନ-ଆୟୁସ୍) ଅଗ୍ନି, ବହ୍ନି ।

ହବନୀୟ, ବିଂ. ( ହୁ-ଅନୀୟ ) ହୋମଯୋଗ୍ୟ; ହୋମାର୍ଥବସ୍ତୁ ।

ହବିଃ, ବି. ନ. (ହୁ-ଇସ୍) ଘୃତ; ହବ୍ୟଘୃତ; ହବନୀୟ, ଦ୍ରବ୍ୟମାତ୍ର; ଜଳ; ହୋମ ।

ହବିଷୀ, ବି. ସ୍ତ୍ରୀ. ( ହୁ-ଇସ୍-ଆ-ଈ ) ହୋମକୁଣ୍ଡ, ହବନୀ ।

ହବିରଶନ, ବି. ପୁଂ. ( ହବିସ୍-ଅଶନ ) ଅଗ୍ନି । ନ. ଘୃତଭୋଜନ ।

ହବିର୍ଗନ୍ଧା, ବି. ସ୍ତ୍ରୀ. ଶମୀ ।

ହବିର୍ଭୁକ୍, ବି. ପୁଂ. ( ହବିସ୍-ଭୁଜ୍-୦ ) ଅଗ୍ନି; ଦେବତା ।

ହବିଷ୍ୟ, ବି. ନ. (ହବିସ୍-ଯ) ଘୃତାନ୍ନ; ପକ୍ୱନବନୀତ ।

ହବ୍ୟ, ବି. ନ. (ହୁ-ଯ) ଘୃତ; ହବନୀୟଦ୍ରବ୍ୟ, ହବିଃ, ହୋମାର୍ଥ ବସ୍ତୁ, ଘୃତାଦି; ହୋମ । ବିଂ. ହୋମଯୋଗ୍ୟ ।

ହବ୍ୟକବ୍ୟ, ଯଜ୍ଞର ଘୃତ ।

ହବ୍ୟପାକ, ବି. ପୁଂ. (ହବ୍ୟ-ପଚ୍-ଅ) ଚରୁ, ହୋମାର୍ଥ ପକ୍ୱବସ୍ତୁ; ହବନୀୟ ବସ୍ତୁର ପାକପାତ୍ର ।

ହବ୍ୟବାଟ୍, ହବ୍ୟବାହ, ହବ୍ୟବାହନ ହବ୍ୟାଶ, ହବ୍ୟାଶନ, ବି. ପୁଂ. ( ହବ୍ୟ-ବହ, ବାହ, ବାହନ, ଅଶ, ଅଶନ-୦) ଅଗ୍ନି, ଅନଳ ।

ହସ, ପୁଂ. } ବି. (ହସ୍-ଅ, ଅନ) ହାସ୍ୟ, ହସ ।
ହସନ, ନ.

ହସନୀମଣି, ବି. ପୁଂ. ( ହସନୀ-ମଣି ) ଅଗ୍ନି, ବହ୍ନି, ଅନଳ ।

ହସର, ବିଂ. ( ହସ୍-ଅର ) ହାସ୍ୟକାରୀ, ଯେ ହସେ ।

ହସିତ, ବିଂ. (ହସ୍ ତ) ସହାସ୍ୟ; ବିକସିତ । ବି. ନ. ହାସ୍ୟ ।

ହସିବା, କ୍ରି. (ହାସ୍ୟ ଶବ୍ଦଜ) ହାସ୍ୟ କରିବା, ଯଥା,

> "ଅଜ କାନ୍ଦୁଅଛୁ ଗୁରୁ ଗୁରୁ ସ୍ୱରି,
> କାଲି ହସୁଥିବୁ ମୋତେ ସୁମରି ।"
>
> ଖୋ. କ ।

ହସ୍ତ, ବି. ପୁ. (ହସ୍-ତ) କର, ମଣିବନ୍ଧଠାରୁ ଅଙ୍ଗୁଲ୍ୟଗ୍ର ପର୍ଯ୍ୟନ୍ତ; ହସ୍ତୀଶୁଣ୍ଡ; ୨୪ ଅଙ୍ଗୁଳି ପରିମାଣ (କେଶଶବ୍ଦର ପରବର୍ତ୍ତୀ ହେଲେ) ଗୁଚ୍ଛ ।

ହସ୍ତ, ବି. ସ୍ତ୍ରୀ. ଅଷ୍ଟବିଂଶତି ନକ୍ଷତ୍ର ଅନ୍ତର୍ଗତ ତ୍ରୟୋଦଶନକ୍ଷତ୍ର, ଏହାର ଆକାର ହସ୍ତାକାର; ସମୂହ ।

ହସ୍ତବାନ୍, ବିଂ. (ହସ୍ତ-ବତ୍) କୃତହସ୍ତ; ଲଘୁହସ୍ତ ।

ହସ୍ତବାରଣ, ବି. ନ. (ହସ୍ତ-ବାରଣ) ମାରଣୋଦ୍ୟତ ବ୍ୟକ୍ତିର ନିବାରଣ ।

ହସ୍ତସୂତ୍ର, ବି. ନ. (ହସ୍ତ-ସୂତ୍ର) ବଳୟ; ହସ୍ତପରିହିତସୂତ୍ର ।

ହସ୍ତାବର୍ତ୍ତନ, ବି. ନ. ହସ୍ତଦ୍ୱାରା ସ୍ପର୍ଶ; ହାତ ବୁଲାଇବା ।

ହସ୍ତିକ, ବି. ନ. (ହସ୍ତିନ୍-କ) ହସ୍ତିସମୂହ ।

ହସ୍ତିକକ୍ଷ୍ୟ, ବି. ପୁଂ. ( ହସ୍ତିନ୍-କଶ୍-ସ, ଯ-ଯୋଗ ) ସିଂହ; ବ୍ୟାଘ୍ର ।

ହସ୍ତିକର୍ଣ୍ଣ, ବି. ପୁଂ. ଏରଣ୍ଡବୃକ୍ଷ; ଉପଦେବତାବିଶେଷ ।

ହସ୍ତିଦନ୍ତ, ବି. ପୁଂ. ( ହସ୍ତିନ୍-ଦନ୍ତ ) ନାଗଦନ୍ତକ; ଦ୍ରବ୍ୟାଦି ସ୍ଥାପନାର୍ଥ ଭିତ୍ତିପ୍ରୋତ କୀଲକ; ହାତୀର ଦାନ୍ତ; ମୂଳକ, ମୂଳା ।

ହସ୍ତିନଖ, ବି. ପୁଂ. ନ. (ହସ୍ତିନ୍-ନଖ) ପୁରଦ୍ୱାରସ୍ଥିତ ମୃତ୍ତିକାସ୍ତୂପ ।

ହସ୍ତିନାପୁର, ବି. ନ. ( ହସ୍ତିନ୍-ପୁର ) ଚନ୍ଦ୍ରବଂଶୀୟ ହସ୍ତିନାମକ ରାଜା ନିର୍ମିତ ନଗର, ପ୍ରାଚୀନ ଦିଲ୍ଲୀନଗର ।

ହସ୍ତିପ, ହସ୍ତିପକ, (ହସ୍ତିନ୍-ପ, ହସ୍ତିପ-କ) ହସ୍ତିପାଳକ, ମାହୁନ୍ତ ।

ହସ୍ତିମଦ, ବି. ପୁଂ. ( ହସ୍ତିନ୍-ମଦ ) ମତ୍ତ ବା ବନ୍ୟହସ୍ତୀର ଶୁଣ୍ଡର ୨ ଛିଦ୍ର, ଗଣ୍ଡଦ୍ୱୟ, ଶିଶ୍ନ ଓ ଚକ୍ଷୁର୍ଦ୍ୱୟ-ଏହି ସପ୍ତ ସ୍ଥାନରୁ କ୍ଷରିତ ଜଳ ।

ହସ୍ତିମଲ୍ଲ, ବି. ପୁଂ. (ହସ୍ତିନ୍-ମଲ୍ଲ) ଗଣେଶ; ଐରାବତ ହସ୍ତୀ; ଶଙ୍ଖନାମକ ନାଗ; ଭସ୍ମସ୍ତୂପ; ଧୂଳିବର୍ଷଣ; ହିମାନୀ ।

ହସ୍ତିବାହ, ବି. ପୁଂ. (ହସ୍ତିନ୍-ବାହ) ଅଙ୍କୁଶ ।

ହସ୍ତିଶୁଣ୍ଡା, ବି. ସ୍ତ୍ରୀ. ( ହସ୍ତିନ୍-ଶୁଣ୍ଡା ) ହାତଶୁଣ୍ଡା ଗଛ; ହାତୀର ଶୁଣ୍ଡ ।

ହସ୍ତୀ, ବି. ପୁଂ. ( ହସ୍ତ-ଇନ୍ ) କରୀ, ଗଜ । ସ୍ତ୍ରୀ. କରିଣୀ; ଚତୁର୍ବିଧ ସ୍ତ୍ରୀମଧ୍ୟରେ ଏକପ୍ରକାର ସ୍ତ୍ରୀ ।

ହସ୍ତେକରଣ, ବି. ନ. ( ହସ୍ତେ-କରଣ ) ପାଣିଗ୍ରହଣ, ବିବାହ ।

ହସ୍ତ୍ୟ, ବିଂ. (ହସ୍ତ-ଯ) ହସ୍ତଦତ୍ତ; ହସ୍ତକୃତ ।

ହସ୍ତ୍ୟାରୋହ, ବି. ପୁଂ. ( ହସ୍ତିନ୍-ଆରୋହ ) ହସ୍ତିପକ, ନିଷାଦୀ, ଗଜାରୂଢ଼ ବ୍ୟକ୍ତି ।

ହହା, ହାହା, } ବି. ପୁଂ. (ହ-ହା-ଂ) ଗନ୍ଧର୍ବ, ସ୍ୱର୍ଗୀୟ-ଗାୟକ । ଅଂ. ଆକସ୍ମିକ ଦୁଃଖ; ଶୋକ; ବିସ୍ମୟ; ସଂଭ୍ରମ ।

ହା, ଅଂ. (ହା-ଅ) ବିଷାଦ, ଶୋକ, ପୀଡ଼ା ଇତ୍ୟାଦି ସୂଚକ; ଆନନ୍ଦସୂଚକ; ହାସ୍ୟ, କୁତ୍ସା । ପୁଂ. ଗର୍ଭ ।

ହାଇ, ବି. (ହାଙ୍କା ଶବ୍ଦଜ) ମୁଖବ୍ୟାଦାନ, ଜୃମ୍ଭଣ, ଯଥା,

"ହାଇ ମାରଣ ଭଙ୍ଗିଙ୍କ ଅଳସ,
ହାତ ବୁଲାଇ ଅଉଁସିଙ୍କ କେଶ ।"

ଶୋ. ଚ ।

ହାଇଁପାଇଁ, (ଦେଶଜ) ଆକୁଳ ।

ହାଉଯାଉ, (ଦେଶଜ) ବହୁତ, ଅନେକ ।

ହାଉହାଉ, (ଦେଶଜ) ଗୋଳମାଳ ।

ହାଉଦା, ବି. ( ଯାବନିକ ) ହସ୍ତି ପୃଷ୍ଠର ଅମାରୀ । ଚୌକୀ ।

ହାଓ୍ୱା, ବି. (ଯାବନିକ) ବତାସ, ବାୟୁ ।

ହାକମ, ବି. ( ଯାବନିକ ) ବିଚାରପତି, ଶାସନକର୍ତ୍ତା, ରାଜକୀୟ ଉଚ୍ଚପଦସ୍ଥ ବ୍ୟକ୍ତି ।

ହାକୁହାକୁ, କ୍ରି. ବି. (ଦେଶଜ) ଖଡାଦିବାକାଷ୍ଠାଦିର ଜ୍ୱଳନ ।

ହାଙ୍ଗର, ବି. ପୁଂ. ( ହାଂ-ଗର ) ହିଂସ୍ର ଜଳଜନ୍ତୁ-ବିଶେଷ ।

ହାଜର, ବିଂ. (ଯାବନିକ) ଉପସ୍ଥିତ; ପ୍ରସ୍ତୁତ; ଇଚ୍ଛୁକ ।

ହାଜରଜବାବ, (ଯାବନିକ) ଉପସ୍ଥିତବକ୍ତା, ରସିକ ।

ହାଟ, ବିଂ. (ହଟ୍ଟ ଶବ୍ଦଜ) ବଜାର, କ୍ରୟବିକ୍ରୟ ସ୍ଥାନ ।

ହାଟକ, ବି. ନ. (ହଟ୍-ଅକ) ସ୍ୱର୍ଣ୍ଣ । ବିଂ. ସ୍ୱର୍ଣ୍ଣନିର୍ମିତ, ଯଥା,

"ହାଟକଗଉରୀ କଟକଚରଣୀ ନାଗରୀବେଶେ,
ଅମଳ ରଜତ କୁସୁମ ଶୋଭେ ଶ୍ୟାମଳକେଶେ ।"

ଚ. ଭା ।

ହାଟକମୟ, ବିଂ. (ହାଟକ-ମୟ) ସ୍ୱର୍ଣ୍ଣମୟ, ସ୍ୱର୍ଣ୍ଣନିର୍ମିତ ।

ହାଟକେଶ୍ୱର, ବି. ପୁଂ. ଗୋଦାବରୀ ନଦୀତୀରସ୍ଥ ଶିବ ।

ହାଣ୍ଡି, ବି. (ଦେଶଜ) ମୃତ୍ପାତ୍ର, ଭାଣ୍ଡ ।

ହାଣ୍ଡିଆ, ବି. (ଦେଶଜ) ମଦ୍ୟବିଶେଷ; ହାଣ୍ଡିସଦୃଶ ।

ହାଡ, ବି. (ହଡ୍ଡ ଶବ୍ଦଜ) ଅସ୍ଥି, ଯଥା,

"ମାଡ ମାରି ହାଡ କରିବ ଚୂନା,
ରଖିବଟି କାଇଁ କନର କନା ।"

ଶୋ. ଚ ।

ହାଡଗିଲା, ବିଂ ( ହାଡ-ଗିଲା ) ଅସ୍ଥିଭକ୍ଷକ ପକ୍ଷୀ-ବିଶେଷ ।

ହାଡି, ବି. ( ହଡି ବା ହଡିକ ଶବ୍ଦଜ ) ନୀଚଜାତି-ବିଶେଷ, ମେହେନ୍ତର ।

ହାତ, ବି. (ହସ୍ତ-ଶବ୍ଦଜ) କର, ଭୁଜ, ପାଣି ।

ହାତବ୍ୟ, ବିଂ. (ହା-ତବ୍ୟ) ତ୍ୟକ୍ତବ୍ୟ, ତ୍ୟାଗଯୋଗ୍ୟ ।

ହାତୀ, ବି. ପୁଂ. (ହସ୍ତୀ ଶବ୍ଦଜ) କରୀ, ହସ୍ତୀ, ଗଜ ।

ହାତୁଡି, ବି. ( ଦେଶଜ ) ଲୌହମୁଦ୍ଗରବିଶେଷ, ଆଘାତ ଯନ୍ତ୍ର ।

ହାନନ, ବି. ( ହନନ ଶବ୍ଦଜ ) ପ୍ରହାରଣ, ଆଘାତ-କରଣ ।

ହାଦୋଲା, ବି. ଦୋଲା, ଯଥା,

"ରତ୍ନମୟ ହାଦୋଲା ଅରୋହଣ କରି ।"

ହାନି, ବି. ସ୍ତ୍ରୀ. (ହା-ତି, ତ=ନ) ଗତି (ହା-ନି) ତ୍ୟାଗ; ନାଶ, କ୍ଷତି, ଅପଚୟ ।

ହାନୁକ, ବିଂ. (ହନ୍-ଉକ) ହତ୍ୟାକାରୀ; କ୍ଷତିକାରକ ।

ହାୟ, ଅଂ. (ହା ଶବ୍ଦଜ) ଖେଦପ୍ରକାଶକ ଶବ୍ଦ ।

ହାର, ବି. ପୁଂ. (ହୃ-ଅ) ମୁକ୍ତାଦିମାଳା; ଯୁଦ୍ଧ; ଭାଗ । ସ୍ତ୍ରୀ. ହରଣ । ବିଂ. ଭଞ୍ଜକ; ବାହକ; ହାରକ; ହୃତସମ୍ବନ୍ଧୀୟ ।

ହାରକ, ବି. ପୁଂ. (ହୃ-ଅକ) କାଢବ, ଧୂର୍ତ୍ତ; ଚୌର; ବଣ୍ଟନବିଶେଷ; ଭାଜକ ଅଙ୍କ । ବିଂ. ବାହକ; ହରଣକାରୀ; ଦ୍ୟୂତକାର ।

ହାରାବଳୀ, ବି. ସ୍ତ୍ରୀ. (ହାର-ଆବଳୀ) ମୁକ୍ତାବଳୀ, ଯଥା-ଚୌରହାରାବଳୀ ।

ହାରି, ହାରୀ, ବି. ସ୍ତ୍ରୀ. (ହୃ-ଇ) ପରାଭବ; ପଥିକ

ଶ୍ଲୋକର ପରିବାର; ପଙ୍କ୍ତିଶ୍ରେଣୀ । ବିଂ. ମନୋହର, ରୁଚିର ।

ହାରିବା, କ୍ରି. (ହୃଧାତୁଜ) ପରାଜିତ ହେବା ।

ହାରକଣ୍ଠ, ବି. ପୁଂ. (ହାର-କଣ୍ଠ) କୋକିଳ । ବିଂ. ହାରଯୁକ୍ତ କଣ୍ଠ ।

ହାରଣିକ, ବି. ପୁଂ. (ହରଣ-ଇକ) ହରଣଘାତକ; ବ୍ୟାଧ ।

ହାରିତ, ବିଂ. (ହୃ-ଇ-ତ) ପରାଜିତ; ଅପହାରିତ; (ହରିତ-ଯ) ହରିଦ୍‌ବର୍ଣ୍ଣଯୁକ୍ତ ।

ହାରିଦ୍ର, ବିଂ. (ହରିଦ୍ରା-ଅ) ହରିଦ୍ରାବର୍ଣ୍ଣ । ବି. ପୁଂ. କଦମ୍ବବୃକ୍ଷ; ବିଷବିଶେଷ । ନ. ସୁବର୍ଣ୍ଣ ।

ହାରୀ, ବିଂ. (ହୃ-ଇନ୍) ମନୋହର; ବାହକ; ଅପହାରକ; (ହାର-ଇନ୍) ହାରବିଶିଷ୍ଟ, ହାରଯୁକ୍ତ, ଋଣକାରୀ ।

ହାର୍ଦ୍ଦ୍ୟ, ହାର୍ଦ୍ଦ, ବି. ନ. (ହୃଦ-ଅ-ଯ) ହୃଦ୍ୟତା, ପ୍ରଣୟ, ସ୍ନେହ । ବିଂ. ହୃଦ୍‌ଗତ; ହୃଦୟଙ୍ଗେୟ; ମନୋଜ୍ଞ ।

ହାର୍ଯ୍ୟ, ବିଂ. (ହୃ-ଯ) ବହନୀୟ; ଗ୍ରହଣଯୋଗ୍ୟ, ଗ୍ରାହ୍ୟ; ଭାଜ୍ୟ; ଅପହରଣୀୟ; ନିବାର୍ଯ୍ୟ ।

ହାଲ, ବି. ପୁଂ. (ହାଲ=ଲାଙ୍ଗଲ-ଅ) ବଳରାମ; ଶାଳିବାହନରାଜା; ଲାଙ୍ଗଲ ।

ହାଲିକ, ବିଂ. (ହଲ-ଇକ) ହଲସମ୍ବନ୍ଧୀୟ; ହଲବାହକ, ଲାଙ୍ଗଲଧାରୀ, କୃଷକ ।

ହାଲୁକା, ବିଂ. (ଦେଶଜ) ଲଘୁ ।

ହାବ, ବି. ପୁଂ. (ହୁ-ଅ) ସ୍ତ୍ରୀମାନଙ୍କର ଶୃଙ୍ଗାରଭାବଜାତ ବିଳାସ ବିବ୍ବୋକ ବିଭ୍ରମଲଳିତ ହେଲା ଲୀଳା ଏହି ସକଳ କ୍ରିୟାବିଶେଷ ।

ହାବୁଡ, ବି. (ଦେଶଜ) ଧକ୍କା, ହାବୁଡର ଅଘାତ,

ହାବୁଡା, ବି. (ଦେଶଜ) ଭେଟ; ଅଟକ ।

ହାବେଲୀ, ବି. (ଯାବନିକ) ବାସସ୍ଥାନ (ଦେଶଜ) ବାଣବିଶେଷ ।

ହାସ, ବି. ପୁଂ. (ହସ୍-ଅ) ହାସ୍ୟ ।

ହାସ୍ୟ, ବି. ନ. (ହସ୍-ଯ) ହସ । ପୁଂ. କାବ୍ୟର ରସବିଶେଷ । ବିଂ. ପରିହାସନୀୟ ।

ହାହା, ବି. ପୁଂ. (ହା-ହା-୦) ଗନ୍ଧର୍ବ, କୁବେରାନୁଚର । ଅଂ. ଦୁଃଖ, ଶୋକ, ବିସ୍ମୟ, ସମ୍ଭ୍ରମସୂଚକ ଶବ୍ଦ; ଖେଦଜନକ ଶବ୍ଦ; ଶୋକ ଧ୍ୱନି ।

ହାହାକାର, ବି. ପୁଂ. (ହାହା-କାର) କଲରବ; ଶୋକଧ୍ୱନି; କାତରତାହେତୁ କଲରବ; ଯୁଦ୍ଧ-କଲରବ; ଅଶ୍ୱାଦିପ୍ରେରଣଧ୍ୱନି ।

ହି, ଅଂ. (ହି-ଇ) ହେତୁ; ନିଶ୍ଚୟ; ଅବଧାରଣ; ବିଶେଷ; ପ୍ରଶ୍ନ; ସମ୍ଭ୍ରମ; ପାଦପୂରଣ; ବ୍ୟଗ୍ରତା; ଶୋକ ।

ହିଂସକ, ବି. ପୁଂ. (ହିନ୍‌ସ୍-ଅକ) ହିଂସ୍ରଜନ୍ତୁ; ଶତ୍ରୁ; ଅଥର୍ବବେଦବେତ୍ତାବ୍ରାହ୍ମଣ । ବିଂ. ଦ୍ୱେଷ୍ଟା, ହିଂସାକାରକ; ଘାତକ ।

ହିଂସା, ସ୍ତ୍ରୀ. } ବି. (ହିନ୍‌ସ୍-ଅ-ଆ, ଅନ)
ହିଂସନ, ନ. } ହତ୍ୟା, ବଧ, ହନନ; ଅପକାର, କ୍ଷତି; ଦ୍ୱେଷ, ଈର୍ଷ୍ୟା ।

ହିଂସାକର୍ମ୍ମ. ବି. ନ. (ହିଂସା-କର୍ମ୍ମ) ଅଭିଚାର; ମାରଣ, ମୋହନ, ସ୍ତମ୍ଭନ, ବିଦ୍ୱେଷ, ଉଚ୍ଚାଟନ, ବଶୀକରଣ-ଏହି ଛଅ ।

ହିଂସାରୁ, ବି. ପୁଂ. (ହିଂସା-ରୁ-ଉ) ଶାର୍ଦ୍ଦୂଳ; ବ୍ୟାଘ୍ର ।

ହିଂସାଳୁ, ବିଂ. (ହିନ୍‌ସ୍-ଆଳୁ) ହିଂସାଶୀଳ; ଘାତକ; ଅପକାରକ; ହିଂସା କରିବା ଯାହାର ସ୍ୱଭାବ ।

ହିଂସିତ, ବିଂ. (ହିନ୍‌ସ୍-ତ) ହତ, ନାଶିତ; ଯାହାକୁ ହିଁସା କରା ହୋଇଅଛି ।

ହିଂସୀର, ବି. ପୁଂ. (ହିନ୍‌ସ୍-ଈ-ଈର) ବ୍ୟାଘ୍ର; ଖଳ ।

ହିଂସ୍ୟ, ବିଂ. (ହିନ୍‌ସ୍-ଯ) ହିଂସାଯୋଗ୍ୟ; ବଧ୍ୟ ।

ହିଂସ୍ର, ହିଂସ୍ରକ, ବିଂ. (ହିନ୍‌ସ୍-ର, ହିଂସ୍ର-କ) ହିଂସାଶୀଳ; ହନନକାରକ; ଘାତୁକ; ଅପକାରକ । ବି. ପୁଂ. ହିଂସାକାରକ ଜନ୍ତୁ ।

ହିକ୍କା, ବି. ସ୍ତ୍ରୀ. (ହିକ୍କ-ଅ-ଆ) ରୋଗର ଉପସର୍ଗବିଶେଷ ।

ହିଙ୍ଗୁ, ବି. ପୁଂ. ନ. (ହିନ୍-ଗମ୍-ଉ) ନିର୍ଯ୍ୟାସବିଶେଷ, ହେଙ୍ଗୁ ।

ହିଙ୍ଗୁଳ, ବି. ପୁଂ. ନ. (ହିଙ୍ଗୁ-ଲା-ଅ) ରଞ୍ଜନଦ୍ରବ୍ୟ-ବିଶେଷ, ହେଙ୍ଗୁଳ ।

ହିଙ୍ଗୁଳୀ. ବି. ସ୍ତ୍ରୀ. ବାର୍ତ୍ତାକୁ, ବାଇଗଣ ।

ହିଞ୍ଜୀର, ବି. ପୁଂ. (ହିଞ୍ଜ୍-ଈର-ଅ ନିପାତନ) ହସ୍ତୀ ପାଦବନ୍ଧନ ରଜ୍ଜୁ ବା ଶୃଙ୍ଖଳ ।

ହିଞ୍ଜୁଳ, ବି. ପୁଂ. ନିଚୁଲବୃକ୍ଷ ।

ହିଡ଼, ବି. (ଦେଶଜ) ବିଲର ଶ୍ରେଣୀ ବନ୍ଧ ।

ହିଡ଼ିମ୍ବ, ବି. ପୁଂ. ରାକ୍ଷସବିଶେଷ; ଯେ ଭୀମଙ୍କଦ୍ୱାରା ନିହତ ହୋଇଥିଲା । ସ୍ତ୍ରୀ. ତଦ୍ଭଗିନୀ, ଘଟୋତ୍କଚମାତା ।

ହିଡ଼ିମ୍ବଜିତ୍, ହିଡ଼ିମ୍ବରିପୁ, ହିଡ଼ିମ୍ବାପତି, ବି. ପୁଂ. (ହିଡ଼ିମ୍ବ-ଜିତ୍-ରିପୁ, ହିଡ଼ିମ୍ବା-ପତି ) ଭୀମ ।

ହିଣ୍ଡନ, ବି. ନ. (ହିଣ୍ଡ-ଅନ) ଭ୍ରମଣ; ବିଲେଖନ; ଲେଖନ; ରମଣ ।

ହିଣ୍ଡୀ, ବି. ସ୍ତ୍ରୀ. (ହିଣ୍ଡ୍-ଅ-ଈ) ଦୁର୍ଗା, ପାର୍ବତୀ ।

ହିତ, ବିଂ. (ଧା-ତ) ଯୋଗ୍ୟ, ଉପଯୁକ୍ତ; ପଥ୍ୟ; ଉପକାରକ; ପ୍ରିୟ; ଗତ; ଅନୁକୂଳ, ବ୍ୟବହାର୍ଯ୍ୟ; ଧୃତ; (ହି-ତ) ବି. ନ. ଇଷ୍ଟସାଧନ; ମଙ୍ଗଳ; ଗମନ ।

ହିତକର, ହିତକାରୀ, ବିଂ. (ହିତ-କର, କାରୀ) ମଙ୍ଗଳ-ଦାୟକ, ଉପକାରକ ।

ହିତପ୍ରଣୀ, ବି. ପୁଂ. (ହିତ-ପ୍ରଣୀ) ଚର, ଦୂତ ।

ହିତବାଦୀ, ବିଂ. (ହିତ-ବାଦୀ) ହିତକଥନଶୀଳ, ସତ୍‌ପରାମର୍ଶଦାୟକ ।

ହିତାର୍ଥୀ, ବିଂ. (ହିତ-ଅର୍ଥୀ) ମଙ୍ଗଳପ୍ରାର୍ଥୀ ।

ହିତେଷଣା, ବି. ସ୍ତ୍ରୀ. (ହିତ-ଇଷ୍-ଇ-ଅନ) ହିତେଚ୍ଛା; ପରର ଉପକାର ସାଧନ ।

ହିତୈଷୀ, ବିଂ. (ହିତ-ଏଷିନ୍) ହିତେଚ୍ଛାକାରୀ, ହିତା-ଭିଳାଷୀ ।

ହିତୋକ୍ତି, ବି. ସ୍ତ୍ରୀ. (ହିତ-ଉକ୍ତି) ପ୍ରିୟବଚନ, ହିତ-କର ବାକ୍ୟ ।

ହିତୋପଦେଶ, ବି. ପୁଂ. (ହିତ-ଉପଦେଶ) ସତ୍-ପରାମର୍ଶଦାନ; ବିଷ୍ଣୁଶର୍ମ୍ମାକୃତ ନୀତିଗ୍ରନ୍ଥବିଶେଷ ।

ହିନ୍ଦୁ, ବି. ପୁଂ. (ହିନ୍-ଦୁସ୍-ନିପାତନ) ଜାତିବିଶେଷ, ହିନ୍ଦୁ, ଆର୍ଯ୍ୟ ।

ହିନ୍ଦୋଳ, ପୁଂ. } ବି. (ହି-ଦୁଲ-ଅ, ଈ) ଦୋଳ;
ହିନ୍ଦୋଳୀ ସ୍ତ୍ରୀ. } ଝୁଲଣ; ଝୁଲଣଯାତ୍ରା; ଯାନ-ବିଶେଷ; ରାଗବିଶେଷ ।

ହିମ, ବି. ନ. (ହିନ୍-ମ) ତୁଷାର, ନୀହାର; ଚନ୍ଦନ; ଚନ୍ଦନଦ୍ରବ; ଶୈତ୍ୟ, ଶୀତଳତା; ଶୀତଳସ୍ପର୍ଶ; ଟିନ; ମୁକ୍ତା; ପଦ୍ମ; ନବନୀତ । ପୁଂ. ହିମଗିରି, ହିମାଳୟପର୍ବତ; ଚନ୍ଦ୍ର; ଚନ୍ଦନବୃକ୍ଷ; କର୍ପୂର; ଋତୁବିଶେଷ । ବିଂ. ଶୀତଳ ।

ହିମକଟିବନ୍ଧ, ଉଦୀଚ୍ୟବୃତ୍ତ ଓ ଅବାଚ୍ୟବୃତ୍ତର ବୃତ୍ତଠାରୁ ଉତ୍ତର ଓ ଦକ୍ଷିଣମେରୁ ପର୍ଯ୍ୟନ୍ତ ଦୁଇ ଭୂଭାଗ (Frigid zone) ।

ହିମକର, ବି. ପୁଂ. ( ହିମ-କର ) ଚନ୍ଦ୍ର; କର୍ପୂର । ବିଂ. ଶୀତସ୍ପର୍ଶବିଶିଷ୍ଟ ।

ହିମକୂଟ, ବି. ପୁଂ. (ହିମ-କୂଟ) ଶିଶିରଋତୁ; ଶୀତ-କାଳ ।

ହିମଗିରି, ବି. ପୁଂ. (ହିମ-ଗିରି) ହିମାଳୟ ପର୍ବତ ।

ହିମଜ, ବି. ପୁଂ. (ହିମ-ଜ) ମୈନାକପର୍ବତ । ସ୍ତ୍ରୀ. ପାର୍ବତୀ, ଦୁର୍ଗା । ବିଂ. ହିମାଳୟପର୍ବତଜାତ ।

ହିମଦ୍ୟୁତି, ହିମଦୀଧିତି, ବି. ପୁଂ. (ହିମ-ଦ୍ୟୁତି, ଦୀଧିତି) ଶୀତକିରଣ, ଚନ୍ଦ୍ର, ଯଥା,

"କେ ବୋଲଇ ଭକ୍ଷପତି, କେହେ ଭକ୍ଷ ବରଷନ୍ତି,
କେ ପଟେ ସେହି ବୋଲନ୍ତି, ହିମଦୀଧିତି ।"

ର. କ ।

ହିମପ୍ରସ୍ଥ, ବି. ପୁଂ. (ହିମ-ପ୍ରସ୍ଥ) ହିମାଳୟପର୍ବତ ।

ହିମମଣ୍ଡଳ, ହିମକଟିବନ୍ଧ ।

ହିମବାନ, ବି. ପୁଂ. ( ହିମ-ବତ୍ ) ହିମାଳୟପର୍ବତ । ବିଂ. ଶୀତଳ, ଶୈତ୍ୟଗୁଣଯୁକ୍ତ, ଥଣ୍ଡା ।

ହିମବାଲୁକା, ବି. ସ୍ତ୍ରୀ. (ହିମ-ବାଲୁକା) କର୍ପୂର ।

ହିମଶିଳା, ବି. ସ୍ତ୍ରୀ. ତୁଷାର, ବରଫ ।

ହିମଶୈଳ, ବି. ପୁଂ. ( ହିମ-ଶୈଳ ) ହିମାଳୟ ପର୍ବତ ।

ହିମଶୈଳଜା, ବି. ସ୍ତ୍ରୀ. (ହିମଶୈଳ-ଜା) ପାର୍ବତୀ, ଦୁର୍ଗା ।

ହିମସଂହତି, ବି. ସ୍ତ୍ରୀ. ( ହିମ-ସଂହତି ) ହିମାନୀ, ବରଫ ।

ହିମାଂଶୁ, ବି, ପୁଂ. ( ହିମ-ଅଂଶୁ ) ଶୀତକିରଣ, ଚନ୍ଦ୍ର; କର୍ପୂର ।

ହିମାଗମ, ବି. ପୁଂ. ( ହିମ-ଆଗମ ) ଶୀତକାଳ, ହେମନ୍ତଋତୁ ।

ହିମାଙ୍ଗ, ବି. ନ. (ହିମ-ଅଙ୍ଗ) ଶୀତଳଅଙ୍ଗ, ହିମକାୟ ।

ହିମାଦ୍ରି, ବି. ପୁଂ. (ହିମ-ଅଦ୍ରି) ହିମାଳୟପର୍ବତ ।

ହିମାଦ୍ରିଜା, ହିମାଦ୍ରିତନୟା, ବି. ସ୍ତ୍ରୀ. (ହିମାଦ୍ରି-ଜା, ତନୟା) ପାର୍ବତୀ, ଦୁର୍ଗା; କ୍ଷୀରଣୀ ।

ହିମାନୀ, ବି. ସ୍ତ୍ରୀ. (ହିମ-ଈ, ଆ ନ ଆଗମ) ହିମସଂହତି, ବରଫ ।

ହିମାରାତି, ହିମାରି, ବି. ପୁଂ. (ହିମ-ଅରାତି, ଅରି) ଅଗ୍ନି; ସୂର୍ଯ୍ୟ; ଚିତ୍ରକବୃକ୍ଷ ।

ହିମାଳୟ, ବି. ପୁଂ. (ହିମ-ଆଳୟ) ଭାରତବର୍ଷର ଉତ୍ତର ସୀମାସ୍ଥ ପର୍ବତବିଶେଷ, ପାର୍ବତୀର ପିତା ।

ହିମାହ୍ୱ, ହିମାହ୍ୱୟ, ବି. ( ହିମ-ଆହ୍ୱା, ଅହ୍ୱୟ ) କର୍ପୂର; ବର୍ଷବିଶେଷ ।

ହିମିକା, ବି. ସ୍ତ୍ରୀ. (ହିମ-କ-ଆ) ଶିଶିର, ହିମକଣା; ତୃଣାଦି ଉପରେ ପଡ଼ିତ ହିମ, କୁଜ୍ଝଟିକା ।

ହିମେଳୁ, ବିଂ. (ହିମ-ଏଳୁ) ହିମକ୍ଳେଶିତ, ହିମାର୍ତ୍ତ ।

ହିମ୍ୟ, ବିଂ. (ହିମ-ଯ) ହିମଜାତ, ହିମୋତ୍ପନ୍ନ; ଶୀତଳ ।

ହିୟା, ବି. (ହୃଦୟଶବ୍ଦଜ) ବକ୍ଷଃସ୍ଥଳ ।

ହିରଣ, ବି. ନ. (ହୃ-ଅନ) ସ୍ୱର୍ଣ୍ଣ; ରେତଃ; ବରାଟକ, କଉଡ଼ି ।

ହିରଣ୍ମୟ, ବିଂ. (ହିରଣ୍-ମୟ) ହିରଣ୍ୟବିକାର; ସ୍ୱର୍ଣ୍ଣମୟ । ବି. ପୁଂ. ବ୍ରହ୍ମା ।

ହିରଣ୍ୟ, ବି. ନ. (ହୃ-ଅନ, ଋ=ଇର) ସୁବର୍ଣ୍ଣ; ରୌପ୍ୟ; ଧନ; ରେତଃ; ଧୁସ୍ତୁର; ଅକୁପ୍ୟ, ଦ୍ରବ୍ୟ; ବରାଟକ; ପରମାଣବିଶେଷ ।

ହିରଣ୍ୟକଶିପୁ, ବି. ପୁଂ. (ହିରଣ୍ୟ-କଶିପୁ) ଦୈତ୍ୟବିଶେଷ, ପ୍ରହ୍ଲାଦର ପିତା, ବିଷ୍ଣୁ ନୃସିଂହ ଅବତାରରେ ଏହାକୁ ବଧ କରିଥିଲେ ।

ହିରଣ୍ୟଗର୍ଭ, ବି. ପୁଂ. (ହିରଣ୍ୟ-ଗର୍ଭ) ବ୍ରହ୍ମା; ଶିଳାବିଶେଷ ।

ହିରଣ୍ୟଦ, ବି. ପୁଂ. (ହିରଣ୍ୟ-ଦ) ସମୁଦ୍ର । ସ୍ତ୍ରୀ. ପୃଥିବୀ ।

ହିରଣ୍ୟବାହୁ, ବି. ପୁଂ. (ହିରଣ୍ୟ-ବାହୁ) ଶିବ; ଶୋଣନଦ ।

ହିରଣ୍ୟରେତଃ, ବି. ପୁଂ. (ହିରଣ୍ୟ-ରେତସ୍) ଅଗ୍ନି; ସୂର୍ଯ୍ୟ; ଶିବ; ଚିତ୍ରକବୃକ୍ଷ ।

ହିରଣ୍ୟବର୍ଣ୍ଣା, ବି. ସ୍ତ୍ରୀ. (ହିରଣ୍ୟ-ବର୍ଣ୍ଣ) ନଦୀ, ତରଙ୍ଗିଣୀ ।

ହିରଣ୍ୟାକ୍ଷ, ବି. ପୁଂ. (ହିରଣ୍ୟ-ଅକ୍ଷ) ହିରଣ୍ୟକଶିପୁର ଭ୍ରାତା; ବିଷ୍ଣୁ ବରାହ ଅବତାରରେ ଏହାକୁ ବଧ କରିଥିଲେ ।

ହିଲ୍ଲୋଳ, ବି. ପୁଂ. ( ହିଲ୍ଲୋଲ୍-ଅ ) ଦୋଳନ; ତରଙ୍ଗ, ଢେଉ; ରତିବନ୍ଧବିଶେଷ ।

ହିସାବ, ବି. (ଯାବନିକ) ଗଣନା ।

ହିହି, ଅଂ. ଅହ୍ଲାଦସୂଚକ ଶବ୍ଦ, ହାସ୍ୟ ଶବ୍ଦ ।

ହୀ, ଅଂ. ( ହନ୍-ଇ ) ହାସ୍ୟ ଶବ୍ଦ; ବିସ୍ମୟ; ଶୋକ; ବିଷାଦ; ଦୁଃଖ; ହେତୁ ।

ହୀନ, ବିଂ. (ହା-ତ, ତ ସ୍ଥାନେ ନ) ପରିତ୍ୟକ୍ତ; ରହିତ, ବର୍ଜିତ; ନିନ୍ଦନୀୟ; ଅଧମ, ନୀଚ; ଶୂନ୍ୟ ।

ହୀନବାଦୀ, ବିଂ. ( ହୀନ-ବାଦୀ ) ମୂକ, ହାଉଡ଼ା; ବିରୁଦ୍ଧାର୍ଥ ବାଦୀ ।

ହୀନାଙ୍ଗ, ବିଂ. (ହୀନ-ଅଙ୍ଗ) ଅଙ୍ଗହୀନ, ବିକଳାଙ୍ଗ ।

ହୀନତ, ବିୟୋଗଚିହ୍ନ, "—" ଏହି ପ୍ରକାର ଚିହ୍ନ (Minus)

ହୀର, ବି. ପୁଂ. (ହୃ-ଅ, ଋ=ଈର) ଶିବ; ଇନ୍ଦ୍ରର ବଜ୍ର; ସର୍ପ; ହାର; ସିଂହ; ଶ୍ରୀହର୍ଷର ପିତା । ପୁଂ. ନ. ହୀରକ ।

ହୀରକ, ବି. ନ. (ହୀର-କ) ରତ୍ନବିଶେଷ, ହୀରା ।

ହୀରା, ବି. ସ୍ତ୍ରୀ. ( ହୀର-ଆ ) ଲକ୍ଷ୍ମୀ; ମତ୍ସ୍ୟବିଶେଷ; ପିପୀଲିକା; କାଣ୍ଡୁରୀ; ( ହୀରକ ଶବ୍ଦଜ ) ରତ୍ନବିଶେଷ, ହୀରକ।

ହୀରାଙ୍ଗ, ବି. ପୁଂ. (ହୀର-ଅଙ୍ଗ) ଇନ୍ଦ୍ରର ବଜ୍ର।

ହୀହୀ, ଅଂ. (ହୀ-ଦ୍ୱିତ୍ୱ) ଅହ୍ଲାଦସୂଚକ ଶବ୍ଦ; ହାସ୍ୟଧ୍ୱନି।

ହୁଁ, ଅଂ. (ଦେଶଜ) ସ୍ୱୀକାରବୋଧକ ଶବ୍ଦ।

ହୁକୁମ୍, ବି. (ଯାବନିକ) ଆଜ୍ଞା, ଆଦେଶ, ଅନୁମତି।

ହୁଙ୍କାର, ବି. ପୁଂ. (ହୁମ୍-କାର) ହୁଙ୍କାର ଶବ୍ଦ; ବନ୍ୟବରାହ ଧ୍ୱନି; ଗର୍ଜ୍ଜନ। ବିଂ. ଗର୍ଜ୍ଜିତ।

ହୁଡୁକା, ବି. (ହୁଡୁକ ଶବ୍ଦଜ) ଦ୍ୱାରବନ୍ଦ କରିବାର କାଷ୍ଠ; ପତିସଂସର୍ଗତ୍ୟାଗିନୀ ସ୍ତ୍ରୀ।

ହୁଡାହୁଡି, ବି. (ଦେଶଜ) ଠେଲାଠେଲି; ମରାମରି; ବୋଲାବୋଲି।

ହୁଡୁମ୍ବ, ବି. ( ଦେଶଜ ) ଚଢାଇଜାତିବିଶେଷ, ଭୃଷ୍ଟିଚିପିଠି।

ହୁଣ୍ଡା, ବି. (ଦେଶଜ) ନିର୍ବୋଧ, ମୂର୍ଖ।

ହୁଣ୍ଡୀ, ବି. (ଦେଶଜ) ଅର୍ଥସମ୍ବନ୍ଧୀୟ ଟଙ୍କାର ଚିଠି।

ହୁତ, ବିଂ. ( ହୁ-ତ ) ଦେବୋଦ୍ଦେଶରେ ମନ୍ତ୍ରପୂର୍ବ୍ବକ ଅଗ୍ନିକ୍ଷିପ୍ତ ( ଘୃତାଦି ); ଅର୍ପିତ। ବି. ପୁଂ. ହୋମ କରିବା ଅଗ୍ନି। ନ. ହୋମ।

ହୁତଭୁକ୍, ହୁତବହ, ହୁତାଶ, ହୁତାଶନ, } ବି. ପୁଂ. ( ହୁତ-ଭୁକ୍, ବହ, ଅଶ, ଅଶନ) ଅଗ୍ନି; ହୋମଘୃତାଦିଭକ୍ଷକ।

ହୁତି, ବି. ସ୍ତ୍ରୀ. (ହୁ-ତି) ହବନ, ହୋମ।

ହୁପା, ବି. (ଦେଶଜ) ତରଙ୍ଗ, ଢେଉ।

ହୁମ୍, ହୁମ୍, ଅଂ. (ହ୍ୱେ-ଉମ, ଉମ୍) ସ୍ୱୀକାର, ସମ୍ମତି; ନିଷେଧ; ସ୍ମୃତି; ସଂଶୟ; ଗାନଧ୍ୱନି; ପ୍ରଶ୍ନ; ବିତର୍କ।

ହୁଳହୁଳୀ, ବି. ସ୍ତ୍ରୀ. (ହୁଳ-ଅ, ଦ୍ୱିତ୍ୱ, ଈ) ସ୍ତ୍ରୀଲୋକମାନଙ୍କର ମଙ୍ଗଳସୂଚକ ମୁଖଶବ୍ଦ, ଯଥା,

"ଗଲେ ବହୁବେଶ ବନାଇ,
ଅର୍ଘ୍ୟଥାଳିମାନଙ୍କରେ ହୁଳହୁଳୀ ଦେଇ।"

ହୁସିୟାର, ବିଂ. (ଯାବନିକ) ମନୋଯୋଗୀ; ଚତୁର, ବିଜ୍ଞ; ସାବଧାନ।

ହୁସିୟାରୀ, (ଯାବନିକ) ସାବଧାନତା।

ହୂତ, ବିଂ. (ହ୍ୱେ-ତ) ଆହୂତ। ବି. ନ. ଆହ୍ୱାନ।

ହୂତି, ବି. ସ୍ତ୍ରୀ. (ହ୍ୱେ-ତି) ଆହ୍ୱାନ, ଡାକିବା; ଆହୂତ।

ହୂର୍ଚ୍ଛନ, ବି. ନ. (ହୁର୍ଚ୍ଛ୍-ଅନ) କୁଟିଳତା, ବକ୍ରତା।

ହୃତ୍, ବିଂ. (ହୃ-ଂ, ତ୍ ଆଗମ) ହରଣକାରୀ।

ହୃତ୍କମ୍ପ, ବି. ପୁଂ. (ହୃଦ୍-କମ୍ପ) ହୃଦୟକମ୍ପନ।

ହୃତ, ବିଂ. (ହୃ-ତ) ଆକୃଷ୍ଟ; ଅପହୃତ; ଆନୀତ; ଛିନ୍ନ।

ହୃତ୍ତତ୍ତ୍ୱବିବେକ, କୌଣସି ବ୍ୟକ୍ତିର ମସ୍ତକର ଗଠନ ଦେଖି ତଦୀୟ ମନୋବୃତ୍ତି ସମୁଦାୟ ଯେ ଶାସ୍ତ୍ରଦ୍ୱାରା ନିରୂପିତ ହୁଏ; (Phrenology)।

ହୃତ୍ପିଣ୍ଡ, ହୃଦୟସ୍ଥିତ ରକ୍ତାଦିର ଆଧାର ସ୍ଥାନ; (Heart)।

ହୃଦ୍, ହୃଦୟ, ବି. ନ. (ହୃ-ଂ, ତ୍ ଆଗମ, ତ୍=ଦ୍, ହୃ-ଅୟ, ଦ୍ ଆଗମ) ବକ୍ଷସ୍ଥଳ; ଚିତ୍ତ, ମନ, ଯଥା,

"ଦେଖିଣ ହୃଦୟ ହେଉଛି ଉଚ୍ଛନ୍ନ,
ଗଣ୍ଡେ କର ଥୋଇ ଭାଳଇ ଏସନ।"

ନ. ଢେ।

ଜୀବିତ।

ହୃଦୟଗ୍ରାହୀ, ବିଂ. ( ହୃଦୟ-ଗ୍ରାହିନ୍ ) ମନୋହାରୀ।

ହୃଦୟଙ୍ଗମ, ବିଂ. (ହୃଦୟ-ଗମ) ହୃଦୟଗତ, ହୃଦ୍ୟ, ମନୋଗତ; ଉପଯୁକ୍ତ; ମନୋହର।

ହୃଦୟବାନ୍ ବିଂ. (ହୃଦୟ-ବତ୍) ମନସ୍ୱୀ; ସଦନ୍ତଃକରଣ, ପ୍ରଶସ୍ତଚିତ୍ତ।

ହୃଦୟସ୍ଥାନ, ବି. ନ. (ହୃଦୟ-ସ୍ଥାନ) ବକ୍ଷଃସ୍ଥଳ, ବୁକ।

ହୃଦୟାଳୁ, ହୃଦୟିକ, ହୃଦୟୀ, ବିଂ. (ହୃଦୟ-ଆଳୁ, ଇକ, ଇନ୍) ପ୍ରଶସ୍ତଚିତ୍ତ, ସଦନ୍ତଃକରଣ।

ହୃଦୟେଶ, ବି. ପୁଂ. (ହୃଦୟ-ଈଶ) ପ୍ରାଣେଶ୍ୱର, ସ୍ୱାମୀ, ଭର୍ତ୍ତା, କାନ୍ତ, ବଲ୍ଲଭ। ଶା-ସ୍ତ୍ରୀ. ପ୍ରଣୟିନୀ।

ହୃଦ୍ଗତ, ବିଂ. (ହୃଦ୍-ଗତ) ମନୋଗତ, ହୃଦୟସ୍ଥ, ଚିତ୍ତସ୍ଥ।

ହୃଦ୍ୟ, ବିଂ. (ହୃଦ୍-ଯ) ହୃଦୟଙ୍ଗମ, ମନୋଗତ; ମନୋଜ୍ଞ; ପ୍ରିୟ; ବାଞ୍ଛିତ ।

ହୃଦ୍ୟତା, ବି. ସ୍ତ୍ରୀ. (ହୃଦ୍ୟ-ତା) ପ୍ରଣୟ, ପ୍ରେମ; ସଦ୍ଭାବ ।

ହୃଷିତ, ବିଂ. (ହୃଷ୍-ତ) ଆହ୍ଲାଦିତ, ହୃଷ୍ଟ, ପ୍ରୀତ, ହର୍ଷିତ, ପୁଲକିତ; ପ୍ରଣତ; ସଜ୍ଜିତ; ବର୍ମିତ; ବିସ୍ମିତ; ପ୍ରହତ ।

ହୃଷୀକ, ବି. କ୍ଳୀ. (ହୃଷ୍-ଈକ) ଇନ୍ଦ୍ରିୟ; ଜ୍ଞାନେନ୍ଦ୍ରିୟ ।

ହୃଷୀକେଶ, ବି. ପୁଂ. (ହୃଷୀକ ଈଶ) ବିଷ୍ଣୁ, ନାରାୟଣ; ପରମାତ୍ମରୂପ ।

ହୃଷ୍ଟ, ବିଂ. (ହୃଷ୍-ତ) ଆହ୍ଲାଦିତ, ଆନନ୍ଦିତ, ମୁଦିତ, ପ୍ରୀତ, ସନ୍ତୁଷ୍ଟ, ପୁଲକିତ, ରୋମାଞ୍ଚିତ, ପ୍ରହସିତ; ବିସ୍ମିତ ।

ହୃଷ୍ଟରୋମା, ବିଂ. (ହୃଷ୍ଟ-ରୋମନ୍) ପୁଲକିତ, ରୋମାଞ୍ଚିତ ।

ହୃଷ୍ଟି, ବି. ସ୍ତ୍ରୀ. (ହୃଷ୍-ତି) ହର୍ଷ, ଆନନ୍ଦ; ଗର୍ବ ।

ହେ, ଅଂ. (ହି-ଏ) ସମ୍ବୋଧନ, ଆହ୍ୱାନ ।

ହେଇଟି, ହେଇତ, ସଂ. (ଅୟଂ ବା ଇୟଂ ଶବ୍ଦଜ) ଅଗ୍ରସ୍ଥିତ, ସମ୍ମୁଖବର୍ତ୍ତୀ ।

ହେଜିବା, କ୍ରି. (ଦେଶଜ) ସ୍ମରଣ କରିବା, ଭାବିବା, ଯଥା,

"ଶୁଅ ବୋଇଲା ହେ ଶୁଣ ବରଜ,
ଯାହା ମୁଁ କହୁଛି ମନରେ ହେଜ ।"

ଗୋ. କ ।

ହେଟ, ହେଠ, ବିଂ. (ଦେଶଜ) ନମ୍ର, ଅବନତ, ଯଥା,

"ହେଠ କଲେ ବଦନ ଚନ୍ଦ୍ରକୁ କୁଶକଟି ।"

ହେଠା, ବି. (ଦେଶଜ) ଗଞ୍ଜଅବାଦ ।

ହେଡା, ବି. (ହଡ୍ଡ ଶବ୍ଦଜ) ହାଡଯୁକ୍ତ ମାଂସ, ପଶୁମାଂସ, ନିକୃଷ୍ଟ ମାଂସ ।

ହେଣ୍ଡୋଇବା, କ୍ରି. (ଦେଶଜ) ଅଣ୍ଡାଇବା, ସାହାଯ୍ୟ କରିବା ।

ହେଣ୍ଡି, ବି. (ଦେଶଜ) କକ୍ଷବାଦ୍ୟ, ବଗଲବାଦ୍ୟ ।

ହେତି, ବି. ପୁଂ. ସ୍ତ୍ରୀ. (ହନ୍-ତି, ନପାତନ) ଅସ୍ତ୍ରଶସ୍ତ୍ର । ସ୍ତ୍ରୀ. ସୂର୍ଯ୍ୟକିରଣ; ଅଗ୍ନିଶିଖା, ଯଥା,

"କି ବାଇ ହୋଇଲୁ କବାଇବ ବୋଲି
ସ୍ମର ଧନଞ୍ଜୟହେତି ଗୋ ।"

ତେଜୋମାତ୍ର; ସାଧନ ।

ହେତୁ, ବି. ପୁଂ. (ହି-ତୁ) କାରଣ, ବୀଜ, ମୂଳ; ପ୍ରୟୋଜନ; ନ୍ୟାୟମତରେ ବ୍ୟାପକଜ୍ଞାପକ; ଅଲଙ୍କାରବିଶେଷ; (କାରଣ ଅର୍ଥରେ) ଯଥା,

"ଭାତ ହେଲେ ସିନା ଅନର୍ଥର ହେତୁ,
ଶୁଭଗ୍ରହ କର୍ମେ ହେଲେ ଧୂମକେତୁ ।"

ନ. କେ ।

ହେତୁକ, ବି. ପୁଂ. (ହେତୁ-କ) କାରଣ । ବିଂ. ହେତୁସମ୍ବନ୍ଧୀୟ ।

ହେତୁତା, ବି. ସ୍ତ୍ରୀ. (ହେତୁ-ତା) ହେତୁର ଧର୍ମ, କାରଣତା, ହେତୁତ୍ୱ ।

ହେତୁମାନ୍, ବିଂ. (ହେତୁ-ମତ୍) ହେତୁବିଶିଷ୍ଟ, କାର୍ଯ୍ୟ ।

ହେତୁବାଦ, ବି. ପୁଂ. (ହେତୁ-ବାଦ) ହେତୁକଥନ ।

ହେତ୍ୱାଭାସ, ବି. ପୁଂ. (ହେତୁ-ଆଭାସ) ନିକୃଷ୍ଟହେତୁ; ଦୁଷ୍ଟହେତୁ; ବ୍ୟଭିଚାର, ବିରୁଦ୍ଧତା, ଅସିଦ୍ଧି, ସତ୍ପ୍ରତିପକ୍ଷତା, ବାଧ-ଏହି ପାଞ୍ଚ ହେତୁ ଦୋଷ ।

ହେମ, ହେମନ୍, ବି. କ୍ଳୀ. (ହି-ମ, ମନ୍) ସ୍ୱର୍ଣ୍ଣ, ସୁବର୍ଣ୍ଣ, ସୁନା; କେଶର; କୁଷ୍ମାଣ୍ଡ ।

ହେମକନ୍ଦଲ, ବି. ପୁଂ. (ହେମ-କନ୍ଦଲ) ପ୍ରବାଳ, ପୋହଳା ।

ହେମକାନ୍ତି, ବି. ସ୍ତ୍ରୀ. ଦାରୁହରିଦ୍ରା ।

ହେମକାର, ବି. ପୁଂ. (ହେମ-କାର) ସ୍ୱର୍ଣ୍ଣକାର ।

ହେମକୂଟ, ବି. ପୁଂ. (ହେମ-କୂଟ) କିଂପୁରୁଷବର୍ଷସ୍ଥ ହିମାଳୟର ଉତ୍ତରସ୍ଥିତ ପର୍ବତବିଶେଷ ।

ହେମକେଳି, ବି. ପୁଂ. (ହେମ-କେଳି) ଅଗ୍ନି, ଅନଳ ।

ହେମକେଶ, ବି. ପୁଂ. (ହେମ-କେଶ) ଶିବ, ମହାଦେବ ।

ହେମଚନ୍ଦ୍ର, ବି. ପୁଂ. ଅଭିଧାନଚିନ୍ତାମଣି ନାମକ କୋଷକର୍ତ୍ତା; ସ୍ୱର୍ଣ୍ଣମୟଶଶୀ, ସୁନାର ଚନ୍ଦ୍ର ।

ହେମଜ୍ୱାଲ, ବି. ପୁଂ. (ହେମ-ଜ୍ୱାଲା) ଅଗ୍ନି ।

ହେମତ, ବି. (ଯାବନିକ) ସାହସ ।

ହେମନ୍ତ, ବି. ପୁଂ. (ହନ୍-ଅନ୍ତ-ହନ=ହି, ମ ଆଗମ) ହିମସମୟ, ହିମଋତୁ, ଅଗ୍ରହାୟଣ ଓ ପୌଷ ମାସ, ଯଥା,

"ହେମନ୍ତ ଶିଶିର କାଳେ ଭୁମୁଇ ଅଦେଶେ,
ପ୍ରକୃତ ସାଜଇ ଅଛ ସାଜସ୍ଥିଳ ବେଶେ ।"

କ. ବ ।

ହିମାଳୟ ପର୍ବତ ।

ହେମପର୍ବତ, ବି. ପୁଂ. ( ହେମ-ପର୍ବତ ) ସୁମେରୁ ପର୍ବତ ।

ହେମପୁଷ୍ପ, ବି. ନ. ( ହେମ-ପୁଷ୍ପ ) ଅଶୋକପୁଷ୍ପ ; ପୁଂ. ଚମ୍ପକପୁଷ୍ପ ।

ହେମମାଳା, ବି. ସ୍ତ୍ରୀ. ଯମର ପତ୍ନୀ ।

ହେମମାଳୀ, ବି. ପୁଂ. (ହେମମାଳା-ଇନ୍) ସୂର୍ଯ୍ୟ; ଅର୍କବୃକ୍ଷ ।

ହେମଲ, ବି. ପୁଂ. (ହେମ-ଲା-ଅ) ସ୍ୱର୍ଣ୍ଣକାର; କଷ୍ଟି-ପଥର; କୃକଳାସ ।

ହେମଶଙ୍ଖ, ବି. ପୁଂ. (ହେମ-ଶଙ୍ଖ) ବିଷ୍ଣୁ, ନାରାୟଣ ।

ହେମା, ବି. ପୁଂ. (ହି-ମନ୍) ବୁଧଗ୍ରହ । ସ୍ତ୍ରୀ. ଅପ୍ସରା; ସୁନ୍ଦରୀ ସ୍ତ୍ରୀ ।

ହେମାଙ୍ଗ, ବି. ପୁଂ. (ହେମ-ଅଙ୍ଗ) ଗରୁଡ଼; ସିଂହ; ସୁମେରୁ; ବ୍ରହ୍ମା; ଚମ୍ପକବୃକ୍ଷ; ବିଷ୍ଣୁ । ନ. ସୁବର୍ଣ୍ଣ ଅଙ୍ଗ । ବିଂ. ସୁବର୍ଣ୍ଣ ଅଙ୍ଗଯୁକ୍ତ ।

ହେମାଦ୍ରି, ବି. ପୁଂ. (ହେମ-ଅଦ୍ରି) ସୁମେରୁପର୍ବତ ।

ହେୟ, ବିଂ. (ହା-ଯ) ତ୍ୟାଜ୍ୟ, ତୁଚ୍ଛ ।

ହେରସା, ବିଂ. (ଦେଶଜ) ନିର୍ଲ୍ଲଜ ।

ହେରକ, ବିଂ. ପୁଂ. ଚର, ଦୂତ ।

ହେଳନ, ବି. ନ. (ହେଳ୍-ଅନ) ଅବଜ୍ଞା, ଅସମ୍ମାନ, ଅନାଦର ।

ହେଳା, ବି. ସ୍ତ୍ରୀ. ( ହେଳ୍-ଅ, ଆ ) ସ୍ତ୍ରୀମାନଙ୍କର ଶୃଙ୍ଗାରଭାବଜାତ କ୍ରିୟାବିଶେଷ; ଅବହେଳା; ଅବଜ୍ଞା ।

ହେଳି, ହେଳୀ, ବି. ପୁଂ. (ହିଲ୍-ଇ, ଇନ୍) ସୂର୍ଯ୍ୟ; ଆଲିଙ୍ଗନ । ସ୍ତ୍ରୀ. ହେଳା ।

ହେଷା, ବି. ସ୍ତ୍ରୀ. ( ହେଷ-ଅ-ଆ ) ଅଶ୍ୱଧ୍ୱନି, ଘୋଟକର ଶବ୍ଦ, ଘୋଡାର ଡାକ ।

ହେଷୀ, ବି. ପୁଂ. (ହେଷା-ଇନ୍) ଅଶ୍ୱ, ଘୋଟକ ।

ହେହେ, ଅଂ. (ହେ, ଦ୍ୱିତ୍ୱ) ସମ୍ବୋଧନସୂଚକ ଶବ୍ଦ ।

ହୈ, ଅଂ. ( ହେ-ଐ ) ଆହ୍ୱାନ, ସମ୍ବୋଧନ; ନିଷେଧ; ପାଦପୂରଣାର୍ଥକ ।

ହୈତୁକ, ବିଂ. (ହେତୁ-କ) ହେତୁସମ୍ବନ୍ଧୀୟ । ବି. ପୁଂ. ଯେ ବ୍ୟକ୍ତି ଯୁକ୍ତି ପ୍ରଦର୍ଶନ କରି ସତ୍‌କର୍ମର ଅନୁଷ୍ଠାନ କରେ ।

ହୈମ, ବିଂ. (ହେମନ୍-ଅ) ହେମସମ୍ବନ୍ଧୀୟ, ସୌ-ବର୍ଣ୍ଣ; ହିରଣ୍ମୟ; ( ହିମ-ଯ ) ହିମସମ୍ବନ୍ଧୀୟ, ଶୀତଳ । ବି. ନ. ହିମଭବଜଳ, ଶିଶିର । ପୁଂ. ଭୂନିମ୍ବ ।

ହୈମନ, ହୈମଳ, ବି. ପୁଂ. (ହେମନ୍ତ-ଅ, ତ ଲୋପ; ହିମଳ-ଅ) ଅଗ୍ରହାୟଣମାସ । ପୁଂ-ନ. ହେମନ୍ତ ଋତୁ । ବିଂ. ହେମନ୍ତକାଳୀନ, ହିମସମ୍ବନ୍ଧୀୟ ।

ହୈମନ୍ତ, ବି. ପୁଂ. ନ. (ହେମନ୍ତ-ଅ) ହେମନ୍ତଋତୁ; ଅଗ୍ରହାୟଣମାସ । ବିଂ. ହେମନ୍ତସମ୍ବନ୍ଧୀୟ, ହିମକାଳୀନ ।

ହୈମନ୍ତିକ, ବିଂ. ( ହେମନ୍ତ-ଇକ ) ହିମକାଳୀନ, ହେମନ୍ତସମ୍ବନ୍ଧୀୟ । ବି. ନ. ଶାଳିଧାନ୍ୟ ।

ହୈମବତ, ବି. ନ. (ହିମବତ୍-ଅ) ଭାରତବର୍ଷ । ବିଂ. ହିମାଳୟସମ୍ବନ୍ଧୀୟ ।

ହୈମବତୀ, ବି. ସ୍ତ୍ରୀ. (ହିମବତ୍-ଅ-ଈ) ପାର୍ବତୀ, ଦୁର୍ଗା; ଗଙ୍ଗା; ହରୀତକୀ; ସ୍ୱର୍ଣ୍ଣକ୍ଷୀରୀ; କପିଲଦ୍ରାକ୍ଷା; ଅତସୀ ।

ହୈୟଙ୍ଗବୀନ, ବି. ନ. (ହ୍ୟସ୍=ପୂର୍ବଦିନରେ-ଗୋ-ଦୋହଦୁଗ୍ଧ-ଈନ; ଉଦ୍‌ଭବାର୍ଥେ, ନିପାତନରେ) ସଦ୍ୟୋଜାତଘୃତ ।

ହୋ, ଅଂ. (ହ୍ୱେ-ଓ) ସମ୍ବୋଧନସୂଚକ ଶବ୍ଦ; ସମ୍ବୋ-ଧନ, ଆହ୍ୱାନ; ବିସ୍ମୟ ।

ହୋତା, ବି. ପୁଂ. (ହୁ-ତୃ) ପୁରୋହିତ, ଯଜ୍ଞାଦିସ୍ଥଳେ ଋକ୍‌ପ୍ରଯୋକ୍ତା । ଋକ୍‌ବେଦଜ୍ଞ; ଯଜମାନ । ବିଂ. ଯଜ୍ଞକର୍ତ୍ତା ।

ହୋତ୍ର, ବି. ନ. (ହୁ-ତ୍ର) ହୋମ; ହବିଃ ହୋମୀୟ ଘୃତ । ସ୍ତ୍ରୀ. ସ୍ତୁତି, ସ୍ତବ ।

ହୋତ୍ରୀ, ବି. ପୁଂ. (ହୋତ୍ର-ଇନ୍) ହୋମକାରକ, ଯାଜ୍ଞିକ । ସ୍ତ୍ରୀ. ଯଜମାନରୂପ ଶିବମୂର୍ତ୍ତି ।

ହୋତ୍ରୀୟ, ବି. ନ. (ହୋତ୍ର-ଈୟ) ହବିର୍ଗୃହ । ବିଂ. ହୋତ୍ରସମ୍ବନ୍ଧୀୟ ।

ହୋମ, ବି. ପୁଂ. (ହୁ-ମ) ଦେବୋଦ୍ଦେଶରେ ମନ୍ତ୍ର ପାଠପୂର୍ବକ ଅଗ୍ନିରେ ଘୃତାଦି କ୍ଷେପଣ ।

ହୋମକ, ହୋମୀ, ବି. ପୁଂ. (ହୁ-ଅକ, ଇନ୍) ହୋତା, ହୋମକର୍ତ୍ତା ।

ହୋମକୁଣ୍ଡ, ବି. ନ. ହୋମାର୍ଥକୁଣ୍ଡ ।

ହୋମି, ବି. ପୁଂ. (ହୁ-ଇ) ଅଗ୍ନି; ଘୃତ; ଜଳ ।

ହୋମ୍ୟ, ବି. ନ. (ହୋମ-ଯ) ହୋମୋପଯୁକ୍ତଘୃତ । ବିଂ. ହୋମସମ୍ବନ୍ଧୀୟ ।

ହୋରା, ବି. ସ୍ତ୍ରୀ. (ହୋଡ଼-ଅ (ଅନ୍) ଆ) ଲଗ୍ନ; ୨୳ ଦଣ୍ଡ ପରିମିତକାଳ, ଇଂରେଜୀରେ ୧ ଘଣ୍ଟା ।

ହୋଶ, (ଯାବନିକ) ଜ୍ଞାନ, ବୁଦ୍ଧି, ମନ ।

ହୌ, ଅଂ. (ହ୍ୱେ-ଔ) ସମ୍ବୋଧନ, ଆହ୍ୱାନ ।

ହୌମ୍ୟ, ବି. ନ. (ହୋମ-ଯ) ହୋମୋପଯୁକ୍ତ ଘୃତ । ବିଂ. ହୋମସମ୍ବନ୍ଧୀୟ ।

ହ୍ୟସ୍ତନ, ହ୍ୟସ୍ତ୍ୟ, ବିଂ. (ହ୍ୟସ୍-ତନ୍-ଅ, ଯ) ପୂର୍ବଦିବସୀୟ, ଗତଦିବସୀୟ ।

ହ୍ରଦ, ବି. ପୁଂ. (ହ୍ରାଦ୍-ଅ, ନିପାତନ) ଅଗାଧ ବୃହତ୍ ଜଳାଶୟ; ଆଲୋକ; ରଶ୍ମି ।

ହ୍ରଦଗ୍ରହ, ବି. ପୁଂ. (ହ୍ରଦ-ଗ୍ରହ) କୁମ୍ଭୀର ।

ହ୍ରଦିନୀ, ବି. ସ୍ତ୍ରୀ. (ହ୍ରଦ୍-ଇନ୍-ଈ) ନଦୀ; ବିଦ୍ୟୁତ୍ ।

ହ୍ରସିମା, ପୁଂ.
ହ୍ରସ୍ୱତା, ସ୍ତ୍ରୀ,
ହ୍ରସ୍ୱତ୍ୱ, ନ.
} ବି. (ହ୍ରସ୍ୱ-ଇମନ୍, ତା, ତ୍ୱ) କ୍ଷୁଦ୍ରତା, ଲଘୁତା, ହ୍ରାସ ।

ହ୍ରସିଷ୍ଠ, ହ୍ରସୀୟାନ୍, ବିଂ. (ହ୍ରସ୍ୱ-ଇଷ୍ଠ, ଈୟସ୍) ଅତି-ହ୍ରସ୍ୱ ।

ହ୍ରସ୍ୱ, ବିଂ. (ହ୍ରସ୍-ବ) ଖର୍ବ, କ୍ଷୁଦ୍ର, ଲଘୁ, ଛୋଟ ।

ହ୍ରାଦ, ବି. ପୁଂ. (ହ୍ରାଦ୍-ଅ) ଶବ୍ଦ, ଗୋଳମାଳଧ୍ୱନି; ଦୈତ୍ୟବିଶେଷ, ହିରଣ୍ୟକଶିପୁର ପୁତ୍ର ।

ହ୍ରାଦିନୀ, ବି. ସ୍ତ୍ରୀ. (ହ୍ରାଦ୍-ଇନ୍-ଈ) ନଦୀ; ବଜ୍ର; ବିଦ୍ୟୁତ୍, ଶଲ୍ଲକୀ ।

ହ୍ରାଦୀ, ବିଂ. (ହ୍ରାଦ୍-ଇନ୍) ହ୍ରାଦଯୁକ୍ତ, ଶବ୍ଦକାରକ ।

ହ୍ରାସ, ବି. ପୁଂ. (ହ୍ରସ୍-ଅ) କ୍ଷୀଣତା, କ୍ଷୟ; ଶବ୍ଦ ।

ହ୍ରୀତ, ବିଂ. (ହ୍ରୀ-ତ, ତ୍=ଇ) ଲଜ୍ଜିତ; ବିରକ୍ତ; ମୀତ । ବି. ନ. ଅଂଶ ।

ହ୍ରୀ, ବି. ସ୍ତ୍ରୀ. (ହ୍ରୀ-୦) ଲଜ୍ଜା, ବ୍ରୀଡ଼ା ।

ହ୍ରୀକା, ହ୍ଲୀକା, ବି. ସ୍ତ୍ରୀ. (ହ୍ରୀ-କ-ଆ, ର=ଲ) ଶଙ୍କା, ଭୟ; ତ୍ରପା, ଲଜ୍ଜା ।

ହ୍ରୀଜିତ, ବିଂ. (ହ୍ରୀ-ଜିତ) ଲଜ୍ଜାଶୀଳ, ଲାଜୁକ ।

ହ୍ରୀମାନ୍, ବିଂ. (ହ୍ରୀ-ମତ୍) ଲଜ୍ଜାଯୁକ୍ତ ।

ହ୍ରେପିତ, ବିଂ. (ହ୍ରୀପ୍-ଇ-ତ) ଲଜ୍ଜା-ପ୍ରାପିତ ।

ହ୍ରେଷା, ବି. ସ୍ତ୍ରୀ. (ହ୍ରେଷ୍-ଅ-ଆ) ଅଶ୍ୱଧ୍ୱନି, ଘୋଡ଼ା-ଡାକ ।

ହ୍ଲାଦ, ପୁଂ.
ହ୍ଲାଦନ, ନ.
} ବି. (ହ୍ଲାଦ୍-ଅ, ଅନ) ଆହ୍ଲାଦ, ଆନନ୍ଦ ।

ହ୍ଲାଦିତ, ବିଂ. (ହ୍ଲାଦ-ତ) ଆନନ୍ଦିତ, ଆହ୍ଲାଦିତ ।

ହ୍ଲାଦିନୀ, ବି. ସ୍ତ୍ରୀ. (ହ୍ରଦ୍-ଇନ୍-ଈ, ର=ଲ) ବିଦ୍ୟୁତ୍; ବଜ୍ର; ଶକ୍ତିବିଶେଷ ।

ହ୍ଲାଦୀ, ବିଂ. (ହ୍ଲାଦ୍-ଇନ୍) ଆହ୍ଲାଦଯୁକ୍ତ ।

ହ୍ୱାନ, ବି. ନ. (ହ୍ୱେ-ଅନ) ଆହ୍ୱାନ, ହୁତ ।

# ଧାତୁମାଳା ।

ଅ

ଅଂଶ-ଅନ୍ଶ, ( ଅଂଶୟତି, ଅଂଶାପୟତି ) ବିଭଜୟତି; ବିଭାଗ କ । ଅଂଶ, ଅଂଶକ, ଅଂଶିତ, ଅଂଶୁ, ଅଂଶୁକ ।

ଅଂସ-ଅନ୍ସ, ( ଅଂସୟତି, ଅଂସାପୟତି ) ବିଭଜୟତି; ବିଭାଗ କ । ଅଂସ, ଅଂସଲ ।

ଅକ୍, (ଅକତି) ବକ୍ର ଗମନ କ । ଅକ୍କନ ।

ଅକ୍ଷ୍, (ଅକ୍ଷତି, ଅକ୍ଷ୍ଣୋତି) ବ୍ୟାପନ କ । ରାଶି କ । ଅକ୍ଷି, ଅକ୍ଷ ।

ଅଗ୍, ( ଅଗତି) ବକ୍ରଗମନ କ । ଅଗନ, ଅଗିତ ।

ଅଘ, (ଅଘି, ଅଘୟତି) ପାପ କ । ଅଘ ।

ଅଙ୍କ୍-ଅନ୍କ୍, (ଅଙ୍କ୍ୟତେ, ଅଙ୍କୟତି) ଚିହ୍ନ କ । ଗଣନା କ । ଗମନ କ । ଅଙ୍କନ, ଅଙ୍କିତ, ଅଙ୍କୁର, ଅଙ୍କୁଶ, ପର୍ଯ୍ୟଙ୍କ, ପଲ୍ୟଙ୍କ ।

ଅଙ୍ଗ୍-ଅନ୍ଗ୍, (ଅଘିଂ-ଗତୌ, ଅଙ୍ଗତି, ଅଙ୍ଗୟତି, ଅଙ୍ଗାପୟତି) ଗମନ କ । ପ୍ରାପ୍ତି; ଗଣନା କ । ଚିହ୍ନ କ । ଅଙ୍ଗନ, ପ୍ରାଙ୍ଗଣ, ଅଙ୍ଗନା, ଅଙ୍ଗୁଳି ।

ଅଙ୍ଘ୍-ଅନ୍ଘ୍, (ଅଙ୍ଘତି-ତେ) ଗମନ କ । ଦ୍ରୁତଗମନ କ । ଆରମ୍ଭ କ । ନିନ୍ଦା କ । ଅଙ୍ଘନ, ଅଙ୍ଘ୍ରି ।

ଅଚ୍, (ଅଚତି-ତେ) ଗମନ କ । ଅର୍ଚ୍ଚନା କ । ଅସ୍ପଷ୍ଟ ଶବ୍ଦ କ । ଅକ୍ତ ।

ଅଜ, (ଅଜ-ଗତୌ, ଅଜତି) ଗମନ କ । ନିନ୍ଦା କ । କ୍ଷେପଣ କ । ସମାଜ, ବଂଜନ, ଉନ୍ନତ ପ୍ରଦେଶ ।

ଅଞ୍ଚ୍-ଅନ୍ଚ୍, (ଅଞ୍ଚତି-ତେ) ଅର୍ଚ୍ଚନା କ । ଗମନ କ । ଜିଜ୍ଞାସା କ । ଅସ୍ପଷ୍ଟ ଶବ୍ଦ କ । ଶବ୍ଦ କ । (ଅଞ୍ଚୟତି) ବ୍ୟକ୍ତ କ । ଅଞ୍ଚନ, ଅଞ୍ଚିତ, ଉଦଞ୍ଚିତ ।

ଅଞ୍ଜ୍-ଅନ୍ଜ୍, (ଅନକ୍ତି) ବ୍ୟକ୍ତ କ । ଗମନ କ । ମ୍ରକ୍ଷିତ କ । (ଅଞ୍ଜୟତି) ଦୀପ୍ତି ପା । ଅଞ୍ଜଳି, ଅଞ୍ଜନ, ଅଞ୍ଜନା, ଅଭ୍ୟଙ୍ଗ, ବ୍ୟକ୍ତ ।

ଅଟ୍, (ଅଟ-ଗତୌ, ଅଟତି) ଗମନ କ । ଭ୍ରମଣ କ । (ଅଟୟତି) ଉପେକ୍ଷା କ । ଅନାଦର କ । ଅଟନ, ପର୍ଯ୍ୟଟନ, ପର୍ଯ୍ୟଟକ, ଅଟାଟ୍ୟା ।

ଅଟ୍ଟ-ଅଲ୍ଟ୍-ଅଦ୍ଟ, (ଅଟ୍ଟତେ) ଅତିକ୍ରମ କ । ଲଙ୍ଘନ କ । ଆଘାତ କ । ବଧ କ । (ଅଟ୍ଟୟତି) ଉପେକ୍ଷା କ । ଅଟ୍ଟନ, ଅଟ୍ଟିତ ।

ଅଠ୍-ଅନ୍ଠ୍ (ଅଠତି, ଅଣ୍ଠତେ) ଗମନ କ । ପ୍ରାପ୍ତି । ଅଠନ, ଅଠିତ, ଅଣ୍ଠନ, ଅଣ୍ଠିତ ।

ଅଡ୍, (ଅଡତି) ଉଦ୍ୟତ ହେ । (ଅଡୋତି) ବ୍ୟାପନ କ । ଅଡନ, ଅଡିତ ।

ଅଡ୍ଡ୍-ଅଦ୍ଡ୍, (ଅଡ୍ଡତି) ସଂଯୋଗ କ । ମୀମାଂସା କ । ସମାଧାନ କ । ଚେଷ୍ଟା କ । ଅଡ୍ଡନ ।

ଅଣ, (ଅଣତି) ଶବ୍ଦ କ । (ଅଣ୍ୟତେ) ଜୀବିତ ଥିବା । ଅଣନ, ଅଣିତ ।

ଅତ୍, (ଅତତି) ସତତ ଗମନ କ । ପ୍ରାପ୍ତି । ଅତନ, ଆତ୍ମା ।

ଅଦ୍, (ଅତ୍ତି) ଭକ୍ଷଣ କ । ଅଦନ, ଅନ୍ନ ।

ଅନ୍, (ଅନତି, ଅନ୍ୟତେ) ଜୀବିତ ଥିବା । ପ୍ରାଣ, ଅପାନ, ସମାନ, ଉଦାନ, ବ୍ୟାନ ।

ଅନ୍ତ୍, (ଅନ୍ତତି) ଓ (ଅମତି-ଛମ୍ୟତେ) ବନ୍ଧନ କ । ଅନ୍ତ, ଅନ୍ତକ ।

ଅନ୍ଦ୍, (ଅନ୍ଦତି) ବନ୍ଧନ କ । ଅନ୍ଦନ, ଅନ୍ଦିତ, ଅନ୍ଦନୀସ୍ତୃ, ଅନ୍ଧ ।

ଅନ୍ଧ, (ଅନ୍ଧୟତି, ଅନ୍ଧାପୟତି) ଦୃଷ୍ଟିହୀନ ହେ । ଅନ୍ଧ, ଅନ୍ଧକ ।

ଅମ୍ଭ-ଅନ୍ଭ୍, (ଅମ୍ଭତେ) ଶବ୍ଦ କ । ଅମ୍ଭସ୍ ।

ଅଭ୍ର, (ଅଭ୍ରତି) ଗମନ କ । ପ୍ରାପ୍ତି । ଅଭ୍ର ଦ୍ରବତ୍ତ ହେତୁ ସ୍ଥିରତର ମେଘ ।

ଅମ୍, (ଅମତି) ଗମନ କ । ସେବା କ । ଶବ୍ଦ କ । (ଆମୟତି) ପୀଡ଼ାଦି ଦୁଃଖ ଭୋଗ କ । ଆମୟ ।

ଅମ୍ବ-ଅନ୍ବ, (ଅମ୍ବତି-ତେ) ଗମନ କ । ଶବ୍ଦ କ । ଅମ୍ବୁ ।

ଅୟ୍, (ଅୟତେ) ଗମନ କ । ଅୟନ, ପଳାୟନ, ପଳାୟିତ ।

ଅର୍କ, (ଅର୍କୟତି) ପ୍ରଶଂସା କ । ସ୍ତବ କ । ଉପତପ୍ତ କ । ଅର୍କ ।

ଅର୍ଘ, (ଅର୍ଘୟତି) ଅପକାର କ । ମୂଲ୍ୟ କ । କ୍ରୟ କ । ପୂଜା କ । ଅର୍ଘ, ଅର୍ଘ୍ୟ, ମହାର୍ଘ ।

ଅର୍ଚ୍ଚ, (ଅର୍ଚ୍ଚତି-ତେ) ପୂଜା କ । ଅର୍ଚ୍ଚନା, ଅର୍ଚ୍ଚିତ ।

ଅର୍ଜ୍ଜ, (ଅର୍ଜ୍ଜତି, ଅର୍ଜ୍ଜୟତି) ଉପାର୍ଜ୍ଜନ କ । ପ୍ରସ୍ତୁତ କ । ଅର୍ଜ୍ଜନ, ଅର୍ଜ୍ଜିତ ।

ଅର୍ଥ, (ଅର୍ଥୟତି-ତେ, ଅର୍ଥାପୟତେ) ଯାଚ୍ଞା କ । ଜିଜ୍ଞାସା କ । ପ୍ରାର୍ଥନା କ । ଅର୍ଥ, ଅର୍ଥୀ, ପ୍ରାର୍ଥିନା ।

ଅର୍ଦ୍ଦ, (ଅର୍ଦ୍ଦତି-ତେ, ଅର୍ଦ୍ଦୟତି-ତେ) ଯାଚଞ୍ଚା, କ । ଜିଜ୍ଞାସା କ । ଗମନ କ । ଯାତନା ଦେବା । ଅର୍ଦ୍ଦ, ଅର୍ଦ୍ଦିତ, ଜନାର୍ଦ୍ଦନ ।

ଅର୍ବ, (ଅର୍ବତି) ବଧ କ । ଗମନ କ । ଯାତନା ଦେବା । ଅର୍ବଣ, ଅର୍ବିତ ।

ଅର୍ହ, (ଅର୍ହତି, ଅର୍ହୟତି) ଯୋଗ୍ୟ ହେ । ପୂଜା କ । ଅର୍ହଣ, ଅର୍ହ ।

ଅଲ୍, (ଅଲତି-ତେ) ନିବାରଣ କ । ଭୂଷିତ କ । ଯୋଗ୍ୟ ହେ । ଅଳକା, ଅଳଙ୍କାର ।

ଅବ୍, (ଅବତି) ଗମନ କ । ଇଚ୍ଛା କ । ପ୍ରୀତ କ । ସ୍ତବ କ । ପ୍ରାପ୍ତି; ପ୍ରାର୍ଥନା କ । ପ୍ରବେଶ । ଗ୍ରହଣ କ । ବଧ କ । ଜାଣିବା; ଅଭିଳାଷ କ । ଅନୁଷ୍ଠାନ କ । ତୃପ୍ତ ହେ । ଦୀପ୍ତି ପା । ସଂଲଗ୍ନ ହେ । ବୃଦ୍ଧି ପା । ସମର୍ଥ ହେ । ରକ୍ଷା କ । ଆଲିଙ୍ଗନ କ । ଭାଗ କ । ଅମ୍ବର, ଅମୁ ।

ଅବଧୀର, (ଅବଧୀରୟତି) ଅମାନ୍ୟ କ । ଅବଜ୍ଞା କ । ଅବଧୀରଣ, ଅବଧୀରିତ ।

ଅଶ୍, (ଅଶ୍ନୁତେ) ସଞ୍ଚୟ କ । ଗଣି କ । (ଅଶ୍ନାତି, ଅଶ୍ନୁତେ) ଭକ୍ଷଣ କ । ଭୋଜନ କ । ଅଶନ, ଅଶିତ, ପ୍ରାତରାଶ ।

ଅଷ୍, (ଅଷତି-ତେ) ଗମନ କ । ଗ୍ରହଣ କ । ଦୀପ୍ତି ପା । ଅଷଣ, ଅଷିତ ।

ଅସ୍, (ଅସତି-ତେ) ଗମନ କ । ଗ୍ରହଣ କ । ଦୀପ୍ତି ପାଇବା; (ଅସ୍ୟତି-ତେ) କ୍ଷେପଣ କ । (ଅସ୍ତି) ବର୍ତ୍ତମାନ ରହିବା; (ନିର୍-ପୂର୍ବ) ନିରସ୍ତ କ । ଅସ୍ତି, ଅଭ୍ୟାସ ।

ଅସ୍ତ୍ର, (ଅସ୍ତ୍ରୟତି) ଆଚ୍ଛାଦନ କ ।

ଅହ୍-ଅନ୍ହ, (ଅହତି) ବ୍ୟାପନ କ । (ଅଂହତେ) ଗମନ କ । ( ଅଂହୟତି ) ଦୀପ୍ତି ପା । ଅହନ; ଅହଙ୍କାର, ଅଂହିତ ।

---

ଆ

ଆଞ୍ଛ, ( ଆଞ୍ଛତି ) ବିସ୍ତାର କ ।

ଆନ୍ଞ୍ଛ, (ଆଞ୍ଛତି) ଦୀର୍ଘ ହେବା; ଦୀର୍ଘ କ । ଆନଞ୍ଛିତ ।

ଆନ୍ଦୋଲ, (ଆନ୍ଦୋଲୟତି) ଦୋଲାଇବା; ଆନ୍ଦୋଳନ, ଆନ୍ଦୋଳିତ ।

ଆପ୍, (ଆପତି, ଆପୟତି, ଆପ୍ନୋତି-ନୁତେ) ବ୍ୟାପନ, ପ୍ରାପ୍ତି, ବ୍ୟାପ୍ତି; ସମାପ୍ତି, ବ୍ୟାପକ ।

ଆସ୍, (ଆସ୍ତେ) ଉପବେଶନ କ । ବର୍ତ୍ତମାନ ରହିବା; ଅଧ୍ୟାସ, ଅଧ୍ୟାସନ, ଉପାସନା, ଆସନ ।

---

ଇ

ଇ, ( ଅୟତି ) ଗମନ କ । (ଉତ୍-ପୂର୍ବ) ଉଦିତ ହେବା; (ଅତି-ଇ) ଅତିକ୍ରମ କ । (ଅବ-ଇ) ଜ୍ଞାତ ହେବା; ( ଆ-ଇ ) ଆଗମନ କ । (ପ୍ର-ଇ) ମରଣ; (ପ୍ରତି-ଇ) ବିଶ୍ୱାସ କ । (ଅଧି-ଇ) ସ୍ମରଣ କ । ଅଧ୍ୟାପନ କ । ଅତ୍ୟୟ, ପ୍ରତ୍ୟୟ, ସମୁ-

ଦାସ୍ୟ, ବପର୍ଯ୍ୟୟ, ଉଦୟ, ଅଧ୍ୟୟନ, ଅଧ୍ୟାୟ, ଅଧ୍ୟାପକ ।

ଇଖ୍, ଇନ୍ଖ୍, (ଏଖତି, ଇଙ୍ଖତି) ଗମନ କ । ପ୍ରାପ୍ତି; ଇଙ୍ଖିତ, ଏଖନ ।

ଇଗ୍, ଇନ୍ଗ୍, (ଇଙ୍ଗତି) ଗମନ କ । ସଙ୍କେତ କ । ଇଙ୍ଗନ, ଇଙ୍ଗିତ ।

ଇଟ୍, (ଏଟତି) ଗମନ କ । ଏଟନ, ଇଟିତ ।

ଇଦ୍-ଇନ୍ଦ୍, (ଇନ୍ଦତି) ଆଧିପତ୍ୟ କ । ଇନ୍ଦ୍ର, ଇନ୍ଦୁ; ଇନ୍ଦ୍ରିୟ ।

ଇନ୍ଧ୍, ( ଇନ୍ଧେ ) ଦୀପ୍ତ ହେ; ପ୍ରଜ୍ୱଳନ କ । ଇନ୍ଧନ ।

ଇବ୍-ଇନ୍ବ୍, (ଇମ୍ଭତି) ବ୍ୟାପନ; ପ୍ରୀତି କ । ଇମ୍ଭନ, ଇମ୍ଭିତ ।

ଇଭ, (ଇମ୍ଭୟତେ) ଗଣି କ । ସଞ୍ଚୟ କ ।

ଇଲ, (ଇଲତି) ଗମନ କ । ଶୟନ କ । (ଏଲୟତି) କ୍ଷେପଣ କ ।

ଇ, (ଇଷ୍ୟତି-ତେ) ଗମନ କ । (ଇଚ୍ଛତି) ବାଞ୍ଛା କ । ଗ୍ରହଣ କ । ( ଇଷ୍ଣାତି ) ପୁନଃପୁନଃ କରଣ; ( ଅନୁପୂର୍ବ ) ଅନ୍ୱେଷଣ କ । ଇଚ୍ଛା, ଇଚ୍ଛୁକ, ଅନିଷ୍ଟ, ଅନ୍ୱେଷଣ ।

---

## ଈ

ଈ, (ଏତି) ଗମନ କ । ବ୍ୟାପନ; କ୍ଷେପଣ କ । ଇଚ୍ଛା କ । ଭୋଜନ କ । ଗର୍ଭଗ୍ରହଣ କ । (ଈୟତେ) ଗମନ କ ।

ଈକ୍ଷ, ( ଈକ୍ଷତେ ) ଦର୍ଶନ କ । ( ଅବ-ପୂର୍ବ ) ଅପେକ୍ଷା କ । ( ଉପ-ପୂର୍ବ ) ଉପେକ୍ଷା କ । ( ପରି-ପୂର୍ବ ) ପରୀକ୍ଷା କ । ଈକ୍ଷଣ, ଅପେକ୍ଷା, ଉପେକ୍ଷା, ଅନ୍ୱୀକ୍ଷ ।

ଈଖ୍, ଈନ୍ଖ୍, ( ଈଖତି, ଈଙ୍ଖତି ) ଗମନ କ । ଈଙ୍ଖନ ।

ଈଜ୍-ଈନ୍ଜ୍, (ଈଜତେ, ଈଞ୍ଜତି-ତେ) ଗମନ କ । ନିନ୍ଦା କ । ଈଜନ, ଈଞ୍ଜନ ।

ଈଡ୍, (ଈଡୟତି,-ଈଟ୍ଟେ) ପ୍ରଶଂସା କ । ସ୍ତବ କ । ଈଡ଼ା, ଈଡିତ ।

ଈଦ୍-ଈନ୍ଦ୍, (ଈନ୍ଦ୍ରତି) ବନ୍ଧନ କ । ଈନ୍ଦ୍ରକ ।

ଈର୍, ( ଈର୍ତ୍ତେ ) ଗମନ କ । ସ୍ପନ୍ଦନ କ । (ଈରତି, ଈରୟତି) ଗମନ କ । କ୍ଷେପଣ କ । ପ୍ରେରଣ, ଈରଣ, ଉଦୀରିତ ।

ଈର୍ଷ୍ୟ, (ଈର୍ଷ୍ୟତି) ହିଂସା କ । ଈର୍ଷା, ଈର୍ଷାଳୁ ।

ଈର୍କ୍ଷ୍ୟ, (ଈର୍କ୍ଷ୍ୟତି) ହିଂସା କ । ଈକ୍ଷା, ଈର୍କ୍ଷିତ ।

ଈଶ, ( ଈଷ୍ଟେ ) ପ୍ରଭୁତ୍ୱ କ । ଈଶ୍ୱର, ଈଶାନ, ଈଶିତା ।

ଈଷ, (ଈଷତେ) ଗମନ କ । ଦର୍ଶନ କ । ବଧ କ । ଦାନ କ । ( ଈଷତି ) ଉଞ୍ଛଜୀବିକା କ । ପ୍ରେଷ୍ୟ, ପ୍ରେଷିତ ।

ଈହ, (ଈହତେ) ଚେଷ୍ଟା କ । ସମୀହା, ନିରୀହ ।

---

## ଉ

ଉ, (ଉବତେ ) ଶବ୍ଦ କ ।

ଉକ୍ଷ, ( ଉକ୍ଷତି ) ଜଳସେକ କ । ପରିଷ୍କାର କ । ଉକ୍ଷଣ, ଉକ୍ଷିତ ।

ଉଖ, ଉନ୍ଖ, (ଓଖତି, ଉଙ୍ଖତି) ଗମନକ । ଶୁଷ୍କ କ । ଭୂଷିତ କ । ଉଖନ, ଉଙ୍ଖନ ।

ଉଚ, (ଉଚ୍ୟତେ) ସମବେତ କ । ମିଳିତ କ । ଉଚ, ଉଚିତ ।

ଉଛ, (ଉଞ୍ଛତି) ଜୀବିକାର୍ଥ ତ୍ୟକ୍ତ ଧାନ୍ୟାଦି ଉଠାଇ ନେବା ।

ଉଚ୍ଛ, (ଉଚ୍ଛତି) ବନ୍ଧନ କ । ସମାପନ କ । ତ୍ୟାଗ କ । ଅତିକ୍ରମ କ । ଉଚ୍ଛନ ।

ଉଜ୍ଝ, ଉଦ୍ଝ, (ଉଜ୍ଝତି) ତ୍ୟାଗ କ । ଉଜ୍ଝିତ, ସମୁଜ୍ଝିତ ।

ଉଞ୍ଛ-ଉନ୍ଛ, ( ଉଞ୍ଛତି ) ଜୀବିକାର୍ଥ ତ୍ୟକ୍ତ ଧାନ୍ୟାଦି ଉଠାଇ ନେବା; ଉଞ୍ଛ ।

ଉଠ, (ଓଠତି) ଉପଘାତ କ । ଓଠନ, ଉଠିତ ।

ଉଡ, (ଓଡ଼ତି) ଗଣି କ ।

ଉଜ୍ଝ, (ଉଜ୍ଝତି) ପରିତ୍ୟାଗ କ ।

ଉଦ୍‌ଜ, (ଉଜ୍ଜତି) ଋଜୁ କ ।

ଉଧ୍ରସ୍, (ଉଧ୍ରସ୍ନତି, ଉଧ୍ରାସୟତି) ଉଞ୍ଛଜୀବିକା କ । ଉତ୍କ୍ଷେପଣ କ । ଉଧ୍ରସନ ।

ଉନ୍ଦ, ( ଉନତ୍ତି ) କ୍ଳିନ୍ନହ, ଆର୍ଦ୍ର ହେ । ଉଦକ, ସମୁଦ୍ର ।

ଉବ୍ଜ, (ଉବ୍ଜତି) ଋଜୁ ହେ । ଉବ୍ଜିତ ।

ଉଭ୍, ( ଉଭତି ) ପରିପୂର୍ତ୍ତି ହେ । ଓଭନ, ଉଭ, ଉଭିତ ।

ଉମ୍ଭ-ଉନ୍‌ଭ, ( ଉମ୍ଭତି ) ପରିପୂର୍ତ୍ତି ହେ । ଉମ୍ଭନ, ଉଭିତ ।

ଉର, (ଉରତି, ଓରତି) ଗମନ କ ।

ଉର୍ଦ୍ଦ୍, (ଉର୍ଦ୍ଦତେ) ପରିମାଣ କ । କ୍ରୀଡ଼ା କ । ଆସ୍ୱାଦନ କ । ଉର୍ଦ୍ଦନ, ଉର୍ଦ୍ଦିତ ।

ଉର୍ବ୍, (ଉର୍ବତି) ଅଘାତ କ । ବଧ କ । ଉର୍ବଣ ।

ଉଲ, (ଉଲତି, ଓଲତି) ଦଗ୍ଧ କ ।

ଉଷ, (ଓଷତି) ବଧ କ । ନଷ୍ଟ କ । ଉଷ୍ମ, ଉଷ୍ଣକ ।

ଉହ୍, (ଓହତି) ପୀଡ଼ନ କ । ବଧ କ । ଓହନ, ଉହିତ ।

---

## ଊ

ଊନ, (ଊନୟତି) ସ୍ୱଳ୍ପ କ । ଖଣ୍ଡ କ । ପରିମାଣ କ । ଊନ, ନ୍ୟୂନ ।

ଊୟୀ, ( ଊୟତେ ) ସୀବନ କ । ଊୟନ ।

ଊର୍ଜ୍ଜ, ( ଊର୍ଜ୍ଜୟତି ) ଜୀବିତ ହେ । ବଳିଷ୍ଠ ହେ । ତେଜସ୍ୱୀ ହେ । ଊର୍ଜ୍ଜସ୍ ।

ଊର୍ଣ୍ଣୁ, ( ଊର୍ଣ୍ଣୋତି, ଊର୍ଣ୍ଣୌତି, ଊର୍ଣ୍ଣୁତେ ) ଆଚ୍ଛାଦନ କ । ଊର୍ଣ୍ଣା ।

ଊଷ, (ଊଷତି) ପୀଡ଼ା ହେ । ରୋଗୀ ହେ । ଊଷଣ, ଊଷିତ ।

ଊହ, ( ଊହତେ ) ତର୍କ କ । ଊହ୍ୟ କ । ଊହନ, ଊହ୍ୟ, ଊହିତ ।

---

## ଋ

ଋ, ( ଋଚ୍ଛତି ) ଗମନ କ । ପ୍ରାପ୍ତି; (ଇୟର୍ତ୍ତି) ଗମନ କ । (ଋଣୋତି) ବଧ କ ।

ଋକ୍ଷ୍, (ଋକ୍ଷ୍ଣୋତି) ବଧ କ । ଋକ୍ଷଣ, ଋକ୍ଷ ।

ଋଚ୍, (ଋଚତି) ପ୍ରଶଂସା କ । ସ୍ତବ କ । ଆଚ୍ଛାଦନ କ । ଋକ୍ ।

ଋଚ୍ଛ, (ଋଚ୍ଛତି) ଗମନ କ । କଠିନ ହେ । ମୂର୍ଚ୍ଛାପନ୍ନ ହେ । ଋଚ୍ଛନ ।

ଋଜ୍, (ଅର୍ଜତେ) ଗମନ କ । ଉପାର୍ଜନ କ । ସ୍ଥିର ହେ । ବଳିଷ୍ଠ ହେ । ଜୀବିତ ଥିବା; (ଋଜତେ, ଋଞ୍ଜତେ) ଉର୍ଜ୍ଜନ କ । ଅର୍ଜନ, ଋଜୁ ।

ଋଣ୍, (ଅର୍ଣ୍ଣୋତି, ଅର୍ଣ୍ଣୁତେ, ଋଣୋତି-ଣୁତେ) ଗମନ କ । ଋଣ ।

ଋତ୍, (ଋତତି) ଗମନ କ । ସ୍ପର୍ଦ୍ଧା କ । ଘୃଣା କ । ପ୍ରଭୁତ୍ୱ କ । ଋତୁ ।

ଋଧ୍, (ଋଧ୍ୟତି, ଋଧ୍ନୋତି) ବୃଦ୍ଧି ପାଇବା । ଋଦ୍ଧି, ସମୃଦ୍ଧି ।

ଋଫ୍, (ଋଫତି) ଦାନ କ । ଶ୍ଳାଘା କ । ବଧ କ । ଯୁଦ୍ଧ କ । ଅର୍ପଣ ।

ଋମ୍ଫ-ଋନ୍ଫ, ( ଋମ୍ଫତି )ବଧ କ । ଶ୍ଳାଘା କ । ଋମ୍ଫଣ ।

ଋଶ, (ଅର୍ଶତି) ଗମନ କ । ସ୍ମରଣ କ ।

ଋଷ, (ଅର୍ଷତି) ଗ୍ରହଣ କ । (ଋଷତି) ଗମନ କ । ଋଷି ।

---

## ୠ

ୠ, (ୠଣୋତି) ଗମନ କ ।

---

## ଏ

ଏଜ, ( ଏଜତେ ) ଦୀପ୍ତି ପାଇବା; ( ଏଜତି ) କମ୍ପିତ ହେ । ଜନମେଜୟ ।

ଏଠ୍, ( ଏଠଢେ ) ବାଧା ଦେବା; ପ୍ରତାରଣା କ ।
ଏଠନ, ଏଠିତ ।

ଏଧ, (ଏଧଢେ) ବୃଦ୍ଧି ପାଇବା । ଏଧସ୍ ।

ଏଷୃ, (ଏଷଢେ) ଗମନ କ । ଏଷଣ, ଏଷିତ ।

---

# ଓ

ଓଖୃ, (ଓଖଢ) ଶୁଷ୍କ ହେବା; ସମର୍ଥ ହେ ; ପର୍ଯ୍ୟାପ୍ତ ହେ ; ବ୍ୟର୍ଥ ହେ । ଓଖନ, ଓଖିତ ।

ଓଜ, (ଓଜଢ) ଜୀବିତ ଥିବା; ସମର୍ଥ ହେବା । ଓଜସ୍ ।

ଓଣ, (ଓଣଢ) ଅପସାରଣ; ସ୍ଥାନାନ୍ତରକରଣ । ଓଣିତ ।

ଓଲଡ-ଓଲନ୍ଡ, (ଓଲଣ୍ଡଢ, ଓଲଣ୍ଡୟୃଢ) କ୍ଷେପଣ କ । ଓଲଣ୍ଡିତ ।

ଓଲଜ୍ଜ, (ଓଲଞ୍ଜଢ) ଉର୍ଦ୍ଧ୍ୱକ୍ଷେପଣ କ । ଓଲଞ୍ଜିତ ।

# କ

କକ୍, (କକଢେ) ଅହଙ୍କାର କ ; ଚଞ୍ଚଳ ହେ ; ଇଚ୍ଛା କ ; ( କନ୍କ-କଙ୍କଢେ ) ଗମନ କ ; ପ୍ରାପ୍ତି । କାକ, କକନ ।

କକ୍ୱ, (କକ୍ୱଢ) ହାସ୍ୟ କ । କକ୍ୱନ, କକ୍ୱିତ ।

କକ୍ଖ୍, ( କକ୍ଖଢ ) ହାସ୍ୟ କ । କକ୍ଖନ, କକ୍ଖିତ ।

କକ୍ୱ୍, (କକ୍ୱଢ) ହାସ୍ୟ କ । କକ୍ୱନ, କକ୍ୱିତ ।

କଖ୍, (କଖଢ) ହାସ୍ୟ କ । କଖନ, କଖିତ ।

କଗ, (କଗଢ) କରିବା । କଗନ, କଗିତ ।

କଚ୍, ( କଚଢେ ) ବନ୍ଧନ କ; ଦୀପ୍ତି ପା; ଶବ୍ଦ କ; (କନ୍ଚ-କଞ୍ଚଢେ) ବନ୍ଧନ କ; ଦୀପ୍ତି ପା; କୁଚନ, କଚିତ, କାଞ୍ଚନ, କଞ୍ଚୁକ ।

କଜ, (କଜଢ) ଦୁଃଖ କମ୍ବା ଆହ୍ଲାଦରେ ଅବଭୂତ ହେବା ।

କଞ୍ଜ-କନ୍ଜ, ( କଞ୍ଜଢ ) ଉତ୍ପନ୍ନ ହେବା । କାଞ୍ଜି, କଞ୍ଜିକ ।

କଠି, (କଠଢ) ଆଚ୍ଛାଦନ କ; ବର୍ଷଣ କ; ଗମନ କ; କଷ୍ଟରେ ଜୀବିତ ରହିବା; (କନ୍ଠ-କଣ୍ଠଢ) ଗମନ କ । କଠନ, କଣ୍ଠନ, କଣ୍ଠକ ।

କଠ୍, (କଠଢ) ଦୁଃଖ ପାଇବା; (କନ୍ଠ-କଣ୍ଠଢ-ଢେ, କଣ୍ଠୟୃଢ) ଉତ୍କଣ୍ଠିତ ହେ । କଠ, କଠିତ, କଠିନ, କଠୋର, କଣ୍ଠ, ଉତ୍କଣ୍ଠା ।

କଡ୍, ( କଡ଼ଢ ) ଭକ୍ଷଣ କ; ଅହଙ୍କୃତ ହେ; ( କନ୍ଡ-କଣ୍ଡଢ ) ହୃଷ୍ଟ ହେ; ମତ୍ତ ହେ; ନମ୍ରକ୍ଷକ; ( କଣ୍ଡୟୃଢ ) ବଣ୍ଟନ କ; ରକ୍ଷା କ । କଡନ, କଡ଼ିତ, କଣ୍ଡନ, କଣ୍ଡିତ, କଣ୍ଡନୀ ।

କଡ୍ଡ, କଦ୍ଡ, (କଡ୍ଡଢ) କଠିନ ହେବା । କଡ୍ଡନ, କଡ୍ଡିତ ।

କଣ, (କଣଢ) ଶବ୍ଦ କ; ଆର୍ତ୍ତନାଦ କ; ଗମନ କ; (କଣୟୃଢ) ନୟନ ମୁଦ୍ରିତ କ । କଣ, କଣିତ ।

କତ୍ଥ, (କତ୍ଥଢେ) ପ୍ରଶଂସା କ; ଶ୍ଲାଘ୍ୟ କଥନ; ଅହଙ୍କାର କ । କତ୍ଥନ, ବିକତ୍ଥନ ।

କଶ୍ର, (କଶ୍ରୟୃଢ) ଶିଥିଳ କ । କଶ୍ରଣ, କଶ୍ରଣୀ ।

କଥ, (କଥୟୃଢ) କଥା କହିବା । କଥନ, କଥିତ ।

କଦ୍, (କଦଢେ) ବ୍ୟାକୁଳ ହେ; ରୋଦନ କ; ବିକଳ ହେ; ବଧ କ; ଆହ୍ୱାନ କ; (କନଦ-କଦଢ) ବ୍ୟାକୁଳ ହେବା ଇତ୍ୟାଦି । କଦନ, କଦମ୍ବ, କନ୍ଦନ ।

କନ୍, (କନଢ) ଦୀପ୍ତି ପାଇବା; ଇଚ୍ଛା କ; ଗମନ କ । କନକ ।

କପ-କନ୍ପ, (କମ୍ପଢେ) କମ୍ପନ; (କପଢ) ଚଳନ । କମ୍ପ, କମ୍ପନ, କମ୍ପିତ ।

କବ୍, (କବଢେ) ରଞ୍ଜିତ କ; ସ୍ତବ କ; ଚିତ୍ର କ । କବି, କବନ ।

କମ୍ବ, (କମ୍ବଢ) ଗମନ କ । କମ୍ବନ, କମ୍ବିତ ।

କର୍କ, (କର୍କଢ) ହାସ୍ୟ କ ।

କର୍ଘ, (କର୍ଘଢ) ଗମନ କ ।

କର୍ତ୍ତ, (କର୍ତ୍ତଢ) ଦୁଃଖ ଦେବା । କର୍ତ୍ତ, କର୍ତ୍ତିତ ।

କର୍ଣ୍ଣ, (କର୍ଣ୍ଣୟୃଢ, କର୍ଣ୍ଣାପୟୃଢ) ଭେଦ କ; (ଆ-ପୂର୍ବ) ଶ୍ରବଣ କ । ଆକର୍ଣ୍ଣନ, କର୍ଣ୍ଣିକା ।

କର୍ତ୍ତ୍, (କର୍ତ୍ତପୃଞ, କର୍ତ୍ତିପୟୃଞ) ଶିଥିଲ କ; ପୃଥକ୍ କ ।

କର୍ଦ୍ଦ୍, (କର୍ଦ୍ଦମ୍ବୃଞ, କର୍ଦ୍ଦାପପୃଞ) ଶୈଥିଲ ହେ । କର୍ଦ୍ଦିଶ, କର୍ଦ୍ଦଣା ।

କର୍ଦ୍ଦ୍, (କର୍ଦ୍ଦଞ) କୁତ୍ସିତ ଶବ୍ଦ କ । କର୍ଦ୍ଦନ ।

କର୍ବ୍, (କର୍ବଞ) ଗମନ କ; ଅହଙ୍କାର କ । କର୍ବଣ; କର୍ବିତ । ପ୍ରେରଣ କ ।

କଲ, (କଲଞ) ଶବ୍ଦ କ; (କାଲୟୃଞ) କ୍ଷେପଣ କ; ପ୍ରେରଣ କ; (କଲୟୃଞ) ଗମନ କ; ଗଣନା କ । ସଂକଲନ, ବ୍ୟବକଲନ ।

କଲ୍ଲ, (କଲ୍ଲତେ) ଶବ୍ଦ କ; ଅବ୍ୟକ୍ତଶବ୍ଦ କ । କଲନ, କଲ୍ଲ, କଲ୍ଲୋଳ ।

କଶ, (କଶଞ-ତେ) ବଧ କ; ଶାସନ କ; ଗମନ କ; ଶବ୍ଦ କ । କଶନ, ବିକଶନ, ବିକଶିତ ।

କଷ, (କଷଞ-କଷୟୃଞ) ବଧ କ; ଆଘାତ କ; ଚେଷ୍ଟା କ; ପରୀକ୍ଷା କ । ବିଲୋଡନ, ବିଲେଖନ; କଷ୍ଟ, କଷାୟ, ଅଭ୍ରଙ୍କଷ ।

କସ, (କସଞ) ଗମନ କ; (କଂସ-କଂସ୍ତେ) ଗମନ କ; ଆଦେଶ କ; ଧ୍ୱଂସ କ । ବିକସିତ, ବିକସ୍ୱର ।

କାକ୍ଷ-କାଙ୍କ୍ଷ, (କାଙ୍କ୍ଷଞ) ଇଚ୍ଛା କ । ଆକାଙ୍କ୍ଷା, ଆକାଙ୍କ୍ଷିତ ।

କାଚ, (କାଚତେ) ଦୀପ୍ତି ପାଇବା; ବନ୍ଧନ କ ।

କାଲ, (କାଲପୃଞ) ସମୟ ଗଣନା କ । କାଲ, କାଳୀ, କାଳିକା ।

କାଶ, (କାଶତେ) ଦୀପ୍ତି ପାଇବା । ପ୍ରକାଶ, ବିକାଶ, ସଙ୍କାଶ, ନିକାଶ ।

କାସ, (କାସତେ) କୁତ୍ସିତ ଶବ୍ଦ କ; ଦୀପ୍ତି ପାଇବା । କାସ, କାସନ ।

କି, (ଚିକେଞ) ଜ୍ଞାତ ହେବା, ଜାଣିବା ।

କିଟ୍, (କେଟଞ) ଗମନ କ; ଭୀତ କ ।

କିତ୍, (ଚିକିତ୍ସଞ) ଚିକିତ୍ସା କ; ରୋଗୋପନୟନ କ; ନଷ୍ଟ; ଭର୍ତ୍ସନା କ; ସନ୍ଦେହ କ; (ଚିକେତଞ) ଜାଣିବା; (କେତୟୃଞ) ବାସ ଇଚ୍ଛା କ । ଚିକିତ୍ସା, ବିଚିକିତ୍ସା, ନିକେତନ, କେତୁ ।

କିଲ, (କିଲଞ) ଶୁକ୍ଳବର୍ଣ୍ଣ ହେବା; କ୍ରୀଡା କ । (କେଲୟୃଞ) କ୍ଷେପଣ କ । କେଳି ।

କିଷ୍କ, (କିଷ୍କୟୃତେ) ବଧ କ । କିଷ୍କଣ, କିଷ୍କୁ ।

କୀଟ, (କୀଟୟୃଞ) ରଞ୍ଜିତ କ; ବନ୍ଧନ କ । କୀଟ, କୀଟିତ ।

କୀଲ, (କୀଲୟୃଞ) ବନ୍ଧ କ । କୀଲକ ।

କୁ, (କବତେ, କୌତି, କୁବତେ, କୁନାଞ, କୁମୀତେ) ଶବ୍ଦ କ; ଆର୍ତ୍ତନାଦ କ, ଅବ୍ୟକ୍ତ ଶବ୍ଦ କ । କବନ, କୁବନ, କୁତ ।

କୁକ, (କୋକତେ) ଗ୍ରହଣ କ । କୋକ, କୋକନ ।

କୁଚ, (କୋଚଞ) ଉଚ୍ଚୈଃ ଶବ୍ଦ କ; ଗମନ କ; ବିଲେଖନ କ; ଅସ୍ପଷ୍ଟ ଜ୍ଞ ହେବା; ବୋଧ କରିବା; ସଙ୍କୁଚିତ ହେବା; ସ୍ତବ୍ଧ ହେବା; ସ୍ପର୍ଶ କ; କୁଟିଳ ହେବା । କୁଚ, ସଙ୍କୋଚ; ସଙ୍କୁଚିତ ।

କୁଜ, (କୋଜଞ) ହରଣ କ; (କୁଞ୍ଜଞ) ଅବ୍ୟକ୍ତ ଶବ୍ଦ କ ।

କୁଞ୍ଚ, କୁନ୍ଚ, (କୁଞ୍ଚଞ) ଗମନ କ; ବକ୍ରଭାବେ ଗମନ କ; କୁଟିଳ ହେବା; ସଂକ୍ଷେପ କ । ସଙ୍କୋଚ, ସଙ୍କୁଚିତ, ଆକୁଞ୍ଚିତ ।

କୁଠ, (କୁଠତି) କୁଟିଳ ହେବା; ବଞ୍ଚନା କ; (କୁନ୍ଠ; କୁଣ୍ଠଞ) ବୋଧ କ; ବିହ୍ୱଳ ହେବା; (କୁଠୟୃତେ, କୋଠୟୃଞ) ଛେଦ କ; ଛାପିତ କ । କୁଟିଳ, କୁଟୀର ।

କୁଟ୍ଟମ, (କୁଟ୍ଟମ୍ବୟୃତେ) ଧାରଣ କ; ପୋଷଣ କ ।

କୁଟ୍ଟ, (କୁଟ୍ଟୟୃଞ) ଛେଦ କ; ବିଭାଗ କ; ଚୂର୍ଣ୍ଣ କ; ନିନ୍ଦା କ । କୁଟ୍ଟନ, କୁଟ୍ଟିତ ।

କୁଠ-କୁନ୍ଠ, (କୁଣ୍ଠୟୃଞ) ଲେଙ୍ଗଡା ହେବା; ଅଳସ ହେ; ବିକଳ ହେବା; (କୁଣ୍ଠପୃଞ) ବେଷ୍ଟନ କ । କୁଠାର, କୁଣ୍ଠିତ, ବୈକୁଣ୍ଠ ।

କୁଡ, (କୁଡପୃଞ) ଶୃପଲବ୍ଧ ପ୍ରକାଶ କ; ଭୋଜନ କ; ରାଶି କ; (କୁନ୍ଡ-କୁଣ୍ଡଞ) ବିକଳ ହେବା;

ଅପଟୁ ହେବା; (କ୍ଷୁଣ୍ଣୁରେ) ଦଗ୍ଧ କ; (କ୍ଷୁଣ୍ଣୁଯୃତ) ରକ୍ଷା କ । କ୍ଷୁଡନ, କ୍ଷୁଡତ, କ୍ଷୁଣ୍ଣିତ ।

କ୍ଷୁଣ, ( କ୍ଷୁଣତ ) ଶବ୍ଦ କ; ଉପକାର କ; (କ୍ଷୁଣଯୃତ) ବାକ୍ୟାଲାପ କ; ପରାମର୍ଶ କ । କ୍ଷୁଣିତ ।

କ୍ଷୁଥ୍, (କୋଥତ) ଅଚ୍ଛାଦନ କ ।

କ୍ଷୁଭସ, (କ୍ଷୁଭସଯୃତ-ତେ) ନିନ୍ଦା କ; ଲାଞ୍ଛନା କ । କ୍ଷୁଭସା, କ୍ଷୁଭସିତ ।

କ୍ଷୁଥ, (କ୍ଷୁଥ୍ୟତ) ଦୁର୍ଗନ୍ଧ ହେବା; (କ୍ଷୁଥ୍ନାତ) ଦୁଃଖିତ କ; ( କ୍ଷୁନ୍ଥ-କ୍ଷୁନ୍ଥତ ) ବଧ କ; ଆଘାତ କ ; କ୍ଲେଶ ଦେବା । କ୍ଷୁନ୍ଥନ ।

କ୍ଷୁଦ୍, (କୋଦଯୃତ) ମିଥ୍ୟା କହିବା ।

କ୍ଷୁଦ୍ର, କ୍ଷୁନ୍ଦ୍ର, (କ୍ଷୁନ୍ଦ୍ରଯୃତ) ମିଥ୍ୟା କହିବା । କ୍ଷୁନ୍ଦ୍ରଣ, କ୍ଷୁନ୍ଦ୍ରିତ ।

କ୍ଷୁନ୍ଥ, (କ୍ଷୁଥ୍ନାତ) ଦୁଃଖିତ ହେବା; ଲୟ କ । କ୍ଷୁନ୍ଥନ, କ୍ଷୁନ୍ଥିତ ।

କ୍ଷୁନ୍ସ, ( କ୍ଷୁଂସଯୃତ ) ଦୀପ୍ତି ପାଇବା । କ୍ଷୁଂସନ, କ୍ଷୁଂସିତ ।

କ୍ଷୁପ, (କ୍ଷୁପ୍ୟତ) କୁପିତ ହେବା; (କୋପଯୃତ) ଦୀପ୍ତି ପାଇବା; (କ୍ଷୁନ୍ପ-କ୍ଷୁମ୍ପତ, କ୍ଷୁମ୍ପଯୃତ) ଆଚ୍ଛାଦନ କ; ସ୍ମରଣ କ । କୋପ, କୋପନ, କ୍ଷୁମ୍ପନ ।

କ୍ଷୁବ, କ୍ଷୁନ୍ବ, (କ୍ଷୁମ୍ବତ, କ୍ଷୁମ୍ବଯୃତ) ଆଚ୍ଛାଦନ କ । କ୍ଷୁମ୍ବନ, କ୍ଷୁମ୍ବିତ ।

କ୍ଷୁଭ, କ୍ଷୁନ୍ଭ, (କ୍ଷୁମ୍ଭଯୃତ) ଆଚ୍ଛାଦନ କ । କ୍ଷୁମ୍ଭ ।

କ୍ଷୁମାର, (କ୍ଷୁମାରଯୃତ) ଉପଲବ୍ଧ ପ୍ରକାଶ କ । କ୍ଷୁମାର, କ୍ଷୁମାରୀ ।

କ୍ଷୁମାଲ, (କ୍ଷୁମାଲଯୃତ) ଉପଲବ୍ଧ ପ୍ରକାଶ କ ।

କ୍ଷୁର୍, (କ୍ଷୁରତ) ଶବ୍ଦ କ । କୋରଣ, କ୍ଷୁରତ ।

କ୍ଷୁର୍ଦ୍ଦ, କୁର୍ଦ୍ଦ, (କୁର୍ଦ୍ଦତେ) କ୍ରୀଡା କ । କୁର୍ଦ୍ଦନ, କୁର୍ଦ୍ଦିତ ।

କ୍ଷୁଲ, (କୋଲତ) ଗଣି କ; ବନ୍ଧୁ ହେ । କୁଲୀନ, ଆକୁଳ, ବ୍ୟାକୁଳ ।

କ୍ଷୁଶ, (କ୍ଷୁଶ୍ୟତ) ଆଲିଙ୍ଗନ କ; ସଂଲଗ୍ନ ହେବା; (କ୍ଷୁନ୍ଶ-କ୍ଷୁଂଶତ, କୁଂଶଯୃତ) ଦୀପ୍ତି ପା । କୁଶଳ, କୌଶଳ ।

କ୍ଷୁଷ, (କୁଷ୍ଣାତ) ବହିର୍ଗତ କ; ଓଲଜନ କ; ସ୍ଥିର କ; ଦୀପ୍ତି ପାଇବା । ନିଷ୍କୋଷ, କୁଷିତ ।

କ୍ଷୁସ, ( କୁସ୍ୟତ ) ଆଲିଙ୍ଗନ କ; ସଂଲଗ୍ନ କ; ( କୁନ୍ସ-କୁଂସତ, କୁଂସଯୃତ ) ଦୀପ୍ତି ପାଇବା । କୋସନ, କୁସିତ, କୁଂସନ ।

କୁସ୍ମ, (କୁସ୍ମଯୃତ) କୁହାସ୍ୟ କ; କୁଦୃଷ୍ଟି କ । କୁସ୍ମନ ।

କ୍ଷୁହ, (କ୍ଷୁହଯୃତେ) ବିସ୍ମୟ କ; କୁଦୃଷ୍ଟି କ । କୁହକ, କୁହକୀ ।

କୂ, (କୁବତେ, କୁନାତି-ନୀତ) ଶବ୍ଦ କ; ଆର୍ତ୍ତନାଦ କ ।

କୂଜ୍, (କୂଜତ) ଶବ୍ଦ କ । କୂଜନ, କୂଜିତ ।

କୂଟ୍, (କୂଟଯୃତେ) ଅପ୍ରଦାନ କ; ଅପ୍ରସନ୍ନ ହେବା; (କୁଟଯୃତ) ଯାତନା ଦେବା; ଦଗ୍ଧ କ; ଆହ୍ୱାନ କ । କୁଟନ, କୂଟିତ ।

କୂଡ଼, (କୁଡତ) ଘନୀଭୂତ କ; ଭୋଜନ କ; ପ୍ରଚରଣ କ । କୂଡ଼ନ ।

କୂଣ, କୂନ, (କୂନଯୃତ) ସଙ୍କୋଚ କ । କୂଣନ ।

କୂପ, (କୂପଯୃତ) ଦୁର୍ବଳ ହେବା ।

କୂର୍ଦ୍ଦ, (କୂର୍ଦ୍ଦତେ) କ୍ରୀଡ଼ା କ । କୂର୍ଦ୍ଦନ, କୂର୍ଦ୍ଦିତ ।

କୂଲ, (କୂଲତ) ଆଚ୍ଛାଦନ କ । ଅନୁକୂଳ, ପ୍ରତିକୂଳ ।

କୃ, ( କୃଣୋତି-ଣୁତେ ) ବଧ କ; ( କରୋତି, କୁରୁତେ) କରିବା । କୃତ, ଅଧିକାର, କର୍ମ କ୍ରିୟା, କରଣ, କର୍ତ୍ତା ଇତ୍ୟାଦି ।

କୃଡ, (କୃଡତ) ସ୍ଥୂଳ ହେବା; ଭକ୍ଷଣ କ ।

କୃତ୍, (କୃଣତ) ବେଷ୍ଟନ କ; (କୃନ୍ତତ) ଛେଦ କ । କର୍ତ୍ତନ, କୃତ୍ତ ।

କୃପ, (କଳ୍ପତେ) ଯୋଗ୍ୟ ହେବା; (କଳ୍ପତ, କଳ୍ପଯୃତ ) କଳ୍ପନା କ; ମିଶ୍ରିତ କ; ଚିହ୍ନ କ; (କୃପତ) ଦୟା କ; (କୃପଯୃତ, ଦୁର୍ବଳ ହେବା । କୃପଣ, କୃପାଣ, କଳ୍ପନା ।

କୃବ, କୃନ୍ବ, (କୃଣୋତି) ବଧ କ; ଗମନ କ; କରିବା; ଯାତନା ପାଇବା । କଣ୍ୱନ ।

**କୃଶ**, (କୃଶ୍ୟତି) କ୍ଷୀଣ କ; ଦୁର୍ବଳ ହେବା । କୃଶ, କୃଶାଙ୍ଗୀ ।

**କୃଷ**, (କର୍ଷତି, କୃଷତି-ତେ) କର୍ଷଣ କ; ଆକର୍ଷଣ କ; ଭୂମି ଚଷିବା । କର୍ଷଣ, ଆକର୍ଷଣ, କୃଷି, ଉତ୍କୃଷ୍ଟ, କୃଷାଣ, କୃଷ୍ଣ ଇତ୍ୟାଦି ।

**କୄ**, (କରତି) କ୍ଷେପଣ କ; (କୃଣାତି, କୃଣୀତେ) ବଧ କ; (କାରୟତେ) ଜାଣିବା, (ଆ-ପୂର୍ବ) ଆହ୍ୱାନ କ; (ସମ୍, ପ୍ର-ପୂର୍ବ) ମିଶ୍ରଣ । କୀର୍ଣ୍ଣ, ଆକୀର୍ଣ୍ଣ, ପ୍ରକୀର୍ଣ୍ଣକ ।

**କୄତ**, (କୀର୍ତ୍ତୟତି) କୀର୍ତ୍ତନ କ; ବିଖ୍ୟାତ ହେବା । କୀର୍ତ୍ତନ, ସଙ୍କୀର୍ତ୍ତନ, କୀର୍ତ୍ତି ।

**କେତ**, (କେତୟତି) ଆହ୍ୱାନ କ; ପରାମର୍ଶ ଦେବା; ନିମନ୍ତ୍ରଣ କ । କେତନ ।

**କେପ**, (କେପତେ) କମ୍ପିତ ହେବା, ଗମନ କ । କେପନ, କେପିତ ।

**କେଲ**, (କେଲତି) କମ୍ପିତ ହେବା, ଗମନ କ । କେଲନ, କେଲିତ ।

**କେବ**, (କେବତେ) ସେବା କ । କେବନ, କେବିତ ।

**କୈ**, (କାୟତି) ଶବ୍ଦ କ । କାତ ।

**କ୍ନଥ**, (କ୍ନଥତି, କ୍ନଥୟତି) ବଧ କ । କ୍ନଥନ, କ୍ନଥିତ ।

**କ୍ନସ**, (କ୍ନସ୍ୟତି) କୁଟିଳ ହେ; ଦୀପ୍ତି ପାଇବା; (କ୍ନସ-କ୍ନଂସୟତି) ଦୀପ୍ତି ପାଇବା । କ୍ନସନ, କ୍ନଂସନ, କ୍ନସିତ ।

**କ୍ନୁ**, (କ୍ନୁନାତି-ନୀତେ) ଶବ୍ଦ କ । କ୍ନୁତ ।

**କ୍ନୂ**, (କ୍ନୂନାତି-ନୀତେ) ଶବ୍ଦ କ । କ୍ନୂତ ।

**କ୍ନୂୟ**, (କ୍ନୂୟତେ) ଶବ୍ଦ କ; ଦୁର୍ଗନ୍ଧି ହେବା; ଆର୍ଦ୍ର ହେବା । କ୍ନୋୟନ, କ୍ନୋୟିତ ।

**କ୍ମର**, (କ୍ମରତି) କୁଟିଳ ହେବା । କ୍ମରଣ ।

**କ୍ରଥ**, (କ୍ରଥୟତି-ତେ, କ୍ରାଥୟତି-ତେ, କ୍ରଥତି) ବଧ କ; ହିଂସା କ । କ୍ରଥନ, କ୍ରଥିତ ।

**କ୍ରନ୍ଦ**, (କ୍ରନ୍ଦତେ) ବିହ୍ୱଳ ହେବା; ଦୁଃଖ କ; (କ୍ରନ୍ଦ-କ୍ରନ୍ଦତି) ଆହ୍ୱାନ କ; କ୍ରନ୍ଦନ କ । କ୍ରନ୍ଦା, କ୍ରନ୍ଦନ ।

**କ୍ରନ୍ଦ**, (ଆ-ପୂର୍ବ, ଆକ୍ରନ୍ଦତି-ଆକ୍ରନ୍ଦୟତି) କ୍ରନ୍ଦନ କ; ପୁନଃ୨ ଆହ୍ୱାନ କ । ଆକ୍ରନ୍ଦନ ।

**କ୍ରପ**, (କ୍ରପତେ) ଦୟା କ; ଗମନ କ । କୃପା, କୃପାଳୁ ।

**କ୍ରମ**, (କ୍ରାମତି, କ୍ରାମ୍ୟତି, କ୍ରମ୍ୟତି, କ୍ରମତେ) ଗମନ କ । ଆକ୍ରମଣ, କ୍ରମ, ସଂକ୍ରାନ୍ତ ।

**କ୍ରୀ**, (କ୍ରୀଣାତି, କ୍ରୀଣୀତେ) କ୍ରୟ କ; (ବି-ପୂର୍ବ) ବିକ୍ରୟ କ । କ୍ରୟ, ବିକ୍ରୟ, କ୍ରୀତ ।

**କ୍ରୀଡ଼**, (କ୍ରୀଡତି-ତେ) ଖେଳା କ । କ୍ରୀଡ଼ା, କ୍ରୀଡନ, ଆକ୍ରୀଡ ।

**କ୍ରୁଞ୍ଚ**, (କ୍ରୁଞ୍ଚତି) ଗମନ କ; ବକ୍ର କ; ଗୁଚ୍ଛ ହେ । କ୍ରୁଞ୍ଚନ, କ୍ରୁଚିତ ।

**କ୍ରୁଡ**, (କ୍ରୁଡତି) ଶୃପଲ୍ୟ ପ୍ରକାଶ କ; ଭ୍ରେଜନ କ; ସ୍ଥୁଳ ହେ ।

**କ୍ରୁଧ**, (କ୍ରୁଧ୍ୟତି) କ୍ରୁଧ ହେ । କ୍ରୋଧ, କ୍ରୁଦ୍ଧ, କ୍ରୋଧୀ ।

**କ୍ରୁନ୍ଥ**, (କ୍ରୁନ୍ଥାତି) ଶ୍ଲିଷ୍ଟ ହେ; କ୍ଲିଷ୍ଟ ହେ । କ୍ରୁନ୍ଥନ ।

**କ୍ରୁଶ**, (କ୍ରୋଶତି) ଚିତ୍କାର କ; ରୋଦନ କ । ଆକ୍ରୋଶ, କ୍ରୋଷ୍ଟା ।

**କ୍ଲଥ**, (କ୍ଲଥତି) ବଧ କ । କ୍ଲଥନ, କ୍ଲଥିତ ।

**କ୍ଲଦ-କ୍ଲନ୍ଦ**, (କ୍ଲଦତେ-କ୍ଲନ୍ଦତେ) ବ୍ୟାକୁଳ ହେ । କ୍ଲଦନ, ବିକଳ ହେ ।

**କ୍ଲପ**, (କ୍ଲାପୟତି) କଥନ ।

**କ୍ଲମ**, (କ୍ଲମ୍ୟତି, କ୍ଲାମ୍ୟତି, କ୍ଲାମତି) କ୍ଲାନ୍ତ ହେ । କ୍ଲାନ୍ତି, ଆକ୍ଲାନ୍ତ ।

**କ୍ଲବ**, (କ୍ଲବତେ) ଭୀତ ହେ । ବିକ୍ଲବ ।

**କ୍ଲିଦ-କ୍ଲିନ୍ଦ**, (କ୍ଲିନ୍ଦତେ-ତି) ଶୋକ କ; ରୋଦନ କ; (କ୍ଲିଦ୍ୟତି) ଆର୍ଦ୍ର ହେ । କ୍ଲେଦ, କ୍ଲିନ୍ନ ।

**କ୍ଲିଶ**, (କ୍ଲିଶ୍ୟତେ) କ୍ଲେଶ ପା; (କ୍ଲିଶ୍ନାତି) ପୀଡନ କ । କ୍ଲେଶ, କ୍ଲେଶିତ, କ୍ଲିଷ୍ଟ ।

**କ୍ଲୀବ**, (କ୍ଲୀବତେ) କୁଣ୍ଠିତ ହେ; ଅପ୍ରଗଲ୍ଭ ହେ । କ୍ଲୀବ ।

**କ୍ଲେଶ**, (କ୍ଲେଶତେ) ଉପତପ୍ତ ହେ; ବଧ କ; ବାଧା କ; ଅବ୍ୟକ୍ତ ଶବ୍ଦ କ । କ୍ଲେଶନ ।

**କ୍ୱଣ**, (କ୍ୱଣତେ) ଶବ୍ଦ କ । କ୍ୱଣ, କ୍ୱାଣ, ପ୍ରକ୍ୱଣ, କ୍ୱଣିତ ।

କ୍ୱଥ, ( କ୍ୱଥତି ) କ୍ୱାଥ ବାହାର କ । କ୍ୱଥିତ, କ୍ୱାଥ ।

କ୍ୱେଲ, ( କ୍ୱେଲତି ) କମ୍ପିତ ହେ । କ୍ୱେଲନ, କ୍ୱେଲିତ ।

କ୍ଷଜ, (କ୍ଷଜତେ) ଗମନ କ; ଦାନ କ । କ୍ଷଜା ।

କ୍ଷଣ-କ୍ଷନ, (କ୍ଷଣତି-କ୍ଷନୁତି) ବଧ କ । କ୍ଷତ, କ୍ଷତ ।

କ୍ଷନ୍ଜ, ( କ୍ଷଞ୍ଜୟତି ) କଷ୍ଟରେ କାଳଯାପନ କ । (କ୍ଷଞ୍ଜତେ) ଦାନ କ; ଗମନ କ । କ୍ଷଞ୍ଜା ।

କ୍ଷଦ, (କ୍ଷଦତି) ଭୋଜନ କ; ଖଣ୍ଡ କ; ଆଚ୍ଛାଦନ କ । କ୍ଷତ୍ତା, କ୍ଷଦ୍ମ ।

କ୍ଷନ୍ଫ, ( କ୍ଷମ୍ପତି-କ୍ଷମ୍ପୟତି ) କ୍ଷମା କ; ଦୁଃଖିତ ହେ; ଦୀପ୍ତି ପା । କ୍ଷମ୍ପନ, କ୍ଷମ୍ପିତ ।

କ୍ଷପ, (କ୍ଷପୟତି-ତେ) କ୍ଷେପଣ କ; ସହ୍ୟ କ । କ୍ଷପା, କ୍ଷପଣ ।

କ୍ଷମ, (କ୍ଷମତେ-କ୍ଷାମ୍ୟତି) ସହ୍ୟ କ । କ୍ଷମା କ । କ୍ଷମା, କ୍ଷାନ୍ତ ।

କ୍ଷର, ( କ୍ଷରତି-ତେ ) କ୍ଷରଣ; ସଞ୍ଚଳନ । କ୍ଷରଣ, କ୍ଷରିତ ।

କ୍ଷଲ, ( କ୍ଷଲତି-ତେ ) ଗମନ କ; କମ୍ପନ; ଚଯ୍ନନ କ; ( କ୍ଷାଲୟତି ) ପବିତ୍ର କ; ଧୌତ କ । କ୍ଷାଳନ, ପ୍ରକ୍ଷାଳନ ।

କ୍ଷି, ( କ୍ଷିୟତି-ତେ ) କ୍ଷୟ ହେ; ପ୍ରଭୁତ୍ୱ ହେ; ବାସ କ; ଗମନ କ; ( କ୍ଷିଣୋତି ) ବଧ କ । କ୍ଷୟ, କ୍ଷୀଣ ।

କ୍ଷିଣ-କ୍ଷିନ, (କ୍ଷିଣୋତି-କ୍ଷିନୁତେ, କ୍ଷେଣୋତି-କ୍ଷେଣତେ) ବଧ କ । କ୍ଷିତ, କ୍ଷେଣିତା ।

କ୍ଷିଦ, (କ୍ଷେଦତି) ଶବ୍ଦ କ; କ୍ଷେଦ କ ।

କ୍ଷିପ, ( କ୍ଷିପ୍ୟତି-ତେ, କ୍ଷିପତି-ତେ ) କ୍ଷେପଣ କ; ପ୍ରେରଣ କ; ( ଅଧି-ଆ-ପୂର୍ବ ) ତିରସ୍କାର କ; ( ଉତ୍-ପୂର୍ବ ) ଊର୍ଦ୍ଧ୍ୱେ କ୍ଷେପଣ କ । ଆକ୍ଷେପ, ନିକ୍ଷେପ, ସଂକ୍ଷେପ, ଅଧିକ୍ଷେପ, ବିକ୍ଷିପ୍ତ ।

କ୍ଷିବ, (କ୍ଷିବତି-ତେ) ଉଦ୍ଗାର କ; ବମନ କ; ଫୁତ୍କାର କ । କ୍ଷେବଣ ।

କ୍ଷୀ, (କ୍ଷୟତି-ତେ) ବଧ କ; କ୍ଷୀଣ ହେ । କ୍ଷେତା ।

କ୍ଷୀଜ, (କ୍ଷୀଜତି-ତେ) ଅବ୍ୟକ୍ତ ଶବ୍ଦ କ । କ୍ଷୀଜନ, କ୍ଷୀଜିତ ।

କ୍ଷୀବ, (କ୍ଷୀବତେ) ମତ୍ତ ହେ; ଗର୍ବିତ; (କ୍ଷୀବତି-ତେ) ଷ୍ଠ୍ୟୁତ କଫାଦି ପକାଇବା । କ୍ଷୀବଣ, କ୍ଷୀବିତ ।

କ୍ଷୁ, (କ୍ଷୌତି) ହଞ୍ଚ । କ୍ଷୁତ, କ୍ଷବ, କ୍ଷବଥୁ ।

କ୍ଷୁଦ, (କ୍ଷୁଣତ୍ତି-କ୍ଷୁନ୍ତେ) ଚୂର୍ଣ୍ଣ କ; ଅକ୍ଷରାଦି କ୍ଷୋଦନ । କ୍ଷୋଦ, କ୍ଷୋଦିତ, କ୍ଷୋଦକ ।

କ୍ଷୁଧ, (କ୍ଷୁଧ୍ୟତି) କ୍ଷୁଧା ହେ । କ୍ଷୁଧା, କ୍ଷୁଧିତ ।

କ୍ଷୁପ, (କ୍ଷୋପତି-ତେ) ଅବସନ୍ନ ହେ ।

କ୍ଷୁଭ, ( କ୍ଷୋଭତି-ତେ ) କ୍ଷୋଭ କ; ଦୁଃଖ କ; (କ୍ଷୁଭ୍ୟତି, କ୍ଷୁଭ୍ନାତି) କମ୍ପନ । କ୍ଷୋଭ, କ୍ଷୁବ୍ଧ ।

କ୍ଷୁର, (କ୍ଷୁରତି-ତେ) ଖନନ କ; ଛେଦନ କ । କ୍ଷୁର, କ୍ଷୁରପ୍ର ।

କ୍ଷେଡ଼, (କ୍ଷେଡ଼ୟତି) ଭୋଜନ କ ।

କ୍ଷେବ, (କ୍ଷେବତି) ଷ୍ଠୀବନ ତ୍ୟାଗ କ ।

କ୍ଷୈ, (କ୍ଷାୟତି) କ୍ଷୀଣ ହେ । କ୍ଷାମ ।

କ୍ଷ୍ଣୁ, ( କ୍ଷ୍ଣୌତି ) ତୀକ୍ଷ୍ଣ କ, ( କ୍ଷ୍ଣୋତେ ) ସ୍ଥାନାନ୍ତର ହେ । କ୍ଷ୍ଣୁତ ।

କ୍ଷ୍ମାୟ, (କ୍ଷ୍ମାୟତେ) କମ୍ପନ । କ୍ଷ୍ମା ।

କ୍ଷ୍ମୀଲ, (କ୍ଷ୍ମୀଲତି) ଚକ୍ଷୁ ମୁଦ୍ରିତ ହେ । କ୍ଷ୍ମୀଲିତ ।

କ୍ଷ୍ୱେଡ଼, (କ୍ଷ୍ୱେଡ଼ତେ) ସ୍ନିଗ୍ଧ ହେ । କ୍ଷ୍ୱେଡ଼ନ ।

କ୍ଷ୍ୱିଦ, (କ୍ଷ୍ୱେଦତି-କ୍ଷ୍ୱେଦ୍ୟତି) ମୋଚନ କ; ସ୍ନିଗ୍ଧ ହେ; ଅବ୍ୟକ୍ତ ଶବ୍ଦ କ । କ୍ଷ୍ୱେଦନ, କ୍ଷ୍ୱିଣ୍ଣ ।

କ୍ଷ୍ୱୀଲ, (କ୍ଷ୍ୱେଲତି) କମ୍ପନ; କମ୍ପିବା; ଗମନ କ ।

କ୍ଷ୍ୱେଲ, (କ୍ଷ୍ୱେଲତି-ତେ) କମ୍ପନ; ଗମନ କ ।

---

## ଖ

ଖକ୍ଖ, ( ଖକ୍ଖତି ) ହାସ୍ୟ କ । ଖକ୍ଖନ, ଖକ୍ଖିତ ।

ଖଚ୍, ( ଖଚତି, ଖଚ୍ନାତି ) ପବିତ୍ର ହେ; ବିଭୂତିଯୁକ୍ତ ହେ; ଉତ୍ପନ୍ନ ହୋଇ ପୁନରୁତ୍ପନ୍ନ ହେ; (ଖଚୟତି) ବନ୍ଧନ କ । ଖଚିତ ।

ଖଜ, ( ଖଜତି ) ମନ୍ଥନ କ; ପୀଡନ କ; ବଧ କ;

(ଖନ୍ଜ-ଖଞ୍ଜତି) ଚେଷ୍ଟା ହେ । ଖଞ୍ଜନ, ଖଞ୍ଜମୀ, ଖଞ୍ଜକ ।

ଖଠ୍, (ଖଠତି) ଆକାଙ୍କ୍ଷା କ । ଖଠନ, ଖଣ୍ଠିତ ।

ଖଟ୍ଟ, (ଖଟ୍ଟୟତି) ଆଚ୍ଛାଦନ କ । ଖଟ୍ଟା ।

ଖଡ୍, ଖନ୍ଡ୍, ( ଖାଡୟତି, ଖଣ୍ଡତି, ଖଣ୍ଡୟତି ) ଛେଦ କ; ବିଭାଗ କ । ଖାଡ଼ନ, ଖଣ୍ଡନ ।

ଖଦ୍, ( ଖାଦତି ) ସ୍ଥିର ହେ; ବଧ କ; ଭକ୍ଷଣ କ; (ଖଦୟତି) ଆଚ୍ଛାଦନ କ । ଖଦନ, ଖଦତ ।

ଖନ୍, ( ଖନତି-ତେ ) ଖନନ କ । ଖନନ, ଖାତ, ଖଣି, ଖନକ ।

ଖନ୍ତ୍, (ଖଣ୍ତତେ) ମନ୍ଥନ କ; ଖଣ୍ଡ କ । ଖଣ୍ଡନ ।

ଖବ୍, ( ଖୌନାତି ) ପବଣ୍ଣ ହେ; ଉତ୍ପନ୍ନ ହୋଇ ପୁନରୁତ୍ପନ୍ନ ହେ । ଖବନ, ଖବତ ।

ଖମ୍ବ, (ଖମ୍ବତି) ଗମନ କ ।

ଖର୍ଘ, (ଖର୍ଘତି) ଚମନ କ ।

ଖର୍ଜ୍ଜ, (ଖର୍ଜ୍ଜତି) ମାର୍ଜ୍ଜନ କ; କୁଣ୍ଡାଇ ହେବା; ବ୍ୟଥିତ ହେ । ଖର୍ଜ୍ଜୂର, ଖର୍ଜ୍ଜୁର ।

ଖର୍ଦ୍ଦ, (ଖର୍ଦ୍ଦତି) ଦଂଶନ କ; ସ୍ୱୀକାର କ । ଖର୍ଦ୍ଦନ, ଖର୍ଦ୍ଦିତ ।

ଖର୍ବ, (ଖର୍ବତି) ଗମନ କ ।

ଖର୍ବ୍ବ, ( ଖର୍ବ୍ବତି ) ଗମନ କ; ଗର୍ବିତ ହେ । ଖର୍ବ୍ବ, ନିଖର୍ବ୍ବ ।

ଖଲ, (ଖଲତି) ଚଞ୍ଚଲ ହେ; ଚୟନ କ । ଖଲନ, ଖଲିତ ।

ଖଷ, (ଖଷତି) ବଧ କ । ଖଷଣ, ଖଷିତ ।

ଖାଦ, ( ଖାଦତି ) ଭକ୍ଷଣ କ । ଖାଦତ, ଖାଦ୍ୟ, ଖାଦକ ।

ଖିଠ, (ଖେଠତି) ବାସିତ କ; ଭୀତ ହେ; (ଆ-ପୂର୍ବ) ମୃଗୟା କ । ଆଖେଠ ।

ଖିଦ, (ଖିଦ୍ୟତେ, ଖିନ୍ତେ) ଦୁଃଖିତ ହେ; (ଖିନ୍ଦତି) ବ୍ୟାଘାତ କ । ଖେଦ, ଖିଦ୍ୟମାନ, ଖେଦିତ ।

ଖୁ, (ଖୁବତେ) ଶବ୍ଦ କ । ଖବନ, ଖୁତ ।

ଖୁଜ, ( ଖୋଜତି ) ଚୋରି କ । ଖୋଜନ, ଖୋଜିତ ।

ଖୁଡ଼, (ଖୁଡ଼ତି) ଆଚ୍ଛାଦନ କ । (ଖୋଡ଼ତି, ଖୋଡ଼ୟତି, ଖୁନ୍ଡତି, ଖୁଣ୍ଡୟତି) ଭେଦ କ; ଖଞ୍ଜ ହେ । ଖୋଡ଼ନ, ଖୋଡିତ ।

ଖୁନ୍ତ, (ଖୁଣ୍ଡତେ) ଖଞ୍ଜ ହେ । ଖୁଣ୍ଡନ, ଖୁଣ୍ଡିତ ।

ଖୁର, (ଖୁରତି) ବିଲେଖନ କ; ଛେଦ କ । ଖୋରଣ, ଖୁର ।

ଖୁର୍ଦ୍ଦ, (ଖୁର୍ଦ୍ଦତେ) କ୍ରୀଡ଼ା କ । ଖୁର୍ଦ୍ଦନ, ଖୁର୍ଦ୍ଦିତ ।

ଖୂର୍ଦ୍ଦ, (ଖୂର୍ଦ୍ଦତେ) କ୍ରୀଡ଼ା କ । ଖୂର୍ଦ୍ଦନ, ଖୂର୍ଦ୍ଦିତ ।

ଖେଠ, (ଖେଠତି) ଭୀତ କ; (ଖେଠୟତି) ଭୋଜନ କ । ଖେଠନ, ଖେଠିତ, ଖେଠକ ।

ଖେଡ଼, (ଖେଡ଼ୟତି) ଭୋଜନ କ ।

ଖେବ, (ଖେବତେ) ସେବା କ; ବାଷ ।

ଖେଲ, ( ଖେଲତି ଖେଲୟତି ) ଗମନ କ; କମ୍ପିତ ହେ । ଖେଳା, ଖେଲକ ।

ଖୈ, ( ଖାୟତି ) ବୃଦ୍ଧ ହେ; ବଧ କ; ଦୁଃଖିତ ହେ । ଖାଇବା ।

ଖୋଠ, ( ଖୋଠତି ) ଖଞ୍ଜ ହେ; ( ଖୋଠୟତି ) କ୍ଷେପନ କ; କ୍ଷେପଣ କ । ଖୋଠିତ ।

ଖୋଡ଼, ( ଖୋଡ଼ତି ) ଖଞ୍ଜ ହେ; ( ଖୋଡ଼ୟତି ) କ୍ଷେପଣ କ । ଖୋଡ଼ନ, ଖୋଡ଼ିତ ।

ଖୋର, (ଖୋରତି-ଖୋରୟତି) ଖଞ୍ଜ କ । ଖୋର, ଖୋରଣ ।

ଖୋଲ, ( ଖୋଲତି-ଖୋଲୟତି ) ଖଞ୍ଜ ହେ । ଖୋଲନ, ଖୋଲିତ ।

ଖ୍ୟା, ( ଖ୍ୟାତି ) ପ୍ରସିଦ୍ଧ ହେ; ବର୍ଣ୍ଣନା କ; ( ସଂ-ପୂର୍ବ ) ସଂଖ୍ୟା କ । ଆଖ୍ୟାନ, ଉପାଖ୍ୟାନ, ଖ୍ୟାତ, ବିଖ୍ୟାତ ।

---

## ଗ

ଗଗ୍ଘ, (ଗଗ୍ଘତି) ହାସ୍ୟ କ । ଗଗ୍ଘନ, ଗଗ୍ଘିତ ।

ଗଜ, ( ଗଜତି-ଗଜୟତି ) ମତ୍ତ ହେ; ଶବ୍ଦ କ; (ଗନ୍ଜ-ଗଞ୍ଜତି) ଶବ୍ଦ କ । ଗଜ, ଗଜନ, ଗଞ୍ଜନ, ଗଞ୍ଜିତ ।

ଗଡ଼୍, (ଗଡ଼ତି) କ୍ଷରଣ; ଗଡ଼ାଇବା; (ଗଣ୍ଡ-ଗଣ୍ଡୟତି) ଗଣ୍ଡକର୍ତ୍ତୃକ କମ୍ପନାଦି; ଚୁମ୍ବନ କ । ଗଡ଼ନ, ଗଡ଼ିତ, ଗଣ୍ଡ, ଗଣ୍ଡୂଷ ।

ଗଣ, (ଗଣୟତି) ଗଣନା କ । ଗଣି, ଗଣନା, ଗଣ୍ୟ, ଗଣିକା ।

ଗଦ୍, ( ଗଦତି ) କଥନ; ପୀଡିତ ହେ; (ଗଦୟତି) ବଜ୍ରାଘାତ ହେ ।

ଗନ୍ଧ, ( ଗନ୍ଧୟତେ ) ବଧ କ; ଗମନ କ; ଯାଚ୍ଞା କ । ଗନ୍ଧୟିତା ।

ଗବେଷ, ( ଗବେଷୟତି ) ଅନ୍ୱେଷଣ କ । ଗବେଷଣା ।

ଗମ୍, ( ଗଚ୍ଛତି ) ଗମନ କ; ( ଅନୁ-ପୂର୍ବ ) ପଶ୍ଚାତ୍ ଗମନ କ; (ଅପ-ପୂର୍ବ) ପଲାୟନ କ; (ଅବ-ପୂର୍ବ) ଜାଣିବା; (ଆ-ପୂର୍ବ) ଆଗମନ କ; (ନିର୍-ପୂର୍ବ) ନିର୍ଗତ ହେ; ( ସମ୍-ପୂର୍ବ ) ମିଳିତ ହେ । ଗମନ, ଗତ, ଅନୁଗତ, ଅପଗତ, ଅବଗତ, ଆଗତ, ନିର୍ଗତ, ସଙ୍ଗତ, ଆଗମ, ନିର୍ଗମ, ଆଗନ୍ତୁକ, ଅଗ୍ରଗାମୀ, ହୃଦୟଙ୍ଗମ, ଭୁଜଗ, ଭୁଜଙ୍ଗ, ଭୁଜଙ୍ଗମ, ତୁରଙ୍ଗମ, ଜଙ୍ଗମ ଇତ୍ୟାଦି ।

ଗମ୍ଭ, (ଗମ୍ଭତି) ଗମନ କ । ଗମ୍ଭନ, ଗମ୍ଭିତ ।

ଗର୍ଦ୍ଧ, (ଗର୍ଦ୍ଧତି) ଗମନ କ ।

ଗର୍ଜ୍ଜ, (ଗର୍ଜ୍ଜତି-ଗର୍ଜ୍ଜୟତି) ଗର୍ଜ୍ଜନ କ । ଗର୍ଜ୍ଜନ, ଗର୍ଜ୍ଜିତ ।

ଗର୍ଦ୍ଦ, (ଗର୍ଦ୍ଦତି-ଗର୍ଦ୍ଦୟତି) ଗର୍ଜ୍ଜନ କ । ଗର୍ଦ୍ଦଭ ।

ଗର୍ଦ୍ଧ, (ଗର୍ଦ୍ଧୟତି) ଇଚ୍ଛା କ । ଗର୍ଦ୍ଧନ ।

ଗର୍ବ, ( ଗର୍ବତି, ଗର୍ବୟତେ, ଗର୍ବାପୟତେ ) ଗମନ କ; ଅହଙ୍କୃତ ହେ; ଅହଙ୍କାର କ । ଗର୍ବ, ଗର୍ବିତ ।

ଗର୍ହ୍, ( ଗର୍ହତି-ତେ, ଗର୍ହୟତି ) ନିନ୍ଦା କ । ଗର୍ହଣ, ବିଗର୍ହଣା ।

ଗଲ, (ଗଲତି) ଭକ୍ଷଣ କ; କ୍ଷରଣ; ( ଗଲୟତେ ) କ୍ଷରଣ । ଗଲନ, ଗଲିତ ।

ଗଲ୍ଭ, (ଗଲ୍ଭତେ) ପ୍ରଗଲ୍ଭ ହେ । ପ୍ରଗଲ୍ଭିତ, ପ୍ରଗଲ୍ଭ ।

ଗଲ୍ହ, (ଗଲ୍ହତେ) ନିନ୍ଦା କ ।

ଗହ୍, (ଗହୟତି) ଘନୀଭୂତ ହେ । ଗାଢ, ପ୍ରଗାଢ, ଗହନ, ଗହ୍ୱର ।

ଗା, (ଗାତେ) ଗମନ କ; (ଜଗାତି) ସ୍ତବ କ; ପ୍ରଶଂସା କ ।

ଗାଣ୍ଡ, (ଗାଣ୍ଡୟତେ, ଗାଣ୍ଡପୟତେ) ଶିଥିଳ ହେ; ଗାଣ୍ଡ । (ଉତ୍-ପୂର୍ବ) ଗାଳି ଦେବା ।

ଗାଧ, (ଗାଧତେ) ପ୍ରତିଷ୍ଠିତ ହେ; ଗ୍ରନ୍ଥନ କ; ଇଚ୍ଛା କ । ଗାଧନ, ଗାଧିତ, ଅଗାଧ ।

ଗାହ୍, (ଗାହତେ) ମନ୍ଥନ କ; ପ୍ରବେଶ କ; ନଷ୍ଟ କ; (ଅବ-ପୂର୍ବ) ସ୍ନାନକୃତ; ଅବଗାହନ କରିବା । ଅବଗାହନ, ଅବଗାହିତ ।

ଗିଲ, (ଗିଲତି) ଗିଳିବା; ଗିଳିତ ।

ଗୁ, (ଗୁବତି) ବିଷ୍ଠା ତ୍ୟାଗ କରିବା; (ଗବତେ) ଶବ୍ଦ କ । ଗୁନ, ଗୋଣ୍ଡ, ଗୁ ।

ଗୁଜ୍, (ଗୁଜତି, ଗୋଜତି) ଶବ୍ଦ କ; (ଗୁଞ୍ଜ-ଗୁଞ୍ଜତି) ଅବ୍ୟକ୍ତ ଶବ୍ଦ କ । ଗୁଜନ, ଗୁଜିତ ଗୁଞ୍ଜିତ ।

ଗୁଠ, ଗୁଣ୍ଠ, ( ଗୁଣ୍ଠୟତି-ଗୁଠତି ) ବେଷ୍ଟନ କ; (ଅବ-ପୂର୍ବ ଗଣ୍ଠ) ଅବଗୁଣ୍ଠନ, ଅବଗୁଣ୍ଠିତ ।

ଗୁଡ, (ଗୁଡତି) ରକ୍ଷା କ; (ଗୁଣ୍ଡ-ଗୁଣ୍ଡତି, ଗୁଣ୍ଡୟତି) ଜଡାଇବା; ଚୂର୍ଣ୍ଣ କ । ଗୁଡନ, ଗୁଣ୍ଡନ, ଗୁଣ୍ଡିକା ।

ଗୁଣ, (ଗୁଣୟତି) ନିମନ୍ତ୍ରଣ କ; ପରାମର୍ଶ ଦେ; ବୃଦ୍ଧି ପା । ଗୁଣ, ଗୁଣୀ ।

ଗୁଦ୍, (ଗୋଦତି) କ୍ରୀଡା କ । ଗୋଦନ ।

ଗୁଦ୍ର, ଗୁନ୍ଦ୍ର, ( ଗୁଦ୍ରତି-ଗୁନ୍ଦ୍ରୟତି ) ମିଥ୍ୟା କଥନ । ଗୁନ୍ଦ୍ରଣ, ଗୁନ୍ଦ୍ରିତ ।

ଗୁଧ୍, (ଗୋଧତେ) କ୍ରୀଡା କ; (ଗୁଧ୍ୟତି, ଗୋଧ୍ୟତି) ବେଷ୍ଟନ କ; (ଗୋଧ୍ନାତି) କ୍ରୁଦ୍ଧ ହେ । ଗୁଧିତ ।

ଗୁପ୍, (ଜୁଗୁପ୍ସତେ) ଆଚ୍ଛାଦନ କ; ନିନ୍ଦା କ; (ଗୋପାୟତି) ଦୀପ୍ତି ପା; କଥନ; ରକ୍ଷଣ କ; (ଗୁପ୍ୟତି) ବିପଦ୍‌ଗ୍ରସ୍ତ ହେ । ଗୋପନ, ଗୁପ୍ତ, ଗୋପନୀୟ, ଗୁପ୍ତା, ଜୁଗୁପ୍ସା ।

ଗୁଫ, (ଗୁଫତି) ଗ୍ରନ୍ଥନ କ । ଗୁଫିତ ।

ଗୁମ୍ଫ, ଗୁନ୍ଫ (ଗୁମ୍ଫତି) ଗ୍ରନ୍ଥନ କ । ଗୁମ୍ଫିତ ।

ଗୁର, (ଗୋରତି, ଗୁରତେ) ଉତ୍ତୋଳନ କ; ଚେଷ୍ଟା କ । ଗୂରଣ, ଗୁରୁ ।

ଗୁର୍ଦ୍ଦ, (ଗୂର୍ଦ୍ଦତେ) କ୍ରୀଡା କ; ବାସ କ । ଗୁର୍ଦ୍ଦନ, ଗୁର୍ଦ୍ଦିତ ।

ଗୁର୍ବ୍, (ଗୁର୍ବତି-ତେ) ଉଦ୍ୟୋଜନ କ ।

ଗୁହ୍, (ଗୁହତି-ତେ) ଅଚ୍ଛାଦନ କ; ଗୋପନ କ । ଗୁହ୍ୟ, ଗୂଢ, ଗୁହା ।

ଗୂ, (ଗୁବତି) ବିଷ୍ଠାତ୍ୟାଗ କ । ଗୂ, ଗୂଥ ।

ଗୂର, (ଗୂରୟତେ-ତି) ଉତ୍ତୋଳନ କ; ଉଠାଇବା । ଗୂରଣ ।

ଗୃଦ୍ଧ, (ଗର୍ଦ୍ଧତେ-ତି) କ୍ରୀଡା କ; (ଗୃର୍ଦ୍ଧୟତି) ବାସ କ; ଅହ୍ୱାନ କ । ଗୃର୍ଦ୍ଧନ, ଗୃର୍ଦ୍ଧିତ ।

ଗୃ, (ଗରତି) ସେଚନ କ । ଗରଣ ।

ଗୃଜ-ଗୃନ୍ଜ, (ଗର୍ଜ୍ଜତି, ଗୃଞ୍ଜତି) ଶବ୍ଦ କ । ଗର୍ଜ୍ଜନ, ଗର୍ଜ୍ଜିତ ।

ଗୃଧ, (ଗୃଧ୍ୟତି-ତେ) ଲାଭ କରିବାକୁ ଇଚ୍ଛା କ । ଗୃଧ୍ନୁ, ଗୃଧ୍ନୁ, ଗୃଧ୍ର ।

ଗୃହ୍, (ଗର୍ହତେ, ଗୃହୟତେ) ଗ୍ରହଣ କ ।

ଗୄ, ( ଗିରତି, ଗିଲତି ) ଭକ୍ଷଣ କ; ଗିଳିବା; (ଗୃଣାତି) ଶବ୍ଦ କ; (ଗୀରୟତି) ବିଜ୍ଞାପନ କ; (ଉତ୍-ପୂର୍ବ) ଉଦ୍ଗାର କ । ଗୀର୍ଣ୍ଣ, ଉଦ୍ଗୀର୍ଣ୍ଣ, ଉଦ୍ଗୀରଣ, ଗିର, ଗିଳନ ।

ଗେପ, (ଗେପତେ) କମ୍ପିତ ହେ; ଗମନ କ । ଗେପନ, ଗେପିତ ।

ଗେବ, (ଗେବତେ) ସେବା କ । ଗେବନ, ଗେବିତ ।

ଗେଷ, (ଗେଷତେ) ଅନ୍ୱେଷଣ କ । ଗେଷଣ, ଗେଷିତ ।

ଗୈ, (ଗାଚେ-ଗାୟତି) କୀର୍ତ୍ତନ କ; ଗାନ କ । ଗାନ, ଗୀତ, ଗାଥା, ଗାୟକ, ଗେୟ ।

ଗୋମ, (ଗୋମୟତି) ଲେପନ କ ।

ଗୋଷ୍ଟ, (ଗୋଷ୍ଟତେ) ସଂଗ୍ରହ କ; ରାଶି କ ।

ଗ୍ରଥ-ଗ୍ରନ୍ଥ, (ଗ୍ରନ୍ଥତେ) କୁଟିଳ ହେ; (ଗ୍ରଥୟତି) ବନ୍ଧ କ । ଗ୍ରନ୍ଥିତ, ଗ୍ରଥିତ ।

ଗ୍ରନ୍ଥ, (ଗ୍ରନ୍ଥତି, ଗ୍ରଥ୍ନାତି, ଗ୍ରନ୍ଥୟତି) ଗୁନ୍ଥିବା । ଗ୍ରନ୍ଥନ, ଗ୍ରନ୍ଥି, ଗ୍ରଥିତ, ଗ୍ରନ୍ଥିଳ, ଗ୍ରନ୍ଥକ ।

ଗ୍ରସ, (ଗ୍ରାସେ-ଗ୍ରାସତେ) ଭକ୍ଷଣ କ; ଗ୍ରାସ କ; (ଗ୍ରସତି, ଗ୍ରାସୟତି) ଆକ୍ରମଣ କ । ଗ୍ରାସ, ଗ୍ରାସିତ, ଗ୍ରସ୍ତ ।

ଗ୍ରହ, (ଗ୍ରହତି, ଗ୍ରହୟତି, ଗୃହ୍ଣାତି, ଗୃହ୍ଣୀତେ) ଗ୍ରହଣ କ । ଗ୍ରହଣ, ଆଗ୍ରହ, ନିଗ୍ରହ, ସଂଗ୍ରହ, ଗ୍ରାହ୍ୟ, ବିଗ୍ରହ ଇତ୍ୟାଦି ।

ଗ୍ରାମ, (ଗ୍ରାମୟତି) ଅବଭାଷଣ କ; ମନ୍ତ୍ରଣା କ ।

ଗ୍ରୁଚ, (ଗ୍ରୋଚତି) ହରଣ କ; ଗମନ କ । ଗ୍ରୋଚନ, ଗ୍ରୁକ୍ତ ।

ଗ୍ଲନ୍ଚ, (ଗ୍ଲୁଞ୍ଚତି) ଗମନ କ; ପ୍ରାପ୍ତି । ଗ୍ଲୁଞ୍ଚନ, ଗ୍ଲୁକ୍ତ ।

ଗ୍ଲସ, (ଗ୍ଲସତେ) ଭୋଜନ କ ।

ଗ୍ଲହ, (ଗ୍ଲହତି, ଗ୍ଲହୟତି) ଗ୍ରହଣ କ । ଗ୍ଲହନ ।

ଗ୍ଲୁଚ, (ଗ୍ଲୋଚତି) ହରଣ କ; ଗମନ କ । ଗ୍ଲୁକ୍ତ, ଗ୍ଲୁକ୍ତ ।

ଗ୍ଲୁଞ୍ଚ, (ଗ୍ଲୁଞ୍ଚତି) ଗମନ କ । ଗ୍ଲୁଞ୍ଚନ, ଗ୍ଲୁକ୍ତ ।

ଗ୍ଲେପ, (ଗ୍ଲେପତେ) ଦୀନ ହେ; ମ୍ଲାନ ହେ; କମ୍ପନ; ଗମନ କ । ଗ୍ଲେପନ, ଗ୍ଲେପିତ ।

ଗ୍ଲେବ, (ଗ୍ଲେବତେ) ସେବା କ; ଗେବନ, ଗ୍ଲେବିତ ।

ଗ୍ଲେଷ, (ଗ୍ଲେଷତେ) ଅନୁସନ୍ଧାନ କ । ଗ୍ଲେଷଣ, ଗ୍ଲେଷିତ ।

ଗ୍ଲୈ, (ଗ୍ଲାୟତି) ମ୍ଲାନ ହେ; କ୍ଲାନ୍ତ ହେ । ଗ୍ଲାନ, ଗ୍ଲୌ ।

## ଘ

ଘଗ୍ଘ, (ଘଗ୍ଘତି) ହାସ୍ୟ କ । ଘଗ୍ଘନ, ଘଗ୍ଘିତ ।

ଘଘ, (ଘଘତି) ହାସ୍ୟ କ ।

ଘଟ, (ଘଟତେ) ଚେଷ୍ଟା କ; (ଘାଟୟତି) ବଧ କ; ରାଶି କ; ଦୀପ୍ତି ପାଇବା; (ଘଣ୍ଟ-ଘଣ୍ଟୟତି) ଦୀପ୍ତି ପାଇବା । ଘଟନ, ବିଘଟନ, ଘଟମାନ ।

ଘଟ୍ଟ, (ଘଟ୍ଟତେ, ଘଟ୍ଟୟତି) ଚଳିତ କ; ଚଞ୍ଚଳ ହେ । ଘଟ୍ଟ, ଘଟ୍ଟା ।

ଘଣ, (ଘଣତି-ତେ) ଦୀପ୍ତି ପା । ଘଟ, ଘଣିତା ।

ଘିନ୍ସ, (ଘଂସତେ) ଇଚ୍ଛା କ । ଘଂସନ, ଘଂସିତ ।

ଘମ୍ବ, (ଘମ୍ବ୍ୟତି) ଗମନ କ । ଘମ୍ବନ, ଘମ୍ବିତ ।

ଘର୍ଘ, (ଘର୍ଘତି) ଗମନ କ । ଘର୍ଘଣ, ଘର୍ଘିତ ।

ଘଷ, (ଘଂଷତେ) ଉଜ୍ଜ୍ୱଲ କ ।

ଘସ୍, (ଘସତି) ଭକ୍ଷଣ କ । ଘସି, ଘାସ ।

ଘିଣ-ଘିନ୍ଣ, (ଘିଣ୍ଣତେ) ଗ୍ରହଣ କ; ଘୃଣିତ ।

ଘୁ, (ଘବତେ) ଶବ୍ଦ କ । ଘୁରଣ, ଘୁତ ।

ଘୁଟ୍, (ଘୋଟତେ) ପ୍ରତ୍ୟାଗମନ କ; ପରିବର୍ତ୍ତ କ; (ଘୁଟତି) ବ୍ୟାଘାତ କ; ବାଧିତ କ; ଘୋଟନ, ଘୋଟକ ।

ଘୁଡ଼୍, (ଘୋଡତି, ଘୁଡତି) ବ୍ୟାଘାତ କ; ଘୋଡାଇବା ।

ଘୁଣ, (ଘୋଣତେ, ଘୁଣତି) ପାକ ଦେବା; ଭ୍ରମଣ କରିବା; ଣ୍ୟନ୍ତରୂ (ଘୁନ୍ଣ-ଘୁଣ୍ଣତି) ଗ୍ରହଣ କ । ଘୋଣା ।

ଘୁର, (ଘୋରେ-ଘୁରତି) ଭୟଙ୍କର ହେବା; ଶବ୍ଦ କରିବା; (ଘୁର୍ଯ୍ୟତେ) ଅଜ୍ଞାତ ହେବା; ଅନୁସନ୍ଧାନ କ । ଘୋର, ଘୋରତର ।

ଘୁଷ-ଘୁନ୍ଷ, (ଘୁଷତି-ଘୁଂଷତେ) ଭୂଷିତ କ; (ଘୋଷୟତି) ସ୍ତବ କ; ଘୋଷଣା କ; କ୍ରନ୍ଦନ କ । ଘୋଷ, ନିର୍ଘୋଷ; ଘୋଷଣା, ଘୁଷ୍ଟ ।

ଘନ୍ସ, (ଘୁଂସତେ) କ୍ଷରଣ କ । ଘୁଂସଣ, ଘୁଂସିତ ।

ଘୁର୍, (ଘୂର୍ଯ୍ୟତେ) ବଧ କ; ଜୀର୍ଣ୍ଣ ହେବା; ଘୂର୍ଣ୍ଣି, ଘୂରଣ ।

ଘୂର୍ଣ୍ଣ, (ଘୂର୍ଣ୍ଣତେ-ଯ୍ୟତି) ଘୂରିବା, ଭ୍ରମଣ କରିବା; ଘୂର୍ଣ୍ଣନ, ଘୂର୍ଣ୍ଣି, ଘୂର୍ଣ୍ଣାୟମାନ ।

ଘୃ, (ଘରତି, ଘରୟତି, ଜିଘର୍ତ୍ତି) ସେଚନ କ; କ୍ଷରଣ; ଦୀପ୍ତି ପାଇବା; ଆଚ୍ଛାଦନ କରିବା । ଘୃତ ।

ଘୃଣ, (ଘୃଣୋତି, ଘର୍ଣ୍ଣୋତି, ଘୃଣତେ) ଦୀପ୍ତି ପାଇବା; (ଘୃନ୍ଣ-ଘୃଣ୍ଣତେ) ଗ୍ରହଣ କ । ଘୃଣା, ଘୃଣିତ ।

ଘୃଷ, (ଘୃଷତି, ଘର୍ଷତି) ଘର୍ଷଣ କରିବା । ଘର୍ଷଣ, ଘର୍ଷକ, ଘୃଷ୍ଟ, ଘର୍ଷଣୀ ।

ଘୋର, (ଘୋରତି) ଖଞ୍ଜପରି ଗମନ କରିବା ।

ଘ୍ରା, (ଘ୍ରାଣେ, ଜିଘ୍ରତି) ଗନ୍ଧ ଗ୍ରହଣ କରିବା । ଘ୍ରାଣ, ଆଘ୍ରାଣ ।

---

## ଙ

ଙୁ, (ଙବତେ) ଶବ୍ଦ କରିବା, ଙବନ, ଙୁତ, ଙୋତା ।

---

## ଚ

ଚକ୍, (ଚକତେ) ବ୍ୟାଘାତ କରିବା; (ଚକତି-ତେ) ତୃପ୍ତ ହେବା; ଦୀପ୍ତି ପାଇବା । ଚକିତ; ଚକ୍ର ।

ଚକାସ, (ଚକାସ୍ତି) ଦୀପ୍ତି ପାଇବା; ଚକାସନ, ଚକାସିତ ।

ଚକ୍କ, (ଚକ୍କୟତି) କାତର ହେବା । ଚକ୍କନ, ଚକ୍କୟିତା ।

ଚଘ, (ଚଘ୍ନୋତି) ବଧ କରିବା । ଚଘନ, ଚଘିତ ।

ଚଞ୍ଚ, (ଚଞ୍ଚତି) ଗମନ କ । ଚଞ୍ଚନ, ଚଞ୍ଚୁ, ଚଞ୍ଚିତା ।

ଚଟ୍, (ଚଟତି, ଚଟୟତି) ଭେଦ କରିବା; ବଧ କରିବା; ଉଚ୍ଚାଟନ ।

ଚଣ୍ଡ, ଚନ୍ଡ, (ଚଣ୍ଡତି-ତେ, ଚଣ୍ଡୟତି) ରୁଷ୍ଟ ହେବା । ଚଣ୍ଡ, ପ୍ରଚଣ୍ଡ, ଚଣ୍ଡୀ ।

ଚଣ, (ଚଣତି) ଗମନ କ; ବଧ କ; ଚଣନ, ଚଣିତ ।

ଚତ୍, (ଚତତି-ତେ) ପ୍ରାର୍ଥନା କରିବା, ଚତନ, ଚତିତ ।

ଚଦ୍, (ଚଦତି-ତେ) ପ୍ରାର୍ଥନା କରିବା ଯାଚଞ୍ଚା କରିବା; (ଚନ୍ଦ-ଚନ୍ଦତି) ଆହ୍ଲାଦିତ ହେବା; ଦୀପ୍ତି ପାଇବା । ଚଦନ, ଚନ୍ଦ୍ର, ଚନ୍ଦ୍ରିକା, ଚନ୍ଦନ ।

ଚନ, (ଚନତି, ଚନୟତି) ବଧ କରିବା; ପ୍ରହାର କରିବା; ଶବ୍ଦ କରିବା । ଚନନ, ଚନିତ ।

ଚନ୍କ, (ଚଙ୍କତି) ଭ୍ରାନ୍ତ ହେବା ।

ଚପ୍, (ଚପତି) ସାନ୍ତ୍ୱନା କ; ପ୍ରିୟ କଥନ; (ଚପୟତି) ଚୂର୍ଣ୍ଣ କରିବା; ଚପଳ, ଚୂପନ, ଚପେଟ, ଚୂପ ।

ଚମ୍, (ଚମତି, ଚମ୍ନୋତି) ଭୋଜନ କ । ଆଚମନ, ଚମସ ।

ଚମ୍ବ, (ଚମ୍ବତି) ଗମନ କ । ଚମ୍ବନ ।

ଚମ୍, (ଚମ୍ତି) ଗମନ କରିବା । ଚମ୍ପନ ।

ଚମ୍ପ, (ଚମ୍ପତେ) ଗମନ କ । ଚମ୍ପିତ ।

ଚର, ( ଚରତି-ତେ ) ଗମନ କ; ଭୋଜନ କ; ଆଚରଣ କରିବା । ଆଚାର, ପ୍ରଚାର, ସମାଚାର, ସଞ୍ଚାର, ଉଚ୍ଚାରଣ ଇତ୍ୟାଦି ।

ଚର୍ଦ୍ଦ, (ଚର୍ଦ୍ଦତି) ଗମନ କ ।

ଚର୍ଚ୍ଚ, ( ଚର୍ଚ୍ଚତି ) କଥନ; ଭର୍ତ୍ସନା କ; ଆଘାତ କ; ଅନୁସନ୍ଧାନ କ ; (ଚର୍ଚ୍ଚୟତି) ଅଧ୍ୟୟନ କରିବା; ଅନୁଶୀଳନ କରିବା । ଚର୍ଚ୍ଚା, ଚର୍ଚ୍ଚିକା, ଚର୍ଚ୍ଚକ, ଚର୍ଚ୍ଚିତ, ଚର୍ଚ୍ଚଣୀୟ ।

ଚର୍ବ୍ବ, ( ଚର୍ବ୍ବତି ) ଗମନ କ; ( ଚର୍ବ୍ବୟତି, ଚର୍ବ୍ବତି ) ଚର୍ବ୍ବଣ କ; ଚର୍ବ୍ବଣ, ଚର୍ବିତ, ଚର୍ବ୍ୟ, ଚର୍ବ୍ବକ ।

ଚଲ, (ଚଲତି-ତେ) କମ୍ପନ କରିବା; ଗମନ କରିବା; ବିଳାସ କରିବା, (ଚାଲୟତି) ପୋଷଣ କରିବା; ଧାରଣ କରିବା; କମ୍ପନ । ଚଳନ, ବିଚଳନ, ସଞ୍ଚାଳନ, ଚଳିତ, ପ୍ରଚଳିତ ଇତ୍ୟାଦି ।

ଚଷ, (ଚଷତି) ବଧ କ; (ଚଷତି-ତେ) ଭୋଜନ କରିବା । ଚଷଣ, ଚଷିତ ।

ଚହ, (ଚହତି, ଚହୟତି) ପ୍ରତାରଣା କରିବା; ଚୂର୍ଣ୍ଣ କରିବା ଚହନ, ଚହିତ ।

ଚକ୍ଷ, (ଚଷ୍ଟେ) କଥନ; ଦର୍ଶନ କ । ଚକ୍ଷୁ, ବିଚକ୍ଷଣ ।

ଚାୟ୍, ( ଚାୟତି-ତେ ) ଅର୍ଚ୍ଚନା କ; ଆଲୋଚନା କ । ଚାୟନ ।

ଚି, (ଚେୟତି-ତେ, ଚିକେତି, ଚାୟୟତି, ଚପୟତି) ସଞ୍ଚୟ କରିବା; ଗଣି କରିବା । ଚୟନ, ଅପଚୟ, ସମୁଚ୍ଚୟ, ସଞ୍ଚୟ, ପରିଚୟ ।

ଚିକ୍କ, (ଚେକ୍କୟତି) ଯାତନା ଦେବା ।

ଚିଟ, ( ଚେଟତି, ଚେଟୟତି ) ପ୍ରେରଣ କରିବା । ଚେଟ, ଚେଟୀ ।

ଚିତ, ଚିନ୍ତ, (ଚେତତି, ଚେତୟତି-ତେ, ଚିନ୍ତୟତି) ଅନୁମାନ କରିବା; ଜାଣିବା; ଚିନ୍ତା କରିବା; ସ୍ମରଣ କରିବା । ଚେତନ, ଚେତନା, ଚିତ୍ତ ଚିନ୍ତା, ଚିନ୍ତନୀୟ ।

ଚିବ, ( ଚିବୟତି, ଚିବାପୟତି ) ଚିହ୍ନିତ କରିବା; ଅଶ୍ରୁପୀଡ଼ିତ ହେବା । ଚିବ, ବିଚବ, ଚିବା ।

ଚିର, (ଚିରଣୋତି) ଆଘାତ କରିବା, ବଧ କରିବା । ଚିରୟଣ ।

ଚିଲ, (ଚିଲତି) ପରିଧାନ କରିବା । ଚେଲ, ଚିଲିତ ।

ଚିଲ୍ଲ, ( ଚିଲ୍ଲତି ) ଶିଥିଲ ହେବା; ବିଳାସ କରିବା । ଚିଲ୍ଲନ ।

ଚିହ୍ନ, (ଚିହ୍ନୟତି) ଚିହ୍ନ କରିବା । ଚିହ୍ନିତ ।

ଚୀକ, ( ଚୀକତି, ଚୀକୟତି ) କ୍ଷମା କରିବା; ସ୍ପର୍ଶ କରିବା । ଚୀକନ ।

ଚୀର, (ଚୀରତି) ଗ୍ରହଣ କରିବା; (ଚୀରୟତି) ପ୍ରାପ୍ତି ପାଇବା; (ଚୀରତି-ତେ) ଗ୍ରହଣ କରିବା; ଧାରଣ କରିବା । ଚୀରଣ ।

ଚୀଭ, ( ଚୀଭତେ ) ପ୍ରଶଂସା କରିବା । ଚୀଭନ, ଚୀଭିତ ।

ଚୀୟ, ( ଚୀୟତି-ତେ ) ଆଚ୍ଛାଦନ କରିବା; ଗ୍ରହଣ କରିବା । ଚୀୟନ, ଚୀୟିତ ।

ଚୁକ୍କ, (ଚୁକ୍କୟତି) କାତର ହେବା । ଚୁକ୍କନ ।

ଚୁଚ୍ୟ, (ଚୋଚ୍ୟତି) ସେବନ କରିବା; ସ୍ନାନ କରିବା । ଚୁକ୍ତ ।

ଚୁଟ, ( ଚୋଟତି, ଚୋଟୟତି ) ତୁଚ୍ଛ ହେବା; ଅଳ୍ପ ହେବା; ହ୍ରସ୍ୱ ହେବା; ( ଚୁଟତି, ଚୋଟତି ) ଖଣ୍ଡ କରିବା; (ଚୁଣ୍ଟତି) ହ୍ରସ୍ୱ ହେବା; (ଚୁଣ୍ଟତି, ଚୁଣ୍ଟୟତି) ଛେଦ କରିବା । ଚୁଟିତ, ଚୁଣ୍ଟିତ ।

ଚୁଡ, ( ଚୁଣ୍ଡତି ) ତୁଚ୍ଛ ହେବା; ଅଳ୍ପ ହେବା; ହ୍ରସ୍ୱ ହେବା; ( ଚୁଡତି ଚୁଣ୍ଡୟତି ) ଖଣ୍ଡ କ; ଚୁଣ୍ଡନ, ଚୁଣ୍ଡିତ ।

ଚୁଡ୍ଡ,-ଚୁଡ୍ଡ, (ଚୁଡ୍ଡତି) ଅନୁଷ୍ଠାନ କ; ବଳାସଭାବ ପ୍ରକାଶ କ । ଚୁଡ୍ଡନ ।

ଚୁଣ, (ଚୁଣତି) ଛେଦ କ । ଚୁଣନ, ଚୁଣିତ ।

ଚୁତ, (ଚୋତତି) ଆର୍ଦ୍ର ହେ । ଚୋତନ ।

ଚୁଦ, ( ଚୋଦୟତି ) ପ୍ରେରଣ କ; ଚଳାଇବା; (ଚୁନ୍ଦତି-ଚୁନ୍ଦନ୍ତି) ଶିକ୍ଷା କ । ଚୋଦନା, ଚୋଦୟିତା ।

ଚୁପ, (ଚୋପତି) ଧୀରେ ଗମନ କ । ଚୁପିତ, ଚୁପ୍ତ ।

ଚୁବ, ଚୁମ୍ବ, (ଚୁବତି-ତେ, ଚୁମ୍ବତି-ତେ) ଚୁମ୍ବନ କ; (ଚୁମ୍ବୟତି) ବଧ କ । ଚୁମ୍ବନ, ଚୁମ୍ବିତ ।

ଚୁର, (ଚୋରୟତି) ଅପହରଣ କ; (ଚୂର୍ଯ୍ୟତେ) ଦଗ୍ଧ କ । ଚୋର, ଚୌର ।

ଚୁଲ, ( ଚୋଲୟତି ) ବୃଦ୍ଧି କ; ଉନ୍ନତ ହେ; ମଜ୍ଜନ କ ।

ଚୁଲୁମ୍ପ, (ଚୁଲୁମ୍ପତି-ତେ) ଲୋପ କ ।

ଚୁଲ୍ଲ, (ଚୁଲ୍ଲତି) ବିଳାସ କ । ଚୁଲ୍ଲନ, ଚୁଲ୍ଲିତ ।

ଚୂଣ, (ଚୂଣୟତି) ସଂକୋଚ କ; ସଙ୍କୁଚିତ ହେ । ଚୂଣନ, ଚୂଣୟିତା ।

ଚୂର, (ଚୂର୍ଯ୍ୟତେ) ଦଗ୍ଧ କ । ଚୂର୍ଣ୍ଣି, ଚୂରଣ ।

ଚୂର୍ଣ୍ଣ, ( ଚୂର୍ଣ୍ଣୟତି ) ସଂକୋଚ କ; କ୍ଷେପଣ କ; ଚୂର୍ଣ୍ଣ କ । ଚୂର୍ଣ୍ଣନ, ଚୂର୍ଣ୍ଣିତ, ଚୂର୍ଣ୍ଣକ ।

ଚୂଷ, (ଚୂଷତି) ଶୋଷଣ କ । ଚୂଷଣ, ଚୂଷିତ, ଚୂଷକ ।

ଚୃତ, (ଚର୍ତ୍ତତି, ଚର୍ତ୍ତୟତି) ପ୍ରଜ୍ୱଳିତ କ; (ଚୃତତି) ଗ୍ରନ୍ଥନ କ; ଆଘାତ କ; ଚର୍ତ୍ତନ, ଚର୍ତ୍ତିତ ।

ଚୃପ, (ଚର୍ପତି, ଚର୍ପୟତି) ପ୍ରଜ୍ୱଳିତ କ ।

ଚେଲ, (ଚେଲତି) ଚଞ୍ଚଳ ହେ; ଗମନ କ । ଚେଲନ, ଚେଲିତ ।

ଚେଲ୍ଲ, (ଚେଲ୍ଲତି) ଅନୁମାନ କ; ଗମନ କ । ଚେଲ୍ଲନ, ଚେଲ୍ଲିତ ।

ଚେଷ୍ଟ, (ଚେଷ୍ଟତେ) ଚେଷ୍ଟା କ । ଚେଷ୍ଟା, ଚେଷ୍ଟିତ ।

ଚ୍ୟୁ, ( କ୍ଷରଣେ-ଚ୍ୟବତେ ) ଗମନ କ; ଶୀଘ୍ର; (ଚ୍ୟାବୟତି) ହାସ୍ୟ କ । ଚ୍ୟୁତ, ଚ୍ୟୁତ ।

ଚ୍ୟୁତ, (ଚ୍ୟୋତତି) ଆର୍ଦ୍ର ହେ; କ୍ଷରଣ । ଚ୍ୟୁତ ।

ଚ୍ୟୁସ୍, (ଚ୍ୟୋସୟତି) ସହ୍ୟ କ; ତ୍ୟାଗ କ । ଚ୍ୟୋସନ ।

---

## ଛ

ଛଦ, (ଛଦେ-ଛଦତି-ତେ, ଛଦୟତି, ଛାଦୟତି) ଆଚ୍ଛାଦନ କ । ଛଦନ, ଆଚ୍ଛାଦନ, ଛଦ୍ମ ।

ଛଞ୍ଜ, (ଛଞ୍ଜୟତି) କଷ୍ଟରେ ଜୀବନଧାରଣ କରିବା ।

ଛନ୍ଦ, (ଛନ୍ଦତି) ଜୀବିତ ଥିବା; ବଳିଷ୍ଠ କ । ଛନ୍ଦସ୍ ।

ଛପ, ଛମ୍ପ, (ଛପତି, ଛମ୍ପତି, ଛମ୍ପୟତି) ଗମନ କ । ଛମ୍ପନ, ଛମ୍ପିତ ।

ଛମ, (ଛମତି) ଭୋଜନ କ । ଛମନ, ଛାନ୍ତ ।

ଛର୍ଦ୍ଦ, (ଛର୍ଦ୍ଦୟତି) ବମନ କ । ଛର୍ଦ୍ଦି, ଛର୍ଦ୍ଦିକା ।

ଛର୍ଷ, (ଛର୍ଷତି-ତେ) ଆଘାତ କ ।

ଛଷ, (ଛଷତି) ବଧ କ । ଛଷଣ, ଛଷିତ ।

ଛିଦ, ( ଛେଦନେ ଛିନତ୍ତି-ଛିନ୍ତେ ) ଛେଦ କ । ଛେଦନ, ଛେଦ, ବିଚ୍ଛେଦ, ଉଚ୍ଛିନ୍ନ, ପରିଚ୍ଛେଦ ।

ଛିଦ୍ର, (ଛିଦ୍ରୟତି, ଛିଦ୍ରାପୟତି) ଛିଦ୍ର କ । ଛିଦ୍ର । ଛିଦ୍ରିତ ।

ଛୁଟ, (ଛୋଟତି, ଛୋଟୟତି) ଛେଦ କ । ଛୁଟିତ ।

ଛୁଡ, (ଛୁଡତି) ଅଚ୍ଛାଦନ କ ।

ଛୁପ, (ଛୁପତି) ସ୍ପର୍ଶ କ । ଛୋପନ, ଛୋପ୍ତା ।

ଛୁର, (ଛୁରତି) ଛେଦ କ; ରଞ୍ଜିତ କ । ଛୁରଣ, ଛୁରିତ, ଛୁରିକା ।

ଛୃଦ, (ଛର୍ଦ୍ଦତି, ଛର୍ଦ୍ଦୟତି) ଦୀପ୍ତି କ; (ଛୃଣତ୍ତି ଛୃନ୍ତେ) କ୍ରୀଡା କ; ଦ୍ୟୁତ କ୍ରୀଡା କ; ଦୀପ୍ତି ପା; ବମନ କ । ଛର୍ଦ୍ଦିକା ।

ଛୃପ, (ଛର୍ପତି, ଛର୍ପୟତି) ପ୍ରଜ୍ୱଳିତ କ ।

ଛେଦ, (ଛେଦୟତି) ଛେଦନ କ ।

ଛୋ, (ଛ୍ୟତି) ଛେଦ କ । ଛାତ, ଶାତ, ଛାନ ।

ଛ୍ୟୁ, (ଛ୍ୟବତେ) ଗମନ କ । ଛ୍ୟବନ, ଛ୍ୟୁତ ।

---

## ଜ

ଜକ୍ଷ, (ଜକ୍ଷତି) ଭକ୍ଷଣ କ; ହାସ୍ୟ କ; (ଜନୁକ୍ଷ, ଜଙ୍କ୍ଷତି) ଦାନ କ; ଗମନ କ । ଜକ୍ଷଣ, ଜକ୍ଷ୍ମା ।

ଜଜ, (ଜଜତି) ଯୁଦ୍ଧ କ । ଜଜନ, ଜଜିତ ।

ଜଟ, (ଜଟତି) ସଂହତ ହେ । ଜଡ ହେ; ଜଟା, ଜଟିଳ ।

ଜଡ, (ଜୋଡୟତି) ପ୍ରେରଣ କ; ପଠାଇବା ।

ଜନ, (ଜଜନ୍ତି, ଜାଯୃତେ) ଉତ୍ପନ୍ନ ହେ; (ଜନଯୃତି) ଜନ୍ମାଇବା । ଜନ୍ମ, ଜନନ, ଜନିତ ।

ଜନ୍ଜ, (ଜଞ୍ଜତି) ଯୁଦ୍ଧ କ । ଜଞ୍ଜନ, ଜଞ୍ଜିତ ।

ଜପ, (ଜପତି) ଜପ କ; ପାଠ କ । ଜପ, ଜପ୍ତ, ଜାପକ ।

ଜଭ-ଜନ୍ଭ, (ଜଭତେ, ଜମ୍ଭତେ) ଜୃମ୍ଭନ, ହାଇ ମାରିବା; ସ୍ତ୍ରୀସଙ୍ଗ କ; (ଜମ୍ଭୟତେ) ନଷ୍ଟ କ । ଜମ୍ଭନ, ଜମ୍ଭିତ, ଜମ୍ଭକ ।

ଜମ, (ଜମତି) ଭୋଜନ କ । ଜାନ୍ତ ।

ଜର୍ଚ୍ଚ, (ଜର୍ଚ୍ଚତି) କଥା କ । ଭର୍ତ୍ସନା କ । ଜର୍ଚ୍ଚିତ ।

ଜର୍ଛ, (ଜର୍ଛତି) କଥା କ; ନିନ୍ଦା କ । ଜର୍ଛିତ ।

ଜର୍ଝ, (ଜର୍ଝତି) କଥା କ; ଭର୍ତ୍ସନା କ । ଜର୍ଝିତ ।

ଜର୍ଜ, (ଜର୍ଜତି) କଥା କ; ଭର୍ତ୍ସନା କ । ଜର୍ଜିତ ।

ଜର୍ତ୍ସ, (ଜର୍ତ୍ସତି) କଥା କ; ଭର୍ତ୍ସନା କ । ଜର୍ତ୍ସନ, ଜର୍ତ୍ସି ।

ଜଲ, (ଜଲତି) ସମୃଦ୍ଧ ହେ; ତୀକ୍ଷ୍ଣ ହେ; (ଜାଲୟତି) ଅଚ୍ଛାଦନ କ । ଜଲ, ଜାଲ, ଜଡ, ଜାଲ୍ମ ।

ଜଲ୍ପ, (ଜଲ୍ପତି) କଥନ । ଜଲ୍ପନା, ଜଲ୍ପିତ ।

ଜବ, (ଜବୟତି) ସାଗ୍ରେ ପା ।

ଜଷ, (ଜଷତି) ଆଘାତ କ; ବଧ କ । ଜଷଣ, ଜଷିତ ।

ଜସ, (ଜସ୍ୟତି) ମୋଚନ କ; (ଜସତି, ଜାସୟତି) ବଧ କ; ଅନାଦର କ; (ଜନ୍ସ, ଜଂସତି, ଜଂସୟତି) ରକ୍ଷା କ । ଜାସନ, ଜାସିତ ।

ଜାଗୃ, (ଜାଗରଣେ-ଜାଗର୍ତ୍ତି) ଜାଗି ରହିବା; ସତର୍କ ରହିବା । ଜାଗର୍ତ୍ତି, ଜଗାର, ଜାଗରଣ, ଜାଗରୂକ ।

ଜି, (ଜୟେ-ଜୟତି) ପରାଜିତ କ; ସର୍ବୋତ୍କୃଷ୍ଟରୂପେ ରହିବା । ଜୟ, ବିଜୟ, ପରାଜୟ, ଜିଗୀଷା, ଜେତା ଇତ୍ୟାଦି ।

ଜିବପ୍ରୀତେ-ଜିନ୍ବ, (ଜିମ୍ବତି) ପ୍ରୀତ କ । ଜିମ୍ବନ, ଜିମ୍ବିତ ।

ଜିଷ, (ହିଂସାୟାଂ-ଜିଷତେ) ହନନେଚ୍ଛା କ ।

ଜିମ, (ଜେମତେ) ଭକ୍ଷଣ କ । ଜୀନ୍ତ, ଜେମନ ।

ଜିର, (ଜିରଣୋତି) ବଧ କ । ଜିରୟଣ ।

ଜିଷ, (ଜେଷତି) ସେଚନ କ । ଜେଷଣ, ଜିଷ୍ଟ ।

ଜୀବ, (ଜୀବତି) ଜୀବିତ ର । ଜୀବନ, ଜୀବିତ, ଉପଜୀବ୍ୟ ।

ଜୁ, (ବେଗେ-ଜବତି) ଗମନ କ; ସତ୍ୱର ଗମନ କ । ଜବନ ।

ଜୁଗ, ଜୁଙ୍ଗ (ଜୁଗତି-ଜୁଙ୍ଗତି) ତ୍ୟାଗ କ । ଜୁଙ୍ଗନ, ଜୁଙ୍ଗିତ ।

ଜୁଡ, ( ଜୁଡତି ) ଗମନ କ; ବନ୍ଧନ କ; ଯୋଗ କ; (ଜୋଡୟତି) ପ୍ରେରଣ କ । ଜୁଡନ, ଜୁଡିତ ।

ଜୁତ, ( ପ୍ରୀତ୍ରେ-ଜୋତତେ ) ସାପ୍ତି ପା । ଜୋତନ, ଜୁତିତ ।

ଜୁନ, (ଜୁନତି) ଗମନ କ । ଜୋନନ, ଜୁନିତ ।

ଜୁଲ, (ଜୋଲୟତି) ଚୂର୍ଣ୍ଣ କ । ଜୋଲନ, ଜୋଲିତ ।

ଜୁଵ, (ଜୁଵତି) ଆଘାତ କ; ବଧ କ ।

ଜୁଷ, ( ଜୋଷତି, ଜୋଷୟତି ) ତର୍କ କ; ତୃପ୍ତ କ; ହିଂସା କ; (ଜୁଷସେବାୟାଂ ଜୁଷତେ) ହୃଷ୍ଟ ହେ; ସେବା କ । ଜୋଷଣ ।

ଜୂର, ( ଜୂର୍ୟ୍ୟତେ ) ଆଘାତ କ; ବଧ କ; ଜୀର୍ଣ୍ଣ ହେ । ଜୂର୍ଣ୍ଣି, ଜୂରଣ ।

ଜୂଷ, (ଜୂଷିତ-ତେ) ବଧ କ । ଜୂଷଣ, ଜୂଷିତ ।

ଜୃ, ( ଭୁଚ୍ଛେ-ଜରତି ) ଭୁଚ୍ଛ କ; ତିରସ୍କାର କ । ଜୃତ ।

ଜୃଭ-ଜୃନ୍ଭ ( ଜର୍ଭତେ-ଜୃମ୍ଭତେ ) ଜୃମ୍ଭଣ, ହାଇ ମା; (ଜୃମ୍ଭୟତି) ଖୋଲ ହେ । ଜୃମ୍ଭ, ଜୃମ୍ଭନ, ଜୃମ୍ଭିତ ।

ଜୄ, (ଜୀର୍ୟ୍ୟତି, ଜାରୟତି, ଜରତି, ଜୃଣାତି) ଜୀର୍ଣ୍ଣ ହେ । ଜରା; ଜୀର୍ଣ୍ଣ ।

ଜେଷ, (ଜେଷତି) ଗମନ କ । ଜେଷଣ, ଜେଷିତ ।

ଜେହ, (ଜେହତେ) ଯତ୍ନ କ । ଗମନ କ; ଜେହନ, ଜେହିତ ।

ଜୈ, (ଜାୟତି) କ୍ଷୀଣ ହେ । ଜାୟ ।

ଜ୍ଞପ, (ଜ୍ଞାପନେ-ଜ୍ଞାପୟତି) ଜ୍ଞାତ ହେ । ବିଜ୍ଞପ୍ତି, ଜ୍ଞପ୍ତି ।

ଜ୍ଞା, (ଜାନାତି-ଜାନୀତେ) ଜାଣିବା; (ଜ୍ଞପୟତି) ବଧ କ; ତୁଷ୍ଟ କ; ସ୍ତବ କ; ଜଣାଇବା; ତୀକ୍ଷ୍ଣ କ;

( ପ୍ରତି-ପୂର୍ବ ) ପ୍ରତିଜ୍ଞା କ; ( ଅବ-ପୂର୍ବ ) ପ୍ରେରଣ କ; ନିୟୋଗ କ । ଜ୍ଞାନ, ବିଜ୍ଞାନ, ପରିଜ୍ଞାନ, ସଂଜ୍ଞା ।

ଜ୍ୟା, (ଜିନାତି) ଜୀର୍ଣ୍ଣ ହେ । ଜୀନ, ଜ୍ୟାନି ।

ଜ୍ୟୁ, (ଜ୍ୟବତେ) ଗମନ କ । ଜୀବନ, ଜ୍ୟୋତା ।

ଜ୍ୟୁତ୍, (ଜ୍ୟୋତତେ-ତି) ଦୀପ୍ତି ପାଇବା । ଜ୍ୟୋତିଃ, ଜ୍ୟୋତ୍ସ୍ନା ।

ଜ୍ୟୋ, (ଜ୍ୟବତେ) ଉପଦେଶ କ; ଉପନୟନ ଦେ । ଜ୍ୟାତା ।

ଜୃ, ( ଜୃଣାତି, ଜ୍ରସ୍ୟତି, ଜ୍ରାସ୍ୟତି ) ଜୀର୍ଣ୍ଣ ହେ । ଜ୍ରସ୍ୟଣ ।

ଜୄ, (ଜୄଣାତି, ଜୄସ୍ୟତି, ଜ୍ରାସ୍ୟତି) ଜୀର୍ଣ୍ଣ ହେବା । ଜେତ୍ରା, ଜୀର୍ଣ୍ଣ ।

ଜ୍ୱର, (ଜ୍ୱରତି) ରୋଗୀ ହେ । ଜ୍ୱର, ଜ୍ୱରିତ ।

ଜ୍ୱଲ, ( ଜ୍ୱଲତି ) ଦୀପ୍ତି ହେ; କମ୍ପନ । ଜ୍ୱଲନ ଉଜ୍ଜ୍ୱଲନ ।

---

ଝ

ଝଟ, ( ଝଟତି ) ସଂହତ ହେ; ଜଡ଼ ହେ । ଝଟିତ, ଝାଟ ।

ଝଭ, (ଝଭତି) ଭୋଜନ କ । ଝଭନ, ଝଭିତା ।

ଝମ, (ଝମତି) ଭୋଜନ କ । ଝାନ୍ତ, ଝମିତା ।

ଝର୍ଚ୍ଛ, (ଝର୍ଚ୍ଛତି) ଭର୍ତ୍ସନା କ । ଝର୍ଚ୍ଛିତ ।

ଝର୍ଛ, (ଝର୍ଛତି) ଭର୍ତ୍ସନା କ; କଥନ । ଝର୍ଛିତ ।

ଝର୍ତ୍ସ, (ଝର୍ତ୍ସତି) ଭର୍ତ୍ସନା କ; କଥନ ।

ଝର୍ଝ, (ଝର୍ଝତି, ଝର୍ଝୟତି,) ଭର୍ତ୍ସନା କ; କଥନ । ଝର୍ଝିତ ।

ଝଷ, (ଝଷତି) ବଧ କ; ଗ୍ରହଣ କ; ଆଚ୍ଛାଦନ କ । ଝଷଣ, ଝଷିତ ।

ଝୁ, (ଝବତେ) ଗମନ କ ।

ଝୂଷ, (ଝୂଷତି) ବଧ କ ।

ଝୄ, (ଝୄଣାତି-ଝୀର୍ଯ୍ୟତି) ଜୀର୍ଣ୍ଣ ହେ । ଝର୍ଣ୍ଣ ।

ଝ୍ୟୁ, (ଝ୍ୟବତେ) ଗମନ କ ।

---

ଟ

ଟଙ୍କ, (ଟଙ୍କୟତି) ବନ୍ଧ କ; ଟଙ୍କା । ଟଙ୍କଣ, ଟଙ୍କିତ ।

ଟଲ, (ଟଲତି) ବ୍ୟାକୁଳ ହେ; ଚଞ୍ଚଳ ହେ । ଟଲନ, ଟଲିତ ।

ଟିକ, (ଟେକତେ) ଗମନ କ । ଟେକନ ।

ଟିପ, (ଟେପୟତି) ପ୍ରେରଣ କ । ଟେପନ, ଟେପିତ ।

ଟୀକ, (ଟୀକତେ) ଗମନ କ । ଟୀକନ, ଟୀକା ।

ଟ୍ୱଲ, (ଟ୍ୱଲତି) ବ୍ୟାକୁଳ ହେ; ଚଞ୍ଚଳ ହେ । ଟ୍ୱଲନ, ଟ୍ୱଲିତ ।

---

ଡ

ଡପ-ଡମ୍ପ, (ଡାପତି-ଡାପୟତି, ଡମ୍ପତି, ଡମ୍ପୟତି) ରାଶି କ; ସଞ୍ଚୟ କ ।

ଡମ୍ଭ, (ଡମ୍ଭୟତି) ରାଶି କ । ଡମ୍ଭନ, ଡମ୍ଭିତ ।

ଡବ-ଡମ୍ବ, ( ଡବତି-ଡମ୍ବୟତି ) ପ୍ରେରଣ କ । ଡମ୍ବନ, ଡମ୍ବିତ ।

ଡିପ-ଡିମ୍ପ, (ଡେପତି, ଡିପ୍ୟତି, ଡିମ୍ପତି, ଡିମ୍ପୟତି-ତେ, ଡେପୟତି-ତେ) ରାଶି କ; ସଞ୍ଚୟ କ ।

ଡିବ-ଡିମ୍ବ, ( ଡିମ୍ବୟତି ) ପ୍ରେରଣ କ । ଡିମ୍ବନ, ଡିମ୍ବିତ ।

ଡିଭ-ଡିମ୍ଭ, ( ଡିମ୍ଭତି, ଡିମ୍ଭୟତି-ତେ ) ରାଶି କ; ସଞ୍ଚୟ କ । ଡିମ୍ଭନ, ଡିମ୍ଭିତ ।

ଡିମ, (ଡେମତି) ହିଂସା କ ।

ଡୀ, ( ଡୟତେ, ଡୀୟତେ ) ଗମନ କ; ଉଡ଼ିବା । ପ୍ରାପ୍ତି । ଡୀନ, ଉଡ୍ଡୀନ, ପ୍ରଡ୍ଡୀନ, ସଂଡୀନ ।

---

ଢ

ଢୁଢ-ଢୁଣ୍ଢ, (ଢୁଢତି-ଢୁଣ୍ଢତି) ଅନ୍ୱେଷଣ କ । ଢୁଣ୍ଢନ, ଢୁଣ୍ଢିତ ।

ଢୌକ, (ଢୌକତେ) ଗମନ କ । ଢୌକନ ।

---

ଣ

ଣକ୍ଷ, (ନକ୍ଷତି, ପ୍ରଣକ୍ଷତି) ଗମନ କ ।

ଣଖ, (ନଖତି, ନଙ୍ଖତି) ଗମନ କ ।

ଣଟ, (ନଟତି, ପ୍ରଣଟତି) ନୃତ୍ୟ କ ।

ଣଦ, (ନଦତି, ପ୍ରଣଦତି) ଶବ୍ଦ କ ।

ଣଭ, ( ନଭତେ, ନଭ୍ୟତି, ନଭ୍ନାତି ) ବଧ କ, ନଷ୍ଟ କ ।

ଣମ, (ନମତି) ନମସ୍କାର କ ।

ଣୟ, (ନୟତେ, ପ୍ରଣୟତେ) ଗମନ କ ।

ଣର୍ଦ୍ଦ, (ନର୍ଦ୍ଦତି, ପ୍ରଣର୍ଦ୍ଦତି) ଶବ୍ଦ କ ।

ଣଲ, (ନଲତି, ପ୍ରଣଲତି) ଘ୍ରାଣ ନେବା; ବନ୍ଧନ କ ।

ଣସ, (ନସତେ, ପ୍ରଣସତେ) କୁଟିଳ ହେବା ।

ଣହ, (ନହ୍ୟତି-ତେ) ବନ୍ଧନ କ ।

ଣାସ, (ନାସତେ, ପ୍ରଣାସତେ) ନାସାଶବ୍ଦ କ ।

ଣିଜ, (ନିନ୍ତେ, ପ୍ରଣିନ୍ତେ, ନେନେକ୍ତି, ନେନକ୍ତେ) ପୋଷଣ କ; ଶୁଦ୍ଧ କ; ପରିଷ୍କାର କ ।

ଣିଦ, (ନିନ୍ଦତେ-ନିନ୍ଦତି-ତେ, ପ୍ରଣିନ୍ଦତି-ନେଦତି-ପ୍ରଣେଦତି) ନିନ୍ଦା କ; ନିକଟ ହେବା ।

ଣିଲ, (ଣିଲତି) ବୁଝିବାକୁ କଠିଣ ହେବା ।

ଣିବ, (ସେଚନେ-ନିମ୍ୱତି, ପ୍ରଣିମ୍ୱତି) ଜଳାଦି ସେକ କ ।

ଣିଶ, ( ନେଶତି, ପ୍ରଣେଶତି ) ଏକାନ୍ତ ଅନୁରକ୍ତ ହେବା ।

ଣିଷ, (ସେଚନେ-ନେଷତି) ଜଳାଦି ସେକ କ ।

ଣିସ, (ଚୁମ୍ବନେ-ନିଂସ୍ତେ, ପ୍ରଣିଂସ୍ତେ) ଚୁମ୍ବନ କ ।

ଣୀ, (ନୟନେ-ନୟତି-ତେ) ପରିଚାଳନ କ; ପ୍ରାପ୍ତି ।

ଣୀଲ, (ନୀଲତି, ପ୍ରଣୀଲତି) ନୀଳବର୍ଣ୍ଣ ହେବା ।

ଣୀବ, (ସ୍ଥୂଲେ-ନୀବତି, ପ୍ରଣୀବତି) ସ୍ଥୂଳ ହେବା ।

ଣୁ, (ପ୍ରଶଂସାୟାଂ-ନୌତି, ପ୍ରଣୌତି) ପ୍ରଶଂସା କ ।

ଣୁଦ, ( ନୁଦତି, ନୁଦତେ ) ପ୍ରେରଣ କ; କ୍ଷେପଣ କ; ଗମନ ।

ଣୂ, (ପ୍ରଶଂସାୟାଂ-ନୁବତି) ପ୍ରଶଂସା କ ।

ଣେଦ, (ନେଦତି-ତେ) ପ୍ରଶଂସା କ ।

ଣେଷ, (ଗତୌ-ନେଷତେ) ଗମନ ।

---

ତ

ତକ, ( ତକତି ) ହାସ୍ୟ କ; ଉପହାସ କ; ସହ୍ୟ କ; (ତନ୍କ-ତଙ୍କତି) କଷ୍ଟରେ ଜୀବନଧାରଣ କ; (ତଙ୍କତେ) ଗମନ କ । ତକନ, ତଙ୍କ, ଆତଙ୍କ ।

ତକ୍ଷ, ( ତକ୍ଷତି ) ଅଚ୍ଛାଦନ କ; କାଲଗ୍ରହଣ କ; (ତକ୍ଷ୍ଣୋତି) ଖଣ୍ଡ କ; ସୂକ୍ଷ୍ମ କ । ତକ୍ଷ, ତକ୍ଷକ ।

ତଗ-ତନ୍ଗ, (ତଙ୍ଗତି) ସ୍ଖଳନ କ; କମ୍ପନ କ; ଗମନ କ । ତଙ୍ଗନ, ତଙ୍ଗିତ ।

ତଞ୍ଚ, (ତଞ୍ଚତି) ଗମନ କ; (ତନକ୍ତି) ସଙ୍କୁଚିତ ହେ । ତଞ୍ଚିତ ।

ତଞ୍ଜ, (ତନକ୍ତି) ସଙ୍କୁଚିତ ହେବା । ତଞ୍ଜିତ, ତକ୍ତ ।

ତଟ, (ତଟତି) ଉନ୍ନତ ହେବା; (ତାଟୟତି) ଆଘାତ କ । ତଟିମା ।

ତଡ଼, ( ତାଡୟତି ) ଆଘାତ କ; ଦୀପ୍ତି ପାଇବ । (ତନ୍ଡ-ତଣ୍ଡତେ) ଆଘାତ କ । ତାଡନ, ତାଡିତ ବିତଣ୍ଡା ।

ତନ୍ତ୍ର-ତନ୍ତ୍ର, ( ତନ୍ତ୍ରୟତି ) ପୋଷଣ କ; ଧାରଣ କ; ବିସ୍ତାର କ । ତନ୍ତ୍ର, ତନ୍ତ୍ରୀ ।

ତଦ, (ତନ୍ଦତେ) ସନ୍ତୁଷ୍ଟ ହେବା ।

ତନ, ( ତନୋତି, ତନୁତେ ) ବିସ୍ତାର କ; ( ତନତି ତାନୟତି ) ବିଶ୍ୱାସ କ; ସାହାଯ୍ୟ କ; ଉପକାର କ; ଉପତପ୍ତ କ; ଶବ୍ଦ କ; ହିଂସା, ନିବୃତ୍ତ ହେ; ( ପ୍ର-ବି-ପୂର୍ବ ) ଦୀର୍ଘ ହେ । ତନୁ, ତନୂ, ତନ୍ତୁ, ସନ୍ତାନ, ତତ, ବିତାନ ।

ତନ୍ଦ୍ର, (ତନ୍ଦ୍ରତି) ଅଳସ ହେ; ଅଚେତନ ହେ ।

ତପ, (ତାପେ, ପ୍ରଭୁତ୍ୱେ-ତପତି-ତେ, ତପ୍ୟତି-ତେ, ତାପୟତି-ତେ ) ଦଗ୍ଧ କ; ଉତ୍ତପ୍ତ କ; ପ୍ରଭୁତ୍ୱ କ । ତାପ, ସନ୍ତାପ, ତପ୍ତ, ତପନ, ଆତପ ।

ତମ, ( ତାମ୍ୟତି ) ଇଚ୍ଛା କ; ମ୍ଳାନ ହେ । ତମନ, ତାନ୍ତ ।

ତମ୍ବ, (ତମ୍ବତି) ଗମନ କ । ତମ୍ବି, ତମ୍ବନ ।

ତୟ, ( ତୟତେ ) ଗମନ କ । ରକ୍ଷା କ; ତୟନ, ତୟିତ ।

ତର୍କ, ( ତର୍କୟତି ) ତର୍କ କ; ଦୀପ୍ତି ପା; କଥନ ତର୍କ ।

ତର୍ଜ୍ଜ (ଭର୍ତ୍ସନେ-ତର୍ଜ୍ଜତି-ତେ, ତର୍ଜ୍ଜୟତି) ଭର୍ତ୍ସନା କ । ତର୍ଜ୍ଜନ, ତର୍ଜ୍ଜିତ ।

ତର୍ଦ୍ଦ (ତର୍ଦ୍ଦତି) ଆଘାତ କ; ବଧ କ । ତର୍ଦ୍ଦନ, ତର୍ଦ୍ଦିତ ।

ତର୍ବ୍ବ (ତର୍ବ୍ବତି) ଗମନ କ । ତର୍ବ୍ବଣ, ତର୍ବ୍ବିତ ।

ତଲ, (ତଲତି, ତାଲୟତି) ପ୍ରତିଷ୍ଠିତ ହେ; ଉନ୍ନତ ହେ; ସମ୍ପୂର୍ଣ୍ଣ ହେ; ଗମନ କ । ତଲ, ତାଲ ।

ତସ, (ତସତି) ଉତ୍କ୍ଷେପଣ କ; (ଭୂଷଣେ-ତନ୍ସ-ତଂସୟତି) ଭୂଷିତ କ । ଅବତଂସ ।

ତାୟୃ, (ବିସ୍ତାରେ-ତାୟତେ) ବିସ୍ତାର କ । ତାୟନ, ତାୟିତ ।

ତିକ, (ତେକତେ) ଗମନ କ; (ତିକ୍ନୋତି) ଗମନ କ; ଆକ୍ରମଣ କ; ବଧେଚ୍ଛା କ; ଆସ୍କନ୍ଦନ କ । ତେକନ ।

ତିଗ, (ତିଗ୍ନୋତି) ଗମନ କ; ଆସ୍କନ୍ଦନ କ; ଆକ୍ରମଣ କ; ବଧ କ । ତେଗନ, ତିଗିତ ।

ତିଘ, (ତିଘ୍ନୋତି) ବଧ କ । ତେଘନ, ତିଘିତ ।

ତିଜ, (ତେଜତେ, ତେଜୟତି) ତୀକ୍ଷ୍ଣ କ; (ତିତିକ୍ଷତେ) ସହ୍ୟ କ । ତେଜଃ, ତେଜନ, ତେଜସ୍ୱୀ, ତୀକ୍ଷ୍ଣ ।

ତିପ, (ସେଚନେ-ତେପତେ) ଜଳସେଚନ କ । ତୃପ୍ତ ।

ତିମ, (ତିମ୍ୟତି) କ୍ଲିନ୍ନ ହେ । ତିମିର ।

ତିଲ, (ତେଲତି-ତେଲୟତି, ତିଲତି) ସ୍ନେହଯୁକ୍ତ ହେ । ଗମନ କ । ତିଲ, ତିଲକ, ତୈଳ ।

ତିଲ୍ଲ, (ତିଲ୍ଲତି) ଗମନ କ । ତିଲ୍ଲନ, ତିଲ୍ଲିତ ।

ତୀମ, (ତୀମ୍ୟତି) କ୍ଲିନ୍ନ ହେ । ତୀମନ, ତୀମିତ ।

ତୀର, (ତୀରୟତି) ସମ୍ପୂର୍ଣ୍ଣ ହେ । ତୀରତ, ତୀର ।

ତୀବ, (ତୀବତି) ସ୍ଥୂଳ ହେ । ତୀବନ, ତୀବିତ ।

ତୁ, (ତୌତି, ତବତି) ଗମନ କ; ବୃଦ୍ଧି ହେ; ବଧ କ; ପୂର୍ଣ୍ଣ କ; ଜୀବନ ନିର୍ବାହ କ । ତୁବନ, ତୁତ ।

ତୁଜ, (ତୋଜତି) ବଧ କ; (ତୁନ୍ଜ-ତୁଞ୍ଜତି) ରକ୍ଷା କ; (ତୁଞ୍ଜୟତି) ବାସ କ; ବଳିଷ୍ଠ ହେ; ପ୍ରଦାନ କ; ବଧ କ; ଦୀପ୍ତି ପା । ତୋଜନ, ତୁଜିତ, ତୁଞ୍ଜନ ।

ତୁଠ, (ତୁଠତି) କଳହ କ; ଆଘାତ କ । ତୁଠିତ ।

ତୁଡ, ତୁନ୍ଡ, (ତୋଡତି, ତୁଡତି, ତୁଣ୍ଡତେ) ବଧ କ; ଛେଦ କ । ତୁଡନ, ତୁଡିତ, ତୁଣ୍ଡ, ତୁଣ୍ଡିତ ।

ତୁଡ୍ଡ, (ତୁଡ୍ଡତି) ଅନାଦର କ । ତୁଡ୍ଡିତ ।

ତୁଣ, (ତୁଣତି) କୁଟିଳ ହେ । ତୁଣିତ ।

ତୁତ୍ଥ, (ତୁତଥୟତି, ତୁତ୍ଥାପୟତି) ଆଚ୍ଛାଦନ କ; ବିସ୍ତାର କ ।

ତୁଦ, (ପୀଡାୟାଂ-ତୁଦତି-ତେ) ବ୍ୟଥିତ କ; ପୀଡନ କ । ତୋଦ, ତୁନ୍ନ, ବଧୂନ୍ତୁଦ ।

ତୁପ, ତୁମ୍ପ, (ନାଶେ, ପୀଡନେ-ତୋପତି, ତୋପୟତି, ତୁପତି, ତୁମ୍ପତି, ତୁମ୍ପୟତି) ବଧ କ; ପୀଡନ କ । ତୋପନ, ତୁପିତ, ତୁମ୍ପନ ।

ତୁଫ, (ତୋଫତି, ତୁଫତି, ତୋଫୟତି) ବଧ କ । ତୋଫନ, ତୁଫିତ ।

ତୁବ-ତୁନ୍ବ, (ତୁମ୍ବତି-ତୁମ୍ବୟତି) ବଧ କ; ପୀଡନ କ; ଅଦର୍ଶନ ହେ । ତୁମ୍ବନ, ତୁମ୍ବିତ ।

ତୁଭ, (ତୋଭତେ, ତୁଭ୍ୟତି, ତୁଭ୍ନାତି) ବଧ କ; ପୀଡନ କ । ତୋଭନ, ତୁଭିତ ।

ତୁମ୍ପ, (ତୁମ୍ପତି) ବଧ କ; ଦୁଃଖିତ ହେ; (ତୁମ୍ପୟତି) ପୀଡନ କ । ତୁମ୍ପନ, ତୁମ୍ପିତ ।

ତୁମ୍ଫ, (ତୁମ୍ଫତି) ବଧ କ; କ୍ଲିଷ୍ଟ ହେ । ତୁମ୍ଫିତ, ତୁମ୍ଫନ ।

ତୁର, (ତୁତୋର୍ତ୍ତି) ଦ୍ରୁତ ଗମନ କ । ତୋରଣ, ତୁରତ ।

ତୁର୍ବ୍ବ, (ତୁର୍ବ୍ବତି) ବଧ କ ।

ତୁଲ, (ତୋଲତି, ତୋଲୟତି-ତେ, ତୁଲତି, ତୁଲ-

ଯୁତ ) ଓଜନ କ । ତୁଳା, ତୁଳନ, ଉତ୍ତୋଳନ ।

ତୁଷ, (ତୁଷ୍ୟତି) ସନ୍ତୁଷ୍ଟ ହେ । ତୋଷଣ, ସନ୍ତୋଷ, ପରିତୋଷ ।

ତୁସ, (ତୋସତି) ଶବ୍ଦ କ । ତୁସିତ ।

ତୁହ, (ତୋହତି) ବଧ କ; ଆଘାତ କ । ତୋହନ, ତୁହିତ ।

ତୂଡ଼, (ତୂଡ଼ତି) ଅନାଦର କ । ତୂଡ଼ନ, ତୂଡ଼ିତ ।

ତୂଣ, (ତୂଣୟତେ) ପୂରଣ କ; (ତୂଣୟତି) ସଙ୍କୁଚିତ ହେ । ତୂଣ, ତୂଣକ ।

ତୂର, ( ତୂର୍ଯ୍ୟତେ ) ତ୍ୱରିତ ଗମନ କ; ବଧ କ । ତୂର୍ଣ୍ଣି, ତୂରଣ ।

ତୂଲ, (ତୂଲତି, ତୂଲୟତି ତେ) ପୂରଣ କ; ଓଜନ କ; ବହିଷ୍କୃତ କ । ତୂଲ, ତୂଲିତ ।

ତୂଷ, (ତୂଷତି) ସନ୍ତୁଷ୍ଟ ହେ । ତୂଷଣ, ତୂଷିତ ।

ତୃକ୍ଷ, (ତୃକ୍ଷତି) ଗମନ କ ।

ତୃଣ-ତୃନ୍, (ତୃଣୋତି, ତୃଣୁତେ, ତର୍ଣ୍ଣୋତି, ତର୍ଣ୍ଣୁତେ) ତୃଣ ଭକ୍ଷଣ କ । ତୃଣ, ତର୍ଣ୍ଣକ ।

ତୃଦ, (ତୃଣତ୍ତି, ତୃନ୍ତେ) ବଧ କ; ଅନାଦର କ; ପ୍ରଦାନ କ; ଛେଦନ କ । ତର୍ଦ୍ଦନ, ତୃଣ୍ଣ, ତର୍ଦ୍ଦିତ ।

ତୃପ-ତୃମ୍ପ, (ତର୍ପତି, ତର୍ପୟତି, ତୃପ୍ୟତି-ତେ, ତୃପତି, ତୃପ୍ନୋତି ) ସନ୍ଦୀପନ କ; ପ୍ରୀତ କ । ତର୍ପଣ ତୃପ୍ତ, ତୃପ୍ତି ।

ତୃଫ, (ତୃଫତି) ପ୍ରୀତ କ; ସନ୍ତୁଷ୍ଟ କ । ତର୍ଫଣ, ତୃଫିତ ।

ତୃମ୍ପ, (ତୃମ୍ପତି) ପ୍ରୀତ କ । ତୃମ୍ପଣ, ତୃପିତ ।

ତୃମ୍ଫ-ତୃନ୍ଫ (ତୃମ୍ଫତି) ପ୍ରୀତ କ । ତୃମ୍ଫଣ, ତୃମ୍ଫିତ ।

ତୃଷ, (ତୃଷ୍ୟତି) ତୃଷାର୍ତ୍ତ ହେ; ବାଞ୍ଛି ହେ । ତୃଷ୍ଣା, ତୃଷିତ ।

ତୃହ, (ତୃଣେଢି) ବଧ କ । ତର୍ହଣ, ତୃଢ ।

ତୄ, ( ତରତେ-ତରତି ) ପାର ହେ; ଆକ୍ରମଣ କ; ପରାଭବ କ; ଜଳରେ ସନ୍ତରଣ କ; (ଅବ-ପୂର୍ବ୍ବ) ଅବତରଣ କ । ତାରଣ, ସନ୍ତରଣ, ବିତରଣ, ପ୍ରତାରଣା, ଉତ୍ତୀର୍ଣ୍ଣ ଇତ୍ୟାଦି ।

ତେଜ, (ତେଜତି) ରକ୍ଷା କ ।

ତେପ, (ତେପତେ) ଜଳସେକ କ; କମ୍ପନ; ଖ୍ୟାତି ପା । ତେପା, ତେପିତ ।

ତେବ, ( ତେବତେ ) କ୍ରୀଡ଼ା କ; କ୍ରନ୍ଦନ କ । ତେବନ, ତେବିତ ।

ତୋଡ଼, ( ତୋଡତି-ତୋଡୟତି ) ଅମାନ୍ୟ କ । ତୋଡନ, ତୋଡ଼ିତ ।

ତୌକ, (ତୌକତେ) ଗମନ କ ।

ତ୍ୟଜ, (ତ୍ୟାଗେ-ତ୍ୟଜତି) ପରିତ୍ୟାଗ କ । ତ୍ୟଜନ, ତ୍ୟକ୍ତ ।

ତ୍ରକ-ତ୍ରନ୍କ (ତ୍ରଙ୍କତି) ଗମନ କ । ତ୍ରଙ୍କଣ ।

ତ୍ରଖ, (ତ୍ରଙ୍ଖତି) ଗମନ କ ।

ତ୍ରଗ-ତ୍ରନ୍ଗ, (ତ୍ରଗତି-ତ୍ରଙ୍ଗତି) ଗମନ କ । ତ୍ରଙ୍ଗିତ ।

ତ୍ରଦ-ତ୍ରନ୍ଦ, ( ତ୍ରଦତି-ତ୍ରନ୍ଦତି ) ଚେଷ୍ଟା କ; ବ୍ୟସ୍ତ ହେ । ତ୍ରନ୍ଦନ, ତ୍ରନ୍ଦିତ ।

ତ୍ରପ, (ଲଜ୍ଜାୟାଂ-ତ୍ରପତେ) ଲଜ୍ଜିତ ହେ । ତ୍ରପା, ତ୍ରପାନ୍ୱିତ ।

ତ୍ରସ, (ତ୍ରାସେ-ତ୍ରସତି, ତ୍ରସ୍ୟତି) ଭୀତ ହେ; ଦ୍ରୁତ-ଗମନ କ; ( ତ୍ରନ୍ସ-ତ୍ରଂସତି, ତ୍ରଂସୟତି ) କଥନ; ଖ୍ୟାତି ପା; (ତ୍ରାସୟତି) ଗ୍ରହଣ କ; ଆକ୍ରମଣ କ; ବାଘାତ କ; ଭୟପ୍ରଦର୍ଶନ କ । ତ୍ରାସ, ତ୍ରାସିତ ।

ତ୍ରା, (ତ୍ରାଣେ-ତ୍ରାତି) ରକ୍ଷା କ । ତ୍ରାଣ, ପରିତ୍ରାଣ ।

ତ୍ରିଖ, (ତ୍ରିଙ୍ଖତି) ଗମନ କ ।

ତ୍ରୁଟ, (ତ୍ରୁଟତି, ତ୍ରୁଟ୍ୟତି, ତ୍ରୋଟୟତି) ଛେଦ କ; ଖଣ୍ଡିତ ହେ; ଛିନ୍ନ ହେ । ତ୍ରୁଟି ।

ତ୍ରୁପ, (ତ୍ରୋପତି) ବଧ କ । ତ୍ରୋପଣ, ତ୍ରୋପ, ତ୍ରୋପିତ ।

ତ୍ରୁଫ, (ତ୍ରୋଫତି) ବଧ କ । ତ୍ରୁଫିତ ।

ତ୍ରୁମ୍ପ, (ତ୍ରୁମ୍ପତି) ବଧ କ । ତ୍ରୁମ୍ପଣ, ତ୍ରୁପିତ ।

ତୁମ୍ଫ, (ତୁମ୍ଫତି) ବଧ କ । ତୁମ୍ଫଣ ।
ତ୍ରୈ, (ତ୍ରାଣେ-ତ୍ରାୟତେ) ରକ୍ଷା କ; ତ୍ରାଣ କ । ତ୍ରାଣ, ତ୍ରାତା ।
ତ୍ରୌକ, ( ତ୍ରୌକତେ ) ଗମନ କ । ତ୍ରୌକଣ, ତ୍ରୌକିତ ।
ତ୍ୱକ୍ଷ, (ତ୍ୱକ୍ଷତି) ତ୍ୱଚଗ୍ରହଣ କ; ସୂକ୍ଷ୍ମ କ । ତ୍ୱଷ୍ଟା ।
ତ୍ୱଗି-ତ୍ୱନ୍ଗ, (ତ୍ୱଙ୍ଗତି) ଗମନ କ । ତ୍ୱଙ୍ଗନ, ତ୍ୱଙ୍ଗିତ ।
ତ୍ୱଚ, (ତ୍ୱଚତି) ଆଚ୍ଛାଦନ କ । ତ୍ୱକ୍ ।
ତ୍ୱଞ୍ଚ, (ତ୍ୱଞ୍ଚତି) ଗମନ କ । ତ୍ୱକ୍ତ, ତ୍ୱଞ୍ଚିତ ।
ତ୍ୱଞ୍ଜ, (ତ୍ୱଞ୍ଜତି) ଗମନ କ ।
ତ୍ୱର, (ବେଗେ-ତ୍ୱରତେ) ଦ୍ରୁତଗମନ କ । ତ୍ୱରିତ ।
ତ୍ୱିଷ, ( ଦୀପ୍ତୌ, ତ୍ୱେଷତି ) ଦୀପ୍ତି ପା; ବାସ କ; ପ୍ରଦାନ କ । ତ୍ୱିଷା, ତ୍ୱିଷ୍, ତ୍ୱିଷେ ।
ତ୍ସର, (ତ୍ସରତି) ଛଳ କରି ଯାଏ । ତ୍ସର, ତ୍ସରୁ ।

---

## ଥ

ଥୁଡ, (ଥୁଡତି) ଆଚ୍ଛାଦନ କ । ଥୁଡନ, ଥୁଡିତ ।
ଥୁଧ, (ଥୁଧ୍ୟତି-ତେ) ନିର୍ମ୍ମଳ ହେ ।
ଥୁର୍ବ, (ଥୁର୍ବତି) ବଧ କ ।

---

## ଦ

ଦଂଶ, ଦନ୍ଶ, (ଦଂଶତି) ଦଂଶନ କ; ଦୀପ୍ତି ପା । ଦଂଶ, ଦଂଶିତ ।
ଦକ୍ଷ, ( ଦକ୍ଷତେ ) ବୃଦ୍ଧି ପା; ପ୍ରେରଣ କ, ଗମନ କ; ବଧ କ । ଦକ୍ଷିଣା, ଦକ୍ଷେଣ, ପ୍ରଦକ୍ଷିଣ; (ଦକ୍ଷୟତି) ନିପୁଣ ହେ ।
ଦଘ, ଦନ୍ଘ, ( ଦଙ୍ଘତି ) ତ୍ୟାଗ କ; ରକ୍ଷା କ; (ଦଘ୍ନୋତି) ବଧ କ । ଦଙ୍ଘନ, ଦଙ୍ଘିତ ।
ଦଣ୍ଡ, ( ଦଣ୍ଡୟତି-ଦଣ୍ଡାପୟତି ) ଅର୍ଥଦଣ୍ଡ କ । ଦଣ୍ଡ, ଦଣ୍ଡିତ ।
ଦଦ, ( ଦଦତେ ) ଦାନ କ; ଧାରଣ କ; ତ୍ୟାଗ କ । ଦଦନ, ଦଦିତ ।
ଦଧ, ( ଦଧତେ ) ଧାରଣ କ; ଦାନ କ; (ଦନ୍ତି) ଛତ୍ରପାଳନ କ । ଦଧନ, ଦଧି ।
ଦଭ, ଦନ୍ଭ, ( ଦଭୟତି, ଦମ୍ଭୟତି ) ଆଜ୍ଞା କ । ଦାଭନ, ଦାଭିତ, ଦମ୍ଭନ ।
ଦମ, ( ଦାମ୍ୟତି-ଦମ୍ୟତେ ) ଶାନ୍ତ ହେ; ଜିତେନ୍ଦ୍ରିୟ ହେ; ବଶୀ କ । ଦମ, ଦମନ, ଦାନ୍ତ, ଦମୁନା ।
ଦମ୍ଭ, (ଦଭ୍ନୋତି) ଚଳ କ; ଭଗ କ; (ଦମ୍ଭୟତି) ସୃଷ୍ଟି କ । ଦମ୍ଭକ ।
ଦୟ, (ଦୟତେ) ଦାନ କ; ଗମନ କ; ଗ୍ରହଣ କ । ରକ୍ଷା କ; ବଧ କ । ଦୟା, ଦୟାଳୁ, ଦୟିତା ।
ଦରିଦ୍ରା, ( ଦରିଦ୍ରାତି ) ଦରିଦ୍ର ହେ; ନିର୍ଦ୍ଧନ ହେ । ଦରିଦ୍ର, ଦରିଦ୍ରାୟକ ।
ଦଳ, (ଦଳତି, ଦାଳୟତି) ଭେଦ କ; ଛେଦ କ; ମଡ଼େଇବା । ଦଳନ, ଦଳିତ, ଦଳମୀ ।
ଦବ, ଦନ୍ବ, (ଦମ୍ବତି) ଗମନ କ । ଦମ୍ବନ, ଦମ୍ବିତ ।
ଦଶ, ( ଦଶତି, ଦଂଶୟତି ) ଦଂଶନ କ ; ଅସ୍ଥି-ଧାରଣ କ ; ଦର୍ଶନ କ; ( ଦଂଶୟତେ ) ଦୀପ୍ତି ପା । ଦଶନ, ଦଂଶ, ଦଂଶନ, ଦଂଶିତ, ଦଂଷ୍ଟ୍ରା ।
ଦସ, ( ଦସ୍ୟତି ) ଉତ୍‌କ୍ଷେପଣ କ; କ୍ଷୟ ହେ; (ଦସୟତେ) ଦର୍ଶନ କ । (ଦନ୍ସ-ଦଂସତି-ଦଂସୟତି) ଦଂଶନ କ; ଦୀପ୍ତି ପା । ଦସନ, ଦସ୍ତ, ଦଂସନ, ଦଂସିତ; (ଦସଭୃତ୍ୟୋ) ଦାସ ।
ଦହ, (ଦହତି-ତେ) ଦଗ୍ଧ କ; ( ଦନ୍ହ-ଦଂହୟତି ) ଦୀପ୍ତି ପା; ଦଗ୍ଧ ହେ । ଦହନ, ଦାହନ, ଦାହ, ଦଗ୍ଧ, ବିଦଗ୍ଧ, ଦାହ୍ୟ ।
ଦା, (ଯଚ୍ଛତି, ଦଦାତି) ଦାନ କ; ( ଦାତି ) ଛେଦ କ; (ଆ-ପୂର୍ବ) ଗ୍ରହଣ କ; (ପ୍ରତି-ପୂର୍ବ) ପ୍ରତିଦାନ କ । ଦାନ, ଆଦାନ, ପ୍ରଦାନ, ଅପାଦାନ, ଦତ୍ତ, ଦେୟ, ଧନଦ, ଦାତୃ ଇତ୍ୟାଦି ।
ଦାନ, (ଦୀଦାଂସତି-ତେ) ଛେଦ କ; ଋଜୁ ହେ । ଦାଦନ, ଦାନିତ, ଦୀଦାଂସା, ଦୀଦାଂସିତ ।
ଦାୟ, (ଦାୟତେ) ଦାନ କ । ଦାୟନ, ଦାୟିତ ।
ଦାଶ, ( ଦାଶତି-ତେ, ଦାଶୟତେ, ଦାଶ୍ନୋତି ) ଅଘାତ କ; ଦାନ କ; ବଧ କ । ଦାଶନ, ଦାଶିତ ।

ଦାସ, (ଦାସତି-ତେ, ଦା'ସ୍ନୋତି) ଅପକାର କ; ବଧ କ । ଦାସନ, ଦାସିତ, ଦାସ, ଦାସୀ, ଦାସେର ।

ଦିବ, ( ଦୀବ୍ୟତି ) କ୍ରୀଡା କ; ଦୀପ୍ତି ପା; ହୃଷ୍ଟ ହେ ; ମତ୍ତ ହେ; ନିଦ୍ରିତ ହେ; ଜୟ କରିବାକୁ ଇଚ୍ଛା କ; କ୍ରୟବିକ୍ରୟ କ; ସ୍ତବ କ; (ଦେବ-ୟତି) ଦୁଃଖଭୋଗ କ; ( ଦିନ୍ବ-ଦିନ୍ୱତି ) ପ୍ରୀତ କ । ଦେବନ, ଦେବ, ଦ୍ୟୁତ, ଦିବସ, ଦେବତା, ଦେବୀ, ଦ୍ୟୋ ।

ଦିଶ, ଦିନ୍ଶ, ( ଦିଶୟତି ) ପ୍ରେରଣ କ; ଆଦେଶ କ । ଦିଶନ ।

ଦିଷ୍ଟ, (ଦିଷ୍ଟ-ତେ; ଦିଷ୍ଟୟତି-ତେ ) ପ୍ରେରଣ କ; ଆଜ୍ଞା କ । ଗଣି କ । ଦିଷ୍ଟନ, ଦିଷ୍ଟୟିତା, ଦିଷ୍ଟିତ ।

ଦିମ୍ଭ, (ଦିମ୍ଭତି-ତେ) ପ୍ରେରଣ କ; ଗଣି କ । ଦିମ୍ଭନ;

ଦିଶ, (ଦିଶତି-ତେ) ଦାନ କ; ଆଦେଶ କ; କଥନ। ଆଦେଶ, ଉଦ୍ଦେଶ, ସନ୍ଦେଶ, ଦିଷ୍ଟ, ଉଦ୍ଦିଷ୍ଟ ଉପଦେଷ୍ଟା, ପ୍ରଦେଶ ଇତ୍ୟାଦି ।

ଦିହ, ( ଦେଗ୍ଧି ) ଗଣି କ; ସଞ୍ଚୟ କ; ବୃଦ୍ଧି କ, ଲେପନ କ । ସନ୍ଦେହ, ସନ୍ଦିଗ୍ଧ, ସନ୍ଦିହାନ ।

ଦୀ, ( ଦୀୟତେ ) କ୍ଷୀଣ ହେ; ଦୁଃଖୀ ହେ । ଦୀନ ।

ଦୀକ୍ଷ, ( ଦୀକ୍ଷତେ ) ମୁଣ୍ଡିତ ହେ; ନିୟମପର ହେ; ଯାଗ କ; ବ୍ରତାଦେଶ କ; ଉପନୀତ କ । ଦୀକ୍ଷା, ଦୀକ୍ଷିତ, ଦୀକ୍ଷକ ।

ଦୀଧୀ, (ଦୀଧୀତେ) କ୍ରୀଡା କ; ଦୀପ୍ତି ପା । ଦୀଧୀତ ।

ଦୀପ, (ଦୀପ୍ୟତେ) ଦୀପ୍ତି ପା । ଦୀପନ, ଦୀପ୍ତି, ଦୀପ୍ୟ-ମାନ ।

ଦୁ, ( ଦବତି, ଦୁନୋତି ) ଉପତପ୍ତ ହେ; ଉପତପ୍ତ କ; ଗମନ କ । ଦ୍ୱି, ଦୂନ ।

ଦୁଃଖ, (ଦୁଃଖୟତି, ଦୁଃଖାପୟତି) ଯାତନା ଦେ । ଦୁଃଖ, ଦୁଃଖିତ ।

ଦୁର୍ବ୍ବ, (ଦୁର୍ବ୍ବତି) ବଧ କ । ଦୂର୍ବ୍ବଣ, ଦୂର୍ବା ।

ଦୁଲ, (ଦୋଲତି) ଦୋଲାଇବା; ଉତ୍କ୍ଷେପଣ କ । ଦୋଲନ, ଦୋଲ, ଦୋଦୁଲ୍ୟମାନ ।

ଦୁଷ, ( ଦୁଷ୍ୟତି-ତେ ) ବିକୃତ ହେ; ଦୁଷ୍ଟ ହେ । ଦୋଷ, ଦୋଷଣ, ଦୋଷୀ, ଦୁଷ୍ଟ, ଦୋଷା ।

ଦୁହ, ( ଦୋହତି-ତେ, ଦୁହ୍ୟତି-ତେ ) ଅପକାର କ; ଦୋହନ କ; ବଧ କ । ଦୋହନ, ଦୁହ୍ୟମାନ ଦୋଗ୍ଧା, ଦୁଗ୍ଧ, ଦୋଗ୍ଧ୍ରୀ, ।

ଦୂ, (ଦୂୟତେ) ଦୁଃଖିତ; କ୍ଳେଶ ପା । ଦୂନ ।

ଦୂଷ, (ଦୂଷ୍ୟତି-ତେ) ଦୁଷ୍ଟ ହେ । ମନ୍ଦ ହେ । ଦୂଷଣ, ବିଦୂଷଣ, ଦୂଷିତ, ଦୂଷକ ।

ଦୃ, (ଆ-ପୂର୍ବ୍ବ ଆଦ୍ରିୟତେ) ଆଦର କ; ( ଦୃଣୋତି ) ବଧ କ । (ଦରତି-ଦାରୟତି) ଭୀତ ହେ । ଆଦର, ସମାଦର, ସମାଦୃତ, ଆଦରଣୀୟ ।

ଦୃପ, (ଦୃପ୍ୟତି) ଦୃଷ୍ଟ ହେ; ଅହଙ୍କୃତ ହେ; (ଦୃପତି) ପୀଡନ କ; (ଦର୍ପତି-ଦର୍ପୟତି) ଦୀପ୍ତ କ; (ଦୃନ୍ପ-ଦୃମ୍ପୟତି-ତେ) ଗଣି କ । ଦର୍ପିତା, ଦର୍ପକ ।

ଦୃଫ, (ଦୃଫତି) ଯାତନା ଦେ; ପୀଡନ କ । ଦୃଫିତ ।

ଦୃଭ, (ଦୃଭତି) ଗ୍ରନ୍ଥନ କ; ଯାତନା ଦେ; (ଦର୍ଭତି, ଦର୍ଭୟତି) ଭୀତ ହେ । ଦର୍ଭଣ, ଦର୍ଭିତ ।

ଦୃମ୍ଫ, (ଦୃମ୍ଫତି) ଯାତନା ଦେ । ଦୃମ୍ଫଣ, ଦୃମ୍ଫିତ ।

ଦୃମ୍ଫ, ଦୃନ୍ଫ, (ଦୃମ୍ଫତି) ଯାତନା ଦେ । ଦୃମ୍ଫଣ ଦୃଫିତ ।

ଦୃଶ, (ଦର୍ଶନେ-ପଶ୍ୟତି) ଦର୍ଶନ କ । ଦର୍ଶନ, ନିଦ-ର୍ଶନ, ଦୃଷ୍ଟି, ଦିଦୃକ୍ଷା, ଦର୍ଶିତ, ଦ୍ରଷ୍ଟା, ଦ୍ରଷ୍ଟବ୍ୟ, ସଦୃଶ, ଦୃକ୍ ଇତ୍ୟାଦି ।

ଦୃହ-ଦୃନ୍ହ, (ଦର୍ହତି) ବୃଦ୍ଧି ପା । ଦୃଂହଣ, ଦୃଂହିତ ।

ଦୄ, (ଦୃଣାତି) ବିଦୀର୍ଣ୍ଣ ହେ; (ଦରତି) ଭୀତ ହେ । ବିଦୀର୍ଣ୍ଣ, ବିଦାରଣ ।

ଦେ, (ଦେୟତେ) ପ୍ରତିପାଳନ କ । ଦାତା ।

ଦେବ, (ଦେବତେ) କ୍ରୀଡା କ ।

ଦୈ, (ଦାୟତେ) ଶୁଦ୍ଧ ହେ; ନିର୍ମଳ କ । ଅବ-ଦାତ ।

ଦୋ, (ଦ୍ୟତି) ଅଂଶ କ; ଛେଦ କ । ଦିତ ।

ଦ୍ୟୁତ, (ଦ୍ୟୋତତି) ଅଭିମୁଖ୍ୟେ ଗମନ କ; ସମ୍ମୁଖେ ଯିବା । ଦ୍ୟୁତ ।

ଦ୍ୟୁଭ, (ଦ୍ୟୋଭତେ) ଦୀପ୍ତି ପା । ଦ୍ୟୁତି, ଦ୍ୟୋତ, ବିଦ୍ୟୁତ ।

ଦ୍ୟୈ, (ଦ୍ୟାଯୃତ) ଅଧଃକୃତ କ; ଗ୍ଲାନ କ; ଅବ-
ମାନ କ । ଦ୍ୟାତା ।

ଦ୍ରମ, (ଦ୍ରମତି) ଗମନ କ । ଦ୍ରମଣ, ଦ୍ରମିତ ।

ଦ୍ରା, (ଦ୍ରାତି) ନିଦ୍ରିତ ହେ; ପଳାୟନ କ । ନିଦ୍ରା,
ନିଦ୍ରିତ ।

ଦ୍ରାକ୍ଷ-ଦ୍ରାଙ୍କ୍ଷ, (ଦ୍ରାଙ୍କ୍ଷତି) କାକବତ୍ ଶବ୍ଦ କ,
ବାଞ୍ଛା କ । ଦ୍ରାଙ୍କ୍ଷଣ, ଦ୍ରାଙ୍କ୍ଷିତ ।

ଦ୍ରାଖ, (ଦ୍ରାଖତି) ଶୁଷ୍କ ହେ; ସମର୍ଥ ହେ; ପର୍ଯ୍ୟାପ୍ତ
ହେ; ବ୍ୟର୍ଥ ହେ; ଭୂଷିତ କ । ଦ୍ରାଖଣ, ଦ୍ରାଖିତ ।

ଦ୍ରାଘ, (ଦ୍ରାଘତେ) ସମର୍ଥ ହେ; ଶ୍ରମ କ; ଦୀର୍ଘ କ ।
ଦ୍ରାଘଣ, ଦ୍ରାଘିତ ।

ଦ୍ରାଡ୍, (ଦ୍ରାଡତେ) ଭେଦ କ; ବଧ କ । ଦ୍ରାଡ,
ଦ୍ରାଡିତ ।

ଦ୍ରାହ, (ଦ୍ରାହତେ) ଜାଗରଣ କ; ନିକ୍ଷେପ କ;
ବନ୍ଧନ କ ର । ଦ୍ରାହଣ, ଦ୍ରାହିତ ।

ଦ୍ରୁ, (ଦ୍ରବତି) ଗମନ କ; (ଦ୍ରୁନୁତେ-ଦ୍ରୁଣୋତି)
ଆଘାତ କ; ବଧ କ । ଦ୍ରବ, ଉପଦ୍ରବ, ଦ୍ରୁତ,
ଦ୍ରବ୍ୟ, ଦ୍ରୁମ ।

ଦ୍ରୁଡ୍, (ଦ୍ରୁଡତି) ମଗ୍ନ ହେ । ଦ୍ରୁଡନ, ଦ୍ରୁଡିତ ।

ଦ୍ରୁଣ, (ଦ୍ରୁଣତି) ଆଘାତ କ; ବଧ କ; ଗମନ କ;
କୁଟିଳ ହେ । ଦ୍ରୋଣନ, ଦ୍ରୁଣିତ ।

ଦ୍ରୁହ, (ଦ୍ରୁହ୍ୟତି-ତେ) ଅନିଷ୍ଟାଚରଣ କ । ନିଦ୍ରୋହ,
ନିଦ୍ରୋହୀ ।

ଦ୍ରୂ, (ଦ୍ରୂଣାତି, ଦ୍ରୂଣୀତେ) ଗମନ କ; ବଧ କ ।
ଦ୍ରବଣ ।

ଦ୍ରେକ, (ଦ୍ରେକତେ) ଶବ୍ଦ କ; ଉତ୍ସାହ କ; ବୃଦ୍ଧି ପା ।
ଦ୍ରେକଣ ।

ଦ୍ରୈ, (ଦ୍ରାୟତି) ନିଦ୍ରା ଯିବା ।

ଦ୍ୱିଷ, (ଦ୍ୱିଷତି) ଦ୍ୱେଷ କ । ଦ୍ୱେଷ, ଦ୍ୱେଷ୍ଟା ।

ଦ୍ୱୃ, (ଦ୍ୱରତି) ଆଚ୍ଛାଦନ କ; ଗ୍ରହଣ କ ।

---

ଧ

ଧକ୍କ, (ଧକ୍କୟତି) ନଷ୍ଟ କ; ଆଘାତ କ । ଧକନ,
ଧକ୍କା ।

ଧଣ, (ଧଣତି) ଶବ୍ଦ କ । ଧଣନ, ଧଣିତ ।

ଧନ, (ଧନତି) ଶବ୍ଦ କ; (ଦଧନ୍ତି) ଧନ୍ୟୋତ୍ପାଦନ
କ । ଧନ, ଧାନ୍ୟ ।

ଧବ-ଧନ୍ୱ (ଧନ୍ୱତି) ଗମନ କ । ଧନ୍ୱନ, ଧନ୍ୱିତ ।

ଧମ, (ଧମତି) ଶବ୍ଦ କ । ଧମ, ଧମକ, ଧମନୀ ।

ଧା (ଦଧାତି-ଧତ୍ତେ) ଧାରଣ କ; ପୋଷଣ କ;
ଦାନ କ; ଅଙ୍ଗୀକାର କ; (ଅପି-ପୂର୍ବ) ଆଚ୍ଛା-
ଦନ କ; (ଅଭି-ପୂର୍ବ) କଥନ; (ଅବ-ପୂର୍ବ)
ମନୋଯୋଗ କ; (ଆ-ପୂର୍ବ) ସ୍ଥାପନ କ; (ପରି-
ପୂର୍ବ) ପରିଧାନ କ; (ବି-ପୂର୍ବ) ବିଧାନ କ;
(ସମ୍-ପୂର୍ବ) ସନ୍ଧାନ କ; (ଅନ୍ତର୍-ପୂର୍ବ) ଅନ୍ତ-
ର୍ଦ୍ଧାନ ହେବା ଇତ୍ୟାଦି । ଆଧାନ, ପରିଧାନ,
ବିଧାନ, ଅବଧାନ, ବ୍ୟବଧାନ, ଉପାଧାନ,
ଅନ୍ତର୍ଦ୍ଧାନ, ସାବଧାନ, ଅଭିଧାନ, ସନ୍ଧାନ,
ଜଳଧି, ସୁଧା, ବିଧାତା ଇତ୍ୟାଦି ।

ଧାବ, (ଧାବତି-ତେ) ଗମନ କ; ଦ୍ରୁତଗମନ କ;
ଧୌତ କ । ଧାବନ, ଧାବକ, ଧୌତ ।

ଧି, (ଧିୟତି) ଧାରଣ କ; (ଧିନୋତି) ସନ୍ତୁଷ୍ଟ ହେ;
ଗମନ କ । ଧୟନ, ଧେତା ।

ଧିକ୍ଷ, (ଧିକ୍ଷତେ) ଦୀପ୍ତ ହେ; କ୍ଲାନ୍ତ ହେ; ବଞ୍ଚି ର ।
ଧିକ୍ଷଣ, ଧିକ୍ଷିତ ।

ଧିବ-ଧିନ୍ୱ (ଧିନୋତି) ପ୍ରୀତ କ; ଗମନ କ ।
ଧିନ୍ୱନ, ଧିନ୍ୱିତ ।

ଧିଷ, (ଦଧେଷ୍ଟି) ଶବ୍ଦ କ । ଧେଷଣ, ଧିଷତ ।

ଧୀ, (ଧୀୟତେ) ଅନାଦର କ; ଆରାଧନା କ; ଧାର-
ଣ କ । ଧୀକ ।

ଧୁ, (ଧୁନୋତି-ଧୁନୁତେ) କମ୍ପିତ ହେ । ବିଧବନ,
ଧୁତ ।

ଧୁକ୍ଷ, (ଧୁକ୍ଷତେ) ଦୀପ୍ତ ହେ; କ୍ଲାନ୍ତ ହେ; ବଞ୍ଚି ର ।
ଧୁକ୍ଷଣ, ଧୁକ୍ଷିତ ।

ଧୁର-ଧୁର୍ (ଧୁର୍ଯ୍ୟତେ) ଗମନ କ; ବଧ କ । ଧୂର୍ତ୍ତ ।

ଧୂ (ଧୁନୋତି, ଧୁନୁତେ, ଧୁବତି, ଧୁନାତି, ଧୁନୀତେ,
ଧବତି-ତେ, ଧାବୟତି-ତେ, ଧୂନୟତି) କମ୍ପନ,

ଧୂକ୍ଷ, (ଧୂକ୍ଷତେ) ଦୀପ୍ତ ହେ; କ୍ଲାନ୍ତ ହେ; ଜର୍ଜ୍ଜର । ଧୂକ୍ଷଣ, ଧୂକ୍ଷିତ ।

କମ୍ପାଇବା । ଧୂନ, ଧୂତ, ବିଧୂତ, ଧୂମ ।

ଧୂପ, (ଧୂପାୟତି) ତାପିତ କ; ତପ୍ତ ହେ; (ଧୂପୟତି) ଦୀପ୍ତି ପା; ଜ୍ୱଳିତ ହେ । ଧୂପନ, ଧୂପିତ ।

ଧୂର୍, (ଧୂର୍ଯ୍ୟତେ) ବଧ କ ; ଗମନ କ । ଧୂର୍ତ୍ତ, ଧୂର ।

ଧୂର୍ବ୍ବ, (ଧୂର୍ବ୍ବତି) ବଧ କ । ଧୂର୍ବ୍ବଣ, ଧୂର୍ଭୀ ।

ଧୂଶ, (ଧୂଶୟତି) ଶୋଭିତ କ । ଧୂଶନ, ଧୂଶିତ ।

ଧୂଷ, (ଧୂଷୟତି) ଶୋଭିତ କ । ଧୂଷଣ, ଧୂଷିତ ।

ଧୂସ, (ଧୂସୟତି) ଶୋଭିତ କ । ଧୂସଣ, ଧୂ-ତ ।

ଧୂସ୍, (ଧୂସୟତି) ଶୋଭିତ କ । ଧୂସନ, ଧୂସିତ ।

ଧୃ, (ଧାରୟଣେ-ଧରତେ) ପତନ ହେ; ଚୂର୍ଣ୍ଣ ହେ; (ଧ୍ରିୟତେ) ସ୍ଥିତ କ; ଧାରଣ କ; (ଧରତି-ତେ) ଧାରଣ କ; (ଧରତି) ସେଚନ କ; (ଧାରୟତି) ଧାରଣ କ । ଧୃତ, ଧୃତି, ଉଦ୍ଧାର, ଅବଧାରଣ, ଧର୍ମ, ଧରିତ୍ରୀ, ଧରଣୀ ଇତ୍ୟାଦି ।

ଧୃଜ-ଧୃଞ୍ଜ (ଧର୍ଜ୍ଜତି, ଧୃଞ୍ଜତି) ଗମନ କ । ଧର୍ଜ୍ଜନ, ଧୃଜିତ ।

ଧୃଷ, (ଧୃଷ୍ଣୋତି) ପ୍ରଗଲ୍ଭ ହେ; (ଧର୍ଷତି, ଧର୍ଷୟତି) ବଳପୂର୍ବ୍ବକ ବଧ କ; (ଧର୍ଷତି) ଘୃଣା କ; ବଧ କ । ଧର୍ଷ, ଧର୍ଷିତ, ଧର୍ଷଣ, ଧୃଷ୍ଟ, ଧର୍ଷଣୀ ।

ଧୄ, (ଧୄଣାତି) ଜୀର୍ଣ୍ଣ ହେ ।

ଧେ, (ଧୟତି-ତେ) ପାନ କ । ସ୍ତନନ୍ଧୟ ।

ଧୋର, (ଧୋରତି) ଗମନପଟୁ ହେ । ଧୋରଣ, ଧୋରିତ ।

ଧ୍ମା, (ଧମତି) ଅଗ୍ନିସଂଯୋଗ କ; ଅଗ୍ନିପ୍ରଦୀପ୍ତ କ; ଫୁଙ୍କି ବଜାଇବା । ଧ୍ମାନ, ଆଧ୍ମାନ, ଧ୍ମାତ ।

ଧ୍ମାଙ୍କ୍ଷ-ଧ୍ୱାଙ୍କ୍ଷ (ଧ୍ମାଙ୍କ୍ଷତି) ବାଞ୍ଛା କ; କାକବତ୍ ଶବ୍ଦ କ । ଧ୍ମାଂକ୍ଷଣ, ଧ୍ମାଂକ୍ଷିତ ।

ଧ୍ୟୈ (ଧ୍ୟାନେ-ଧ୍ୟାୟତି) ସ୍ମରଣ କ; ଚିନ୍ତା କ । ଧ୍ୟାନ, ଧ୍ୟାତ ।

ଧ୍ରଜ, (ଧ୍ରଜତି) ଗମନ କ; (ଧ୍ରଞ୍ଜ-ଧ୍ରଂଜତି) ଗମନ କ । ଧ୍ରଜନ, ଧ୍ରଜିତ ।

ଧ୍ରଣ, (ଧ୍ରଣତି) ଶବ୍ଦ କ । ଧ୍ରଣନ, ଧ୍ରଣିତ ।

ଧ୍ରସ୍, (ଧ୍ରସୟତି) ଉତ୍କ୍ଷେପଣ କ; (ଧ୍ରସ୍ନାତି) ଉଞ୍ଛ-ଜୀବିକା କ । ଧ୍ରସ୍ତ ।

ଧ୍ରାକ୍ଷ-ଧ୍ରାଙ୍କ୍ଷ, (ଧ୍ରାଙ୍କ୍ଷତି) ବାଞ୍ଛା କ; ଶବ୍ଦ କ । ଧ୍ରାଙ୍କ୍ଷଣ, ଧ୍ରାଙ୍କ୍ଷିତ ।

ଧ୍ରାଖ, (ଧ୍ରାଖତି) ଶୁଷ୍କ ହେ; ସମର୍ଥ ହେ; ପର୍ଯ୍ୟାପ୍ତ ହେ; ବ୍ୟର୍ଥ ହେ; ଭୂଷିତ କ । ଧ୍ରାଖଣ, ଧ୍ରାଖିତ ।

ଧ୍ରାଘ, (ଧ୍ରାଘତେ) ସମର୍ଥ ହେ । ଧ୍ରାଘଣ ।

ଧ୍ରାଡ଼, (ଧ୍ରାଡ଼ତି) ଅଂଶ କ । ଧ୍ରାଡ଼ନ, ଧ୍ରାଡିତ ।

ଧ୍ରେଜ, (ଧ୍ରେଜତି) ଗମନ କ । ଧ୍ରେଜନ, ଧ୍ରେଜିତ ।

ଧ୍ରୁ, ( ଧ୍ରବତି-ଧ୍ରୁବତି ) ସ୍ଥିର ହୋଇ ରହିବା; ଗମନ କ । ଧ୍ରୁବତା ।

ଧ୍ରୂ, (ଧ୍ରୁବତି) ସ୍ଥିର ହୋଇ ରହିବା; ଗମନ କ ।

ଧ୍ରେକ, (ଧ୍ରେକତେ) ଶବ୍ଦ କ; ଉତ୍ସାହ କ; ବୃଦ୍ଧି ହେ ।

ଧ୍ରୈ, (ଧ୍ରାୟତି) ତୃପ୍ତ ହେ । ଧ୍ରାଣ ।

ଧ୍ୱଂସ, ଧ୍ୱନ୍ସ, ( ଧ୍ୱଂସତେ ) ବିନଷ୍ଟ ହେ; ଗମନ କ । ଧ୍ୱଂସ, ଧ୍ୱଂସିତ ।

ଧ୍ୱଜ, ଧ୍ୱଞ୍ଜ, (ଧ୍ୱଜତି, ଧ୍ୱଂଜତି) ଗମନ କ । ଧ୍ୱଜ, ଧ୍ୱଜିତ ।

ଧ୍ୱଣ, (ଧ୍ୱଣତି) ଶବ୍ଦ କ । ଧ୍ୱଣନ, ଧ୍ୱଣିତ ।

ଧ୍ୱନ, (ଧ୍ୱନତି, ଧ୍ୱନୟତି, ଧ୍ୱାନୟତି) ଶବ୍ଦ କ । ଧ୍ୱନି, ଧ୍ୱନିତ ।

ଧ୍ୱାକ୍ଷ, ଧ୍ୱାଙ୍କ୍ଷ, (ଧ୍ୱାଙ୍କ୍ଷତି) ଶବ୍ଦ କ; ଆକାଙ୍କ୍ଷା କ ।

ଧ୍ୱୃ, (ଧ୍ୱରତି) କୁଟିଳ ହେ; ବଧ କ; ବଞ୍ଚନା କ । ଧ୍ୱୃତ ।

---

## ନ

ନକ୍କ, ( ନକ୍କୟତି ) ନଷ୍ଟ କ; ବଧ କ; ଆଘାତ କ । ନକ୍କନ ।

ନକ୍ଷ, ନନ୍କ୍ଷ, (ନକ୍ଷତି-ନଙ୍କ୍ଷତି) ଗମନ କ । ନାଶ ।

ନଖ, (ନଖତି) ଗମନ କ । ନଖ ।

ନଜ, (ନଜତେ, ନଞ୍ଜତେ) ଲଜ୍ଜିତ ହେ । ନଜିତା ।

ନଟ, (ନଟୟତି, ନାଟୟତି) ନୃତ୍ୟ କ; ବଧ କ; ଅଧଃପତିତ ହେ; କମ୍ପ ହେ; ଦୀପ୍ତି ପା, ଆଘାତ କ । ନଟନ, ନାଟନ, ନାଟ୍ୟ, ନାଟକ ।

ନଡ, (ନଡଷ୍ଟ) ଅଟେଦ୍ୟ ହେ; (ନଡମ୍ପୃତି) ଅଧଃ-ପତନ ହେ । ନାଡନ ।

ନଦ, (ନଦତି, ନାଦୟତି) ଶବ୍ଦ କ; ଦୀପ୍ତି ପା । ନାଦ, ନାଦନ, ନଦୀ ।

ନନ୍ଦ, ( ନନ୍ଦତି, ନନ୍ଦୟତି ) ଆନନ୍ଦିତ ହେ । ନନ୍ଦନ, ଅନନ୍ଦ, ଆନନ୍ଦିତ ।

ନଭ, (ନଭତେ, ନଭ୍ୟତି, ନଭ୍ନାତି) ବଧ କ; ନଭନ, ନଭିତ ।

ନମ, ( ନମତି, ନମୟତି, ନାମୟତି ) ନମସ୍କାର କ; ନମ୍ର ହେ; ଶବ୍ଦ କ । ନମନ, ନମଃ, ପ୍ରଣତି, ନମସ୍କାର, ଅବନତ, ଉନ୍ନତ ଇତ୍ୟାଦି ।

ନମ୍ବ, (ନମ୍ବତି) ଗମନ କ ।

ନୟ, (ନୟତି-ତେ) ଗମନ କ । ନୟିତ ।

ନର୍ଦ୍ଦ, (ନର୍ଦ୍ଦତି, ପ୍ରନର୍ଦ୍ଦତି) ଶବ୍ଦ କ । ନର୍ଦ୍ଦନ, ନର୍ଦ୍ଦିତ ।

ନର୍ବ୍ବ, (ନର୍ବ୍ବତି) ଗମନ କ ।

ନଲ, ( ନାଲୟତି ) ଦୀପ୍ତି ପା; ବନ୍ଧନ କ । ନଲ, ନାଲ, ନଲିତ ।

ନଶ, (ନାଶେ, ନଶ୍ୟତି) ବିନଷ୍ଟ ହେ । ନାଶ, ବିନାଶ, ବିନଷ୍ଟ, ନାଶ୍ୟ ।

ନସ, (ନସତେ) କୁଟିଳ ହେ । ନସନ, ନସିତ ।

ନହ, (ନହ୍ୟତି-ତେ) ବନ୍ଧନ କ । ସନ୍ନହନ, ସନ୍ନାହ, ନଦ୍ଧ, ସନ୍ନଦ୍ଧ ।

ନାଥ, (ନାଥତି-ତେ) ପ୍ରାର୍ଥନା କ; ଆଶୀର୍ବାଦ କ; ଉପତପ୍ତ ହେ; ପ୍ରଭୁ ହେ । ନାଥ ।

ନାଧ, (ନାଧତେ) ପ୍ରାର୍ଥନା କ; ଆଶୀର୍ବାଦ କ; ଉପତପ୍ତ ହେ; ପ୍ରଭୁ ହେ । ନାଧିତ ।

ନାସ, (ନାସତେ) ଶବ୍ଦ କ । ନାସନ, ନାସା ।

ନିକ୍ଷ, (ନିକ୍ଷତି) ଚୁମ୍ବନ କ । ନିକ୍ଷଣ, ନିକ୍ଷିତ ।

ନିଜ, (ନେନେକ୍ତି, ନେନିକ୍ତେ) ପୋଷଣ କ; ଶୁଦ୍ଧ କ; ଯୌତ କ; ( ନିନକ୍ତି-ନଙ୍କ୍ତେ ) ଶୁଦ୍ଧ କ; ଯୌତ କ । ନିକ୍ତ, ନେଜନ, ନେଜକ, ନିଞ୍ଜନ, ନିଞ୍ଜିତ ।

ନିଦ-ନିନ୍ଦ, (ନେଦତି-ତେ, ନିନ୍ଦତି-ତେ) ନିନ୍ଦା କ; ଭର୍ତ୍ସନା କ । ନିନ୍ଦତି; ନିନ୍ଦା, ନିନ୍ଦିତ, ନିନ୍ଦନୀୟ, ନିନ୍ଦକ ।

ନିନ୍ଦ, ( ନମ୍ବତି ) ଜଳାଦି ସେକ କ । ନିମ୍ବନ, ନିମ୍ବିତ ।

ନିକ୍ଷ, (ନିଂକ୍ଷେ) ଚୁମ୍ବନ କ; ନିଂକ୍ଷନ, ନିଂକ୍ଷିତ ।

ନିବାସ, (ନିବାସୟତି) ଆଚ୍ଛାଦନ କ ।

ନିଲ, (ନିଲୟତି) ବୁଝିବାକୁ କଠିନ ହେ । ନିଲିତ ।

ନିଶ, ( ନେଶତି ) ଏକାନ୍ତ ଅନୁରକ୍ତ ହେ । ନେଶନ, ନେଶିତା ।

ନିଷ, (ନେଷତି' ସେଚନ କ । ନେଷଣ, ନିଷିତ ।

ନିଷ୍କ, (ନିଷ୍କୟତେ) ପରମାଣ କ । ନିଷ୍କଣ ।

ନୀ, (ନୟତି-ତେ) ପ୍ରାପଣ, ପାଇବା; (ପରି-ପୂର୍ବ୍ବ) ବିବାହ କ; ( ବି-ପୂର୍ବ୍ବ ) ନମ୍ର ହେ; ଶାସନ କ; ( ଆ-ପୂର୍ବ୍ବ ) ଆନୟନ କ; ( ଅନୁ-ପୂର୍ବ୍ବ ) ଅନୁନୟ କ; ( ଅପ-ପୂର୍ବ୍ବ ) ଦୂରୀକରଣ କ; (ଉତ୍-ପୂର୍ବ୍ବ ) ଉତ୍ତୋଳନ କ; ( ଉପ-ପୂର୍ବ୍ବ ) ଉପନୟନ ଦେ; ( ନିର୍-ପୂର୍ବ୍ବ ) ନିର୍ଣ୍ଣୟ କ । ନୀତ, ନୟନ, ଆନୟନ, ଉପନୟନ, ଅନୁନୟ, ବିନୟ, ପ୍ରଣୟ, ପରିଣୟ, ନିର୍ଣ୍ଣୟ, ନୀତ, ନେତ୍ର ଇତ୍ୟାଦି ।

ନୀବ, (ନୀବତି) ସ୍ଥୂଳ ହେ । ନୀବନ, ନୀବିତ ।

ନୀଲ, (ନୀଲତି) କୃଷ୍ଣବର୍ଣ୍ଣ ହେ । ନୀଲ, ନୀଳିକା ।

ନୁ-ନୂ, (ନୌତି) ସ୍ତବ କ । ନୁତ, ନୂତ, ନବିତା ।

ନୁଦ, (ନୁଦତି) ବଧ କ । ନୁଦନ, ନୁଦିତା ।

ନୁଦ, ( ନୁଦତି ) ପ୍ରେରଣ କ; କ୍ଷେପଣ କ । ଅପନୋଦନ ।

ନୃ, ( ନରତି, ନୃଣାତି ) ନୀତି କ; ଶିକ୍ଷା ଦେ; ପରିଷ୍କାର କ ।

ନୃତ, (ନୃତ୍ୟତି) ନୃତ୍ୟ କ । ନୃତ୍ୟ, ନର୍ତ୍ତ, ନର୍ତ୍ତକ ।

ନୄ, ( ନରତି, ନୄଣାତି ) ପ୍ରାପଣ । ନର, ନାରୀ ।

ନେଷ, (ନେଷତେ) ଗମନ କ । ନେଷଣ, ନେଷିତ ।

---

## ପ

ପକ୍ଷ, ( ପକ୍ଷତି-ପକ୍ଷୟତି ) ଗ୍ରହଣ କ; ପରିଗ୍ରହ କ । ପକ୍ଷ, ବିପକ୍ଷ, ପକ୍ଷ୍ମ, ପକ୍ଷୀ ।

ପଚ, (ପଚତି) ପାକ କ; (ପନ୍ଚ, ପଞ୍ଚତି, ପଞ୍ଚୟତି) ବ୍ୟକ୍ତ କ; ବିସ୍ତାର କ । ପାକ, ପାଚକ, ପକ୍ୱ, ପଞ୍ଚ, ପ୍ରପଞ୍ଚ ।

ପଞ୍ଚ, (ପଞ୍ଚତେ) ବ୍ୟକ୍ତ କ; (ପଞ୍ଚୟତି) ବିସ୍ତାର କ । ପଞ୍ଚ, ପଙ୍କ ।

ପଞ୍ଜ-ପନ୍ଜ (ପଞ୍ଜତି) ରୋଧ କ ।

ପଟ, (ପଟତି) ଗମନ କ; ( ପଟୟତି ) ବେଷ୍ଟନ କ; ଅଂଶ କ । ଉତ୍ପାଟନ, ପଟୁ, ପଟ, ପଟୋଲ, ପଟହ ।

ପଠ, (ପଠତି) ପାଠ କ । ପାଠ; ପଠନ, ପାଠକ ।

ପଡ, ପନ୍ଡ, (ପଣ୍ଡତେ) ଗମନ କ; (ପଣ୍ଡତି-ପଣ୍ଡୟତି) ନଷ୍ଟ କ; ସଞ୍ଚୟ କ; ରାଶି କ । ପଣ୍ଡା, ପଣ୍ଡିତ ।

ପଣ, (ପଣତେ, ପଣୟତି) କ୍ରୟବିକ୍ରୟ ବ୍ୟବହାର କ; (ପଣାୟତି) ସ୍ତବ କ । ପଣ, ପଣ୍ୟ, ଆପଣ ।

ପତ, (ପତତି, ପତୟତି, ପାତୟତି) ଗମନ କ; ପତିତ ହେ; ଅଧିପତ୍ୟ କ; ( ପତ୍ୟତେ ) ପ୍ରଭୁତ୍ୱ କ । ପତନ, ପାତ, ପ୍ରଣିପାତ, ନିପାତ, ପତିତ, ପତ୍ର, ପତ୍ନୀ ।

ପଥ, (ପଥତି) ଗମନ କ; (ପାଥୟତି) ନିକ୍ଷେପ କ; (ପନ୍ଥ-ପନ୍ଥତି, ପନ୍ଥୟତି) ଗମନ କ; ଭ୍ରମଣ କ । ପଥ, ପଥିକ, ପାନ୍ଥ ।

ପଦ, (ପଦ୍ୟତେ, ପଦୟତେ) ଗମନ କ; (ପଦତି) ସ୍ଥିର ହେ । ଆପଦ, ବିପଦ, ସମ୍ପଦ, ଉତ୍ପାଦନ, ବ୍ୟାପାଦନ, ବିପତ୍ତି, ସମ୍ପତ୍ତି, ପାଦୁକା, ପାଦ, ପ୍ରତିପଦ ଇତ୍ୟାଦି ।

ପନ, (ପନୟତି) ପ୍ରଶଂସା କ; ସ୍ତବ କ । ପନନ, ପନିତ ।

ପମ୍ବ, (ପମ୍ବତି) ଗମନ କ; ପ୍ରାପ୍ତି । ପମ୍ବନ, ପମ୍ବିତ ।

ପୟ, (ପୟତେ) ଗମନ କ । ପୟନ, ପୟିତ ।

ପର୍ଣ୍ଣ, ( ପର୍ଣ୍ଣୟତି ) ହରିଦ୍ବର୍ଣ୍ଣ କ; ପୀତବର୍ଣ୍ଣ ହେ । ପର୍ଣ୍ଣ, ପର୍ଣ୍ଣୀ ।

ପର୍ଦ୍ଦ, ( ପର୍ଦ୍ଦତେ ) ଅପାନ ବାୟୁ ତ୍ୟାଗ କ । ପର୍ଦ୍ଦନ, ପର୍ଦ୍ଦିତ ।

ପର୍ପ, (ପର୍ପତି) ଗମନ କ । ପର୍ପଣ, ପର୍ପିକ ।

ପର୍ବ୍ବ, ( ପର୍ବ୍ବତି ) ଗମନ କ; ପରିପୂର୍ତ୍ତି କ । ପର୍ବ୍ବ, ପାର୍ବ୍ବଣ ।

ପର୍ଷ, ( ପର୍ଷତି ) ସ୍ନିଗ୍ଧ ହେ; ଚିକଣ ହେ । ପର୍ଷଣ, ପର୍ଷିତ ।

ପଲ, (ପଲତି) ଗମନ କ । ପଲିତ, ପଲ, ପଲ୍ୱଲ ।

ପଲ୍ୟୂଲ-ପଲ୍ୟୂଲ, (ପଲ୍ୟୂୟତି-ପଲ୍ୟୂୟତି) ଛିନ୍ନ କ; ପରିଶୁଷ୍କ କ ।

ପଲ୍ଲ, (ପଲ୍ଲତି) ଗମନ କ । ପଲ୍ଲ, ପଲ୍ଲବ, ପଲ୍ଲୀ ।

ପଶ, (ପଶତି-ତେ, ପଶୟତି) ବନ୍ଧନ କ; ଗ୍ରନ୍ଥନ କ; ଗମନ କ; ବାଧା ଦେ; ସ୍ପର୍ଶ କ । ପାଶିତ, ପାଶୀ; ପାଶ, ପାଶକ ।

ପଷ, ( ପଷୟତି-ପାଷୟତି ) ବନ୍ଧନ କ; ଗମନ କ; ବାଧା ଦେ; ସ୍ପର୍ଶ କ । ପାଷଣ, ପାଷିତ, ପଷଣ, ପଷିତ ।

ପସ, (ପାସତି-ତେ) (ପସୟତି-ପାସୟତି) ବନ୍ଧନ କ; ସ୍ପର୍ଶ କ; ବାଧା ଦେ; ଗମନ କ; ପୀଡା ଦେ; (ପନ୍ସ-ପଂସୟତି) ତ୍ୟାଗ କ; ଲୋପ କ; ଧ୍ୱଂସ କ । ପସନ, ପାସନ, ପସିତ, ପାସିତ, ପିଂସନ, ପିଂସିତ ।

ପା, (ପାନେ-ପିବତି) ପାନ କ; (ପାତି) ପାଳନ କ । ପାନ, ପିପାସା, ପୀତ, ପାନୀୟ, ମଦ୍ୟପ, ପିତା, ଅଧିପ, ନୃପ ।

ପାର, ( ପାରୟତି ) ସମ୍ପୂର୍ଣ୍ଣ କ । ପାର, ପାରକ, ପାରଗ ।

ପାଲ, (ପାଲୟତି) ରକ୍ଷା କ । ପାଳନ, ପ୍ରତିପାଳନ, ମହୀପାଳ, ଗୋପାଳ ।

ପି, (ପିୟତି) ଗମନ କ । ପେତା ।

ପିଛ, (ପିଛତି) ଛେଦନ କ; ଅଂଶ କ । ପିଛିତ ।

ପିଚ୍ଛ, (ପିଚ୍ଛତି) ଯାତନା ଦେ; ବାଧା ଦେ; (ପିଚ୍ଛୟତି) ଛେଦନ କ; ଅଂଶ କ । ପିଚ୍ଛିତ ।

ପିଞ୍ଜ- ପିନ୍ଜ, (ପିଞ୍ଜତି, ପିଞ୍ଜୟତି) ବଧ କ; ଦାନ କ; ଦୀପ୍ତି ପା; ବାସ କ; ବଳବାନ୍ ହେ; (ପିଙ୍କ୍ତେ)

ପିଙ୍ଗଳବର୍ଣ୍ଣ ହେ; ସଂପୃକ୍ତ ହେ; ପୂଜା କ; ଶବ୍ଦ କ । ପିଙ୍ଗିତ, ପିଙ୍ଗ ।

ପିଚ୍ଛ, (ପେଚ୍ଛତି) ଶବ୍ଦ କ; ଗଣି କ । ପିଚ୍ଛିତ, ପେଚ୍ଛିକା, ପେଚ୍ଛ ।

ପିଠ, (ପେଠତି) ବଧ କ; କ୍ଲିଷ୍ଟ ହେ; କ୍ଲେଶ ଦେ । ପେଠନ, ପିଠିତ ।

ପିଣ୍ଡ,-ପିନ୍ଡ, ( ପିଣ୍ଡତି-ତେ, ପିଣ୍ଡୟତି ) ସଞ୍ଚୟ କ; ଗଣି କ । ପିଣ୍ଡୟିତ, ପିଣ୍ଡ, ପିଣ୍ଡିତ ।

ପିଲ, (ପେଲୟତି) ନିକ୍ଷେପ କ । ପେଲନ, ପେଲିତ, ପେଲ ।

ପିବ, ପିନ୍ୱ, ( ପିବତି-ପିନ୍ୱତି ) ଜଳାଦି ସେକ କ । ପେନ୍ୱନ, ପିନ୍ୱିତ ।

ପିଶ, (ପିଶତି) ସମସ୍ତ ଦ୍ରବ୍ୟ ପୃଥକ୍ କ; ଦୀପ୍ତି ପା । ପେଶନ, ପିଶିତ ।

ପିଷ, ( ପେଷତେ-ପିନଷ୍ଟି ) ଚୂର୍ଣ୍ଣ କ; ( ପେଷୟତି ) ଆଘାତ କ; ଦାନ କ; ବଳବାନ୍ ହେ; ବାସ କ; (ପେଷୟତି-ପେଷତି) ଗମନ କ । ପେଷଣ, ପିଷ୍ଟ, ପେଷିତ ।

ପିସ, ( ପେସତି, ପେସୟତି ) ଗମନ କ; ବଳବାନ୍ ହେ; ଆଘାତ କ; ଦାନ କ; ବାସ କ; ( ପିନ୍ସ୍-ପିଂସୟତି) କଥା କହିବା; ଦୀପ୍ତି ପା; ନଷ୍ଟ କ । ପେସନ, ପିସିତ ।

ପୀ, (ପୀୟତେ) ପାନ କ । ପେତବ୍ୟ, ପେତା ।

ପୀଡ, (ପିଡୟତି) ଯାତନା ଦେ; ବାଧା ଦେ; ମର୍ଦ୍ଦନ କ; କ୍ଲେଶ ଦେ । ପୀଡା, ନିପୀଡନ, ପୀଡିତ ।

ପୀଲ, (ପୀଲତି) ରୋଧ କ; ସ୍ତବ୍ଧ ହେ । ପୀଲନ, ପୀଲିତ ।

ପୀବ, (ପୀବତି) ସ୍ଥୂଳ ହେ । ପୀବନ, ପୀବିତ ।

ପୀୟୁ, (ପୀୟୁତି) ତୃପ୍ତ କ ।

ପୁଂସ-ପୁନ୍ସ, ( ପୁଂସୟତି ) ପୀଡନ କ । ପୁମାନ୍, ପୁଂଶ୍ଚଳୀ, ପୁଂଲିଙ୍ଗ ।

ପୁଚ୍ଛ, (ପୁଚ୍ଛତି) ଭ୍ରମ ହେ ।

ପୁଟ, ( ପୋଟତି ) ଚୂର୍ଣ୍ଣ କ, ( ପୁଟତି ) ସଂଲଗ୍ନ ହେ; (ପୋଟୟତି) ହ୍ରସ୍ୱ ହେ; ଦୀପ୍ତି ପା; କଥା କହିବା; ଚୂର୍ଣ୍ଣ କ; (ପୁଟୟତି) ବନ୍ଧନ କ । ପୁଟିତ, ପୁଟକ, କରପୁଟ ।

ପୁଟ୍ଟ, (ପୁଟ୍ଟୟତି) ତୁଚ୍ଛ ହେ । ପୁଟ୍ଟିତ ।

ପୁଡ, (ପୁଡତି) ପରିତ୍ୟାଗ କ; ଉତ୍ସର୍ଗ କ; ଆଚ୍ଛାଦନ କ; ( ପୁନ୍ଡ-ପୁଣ୍ଡତି ) ଘର୍ଷଣ କ; ଚୂର୍ଣ୍ଣ କ; ପୀଡନ କ । ପୁଡିତ ।

ପୁଣ, (ପୁଣତି) ପବିତ୍ର ହେ । ପୁଣ୍ୟ ।

ପୁତ୍ତ, (ପୁତ୍ତୟତି) ଗମନ କ ।

ପୁଥ, (ପୁଥ୍ୟତି) ଆଘାତ କ; ବଧ କ; (ପୋଥୟତି) ଦୀପ୍ତି ପା; କଥନ; (ପୁନ୍ଥ-ପୁଂଥତି) ଆଘାତ କ; ପୀଡନ କ । ପୋଥନ, ପୁଂଥନ, ପୁଂଥିତ ।

ପୁର, ( ପୁରତି ) ଅଗ୍ରେ ଗମନ କ । ପୁର, ପୁରୀ, ପୁରସ୍ ।

ପୁର୍ବ୍ବ, (ପୁର୍ବ୍ବତି) ପରିପୂର୍ଣ୍ଣ କ; (ପୁର୍ବ୍ବୟତି) ବାସ କ; ଅହ୍ୱାନ କ । ପୁର୍ବ୍ବଣ, ପୁର୍ବ୍ବ ।

ପୁଲ, (ପୋଲତି-ପୁଲତି, ପୋଲୟତି) ବୃହତ୍ ହେ । ପୋଲିତ, ପୁଲକ, ପୁଲକିତ, ପୁଲିନ, ବିପୁଲ ।

ପୁଷ, ( ପୋଷତି, ପୁଷ୍ୟତି ) ପ୍ରତିପାଳନ କ; ବର୍ଦ୍ଧନ କ; ପୋଷଣ କ । ପୋଷଣ, ପୁଷ୍ଟି, ପୋଷିତ, ପୋଷ୍ୟ, ପୁଷ୍କର, ପୁଷ୍କରିଣୀ ।

ପୁଷ୍ପ, (ପୁଷ୍ପତି) ପ୍ରସ୍ଫୁଟିତ ହେ । ପୁଷ୍ପ ।

ପୁସ୍ତ, (ପୁସ୍ତୟତି) ବନ୍ଧନ କ; ଅନାଦର କ; ଆଦର କ । ପୁସ୍ତନ, ପୁସ୍ତକ ।

ପୂ, (ପବତେ, ପୁନାତି, ପୁନୀତେ) ପବିତ୍ର କ; (ପୂୟତେ) ପବିତ୍ର ହେ । ପୂତ, ପୂତ, ପାବକ ।

ପୂଜ, (ପୂଜୟତି) ପୂଜା କ । ପୂଜା, ପୂଜନୀୟ ।

ପୂଣ, (ପୂଣୟତି) ଗଣି କ; ସଞ୍ଚୟ କ । ପୂଣନ, ପୂଣୟିତା ।

ପୂୟ, ( ପୂୟତେ ) ଦୁର୍ଗନ୍ଧ ହେ; ବିଦୀର୍ଣ୍ଣ କ । ପୂୟ, ପୂୟିତ ।

ପୂର, (ପୂର୍ୟ୍ୟତେ) ପରିପୂର୍ଣ୍ଣ କ; ପରିପୂର୍ଣ୍ଣ ହେ; ସନ୍ତୁଷ୍ଟ ହେ, (ପୂରୟତି) ସନ୍ତୁଷ୍ଟ ହେ । ପୂରିତ, ପୂରଣ, ପୂରକ ।

ପୂର୍ଣ୍ଣ, (ପୂର୍ଣ୍ଣୟତି) ଗଣି କ; ସଞ୍ଚୟ କ ।

ପୂର୍ବ୍, (ପୂର୍ବ୍ବତି) ପରିପୂର୍ଣ୍ଣ କ ; (ପୂର୍ବୟତି) ବାସ କ; ଅହ୍ବାନ କ । ପୂର୍ବ, ପୂର୍ବଣ ।

ପୂଲ, (ପୂଲତି, ପୂଲୟତି) ରାଶି କ । ପୂଲନ, ପୁଲିତ ।

ପୂଷ, (ପୂଷତି, ପୂଷ୍ୟତେ-ତି) ବୃଦ୍ଧି କ; ପ୍ରତିପାଳନ କ । ପୂଷଣ, ପୂଷିତ ।

ପୃ, (ପିପର୍ତ୍ତି) ପାଳନ କ; ପୂର୍ଣ୍ଣ କ; (ପୃଣୋତି) ପ୍ରୀତ ହେ; (ପରତି, ପାରୟତି) ପୂର୍ଣ୍ଣ କ; (ବି-ଆ-ପୂର୍ବ୍ବ) ବ୍ୟାପୃତ, ପାର୍ଣ୍ଣ ।

ପୃଚ, (ପୃକ୍ତେ, ପୃଣକ୍ତି) ସଂପୃକ୍ତ ହେ; (ପର୍ଚ୍ଚତି, ପର୍ଚ୍ଚୟତି) ବନ୍ଧନ କ; ସଂପୃକ୍ତ ହେ । ପୃକ୍ତ ।

ପୃଜ-ପୃନ୍ଜ, (ପୃକ୍ତେ-ପୃନ୍କ୍ତେ) ସଂପୃକ୍ତ ହେ; ମିଳିତ ହେ । ପୃଞ୍ଜିତ ।

ପୃଡ, (ପୃଡତି) ଆହ୍ଲାଦିତ ହେ । ପୃଡିତ ।

ପୃଣ, (ପୃଣତି) ସନ୍ତୁଷ୍ଟ ହେ; ତୃପ୍ତ କ । ପୃଣିତ ।

ପୃଥ, (ପର୍ଥୟତି) କ୍ଷେପଣ କ । ପୃଥକ୍, ପୃଥ, ପୃଥୁଲ ।

ପୃଷ, (ପର୍ଷତି) ଜଳସେକ କ; କ୍ଳାନ୍ତ ହେ; ଦାନ କ । ପୃଷ୍ଟ ।

ପୄ, (ପିପର୍ତ୍ତି, ପୃଣାତି-ପାରୟତି) ପ୍ରତିପାଳନ କ; ପୂର୍ଣ୍ଣ କ । ପାରକ, ପାର୍ଯ୍ୟ ।

ପେଣ, (ପେଣତି) ଗମନ କ; ଆଲିଙ୍ଗନ କ; ଚୂର୍ଣ୍ଣ କ; ଲାଗି ଯିବା । ପେଣନ, ପେଣିତ ।

ପେଲ, (ପେଲତି) ଗମନ କ । ପେଲନ, ପେଲିତ ।

ପେବ, (ପେବତେ) ସେବା କ । ପେବନ, ପେବିତ ।

ପେଷ, (ପେଷତେ) ଚେଷ୍ଟା କ ।

ପେସ, (ପେସତି) ଗମନ କ । ପେସନ, ପେସିତ ।

ପୈ, (ପାୟତି) ଶୁଷ୍କ କ । ପାତ ।

ପୈଣ, (ପୈଣତି) ଗମନ କ; ଅଜ୍ଞା କ; ଆଲିଙ୍ଗନ କ; ପେଷଣ କ ।

ପୌଠ, (ପୌଠତି) ବଦ୍ଧ କ ।

ପ୍ୟାୟ, (ପ୍ୟାୟତେ) ବୃଦ୍ଧି ପା; ସ୍ଫୀତ ହେ । ଆପ୍ୟାୟିତ ।

ପ୍ୟୁଷ, (ପ୍ୟୁଷତି) ଦଗ୍ଧ କ; ଭାଗ କ; (ପ୍ୟୁଷ୍ୟତି) ଉତ୍ସର୍ଗ କ । ପ୍ୟୋଷଣ, ପ୍ୟୁଷିତ ।

ପ୍ୟୁସ, (ପ୍ୟୁସ୍ୟତି) ଅଂଶ କ; ଦଗ୍ଧ କ । ପ୍ୟୋସନ, ପ୍ୟୁସିତ ।

ପ୍ୟୈ, (ପ୍ୟାୟତେ) ବୃଦ୍ଧି ପା । ପ୍ୟାନ ।

ପ୍ରଚ୍ଛ, (ପୃଚ୍ଛତି) ଜିଜ୍ଞାସା କ । ପୃଚ୍ଛା, ପ୍ରଶ୍ନ, ପୃଷ୍ଟ ।

ପ୍ରଥ, (ପ୍ରଥତେ) ବିଖ୍ୟାତ ହେ; (ପ୍ରାଥୟତି) କ୍ଷେପଣ କ; ବିଖ୍ୟାତ ହେ । ପ୍ରଥିତ, ପୃଥିବୀ ।

ପ୍ରସ, (ପ୍ରସତେ) ବିସ୍ତାର କ; ପ୍ରସବ କ । ପ୍ରସନ, ପ୍ରସିତ ।

ପ୍ରା, (ପ୍ରାତି) ପୂର୍ଣ୍ଣ କ ।

ପ୍ରୀ, ( ପ୍ରୀୟତେ-ପ୍ରୀଣାତି, ପ୍ରୀଣୀତେ, ପ୍ରିୟତି-ତେ, ପ୍ରାୟତି-ତେ, ପ୍ରୀଣୟତି) ସନ୍ତୁଷ୍ଟ ହେ; ପ୍ରୀତ କ; ସନ୍ତୁଷ୍ଟ କ; ଇଚ୍ଛା କ; ଶୋଭା ପା । ପ୍ରୀତ, ପ୍ରୀତି, ପ୍ରିୟ ।

ପ୍ରୁ, (ପ୍ରବତେ) ଗମନ କ; ଜଳରେ ଭାସି ଯିବା; ଡେଇଁ ଯିବା; କ୍ରମଶଃ ନିମ୍ନ ହେବା । ପ୍ରବଣ ।

ପ୍ରୁଷ, (ପ୍ରୋଷତି) ଦଗ୍ଧ କ; (ପ୍ରୁଷ୍ଣାତି) ଜଳସେକ କ; ପରିପୂର୍ଣ୍ଣ କ; ସ୍ନିଗ୍ଧ ହେ । ପ୍ରୋଷଣ, ପ୍ରୋଷିତ ।

ପ୍ରେଙ୍ଖୋଲ, (ପ୍ରେଙ୍ଖୋଲୟତି) ଚପଳ ହେ ।

ପ୍ରେଷ, (ପ୍ରେଷତେ) ଗମନ କ । ପ୍ରେଷଣ ।

ପ୍ରୋଥ, (ପ୍ରୋଥତି-ତେ) ପର୍ଯ୍ୟାପ୍ତ ହେ; ପ୍ରଚୁର ହେ; ନଷ୍ଟ କ । ପ୍ରୋଥିତ ।

ପ୍ଲକ୍ଷ, (ପ୍ଲକ୍ଷତି-ତେ) ଭକ୍ଷଣ କ । ପ୍ଲକ୍ଷଣ, ପ୍ଲକ୍ଷିତ ।

ପ୍ଲବ, (ପ୍ଲବତି) ଜଳରେ ଭାସି ଯିବା । ପ୍ଲବନ, ପ୍ଲବିତ ।

ପ୍ଲିହ, (ପ୍ଲେହତେ) ଗମନ କ । ପ୍ଲେହନ, ପ୍ଲିହିତ ।

ପ୍ଲୀ, (ପ୍ଲୀଣାତି) ଗମନ କ ।

ପ୍ଲୁ, (ପ୍ଲବତେ) ଗମନ କ; ଲମ୍ଫ ପ୍ରଦାନ କ; ଜଳରେ ଭାସି ଯିବା; କ୍ରମଶଃ ନିମ୍ନ ହେ । ପ୍ଲବ, ପ୍ଲାବନ, ଉତ୍ପ୍ଲାବନ, ଆପ୍ଲବନ ।

ପ୍ଲୁଷ, (ପ୍ଲୋଷତି, ପ୍ଲୁଷ୍ୟତି) ଦଗ୍ଧ କ; (ପ୍ଲୁଷ୍ଣାତି) ଜଳ ସେକ କ; ପୂର୍ଣ୍ଣ କ; ମୁକ୍ତ କ; ସ୍ନିଗ୍ଧ ହେ । ପ୍ଲୋଷ, ପ୍ଲୁଷ୍ଟ ।

ପ୍ଲୁସ, (ପ୍ଲୁସ୍ୟତି) ଦଗ୍ଧ କ; ଭାଗ କ । ପ୍ଲୋସନ, ପ୍ଲୁସିତ ।

ପ୍ଲେବ, (ପ୍ଲେବଢେ) ସେବା କ । ପ୍ଲେବନ, ପ୍ଲେବିତ ।

ପ୍ସା, (ପ୍ସାଢ) ଭକ୍ଷଣ କ । ପ୍ସାନ, ପ୍ସାତ ।

### ଫ

ଫକ୍କ, (ଫକ୍କଢ) ଧୀରେ ଧୀରେ ଗମନ କ; ଅସଦ୍ବ୍ୟବହାର କ । ଫକା, ଫକ୍କା ।

ଫଣ, (ଫଣଢ) ଗମନ କ; ଅନାୟାସେ ଉତ୍ପନ୍ନ ହେ । ଫଣ, ଫଣା, ଫଣିଜ୍ଝକ, ଫଣୀ ।

ଫଲ, (ଫଲଢ) ବିଦୀର୍ଣ୍ଣ କ; ନିଷ୍ପନ୍ନ ହେ; ଗମନ କ । ଫଲ, ଫଲକ ।

ଫୁଲ୍ଲ, (ଫୁଲ୍ଲଢ) ବିକସିତ ହେ । ପ୍ରଫୁଲ୍ଲ ।

ଫେଲ, (ଫେଲଢ) ଗମନ କ । ଫେଲନ, ଫେଲିତ, ଫେଲକ ।

ଫ୍ବଲ, (ଫ୍ବଲଢ) ଜୀବନ ଧାରଣ କ ।

---

### ବ

ବକ-ବନ୍କ, (ବଙ୍କଢେ) ବକ୍ର ହେ; ଗମନ କ । ବଙ୍କ, ବଙ୍କିମ ।

ବକ୍କ, (ବକ୍କଢେ) ଗମନ କ । ବକ୍କନ ।

ବକ୍ଷ, (ବକ୍ଷଢ) ରୁଷ୍ଟ ହେ । ବକ୍ଷଣ, ବକ୍ଷିତ ।

ବଖ-ବନ୍ଖ, ( ବଖଢ-ବଙ୍ଖଢ ) ଗମନ କ । ବଖନ, ବଙ୍ଖନ ।

ବଗ-ବନ୍ଗ, (ବଗଢ-ବଙ୍ଗଢ) ଗମନ କ; ଖଞ୍ଜ ହେ । ବଙ୍ଗ ।

ବଘ-ବନ୍ଘ, ( ବଙ୍ଘଢେ ) ଗମନ କ; ନିନ୍ଦା କ । ଆରମ୍ଭ ।

ବଚ, ( ବଚଢ, ବାଚଯୃଢ ) କଥନ; ଆଦେଶ କ; ବକିବା । ବଚନ, ବାକ୍ୟ, ଉକ୍ତି, ବିବକ୍ଷା, ବାଗ୍ମୀ ଇତ୍ୟାଦି ।

ବଜ, (ବଜଢ, ବାଜଯୃଢ) ଗମନ କ; ପଥସଂସ୍କାର କ । ବାଜ, ବଜ୍ର, ବାଜୀ ।

ବଞ୍ଚ-ବନ୍ଚ (ବଞ୍ଚଢ) ଗମନ କ; (ବଞ୍ଚଢେ-ବଞ୍ଚଯୃଢେ) ବଞ୍ଚନା କ । ବଞ୍ଚିତା, ବଞ୍ଚକ, ବଞ୍ଚୁକ, ବଞ୍ଚନା ।

ବଠ, ( ବଠଢ, ବଠଯୃଢ ) ବେଷ୍ଟନ କ; ବନ୍ଧନ କ; କଥନ; (ବନ୍ଠ-ବଣ୍ଠଯୃଢ) ବଣ୍ଟନ କ; (ବଣ୍ଠଢ) ଶ୍ବେର କ । ବଠ, ବଠୀ, ବାଣ୍ଠୀ, ବଣ୍ଟନ, ବଣ୍ଠିତ ।

ବଠ, ( ବଠଢ ) ସ୍ଥୂଳ ହେ; ( ବନ୍ଠ-ବଣ୍ଠଢ ) ଏକାକୀ ଘୂରି ବୁଲିବା । ବଠନ, ବଠିତ ।

ବଡ-ବନ୍ଡ (ବଣ୍ଡଢେ-ବଣ୍ଡଯୃଢ) ଭାଗ କ; ବେଷ୍ଟନ କ; (ବଡଢ) ଆରୋହଣ କ । ବଣ୍ଡନ, ବଣ୍ଡିତ ।

ବଣ, (ବଣଢ) ଶବ୍ଦ କ । ବଣ, ବାଣୀ ।

ବଣ୍ଟ, (ବଣ୍ଟଯୃଢ) ଭାଗ କ । ବଣ୍ଟନ ।

ବଦ, (ବଦଢ-ଢେ, ବଦଯୃଢ-ଢେ) କଥନ; ଦୃଢ ହେ । ବଦନ, ବାଦନ, ଅନୁବାଦ, ବିବାଦ, ପ୍ରିୟମ୍ବଦ, ଇତ୍ୟାଦି ।

ବଧ, (ବାଧଯୃଢ) ବନ୍ଧନ କ; (ବୀଭତ୍ସଢେ) ନିନ୍ଦା କ । ବାଧନ, ବାଧିତ, ବୀଭତ୍ସ ।

ବନ, ( ବନଢ, ବନଯୃଢ ) ସେବା କ; ଶବ୍ଦ କ; ଉପକାର କ; ଉପତପ୍ତ କ; ଯାଚ୍ଞା କ; ଆଘାତ କ । ବନ, ବନିତା ।

ବନ୍ଦ, (ବନ୍ଦଢ) ଅଭିବାଦନ କ; ବନ୍ଦନା କ । ବନ୍ଦନା, ବାନ୍ଦୀ ।

ବନ୍ଧ, (ବଧ୍ନାଢ, ବନ୍ଧଯୃଢ) ବନ୍ଧନ କ । ବନ୍ଧନ, ବନ୍ଧ, ବନ୍ଧୁ ।

ବପ, ( ବପଢ ) ବୀଜବପନ କ; ବସ୍ତ୍ରବୁଣା; ଉତ୍ପନ୍ନ କ; କ୍ଷୌର କ । ବପନ, ବପନୀ ।

ବଭ୍ର, (ବଭ୍ରଢ) ଗମନ କ । ବଭ୍ରୁ, ବଭ୍ରଣ ।

ବମ୍ବ, (ବମ୍ବଢ) ଗମନ କ; ପ୍ରାପ୍ତି । ବମ୍ବନ, ବମ୍ବିତ ।

ବୟ, (ବୟଢେ) ଗମନ କ । ବୟନ, ବୟିତ ।

ବର, (ବରଯୃଢ) ଯାଚ୍ଞା କ; ପ୍ରାର୍ଥନା କ ।

ବର୍ଘ, (ବର୍ଘଢ) ଗମନ କ ।

ବର୍ଚ୍ଚ, (ବର୍ଚ୍ଚଢେ, ବର୍ଚ୍ଚଯୃଢ) ଦୀପ୍ତି ପା; ଛେଦନ କ; ପୂର୍ତ୍ତି କ । ବର୍ଚ୍ଚନ, ବର୍ଚ୍ଚିତ ।

ବର୍ଣ୍ଣ, (ବର୍ଣ୍ଣଯୃଢ-ଢେ) ଚିହ୍ନ କ; ଅଙ୍କ କ; ପ୍ରଶଂସା କ; ବର୍ଣ୍ଣନା କ; ବିସ୍ତାର କ; ଚୂର୍ଣ୍ଣ କ; ଚେଷ୍ଟା କ; ଦୀପ୍ତି ପା । ବର୍ଣ୍ଣକ, ବର୍ଣ୍ଣ, ସୁବର୍ଣ୍ଣ, ବର୍ଣ୍ଣି, ବର୍ଣ୍ଣନ ।

ବର୍ଦ୍ଧ, ( ବର୍ଦ୍ଧଯୃଢ ) ଛେଦ କ; ଖଣ୍ଡ କ; ପୂର୍ଣ୍ଣ କ । ବର୍ଦ୍ଧନ ।

ବର୍ବ୍ବ, (ବର୍ବ୍ବତି) ଗମନ କ । ବର୍ବ୍ବଣ, ବର୍ବ୍ବିତ ।
ବର୍ଷ୍, (ବର୍ଷତି) ଜଳସେଚନ କ ।
ବର୍ହ୍, (ବର୍ହତେ, ବର୍ହୟତି) କଥନ; ବଧ କ; ଦୀପ୍ତି ପା; ଶ୍ରେଷ୍ଠ ହେ । ବର୍ହିତ ।
ବଲ, (ବଲତେ) ଆଚ୍ଛାଦନ କ; ଗମନ କ; ବେଷ୍ଟନ କ; ବଲିଷ୍ଠ ହେ; ଦାନ କ; ବଧ କ; ନିରୂପଣ କ; (ବାଲୟତି) ପ୍ରତିପାଳନ କ; (ବଲତି, ବଲୟତି) ଜୀବନଧାରଣ କ; ଶସ୍ୟସଞ୍ଚୟ କ; ସମୃଦ୍ଧି ପ୍ରତିବନ୍ଧକ ହେ; (ବାଲୟତେ) ବାଖ୍ୟା କ । ବଲ, ବାଲକ ।
ବଲ୍କ୍, (ବଲ୍କୟତି) କଥନ । ବଲ୍କନ ।
ବଲ୍ଗ୍, (ବଲ୍ଗତି) ଗମନ କ; ଲମ୍ଫପ୍ରଦାନ କ । ବଲ୍ଗା, ବଲ୍ଗିତ ।
ବଲ୍ଭ୍, (ବଲ୍ଭତେ) ଭକ୍ଷଣ କ । ବଲ୍ଭନ, ବଲ୍ଭିତ ।
ବଲ୍ୟୂଲ-ବଲ୍ୟୁଲ (ବଲ୍ୟୂଲୟତି) ପବିତ୍ର କ; ଛେଦ କ ।
ବଲ୍ଲ, (ବଲ୍ଲତେ) ଆଚ୍ଛାଦନ କ; ଗମନ କ । ବଲ୍ଲନ, ବଲ୍ଲିତ ।
ବଲ୍ହ୍, (ବଲ୍ହତେ, ବଲ୍ହୟତି) କଥନ; ବଧ କ; ଆଚ୍ଛାଦନ କ; ଦୀପ୍ତି ପା । ବଲ୍ହନ, ବଲ୍ହିତ ।
ବଶ୍, (ବଷ୍ଟି) ଇଚ୍ଛା କ । ବଶ୍ୟ, ବଶୀ ।
ବଷ୍, (ବଷତି) ଆଘାତ କ ।
ବସ୍କ୍, (ବସ୍କତେ, ବସ୍କୟତି) ଦର୍ଶନ କ; ଗମନ କ ।
ବସ୍, (ବସତି-ତେ, ବସୟତି, ବାସୟତି) ବାସ କ; ସ୍ନିଗ୍ଧ ହେ; ଛେଦ କ; ବଧ କ; ଅପହରଣ କ; ଗର୍ବିତ ହେ; ପରିଧାନ କ । ବାସ, ନିବାସ, ଉପବାସ, ପ୍ରବାସ, ବାସନା, ବସତି, ବସ୍ତ୍ର, ବସ୍ତୁ, ବସନ ।
ବସ୍ତ୍, (ବସ୍ତତେ) ଗମନ କ । ବସ୍ତନ, ବସ୍ତିତ ।
ବସ୍ତ୍ର, (ବସ୍ତ୍ରୟତେ) ଆଘାତ କ; ଗମନ କ; ଯାଚ୍ଞା କ ।
ବହ୍, (ବହତି-ତେ) ବହନ କ; (ବଂହ୍-ବଂହୟତି) ଦୀପ୍ତି ପା; (ବଂହତେ) ବୃଦ୍ଧି ପା । ବହନ, ଅତିବାହନ, ବିବାହ, ନିର୍ବାହ, ଊଢ଼, ବୋଢ଼ା, ବାହ୍ୟ, ବାହକ ଇତ୍ୟାଦି ।
ବଂହ୍, (ବଂହତେ) ବୃଦ୍ଧି ପା ।
ବହ୍ଲ୍, (ବହ୍ଲତେ) ଶ୍ରେଷ୍ଠ ହେ; କଥନ; ଆଘାତ କ; ବଧ କ; ଦାନ କ; ଆଚ୍ଛାଦନ କ; (ବହ୍ଲୟତି) ଦୀପ୍ତି ପା ।
ବା, (ବାତି) ଗମନ କ; ବଧ କ; ବାୟୁଚଳନ; (ବାପୟତି) ସୁଖଭୋଗ କ; ସେବା କ; (ନିର୍-ପୂର୍ବ) ନିର୍ବାହ ହେ । ବାତ, ବାତ, ବାୟୁ, ନିର୍ବାଣ ।
ବାଞ୍ଛ-ବାଞ୍ଛ, (ବାଞ୍ଛତି) ବାଞ୍ଛା କ । ବାଞ୍ଛା, ବାଞ୍ଛିତ ।
ବାଡ଼୍, (ବାଡ଼ତେ) ମଜ୍ଜନ କ । ବାଡ଼ନ, ବାଡ଼ିତ ।
ବାତ, (ବାତୟତି) ଗମନ କ; କର୍ମ୍ମ କ; ସନ୍ତୁଷ୍ଟ ହେ; ବାୟୁବହନ କ ।
ବାଧ୍, (ବାଧତେ) ବ୍ୟାଘାତ କ. ପୀଡ଼ନ କ । ବାଧା, ବାଧିତ ।
ବାକ୍ଷ, (ବାଙ୍କ୍ଷତି) ଆକାଙ୍କ୍ଷା କ । ବାଙ୍କ୍ଷଣ, ବାଙ୍କ୍ଷିତ ।
ବାବୃତ୍, (ବାବୃତ୍ୟ-ତେ) ପସନ୍ଦ କ; ସେବା କ; ବରଣ କ । ବାବର୍ତ୍ତନ, ବାବର୍ତ୍ତିତ ।
ବାଶ, (ବାଶ୍ୟତେ) ଶବ୍ଦ କ; ଆହ୍ୱାନ କ । ବାଶି ।
ବାସ, (ବାସୟତି) ଗନ୍ଧ ବହନ କରିବା; (ବାସ୍ୟତେ) ଶବ୍ଦ କ । ବାସନ, ବାସନା, ବାସିତ ।
ବାହ୍, (ବାହତେ) ଯତ୍ନ କ; ପ୍ରତିଜ୍ଞା କ । ବାହୁ ।
ବିଚ, (ବିନକ୍ତି, ବିଙ୍କ୍ତେ) ପୃଥକ୍ କ । ବିବେକ, ବିବେଚ୍ୟ ।
ବିଚ୍ଛ, (ବିଚ୍ଛାୟତି) ଗମନ କ; (ବିଚ୍ଛୟତି) ଦୀପ୍ତି ପା; କଥନ । ବିଚ୍ଛିତ ।
ବିଜ, (ବିବେକ୍ତି) ପୃଥକ୍ ହେ; (ବିନକ୍ତି) ଭିନ୍ନ ହେ; କମ୍ପିତ ହେ । ବେଗ, ଉଦ୍ବେଗ, ଉଦ୍ବେଜନ, ଉଦ୍ବିଗ୍ନ ।
ବିଠ, (ବେଠତି) ଶବ୍ଦ କ; ଅଭିସମ୍ପାତ କ; (ବିଣ୍ଠୟତି) ଜୀର୍ଣ୍ଣ ହେ । ବିଠ, ବିଠିତ ।

ବିଡ଼୍, (ବେଡ଼ତି) ଅଭିପ୍ରାୟ କ; ଚ୍ଛେଦନ କ । ବେଡ଼ନ, ବିଡ଼ିତ ।

ବିତ୍ତ, (ବିତ୍ତୟତି, ବିତ୍ତାପୟତି) ତ୍ୟାଗ କ ।

ବିଥ, (ବେଥତେ) ଯାଚ୍ଞା କ । ବିଥିତ ।

ବିଦ, (ବେତ୍ତି, ବେଦ) ଜ୍ଞାତ ହେ; କହିବା; ବାସ କ; ବର୍ତ୍ତମାନ ରହିବା; ସ୍ଥିର ହେ; (ବିନ୍ଦ-ବିନ୍ଦତି) ଲାଭ କ । ବେଦନ, ନିବେଦନ, ଆବେଦନ, ବିତ୍ତ, ବିଦ୍ୟା, ବିନ୍ନ, ବିଦୁର, ବେଦ ।

ବିଧ, (ବିଧତେ) ବିଧାନ କ; ବେଧ କ । ବେଧ, ବେଧନ, ବିଦ୍ଧ, ବେଧିତ, ବେଧମାନ, ବେଧ୍ୟ ।

ବିପ, (ବେପୟତି) ବିକ୍ଷେପ କ । ବେପନ, ବେପନା ।

ବିଲ, (ବିଲତି) ଆଚ୍ଛାଦନ କ; ବିଭାଗ କ; (ବେଲୟତି) ନିକ୍ଷେପ କ । ବିଲ, ବିଲେଶୟ ।

ବିଶ, (ବିଶତି) ପ୍ରବେଶ କ । ବେଶ, ଆବେଶ, ପ୍ରବେଶ, ନିବେଶ, ନିବିଷ୍ଟ, ବିଶ୍ୱ, ଇତ୍ୟାଦି ।

ବିଷ, (ବିଷତି, ବେବେଷ୍ଟି, ବିବେଷ୍ଟି) ବ୍ୟାପନ; (ବିଷ୍ଣାତି) ବିଯୁକ୍ତ ହେ; (ବେଷତି) ଜଳସେକ କ । ବେଷଣ, ବିଷ୍ଣୁ, ବିଷ୍ଠା ।

ବିଷ୍କ, (ବିଷ୍କୟତି) ଦର୍ଶନ କ; ବଧ କ ।

ବିସ, (ବିସ୍ୟତି) ନିକ୍ଷେପ କ । ବେସନ, ବିସିତ ।

ବୀ, (ବେତି) ଗମନ କ; ବ୍ୟାପନ; ଇଚ୍ଛା କ; କ୍ଷେପଣ କ; ଭୋଜନ କ; ଗର୍ଭଗ୍ରହଣ କ । ବେତନ ।

ବୀଜ, (ବୀଜୟତି) ବ୍ୟଜନ କ ।

ବୀଭ, (ବୀଭତେ) ପ୍ରଶଂସା କ ।

ବୀର, (ବୀରୟତି) ସାହସିକ ହେ । ବୀର, ବୀରା, ବୀରଣ ।

ବୁକ୍କ, (ବୁକ୍କତି, ବୁକ୍କୟତି-ତେ) ଶବ୍ଦ କ; କଥନ; ଯାତନା ଦେ । ବୁକ୍କନ ।

ବୁଙ୍ଗ-ବୁନ୍ଗ, (ବୁଙ୍ଗତି) ତ୍ୟାଗ କ । ବୁଙ୍ଗନ ।

ବୁଟ, (ବୋଟୟତି) ବଧ କ; ଆଘାତ କ; (ବୁଣ୍ଟ-ବୁଣ୍ଟୟତି) କ୍ଷୀଣ ହେ । ବୋଟନ ।

ବୁଡ଼, (ବୁଡ଼ତି) ପରିତ୍ୟାଗ କ । ଆଚ୍ଛାଦନ କ; ବୁଡ଼ି ହେ ।

ବୁଦ୍, (ବୁଦତି-ତେ) ବୋଧ ହେ; ଶ୍ରବଣ କ; ଆଲୋଚନା କ । ବୋଦନ ।

ବୁଧ, (ବୁଧୟତି) ବଧ କ; ଆଘାତ କ; (ବୁଧ୍ୟତେ-ତି, ବୋଧତି-ତେ) ଜ୍ଞାତ ହେ । ବୋଧନ, ସମ୍ବୋଧନ, ପ୍ରବୋଧ, ବୁଦ୍ଧି, ବୋଧକ ଇତ୍ୟାଦି ।

ବୁନ୍ଦ, (ବୁନ୍ଦତି) ବୋଧ କ; ଶ୍ରବଣ କ; ଆଲୋଚନା କ । ବୁନ୍ଦନ ।

ବୁନ, (ବୁନତି-ତେ) ଜ୍ଞାତ ହେ; ଶ୍ରବଣ କ; ଆଲୋଚନା କ; (ବୁନୟତି) ବନ୍ଦନ କ । ବୁନନ ।

ବୁଲ, (ବୋଲୟତି) ମଜ୍ଜନ କ; ମଗ୍ନ ହେ । ବୋଲନ ।

ବୁସ, (ବୁସ୍ୟତି) କ୍ଷେପଣ କ; ପରିତ୍ୟାଗ କ । ବୋସନ, ବୁସିତ ।

ବୁସ୍ତ, (ବୁସ୍ତୟତି) ସମ୍ଭ୍ରମ କ; ଅମାନ୍ୟ କ । ବୁସ୍ତନା ।

ବୂଷ, (ବୂଷ୍ୟତି) ବଧ କ; ଆଘାତ କ ।

ବୃ, (ବୃଣୀତେ) ବରଣ କ; ପ୍ରାର୍ଥନା କ; (ବରତି-ତେ, ବୃଣୋତି-ବୃଣୁତେ, ବାରୟତି-ତେ) ବରଣ କ; ଆହ୍ୱାନ କ; ଆଚ୍ଛାଦନ କ । ବରଣ, ବାରଣ, ଆବରଣ, ବିବରଣ, ସମ୍ବରଣ, ବୃତ, ଆବୃତ, ନିବାର୍ଯ୍ୟ, ନିବାରକ ଇତ୍ୟାଦି ।

ବୃକ, (ବର୍କତେ) ଗ୍ରହଣ କ । ବୃକ ।

ବୃଷ, (ବୃଷତେ) ନିଯୁକ୍ତ କ; ଆଚ୍ଛାଦନ କ; ଗ୍ରହଣ କ ।

ବୃଚ, (ବୃଣକ୍ତି) ଆଚ୍ଛାଦନ କ; ତ୍ୟାଗ କ । ବର୍ଚ୍ଚନ ।

ବୃଜ-ବୃନ୍ଜ, (ବର୍ଜ୍ଜତି, ବର୍ଜ୍ଜୟତି, ବୃକ୍ତେ, ବୃଣକ୍ତି, ବୃଙ୍କ୍ତେ) ତ୍ୟାଗ କ । ବର୍ଜ୍ଜନ, ବର୍ଜ୍ଜିତ, ବର୍ଜ୍ଜକ ।

ବୃଣ-ବୃନ, (ବୃଣତି) ପ୍ରୀତ କ; (ବୃଣୋତି) ଭକ୍ଷଣ କ ।

ବୃତ, (ବର୍ତ୍ତତେ) ବିଦ୍ୟମାନ ରହିବା; (ବୃତ୍ୟତେ) ବରଣ କ; ସେବା କ; (ବର୍ତ୍ତୟତି) ଦୀପ୍ତି ପା; କଥା କହିବା । ବର୍ତ୍ତନ, ବୃତ୍ତ, ବୃତ୍ତି, ବର୍ତ୍ତୀ ।

ବୃଧ, (ବର୍ଦ୍ଧତେ) ବୃଦ୍ଧି ହେ; (ବର୍ଦ୍ଧୟତି) ଦୀପ୍ତି ପା; କଥନ । ବର୍ଦ୍ଧନ, ବୃଦ୍ଧି, ବର୍ଦ୍ଧକ, ବର୍ଦ୍ଧିଷ୍ଣୁ ଇତ୍ୟାଦି ।

ବୃକ, ( ବୃଣୋତି, ବର୍କ୍ତୋତି, ବୃଣୁତେ, ବର୍ଣ୍ଣୁତେ ) ଭକ୍ଷଣ କ; ବସ୍ତାର କ ।

ବୃନ୍ଦ୍ୱ, (ବୃଂହୟତି) ଖ୍ୟାପ୍ତି ପା । ବୃଂହିତ ।

ବୃଣ, ( ବୃଣୟତି ) ମନୋମତ କ; ବରଣ କ । ବର୍ଣିତା ।

ବୃଷ, (ବର୍ଷତି) ବର୍ଷଣ କ; ଆଘାତ କ; ( ବର୍ଷୟତି ) ଗର୍ଭ ଗ୍ରହଣ କ; ବୀଜନିଷେକ କ; ପ୍ରଭୁ ହେ; ଅପତ୍ୟ କ । ବର୍ଷଣ, ବୃଷ୍ଟି, ବୃଷଭ ।

ବୃହ-ବୃନ୍ହ, ( ବର୍ହତି, ବୃଂହତି ) ସମୃଦ୍ଧ ହେ; ଶବ୍ଦ କ: ( ବୃହତି, ବୃହୟତି ) କଥା କ; ଖ୍ୟାପ୍ତି ପା: ଚେଷ୍ଟା କ; ଉଦ୍ୟମ କ । ବୃଂହଣ, ବୃଂହିତ ।

ବୃ, (ବୃଣାତି) ବରଣ କ; ପାଳନ କ; (ବୃଣୀତେ) ବରଣ କ; ଆଚ୍ଛାଦନ କ; ନିଯୁକ୍ତ କ; ପ୍ରାର୍ଥନା କ ।

ବେ, (ବୟତି, ବୟତେ) ବସ୍ତ୍ରାଦ ବୁଣିବା । ଉତ, ଓତପ୍ରୋତ ।

ବେଣ, (ବେଣତି-ତେ) ଗମନ କ; ଆଲୋଚନା କ; ଜାଣିବା; ଚିନ୍ତା କ; ବାଦ୍ୟଯନ୍ତ୍ର ଗ୍ରହଣ କ । ବେଣୀ, ବେଣ, ବେଣିତ ।

ବେଥ, ( ବେଥତେ ) ଯାଚ୍ଞା କ । ବେଥନ, ବେଥିତ ।

ବେନ, (ବେନତି) ଗମନ କ ।

ବେପ, (ବେପତେ) କମ୍ପିତ ହେ । ବେପନ, ବେପଥୁ ।

ବେବୀ, (ବେବୀତେ) ଗମନ କ: ଇଚ୍ଛା କ; ପ୍ୟାପନ; କ୍ଷେପଣ; ଭୋଜନ କ; ଗର୍ଭଗ୍ରହଣ କ । ବେବିତ ।

ବେଲ, (ବେଲତି) ଗମନ କ; ଚଞ୍ଚଳ ହେ; କମ୍ପିତ ହେ । ବେଲନ, ବେଲା ।

ବେଲ୍ଲ, (ବେଲ୍ଲତି) ଗମନ କ; ଚଞ୍ଚଳ ହେ; କମ୍ପିତ ହେ । ବେଲ୍ଲନ, ବେଲ୍ଲିତ, ବେଲ୍ଲି ।

ବେଷ୍ଟ, ( ବେଷ୍ଟତେ ) ବେଷ୍ଟନ କ । ବେଷ୍ଟନ, ବେଷ୍ଟକ ।

ବେସ, (ବେସତି) ଗମନ କ । ବେସନ, ବେସିତ ।

ବେହ, (ବେହତେ) ଯତ୍ନ କ । ବେହନ, ବେହିତ ।

ବେଲ୍ହ, (ବେଲ୍ହତି) ଗମନ କ; ଚଞ୍ଚଳ ହେ; କମ୍ପିତ ହେ । ବେଲ୍ହନ, ବେଲ୍ହିତ ।

ବୈ, (ବାୟତି) ଶୁଷ୍କ ହେ ।

ବ୍ୟଚ୍, ( ବ୍ୟଚ୍ଚ ) ପ୍ରତାରଣା କ; ଉତ୍ପନ୍ନ ହେ । ବିଚିତା, ବିଚନ ।

ବ୍ୟଥ, (ବ୍ୟଥତେ) ବ୍ୟଥିତ ହେ; କମ୍ପିତ ହେ; ଭୀତ ହେ । ବ୍ୟଥା, ବ୍ୟଥିତ ।

ବ୍ୟଧ, (ବିଧ୍ୟତି) ବଦ୍ଧ କ । ବ୍ୟାଧ ।

ବ୍ୟପ, ( ବ୍ୟାପୟତି ) କ୍ଷୀଣ ହେ । ବ୍ୟାପନା, ବ୍ୟାପିତ ।

ବ୍ୟୟ, (ବ୍ୟୟତି) ଗମନ କ; (ବ୍ୟୟୟତି) କ୍ଷୀଣ ହେ; ପ୍ରେରଣ କ; (ବ୍ୟୟତେ, ବ୍ୟୟୟତି) ଅର୍ଥ ବ୍ୟୟ କ । ବ୍ୟୟ, ବ୍ୟୟିତ ।

ବ୍ୟୁଷ, (ବ୍ୟୁଷୟତି) ଦଗ୍ଧ କ; ବିଭାଗ କ; ପରିତ୍ୟାଗ କ । ବ୍ୟୋଷଣ ।

ବ୍ୟୁସ, (ବ୍ୟୁସତି) ପରିତ୍ୟାଗ କ ।

ବ୍ୟେ, (ବ୍ୟୟତି-ତେ) ଆଚ୍ଛାଦନ କ । ବ୍ୟାନ ।

ବ୍ରଜ, ( ବ୍ରଜତି, ବ୍ରାଜୟତି ) ଗମନ କ; ଭ୍ରମଣ କ; ଶୋଧନ କ; ପ୍ରାପ୍ତି । ବ୍ରଜନ, ବ୍ରଜ୍ୟା, ପ୍ରବ୍ରାଜିତ ।

ବ୍ରଣ, (ବ୍ରଣତି) ଶବ୍ଦ କ; (ବ୍ରଣୟତି) ଆଘାତ କ । ବ୍ରଣ ।

ବ୍ରଶ୍ଚ, (ବୃଶ୍ଚତି) ଛେଦନ କ । ବ୍ରଶ୍ଚନ, ବୃଶ୍ଚିକ ।

ବ୍ରୀ, ( ବ୍ରୀୟତେ, ବ୍ରୀଣାତି, ବ୍ରୀଣୀତେ ) ବରଣ କ; ପ୍ରାର୍ଥନା କ । ବ୍ରୀଣ, ବ୍ରୀଣ ।

ବ୍ରୀଡ, ( ବ୍ରୀଡୟତି ) ଲଜ୍ଜିତ ହେ; କ୍ଷେପଣ କ । ବ୍ରୀଡ଼ା ।

ବ୍ରୀସ, ( ବ୍ରୀସତି, ବ୍ରୀସୟତି ) ବଧ କ । ବ୍ରୀସନ, ବ୍ରୀସିତ ।

ବ୍ରୁଡ, (ବ୍ରୁଡତି) ଆଚ୍ଛାଦନ କ; ବୁଡିଯିବା; ସଞ୍ଚୟ କ । ବ୍ରୁଡନ, ବ୍ରୁଡିତ ।

ବ୍ରୂ, (ବ୍ରବୀତି) କଥନ ।

ବ୍ରୂସ, ( ବ୍ରୂସତି, ବ୍ରୂସୟତି ) ବଧ କ । ବ୍ରୂସନ, ବ୍ରୂସିତ ।

ବ୍ଲୀ, ( ବ୍ଲୀଣାତି, ବ୍ଲୀଣୀତେ ) ଗମନ କ; ବରଣ କ; ଆଚ୍ଛାଦନ କ । ବ୍ଲୟନ, ବ୍ଲୀନ ।

ବ୍ଲୀଷ, (ବ୍ଲୀଷୟତି) ଦର୍ଶନ କ ।

ବ୍ଲେକ୍ଷ, (ବ୍ଲେକ୍ଷୟତି) ଦର୍ଶନ କ ।

---

## ଭ

ଭକ୍ଷ, ( ଭକ୍ଷତି, ଭକ୍ଷୟତି ) ଭକ୍ଷଣ କ । ଭକ୍ଷଣ, ଭକ୍ଷିତ, ଭକ୍ଷକ ।

ଭଜ, (ଭଜତି-ତେ) ସେବା କ; (ଭଜୟତି) ପାକ କ; ଭାଗ କ; ( ଭଞ୍ଜୟତି ) ଦୀପ୍ତି ପା; କଥନ । ଭଜନ, ଭଜନା, ଭକ୍ତି, ଭଗ, ଭଞ୍ଜନ, ଭଗ୍ନ, ବିଭକ୍ତ, ବିଭାଗ ।

ଭଞ୍ଜ-ଭନଜ, ( ଭନକ୍ତି ) ଭଞ୍ଜନ, ଭଙ୍ଗ । ଭଞ୍ଜନ, ଭଞ୍ଜିତ ।

ଭଟ, (ଭଟତି) ପୋଷଣ କ; କଥନ; (ଭଣ୍ଟୟତି) ପ୍ରତାରଣା କ । ଭଟ, ଭାଟକ ।

ଭଣ୍ଡ-ଭଣ୍ଡ, ( ଭଣ୍ଡତେ ) ପରିହାସ କ; ଭଣ୍ଡାମି କ; ଭର୍ତ୍ସନା କ; (ଭଣ୍ଡତି, ଭଣ୍ଡୟତି) ପ୍ରତାରଣା କ; ମାଙ୍ଗଳିକ ହେ । ଭଣ୍ଡ, ଭଣ୍ଡକ ।

ଭଣ, (ଭଣତି) ଶବ୍ଦ କ । ଭଣନ, ଭଣିତ ।

ଭଦ୍-ଭନ୍ଦ, ( ଭନ୍ଦତି-ତେ, ଭନ୍ଦୟତି ) ପ୍ରୀତ ହେ; ଶୁଭ ହେ; ଶୋଭନ ହେ । ଭଦ୍ର, ଭଦ୍ରା ।

ଭର୍ତ୍ସ, (ଭର୍ତ୍ସୟତି-ତେ) ଭର୍ତ୍ସନା କ । ଭର୍ତ୍ସନା ।

ଭର୍ବ, (ଭର୍ବତି) ଅଘାତ କ । ଭର୍ବଣ, ଭର୍ବିତ ।

ଭର୍ଭ, ( ଭର୍ଭତି ) ଅଘାତ କ; ବଧ କ । ଭର୍ଭଣ, ଭର୍ଭିତ ।

ଭଲ, (ଭଲତେ, ଭଲୟତେ) ବର୍ଣ୍ଣନା କ; ନିରୂପଣ କ; ଦାନ କ; ବଧ କ । ଭାଲ, ଭଲିତ ।

ଭଲ୍ଲ, (ଭଲ୍ଲତେ) ଦାନ କ; ବଧ କ; ନିରୂପଣ କ । ଭଲ୍ଲ, ଭଲ୍ଲିତ ।

ଭଷ, ( ଭଷତି ) କୁକ୍କୁରବ ଶବ୍ଦ କ; ନିନ୍ଦା କ । ଭଷଣ, ଭଷିତ ।

ଭସ, (ଭସ୍ତି) ଦୀପ୍ତି ପା; ନିନ୍ଦା କ । ଭସନ, ଭସିତ, ଭସ୍ମ ।

ଭା, ( ଭାତି ) ଦୀପ୍ତି ପା । ପ୍ରଭା, ଆଭା, ଭାତ, ନିଭ, ଭାନୁ ଇତ୍ୟାଦି ।

ଭାଜ, ( ଭାଜୟତି ) ବିଭାଗ କ । ବିଭାଗ, ଭାଗ, ବିଭାଜ୍ୟ ।

ଭାମ, (ଭାମତେ, ଭାମୟତି) କ୍ରୁଦ୍ଧ ହେ । ଭାମ, ଭାମୀ, ଭାମିନୀ ।

ଭାଷ, (ଭାଷତେ) କଥନ । ଭାଷା, ଭାଷିତ ।

ଭାସ, (ଭାସତେ) ଦୀପ୍ତି ପା । ଭାଃ, ଭାସନ, ଆଭାସ, ଭାସୁର, ଭାସ୍କର, ଭାସ୍ୱାନ୍ ।

ଭିକ୍ଷ, (ଭିକ୍ଷତେ) ଯାଚ୍ଞା କ; ପ୍ରାପ୍ତି ହେ; କ୍ଲାନ୍ତ ହେ; ଲାଭ କ । ଭିକ୍ଷା, ଭିକ୍ଷୁକ ।

ଭିଦ୍, ( ଭିନତ୍ତି, ଭିନ୍ତେ ) ଭେଦ କ । ଭେଦନ, ଭେଦିତ ।

ଭିଲ, ( ଭେଲୟତି ) ବିଭାଗ କ । ଭେଲନ, ଭେଲା ।

ଭିଷ, (ଭେଷତି) ରୁକ୍ ପ୍ରତିକ୍ରିୟା କ ।

ଭୀ, (ବିଭେତି) ଭୀତ ହେ, ଭୟ ପା । ଭୀତ, ଭୀରୁ, ଭୀଷଣ, ଭୀଷ୍ମ, ଭୟାନକ ।

ଭୁଜ, (ଭୁନକ୍ତି, ଭୁଙ୍କ୍ତେ) ପାଳନ କ; ଉପଭୋଗ କ; ଭକ୍ଷଣ କ; ( ଭୁଜତି ) ବକ୍ର କ । ଭୁଗ୍ନ, ଭୁଜଗ, ଭୁଜଙ୍ଗ ।

ଭୁଡ୍-ଭୁଣ୍ଡ, (ଭୁଣ୍ଡତେ) ଧାରଣ କ; ପୋଷଣ କ; ଆଚ୍ଛାଦନ କ । ଭୁଣ୍ଡନ, ଭୁଣ୍ଡିତ ।

ଭୂ, (ଭବତି) ହେବା; ଜାତ ହେ; (ଭାବୟତି) ମିଳିତ ହେ; ମିଶ୍ରିତ କ; ଶୁଦ୍ଧ ହେ; ଅନୁଭବ କ; ( ଅଭି, ପରା, ପରି-ପୂର୍ବ ) ପରାଭବ କ; (ସମ୍-ପୂର୍ବ ) ସମ୍ଭବ ହେ । ଭବ, ଭବନ, ଉଦ୍ଭବ, ସମ୍ଭବ, ଭାବ, ତପୋଭବ, ଭାବନା, ଭବ୍ୟକ ଇତ୍ୟାଦି ।

ଭୂଷ, ( ଭୂଷତି, ଭୂଷୟତି ) ଭୂଷିତ କ । ଭୂଷଣ, ଭୂଷା, ଭୂଷିତ ।

ଭୃ, (ଭରତି-ତେ, ବିଭର୍ତ୍ତି, ବିଭୃତେ) ଭରଣ କ; ପୋଷଣ କ; ଧାରଣ କ । ଭରଣ, ଭରଣୀୟ, ଭୃତ, ଭୃତ୍ୟ, ଭର୍ତ୍ତା ।

ଭଜ୍ଜ, (ଭର୍ଜ୍ଜତେ) ଭର୍ଜ୍ଜନ କ । ଭର୍ଜ୍ଜନ, ଭର୍ଜ୍ଜିତ, ଭୃଷ୍ଟ, ଭର୍ଗ ।

ଭୃଶ, (ଭୃଶ୍ୟତି) ଅଧଃପତିତ ହେ । ଭୃଷ୍ଟ ।

ଭୃ, (ଭୃଣାତି) ପୋଷଣ କ; ଭର୍ତ୍ସନା କ; ଭର୍ଜ୍ଜନ କ; ଧାରଣ କ । ଭୂର୍ତ୍ତି ।

ଭେଷ, (ଭେଷତି-ତେ) ଗମନ କ; ଭୀତ ହେ । ଭେଷଣ, ଭେଷିତ ।

ଭ୍ୟାସ, (ଭ୍ୟସତେ) ଭୀତ ହେ; ଭ୍ୟସନ, ଭ୍ୟସିତ ।

ଭ୍ରଂଶ, ଭ୍ରନ୍ଶ, (ଭ୍ରଂଶ୍ୟତି) ଅଧଃପତିତ ହେ । ଭ୍ରଂଶ, ଭ୍ରଂଶିତ ।

ଭ୍ରଂସ, ଭ୍ରନ୍ସ, (ଭ୍ରଂସତେ) ଅଧଃପତିତ ହେ ।

ଭ୍ରଣ, (ଭ୍ରଣତି) ଶବ୍ଦ କ । ଭ୍ରଣିତ ।

ଭ୍ରମ, (ଭ୍ରମତି-ଭ୍ରମ୍ୟତି, ଭ୍ରାମ୍ୟତି) ଭ୍ରମଣ କ; ଭ୍ରାନ୍ତ ହେ; ବୁଲିବା । ଭ୍ରମ, ଭ୍ରମଣ, ଭ୍ରମର, ଭ୍ରାନ୍ତ ।

ଭ୍ରଶ, (ଭ୍ରଶ୍ୟତି) ଅଧଃପତିତ ହେ । ଭ୍ରଶନ, ଭ୍ରଷ୍ଟ ।

ଭ୍ରସ୍ଜ, (ଭ୍ରଜ୍ଜତି-ତେ) ଭର୍ଜ୍ଜନ କ । ଭୃଷ୍ଟ ।

ଭ୍ରାଜ, (ଭ୍ରାଜତି-ତେ) ଦୀପ୍ତି ପା । ଭ୍ରାଜିଷ୍ଣୁ, ଭ୍ରାଜଥୁ ।

ଭ୍ରାଶ, (ଭ୍ରାଶତେ-ଭ୍ରାଶ୍ୟତେ) ଦୀପ୍ତି ପା । ଭ୍ରାଶନ ।

ଭ୍ରାସ, (ଭ୍ରାସତେ, ଭ୍ରାସ୍ୟତେ) ଦୀପ୍ତି ପା । ଭ୍ରାସନ ।

ଭ୍ରୀ, (ଭ୍ରୀଣାତି, ବିଭ୍ରେତି) ଭୀତ ହେ; ଧାରଣ କ; ପୋଷଣ କ ।

ଭ୍ରୁଡ, (ଭ୍ରୁଡତି) ଆଚ୍ଛାଦନ କ; ସଞ୍ଚୟ କ । ଭ୍ରୁଡନ, ଭ୍ରୁଡିତ ।

ଭ୍ରୂଣ, (ଭ୍ରୂଣୟତେ) ଆକାଙ୍କ୍ଷା କ; ଆଶଙ୍କା କ । ଭ୍ରୂଣ ।

ଭ୍ରେଜ, (ଭ୍ରେଜତେ) ଦୀପ୍ତି ପା । ଭ୍ରେଜନ, ଭ୍ରେଜିତ ।

ଭ୍ରେଷ, (ଭ୍ରେଷତେ) ଗମନ କ; ଭୀତ ହେ । ଭ୍ରେଷଣ ଭ୍ରେଷିତ ।

ଭ୍ଲକ୍ଷ, (ଭକ୍ଷତି) ଭକ୍ଷଣ କ । ଭ୍ଲକ୍ଷଣ, ଭ୍ଲକ୍ଷିତ ।

ଭାଶ, (ଭ୍ଲାଶ୍ୟତେ, ଭ୍ଲାଶତେ) ଦୀପ୍ତି ପା ।

ଭ୍ଲେଷ, (ଭ୍ଲେଷତି-ତେ) ଗମନ କ; ଭୀତ ହେ ।

———.0:———

ମ

ମକ-ମନ୍କ, ( ମକତି-ତେ, ମଙ୍କତେ ) ଭୂଷିତ କ । ମଙ୍କନ ।

ମକ୍କ, (ମକ୍କତେ) ଗମନ କ । ମକ୍କନ ।

ମକ୍ଷ, (ମକ୍ଷତି) କ୍ରୁଦ୍ଧ ହେ; ରାଶି କ; ଯୁକ୍ତ କ । ମକ୍ଷଣ, ମକ୍ଷିକା ।

ମଙ୍ଖ-ମନ୍ଖ, (ମଙ୍ଖତି, ମଙ୍ଖତି) ଗମନ କ । ମଙ୍ଖନ, ମଙ୍ଖନ ।

ମଗ-ମନ୍ଗ, (ମଙ୍ଗତି-ତେ) ଗମନ କ । ମଙ୍ଗଳ ।

ମଘ-ମନ୍ଘ, (ମଙ୍ଘତେ-ତି) ଗମନ କ; ଆରମ୍ଭ କ; ଦ୍ରୁତଗମନ କ; ନିନ୍ଦା କ; ଜୁଆଖେଳି କ; (ମଙ୍ଘତି) ଭୂଷିତ କ । ମଙ୍ଘନ, ମଙ୍ଘିତ ।

ମଚ-ମନ୍ଚ, (ମଚତେ, ମଞ୍ଚତେ) ଦମ୍ଭ କ; ଶଠତା କ; ଉଚ୍ଚ ହେ; ଦୀପ୍ତି ପା; ଧାରଣ କ; ପୂଜା କ; କଳ୍କନ କ । ମଞ୍ଚ, ମଞ୍ଚକ ।

ମଞ୍ଚ, (ମଞ୍ଚତି) ଗମନ କ ।

ମଞ୍ଜ-ମଜ, (ମଞ୍ଜୟତି) ଶବ୍ଦ କ; ନିର୍ମ୍ମଳ କ । ମଞ୍ଜୁ ।

ମଠ, (ମଠୟତି) ଦୁର୍ବ୍ବଳ ହେ; ଅବସନ୍ନ ହେ ।

ମଠ, (ମଠତି) ବାସ କ; ଉତ୍କଣ୍ଠିତ ହେ; ମର୍ଦ୍ଦନ କ । ମଠ, ମାଠ ।

ମଣ୍ଠ-ମନ୍ଠ, (ମଣ୍ଠ୍ୟତେ) ଉତ୍କଣ୍ଠାପୂର୍ବ୍ବକ ଚିନ୍ତା କ । ମଣ୍ଠନ, ମଣ୍ଠିତ ।

ମଡ-ମନ୍ଡ, (ମଣ୍ଡତେ) ବିଭାଗ କ; ବେଷ୍ଟନ କ; (ମଣ୍ଡତି, ମଣ୍ଡୟତି) ଭୂଷିତ କ; ହୃଷ୍ଟ ହେ । ମଣ୍ଡନ, ମଣ୍ଡିତ, ମଣ୍ଡପ ।

ମଣ, (ମଣତି) ଶବ୍ଦ କ । ମଣି, ମଣିତ ।

ମନ୍ତ୍ର-ମନ୍ତ୍ର, (ମନ୍ତ୍ରତି, ମନ୍ତ୍ରୟତି) ଗୋପନ ପରାମର୍ଶ କ । ମନ୍ତ୍ର, ମନ୍ତ୍ରଣା, ଆମନ୍ତ୍ରଣ, ମନ୍ତ୍ରୀ ଇତ୍ୟାଦି ।

ମଥ-ମନ୍ଥ, (ମଥତି-ତେ) ମନ୍ଥନ କ; (ମନ୍ଥତି) ବଧ କ; ପୀଡନ କ; (ମଥ୍ନାତି) ମନ୍ଥନ କ । ମଥନ, ମଥିତ, ମନ୍ଥନ ।

ମଦ-ମନ୍ଦ, (ମାଦ୍ୟତି, ମାଦୟତେ, ମନ୍ଦତେ) ହୃଷ୍ଟ ହେ; ମତ୍ତ ହେ; ଗର୍ବ୍ବିତ ହେ; ଜଡୀଭୂତ ହେ; ନିଦ୍ରାଗ

ଦେହ; ପ୍ରୀତ ହେ; ସ୍ତବ କ; ଗମନ କ । ମନ୍ଦ, ମନ୍ଦର, ମନ୍ଦିର ।

ମନ, (ମନ୍ୟତେ-ମନୁତେ) ବୋଧ କ; ଜ୍ଞାତ ହେ; ମନନ କ; (ମାନୟତେ-ତି) ଜଡ଼ୋଝ ହେ; ଗର୍ବିତ ହେ; (ମନତି, ମାନୟତି) ପୂଜା କ । ମନନ, ମତ, ମତି, ମନଃ, ମନୁଷ୍ୟ ଇତ୍ୟାଦି ।

ମନ୍ଥ, ( ମନ୍ଥତି ) ପୀଡ଼ନ କ; ମନ୍ଥନ କ । ମନ୍ଥନ, ମନ୍ଥିତ ।

ମଭ୍ର, (ମଭ୍ରତି) ଗମନ କ । ମଭ୍ରଣ, ମଭ୍ରିତ ।

ମମ୍ବ, (ମମ୍ବତି) ଗମନ କ ।

ମୟୂ, (ମୟତେ) ଗମନ କ । ମୟୂ, ମୟୂର ।

ମର୍କ୍କ, (ମର୍କ୍କତି) ଗମନ କ । ମର୍କ, ମର୍କଟ ।

ମର୍ଚ୍ଚ, (ମର୍ଚ୍ଚତି, ମର୍ଚ୍ଚୟତି) ଶବ୍ଦ କ; ଗମନ କ; ଗ୍ରହଣ କ ।

ମର୍ବ, (ମର୍ବତି) ଗମନ କ; ପୂର୍ତ୍ତି କ । ମର୍ବଣ, ମର୍ବିତ ।

ମଲ, (ମଲତେ, ମଲୟତି) ଧାରଣ କ । ମଲ, ମଲା ।

ମଲ୍ଲ, (ମଲ୍ଲତେ) ଧାରଣ କ । ମଲ୍ଲକ, ମଲ୍ଲ ।

ମବ, (ମବତି) ବନ୍ଧନ କ । ମବନ, ମବନ୍ତ ।

ମବ୍ୟ, (ମବ୍ୟତି) ବନ୍ଧନ କ । ମବନ, ମବିତ ।

ମଶ, (ମଶତି) ଶବ୍ଦ କ; କୋପ କ । ମଶନ, ମଶିତ, ମଶକ ।

ମଷ, (ମଷତି) ବଧ କ । ମଷଣ, ମଷିତ ।

ମସ, (ମସ୍ୟତି) ପରିମାଣ କ; ପରିଣତ ହେ; ବିକୃତ ହେ । ମସ୍ତି, ମସୀ ।

ମସ୍କ-ମସ୍କ, (ମସ୍କତେ) ଗମନ କ । ମସ୍କନ ।

ମସ୍ଜ, (ମଜ୍ଜତି) ମଜ୍ଜନ କ; ଗାତ୍ରାଦି ଧୌତ କ । ମଜ୍ଜନ, ମଗ୍ନ, ମଜ୍ଜା ।

ମହ-ମନ୍ହ, (ମହତି, ମହୟତି) ପୂଜା କ; (ମଂହତେ) ବୃଦ୍ଧି ପା; (ମଂହୟତି) କଥନ; ଦୀପ୍ତି ପା । ମହର, ମହତ୍ତ୍ୱ, ମହାଶୟ, ମହୀ, ମହର୍ଷି ।

ମା, (ମାତି, ମିମୀତେ, ମାୟତେ) ପରିମାଣ କ; ମାପିବା; ଶବ୍ଦ କ । ମାନ, ପରିମାଣ, ଉପମା, ପ୍ରତିମା, ପ୍ରମାଣ ଇତ୍ୟାଦି ।

ମାକ୍ଷ-ମାକ୍ଷ, (ମାଂକ୍ଷତି) ଅଭିଲାଷ କ । ମାଙ୍କ୍ଷଣ, ମାଙ୍କ୍ଷିତ ।

ମାଙ୍ଗ, (ମାଙ୍ଗତି-ତେ) ପରିମାଣ କ; ମାପିବା ।

ମାଥ-ମାନ୍ଥ, (ମାନ୍ଥତି) ପୀଡ଼ନ କ । ମାନ୍ଥିତ ।

ମାନ, (ମୀମାଂସତେ) ବିଚାର କ; ଅନୁସନ୍ଧାନ କ; (ମାନତି-ମାନୟତି) ପୂଜା କ । ମୀମାଂସା ।

ମାର୍ଗ, (ମାର୍ଗତି, ମାର୍ଗୟତି) ସଂସ୍କାର କ, ଗମନ କ; ପଥ ପ୍ରସ୍ତୁତ କ; ଅନ୍ୱେଷଣ କ । ମାର୍ଗ, ମାର୍ଗିତ ।

ମାର୍ଜ୍ଜ, (ମାର୍ଜ୍ଜୟତି) ଶବ୍ଦ କ; ପରିଷ୍କାର କ । ମାର୍ଜ୍ଜନ, ମାର୍ଜ୍ଜିତ, ସମ୍ମାର୍ଜ୍ଜନୀ ।

ମାହ, (ମାହତି-ତେ) ପରିମାଣ କ । ମାହନ, ମାହିତ ।

ମି, (ମିନୋତି, ମିନୁତେ) ନିକ୍ଷେପ କ । ମୟୂ ।

ମିଚ୍ଛ, (ମିଚ୍ଛତି) ପୀଡ଼ନ କ; ବାଧା ଦେ । ମିଚ୍ଛିତ ।

ମିଥ, (ମେଥତି-ତେ) ମନେ ରଖିବା; ଜ୍ଞାତ ହେ; ବଧ କ; ସଂଯୋଗ କ । ମୈଥୁନ, ମେଥିତ ।

ମିଦ-ମିନ୍ଦ, (ମେଦତି) ଗନ୍ଧ କ; ନମ୍ର ହେ; (ମେଦୟତି, ମିନ୍ଦତି, ମିନ୍ଦୟତି, ମେଦତେ, ମେଦ୍ୟତି ) ସ୍ନିଗ୍ଧ ହେ; ସ୍ମରଣ ରଖିବା; ବଧ କ । ମେଦଃ, ମିତ୍ର, ମେଦିନୀ, ମିନ୍ଦିତ ।

ମିଲ, (ମିଲତି-ତେ) ମିଳନ ହେ । ମିଳନ, ମେଳନ, ମିଳିତ, ମେଳକ ।

ମିବ-ମିନ୍ବ, (ମିମ୍ବତି) ଜଳାଦି ସେକ କ । ମିମ୍ବନ, ମିମ୍ବିତ ।

ମିଶ, (ମେଶତି) ଶବ୍ଦ କ; କୋପ କ । ମେଶନ, ମିଶିତ ।

ମିଶ୍ର, (ମିଶ୍ରୟତି) ମିଶ୍ରିତ କ । ମିଶ୍ରଣ, ମିଶ୍ରିତ ।

ମିଷ, (ମେଷତି, ମିଷତି) ଜଳସେକ କ; ସ୍ପର୍ଦ୍ଧା କ । ମେଷ, ମିଷ୍ଟ ।

ମିସ୍ତ୍ର, (ମିସ୍ତ୍ରୟତି) ମସିତ କ । ମିସ୍ତ୍ରଣ, ମିସ୍ତ୍ରିତ ।

ମିହ, (ମେହତି) ଜଳସେକ କ । ମେହନ, ମୀଢ଼, ମିହିର, ମେଘ ।

ମୀ, (ମୟତି, ମାୟତି) ଗମନ କ; ବୋଧ କ; (ମୀୟତେ) ମୃତ ହେ, (ମୀନାତି, ମୀନୀତେ) ବଧ କ । ବିନାଶ, ମୀନ, ଭ୍ରମର ।

ମୀମ, (ମୀମତି) ଗମନ କ; ଶବ୍ଦ କ । ମୀମନ ମୀମିତ ।

ମୀଲ, (ମୀଲତି) ଚକ୍ଷୁର୍ମୁଦ୍ରିତ ହେ; (ଉତ୍-ପୂର୍ବ୍ବ) ଚକ୍ଷୁଃପ୍ରକାଶ । ମୀଲନ, ନିମୀଲନ, ଉନ୍ମୀଲନ, ପ୍ରମୀଳା ।

ମୀବ, (ମୀବତି) ସ୍ଥୂଲ ହେ । ମୀବନ, ମୀବତ ।

ମୁଚ, (ମୁଞ୍ଚତି-ତେ) ମୋଚନ କ; ତ୍ୟାଗ କ; (ମୋଚୟତି) ମୋଚନ କ; ଶସ୍ତ୍ରାଦି ନିକ୍ଷେପ କ, (ମୋଚତେ) ବଞ୍ଚନା କ; (ମୁଞ୍ଚତେ) ଗର୍ବ୍ବ କ; ଚୂର୍ଣ୍ଣ କ । ମୋଚନ, ବିମୋଚନ, ମୁକ୍ତି, ମୁମୁକ୍ଷା, ମୁକ୍ତା ଇତ୍ୟାଦି ।

ମୁଜ-ମୁନ୍ଜ, (ମୋଜତି, ମୋଜୟତି, ମୁଞ୍ଜତି, ମୁଞ୍ଜୟତି) ଶବ୍ଦ କ । ମୋଜନ, ମୋଜିତ, ମୁଞ୍ଜ, ମୁଞ୍ଜିତ ।

ମୁଞ୍ଚ, (ମୁଞ୍ଚତି) ଗମନ କ ।

ମୁଟ,-ମୁନ୍ଟ, (ମୋଟତି, ମୁଟତି, ମୋଟୟତି, ମୁଣ୍ଟତି) ଚୂର୍ଣ୍ଣ କ; ମର୍ଦ୍ଦନ କ; ଭଙ୍ଗ କ; ପୀଡନ କ; ତିରସ୍କାର କ । ମୁଟନ, ମୁଣ୍ଟନ, ମୁଟିତ, ମୁଣ୍ଟିତ ।

ମୁଠ-ମୁନ୍ଠ, (ମୁଣ୍ଠତି) ରକ୍ଷା କ; ପଳାୟନ କ । ମୁଣ୍ଠିତ ।

ମୁଡ,-ମୁନ୍ଡ (ମୁଡତି) ପରିତ୍ୟାଗ କ; ଆଚ୍ଛାଦନ କ; (ମୋଡତି) ପୀଡନ କ; (ମୁଣ୍ଡତେ) ପରିଷ୍କାର କ; ମଜ୍ଜନ କ; ସ୍ନାନ କ; (ମୁଣ୍ଡତି) ମୁଣ୍ଡନ କ; ଚୂର୍ଣ୍ଣ କ । ମୁଣ୍ଡନ, ମୁଣ୍ଡିତ, ମଣ୍ଡିତ ।

ମୁଣ, (ମୁଣତି) ପ୍ରତିଜ୍ଞା କ । ମୋଣନ, ମୁଣିତ ।

ମୁଥ, (ମୁନ୍ଥତି) ପୀଡନ କ; ଯାତନା ପା ।

ମୁଦ, (ମୋଦତେ) ହୃଷ୍ଟ ହେ; (ମୋଦୟତି) ମିଶ୍ରିତ କ । ଆମୋଦ, ପ୍ରମୋଦ, ମୋଦନ, ମୋଦିତ, ମୁଦ୍ରା, କୁମୁଦ ।

ମୁର, (ମୁରତି) ବେଷ୍ଟନ କ । ମୋରଣ, ମୁରିତ ।

ମୁର୍ଚ୍ଛ-ମୂର୍ଚ୍ଛ, (ମୂର୍ଚ୍ଛତି) ମୂର୍ଚ୍ଛିତ ହେ; ବୃଦ୍ଧି ପା । ମୂର୍ଚ୍ଛା, ମୂର୍ଚ୍ଛନା, ମୂର୍ଚ୍ଛିତ, ମୂର୍ତ୍ତି ।

ମୁର୍ବ୍ବ, (ମୂର୍ବ୍ବତି) ବନ୍ଧନ କ । ମୂର୍ବ୍ବଣ, ମୁରଃ ।

ମୁଲ, (ମୋଲୟତି) ରୋପଣ କ । ମୋଲନ, ମୋଲିତ ।

ମୁଷ, (ମୋଷତି-ମୁଷ୍ଣାତି) ଚୌର୍ଯ୍ୟବୃତ୍ତି କ; ଲୁଣ୍ଠନ କ; (ମୁଷ୍ୟତି) ବିଭାଗ କ; ଛେଦ କ; ଚୋରି କ । ମୋଷଣ, ମୁଷିତ ।

ମୁସ, (ମୁସ୍ୟତି) ଛେଦ କ । ମୋସନ, ମୁସିତ ।

ମୁସ୍ତ, (ମୁସ୍ତୟତି) ସଂଗ୍ରହ କ; ସଂହତ କ । ମୁସ୍ତା, ମୁସ୍ତକ ।

ମୁହ, (ମୁହ୍ୟତି) ମୁଗ୍ଧ ହେ; ଅଚୈତନ୍ୟ ହେ । ମୋହ, ମୋହନ, ମୋହିତ, ମୁଗ୍ଧ, ମୋହମୀ ।

ମୂ, (ମବତେ) ବନ୍ଧନ କ । ମବନ, ମୂତ, ମବିତା ।

ମୂତ୍ର, (ମୂତ୍ରୟତି-ତେ) ପ୍ରସ୍ରାବ କ । ମୂତ୍ର ।

ମୂଲ, (ମୂଲତି-ତେ) ଦୃଢପୂର୍ବ୍ବକ ସ୍ଥିତ ହେ; (ମୂଲୟତି-ତେ) ରୋପଣ କ । ମୂଲ୍ୟ, ଉନ୍ମୂଲନ, ମୂଲ, ମୂଳକ ।

ମୂଷ, (ମୂଷତି) ଲୁଣ୍ଠନ କ । ମୂଷଣ, ମୂଷିତ ।

ମୃ, (ମ୍ରିୟତେ) ମୃତ ହେ । ମୃତ୍ୟୁ, ମରଣ, ମୃତ, ମୁମୂର୍ଷା, ମରୁତ ।

ମୃକ୍ଷ, (ମୃକ୍ଷତି, ମୃକ୍ଷୟତି) ସଞ୍ଚୟ କ; ସଂହତ କ; ମିଶ୍ରିତ କ; ଅସ୍ପଷ୍ଟ କିମ୍ବା ଅଶୁଦ୍ଧ କଥା କଥନ ।

ମୃଗ, (ମୃଗ୍ୟତି, ମୃଗୟତେ) ଅନ୍ୱେଷଣ କ; ମୃଗୟା କ । ମୃଗୟା, ମୃଗ, ମାର୍ଗଣ ।

ମୃଜ, (ମାର୍ଷ୍ଟି-ମାର୍ଜ୍ଜୟତି) ପରିଷ୍କାର କ; ମାର୍ଜ୍ଜନ କ; ଭୂଷିତ କ । ମୃଜ୍ୟ, ମାର୍ଜ୍ଜକ ।

ମୃଡ, (ମୃଡତି, ମୃଡ୍ଣାତି) ହୃଷ୍ଟ ହେ, ଚୂର୍ଣ୍ଣ କ । ମୃଡ ।

ମୃଣ, (ମୃଣାତି) ବଧ କ । ମର୍ଣ୍ଣନ, ମୃଣିତ ।

ମୃଦ, (ମୃଦ୍ନାତି) ଚୂର୍ଣ୍ଣ କ; ମର୍ଦ୍ଦନ କ । ମର୍ଦ୍ଦନ, ମର୍ଦ୍ଦିତ ।

ମୃଧ, (ମର୍ଦ୍ଧତି-ତେ) ଆର୍ଦ୍ର ହେ; ପାଚି ଯି । ମୃଧ ।

ମୃଶ, (ମୃଶତି) ପରାମର୍ଶ କ; ବିବେଚନା କ; ଚିନ୍ତା କ; ସ୍ପର୍ଶ କ । ପରାମର୍ଶ, ବିମର୍ଶନ ।

ମୃଷ, (ମର୍ଷତି-ତେ,ମର୍ଷୟତି-ତେ, ମୃଷ୍ୟତି-ତେ) ସହ୍ୟ କ; ଜଳସେକ କ; କ୍ଷମା କ । ମର୍ଷ, ବିମର୍ଷ, ମର୍ଷଣ ।

ମୄ, (ମୃଣାତି) ବଧ କ । ମୂର୍ତ୍ତି ।

ମେ, (ମେୟତେ) ପ୍ରତିଦାନ କ; ପରିବର୍ତ୍ତନ କ । ବିନିମୟ ।

ମେଠ, (ମେଠତି) ଉନ୍ମତ୍ତ ହେ । ମେଠିତ ।

ମେଡ୍ର, (ମେଡ୍ରତ) ଉନ୍ମତ୍ତ ହେ । ମେଡ୍ରିତ, ମେଡ୍ରୀ ।

ମେଥ, (ମେଥତି-ତେ) ବଧ କ; ସଂସର୍ଗ କ; କ୍ରୋଧ କ । ମେଥିତ ।

ମେଦ, ( ମେଦତି-ତେ ) ସ୍ମରଣ ରଖିବା; ବଧ କ । ମେଦିତା ।

ମେଧ, (ମେଧତି-ତେ) ସ୍ମରଣ ର; ସଙ୍ଗ କ; ବଧ କ । ମେଧା, ମେଧ୍ୟ ।

ମେପ, (ମେପତେ) ଗମନ କ; ପ୍ରାପ୍ତି । ମେପନ, ମେପିତ ।

ମେବ, (ମେବତେ) ସେବା କ; ସେବାଦ୍ୱାରା ସନ୍ତୁଷ୍ଟ ହେ । ମେବନ ।

ମୋକ୍ଷ, ( ମୋକ୍ଷତି, ମୋକ୍ଷୟତି ) କ୍ଷେପଣ କ । ମୋକ୍ଷଣ, ମୋକ୍ଷିତ ।

ମ୍ନା, (ମନତି) ସ୍ମରଣ ରଖିବା; ଅଭ୍ୟସ୍ତ କ । ଆମ୍ନ ।

ମ୍ରକ୍ଷ, (ମ୍ରକ୍ଷତି) ରାଶି କ; ମ୍ରକ୍ଷଣ କ; ସ୍ନିଗ୍ଧ କ । ମ୍ରକ୍ଷଣ, ମ୍ରକ୍ଷିତ ।

ମ୍ରଚ, (ମ୍ରଚତି) ଗମନ କ । ମ୍ରୋଚନ, ମ୍ରକ୍ତ ।

ମ୍ରଦ, (ମ୍ରଦତେ) ଚୂର୍ଣ୍ଣ କ; ମର୍ଦ୍ଦନ କ । ମ୍ରଦିତ ।

ମ୍ରୁଚ,-ମ୍ରୁନ୍ଚ, (ମ୍ରୋଚତି-ମ୍ରୁଞ୍ଚତି) ଗମନ କ । ମ୍ରୁକ୍ତ, ମ୍ରୁଞ୍ଚିତ ।

ମ୍ରେଠ, (ମ୍ରେଠତି) ଉନ୍ମତ୍ତ ହେ । ମ୍ରେଠିତ ।

ମ୍ରେଡ଼, (ମ୍ରେଡ଼ତି) ଉନ୍ମତ୍ତ ହେ । ମ୍ରେଡ଼ିତ ।

ମ୍ଳକ୍ଷ, (ମ୍ଳକ୍ଷୟତି) ମିଶ୍ରିତ ହେ; ଅଶୁଦ୍ଧ କଥା କଥନ ।

ମ୍ଳୁଚ, (ମ୍ଳୋଚତି) ଗମନ କ । ମ୍ଳୋଚନ, ମ୍ଳୁକ୍ତ ।

ମ୍ଳୁଞ୍ଚ, (ମ୍ଳୁଞ୍ଚତି) ଗମନ କ । ମ୍ଳୁକ୍ତ, ମ୍ଳୁଞ୍ଚିତ ।

ମ୍ଳେଚ୍ଛ, ( ମ୍ଳେଚ୍ଛତି-ମ୍ଳେଚ୍ଛୟତି ) ଅପଭାଷା କଥନ । ମ୍ଳେଚ୍ଛିତ, ମ୍ଳିଷ୍ଟ, ମ୍ଳେଚ୍ଛ ।

ମ୍ଳେଠ, (ମ୍ଳେଠତି) ଉନ୍ମତ୍ତ ହେ । ମ୍ଳେଠିତ ।

ମ୍ଳେଡ, (ମ୍ଳେଡତି) ଉନ୍ମତ୍ତ ହେ । ମ୍ଳେଡନ, ମ୍ଳେଡିତ ।

ମ୍ଳେବ, (ମ୍ଳେବତେ) ସେବା କ; ସେବାଦ୍ୱାରା ସନ୍ତୁଷ୍ଟ କ । ମ୍ଳେବନ, ମ୍ଳେବିତ ।

ମ୍ଲୈ, ( ମ୍ଲାୟତି, ମ୍ଲାପୟତି ) ମ୍ଲାନ ହେ । ମ୍ଲାନ, ଅମ୍ଳ ।

---

## ଯ

ଯକ୍ଷ, (ଯକ୍ଷତି-ତେ, ଯକ୍ଷୟତେ) ପୂଜା କ । ଯକ୍ଷ ।

ଯଜ, (ଯଜତି) ପୂଜା କ; ସଙ୍ଗ କ; ପୁରସ୍କାର କ । ଯଜନ, ଯାଜନ, ଯାଗ, ଯଜ୍ଞ ।

ଯତ, (ଯତତେ) ଯତ୍ନ କ; (ଯାତୟତି) ଯନ୍ତ୍ରଣା ଦେ; ଅଲଙ୍କୃତ ହେ । ଯାତନା ।

ଯନ୍ତ୍ର-ଯନ୍ତ୍ର, (ଯନ୍ତ୍ରତି, ଯନ୍ତ୍ରୟତି) ସଙ୍କୁଚିତ କ; ଯନ୍ତ୍ରଣା ଦେ । ଯନ୍ତ୍ର, ଯନ୍ତ୍ରଣା, ଯନ୍ତ୍ରୀ ।

ଯଭ, (ଯଭତି) ସ୍ତ୍ରୀସଂସର୍ଗ କ । ଯଭନ, ଯବ୍ଧ ।

ଯମ, (ଯଚ୍ଛତି) ବିଷୟରୁ ବିରତ ହେ; ନିବୃତ୍ତ ହେ; ପରିବେଶନ କ; ପରିବେଷ୍ଟନ କ । ଯମନ, ଯମ, ଉଦ୍ୟମ, ସଂଯମ ।

ଯସ, (ଯସତି, ଯସ୍ୟତି) ଯତ୍ନ କ । ଆୟାସ ।

ଯା, (ଯାତି) ଗମନ କ; ପ୍ରାପ୍ତି; (ଆ-ପୂର୍ବ) ଆଗମନ କ । ଯାପନ, ଯାତ୍ରା, ପ୍ରୟାଣ, ଯାତ, ଆୟାତ ।

ଯାଚ, (ଯାଚତି-ତେ) ଯାଚ୍ଞା କ । ଯାଚନ, ଯାଚ୍ଞା, ଯାଚିତବ୍ୟ ।

ଯୁ, (ଯୌତି) ଯୁକ୍ତ କ; ମିଶ୍ରିତ ନ କ; (ଯାତୟତି) ନିନ୍ଦା କ; (ଯୁନାତି, ଯୁନୀତେ) ବନ୍ଧନ କ । ଯୁତ, ଯବନ, ଯବାଗୂ ।

ଯୁଗ-ଯୁନ୍ଗ, (ଯୁଙ୍ଗତି) ତ୍ୟାଗ କ । ଯୁଙ୍ଗନା ଯୁଙ୍ଗିତ ।

ଯୁଚ୍ଛ, (ଯୁଚ୍ଛତି) ଅନବଧାନ କ; ଭୁଲ ଯି । ଯୁଚ୍ଛନ ।

ଯୁଜ, (ଯୁଜ୍ୟତେ) ସମାଧିସ୍ଥ ହେ; ଯୋଗ୍ୟ ହେ; (ଯୋଜୟତି, ଯୋଜୟତି) ବନ୍ଧନ କ । ଯୋଡିବା; (ଯୁନକ୍ତି, ଯୁଙ୍କ୍ତେ ) ଯୁକ୍ତ କ; ଦାନ କ । ଯୋଗ, ନିଯୋଗ, ପ୍ରୟୋଗ, ବିୟୋଗ, ଉଦ୍ୟୋଗ, ଯୋଜନା, ଯୁକ୍ତ ଇତ୍ୟାଦି ।

ଯୁଡ, (ଯୋଡତେ) ଖଣ୍ଡ ଯା । ଯୋଡନ, ଯୁଡିତ ।

ଯୁଧ, (ଯୁଧ୍ୟତେ) ଯୁଦ୍ଧ କ । ଯୁଦ୍ଧ, ଯୋଦ୍ଧା, ଯୁଧିଷ୍ଠିର, ଦୁର୍ଯ୍ୟୋଧନ ।

ଯୁପ, (ଯୁପ୍ୟତି) ମୂର୍ଚ୍ଛାପନ୍ନ ହେ; ଯୁଗ୍ମ ହେ । ଯୋପନ, ଯୂପ ।

ଯୁଷ, (ଯୋଷତି) ଭଜନା କ ।

ଯୂଷ, (ଯୂଷତି) ବଧ କ । ଯୂଷଣ, ଯୂଷିତ ।

ଯେଷ, (ଯେଷତେ) ଯତ୍ନ କ । ଯେଷଣ, ଯେଷିତ ।

ଯୌଟ, (ଯୌଟତି) ବନ୍ଧନ କ; ସମ୍ବନ୍ଧଯୁକ୍ତ ହେ । ଯୌଟନ ।

ଯୌଡୃ, ( ଯୌଡ଼ତି ) ସମ୍ବନ୍ଧ ହେ; ଯୋଡବା । ଯୌଡ଼ନ ।

---

## ର

ରଂହ-ରନ୍ହ, (ରଂହୟତି, ରଂହାୟତି) ଗମନ କ; ପ୍ରାପ୍ତି । ରଂହଣ, ରଂହିତ ।

ରକ, ( ରାକୟତି ) ଆସ୍ୱାଦ କ; ପ୍ରାପ୍ତି । ରାକଣ, ରାକା ।

ରକ୍ଷ, (ରକ୍ଷତି) ରକ୍ଷା କ । ରକ୍ଷ, ରକ୍ଷଣ, ରକ୍ଷିତ ।

ରଖ-ରନ୍ଖ, (ରଖତି, ରଂଖତି) ଗମନ କ । ରଙ୍ଖଣ, ରଙ୍ଖିତ ।

ରଗ, (ରଗତି) ଆଶଙ୍କା କ; ଭୀତ ହେ; (ରାଗୟତି) ଆସ୍ୱାଦ କ; ପ୍ରାପ୍ତି; (ରନ୍ଗ, ରଙ୍ଗତି) ଗମନ କ । ରଗଣ, ରଗିତ, ରଙ୍ଗ ।

ରଘ, ରନ୍ଘ, ରଙ୍ଘତେ) ଗମନ କ; (ରଙ୍ଘୟତି) ଦୀପ୍ତି ପା । ରଙ୍ଘଣ ।

ରଚ, (ରଚୟତି) ରଚନା କ; ଯତ୍ନାଦରେ କର୍ମ କ । ରଚନ, ରଚନା, ରଚନୀୟ, ରଚକ ।

ରଞ୍ଜ-ରନ୍ଜ, (ରଜତି-ତେ, ରଜ୍ୟତି-ତେ) ଅନୁରକ୍ତ ହେ, ରଙ୍ଗଯୁକ୍ତ ହେ । ରଞ୍ଜନ, ରଙ୍ଗ, ରାଗ, ରଜଃ ।

ରଟ, ( ରଟତି-ରଟୟତି ) କଥା କହିବା । ରଟନ, ରଟିତ ।

ରଠ, (ରଠତି) କଥା କ । ରଠନ, ରଠିତ ।

ରଣ, (ରଣତି) ଶବ୍ଦ କ; ଗମନ କ । ରଣନ, ରଣିତା ।

ରଦ, (ରଦତି) ଉତ୍ଖାତ କ; ଭେଦ କ । ରଦ, ରଦନ ।

ରଧ, (ରାଧ୍ୟତି-ତେ) ସଂପନ୍ନ କ; ବଧ କ; ପାକ କ । ରନ୍ଧନ ।

ରପ, (ରପୟତି) କଥନ । ରପଣ, ରପିତା ।

ରଫ-ରନ୍ଫ, (ରଫତି-ରମ୍ଫତି) ବଧ କ; ଗମନ କ । ରଫଣ, ରଫିତ ।

ରବ-ରନ୍ବ, (ରମ୍ବତେ) ଶବ୍ଦ କ; ଗମନ କ । ରମ୍ବଣ, ରମ୍ବିତ ।

ରଭ-ରନ୍ଭ, (ରଭତେ-ରମ୍ଭତେ, ଆରଭତେ) ଆରମ୍ଭ କ; ଗମନ କ; ହୃଷ୍ଟ ହେ; (ରମ୍ଭତେ) ଶବ୍ଦ କ । ରଭସ, ଆରବ୍ଧ, ଆରମ୍ଭ ।

ରମ, (ରମତେ-ତି) ରମଣ କ; ଅନୁରକ୍ତ ହେ । ରମଣ, ରମଣୀୟ, ବିରାମ, ରତ, ରାମ, ରମଣୀ ଇତ୍ୟାଦି ।

ରୟ, (ରୟତେ) ଗମନ କ । ରୟନ, ରୟିତ ।

ରର୍ଫ, (ରର୍ଫତି) ଗମନ କ; ବଧ କ । ରର୍ଫଣ, ରର୍ଫିତ ।

ରଶ, (ରଶତି) ଶବ୍ଦ କ । ରଶନା, ରଶ୍ମି ।

ରସ, (ରସତି) ଶବ୍ଦ କ; (ରସୟତି) ଆସ୍ୱାଦ କ । ରସ, ରସନା ।

ରହ, (ରହତି, ରହୟତି) ତ୍ୟାଗ କ; (ରନ୍ହ-ରଂହତି) ଗମନ କ; ଦ୍ରୁତଗମନ କ । ବିରହ, ରହିତ ।

ରା, (ରାତି) ଦାନ କ; ଗ୍ରହଣ କ । ରତ, ଆରତ, ରାତ୍ରୀ ।

ରାଖ, (ରାଖତି) ଶୁଷ୍କ ହେ; ଭୂଷିତ କ; ପର୍ଯ୍ୟାପ୍ତ ହେ; ସମର୍ଥ ହେ; ବ୍ୟର୍ଥ । ରାଖଣ ।

ରାଘ, (ରାଘତେ) ସମର୍ଥ ହେ । ରାଘଣ ।

ରାଜ, (ରାଜତେ-ତି, ରେଜତେ) ଦୀପ୍ତି ପା । ବିରାଜ, ବିରାଜନ, ବିରାଜିତ, ରାଜା, ସମ୍ରାଟ୍, ରାଜୀବ ।

ରାଧ, ( ରାଧ୍ୟତି, ରାଧ୍ନୋତି ) ନିଷ୍ପନ୍ନ କ; ବଧ କ;

ଶୁଭାଶୁଭ ପର୍ଯ୍ୟାଲୋଚନା କ; (ଆ-ପୂର୍ବ) ଆରାଧନା କ; (ଅପ-ପୂର୍ବ) ଅପରାଧୀ ହେ । ରାଧନ, ଅରାଧନ, ଅପରାଧ, ଆରବ୍ଧ, ଆରାଧନା, ରାଧା ।

ରାଶ, (ରାଶତେ-ରାଶ୍ୟତେ) ଶବ୍ଦ କ । ରାଶି, ରାଶଭ ।

ରାସ, (ରାସତେ) ଶବ୍ଦ କ । ରାସ, ରାସନ, ରାସଭ ।

ରି, (ରିଣୋତି) ବଧ କ; (ରିୟତି) ଗମନ କ । ରିକ୍ଥ, ରିଯୃଣ ।

ରିଖ-ରିନ୍‌ଖ, (ରିଖତି-ରିଙ୍ଖତି) ଗମନ କ । ରିଙ୍ଖନ ।

ରିଗ, ରିନ୍‌ଗ (ରିଙ୍ଗତି) ଗମନ କ; ଗୁରୁଣ୍ଡିବା । ରିଙ୍ଗଣ ।

ରିଚ, (ରେଚତି-ରେଚୟତି) ଯୁକ୍ତ କ; ବିଯୁକ୍ତ କ; ନିଃସାରଣ କ; (ରିଣକ୍ତି, ରିଙ୍‌କ୍ତେ) ପୁନଃ ପୁନଃ ବିଷ୍ଠା କ୍ଷରଣ । ରିକ୍ତ, ଅତିରେକ, ବ୍ୟତିରେକ ।

ରିଜ, (ରେଜତେ) ଭର୍ଜ୍ଜନ କ । ରେଜନ, ରିଜିତ, ରେଜିତା ।

ରିଫ, (ରିଫତି) ଦାନ କ; ପ୍ରଶଂସା କ; ନିନ୍ଦା କ; ବଧ କ; ଯୁଦ୍ଧ କ; କଥା କହିବା । ରେଫ ।

ରିନ୍‌ଫ-ରିମ୍ଫ, (ରିମ୍ଫତି) ବଧ କ । ରିମ୍ଫଣ, ରିମ୍ଫିତ ।

ରିବ-ରିନ୍‌ବ, (ରିମ୍ବତି) ଗମନ କ । ରିମ୍ବଣ, ରିମ୍ବିତ ।

ରିଭ, (ରେଭତି) ଶବ୍ଦ କ । ରେଭଣ, ବିରବ୍ଧ ।

ରିଶ, (ରେଶତି) ବଧ କ; ବଧଚେଷ୍ଟା କ । ରେଶନ, ରେଷ୍ଟା ।

ରିଷ, (ରେଷତି, ରିଷ୍ୟତି) ବଧ କ; ବଧଚେଷ୍ଟା କ; (ରିଷ୍ଣାତି) ଛେଦ କ; ବିଭାଗ କ । ରେଷଣ, ରେଷିତା, ରେଷ୍ଟା, ରିଷ୍ଟି ।

ରିହ, (ରେହତି) ବଧ କ । ରେହଣ, ରିହିତ ।

ରୀ, (ରୀଣାତି) ବଧ କ; ଗମନ କ; ବ୍ୟାଘ୍ରପରି ଗର୍ଜ୍ଜନ କ । ରୀତି, ରୀଣ ।

ରୀବ, (ରୀବତେ) ଗ୍ରହଣ କ; ଆଚ୍ଛାଦନ କ; ଆବରଣ କ । ରୀବଣ, ରୀବିତ ।

ରୁ, (ରୌତି) ଶବ୍ଦ କ; (ରବତେ) ବଧ କ; ଗମନ କ; କଥା କହିବା; କ୍ରୋଧଯୁକ୍ତ ହେ । ରବ, ରାବ, ସଂରାବ, ଫେରୁ ।

ରୁକ୍ଷ, (ରୁକ୍ଷୟତି, ରୁକ୍ଷାପୟାତି) ଅସ୍ନିଗ୍ଧ ହେ । କର୍କଶ ହେ । ରୁକ୍ଷ ।

ରୁଚ, (ରୋଚତେ) ଦୀପ୍ତି ପା; ହୃଷ୍ଟ ହେ । ରୁକ୍, ରୁଚ୍, ରୁଚି, ରୁଚିତ, ରୋଚନା, ରୋଚକ, ରୋଚିଷ୍ଣୁ, ରୁଚିର ଇତ୍ୟାଦି ।

ରୁଜ, (ରୋଜୟତି) ବଧ କ; (ରୁଜତି) ଭଙ୍ଗ କ । ରୁକ, ରୋଗ, ରୁଗ୍ଣ ।

ରୁଟ, (ରୋଟତେ) ବାଧା ଦେ; ଗଡ଼ାଗଡ଼ି ଦେ; (ରୋଟୟତି) କ୍ରୁଦ୍ଧ ହେ; ଦୀପ୍ତି ପା; (ରୁନ୍‌ଟ, ରୁଣ୍ଟାତି) ଲୁଣ୍ଠନ କ; ଚୋରି କ । ରୁଣ୍ଟନ, ରୁଣ୍ଟିତ, ରୋଟୟିତା ।

ରୁଠ, (ରୋଠତି) ପ୍ରତିଘାତ କ; ଗଡ଼ାଗଡ଼ି ଦେ; (ରୋଠତେ) ବାଧା ଦେ; (ରୁନ୍‌ଠ-ରୁଣ୍ଠତି) ଗମନ କ; ଚୋରି କ; ଆଳସ୍ୟ କ; ଲୋଟାଇବା । ରୁଣ୍ଠନ, ରୁଣ୍ଠିତ ।

ରୁଦ, (ରୋଦତି) କ୍ରନ୍ଦନ କ । ରୋଦନ, ରୁଦିତ, ରୋରୁଦ୍ୟମାନ, ରୁଦ୍ର, ରୌଦ୍ର ।

ରୁଧ, (ରୁଣଦ୍ଧି, ରୁନ୍ଧେ) ରୁଦ୍ଧ କ; ବେଷ୍ଟନ କ; (ଅନୁ-ପୂର୍ବ, ଅନୁରୁଧ୍ୟତେ) ଅନୁରୋଧ କ; ଇଚ୍ଛା କ; ସମ୍ମତ ହେ । ରୋଧନ, ରୋଧ, ରୁରୁତ୍ସା, ରୁଦ୍ଧ, ବିରୁଦ୍ଧ, ବିରୋଧୀ ଇତ୍ୟାଦି ।

ରୁପ, (ରୁପ୍ୟତି) ମୁଗ୍ଧ ହେ; ମୂର୍ଚ୍ଛାପନ୍ନ ହେ । ରୋପ, ଆରୋପ, ଆରୋପଣ, ରୋପିତ ।

ରୁଶ, (ରୁଶତି) ବଧ କ; (ରୁନ୍‌ଶ-ରୁଂଶୟତି) ଦୀପ୍ତି ପା । ରୋଶନ, ରୋଷ୍ଟା ।

ରୁଷ, (ରେଷତି, ରୁଷ୍ୟତି) ବଧ; (ରୁଷ୍ୟତି, ରୋଷୟତି) କ୍ରୁଦ୍ଧ ହେ । ରୋଷଣ ।

ରୁହ, (ରୋହତି) ଉତ୍ପନ୍ନ ହେ; (ଆ-ପୂର୍ବ) ଆରୋହଣ କ; (ଅବ-ପୂର୍ବ) ଓହ୍ଲାଇବା । ରୋହଣ, ଆରୋହଣ, ରୂଢି, ରୂଢ, ଆରୂଢ଼, ଆରୋହୀ, ଶିରୋରୁହ, ସରୋରୁହ ଇତ୍ୟାଦି ।

ରୂକ୍ଷ, (ରୂକ୍ଷୟତି) କର୍କଶ ହେ । ରୂକ୍ଷ ।

ରୂପ, (ରୂପୟତି) ରୂପବର୍ଣ୍ଣନା; କଥନ । ରୂପ, ନିରୂପଣ, ଅନୁରୂପ, ରୌପ୍ୟ ।

ରୂଷ, (ରୂଷତି) ଭୂଷିତ କ; ସ୍ଫୁର୍ତ୍ତି ପା ।

ରେଜ, (ରେଜତେ) ଦୀପ୍ତି ପା । ରେଜନ, ରେଜିତ ।

ରେଟ, (ରେଟତି-ତେ) କଥନ; ଯାଚ୍ଞା କ । ରେଟନ ।

ରେପ, (ରେପତି-ତେ) ଗମନ କ; ଶବ୍ଦ କ । ରେପଣ, ରେପିତ ।

ରେବ, (ରେବତେ) ଗମନ କ; ଡେଇଁ ଯିବା । ରେବଣ ।

ରେଭ, (ରେଭତେ) ଶବ୍ଦ କ । ରେଭଣ, ରେଭିତ ।

ରେଷ, (ରେଷତେ) ଅଶ୍ୱପର ଧ୍ୱନି କ; ବ୍ୟାଘ୍ରପର ଶବ୍ଦ କ । ରେଷଣ, ରେଷିତ ।

ରୈ, (ରାୟତି) ଶବ୍ଦ କ । ରାଣ, ରାୟୀ ।

ରୋଡ, (ରୋଡତି) ଉନ୍ମତ୍ତ ହେ; ଅନାଦର କ ।

ରୌଟ, (ରୌଟତି) ଅନାଦର କ । ରୌଟନ ।

ରୌଡ, (ରୌଡତି) ଅନାଦର କ । ରୌଡନ, ରୌଡିତ ।

---

## ଲ

ଲକ, (ଲାକୟତି) ଆସ୍ୱାଦ କ; ପ୍ରାପ୍ତି । ଲାକନ, ଲାକୟିତା ।

ଲକ୍ଷ, (ଲକ୍ଷୟତି-ତେ) ଦର୍ଶନ କ; ଚିହ୍ନ କ । ଲକ୍ଷଣ, ଲକ୍ଷ୍ମ, ଲକ୍ଷ୍ମଣ, ଲକ୍ଷ୍ମୀ ।

ଲଖ,-ଲନ୍ଖ, (ଲଖତି, ଲଙ୍ଖତି) ଗମନ କ । ଲଖନ, ଲଖିତ, ଲାଖନ ଲଙ୍ଖନ ।

ଲଗ, (ଲଗତି) ଲାଗି ଯି; (ଲାଗୟତି) ଆସ୍ୱାଦ କ; ପ୍ରାପ୍ତି; (ଲନ୍ଗ-ଲଙ୍ଗତି) ଗମନ କ; ପ୍ରାପ୍ତି; ଖଞ୍ଜ ହେ । ଲଗିତ, ଲଗ୍ନ, ଲଙ୍ଗନ ।

ଲଘ, (ଲାଘୟତି) ଆସ୍ୱାଦ କ; ପ୍ରାପ୍ତି (ଲନ୍ଘ-ଲଙ୍ଘତେ) ଗମନ କ; ଉପବାସ କ; (ଲଙ୍ଘତି) ଶୁଷ୍କ ହେ; ସ୍ୱଳ୍ପ ହେ; (ଲଙ୍ଘୟତି) କଥନ । ଲଘୁ, ଲଙ୍ଘନ, ଲଙ୍ଘିତ ।

ଲଛ, (ଲଛତି) ଚିହ୍ନ କ । ଲଛନ, ଲଛିତ ।

ଲଜ, (ଲଜତି-ତେ) ଲଜ୍ଜିତ ହେ; ଭର୍ତ୍ସନା କ; (ଲାଜୟତି) ଆଚ୍ଛାଦନ କ; ବ୍ୟବଧାନ କ; (ଲନ୍ଜ-ଲଞ୍ଜତି) ଭର୍ତ୍ସନା କ; (ଲଞ୍ଜୟତି) ଦୀପ୍ତି ପା; ବାସ କ; ବଳିଷ୍ଠ ହେ; ବଧ କ; ଦାନ କ; ନିନ୍ଦା କ । ଲଜନ, ଲଜ୍ଜିତ, ଲଞ୍ଜିତ ।

ଲଞ୍ଜି-ଲନ୍ଜ, (ଲାଞ୍ଜୟତି) ଦୀପ୍ତି ପା; ପ୍ରକାଶ ପା । ଲାଞ୍ଜିତ ।

ଲଟ, (ଲଟତି) ଚପଳତାଦି ବାଲଭାବ ପ୍ରକାଶ କ; କଥନ । ଲଟିତ, ଲଟ ।

ଲଡ, (ଲଡତି, ଲଡୟତି) କ୍ରୀଡା କ; ଜିହ୍ୱା ସ୍ପନ୍ଦନ କ; ଜହଣ୍ଡିତ ହେ; ଉପଦ୍ରୁତ ହେ; କଟାକ୍ଷାଦି ଭଙ୍ଗୀ ପ୍ରଦର୍ଶନ କ; (ଲାଡୟତି) ଯତ୍ନରେ ପ୍ରତିପାଳନ କ; (ଲନ୍ଡ-ଲଣ୍ଡତି, ଲଣ୍ଡୟତି) ଦୀପ୍ତି ପା; କଥନ । ଲାଳନ, ଲାଡନା, ଲଣ୍ଡିତ, ଲଣ୍ଡ-ଭଣ୍ଡ ।

ଲଛ, (ଲଛତି) ଆଘାତ କ; ବଧ କ । ଲଛା ।

ଲପ, (ଲପତି) କଥନ; (ବି-ପୂର୍ବ) ବିଳାପ କ; (ଅନୁ-ପୂର୍ବ) ପୁନଃ ୨ କ; (ସମ୍-ପୂର୍ବ) ପରସ୍ପର କଥନ, (ଦୁର୍-ପୂର୍ବ) ଅପ୍ରିୟ କଥନ; (ଅପ-ପୂର୍ବ) ଅପହ୍ନବ କ । ଲାପ, ଆଲାପ, ବିଲାପ, ସଂଲାପ, ଲପନ, ଇତ୍ୟାଦି ।

ଲବ-ଲନ୍ବ, (ଲମ୍ବତେ) ଶବ୍ଦ କ; ଲମ୍ବିତ ହେ; (ବି-ପୂର୍ବ) ବିଲମ୍ବ କ; (ଅ-ଅବ-ପୂର୍ବ) ଅବଲମ୍ବନ କ । ଲମ୍ବନ, ବିଲମ୍ବନ, ଅବଲମ୍ବନ ଇତ୍ୟାଦି ।

ଲଭ, (ଲଭତେ) ପ୍ରାପ୍ତି ଲାଭ କ; (ଲନ୍ଭ-ଲମ୍ଭତେ) ଶବ୍ଦ କ; ବଧ କ; ଭର୍ତ୍ସନା କ; ପ୍ରାପ୍ତି । ଲାଭ, ଲବ୍ଧି, ଲବ୍ଧା ।

ଲୟ, (ଲୟତେ) ଗମନ କ । ଲୟନ, ଲୟିତ ।

ଲର୍ବ (ଲର୍ବତି) ଗମନ କ ।

ଲଲ, (ଲଲତି) ପୁନଃ ୨ କ୍ରୀଡା କ; (ଲାଳୟତେ) ପାଇବାକୁ ଇଚ୍ଛା କ । ଲଲନ, ଲଳିତ, ଲଲନା, ଲଲିତା ।

ଲଶ, (ଲାଶୟତି) ଶିଳ୍ପୀ ହେ । ଲାଶନ ।

ଲଷ, (ଲଷତି-ତେ, ଲଷ୍ୟତି-ତେ) ଅଭିଳାଷ କ

(ଲାଷୟତି) ଶିଳ୍ପୀ ହେ; ନିପୁଣ ହେ । ଅଭିଲାଷ, ଅଭିଲଷିତ, ଲଷମାଣ ।

ଲସ, (ଲସତି) କ୍ରୀଡା କ, ଶ୍ଳିଷ୍ଟ ହେ; (ଲାସୟତି) ନୃତ୍ୟରେ ନୈପୁଣ୍ୟ ପ୍ରଦର୍ଶନ କ; (ବି-ପୂର୍ବ) ବିଳାସ କ; (ଉତ୍-ପୂର୍ବ) ଦୀପ୍ତି ପା; ଉଲ୍ଲାସ ହେ । ବିଳାସ, ଉଲ୍ଲାସ, ଲସିକା ।

ଲଜ୍ଜ, (ଲଜ୍ଜତେ) ଲଜ୍ଜିତ ହେ । ଲଜ୍ଜା, ଲଜ୍ଜିତ ।

ଲା, (ଲାତି) ଗ୍ରହଣ କ; ଦାନ । ଲାତା ।

ଲାଖ, (ଲାଖତି) ଶୁଷ୍କ ହେ; ସମର୍ଥ ହେ; ପର୍ଯ୍ୟାପ୍ତ ହେ; ବ୍ୟର୍ଥ ହେ । ଲାଖନ, ଲାଖିତ ।

ଲାଘ, (ଲାଘତେ) ସମର୍ଥ ହେ; (ଉତ୍-ପୂର୍ବ) ରୋଗମୁକ୍ତ ହେ । ଉଲ୍ଲାଘ ।

ଲାଛ-ଲାନ୍ଛ, (ଲାଞ୍ଛତି) ଚିହ୍ନ କ । ଲାଞ୍ଛନ, ଲାଞ୍ଛନା ।

ଲାଜ-ଲାନ୍ଜ, (ଲାଜତି-ଲାଞ୍ଜତି) ଭର୍ତ୍ସନା କ; ଭର୍ଜ୍ଜନ କ । ଲାଜିତ, ଲାଜ, ଲାଞ୍ଜିତ, ଲାଞ୍ଜନ ।

ଲାଡ, (ଲାଡୟତି) କ୍ଷେପଣ କ; ହଟି ଯିବା । ଲାଡନ, ଲାଳିତ ।

ଲାଭ, (ଲାଭୟତି) କ୍ଷେପଣ କ ।

ଲିଖ, ( ଲିଖତି ) ଲେଖା; (ଲେଖତି) ଗମନ କ; (ଲିନ୍ଖ-ଲିଙ୍ଖତି) ଗମନ କ । ଲିଖନ, ଲେଖନ, ଲିଖ, ଉଲ୍ଲେଖ ଇତ୍ୟାଦି ।

ଲିଗ-ଲିନ୍ଗ, (ଲିଗତି) ଗମନ କ; (ଲିଙ୍ଗତି, ଲିଙ୍ଗୟତି) ଚିହ୍ନ କ; (ଆ-ପୂର୍ବ) ଆଲିଙ୍ଗନ କ । ଆଲିଙ୍ଗନ, ଆଲିଙ୍ଗିତ, ଲିଙ୍ଗ ।

ଲିଟ, (ଲେଟତି) ପରର ଭୃତ୍ୟ ହେ ।

ଲିପ, (ଲିମ୍ପତି-ତେ) ଲେପନ କ; ବୃଦ୍ଧି କ । ଲେପନ, ଲିପି, ପ୍ରଲେପ, ପ୍ରଲେପନ ।

ଲିଶ, (ଲିଶ୍ୟତେ) ଅଳ୍ପ ହେ; (ଲିଶତି) ଗମନ କ ।

ଲିହ, (ଲେଢି, ଲୀଢେ) ଲେହନ କ; ଚାଟିବା । ଲେହ, ଲେହନ, ଲୀଢ, ଲେହ୍ୟ ।

ଲୀ, (ଲୀୟତେ-ଲିନାତି) ଲୀନ ହେ; ପ୍ରାପ୍ତି, (ଲୟତି, ଲାୟୟତି, ଲାପୟତି, ଲାଲୟତି, ଲୀନୟତି) ଦ୍ରବ କ । ଲୟ, ପ୍ରଲୟ, ଲୀନ, ବିଲୀନ ।

ଲୁଚ-ଲୁନ୍ଚ, (ଲୁଞ୍ଚତି) କୁଞ୍ଚୀକରଣ କ; ତ୍ୟାଗ କ । ଲୁଞ୍ଚନ, ଲୁଞ୍ଚିତ ।

ଲୁଜ-ଲୁନ୍ଜ, (ଲୁଞ୍ଜୟତି) ଦାନ କ; ବଧ କ; ବାସ କ; ଦୀପ୍ତି ପା; ବଳିଷ୍ଠ ହେ । ଲୁଞ୍ଜନ, ଲୁଞ୍ଜିତ ।

ଲୁଟ, (ଲୋଟତି-ତେ, ଲୁଟ୍ୟତି) ଆନ୍ଦୋଳନ କ; ମନ୍ଥନ କ; ଦୀପ୍ତି ପା; ଗଡାଗଡି ଦେ; ଲୋଟି ନେ; ଯୁକ୍ତ କ; ବାଧା ଦେ; (ଲୁଟତି) ଆଲିଙ୍ଗନ କ; (ଲୋଟୟତି) କଥା କହିବା; (ଲୁନ୍ଟ-ଲୁଣ୍ଟୟତି, ଲୁଣ୍ଟତି) ଲୁଣ୍ଠନ କ; ହରଣ କ; ଲୋଟି ନେ । ଲୁଣ୍ଟନ, ଲୁଣ୍ଟିତ ।

ଲୁଠ, (ଲୋଠତି-ତେ) ପ୍ରତିଘାତ କ; ବ୍ୟାଘାତ କ; (ଲୁଠତି) ଯୁକ୍ତ କ; (ଲୋଠତେ, ଲୁଠତି) ଗଡାଗଡି ଦେ; (ଲୋଠୟତି) ହରଣ କ; (ଲୁନ୍ଠ-ଲୁଣ୍ଠତି) ଆଲସ୍ୟ କ; ଗମନ କ; ଛେଠାଇବା; ଚେଷ୍ଟା କ । ଲୁଣ୍ଠ, ଲୁଣ୍ଠନ, ଲୁଣ୍ଠିତ ।

ଲୁଡ, (ଲୋଡତି, ଲୁଡତି) ମନ୍ଥନ କ; ସଂଯୁକ୍ତ କ; ଆଲିଙ୍ଗନ କ; ଆଚ୍ଛାଦନ କ; (ଲୁନ୍ଡ-ଲୁଣ୍ଡୟତି) ଆନ୍ଦୋଳନ କ; ଲୁଣ୍ଠନ କ । ଲୁଣ୍ଡନ, ଲୁଣ୍ଡୟିତ ।

ଲୁଥ, ଲୁନ୍ଥ, (ଲୁନ୍ଥତି) ପୀଡନ କ । ଲୁନ୍ଥନ, ଲୁନ୍ଥିତ ।

ଲୁପ, (ଲୁମ୍ପତି) ଲୋପ କ; ଛେଦ କ; ହରଣ କ; (ଲୁପ୍ୟତି) ମୁଗ୍ଧ ହେ; ଆକୁଳ ହେ । ଲୋପ, ବିଲୋପ, ଲୁପ୍ତ, ଲୋପାମୁଦ୍ରା ।

ଲୁବ, ଲୁମ୍ବ, ( ଲୁମ୍ବତି, ଲୁମ୍ବୟତି ) ପୀଡନ କ; ଆଘାତ କ; (ଲୁମ୍ବୟତି) ଅଦୃଶ୍ୟ ହେ । ଲୁମ୍ବନ, ଲୁମ୍ବିତ ।

ଲୁଭ, ( ଲୁଭ୍ୟତି, ଲୁଭତି ) ଲାଭାକାଙ୍କ୍ଷୀ ହେ; ଚଞ୍ଚଳ ହେ; ଆକୁଳ ହେ । ଲୋଭ, ଲୁବ୍ଧ, ଲୋଭୀ, ଲୋଲୁପ ।

ଲୁଲ, (ଲୋଲତି) ମନ୍ଥନ କ; ସଂଯୁକ୍ତ କ; ପୀଡନ କ ।

ଲୁଷ, (ଲୋଷତି, ଲୋଷୟତି) ଚୋରି କ; ବଧ କ; ଆଘାତ କ । ଲୋଷଣ, ଲୁଷିତ ।

ଲୁହ, ( ଲୋହତି ) ଲାଭ କରିବାକୁ ଇଚ୍ଛା କ । ଲୋହନ, ଲୋହ, ଲୁଢ ।

ଲୂ, ( ଲୁନାତି, ଲୁନୀତେ ) ଛେଦନ କ । ଲବଣ, ଲୂନ, ଲବ, ଲୂମ ।

ଲୂଷ, (ଲୂଷତି) ଲୁଣ୍ଠିତ କ; (ଲୋଷୟତି) ଆଘାତ କ; ଚୋରି କ । ଲୂଷଣ, ଲୂଷିତ ।

ଲୃଞ୍ଚ, (ଲୃଞ୍ଚତି) ତ୍ୟାଗ କ ।

ଲେପ, (ଲେପତେ) ଗମନ କ । ଲେପ, ଲେପିତା ।

ଲୈଣ, ( ଲୈନତି ) ଗମନ କ; ଆଜ୍ଞା କ; ଅଲିଙ୍ଗନ କ; ଚୂର୍ଣ୍ଣ କ ।

ଲୋକ, (ଲୋକତି, ଲୋକୟତି) ଦର୍ଶନ କ; କଥନ; ଦୀପ୍ତି ପା । ଅବଲୋକନ, ବିଲୋକନ, ଆଲୋକ ।

ଲୋଚ, (ଲୋଚତେ, ଲୋଚୟତି) ଦର୍ଶନ କ; ଦୀପ୍ତି ପା । ଆଲୋଚନ, ଲୋଚନ ।

ଲୋଟ, (ଲୋଟତି) ଉନ୍ମତ୍ତ ହେ । ଲୋଟିତ ।

ଲୋଡ, (ଲୋଡତି) ଉନ୍ମତ୍ତ ହେ । ଲୋଡିତ ।

ଲୋଷ୍ଟ, (ଲୋଷ୍ଟତେ) ଗଣି କ; ସଞ୍ଚୟ କ । ଲୋଷ୍ଟନ ।

ଲୌଡ୍ର, (ଲୌଡ୍ରତି) ଉନ୍ମତ୍ତ ହେ । ଲୌଡିତ ।

ଲ୍ଧୀ (ଲ୍ଧିନାତି) ମ୍ଲାନ ହେ । ଲ୍ଧୀନ ।

ଲ୍ବୀ, ( ଲ୍ବୀନାତି-ଲ୍ବିନାତି ) ଗମନ କ; ମ୍ଲାନ ହେ । ଲ୍ବୀନ ।

---

## ଶ

ଶଂସ ଶନ୍ସ, ( ଶଂସତି ) ବଧ କ; ସ୍ତବ କ; କଥନ; ଇଚ୍ଛା; ନିନ୍ଦା କ । ଶଂସନ, ପ୍ରଶଂସା, ନୃଶଂସ ।

ଶକ, ( ଶକ୍ୟତି-ତେ, ଶକ୍ନୋତି ) ସହ୍ୟ କ; ସମର୍ଥ ହେ; (ଶନ୍କ-ଶଙ୍କତେ) ଅଶଙ୍କା କ; ଭୀତ ହେ । ଶଙ୍କା, ଆଶଙ୍କା, ଶଙ୍କୁ ।

ଶଚ, (ଶଚତେ) କଥନ (ଶନ୍ଚ-ଶଞ୍ଚତେ) ଗମନ କ; ଶଚିତ, ଶଚନ, ଶଞ୍ଚିତ ।

ଶଟ, ( ଶଟତି ) ଅବସନ୍ନ ହେ; ବଦୀର୍ଣ୍ଣ ହେ; ରୋଗୀ ହେ; ଗମନ କ; ( ଶଟୟତି ) ପ୍ରଶଂସା କ । ଶଟିତ ।

ଶଠ, ( ଶଠତି ) ବଧ କ; ପୀଡନ କ; ବଞ୍ଚନା କ; ସହ୍ୟ କ; ( ଶାଠୟତି ) ସଂସ୍କାର କରିବା କମ୍ପାନ କରିବା; ଗମନ କ; ଆଲସ୍ୟ କ; (ଶଠୟତି) ନିନ୍ଦା କ; ପ୍ରଶଂସା କ; ନିବୃତ୍ତ ହେ; (ଶାଠୟତେ) ପ୍ରଶଂସା କ । ଶଠ ।

ଶଡ-ଶନ୍ଡ, (ଶଣ୍ଡତେ) ସଂହତ ହେ, ରୋଗୀ ହେ । ଶଣ୍ଡ ।

ଶଣ, (ଶଣତି) ଦାନ କ; ଗମନ କ । ଶଣିତ, ଶଣ ।

ଶଦ, ( ଶୀୟତେ ) ପତନ ହେ; ଶୁଷ୍କ ହେ; ଗମନ କ; ( ଆ-ପୂର୍ବ, ଆଶୀୟତେ ) ଗମନ କ; ପ୍ରାପ୍ତି । ଶଦନ, ଶଣ୍ଡା ।

ଶପ, (ଶପତି-ତେ, ଶପ୍ୟତି-ତେ) ଭର୍ତ୍ସନା କ; ଶାପ ଦେ; ଶପଥ କ । ଶପ, ଶପନ, ଶପଥ, ଅଭିଶାପ ।

ଶବ, (ଶବତି) ବିକୃତ ହେ; ଗମନ କ; ପ୍ରଫୁଲ୍ଲ ହେ । ଶବ, ଶ୍ମଶାନ ।

ଶବ୍ଦ, (ଶବ୍ଦୟତି) ଶବ୍ଦ କ; (ପ୍ରତି-ପୂର୍ବ) ସୁବ୍ୟକ୍ତ କ; ବ୍ୟାଖ୍ୟା କ । ଶବ୍ଦ, ଶବ୍ଦନ, ଶବ୍ଦାୟମାନ ।

ଶମ, (ଶାମ୍ୟତି) ଶାନ୍ତ ହେ; (ଶାମୟତେ) ନିରୀକ୍ଷଣ କ, ( ଶାମୟତି ) ଶାନ୍ତ କ । ଶମ, ଉପଶମ, ଶମନ, ଶମଥ, ଶାନ୍ତି, ଶାନ୍ତ ଇତ୍ୟାଦି ।

ଶମ୍ଭ, ( ଶମ୍ଭତି ) ଗମନ କ; ( ଶମ୍ଭୟତି ) ରଚି କ । ଶମ୍ଭନ ।

ଶର୍ଦ୍ଧ, (ଶର୍ଦ୍ଧତି) ବଧ କ ।

ଶର୍ବ୍ବ, ( ଶର୍ବ୍ବତି ) ଗମନ କ; ବଧ କ । ଶର୍ବ୍ବଣ, ଶର୍ବ୍ବିତ ।

ଶଲ, ( ଶଲତେ ) କମ୍ପନ; ଆଚ୍ଛାଦନ କ; (ଶଲତି) ଗମନ କ; ଦ୍ରୁତଗମନ କ; (ଶାଲୟତି) ପ୍ରଶଂସା କ; (ଉତ୍-ପୂର୍ବ) ଉଚ୍ଛୁଳି ଉଠିବା; ଉଚ୍ଛଳ ହେ । ଶାଲ, ଶାଲର ।

ଶଲ୍ଭ, ( ଶଲ୍ଭତେ ) ପ୍ରଶଂସା କ; କଥନ । ଶଲ୍ଭନ ।

**ଶଲ୍ଲ,** (ଶଲ୍ଲତି) ଗମନ କ ।

**ଶଶ,** (ଶଶତି) ଡେଇଁକରି ଚାଲିବା । ଶଶ ।

**ଶଷ,** (ଶଷତି) ବଧ କ । ଶଷଣ, ଶଷିତ ।

**ଶସ-ଶଂସ,** ( ଶସତି, ଶଂସତି ) ବଧ କ; ସ୍ତବ କ; (ଶସ୍ତ୍ରି) କଦ୍ରୁତ ହେ; (ଆ-ପୂର୍ବ-ଶଂସ, ଅଶଂସତେ) ଅଭୀଷ୍ଟ ପ୍ରାର୍ଥନା କ । ଶସନ, ବିଶସ୍ତ, ଅଶଂସିତ ।

**ଶସ୍ତ-ଶଂସ୍ତ,** ( ଶଂସ୍ତି ) କଦ୍ରୁତ ହେ । ଶଂସ୍ତନ, ଶଂସ୍ତିତ ।

**ଶାଖ,** (ଶାଖତି-ତେ) ବ୍ୟାପିବା । ଶାଖା, ଶାଖୀ ।

**ଶାଡ,** ( ଶାଡତେ ) ପ୍ରଶଂସା କ; ଅହଂକାର କ ଭିମାନ ହେ । ଶାଡନ, ଶାଡ଼ିତ ।

**ଶାନ,** (ଶୀଶାଂସତି-ତେ) ତୀକ୍ଷ୍ଣ କ । ଶୀଶାଂସନ ।

**ଶାନ୍ତ୍ୱ,** (ଶାନ୍ତ୍ୱୟତି) ଶାନ୍ତ୍ୱନା କ ।

**ଶାର,** (ଶାରୟତି) କ୍ଷୀଣ ହେ; ଦୁର୍ବ୍ବଲ ହେ ।

**ଶାଲ,** ( ଶାଲତେ ) ପ୍ରଶଂସା କ; ଅହଂକାର କ । ଶାଲନ, ଶାଲିତ ।

**ଶାସ,** ( ଶାସ୍ତି ) ଶାସନ କ; ଶିକ୍ଷା ଦେ; ( ଶାସ୍ତେ ) ଇଚ୍ଛା କ; ( ଆ-ପୂର୍ବ, ଅଶାସତେ, ଅଶାସ୍ତେ ) ଅଭୀଷ୍ଟ ପ୍ରାର୍ଥନା କ । ଶାସ୍ତି, ଶିଷ୍ଟ, ଶାସ୍ତା, ଶାସନ, ଶାସ୍ତ୍ର ।

**ଶି,** (ଶିନୋତି-ଶିନୁତେ) ତୀକ୍ଷ୍ଣ କ; ଧାର ଦେ । ଶିତ, କଟିତ ।

**ଶିକ୍ଷ,** (ଶିକ୍ଷତେ) ଶିକ୍ଷା କ । ଶିକ୍ଷା, ଶିକ୍ଷକ, ଶିକ୍ଷିତ ।

**ଶିଖ, ଶିଙ୍ଖ,** (ଶିଙ୍ଖତି) ଗମନ କ ।

**ଶିଘ, ଶିଙ୍ଘ,** (ଶିଙ୍ଘତି) ଆଘ୍ରାଣ କ । ଶିଙ୍ଘଣ ।

**ଶିଜ, ଶିଞ୍ଜ,** ( ଶିଙ୍କ୍ତେ, ଶିଞ୍ଜତେ, ଶିଞ୍ଜୟତେ ) ଅବ୍ୟକ୍ତଶବ୍ଦ କ । ଶିଞ୍ଜନ, ଶିଞ୍ଜିତ ।

**ଶିଟ,** (ଶେଟତି) ଅନାଦର କ । ଶେଟନ, ଶିଟିତ ।

**ଶିଲ,** (ଶିଲତି) ବୃକ୍ଷାଦିତଶସ୍ୟ ଶେଷ ଆହରଣ କ । ଶିଲ, ଶିଲିତ ।

**ଶିଷ,** (ଶେଷତି) ବଧ କ; ( ଶେଷତି, ଶେଷୟତି ) ଶେଷ ରଖିବା (ବି-ପୂର୍ବ) ବିଶେଷ କ । ଶେଷ, ବିଶେଷ, ଅବଶିଷ୍ଟ, ଉଚ୍ଛିଷ୍ଟ ।

**ଶୀ,** (ଶେତେ) ଶୟନ କ; (ସମ୍-ପୂର୍ବ) ସନ୍ଦେହ କ; ( ଅତି-ପୂର୍ବ ) ଅତିଶୟ । ଶୟନ, ଅଶୟ, ସଂଶୟ, ଅତିଶୟ, ଶଯ୍ୟା ।

**ଶୀକ,** (ଶୀକତେ, ଶୀକୟତି, ଶେକତେ, ଶେକୟତି) ଜଳାଦିସେକ କ; ସ୍ପର୍ଶ କ; କ୍ଷମା କ; ସହ୍ୟ କ । ଶୀକନ ।

**ଶୀଭ,** (ଶୀଭତେ) ପ୍ରଶଂସା କ । ଶୀଭନ, ଶୀଭିତ ।

**ଶୀଲ,** (ଶୀଲତି) ଏକାନ୍ତ ପ୍ରବୃତ୍ତ ହେ; ଅର୍ଚ୍ଚନା କ; (ପରି-ପୂର୍ବ) ପରିଚର୍ଯ୍ୟ କ । ଶୀଲ, ପରିଶୀଲନ ।

**ଶୁକ,** (ଶୋକତି) ଗମନ କ; ସ୍ପର୍ଶ କ । ଶୁକ ।

**ଶୁଚ,** (ଶୋଚତି-ତେ) ଶୋକ କ; (ଶୁଚ୍ୟତି-ତେ) ଶୁଚି ହେ; ସ୍ନାନ କ; ଭେଦ କ । ଶୁଚି, ଶୋକ, ଶୁକ୍ଳ ।

**ଶୁଚ୍ୟ,** ( ଶୁଚ୍ୟତି ) ସ୍ନାନ କ; ମନ୍ଥନ କ; ଯାତନା ଦେ । ଶୁଚନ ।

**ଶୁଠ,** ( ଶୋଠତି, ଶୋଠୟତି ) ଆଳସ୍ୟ କ; (ଶୁଣ୍ଠ-ଶୁଣ୍ଠୟତେ) ଶୁଖାଇବା; ଶୋଷଣ କ ।

**ଶୁଣ, ଶୁନ,** ( ଶୁନତି ) ଗମନ କ । ଶୋଣନ, ଶୁନିତ ।

**ଶୁଧ,** ( ଶୁଧ୍ୟତି ) ଶୁଦ୍ଧ ହେ । ଶୁଦ୍ଧ, ଶୁଦ୍ଧି, ଶୋଧନ ।

**ଶୁନ,** ( ଶୁନତି-ତେ, ଶୁନୟତି-ତେ ) ଶୁଦ୍ଧ କ; ଶୁଦ୍ଧ ହେ । ଶୁଦ୍ଧନ ।

**ଶୁଭ,** (ଶୋଭତି-ତେ, ଶୁଭତି) ଶୋଭା ପା; ଦୀପ୍ତି ପା; ବଧ କ; ( ଶୁମ୍ଭ-ଶୁମ୍ଭତି ) ଶୋଭା ପା; କଥନ; ବଧ କ । ଶୋଭା, ଶୋଭିତ, ଶୋଭନ ।

**ଶୁର,** (ଶୂର୍ଯ୍ୟତେ) ବଧ କ; ସ୍ତବ୍ଧ ହେ ।

**ଶୁଲ୍କ** (ଶୁଲ୍କୟତି) ସୃଷ୍ଟି କ; ତ୍ୟାଗ କ; କଥନ । ଶୁଲ୍କ ।

**ଶୁଲ୍ବ,** ( ଶୁଲ୍ବୟତି ) ସୃଷ୍ଟି କ; ପରିମାଣ କ । ଶୁଲ୍ବନ ।

**ଶୁଷ,** (ଶୁଷ୍ୟତି-ତେ) ଶୁଷ୍କ ହେ । ଶୋଷ, ଶୁଷ୍କ ।

**ଶୂର,** (ଶୂରୟତେ, ଶୂର୍ଯ୍ୟତେ) ସ୍ତବ୍ଧ ହେ; ବଧ କ; ସାହସିକ ହେ । ଶୂର, ଶୂରଣ ।

ଶୃର୍ଦ୍ଧ, (ଶୃର୍ଦ୍ଧଧୃଢ) ପରିମାଣ କ । ଶୃର୍ଦ୍ଧନ, ଶୃର୍ଦ୍ଧିତ ।
ଶୂଲ, (ଶୂଲଢ) ରୋଗଗ୍ରସ୍ତ ହେ; ଶବ୍ଦ କ । ଶୂଲ, ଶୂଲିତ ।
ଶୂଷ, (ଶୂଷଢ) ପ୍ରସବ କ । ଶୂଷଣ, ଶୂଷେଣ ।
ଶୃଧ, (ଶର୍ଦ୍ଧଢ-ତେ) ଆର୍ଦ୍ର ହେ; ଅପାନବାୟୁ ତ୍ୟାଗ କ; ଅପମାନ କ । ଶର୍ଦ୍ଧନ, ଶର୍ଦ୍ଧିତା ।
ଶୃ, (ଶୃଣାଢ) ବଧ କ; ଭେଦ କ; (ବି-ପୂର୍ବ, ଶୀର୍ଯ୍ୟତେ) ଶୀର୍ଣ୍ଣ ହେ । ଶରଣ, ଶୀର୍ଣ୍ଣ ।
ଶେଲ, (ଶେଲଢ) ଗମନ କ; କମ୍ପନ; ଚଞ୍ଚଳ ହେ । ଶେଲନ, ଶେଲିତ ।
ଶୈ, (ଶାୟତେ) ଗମନ କ ।
ଶୋ, (ଶ୍ୟଢ) ତୀକ୍ଷ୍ଣ କ; ଧାର ହେ । ଶିତ, ନିଶିତ, ଶାଣ ।
ଶୋଣ, (ଶୋଣଢ) ରକ୍ତବର୍ଣ୍ଣ କ; ରକ୍ତବର୍ଣ୍ଣ ହେ; ଶୋଣ, ଶୋଣିତ ।
ଶୌଠ, ( ଶୌଠଢ ) ଅହଂକାର କ । ଶୌଠନ, ଶୌଣ୍ଠିତ ।
ଶୌଡ, (ଶୌଡଢ) ଅହଂକାର କ ।
ଶ୍ଚୁତ-ଶ୍ଚ୍ୟୁତ, (ଶ୍ଚୋତଢ-ଶ୍ଚ୍ୟୋତଢ) କ୍ଷରଣ । ଶ୍ଚୋତନ, ଶ୍ଚ୍ୟୋତନ ।
ଶ୍ମୀଲ, ( ଶ୍ମୀଲଢ ) ନୟନ ମୁଦ୍ରିତ କ । ଶ୍ମୀଲନ, ଶ୍ମୀଲିତ ।
ଶ୍ୟୈ, (ଶ୍ୟାୟତେ) ଗମନ କ; ଘ୍ରାଣ । ଶୀତ ।
ଶ୍ରକ-ଶ୍ରନ୍କ, (ଶ୍ରଙ୍କତେ) ଗମନ କ; କ୍ଷିତରେ ଚଳିବା । ଶ୍ରଙ୍କଣ ।
ଶ୍ରଗ-ଶ୍ରନ୍ଗ, ( ଶ୍ରଙ୍ଗତେ ) ଗମନ କ; ଦୌଡ଼ ଯିବା; ଲମ୍ଫନ । ଶ୍ରଙ୍ଗଣ ।
ଶ୍ରଣ, ( ଶ୍ରଣତି, ଶ୍ରାଣୟତି, ବି-ପୂର୍ବ-ବିଶ୍ରାଣୟତି ) ଦାନ କ । ବିଶ୍ରାଣନ ।
ଶ୍ରଥ, ( ଶ୍ରଥତି-ଶ୍ରଥୟତି ) ବଧ କ; ମୋଚନ କ; ବନ୍ଧନ କ; କ୍ଷୀଣ ହେ; ( ଶ୍ରାଥୟତି ) ଯତ୍ନ କ; ପୁନର୍ବୃଷ୍ଟି କ; ମୋଚନ କ; ବନ୍ଧନ କ । ଶ୍ରଥନ ଶ୍ରଥ୍ନ ।
ଶ୍ରନ୍ଥ, ( ଶ୍ରନ୍ଥତି-ଶ୍ରନ୍ଥୟତି ) ଗ୍ରନ୍ଥନ କ; ବଧ କ; (ଶ୍ରଥାତି) ମୋଚନ କ, ପୁନର୍ବୃଷ୍ଟି କ; (ଶ୍ରନ୍ଥ-ଶ୍ରନ୍ଥ୍ୟତେ) ଶିଥିଳ ହେ । ଶ୍ରନ୍ଥନ, ଶ୍ରନ୍ଥିତ ।
ଶ୍ରମ, (ଶ୍ରାମ୍ୟତି) ଶ୍ରମ କ; ତପସ୍ୟା କ, କ୍ଳାନ୍ତ ହେ; (ବି-ପୂର୍ବ) ବିଶ୍ରାମ କ । ଶ୍ରମ, ପରିଶ୍ରମ, ଶ୍ରାନ୍ତ, ବିଶ୍ରାନ୍ତ ।
ଶ୍ରମ୍ଭ, (ଶ୍ରମ୍ଭତେ) ଅମନୋଯୋଗୀ ହେ; ଅନବଧାନ ହେ; ଅନ୍ୟମନସ୍କ ହେ । ଶ୍ରମ୍ଭଣ, ଶ୍ରବ୍ଧ ।
ଶ୍ରା, ( ଶ୍ରାତି-ଶ୍ରପୟତି ) ପକ୍ୱ ହେ; ( ଶ୍ରାପୟତି ) ଘର୍ମ୍ମାକ୍ତ ହେ । ଶ୍ରାଣ, ଶୃତ ।
ଶ୍ରାମ, (ଶ୍ରାମୟତି) ଆହ୍ୱାନ କ; ପରାମର୍ଶ ଦେ ।
ଶ୍ରି, (ଶ୍ରୟତି-ତେ) ସେବା କ; ଆଶ୍ରୟ କ; (ଆ-ପୂର୍ବ) ଅବଲମ୍ବନ କ; ( ଆ-ଅପ-ପୂର୍ବ ) ତ୍ୟାଗ କ; (ଉତ୍-ସମ୍-ପୂର୍ବ) ଉନ୍ନତ ହେ । ଶ୍ରୟ, ଶ୍ରୟଣ, ଆଶ୍ରୟ, ଶ୍ରୀ, ଶ୍ରେଣୀ ।
ଶ୍ରିଷ, (ଶ୍ରେଷତି) ଦଗ୍ଧ ହେ । ଶ୍ରେଷା, ଶ୍ରିଷ୍ଟ ।
ଶ୍ରୀ, (ଶ୍ରୀଣାତି-ଶ୍ରୀଣୀତେ) ପାକ କ; (ଶ୍ରୟତି-ତେ, ଶ୍ରାୟତି-ତେ) ସନ୍ତୁଷ୍ଟ ହେ, (ଅଧି-ପୂର୍ବ) ଅନ୍ନାଦି ଚଢାଇବା; (ଅବ-ପୂର୍ବ) ଅନ୍ନାଦି ଓହ୍ଲାଇବା । ଶ୍ରୟଣ, ଅଧିଶ୍ରୟଣ, ଅବଶ୍ରୟଣ ।
ଶ୍ରୁ, ( ଶ୍ରୃଣୋତି ) ଶ୍ରବଣ କ; (ଶ୍ରବତି) ଗମନ କ; (ପ୍ରତି-ସମ୍-ପୂର୍ବ) ସମ୍ମତ ହେ; ଅଙ୍ଗୀକାର କ; (ବି-ପୂର୍ବ) ବିଖ୍ୟାତ ହେ । ଶ୍ରବ, ଶ୍ରବଣ, ଶ୍ରୁତ, ଶ୍ରୁତି, ଶୁଶ୍ରୂଷା, ଶ୍ରୋତା ।
ଶ୍ରୈ, ( ଶ୍ରାୟତି ) ପାକ କ; ସ୍ୱେଦଯୁକ୍ତ ହେ; ଦ୍ରବୀଭୂତ ହେ । ଶ୍ରପଣ ।
ଶ୍ରୋଣ, (ଶ୍ରୋଣତି) ରାଶି କ; ସଂହତ ହେ । ଶ୍ରୋଣି, ଶ୍ରୋଣନ ।
ଶ୍ଳକ-ଶ୍ଳନ୍କ, (ଶ୍ଳଙ୍କତେ) ଗମନ କ । ଶ୍ଳଙ୍କନ ।
ଶ୍ଳଗ, ଶ୍ଳନ୍ଗ, (ଶ୍ଳଙ୍ଗତି) ଗମନ କ । ଶ୍ଳଙ୍ଗନ ।
ଶ୍ଳଥ, (ଶ୍ଳଥତି) ଶିଥିଳ ହେ; ( ଶ୍ଳଥୟତି ) ବଧ କ । ଶ୍ଳଥ ।
ଶ୍ଳାଖ, (ଶ୍ଳାଖତି) ବ୍ୟପନ କ ।
ଶ୍ଳାଘ, ( ଶ୍ଳାଘତେ ) ଖାଦ୍ୟଶସ୍ୟ ପ୍ରଶଂସା କ । ଶ୍ଳାଘା କ । ଶ୍ଳାଘା, ଶ୍ଳାଘ୍ୟ, ଶ୍ଳାଘନୀୟ ।

ଶ୍ଲିଷ, (ଶ୍ଲେଷତି, ଶ୍ଲେଷୟତି, ଶ୍ଲିଷ୍ୟତି) ଆଲିଙ୍ଗନ କ; ଲଗ୍ନ ହେ; (ଶ୍ଲିଷ୍ୟତି) ଦଗ୍ଧ ହେ । ଶ୍ଲେଷ, ବିଶ୍ଲିଷ୍ଟ, ଶ୍ଲେଷ୍ମା ।

ଶ୍ଲୋକ, (ଶ୍ଲୋକତେ) ଗ୍ରଥିତ ହେ; ପଦ୍ୟ ରଚନା କ; ସୃଷ୍ଟି କ; ତ୍ୟାଗ କ । ଶ୍ଲୋକ ।

ଶ୍ଲୋଣ, (ଶ୍ଲୋଣତି) ସଙ୍ଘଟ୍ଟ କ; ରାଶି କ । ଶ୍ଲୋଣିତ ।

ଶ୍ୱକ, ଶ୍ୱନ୍କ, ( ଶ୍ୱକତେ-ଶ୍ୱଙ୍କତେ ) ଗମନ କ । ଶ୍ୱକନ ।

ଶ୍ୱଗ-ଶ୍ୱନ୍ଗ, (ଶ୍ୱଙ୍ଗତେ) ଗମନ କ ।

ଶ୍ୱଚ-ଶ୍ୱନ୍ଚ, ( ଶ୍ୱଚତେ-ଶ୍ୱଞ୍ଚତେ ) ଗମନ କ । ଶ୍ୱଚନ, ଶ୍ୱଞ୍ଚିତ ।

ଶ୍ୱଜ-ଶ୍ୱନ୍ଜ, (ଶ୍ୱଜତେ-ଶ୍ୱଞ୍ଜତେ) ଗମନ କ ।

ଶ୍ୱଠ, ଶ୍ୱନ୍ଠ, (ଶ୍ୱାଠୟତି-ଶ୍ୱଣ୍ଠୟତି) ସଂସ୍କାର କ; ସଂସ୍କାର ନ କ; ଗମନ କ; (ଶ୍ୱଠୟତି) ଶୁଦ୍ଧରୂପେ କଥା କହିବା; ଅଶୁଦ୍ଧରୂପେ କଥା କହିବା; ନିସ୍ତବ୍ଧ ହେ । ଶ୍ୱାଠନ, ଶ୍ୱଠନ ।

ଶ୍ୱଭ୍ର, (ଶ୍ୱଭ୍ରୟତି) କଷ୍ଟରେ କାଳଯାପନ କ; ଗମନ କ; ଗର୍ତ୍ତ କ । ଶ୍ୱଭ୍ର ।

ଶ୍ୱର୍ତ୍ତ, ( ଶ୍ୱର୍ତ୍ତୟତି ) କଷ୍ଟରେ କାଳଯାପନ କ; ଗମନ କ । ଶ୍ୱର୍ତ୍ତନ ।

ଶ୍ୱଲ, (ଶ୍ୱଲତି) ଦ୍ରୁତ ଗମନ କ । ଶ୍ୱଲନ ।

ଶ୍ୱଲ୍ଲ, (ଶ୍ୱଲ୍ଲତି) ଦ୍ରୁତ ଗମନ କ । ଶ୍ୱଲ୍ଲନ ।

ଶ୍ୱସ, (ଶ୍ୱସିତି) ନିଶ୍ୱାସ ପ୍ରଶ୍ୱାସ ତ୍ୟାଗ କ; (ବି-ପୂର୍ବ୍ବ) ବିଶ୍ୱାସ କ; (ଆ-ପୂର୍ବ୍ବ) ଆଶ୍ୱାସ କ । ଶ୍ୱାସ, ବିଶ୍ୱାସ, ବିଶ୍ୱସ୍ତ, ଆଶ୍ୱାସ ।

ଶ୍ୱି, (ଶ୍ୱୟତି) ଗମନ କ; ବୃଦ୍ଧି ପା; ସ୍ଫୀତ ହେ ।

ଶ୍ୱିତ, (ଶ୍ୱେତତେ) ଶୁକ୍ଳବର୍ଣ୍ଣ ହେ । ଶ୍ୱେତ ।

ଶ୍ୱିଦ-ଶ୍ୱିନ୍ଦ, (ଶ୍ୱେଦତି-ଶ୍ୱିନ୍ଦତେ) ଶୁକ୍ଳବର୍ଣ୍ଣ ହେ । ଶ୍ୱିନ୍ଦିତ ।

ଶ୍ୱୃ, (ଶ୍ୱୃଣାତି) ବଧ କ; ଆଘାତ କ ।

---

## ଷ

ଷଗ-ସଗ, (ସଗତି) ଆଚ୍ଛାଦନ କ । ସଗନ ।

ଷଘ-ସଘ, (ସଘ୍ନୋତି) ବଧ କ । ସଘନ କ ।

ଷଚ, (ସଚ୍ୟତେ) ଜଳାଦିସେକ କ; ସେବା କ ।

ଷଞ୍ଚ, (ସଞ୍ଚତି) ଗମନ କ ।

ଷଞ୍ଜ, (ସଞ୍ଜତି) ଆଲିଙ୍ଗନ କ; (ସଞ୍ଜତି-ତେ) ଗମନ କ ।

ଷଠ, (ଷଠତି) ଅଂଶ କ; ଖଣ୍ଡିତ ହେ ।

ଷଟ୍ଟ, (ଷଟ୍ଟୟତି) ବଧ କ; ଦାନ କ; ବାସ କ; ବଳିଷ୍ଠ ହେ ।

ଷଣ-ଷନ, (ସନୋତି, ସନୁତେ) ଦାନ କ; ସେବା କ ।

ଷଦ, (ସୀଦତି) ଶୁଷ୍କ ହେ; ଦୁର୍ବ୍ବଳ ହେ; ଭଗ୍ନ ହେ; ଗମନ କ; ହିଂସା କ; ଅବସନ୍ନ ହେ; (ବି-ପୂର୍ବ୍ବ) ବିଷଣ୍ଣ ହେ; (ଆ-ଉପ-ପୂର୍ବ୍ବ) ନିକଟସ୍ଥ ହେ; (ନି-ପୂର୍ବ୍ବ) ଶୟନ କ ।

ଷଧ, (ସଧ୍ନୋତି) ବଧ କରିବାକୁ ଇଚ୍ଛା କ ।

ଷନ, (ସନୋତି, ସନୁତେ) ଦାନ କ ।

ଷପ, (ସପତି) ସମ୍ବନ୍ଧ ହେ; ପରିଜ୍ଞାତ ହେ ।

ଷମ, (ସମତି) ବିହ୍ୱଳ ହେ; ଅବିକଳ ହେ ।

ଷମ୍ବ, ସମ୍ବ, (ସମ୍ବତି) ଗମନ କ; (ସମ୍ବୟତି) ଯୁକ୍ତ କ; ଏକତ୍ର କ ।

ଷର୍ଜ୍ଜ, (ସର୍ଜ୍ଜତି) ଉପାର୍ଜ୍ଜନ କ ।

ଷର୍ବ୍ବ, (ସର୍ବ୍ବତି) ଗମନ କ ।

ଷର୍ବ, (ସର୍ବତି) ଗମନ କ; ବଧ କ ।

ଷଲ, (ସଲତି) ଗମନ କ; କମ୍ପିତ ହେ ।

ଷସ, (ସସ୍ତି) ନିଦ୍ରିତ ହେ ।

ଷସ୍ଜ, (ସଜ୍ଜତି) ଗମନ କ ।

ଷସ୍ତି, (ସସ୍ତି) ନିଦ୍ରିତ ହେ ।

ଷହ, ( ସହତେ-ତି, ସାହୟତି, ସହ୍ୟତି ) ସହ୍ୟ କ; ସନ୍ତୁଷ୍ଟ ହେ; (ଉତ-ପୂର୍ବ୍ବ) ସଯତ୍ନ ହେ; (ବି-ପୂର୍ବ୍ବ) ପ୍ରତିଜ୍ଞା କ ।

ଷାଧ-ସାଧ, (ସାଧ୍ୟତି) ନିଷ୍ପନ୍ନ ହେ; ନିଷ୍ପନ୍ନ କ ।

ଷାନ୍ତ୍ୱ-ସାନ୍ତ୍ୱ, (ସାନ୍ତ୍ୱୟତି) ସାନ୍ତ୍ୱନା କ ।

ଷି, (ସିନୋତି, ସିନୁତେ, ସିନାତି, ସିନୀତେ) ବନ୍ଧନ

କ; ( ଅଧି-ଅବ-ପୂର୍ବ ) ନିଷ୍ପନ୍ନ କ; (ବି-ଅବ-ପୂର୍ବ) କର୍ମ୍ମ କ ।

ଷିଚ, (ସିଞ୍ଚତି-ତେ) ଜଳାଦି ସେକ କ ।

ଷିଟ୍, (ସେଟତି) ଅନାଦର କ ।

ଷିଧ, (ସେଧତି) ମାଙ୍ଗଳିକ ହେ; ସିଦ୍ଧ ହେ; (ସିଧ୍ୟତି) ସଫଳ ହେ; (ନି-ପ୍ରତି-ପୂର୍ବ) ନିବାରଣ କ ।

ଷିଭ, (ସେଭତି) ବଧ କ; କଥା କହିବା; ଦୀପ୍ତି ପା ।

ଷିମ୍ଭ, (ସିମ୍ଭତି) ବଧ କ; କଥା କହିବା; ଦୀପ୍ତି ପା ।

ଷିଲ-ସିଲ, (ସିଲତି) ସଞ୍ଚୟ କ ।

ଷିବ, (ସୀବ୍ୟତି) ବୀଜବପନ କ ।

ଷୁ, ( ସୌତି ) ପ୍ରସବ କ; ଆଧିପତ୍ୟ କ ; (ସୁନୋତି-ସୁନୁତେ ) ସ୍ନାନ କ; ଯୋଗ କ; ପୀଡ଼ନ କ; ( ଅଭି-ପୂର୍ବ ) ମଙ୍ଗଳସ୍ନାନ କ; ଜଳସେକ କ; (ପ୍ର-ପୂର୍ବ) ପ୍ରସବ କ ।

ଷୁଟ୍ଟ, (ଷୁଟ୍ଟୟତି) ଅନାଦର କ; ଅପ୍ରଶସ୍ତ ହେ ।

ଷୁଭ, ( ସୋଭତି, ସୁଭତି ) କଥା କହିବା; ଦୀପ୍ତି ପା; ବଧ କ ।

ଷୁମ୍ଭ, (ସୁମ୍ଭତି) କଥା କହିବା; ଦୀପ୍ତି ପା; ଶୋଭା ପା; ବଧ କ ।

ଷୁର, (ସୁରତି) ପ୍ରଭୁ ହେ; ଦୀପ୍ତି ପା ।

ଷୁହ, (ସୁହ୍ୟତି) ସହ୍ୟ କ; ସନ୍ତୁଷ୍ଟ ହେ; ପାବକ ହେ ।

ଷୂ, ( ସୁତେ, ସୂୟତେ ) ପ୍ରସବ କ; ଉତ୍ପାଦନ କ; (ସୁବତି) ନିକ୍ଷେପ କ ।

ଷୂକ୍ଷ୍ୟ, ( ସୂକ୍ଷ୍ୟତି ) ହିଂସା କ; ଅନ୍ୟର ସୁଖରେ ଅସହ୍ୟ ହେ ।

ଷୂଦ, (ସୂଦତେ, ସୂଦୟତି) ସ୍ୱୀକାର କ; ବଧ କ; ଦୂରୀକରଣ କ; କ୍ଷରଣ; ସ୍ତୁତି କ ।

ଷୂର, (ସୂର୍ଯ୍ୟତେ) ସ୍ତବ୍ଧ ହେ; ବଧ ।

ଷୂର୍ଦ୍ଦ, (ସୂର୍ଦ୍ଦତି) ମାନ୍ୟମାନ କ; ଅମାନ୍ୟ କ ।

ଷୂଷ-ସୂଷ, (ସୂଷତି) ପ୍ରସବ କ ।

ଷୃଭ, (ସର୍ଭତି) ବଧ କ ।

ଷୃମ୍ଭ, (ସୃମ୍ଭତି) ବଧ କ ।

ଷେକ-ସେକ, (ସେକତେ) ଗମନ କ ।

ଷେଲ-ଶେଲ-ସେଲ, (ସେଲତି) ଗମନ କ ।

ଷେବ, (ସେବତି-ତେ) ସେବା କ; ପୂଜା କ ।

ଷୈ, (ସାୟତି) କ୍ଷୟ ପା ।

ଷୋ, (ସ୍ୟତି) ମରଣ; ଅବସାନ ହେ ।

ଷ୍ଟକ, (ସ୍ତକତି) ବାଧା ଦେ ।

ଷ୍ଟଗ, (ସ୍ତଗତି) ଆଚ୍ଛାଦନ କ ।

ଷ୍ଟନ, (ସ୍ତନତି) ଶବ୍ଦ କ ।

ଷ୍ଟଭ, (ସ୍ତମ୍ଭତେ) ବାଧା ଦେ; ସ୍ତବ୍ଧ ହେ ।

ଷ୍ଟମ, (ସ୍ତମତି) ବିହ୍ୱଳ ହେ; ଅବିକଳ ହେ ।

ଷ୍ଟିଘ, (ସ୍ତିଘ୍ନୁତେ) ଆକ୍ରମଣ କ ।

ଷ୍ଟିପ, (ସ୍ତେପତେ) ଜଳାଦିସେକ କ; ନିସ୍ୟନ୍ଦ ହେ ।

ଷ୍ଟିମ, (ସ୍ତିମ୍ୟତି) ଆର୍ଦ୍ର ହେ ।

ଷ୍ଟୀମ, (ସ୍ତୀମ୍ୟତି) ଆର୍ଦ୍ର ହେ ।

ଷ୍ଟୁ, (ସ୍ତୌତି, ସ୍ତୁତେ, ସ୍ତବୀତି-ତେ) ପ୍ରଶଂସା କ; ବନ୍ଦନା କ ।

ଷ୍ଟୁଚ, (ସ୍ତୋଚତେ) ନିର୍ମ୍ମଳ ହେ; ଉଜ୍ଜ୍ୱଳ ହେ ।

ଷ୍ଟୁପ, (ସ୍ତୋପୟତି) ରାଶି କ; ସଞ୍ଚାର କ ।

ଷ୍ଟୁଭ, (ସ୍ତୋଭତି) ବାଧା ଦେ; ନିର୍ବୋଧ ହେ ।

ଷ୍ଟୂପ, (ସ୍ତୂପୟତି) ରାଶି କ; ସଞ୍ଚୟ କ ।

ଷ୍ଟୃକ୍ଷ, (ସ୍ତୃକ୍ଷତି) ଗମନ କ ।

ଷ୍ଟୃହ, (ସ୍ତୃହତି) ବଧ କ ।

ଷ୍ଟୃହ, (ସ୍ତୃଂହତି) ବଧ କ ।

ଷ୍ଟେପ, (ସ୍ତେପତେ) ଜଳାଦିସେକ କ; ନିସ୍ୟନ୍ଦ ହେ ।

ଷ୍ଟୈ, (ସ୍ତାୟତି) ବେଷ୍ଟନ କ ।

ଷ୍ଟ୍ୟୈ, (ସ୍ତ୍ୟାୟତି) ଶବ୍ଦ କ ।

ଷ୍ଠଗ, (ସ୍ଥଗତି) ଆଚ୍ଛାଦନ କ ।

ଷ୍ଠଲ, (ସ୍ଥଲତି) ସ୍ଥିତ ହେ; ଦୃଢ଼ପୂର୍ବକ ସ୍ଥାପନ କ ।

ଷ୍ଠସ, (ସ୍ଥସ୍ୟତି) ବାସ କ ।

ଷ୍ଠା, (ତିଷ୍ଠତି) ସ୍ଥିତ କ; (ତିଷ୍ଠତେ) ପରପର ବାକ୍ୟର ପ୍ରାର୍ଥନା କ; ପ୍ରକାଶ କ; (ଅଧି-ପୂର୍ବ —ଅଧିତିଷ୍ଠତି) ଅତିକ୍ରମ କ; (ଅନୁ-ପୂର୍ବ, ଅନୁତିଷ୍ଠତି) ନିୟମାନୁଯାୟୀ କର୍ମ କ; (ଅବ-ପୂର୍ବ,ଅବତିଷ୍ଠତେ) ଅବସ୍ଥାନ କ; (ଆଙ୍-ପୂର୍ବ, ଆତିଷ୍ଠତେ) ନିଶ୍ଚୟ କ; ( ଉତ୍-ପୂର୍ବ, ଉତ୍ତିଷ୍ଠତି ) ଉତ୍ଥିତ ହେ ଇତ୍ୟାଦି । ସ୍ଥାଧାତୁ ଦ୍ରଷ୍ଟବ୍ୟ ।

ଷ୍ଠିବ-ଷ୍ଠୀବ, (ଷ୍ଠୀବତି-ଷ୍ଠୀବ୍ୟତି) ନିଷ୍ଠୀବନ ତ୍ୟାଗ କ ।

ଷ୍ଣସ, (ଷ୍ଣସ୍ୟତି) ନିଷ୍ଠୀବନ ତ୍ୟାଗ କ ।

ଷ୍ଣା, (ସ୍ନାତି) ସ୍ନାନାଦିଦ୍ୱାରା ପବିତ୍ର ହେ ।

ଷ୍ଣିହ, (ସ୍ନିହ୍ୟତି) ତୃପ୍ତ ହେ; ଭଲ ପାଇବା (ସ୍ନେହୟତି) ସ୍ନିଗ୍ଧ ହେ ।

ଷ୍ଣୁ, (ସ୍ନୌତି) କ୍ଷରଣ ।

ଷ୍ଣୁତ, (ସ୍ନୋତତେ) ପ୍ରସନ୍ନ ହେ; ସ୍ୱଚ୍ଛ ହେ ।

ଷ୍ଣୁସ, (ସ୍ନୁସ୍ୟତି) ଭୋଜନ କ; ଗ୍ରହଣ କ; ବାସ କ; ପକାଇ ଦେବା ।

ଷ୍ଣୁହ, (ସ୍ନୁହ୍ୟତି) ପୀଡିତ ହେ; ଉଦ୍ଗାର କ; ବମନ କ; ତୃପ୍ତ ହେ; ସହ୍ୟ କ ।

ଷ୍ଣୈ, (ସ୍ନାୟତି) ବେଷ୍ଟନ କ ।

ଷ୍ମି, (ସ୍ମାୟତି-ତେ) ହାସ୍ୟ କ; (ସ୍ମାରୟତେ) ଅମାନ୍ୟ କ; (ବି-ପୂର୍ବ) ଆଶ୍ଚର୍ଯ୍ୟ ହେ ।

ଷ୍ୱକ୍କ, (ସ୍ୱକ୍କତେ) ଗମନ କ ।

ଷ୍ୱଞ୍ଜ, (ସ୍ୱଜତେ) ଆଲିଙ୍ଗନ କ ।

ଷ୍ୱଦ, (ସ୍ୱଦତେ, ସ୍ୱାଦୟତି) ଆସ୍ୱାଦନ କ ।

ଷ୍ୱପ, (ସ୍ୱପିତି) ନିଦ୍ରିତ ହେ ।

ଷ୍ୱର୍ତ୍ତ, (ସ୍ୱର୍ତ୍ତୟତି) ଗମନ କ; ଦୁଃଖାର୍ତ୍ତ ହେ ।

ଷ୍ୱଷ୍କ, (ସ୍ୱଷ୍କତେ) ଗମନ କ ।

ଷ୍ୱିଦ, (ସ୍ୱେଦତେ, ସ୍ୱିଦ୍ୟତି) ଘର୍ମ୍ମଯୁକ୍ତ ହେ; ସ୍ନିଗ୍ଧ ହେ; ତ୍ୟାଗ କ; ମୂର୍ଚ୍ଛାପନ୍ନ ହେ ।

---

## ସ

ସଗ, (ସଗତି) ଆଚ୍ଛାଦନ କ । ସଗନ ।

ସଘ, (ସଘ୍ନୋତି) ବଧ କ; ଆଘାତ କ । ସଘନ ।

ସଙ୍କେତ, (ସଙ୍କେତୟତି) ଆହ୍ୱାନ କ; ପରାମର୍ଶ ଦେ; ସମୟ ସ୍ଥିର କ ।

ସଙ୍ଗ୍ରାମ, (ସଙ୍ଗ୍ରାମୟତି) ଯୁଦ୍ଧ କ । ସଙ୍ଗ୍ରାମ ।

ସଚ, (ସଚତେ) ଜଳାଦିସେକ କ; (ସଞ୍ଚୟତି) ଗମନ କ; ପ୍ରାପ୍ତି । ସଞ୍ଚିତ, ସଚିତ ।

ସଞ୍ଜ-ସନଜ, ସଞ୍ଜତି-ତେ) ଗମନ କ; ଆସକ୍ତ ହେ ।

ସଟ, (ସଟୟତି) ଅଂଶ କ; ଖଣ୍ଡିତ ହେ । ସଟନ, ସଟିତ ।

ସଟ୍ଟ, (ସଟ୍ଟୟତି) ବଧ କ । ସଟ୍ଟନ ।

ସଠ, (ସାଠୟତି) ସଂପୂର୍ଣ୍ଣ କ; ଅସଂପୂର୍ଣ୍ଣ କ; ଗମନ କ । ଶଠ ।

ସତ୍ର, (ସତ୍ରୟତେ) ଦାତା ହେ; ଯୁକ୍ତ ହେ; ବିସ୍ତାର କ ।

ସଦ, ( ସୀଦତି ) ଗମନ କ; ହିଂସା କ; ଶୀତେଇ ଉଠିବା; ଅବସନ୍ନ ହେ; (ବି-ପୂର୍ବ) ବିଷଣ୍ଣ ହେ; (ଆ-ଉପ-ପୂର୍ବ) ନିକଟସ୍ଥ ହେ । ପ୍ରସାଦ, ବିଷାଦ, ଅବସାଦ, ପ୍ରସନ୍ନ, ଆସନ୍ନ ।

ସନ, (ସନତି) ସେବା କ; (ସନୋତି-ସନୁତେ) ଦାନ କ । ସନନ, ସନିତ ।

ସନ୍ସ, (ସଂସ୍ତି) ନିଦ୍ରିତ ହେ ।

ସନ୍ସ୍ତ, (ସଂସ୍ତି) ନିଦ୍ରିତ ହେ ।

ସପ, (ସପତି) ସମ୍ବନ୍ଧ ହେ; ସମ୍ପର୍କ କ ।

ସଭାଜ, (ସଭାଜୟତି) ସେବା କ; ସନ୍ତୁଷ୍ଟ କ ।

ସମ, (ସମୟତି) ବିହ୍ୱଳ ହେ; ବ୍ୟାକୁଳ ହେ । ସମ, ବିଷମ ।

ସମ୍ବ, (ସମ୍ବତି) ଗମନ କ; (ସମ୍ବୟତି) ଯୁକ୍ତ ହେ; ସମ୍ବନ୍ଧ ରଖିବା । ସମ୍ବନ, ସମ୍ବିତ ।

ସର୍ଜ୍ଜ, (ସର୍ଜ୍ଜତି) ପ୍ରାପ୍ତ ହେ; ଉପାର୍ଜ୍ଜନ କ । ସର୍ଜ୍ଜନ, ସର୍ଜ୍ଜିତ ।

ସର୍ବ୍ବ, (ସର୍ବ୍ବତି) ଗମନ କ । ସର୍ବ୍ବ ।

ସଲ, (ସଲତି) ଗମନ କ; ପ୍ରାପ୍ତି । ସଲନ, ସଲିତ ।

ସସ, (ସସ୍ତି) ନିଦ୍ରିତ ହେ । ସସନ, ସସିତ ।

ସସ୍ଜ, (ସଜ୍ଜତି) ଗମନ କ; ସୁସଜ୍ଜିତ ହେ । ସଜ୍ଜନ, ସଜ୍ଜିତ ।

ସହ, (ସହ୍ୟତେ) ସହ୍ୟ କ । ସହନ, ଉତ୍ସାହ ।

ସାଟ, (ସାଟୟତି) ପ୍ରକାଶ କ ।

ସାତ, (ସାତୟତି) ସୁଖୀ ହେ ।

ସାଧ, (ସାଧ୍ୟତି, ସାଧ୍ନୋତି) ନିଷ୍ପନ୍ନ ହେ । ସାଧନ, ସାଧନା ।

ସାନ୍ତ୍ୱ, (ସାନ୍ତ୍ୱୟତି) ସାନ୍ତ୍ୱନା କ ।

ସାନ୍ତ୍ୱ, (ସାନ୍ତ୍ୱୟତି) ପ୍ରିୟକଥନ, ସାନ୍ତ୍ୱନା କ । ସାନ୍ତ୍ୱ, ସାନ୍ତ୍ୱିତ ।

ସାମ୍ବ, (ସାମ୍ବୟତି) ଯୁକ୍ତ ହେ; ସମ୍ବନ୍ଧ ରଖିବା । ସାମ୍ବ, ସାମ୍ବିତ ।

ସାର, (ସାରୟତି) ଦୁର୍ବଳ ହେ ।

ସି, (ସିନୋତି, ସିନୁତେ, ସିନାତି, ସିନୀତେ) ବନ୍ଧନ କ । ସିତ, ସିନ ।

ସିକ-ସୀକ, (ସୀକତି) ଜଳାଦିସେକ କ; ଗମନ କ । ସୀକନ ।

ସିଧ, (ସେଧତି) ମାଙ୍ଗଳିକ ହେ; ସିଦ୍ଧ ହେ; ଗମନ କ; ପ୍ରାପ୍ତି (ଆ-ପୂର୍ବ) ଶାସ୍ତ୍ରାଜ୍ଞାନୁସାରେ ଧୃତ କରିବା; (ନି-ପ୍ରତି-ପୂର୍ବ) ନିଷେଧ କ । ସେଧନ, ନିଷେଧ, ପ୍ରତିଷେଧ, ନିଷିଦ୍ଧ ।

ସିନ୍ଭ, (ସିମ୍ଭତି) ବଧ କ । ସିମ୍ଭନ, ସିଦ୍ଧ ।

ସିଲ, (ସିଲତି) ଉଞ୍ଛବୃତ୍ତି ହେ । ସେଲନ, ସିଲିତ ।

ସିବ, (ସୀବ୍ୟତି) ସିଲାଇ କ । ସୀବନ ।

ସୁ, (ସୁବତି) ଗମନ କ; ପ୍ରାପ୍ତି; ପ୍ରସବ କ; ଆଧିପତ୍ୟ କ; ସ୍ନାନ କ; ଯୋଗ କ; ପୀଡନ କ; ମନ୍ଥନ କ; (ଅଭି-ପୂର୍ବ) ମଙ୍ଗଳସ୍ନାନ କ । ସବ, ସବନ, ଅଭିଷବ ।

ସୁଖ, (ସୁଖୟତି) ସୁଖୀ କ । ସୁଖ, ସୁଖୀ ।

ସୁଟ୍ଟ, (ସୁଟ୍ଟୟତି) ଅମାନ୍ୟ କ; ସ୍ୱଳ୍ପ ହେ । ସୁଟ୍ଟନ, ସୁଟ୍ଟିତ ।

ସୁନ୍ଦ, (ସୁନ୍ଦତି) ଶୋଭା ପା ।

ସୁନ୍ଭ, (ସୁମ୍ଭତି) ଶୋଭା ପା; ବଧ କ । ସୁମ୍ଭନ, ସୁମ୍ଭିତ ।

ସୁର, (ସୁରତି) ପ୍ରଭୁ ହେ; ଦୀପ୍ତି ପା । ସୁର, ସୁରତ ।

ସୂ, (ସୂତେ) ପ୍ରସବ କ; ଉତ୍ପାଦନ କ; (ସୁବତି) ପ୍ରେରଣ କ । ସୂନ, ପ୍ରସୂତ ।

ସୂଚ, ( ସୂଚୟତି ) ଅବଲୋକନ କ; ଗୋପନରେ ନିନ୍ଦା କ । ସୂଚନା, ସୂଚକ ।

ସୂତ୍ର, (ସୂତ୍ରୟତି) ବନ୍ଧନ କ; ଗ୍ରନ୍ଥନ କ; ପ୍ରଶଂସା କ । ସୂତ୍ର ।

ସୂଦ, (ସୂଦ୍ୟତେ) ଦୂରୀକରଣ କ; କ୍ଷରଣ; (ସୂଦ-ୟତି) ସ୍ୱୀକାର କ । ସୂଦନ, ନିସୂଦନ, ବଧସୂଦନ ।

ସୂର, (ସୂର୍ୟ୍ୟତେ) ବଧ କ; ସ୍ତବ୍ଧ ହେ । ସୂର ।

ସୂର୍କ୍ଷ୍ୟ, (ସୂର୍କ୍ଷ୍ୟତି) ହିଂସା କ; ଈର୍ଷା କ; ଅନାଦର ।

ସୂଷ୍ଯ, (ସୂଷ୍ଯତି) ପ୍ରସବ କ । ସୂଷ୍ଯଣ, ସୂଷ୍ଯିତ ।

ସୃ, (ସରତି, ସମର୍ତ୍ତି) ଗମନ କ; ଘୁଞ୍ଚି ଯି; ଆସ୍ତରଣ କ; (ଅନୁ-ପୂର୍ବ) ଅନୁସରଣ କ । ସରଣ, ନିଃସରଣ, ଅପସରଣ, ପ୍ରସାରଣ, ଅନୁସରଣ, ଅବସର, ଅନୁସାର, ସରଣି, ସୂର୍ଯ୍ୟ ଇତ୍ୟାଦି ।

ସୃକ୍ଷ, (ସୃକ୍ଷତି) ଗମନ କ । ସୃକ୍ଷଣ ।

ସୃଜ, (ସୃଜତି) ସୃଷ୍ଟି କ; ନିର୍ମାଣ କ; (ଉତ୍-ବି-ପୂର୍ବ) ଦାନ କ; ତ୍ୟାଗ କ; (ସମ-ପୂର୍ବ) ସଂସର୍ଗ କ । ସୃଜନ, ସର୍ଜ୍ଜନ, ବିସର୍ଜ୍ଜନ, ସର୍ଗ, ସୃଷ୍ଟି ଇତ୍ୟାଦି ।

ସୃପ, (ସର୍ପତି) ଗମନ କ; ପ୍ରାପ୍ତି; (ଉପ-ପୂର୍ବ) ନିକଟବର୍ତ୍ତୀ ହେ । ସର୍ପଣ, ସର୍ପ, ସରୀସୃପ, ସର୍ପି ।

ସୃଭ, (ସର୍ଭତି) ବଧ କ ।

ସୃ, (ସୃଣାତି) ବଧ କ । ଆଘାତ କ ।

ସେକ, (ସେକତେ) ଗମନ କ । ସେକନ ।

ସେଲ, (ସେଲତି) ଗମନ କ । ସେଲନ, ସେଲିତ ।

ସେବ, (ସେବତେ) ସେବା କ । ସେବନ, ସେବା, ସେବକ ।

ସୋ, (ସ୍ୟତି) ମରଣ, (ପରି-ଅବ-ସୋ) ପର୍ଯ୍ୟବସାନ । ଅବସାନ, ପର୍ଯ୍ୟବସିତ ।

ସୈ, (ସାୟତି) କ୍ଷୟ ପା । ଅବସାନ ।

ସ୍କଦ-ସ୍କନ୍ଦ, (ସ୍କନ୍ଦତେ) କୁଦ କୁଦ ଯି; ସ୍ନାନ କ । ସ୍କନ୍ଦନ, ସ୍କନ୍ଦିତ ।

ସ୍କନ୍ଦ, (ସ୍କନ୍ଦତି) ଗମନ କ; ଶୋଷଣ କ । ସ୍କନ୍ଦ, ପ୍ରସ୍କନ୍ଦ, ସ୍କନ୍ଦିତ ।

ସ୍କଭ-ସ୍କନ୍ଭ, (ସ୍କମ୍ଭତେ, ସ୍କଭ୍ନାତି, ସ୍କଭ୍ନୋତି) ବାଧା ଦେ; ସ୍ତବ୍ଧ ହେ । ସ୍କମ୍ଭନ, ସ୍କମ୍ଭିତ ।

ସ୍କୁ (ସ୍କୁନାତି, ସ୍କୁନୀତେ, ସ୍କୁନୋତି, ସ୍କୁନୁତେ) ଲମ୍ଫ ଦେଇ ଯିବା; ଆଚ୍ଛାଦନ କ; ଉତ୍ତୋଳନ କ । ସ୍କୁତ ।

ସ୍କୁଦି-ସ୍କୁନ୍ଦ (ସ୍କୁନ୍ଦତେ) ଲମ୍ଫ ଦେଇ ଯି; ଉତ୍ତୋଳନ କ । ସ୍କୁନ୍ଦନ ।

ସ୍କୁମ୍ଭ, (ସ୍କୁଭ୍ନୋତି, ସ୍କୁଭ୍ନାତି) ବଧା ଦେ; ସ୍ତବ୍ଧ ହେ ।

ସ୍ଖଦ, (ସ୍ଖଦତେ) ବିଦୀର୍ଣ୍ଣ କ; ବଧ କ; ପରାସ୍ତ କ; ଆସ୍ୱାଦନ କ; କ୍ଳାନ୍ତ ହେ । ସ୍ଖଦନ ।

ସ୍ତକ, (ସ୍ତକତି) ପ୍ରତିଘାତ କ । ସ୍ତକନ ।

ସ୍ତଗ, (ସ୍ତଗତି) ଆଚ୍ଛାଦନ କ । ସ୍ତଗନ, ସ୍ତଗିତ ।

ସ୍ତନ, (ସ୍ତନତି, ସ୍ତନୟତି) ଶବ୍ଦ କ । ସ୍ତନିତ, ସ୍ତନୟିତ୍ନୁ, ସ୍ତନ ।

ସ୍ତମ, (ସ୍ତମୟତି) ବିହ୍ୱଳ ହେ; ବ୍ୟାକୁଳ ହେ ।

ସ୍ତମ୍ଭ, (ସ୍ତମ୍ଭତେ, ସ୍ତଭ୍ନୋତି, ସ୍ତଭ୍ନାତି) ସ୍ତବ୍ଧ ହେ; ରୁଦ୍ଧ କ । ସ୍ତମ୍ଭ, ସ୍ତବ୍ଧ ।

ସ୍ତିଘ, (ସ୍ତିଘ୍ନୁତେ) ଆସ୍କନ୍ଦନ କ, ଆକ୍ରମଣ କ । ସ୍ତେଘନ ।

ସ୍ତିପ, (ସ୍ତେପତେ) କ୍ଷରଣ । ସ୍ତେପନ, ସ୍ତିପିତ ।

ସ୍ତିମ, (ସ୍ତିମ୍ୟତି) କ୍ଳିନ୍ନ ହେ; ଗଳିତ ହେ । ସ୍ତେମନ ।

ସ୍ତୀମ, (ସ୍ତୀମ୍ୟତି) କ୍ଳିନ୍ନ ହେ; ଗଳିତ ହେ । ସ୍ତେମନ ।

ସ୍ତୁ, (ସ୍ତୌତି, ସ୍ତୁବୀତି, ସ୍ତୁତେ) ସ୍ତବ କ । ସ୍ତବ, ସ୍ତୁତି, ସ୍ତୋତ୍ର ।

ସ୍ତୁଚ, (ସ୍ତୋଚତେ) ପ୍ରସନ୍ନ ହେ; ସ୍ୱଚ୍ଛ ହେ । ସ୍ତୁଚିତ ।

ସ୍ତୁଭ, (ସ୍ତୋଭତେ) ସ୍ତବ୍ଧ; ସ୍ତବ୍ଧ କ ।

ସ୍ତୁପ, (ସ୍ତୁପ୍ୟତି, ସ୍ତୂପୟତି) ରାଶି କ । ସ୍ତୂପୟିତା ।

ସ୍ତୃଂହ, (ସ୍ତୃଂହତି) ବଧ କ ।

ସ୍ତୃ, (ସ୍ତୃଣୋତି, ସ୍ତୃଣୁତେ) ଆଚ୍ଛାଦନ କ; (ବି-ପୂର୍ବ) ବିସ୍ତାର କ । ଆସ୍ତରଣ ।

ସ୍ତୃକ୍ଷ, (ସ୍ତୃକ୍ଷତି) ଗମନ କ । ସ୍ତୃକ୍ଷଣ ।

ସ୍ତୃହ, ସ୍ତୄହ, (ସ୍ତୃହତି, ସ୍ତୄହତି) ବଧ କ । ସ୍ତୄହଣ, ସ୍ତର୍ହଣ ।

ସ୍ତୄ, (ସ୍ତୄଣାତି, ସ୍ତୄଣୀତେ) ଆଚ୍ଛାଦନ କ; ଆସ୍ତରଣ କ । ଆସ୍ତୀର୍ଣ୍ଣ ।

ସ୍ତେନ, (ସ୍ତେନୟତି) ଚୌର୍ଯ୍ୟ ବୃତ୍ତି କ; ଚୋର କ ।

ସ୍ତେପ, (ସ୍ତେପୟତି) ନିକ୍ଷେପଣ କ । ସ୍ତେପିତ ।

ସ୍ତୋମ, (ସ୍ତୋମୟତି) ପ୍ରଶଂସା କ ।

ସ୍ତ୍ୟୈ, (ସ୍ତ୍ୟାୟତି) ଶବ୍ଦ କ; ସଂହତ ହେ ।

ସ୍ଥଗ, (ସ୍ଥଗତି) ଆଚ୍ଛାଦନ କ । ସ୍ଥଗନ, ସ୍ଥଗିତ ।

ସ୍ଥଲ, (ସ୍ଥଲତି) ସ୍ଥିତ କ । ସ୍ଥଲ, ସ୍ଥଲୀ ।

ସ୍ଥା, (ତିଷ୍ଠତି) ସ୍ଥିତ କ; (ଅନୁ-ପୂର୍ବ) ଅନୁଷ୍ଠାନ କ; (ପ୍ର-ପୂର୍ବ) ପ୍ରସ୍ଥାନ କ; (ଉପ-ପୂର୍ବ) ଉପସ୍ଥିତ ହେ; ଉପାସନା କ; (ଉତ୍-ପୂର୍ବ) ଉତ୍ଥିତ ହେ । ସ୍ଥାନ, ସ୍ଥିତ, ଅନୁଷ୍ଠାନ, ପ୍ରସ୍ଥାନ, ଉପସ୍ଥିତ, ଉତ୍ଥାନ ।

ସ୍ଥୁଡ, (ସ୍ଥୁଡତି) ଆଚ୍ଛାଦନ କ । ସ୍ଥୁଡନ, ସ୍ଥୁଡତା ।

ସ୍ଥୂଲ, (ସ୍ଥୂଲୟତେ) ଉନ୍ନତ ହେ; ମୋଟା ହେ ।

ସ୍ନସ, (ସ୍ନସ୍ୟତି) ପକାଇ ଦେବା; ବାସ କ । ସ୍ନସନ, ସ୍ନସ୍ତ ।

ସ୍ନା, (ସ୍ନାତି) ସ୍ନାନ କ; (ନି-ପୂର୍ବ) କୁଶଳ ହେ । ସ୍ନାନ, ସ୍ନାତ ।

ସ୍ନିଠ, (ସ୍ନେଠୟତି) ସ୍ନିଗ୍ଧ ହେ । ସ୍ନେଠନ ।

ସ୍ନିହ, (ସ୍ନିହ୍ୟତି) ପ୍ରୀତ ହେ; ସ୍ନିଗ୍ଧ ହେ; ଚିକ୍କଣ ହେ । ସ୍ନେହ, ସ୍ନିଗ୍ଧ ।

ସ୍ନୁ, (ସ୍ନୌତି) କ୍ଷରଣ । ସ୍ନୁତ, ସ୍ନବତା ।

ସ୍ନୁସ, (ସ୍ନୁସ୍ୟତି) ଭକ୍ଷଣ କ ।

ସ୍ନୁହ, (ସ୍ନୁହ୍ୟତି) ଉଦ୍ଗାର କ; ବମନ କ ।

ସ୍ନୈ, (ସ୍ନାୟତି) ବେଷ୍ଟନ କ; ଜଡାଇବା । ସ୍ନାୟୁ, ସ୍ନାନ ।

ସ୍ପଦି-ସ୍ପନ୍ଦ, (ସ୍ପନ୍ଦତେ) ଈଷତ୍ କମ୍ପନ । ସ୍ପନ୍ଦନ, ସ୍ପନ୍ଦିତ ।

ସ୍ପର୍ଦ୍ଧ, (ସ୍ପର୍ଦ୍ଧତେ) ପରାଭୂତ କରିବାକୁ ଇଚ୍ଛା କ । ସ୍ପର୍ଦ୍ଧା, ଆସ୍ପର୍ଦ୍ଧା ।

ସ୍ପର୍ଶ, (ସ୍ପର୍ଶୟତି) ଗ୍ରହଣ କ; ଯୁକ୍ତ ହେ; ଆଲିଙ୍ଗନ କ ।

ସ୍ପଶ, (ସ୍ପଶତି-ତେ) ପୀଡନ କ; ବାଧା ଦେ; ଗ୍ରନ୍ଥନ କ; ପ୍ରକାଶ କ; ଜ୍ଞାତ କ, (ସ୍ପାଶୟତେ) ଗ୍ରହଣ କ; ଯୁକ୍ତ କ । ସ୍ପଶତ, ସ୍ପଶିତ ।

ସ୍ପୃ, (ସ୍ପୃଣୋତି) ପ୍ରୀତ କ; ରକ୍ଷା କ; ଜୀବନଧାରଣ କ । ସ୍ପୃତ ।

ସ୍ପୃଶ, (ସ୍ପୃଶତି) ସ୍ପର୍ଶ କ; (ଉପ-ପୂର୍ବ) ମର୍ଦ୍ଦନ କ; ଜଳାଦି ସେକ କ । ସ୍ପର୍ଶ, ସ୍ପୃଷ୍ଟ ।

ସ୍ପୃହ, (ସ୍ପୃହୟତି) ଇଚ୍ଛା କ । ସ୍ପୃହା ।
ସ୍ଫଟ, (ସ୍ଫଟତି-ତେ) ବଦାର୍ଣ୍ଣ କ । ସ୍ଫଟନ, ସ୍ଫଟିତ ।
ସ୍ଫନ୍ଟ, (ସ୍ଫଣ୍ଟତି) ବଦାର୍ଣ୍ଣ କ । ସ୍ଫଣ୍ଟିତ ।
ସ୍ଫର, (ସ୍ଫରତି) ସ୍ଫୂର୍ତ୍ତି ପା; ଚଞ୍ଚଳ ହେ ।
ସ୍ଫଲ, ( ସ୍ଫଲତି ) ଚଳିତ ହେ; ସ୍ଫୂର୍ତ୍ତି ପା । ସ୍ଫଲନ, ସ୍ଫଲିତ ।
ସ୍ଫାୟ, (ସ୍ଫାୟତେ) ବୃଦ୍ଧି ପା । ସ୍ଫାୟନ ।
ସ୍ଫିଟ, (ସ୍ଫେଟୟତି-ତେ) ଅବୃତ କ; ବରଣ କ; ବଧ କ; ଅନାଦର କ । ସ୍ଫେଟନ, ସ୍ଫେଟିତ ।
ସ୍ଫିଟ୍ଟ, (ସ୍ଫିଟ୍ଟୟତି) ବଧ କ; ବାସ କ; ଦାନ କ; ଦୃତ କ ।
ସ୍ଫୁଟ, (ସ୍ଫୋଟତି-ତେ, ସ୍ଫୁଟତି-ତେ) ବ୍ୟକ୍ତ କ; ବକସିତ ହେ; (ସ୍ଫୋଟୟତି-ସ୍ଫୋଟୟତେ) ଭେଦ କ; (ଆ-ପୂର୍ବ) ବଧ କ । ସ୍ଫୁଟିତ ।
ସ୍ଫୁଟ୍ଟ, (ସ୍ଫୁଟ୍ଟୟତି-ତେ) ଅମାନ୍ୟ କ । ସ୍ଫୁଟ୍ଟନ ।
ସ୍ଫୁଡ, (ସ୍ଫୁଡତି-ତେ) ଆଚ୍ଛାଦନ କ । ସ୍ଫୁଡନ ।
ସ୍ଫୁନ୍ଟ, (ସ୍ଫୁଣ୍ଟୟତି-ତେ) କ୍ରୀଡା କ; କୌତୁକ କ । ସ୍ଫୁଣ୍ଟନ ।
ସ୍ଫୁନ୍ଦ, (ସ୍ଫୁନ୍ଦତି-ତେ, ସ୍ଫୁନ୍ଦୟତି-ତେ) ପରିହାସ କ; ପ୍ରଫୁଲ୍ଲ ହେ । ସ୍ଫୁନ୍ଦନ ।
ସ୍ଫୁର, (ସ୍ଫୁରତି-ତେ) ସ୍ଫୂର୍ତ୍ତି ପା; ଚଞ୍ଚଳ ହେ; ଆଚ୍ଛାଦନ କ । ସ୍ଫୁରଣ, ସ୍ଫୂର୍ତ୍ତି ।
ସ୍ଫୁର୍ଚ୍ଛ, ସ୍ଫୁର୍ଚ୍ଛ, (ସ୍ଫୁର୍ଚ୍ଛତି) ବସ୍ମରଣ ହେ; ବସ୍ତାର କ । ସ୍ଫୁର୍ଚ୍ଛନ ।
ସ୍ଫୁର୍ଜ୍ଜ, (ସ୍ଫୁର୍ଜ୍ଜତି-ତେ) ବଜ୍ରକର୍ତ୍ତୃକ ଧ୍ୱନି । ସ୍ଫୁର୍ଜ୍ଜ, ସ୍ଫୁର୍ଜ୍ଜନ, ସ୍ଫୁର୍ଜ୍ଜିତ ।
ସ୍ଫୁଲ, ( ସ୍ଫୁଲତି ) ସ୍ଫୂର୍ତ୍ତି ପା; ଚଳନ; ଚୟନ କ । ସ୍ଫୁଲନ, ସ୍ଫୁଲିତ ।
ସ୍ଫୂର୍ଜ୍ଜ, (ସ୍ଫୂର୍ଜ୍ଜତି-ତେ) ବଜ୍ରକର୍ତ୍ତୃକ ଧ୍ୱନି । ସ୍ଫୂର୍ଜ୍ଜ, ସ୍ଫୂର୍ଜ୍ଜନ, ସ୍ଫୂର୍ଜ୍ଜଥୁ; (ବ-ପୂର୍ବ) ବସ୍ଫୂର୍ଜ୍ଜିତ ।
ସ୍ମୃ, (ସ୍ମୃଣୋତି, ସ୍ମୃଣୀତେ) ବଧ କ; (ସ୍ୱରତି) ଶବ୍ଦ କ; ଉପତପ୍ତ କ ।
ସ୍ମି, (ସ୍ମାୟତେ) ଅନାଦର କ; (ସ୍ମୟତେ) ଈଷତ ହାସ୍ୟ କ; (ବ-ପୂର୍ବ) ବସ୍ମୟାପନ୍ନ ହେ । ସ୍ମିତ, ବସ୍ମୟ ।
ସ୍ମିଟ, (ସ୍ମେଟୟତି) ଅନାଦର କ; ସ୍ନିଗ୍ଧ ହେ; ଚିକ୍କଣ ହେ । ସ୍ମେଟନ ।
ସ୍ମିଲ, (ସ୍ମିଲତି) ନୟନ ମୁଦ୍ରିତ କ । ସ୍ମିଲନ ।
ସ୍ମୃ, (ସ୍ମରତି) ସ୍ମରଣ କ; ଉତ୍କଣ୍ଠିତ ହେ; (ସ୍ମୃଣୋତି) ସନ୍ତୁଷ୍ଟ ହେ; ପ୍ରତିପାଳନ କ; ଜୀବନଧାରଣ କ; (ବି-ପୂର୍ବ) ବିସ୍ମରଣ ହେ । ସ୍ମରଣ, ବିସ୍ମରଣ, ସ୍ମୃତି ।
ସ୍ୟନ, (ସ୍ୟନୟତେ) ଅନୁମାନ କ; ବିବେଚନା କ ।
ସ୍ୟନ୍ଦ, (ସ୍ୟନ୍ଦତେ) ଜଳାଦି ସେଚନ କ; କ୍ଷରଣ; ଗମନ କ । ସ୍ୟନ୍ଦନ ।
ସ୍ୟମ, (ସ୍ୟମୟତି) ଶବ୍ଦ କ । ସ୍ୟମନ ।
ସ୍ରଂସ-ସ୍ରନ୍ସ, (ସ୍ରଂସତେ) ଫିଟିଯିବା; ପ୍ରସନ୍ନ ହେ । ସ୍ରଂସ, ସ୍ରଂସନ ।
ସ୍ରକ, ସ୍ରନ୍କ, (ସ୍ରଙ୍କତେ) ଗମନ କ । ସ୍ରଙ୍କଣ ।
ସ୍ରନ୍ଭ-ସ୍ରମ୍ଭ, (ସ୍ରମ୍ଭତେ) ଅନବଧାନ ହେ; ଅନ୍ୟମନସ୍କ ହେ; ନିଶ୍ଚିନ୍ତ ରହିବା । ସ୍ରମ୍ଭଣ, ସ୍ରବ୍ଧ ।
ସ୍ରନ୍ହ, (ସ୍ରଂହତେ) ନିଶ୍ଚିନ୍ତ ହେବା । ସ୍ରଂହଣ ।
ସ୍ରିଭ, (ସ୍ରେଭତି) ବଧ କ । ସ୍ରେଭଣ, ସ୍ରିବ୍ଧ ।
ସ୍ରିନ୍ଭ, ସ୍ରିମ୍ଭ, (ସ୍ରିମ୍ଭତି) ବଧ କ । ସ୍ରିମ୍ଭଣ ।
ସ୍ରିବ, (ସ୍ରିବ୍ୟତି-ତେ) ଗମନ କ; ଶୁଷ୍କ କ । ସ୍ରେବଣ
ସ୍ରୁ, (ସ୍ରବତି-ତେ) ଗମନ କ; କ୍ଷରଣ । ସ୍ରବ, ସ୍ରବଣ ।
ସ୍ରୁନ୍ଭ, (ସ୍ରୁମ୍ଭତି) ଦୀପ୍ତି ପା; ବଧ କ । ସ୍ରୁମ୍ଭଣ ।
ସ୍ରେକ, (ସ୍ରେକତେ) ଗମନ କ ।
ସ୍ରୈ, (ସ୍ରାୟତି) ପାକ କ । ସ୍ରାଣ ।
ସ୍ୱଗ-ସ୍ୱନ୍ଗ, (ସ୍ୱଗତି-ସ୍ୱଙ୍ଗତି) ଗମନ କ । ସ୍ୱଙ୍ଗନ ।
ସ୍ୱଚ, (ସ୍ୱଚତି) ସମ୍ବନ୍ଧ ହେ । ସ୍ୱଚନ ।
ସ୍ୱଠ, (ସ୍ୱଠୟତି) ସଂସ୍କାର କ; ଗମନ କ । ସ୍ୱାଠୟିତା ।
ସ୍ୱଦ, (ସ୍ୱଦତେ) ଆସ୍ୱାଦନ କ; ଛେଦ କ; ରୋଚକ ହେ । ସ୍ୱଦନ, ଆସ୍ୱାଦନ ।
ସ୍ୱନ, (ସ୍ୱନତି) ଶବ୍ଦ କ; (ସ୍ୱନୟତି) ଭୂଷିତ କ, (ବି-

ଅବ-ପୂର୍ବ୍ବ) ହଶବ୍ଦ ଭେଜନ କ । ସ୍ୱନ, ସ୍ୱାନ, ସ୍ୱନିତ ।

ସ୍ୱଜ୍ଞ, (ସ୍ୱଜତେ) ଅଲିଙ୍ଗନ କ । ପରିଷ୍ୱଙ୍ଗ ।

ସ୍ୱପ, (ସ୍ୱପିତେ-ତି) ଶୟନ କ; ନିଦ୍ରିତ ହେ; ସ୍ୱପ୍ନ ଦେଖିବା । ସ୍ୱାପ, ସ୍ୱପନ, ସୁପ୍ତ, ସୁଷୁପ୍ତି ।

ସ୍ୱର, (ସ୍ୱରୟତି) ଭର୍ତ୍ସନା କ; ଶବ୍ଦ କ ।

ସ୍ୱର୍ତ୍ତ-ଶର୍ତ୍ତ (ସ୍ୱର୍ତ୍ତୟତି) କଷ୍ଟରେ କାଳ ଯାପନ କ । ସ୍ୱର୍ତ୍ତନ ।

ସ୍ୱର୍ଦ୍ଦ, (ସ୍ୱର୍ଦ୍ଦତେ-ତି) ଆସ୍ୱାଦନ କ; ରୋଚକ ହେ । ସ୍ୱର୍ଦ୍ଦିତ ।

ସ୍ୱଳ, (ସ୍ୱଳତି-ତେ) ଗ୍ଲାନି କ ।

ସ୍ୱସ୍କ,-ସ୍ୱଷ୍କ (ସ୍ୱସ୍କତେ) ଗମନ କ । ସ୍ୱଷ୍କଣ ।

ସ୍ୱାଦ, (ସ୍ୱାଦତେ) ଆସ୍ୱାଦନ କ; (ସ୍ୱାଦତି, ସ୍ୱାଦୟତି) ରୋଚକ ହେ; ଆଚ୍ଛାଦନ କ । ସ୍ୱାଦିତ ।

ସ୍ୱିଦ, (ସ୍ୱେଦତେ, ସ୍ୱିଦ୍ୟତି) ମୂର୍ଚ୍ଛାପନ୍ନ ହେ; ସ୍ନିଗ୍ଧ ହେ; ଘର୍ମ୍ମାକ୍ତ ହେ; ମୋଚନ କ । ସ୍ୱେଦ, ସ୍ୱିନ୍ନ ।

ସ୍ୱୃର୍ଚ୍ଛ, (ସ୍ୱୃର୍ଚ୍ଛତି) ବିସ୍ମରଣ ହେ; ଭୁଲିଯିବା ।

ସ୍ୱୃ, (ସ୍ୱରତି-ତେ) ଶବ୍ଦ କ; ପୀଡ଼ିତ ହେ; ଯାତନା ପା । ସ୍ୱର ।

ସ୍ୱୄ, (ସ୍ୱୃଣୋତି, ସ୍ୱୃଣୀତେ) ବଧ କ; ଭେଦ କ । ସ୍ୱୀର୍ଣ୍ଣ ।

ସ୍ୱେକ, (ସ୍ୱେକତେ) ଗମନ କ । ସ୍ୱେକନ ।

---

## ହ

ହଟ, (ହଟତି) ଦୀପ୍ତି ପା । ହଟନ, ହଟ୍ଟିତ ।

ହଠ, (ହଠତି) ଲମ୍ଫ ଦେଇ ଗମନ କ; ବଳପୂର୍ବ୍ବକ ହରଣାଦି କ; ଖୁଣ୍ଟାରେ ବନ୍ଧନ କ; ପଳାୟନ କ; ଶଠତା କ । ହଠ, ହଠନ ।

ହଦ, (ହଦତେ) ବିଷ୍ଠା ତ୍ୟାଗ କ । ହଦନ ।

ହନ, (ହନ୍ତି) ବଧ କ; ଗମନ କ; ଶେଷ କ; (ଅଭି-ପୂର୍ବ୍ବ) ବାଦନ କ; (ଆ-ପୂର୍ବ୍ବ) ହନନ କ; (ନି-ପଦ-ପୂର୍ବ୍ବ) ସମ୍ପୂର୍ଣ୍ଣରୂପେ ନଷ୍ଟ କ; (ପ୍ର-ପୂର୍ବ୍ବ) ଆଘାତ କ; (ପ୍ରତି-ପୂର୍ବ୍ବ) ଟର୍କାଦି କ; ଖଣ୍ଡନ କ; (ସମ୍-ପୂର୍ବ୍ବ) ଜୀବନ ନାଶ କ । ହନନ, ହତ୍ୟା, ଅଭ୍ୟାହତ, ଆଘାତ, ବିଘ୍ନ, ଜିଘାଂସା, ହତ ଇତ୍ୟାଦି ।

ହମ୍ମ, (ହମ୍ମତି) ଗମନ କ । ହମ୍ମନ, ହମ୍ମିତ ।

ହର୍ୟ୍ୟ, (ହର୍ୟ୍ୟତି) ଗମନ କ; ଅର୍ଚ୍ଚନା କ; ଶବ୍ଦ କ; କ୍ଷୀଣ ହେ । ହର୍ୟ୍ୟନ, ହର୍ୟ୍ୟିତ ।

ହର୍ଯ୍ୟ, (ହର୍ଯ୍ୟତି) ଗମନ କ; ଇଚ୍ଛା କ; କ୍ଷୀଣ ହେ । ହରିତ ।

ହଲ, (ହଲତି) କର୍ଷଣ କ । ହଲ, ହଲୀ ।

ହସ, (ହସତି-ତେ) ହାସ୍ୟ କ; ଉପହାସ କ । ହସ, ହସନ, ହସିତ, ହାସ ।

ହା, (ଜହାତି) ତ୍ୟାଗ କ; (ଜିହୀତେ) ଗମନ କ; ପ୍ରାପ୍ତି । ହାନି, ହୀନ, ଅହ, ହାପ୍ୟନ ।

ହି, (ହିନୋତି) ଗମନ କ; ପ୍ରେରଣ କ; ବର୍ଦ୍ଧିତ କ । ହିତ ।

ହିକ୍କ, (ହିକ୍କତି-ତେ) ଅବ୍ୟକ୍ତ ଶବ୍ଦ କ; ହାଇ ମାରିବା; (ହିକ୍କୟତେ) ଆଘାତ କ । ହିକ୍କା ।

ହିଡ଼, ହିନ୍ଡ, (ହିଡତେ, ହିଣ୍ଡତେ) ଗମନ କ; ଅନାଦର କ । ହିଣ୍ଡନ, ହିଣ୍ଡିତ ।

ହିଲ, (ହିଲତି) କଟାକ୍ଷାଦି ଭଙ୍ଗୀ କ; (ହେଲୟତି-ତେ) ଦୋଳାୟିତ କ । ହେଲନ, ହିଲିତ ।

ହିଲ୍ଲୋଲ, ( ହିଲ୍ଲୋଲୟତି ) ଦୋଳାଇବା । ହିଲ୍ଲୋଲ ।

ହିବ, ହିନ୍ୱ, (ହିବତି, ହିନ୍ୱତି) ପ୍ରୀତ କ । ହିନ୍ୱଣ, ହିନ୍ୱିତ ।

ହିସ, ହିନ୍ସ, (ହିଂସତି, ହିଂସୟତି, ହିନସ୍ତି) ବଧ କ । ହିଂସନ, ହିଂସା, ସିଂହ ।

ହୁ, (ଜୁହୋତି) ହୋମ କ; ଭୋଜନ କ; ଗ୍ରହଣ କ; ସନ୍ତୁଷ୍ଟ ହେ; ନିକ୍ଷେପ କ । ହୋମ, ହବନ, ହୁତ, ଆହୁତି ।


ହୁଡ଼, (ହୁଡ଼ତି) ଗଣି କ; ଭଡ଼ ହେ; ବୁଡ଼ିଯିବା; ( ହୋଡ଼ତି ) ଗମନ କ; ( ହୁନ୍ଡ-ହୁଣ୍ଡତେ ) ଭଡ଼ ହେ; ଅଙ୍ଗୀକାର କ; ହରଣ କ । ହୁଡ଼ନ, ହୁଣ୍ଡନ ।

ହୂର୍ଚ୍ଛ, ( ହୂର୍ଚ୍ଛତି ) ବକ୍ର ହେ; ଲୁକ୍କାୟିତ ହେ ।
ହୂର୍ଚ୍ଛନ ।
ହୁଲ, (ହୋଲତି) ଗମନ କ; ବଧ କ; ଆଚ୍ଛାଦନ କ ।
ହୋଲ, ହୋଲନ, ହୁଲିତ ।
ହୂଡ଼, (ହୂଡ଼ତି) ଗମନ କ; ପ୍ରାପ୍ତି । ହୂଡ଼ନ, ହୂଡ଼ିତ ।
ହୃ, (ହରତି-ତେ) ହରଣ କ; (ଆ-ହୃ) ଆହାର କ; ଆହରଣ କ; ( ପର-ହୃ ) ତ୍ୟାଗ କ; (ପ୍ର-ହୃ) ତାଡ଼ନ କ; (ବି-ହୃ) ବିହାର କ; (ସଂ-ହୃ) ସଂହାର କ; (ଅନୁ-ହୃ) ଅନୁକରଣ କ; (ଅଭି-ହୃ) ଆକ୍ରମଣ କ; ( ଉପ-ହୃ ) ଉପହାର କ; (ନିର୍-ହୃ) ଉପବାସ କ; ଅମାନ୍ୟ କ । ପ୍ରହାର, ସଂହାର, ନିହାର, ପ୍ରତିହାର, ବିହାର, ଆହାର, ଅବହାର ଇତ୍ୟାଦି ।
ହୃଷ, (ହୃଷତି-ତେ) ତୁଷ୍ଟ ହେ; (ହର୍ଷତି) ଅଳୀକ ବ୍ୟବହାର କ । ହର୍ଷ, ହର୍ଷଣ, ହୃଷ୍ଟ ।
ହେଠ, ( ହେଠତେ-ତି ) ପୀଡ଼ନ କ; କ୍ଲେଶ ଦେ; ବାଧା ଦେ । ହେଠନ ।
ହେଠ, ( ହେଠତି-ତେ ) ବିଭୂତିଯୁକ୍ତ ହେ; ପବିତ୍ର ହେ; ପୀଡ଼ନ କ; ବାଧା ଦେ; ପ୍ରତାରଣା କ । ହେଠନ ।
ହେଡ, (ହେଡତି-ତେ) ବେଷ୍ଟନ କ; ଅନାଦର କ । ହେଡନ, ହେଡିତ ।
ହେତ, (ହେତଣୀତି) ଉତ୍ପନ୍ନ ହେ; ନିର୍ମ୍ମଳ ହେ । ହେତନ, ହେତିତ ।
ହେଷ, ( ହେଷତେ ) ଅଶ୍ୱକର୍ତ୍ତୃକ ଶବ୍ଦ କ । ହେଷା ।
ହୋଡ଼, (ହୋଡ଼ତି) ଗମନ କ; (ହୋଡ଼ତେ) ଅମାନ୍ୟ କ । ହୋଡ଼ନ ।
ହୌଡ଼, (ହୌଡ଼ତେ) ଗମନ କ; ପ୍ରାପ୍ତି । ହୌଡ଼ିତ ।
ହ୍ନୁ, ( ହ୍ନୁତେ ) ଅପହରଣ କ; (ଅପ ନି-ପୂର୍ବ) ଆଚ୍ଛାଦନ କ । ଅପହ୍ନୁତ, ନିହ୍ନୁତ ।
ହ୍ମଲ, (ହ୍ମଲତି) କମ୍ପନ । ହ୍ମଲିତ ।
ହ୍ରଗ, (ହ୍ରଗତି) ଆଚ୍ଛାଦନ କ । ହ୍ରଗଣ ।
ହ୍ରପ, (ହ୍ରାପୟତି) କଥନ ।
ହ୍ରସ, (ହ୍ରସତି-ତେ) ଶବ୍ଦ କ; ସ୍ୱଳ୍ପ ହେ । ହ୍ରସିତ ।
ହ୍ରାଦ, ( ହ୍ରାଦତେ ) ଶବ୍ଦ କ । ହ୍ରାଦମୀ, ନିର୍ହ୍ରାଦ, ପ୍ରହ୍ରାଦ ।
ହ୍ରୀ, (ଜିହ୍ରେତି) ଲଜ୍ଜିତ ହେ । ହ୍ରୀଣ, ହ୍ରୀତ ।
ହ୍ରୀଚ୍ଛ, (ହ୍ରୀଚ୍ଛତି) ଲଜ୍ଜିତ ହେ । ହ୍ରୀଚ୍ଛନ, ହ୍ରୀଚ୍ଛା ।
ହ୍ରୁଡ, (ହ୍ରୁଡ଼ତି) ସଂଗ୍ରହ କ । ହ୍ରୋଡ଼ନ ।
ହ୍ରୂଡ଼, (ହ୍ରୂଡ଼ତି) ସଂଗ୍ରହ କ । ହ୍ରୂଡ଼ନ ।
ହ୍ରେପ, ( ହ୍ରେପତେ ) ଗମନ କ; ପ୍ରାପ୍ତି । ହ୍ରେପଣ, ହ୍ରେପିତ ।
ହ୍ରେଷ, (ହ୍ରେଷତେ) ଅଶ୍ୱକର୍ତ୍ତୃକ ଶବ୍ଦ କ । ହ୍ରେଷା ।
ହ୍ରୋଡ଼, (ହ୍ରୋଡ଼ତି-ତେ) ଗମନ କ ।
ହ୍ରୌଡ଼, (ହ୍ରୌଡ଼ତି-ତେ) ଗମନ କ । ହ୍ରୌଡ଼ିତ ।
ହ୍ଲଗ, (ହ୍ଲଗତି) ଆଚ୍ଛାନ କ । ହ୍ଲଗନ ।
ହ୍ଲପ, (ହ୍ଲାପୟତି) କଥନ । ହ୍ଲାପନ ।
ହ୍ଲସ, (ହ୍ଲସତି) ଶବ୍ଦ କ । ହ୍ଲସନ, ହ୍ଲସିତ ।
ହ୍ଲାଦ, ( ହ୍ଲାଦତେ ) ଆହ୍ଲାଦିତ ହେ; ଶବ୍ଦ କ; ବାଦନ । ଆହ୍ଲାଦ, ଆହ୍ଲାଦିତ ।
ହ୍ୱଲ-ହ୍ଲଲ, (ହ୍ୱଲତି, ହ୍ଲଲତି) କମ୍ପନ । ହ୍ୱଲନ, ବିହ୍ୱଲ ।
ହ୍ୱୃ, (ହ୍ୱରତି) କୁଟିଳ ହେ । ହ୍ୱୃତ ।
ହ୍ୱେ, (ହ୍ୱୟତି) ଆହ୍ୱାନ କ; ସ୍ପର୍ଦ୍ଧାପୂର୍ବକ ଡାକିବା । ଆହ୍ୱାନ, ଆହୂତ ।


ସମାପ୍ତ ।


ORISSA MISSION PRESS.—J. F. HILL.

# ପକ୍ଷୀ ।




କୋଚିଲାଖାଇ ।







ପାରାବତ ।




ବାୟା ।



ବ୍ରହ୍ମହଂସ ।



ବତକ ।




ପେଚ୍ଚ ।




କନକପକ୍ଷୀ ।




କାକତୁଆ ।




ସାବକ ।



ଇଗଲ୍ ।




ହାଡ଼ଗିଲା ।



ବକ ।



କୁକ୍କୁଟ ।






ମୟୂର ।




ଗୃଧ୍ର ।



# ବିବିଧ ପକ୍ଷୀ ।






























ବଙ୍କିଶିଆଳ ।




ପିପିଲୀଭୁକ୍ ।



ହାଏନା ।




ହାତୀ ।




କୁକଲ ।




ଗୁଣ୍ଡୁଚି ।






ସୁସ୍ଥି । (Sloth.)




ମାହାବଲ ।




ତମି ।




ମେଷ ।




ଦୁମ୍ବାମେଷ ।



ଦ୍ୱିକୁବ୍ଜ ଉଷ୍ଟ୍ର ।




ଉଷ୍ଟ୍ର ।



ଶ୍ୱେତ ଭଲ୍ଲୁକ ।



କୁକ୍କୁର ।




ମୂଷିକ ।



ମଷିକ




ଷଣ୍ଢ ।



ବ୍ୟାଘ୍ର ।



ମୃଗ ।




ଘୋଡା ।



ଝିଙ୍କ ।



ଗଧିଆ ।




ଉଲ୍କାମୁଖୀ ।




ବରାହ ।




ବନ୍ୟଗର୍ଦ୍ଦଭ ବା ଜେବ୍ରା ।



ଗଣ୍ଡା ।



ଠେକୁଆ ।



ଗଧ ।



ଉଷଫ ।



କଙ୍ଗାରୁ ।

ଦ୍ୱିଗର୍ଭ ପଶୁ ।





ଅପୋଜମ ।

# ବିବିଧ ପଶୁ ।





























## କୀଟ ପତଙ୍ଗ ।




ପ୍ରଜାପତି ।




ବଙ୍କି ।



ଢୋଡ଼ାପୋକ




ଗେଣ୍ଡା ।




ମଧୁ ଚକ୍ର ।

## ବିବିଧ କୀଟ ପତଙ୍ଗ ।



## ଜଳଜନ୍ତୁ ।





କଚ୍ଛପ ।




ଉଡ୍ଡୀୟମାନ ମତ୍ସ୍ୟ ।

## ବିବିଧ ମତ୍ସ୍ୟ ।







ଅରକାୟୁ ଜୀବ ।








ଶୀଲଜନ୍ତୁ ।




ଚିଙ୍ଗୁଡ଼ି ।



ଅଗ୍ନେୟଗିର ।




ହୃଦୟ ଓ ଫୋପ୍‌ସା ।



ଅନନ୍ତଶଯ୍ୟା ।




ଊର୍ଦ୍ଧ୍ୱବାହୁ ।






ରାଜମୁକୁଟ ।



ବିବିଧ ଉଦ୍ଭିଦ ।



































# ବିବିଧ ।




ଜାହାଜ ।




ପାଲ୍ଙ୍କ ।



ରଥ ।




ବ୍ୟୋମଯାନ ।



ଲଙ୍ଗର ।



ନୌକା ।



କଳଜାହାଜ ।